ଧରିତ୍ରୀ
DHARITRI
ଧରିତ୍ରୀ 52 Years

ଭୁବନେଶ୍ୱର, ରବିବାର, ଫେବୃଆରୀ ୧୫/୨୦୨୬ (୧୪ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, February 15/2026 | Page 14 | ₹ 7.00 | SAMBALPUR
୫୨ଶ ଭାଗ ୮୩ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 52 ISSUE 83 | ମୂଲ୍ୟ ₹୭/-



**ପ୍ରମୋଦ ଭଗତଙ୍କୁ ଦୁଇ ସ୍ୱର୍ଣ୍ଣ**

ବିଡବ୍ଲ୍ୟୁଏଫ୍ ପାରା ବ୍ୟାଡ୍‌ମିଣ୍ଟନ ୱାର୍ଲ୍ଡ ଚାମ୍ପିୟନଶିପ୍‌ରେ ୨ଟି ସ୍ୱର୍ଣ୍ଣ ପଦକ ହାସଲ କରି ରେକର୍ଡ ସୃଷ୍ଟି କରିଛନ୍ତି ଓଡ଼ିଶାର ପାରା ବ୍ୟାଡ୍‌ମିଣ୍ଟନ ତାରକା ପ୍ରମୋଦ ଭଗତ ।

୧୪

୦୪

**ବିବାହ କଥା କେବଳ ଗୁଜବ : ମୃଣାଳ**

ମୋ ବିବାହକୁ ନେଇ ସୋସିଆଲ ମିଡିଆରେ ଯେଉଁ ଚର୍ଚ୍ଚା ଚାଲିଛି ତାହା କେବଳ ଗୁଜବ ବୋଲି କହିଛନ୍ତି ବଲିଉଡ୍ ଅଭିନେତ୍ରୀ ମୃଣାଳ ଠାକୁର ।



# ସମୃଦ୍ଧିର ସ୍ତମ୍ଭ ଶିଳ୍ପ: ମୁଖ୍ୟମନ୍ତ୍ରୀ

## ■ କେନ୍ଦୁଝରରେ ୧୦୦ କୋଟିର ଟେକ୍ସଟାଇଲ ପାର୍କ ଶିଳାନ୍ୟାସ
## ■ ଧରଣୀଧର ବିଶ୍ୱବିଦ୍ୟାଳୟରେ ଆଧୁନିକ ଡାଟା ସେଣ୍ଟରର ଭିତ୍ତିପ୍ରସ୍ତର

**କେନ୍ଦୁଝର,୧୪।୨**
**(ନରେଶ ଚନ୍ଦ୍ର ପଟ୍ଟନାୟକ)**

କେନ୍ଦୁଝର ଶିଳ୍ପ ଅଭିବୃଦ୍ଧିର କେନ୍ଦ୍ର ହେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଶନିବାର ଦିନିକିଆ କେନ୍ଦୁଝର ଜିଲା ଗସ୍ତରେ ଆସି ମୁଖ୍ୟମନ୍ତ୍ରୀ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରିବା ଅବସରରେ ଏହା କହିଛନ୍ତି। ଏହି ଜିଲାରେ ଶିଳ୍ପ ବିବିଧତା ଏବଂ ଡିଜିଟାଲ ଭିତ୍ତିଭୂମି ବିକାଶ ପାଇଁ କେନ୍ଦୁଝର ଧରଣୀଧର ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ୧୦୦ କୋଟି ଟଙ୍କାର ଟେକ୍ସଟାଇଲ ପାର୍କ, ୧୮୭ କୋଟି ଟଙ୍କାର ବିପର୍ଯ୍ୟୟ ପୁନରୁଦ୍ଧାର ଏବଂ ଡାଟାସେଣ୍ଟରର ଶିଳାନ୍ୟାସ କରିଛନ୍ତି। ଆୟୋଜିତ ସାଧାରଣ ସମାବେଶକୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, 'ଆମ ସରକାରପ୍ରତ୍ୟେକ ଜିଲାକୁ ସମୃଦ୍ଧ କରିବା ପାଇଁ ସଂକଳ୍ପବଦ୍ଧ। ଶିଳ୍ପଗୁଡ଼ିକ ସମୃଦ୍ଧିର ସ୍ତମ୍ଭ। କେବଳ ଖଣି କିମ୍ବା ଇସ୍ପାତ ନୁହେଁ, ବରଂ ଟେକ୍ସଟାଇଲ ଏବଂ ଆଇଟି ପରି କ୍ଷେତ୍ରରେ ଶିଳ୍ପର ବିବିଧକରଣ କରି ଆମେ ଯୁବପିଢ଼ି ଓ ମହିଳାଙ୍କ ପାଇଁ ସ୍ଥାନୀୟ ସ୍ତରରେ ନିଯୁକ୍ତି ସୁଯୋଗ ସୃଷ୍ଟି କରୁଛୁ। ସମୃଦ୍ଧ ଜିଲାରୁ ହିଁ ସମୃଦ୍ଧ ଓଡ଼ିଶା ମନ୍ତ୍ରକୁ ପାଥେୟ କରି ଆମେ ଶିଳ୍ପ ଅନୁକୂଳ ନୀତି ଏବଂ ମାନବ ସମ୍ବଳର ବିକାଶ ଉପରେ ଗୁରୁତ୍ୱ ଦେଉଛୁ। ବିକଶିତ ଭାରତ ପରିକଳ୍ପନାରେ ଓଡ଼ିଶାକୁ ଏକ ଅଗ୍ରଣୀ ରାଜ୍ୟ ଭାବେ ଗଢ଼ିତୋଳିବା ସହ ସୁନାର କେନ୍ଦୁଝର ଗଠନ ପାଇଁ ଆମର ଏହି ପ୍ରୟାସ ନିରନ୍ତର ଜାରି ରହିବ' ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

୧୦୦ କୋଟି ଟଙ୍କା ନିବେଶରେ ବିକଶିତ ହେବାକୁ ଥିବା ଟେକ୍ସଟାଇଲ ପାର୍କରେ ୧୨୦୦ ଯୁବତୀ ଯୁବକ ନିଯୁକ୍ତି ସୁଯୋଗ ପାଇବେ। ଆଧୁନିକ ଭିତ୍ତିଭୂମି ଏବଂ ଲଜିଷ୍ଟିକ ସହାୟତା ସହ ହିଣ୍ଡାଲ୍‌କୋ କମ୍ପାନୀ ୭ ଏକର ଜମିରେ ଏକ ପୋଷାକ ଉତ୍ପାଦନ ୟୁନିଟ୍ ସ୍ଥାପନ କରିବ। ଏହି ୟୁନିଟ୍ ବାର୍ଷିକ ୨୪ ଲକ୍ଷ ପୋଷାକ ଉତ୍ପାଦନ କରିବ। ଗତବର୍ଷ ଜୁଲାଇରେ ଭୁବନେଶ୍ୱରରେ ଅନୁଷ୍ଠିତ ଓଡ଼ିଶା ଟେକ୍ସଟାଇଲ କନ୍‌କ୍ଲେଭ (ଓ-ଟେକ୍ସ)ରେ ୭,୮୦୦ କୋଟି ଟଙ୍କାର ୩୩ଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ଏହା ରାଜ୍ୟ ସାରା ୫୩,୦୦୦ରୁ ଅଧିକ ଲୋକଙ୍କ ପାଇଁ ନିଯୁକ୍ତି ସମ୍ଭାବନା ସୃଷ୍ଟି କରିଛି। ଭଦ୍ରକରେ ଏକ ଟେକ୍ନିକାଲ ଟେକ୍ସଟାଇଲ ପାର୍କ ସହ କେନ୍ଦୁଝର, ସମ୍ବଲପୁର, ବଲାଙ୍ଗୀର, ଗଞ୍ଜାମ, କଟକ ଏବଂ ଜଗତ୍‌ସିଂହପୁରଠାରେ ମଧ୍ୟ ସମର୍ପିତ ବୟନଶିଳ୍ପ ଏବଂ ପୋଷାକ ପାର୍କ ପ୍ରତିଷ୍ଠା କରାଯାଉଛି। ଆମର ଯୁବପିଢ଼ି ଅନ୍ୟ ରାଜ୍ୟରେ ବୟନ ଶିଳ୍ପକୁ ମଜଭୁତ କରୁଛନ୍ତି। ଏବେ ଲୋକେ ନିଜ ଘର ପାଖରେ କାମ କରିପାରିବେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ବିଭାଗ ଦ୍ୱାରା ଓକାକ୍ ମାଧ୍ୟମରେ ୧୮୭ କୋଟି ବିନିଯୋଗରେ ଏକ ବିପର୍ଯ୍ୟୟ ପୁନରୁଦ୍ଧାର ଏବଂ ଡାଟାସେଣ୍ଟର ପାଇଁ ମଧ୍ୟ ଶିଳାନ୍ୟାସ କରିଛନ୍ତି। ଏହି ସୁବିଧା ଭୁବନେଶ୍ୱରରେ ଥିବା ରାଜ୍ୟ ଡାଟାସେଣ୍ଟରର ଏକ ବ୍ୟାକ୍‌ଅପ୍ ଭାବେ କାର୍ଯ୍ୟ କରିବ ଏବଂ ପ୍ରାକୃତିକ ବିପର୍ଯ୍ୟୟ କିମ୍ବା ସାଇବର ବିପଦ କ୍ଷେତ୍ରରେ ଡିଜିଟାଲ ଜରିଆରେ ପ୍ରଦାନ କରାଯାଉଥିବା ସରକାରୀ ସେବାର ନିରବଚ୍ଛିନ୍ନ ବିତରଣ ଜାରି ରହିବ। କେନ୍ଦୁଝର କମ୍ ଭୂମିକମ୍ପ-ବିପଦ ପ୍ରବଣ ହୋଇଥିବା ଯୋଗୁ ଏଠାରେ ଏହି ପ୍ରକଳ୍ପ ସ୍ଥାପନ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଜିଲାରେ ମନ୍ଦିର ବିକାଶ ପାଇଁ ୩୧୨ କୋଟି ବ୍ୟୟବରାଦ କରାଯାଇଛି। ମକର ପର୍ବ ସମୟରେ ୧୯୦୦ କୋଟି ଟଙ୍କାର ପ୍ରକଳ୍ପ ପୂର୍ବରୁ ଆରମ୍ଭ କରାଯାଇଥିଲା। ଶିଳ୍ପ ଅଭିବୃଦ୍ଧି ଏବଂ ଡିଜିଟାଲ ଶକ୍ତି ଏକ ବିକଶିତ ଭାରତ ଆଡ଼କୁ ଆମ ଯାତ୍ରାର ପ୍ରମୁଖ ବାହକ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। କେନ୍ଦୁଝର ଏମ୍‌ପି ଅନନ୍ତ ନାଏକ, ପାଟଣା ବିଧାୟକ ଅଖିଳ ନାଏକ, ତେଲକୋଇ ବିଧାୟକ ଡ. ଫକୀର ମୋହନ ନାଏକ, ଜିଲାପାଳ ବିଶାଲ ସିଂହ, କେନ୍ଦୁଝରଗଡ଼ ପୌରାଧ୍ୟକ୍ଷା ନିକୁ ସାହୁ, ଓକାକ୍ ସିଇଓ ପ୍ରଦୀପ କୁମାର ରାଉତ, ହିଣ୍ଡାଲ୍‌କୋ ସଭାପତି ଅର୍ଦ୍ଧେନ୍ଦୁ ମହାପାତ୍ର, ବରିଷ୍ଠ ଅଧିକାରୀ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।



କେନ୍ଦୁଝର ଧରଣୀଧର ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମ୍ବୋଧିତ କରୁଛନ୍ତି।

# ଭାରତ-ପାକିସ୍ତାନ ମୁକାବିଲା ଆଜି

**ଟି୨୦ ବିଶ୍ୱକପ୍**

**କଲମ୍ବୋ, ୧୪।୨**

ଚଳିତ ଟି୨୦ କ୍ରିକେଟ ବିଶ୍ୱକପ୍‌ରେ ସବୁଠାରୁ ଚର୍ଚ୍ଚିତ ଭାରତ-ପାକିସ୍ତାନ ମୁକାବିଲା ରବିବାର ପ୍ରେମଦାସା ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଟୁର୍ନାମେଣ୍ଟରୁ ବାଂଲାଦେଶକୁ ବାଦ୍ ଦିଆଯିବାକୁ ନେଇ କ୍ରିକେଟ ସହିତ ରାଜନୀତିର ସମ୍ମିଶ୍ରଣ ହୋଇଥିଲା ଏବଂ ଭାରତ ବିପକ୍ଷ ମ୍ୟାଚକୁ ପାକିସ୍ତାନ ବର୍ଜନ କରିବ ବୋଲି କହିବାରୁ ନାଟକୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା। ମାତ୍ର ଅନ୍ତର୍ଜାତୀୟ କ୍ରିକେଟ କାଉନ୍ସିଲ (ଆଇସିସି), ବାଂଲାଦେଶ ଓ ଶ୍ରୀଲଙ୍କା କ୍ରିକେଟ ବୋର୍ଡର ହସ୍ତକ୍ଷେପ ପରେ ପାକିସ୍ତାନ ୟୁଟର୍ନ ମାରିବାସହ ଖେଳିବାକୁ ରାଜି ହେବାପରେ ଏହି ହାଇପ୍ରୋଫାଇଲ ମ୍ୟାଚ ଲାଗି କ୍ଷେତ୍ର ପ୍ରସ୍ତୁତ ହୋଇଛି। ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ହୋଇଥିବାରୁ ଭାରତ-ପାକିସ୍ତାନ ମ୍ୟାଚରେ ଉଭୟ ଦଳର ଖେଳାଳି ଅତ୍ୟଧିକ ଚାପଗ୍ରସ୍ତ ଥାଆନ୍ତି। ଫଳରେ ମ୍ୟାଚ ସ୍ୱାଭାବିକ ଉତ୍ତେଜନାପୂର୍ଣ୍ଣ ହୋଇଥାଏ। ଦର୍ଶକଙ୍କ ହୃଦ୍‌ସ୍ପନ୍ଦନ ମଧ୍ୟ ବଢ଼ିଥାଏ। ତେଣୁ ସବୁ ଆଇସିସି ଇଭେଣ୍ଟରେ ଏହା ଏକ ନିଆରା ମ୍ୟାଚଭାବେ ପରିଗଣିତ ହୋଇଥାଏ। ମ୍ୟାଚ ପାଇଁ ଶେଷ ପ୍ରସ୍ତୁତିଲାଗି ଉଭୟ ଦଳ ଶନିବାର ନେଟ୍ସ ସେସନରେ ଝାଳ ବୁହାଇଛନ୍ତି। ହ୍ୟାଣ୍ଡସେକ୍‌ପରି ଅନେକ ବିବାଦୀୟ ପ୍ରସଙ୍ଗ ଆଗକୁ ରହିଥିଲେ ହେଁ ଏବେ ମ୍ୟାଚ ଉପରେ ସମସ୍ତଙ୍କ ନଜର କେନ୍ଦ୍ରୀଭୂତ ହୋଇଛି।

ଅଭିଷେକ ଶର୍ମା ସମ୍ପୂର୍ଣ୍ଣ ଫିଟ୍ ଥିବାରୁ ଆଗାମୀ ମ୍ୟାଚରେ ଖେଳିବା ସମ୍ଭାବନା ବଢ଼ିଛି। ପାକସ୍ଥଳୀରେ ସଂକ୍ରମଣ ଯୋଗୁ ସେ ନାମ୍ବିୟା ବିପକ୍ଷ ମ୍ୟାଚ ଖେଳିପାରି ନ ଥିଲେ। ଯଦି ସେ ସମ୍ପୂର୍ଣ୍ଣ ଫିଟ୍ ନ ହୁଅନ୍ତି ତେବେ ସଞ୍ଜୁ ସାମସନଙ୍କୁ ଅପରିବର୍ତ୍ତିତ ରଖାଯାଇପାରେ କିମ୍ବା ୱାଶିଂଟନ ସୁନ୍ଦର ଇନ୍‌ଫର୍ମ ଇଶାନ କିଶନଙ୍କ ସହ ଇନିଂସ ଓପନ କରିପାରନ୍ତି। ପ୍ରେମଦାସା ପିଚ୍ ସ୍ଲୋ ବୋଲରଙ୍କୁ ସୁହାଇବା ପୂର୍ବାନୁମାନ କରାଯାଉଥିବାରୁ ☞ପୃଷ୍ଠା-୪

# ପ୍ରେମିକାଙ୍କ ସ୍ୱାମୀଙ୍କୁ ଏସ୍‌ଆଇଆର୍ ପାଇଁ ଡାକି ହତ୍ୟା

## କେନାଲରେ ଫିଙ୍ଗିଲେ ଖଣ୍ଡବିଖଣ୍ଡିତ ମୃତଦେହ

**କୋଲକାତା,୧୪।୨**

ପଶ୍ଚିମବଙ୍ଗରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ଚାଲିଥିବାବେଳେ ଦିନକୁ ଦିନ ଅନେକ ଘଟଣା ସାମ୍ନାକୁ ଆସିବାରେ ଲାଗିଛି। ଏହି କ୍ରମେ ଜଣେ ବୁଥ୍‌ସ୍ତରୀୟ ଅଧିକାରୀ (ବିଏଲ୍‌ଓ) ନିଜ ପ୍ରେମିକାଙ୍କ ସ୍ୱାମୀଙ୍କୁ ଏସ୍‌ଆଇଆର୍ ସମ୍ପର୍କରେ ଆଲୋଚନା ପାଇଁ ଡାକି ହତ୍ୟା କରିଛନ୍ତି। ଉତ୍ତର ୨୪ ପ୍ରଗଣା ଜିଲାରେ ପରକୀୟା ପ୍ରୀତିର ଏହି କରୁଣ ପରିଣତି ଦେଖିବାକୁ ମିଳିଛି। ସ୍ଥାନୀୟ ଲୋକେ ଶନିବାର ନ୍ୟାୟ ଦାବିରେ ରାସ୍ତା ଅବରୋଧ କରିଥିବାବେଳେ ପୋଲିସ ସମ୍ପୃକ୍ତ ବିଏଲ୍‌ଓ ଏବଂ ତାଙ୍କ ସହଯୋଗୀଙ୍କୁ ଗିରଫ କରି ତଦନ୍ତ ଚଳାଇଛି। ଉତ୍ତର ୨୪ ପ୍ରଗଣା ଜିଲାର ୩୦ ବର୍ଷୀୟ ନାସିର ଅଲୀ ସୋମବାର ରାତିରୁ ନିଖୋଜ ଥିଲେ। ପରିବାର ଲୋକେ ଏନେଇ ମଙ୍ଗଳବାର ଥାନାରେ ରିପୋର୍ଟ କରିଥିଲେ। ନାସିରଙ୍କ ସ୍ତ୍ରୀଙ୍କ ସହ ବିଏଲ୍‌ଓ ରିଜ୍‌ୱାନ ହାସନ ମଣ୍ଡଳଙ୍କ ପ୍ରେମ ସମ୍ପର୍କ ଥିବାରୁ ତାଙ୍କ ଉପରେ ପୋଲିସର ସନ୍ଦେହ ଘନୀଭୂତ ହୋଇଥିଲା। ପୋଲିସ ରିଜ୍‌ୱାନଙ୍କ ମୋବାଇଲ ଫୋନ୍ କଲ୍ ଟ୍ରାକ୍ କରି ତାଙ୍କ ଗତିବିଧି ଉପରେ ନଜର ରଖିଥିଲା। ବଦୁରିଆସ୍ଥିତ ଏକ କେନାଲରେ ଶୁକ୍ରବାର ନାସିରଙ୍କ ଖଣ୍ଡବିଖଣ୍ଡିତ ମୃତଦେହ ଠାବହେବା ପରେ ☞ପୃଷ୍ଠା-୪

Inners for Winners
RAMRAJ
VESTS
BRIEFS • TRUNKS
FOR TRADE ENQUIRY
MITTAL TRADERS
BARABAZAR, SAMBALPUR, Cell : 94372 01426
AJAY AGENCY
MANGAL BAZAR, JHARSUGUDA - 768 201.
CELL : 88950 77777
LAXMI APPARELS
KANTABANJI, CELL : 94392 90542



# ୧୬ରୁ ଓକାକ୍‌ରେ ଆଧାର ଶୁଣାଣି

**ଭୁବନେଶ୍ୱର,୧୪।୨**
**(ସୁଚିସ୍ମିତା ସାହୁ)**

ଆଧାର ସମ୍ବନ୍ଧୀୟ ବିଭିନ୍ନ ସମସ୍ୟାର ଆଶୁ ସମାଧାନ ପାଇଁ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। ଏନେଇ ଆସନ୍ତା ୧୬ ତାରିଖ ସୋମବାରଠାରୁ ଭୁବନେଶ୍ୱର ଆଚାର୍ଯ୍ୟବିହାରସ୍ଥିତ ଓକାକ୍ ଟାୱାରର ତଳମହଲାରେ ଅଭିଯୋଗ ଶୁଣାଣି ଆରମ୍ଭ ହେବ। ଏଥିପାଇଁ ପ୍ରଥମେ ଓକାକ୍ ପୋର୍ଟାଲ https://www.ocac.inରେ ଦିଆଯାଇଥିବା ଲିଙ୍କ୍ ମାଧ୍ୟମରେ ପଞ୍ଜୀକରଣ କରିବାକୁ ପଡ଼ିବ। ପ୍ରତ୍ୟେକ ସୋମବାର (ସରକାରୀ କାର୍ଯ୍ୟଦିବସ) ପୂର୍ବାହ୍ନ ୧୦ଟା ୩୦ରୁ ଅଧିକାରୀମାନଙ୍କୁ ଆଧାର ସମ୍ବନ୍ଧୀୟ ଅଭିଯୋଗ କରିପାରିବେ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

**ଆଜିର ସମ୍ପାଦକୀୟ**

ଦେଶଭକ୍ତି ଚିନ୍ତା

SIKSHA 'O' ANUSANDHAN
SAAT-2026
Empowering students for a brighter future
B.TECH PROGRAMMES IN EMERGING COMPUTING
▪ Computer Science and Engineering (AI and ML)
▪ Computer Science and Engineering (Cyber Security)
▪ Computer Science and Engineering (Data Science)
▪ Computer Science and Engineering (Internet of Things)
APPROVAL & RECOGNITIONS
▪ Approved by UGC and AICTE
▪ Re-accredited by NAAC with A++ Grade
▪ Granted with Category-1 Graded Autonomy by UGC
▪ NBA Accredited Programmes
NIRF INDIA RANKINGS 2025
▪ 15th Best in University Category
▪ 22nd Best in Engineering Category
INTERNATIONAL RANKINGS 2026
▪ Ranked in QS World Rankings 2026
▪ Ranked in Times World Rankings 2026
To apply for admission through SAAT, Please visit: www.soa.ac.in



ବଡ ସ୍ୱପ୍ନର ରଖନ୍ତୁ ଖିଆଲ
ଏଲ୍‌ଆଇସି ର ଅମୃତବାଲ
ଏଲ୍‌ଆଇସି ର ଅମୃତବାଲ
UIN: 512N365V02
Plan No.: 774
ପିଲାଙ୍କ ପାଇଁ ବୀମା ଯୋଜନା
ପ୍ଲାନ ର ମୁଖ୍ୟ ବିଶେଷତା
• ପୂରା ପଲିସି ଅବଧିରେ ଆକର୍ଷକ ଗ୍ୟାରଣ୍ଟୀଡ୍ ଏଡିଶନ୍ସ
• ପରିପକ୍ୱତା ବୟସ 18 - 25 ବର୍ଷ
• ଏକକ/ସୀମିତ ପ୍ରିମିଅମ୍ ପେମେଣ୍ଟ ବାଛିବାର ବିକଳ୍ପ
ଏହି ପ୍ଲାନ୍ ବିକ୍ରି ପାଇଁ ଅନ୍‌ଲାଇନ୍ ମଧ୍ୟ ଉପଲବ୍ଧ ଅଛି
ଏକ ନନ୍-ପାର୍, ନନ୍-ଲିଙ୍କଡ, ଲାଇଫ୍, ବ୍ୟକ୍ତିଗତ, ସଞ୍ଚୟ ଯୋଜନା
LIC
ଲାଇଫ ଇନ୍‌ସିଓରେନ୍ସ କର୍ପୋରେଶନ ଅଫ ଇଣ୍ଡିଆ
LIFE INSURANCE CORPORATION OF INDIA
ପ୍ରତି କ୍ଷଣ ଆପଣଙ୍କ ସାଥିରେ
LIC/R1/2024-25/17/ODI
ଡାଉନ୍‌ଲୋଡ୍ କରନ୍ତୁ ଏଲ୍‌ଆଇସି ମୋବାଇଲ ଆପ LIC digital
ଦେଖନ୍ତୁ: licindia.in
କଲ୍ ସେଣ୍ଟର ସର୍ଭିସ (022) 6827 6827
ବିଶଦ ବିବରଣୀ ପାଇଁ, ଆପଣଙ୍କ ଏଜେଣ୍ଟ/ପାଖ ଏଲ୍‌ଆଇସି ଶାଖାକୁ ସମ୍ପର୍କ କରନ୍ତୁ ବା ନିଜ ସହର ନାମ ଏସ୍‌ଏମ୍‌ଏସ୍ କରନ୍ତୁ 56767474 କୁ
ଆମକୁ ଦେଖନ୍ତୁ ଏଠାରେ: LIC India Forever | IRDAI Regn No.: 512
ଆମର ହ୍ୱାଟ୍‌ସଆପ୍ ନ.: 8976862090 'Hi' କୁହନ୍ତୁ

## ବୋମା ଭୟ: ସିଲଂ ଯିବାକୁ ଥିବା ଇଣ୍ଡିଗୋ ବିମାନ ଅଟକିଲା

କୋଲକାତା,୧୪।୨

ସିଲଂ ଯିବାକୁ ଥିବା ଇଣ୍ଡିଗୋ ଏୟାରଲାଇନ୍ସର ଏକ ବିମାନରେ ବୋମା ଖଞ୍ଜାଯାଇଥିବା ନେଇ ଏକ ହାତଲେଖା ନୋଟ୍ ମିଳିବା ପରେ ଏହାକୁ କୋଲକାତା ବିମାନବନ୍ଦରର ଏକ ନିର୍ଜନ ସ୍ଥାନକୁ ନିଆଯାଇଛି। ଇଣ୍ଡିଗୋ ବିମାନ ୬ଇ୩୦୭୪ ଶନିବାର ସକାଳ ୯ଟା ୧୫ରେ ସିଲଂ ଅଭିମୁଖେ ଉଡ଼ାଣ କରିବାକୁ ଥିବାବେଳେ ଯାତ୍ରୀ ବସିବା ପୂର୍ବରୁ ଏହାର ଟଏଲେଟ୍‌ରୁ ହାତଲେଖା ନୋଟ୍ ମିଳିଥିଲା। ଫଳରେ ଯାତ୍ରୀମାନଙ୍କୁ ସେଠାରୁ ହଟାଇ ଦିଆଯାଇଥିଲା। ବିମାନକୁ ତନ୍ନତନ୍ନ କରି ଯାଞ୍ଚ କରାଯାଇଥିଲେ ମଧ୍ୟ କୌଣସି ସନ୍ଦିଗ୍ଧ ସାମଗ୍ରୀ ମିଳି ନ ଥିବା ଏଏଆଇ ମୁଖପାତ୍ର କହିଛନ୍ତି।

# ଲମ୍ବା ଯୁଦ୍ଧ ପାଇଁ ଆମେରିକାର ସଜବାଜ

### ଇରାନ ସହ ଆଲୋଚନା ବିଫଳ

ୱାଶିଂଟନ୍,୧୪।୨



ଇରାନ ଏବଂ ଆମେରିକା ମଧ୍ୟରେ ଆଲୋଚନା ଫେଲ୍ ମାରିଛି। ଇରାନର ଆଣବିକ କାର୍ଯ୍ୟକ୍ରମକୁ ନେଇ ଗତ ସପ୍ତାହରେ ଓମାନ ମଧ୍ୟସ୍ଥତାରେ ଉଭୟ ପକ୍ଷ ମଧ୍ୟରେ ଆଲୋଚନାରୁ ସମାଧାନର ବାଟ ବାହାରିପାରି ନାହିଁ। କାରଣ ଉଭୟ ପକ୍ଷ ମଧ୍ୟରେ ଆଲୋଚନା ପରେ ଇରାନ ଆଣବିକ ଓ କ୍ଷେପଣାସ୍ତ୍ର କାର୍ଯ୍ୟକ୍ରମକୁ ନେଇ ନିଜ ଆଭିମୁଖ୍ୟରେ ପରିବର୍ତ୍ତନ କରି ନ ଥିବାବେଳେ ଏବେ ଆମେରିକା ଯୁଦ୍ଧ ପାଇଁ ପ୍ରସ୍ତୁତ ହେଉଥିବା ସ୍ପଷ୍ଟ ହୋଇଛି। ଏପରିକି ଲମ୍ବା ସମୟ ଧରି ଯୁଦ୍ଧ କରିବାକୁ ଆମେରିକା ସେନା ପ୍ରସ୍ତୁତି ନେଇସାରିଛି ବୋଲି ପେଣ୍ଟାଗନ୍‌ର କେତେଜଣ ବରିଷ୍ଠ ଅଧିକାରୀଙ୍କ ସୂତ୍ରରୁ ଜଣାପଡ଼ିଛି। ପୂର୍ବରୁ ଆମେରିକାର ଶକ୍ତିଶାଳୀ ଯୁଦ୍ଧ ଜାହାଜ ଆବ୍ରାହମ୍ ଲିଙ୍କନ ସମେତ ଅନ୍ୟ ଯୁଦ୍ଧପୋତ ଇରାନ ଉପକୂଳ ନିକଟରେ ଡେରା ପକାଇଥିଲା। ଶୁକ୍ରବାର ଆମେରିକା ଅଧିକ ଯୁଦ୍ଧଜାହାଜ, ଲଢୁଆ ବିମାନ, ଗାଇଡେଡ୍ ମିଶାଇଲ୍ ଡେଷ୍ଟ୍ରୟର ସମେତ ହଜାରରୁ ଅଧିକ ସୈନ୍ୟ ଇରାନ ଅଭିମୁଖେ ପ୍ରେରଣ କରିଛି। ଏବେ ଆବ୍ରାହମ୍ ଲିଙ୍କନ ସହିତ ଆଣବିକ ଶକ୍ତିସମ୍ପନ୍ନ ଯୁଦ୍ଧ ଜାହାଜ ୟୁଏସ୍‌ଏସ୍ ଗେରାଲ୍ଡ ଆର୍.ଫୋର୍ଡ ସାମିଲ ହେବାକୁ ଯାଉଛି। ଇରାନ ସହ ବୁଝାମଣା କରିବା କଷ୍ଟକର ବୋଲି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସେନାକୁ ସମ୍ବୋଧନ କରି କହିବା ସହିତ ପୂର୍ବ ଆକ୍ରମଣ ତୁଳନାରେ ଏଥର ଆକ୍ରମଣ ଭୟାନକ ହେବ ବୋଲି ଇସାରା କରିଛନ୍ତି। ଫଳରେ ଆଗାମୀ ଦିନରେ ମଧ୍ୟପ୍ରାଚ୍ୟ ସ୍ଥିତି ବିଗିଡ଼ିବ ବୋଲି ଆଶଙ୍କା ପ୍ରକାଶ ପାଇଛି। ଗତ ସପ୍ତାହରେ ମସ୍କାଟ୍‌ରେ ଆମେରିକା ପ୍ରତିନିଧିମାନଙ୍କ ସହ ଇରାନ ବହିର୍ବ୍ୟାପାର ମନ୍ତ୍ରୀ ଆବାସ୍ ଆରଘାଚି ଆଲୋଚନା କରିବା ପରେ ପରବର୍ତ୍ତୀ ପର୍ଯ୍ୟାୟ ବୈଠକ ତୁର୍କୀ କିମ୍ବା ଇଜିପ୍ଟରେ ହେବ ବୋଲି ସୂଚନା ଦିଆଯାଇଥିଲା। କିନ୍ତୁ ଇରାନ ନିଜର ଆଣବିକ କାର୍ଯ୍ୟକ୍ରମ ସୂଚୀରେ ପରିବର୍ତ୍ତନ କରିବ ନାହିଁ ବୋଲି ଇଙ୍ଗିତ କରିବା ପରେ ଆମେରିକା ଯୁଦ୍ଧ ପାଇଁ ନିଷ୍ପତ୍ତି ନେଇଥିବା କୁହାଯାଉଛି।

## ନ୍ୟାୟପ୍ରାପ୍ତି କେବଳ ଆଇନଗତ ଭାବେ ସଶକ୍ତ ଲୋକଙ୍କ ପାଇଁ ସୀମିତ ହୋଇପାରିବ ନାହିଁ: ସିଜେଆଇ

ନୂଆଦିଲ୍ଲୀ,୧୪।୨(ପି.ଟି.)



ସିଜେଆଇ ସୂର୍ଯ୍ୟ କାନ୍ତ

ନ୍ୟାୟପ୍ରାପ୍ତି କେବଳ ଆଇନଗତ ଭାବେ ସଶକ୍ତ ଲୋକଙ୍କ ପାଇଁ ସୀମିତ ଥିବା ଏକ ଅବ୍ୟବହାର୍ଯ୍ୟ ଆଦର୍ଶ ହୋଇ ରହିପାରିବ ନାହିଁ। ଏହା ଅବହେଳିତ ନାଗରିକମାନଙ୍କ ପାଇଁ ବାସ୍ତବ ପରିଣତରେ ପରିବର୍ତ୍ତନ ହେବା ଜରୁରୀ ବୋଲି ଭାରତର ପ୍ରଧାନ ବିଚାରପତି (ସିଜେଆଇ) ସୂର୍ଯ୍ୟ କାନ୍ତ ଶନିବାର କହିଛନ୍ତି। ରାଜ୍ୟଗୋଷ୍ଠୀ ନ୍ୟାୟିକ ପ୍ରଶିକ୍ଷକ(ସିଜେଇ)ମାନଙ୍କ ୧୧ତମ ଦ୍ୱିବାର୍ଷିକ ବୈଠକରେ ସିଜେଆଇ କହିଛନ୍ତି, ନ୍ୟାୟିକ ନେତୃତ୍ୱ କଦାପି ପ୍ରଶାସନିକ କର୍ତ୍ତୃପକ୍ଷ କିମ୍ବା ଆନୁଷ୍ଠାନିକ ପଦାନୁକ୍ରମ ହୋଇପାରିବ ନାହିଁ। ଏହାକୁ ଏକ ବୌଦ୍ଧିକ ଏବଂ ନୈତିକ ଆଭିମୁଖ୍ୟ ଭାବେ ବୁଝିବା ଜରୁରୀ। ନ୍ୟାୟିକ ବ୍ୟବସ୍ଥାରେ ପ୍ରଯୁକ୍ତିର ସଂଯୋଗ ଉପରେ ଗୁରୁତ୍ୱ ଦେଇ ସେ କହିଛନ୍ତି, ଏଆଇ ସହଯୋଗ କରିବା ଉଚିତ ନ୍ୟାୟିକ ବିଚାରଧାରାର ସ୍ଥାନ ନେବା ଉଚିତ ନୁହେଁ। ନ୍ୟାୟିକ ନେତୃତ୍ୱ କେବଳ ପ୍ରଶାସନିକ ଦୂରଦର୍ଶିତା ନୁହେଁ, ବରଂ ଗଭୀର ସହାନୁଭୂତି ମଧ୍ୟ ଆବଶ୍ୟକ କରେ। ସୁରକ୍ଷାର ଆବଶ୍ୟକତା ଥିବା ଲୋକଙ୍କ ପାଇଁ ପ୍ରକ୍ରିୟାଗତ ଜଟିଳତାକୁ ବାଧାରେ ପରିଣତ ହେବାକୁ ନ ଦେବା ଆବଶ୍ୟକ।

## ପନ୍ନୁଙ୍କ ହତ୍ୟା ଉଦ୍ୟମ କରିଥିବା ମାନିଲେ ନିଖିଲ ଗୁପ୍ତା

କୋଲକାତା,୧୪।୨

ଆମେରିକା ନାଗରିକ ତଥା ଖଲିସ୍ତାନୀ ବିଚ୍ଛିନ୍ନତାବାଦୀ ଗୁର୍‌ପତୱନ୍ତ ସିଂ ପନ୍ନୁଙ୍କ ବିରୋଧରେ ହତ୍ୟା ଯୋଜନାରେ ଭାରତୀୟ ନାଗରିକ ନିଖିଲ ଗୁପ୍ତା ନିଜକୁ ଦୋଷୀ ବୋଲି ସ୍ୱୀକାର କରିଛନ୍ତି। ଆମେରିକା ଆଇନ ପ୍ରବର୍ତ୍ତନ ସଂସ୍ଥାର କାର୍ଯ୍ୟାନୁଷ୍ଠାନ ଯୋଗୁ ହତ୍ୟା ଯୋଜନାକୁ ରୋକାଯାଇପାରିଥିଲା ବୋଲି ଆମେରିକାର ସଂଘୀୟ ତଦନ୍ତକାରୀ ସଂସ୍ଥା (ଏଫ୍‌ବିଆଇ) କହିଛି। ଏହି ତଦନ୍ତକାରୀ ସଂସ୍ଥା ଏକ ବାର୍ତ୍ତାରେ ସ୍ପଷ୍ଟ କରିଦେଇଛି ଯଦି ତୁମେ ଆମ ନାଗରିକମାନଙ୍କର କ୍ଷତି କରିବାକୁ ଉଦ୍ୟମ କର, ତେବେ ଆଇନର କାଠଗଡ଼ାକୁ ନ ଆଣିବା ପର୍ଯ୍ୟନ୍ତ ଆମେ ଅଟକିବୁ ନାହିଁ। ପନ୍ନୁ ଦେଶ ବାହାରେ ଥାଇ ସରକାରଙ୍କ ଟାର୍ଗେଟରେ ଥିବା ବ୍ୟକ୍ତି ବୋଲି ଏଫ୍‌ବିଆଇ କହିଛି।

## ଭାରତ ସହ ସମ୍ପର୍କ ଆମ ସ୍ୱାର୍ଥରକ୍ଷା ଉପରେ ନିର୍ଭରଶୀଳ

### ଗଣମାଧ୍ୟମକୁ ରହମାନଙ୍କ ପ୍ରଥମ ସମ୍ବୋଧନ

ଢାକା,୧୪।୨



ତାରିକ୍ ରହମାନ

ବାଂଲାଦେଶ ନିର୍ବାଚନରେ ବିପୁଳ ବିଜୟ ହାସଲ କରିଥିବା ବିଏନ୍‌ପି ଅଧ୍ୟକ୍ଷ ତାରିକ୍ ରହମାନ ଶନିବାର ପ୍ରଥମଥର ପାଇଁ ଗଣମାଧ୍ୟମକୁ ସମ୍ବୋଧିତକରି ଦେଶବାସୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ତାଙ୍କ ଦଳର ବିଜୟକୁ ସେ ଦେଶବାସୀଙ୍କ ବିଜୟ ବୋଲି କହିବା ସହ ଏହା ଗଣତନ୍ତ୍ରର ମଧ୍ୟ ବିଜୟ ବୋଲି କହିଛନ୍ତି। ସ୍ୱାଧୀନତାର ବାସ୍ତବ ଅନୁଭବ ଏବଂ ଅଧିକାର ହାସଲ କରିବା ଦିଗରେ ଆଜିଠାରୁ ସମସ୍ତେ ମୁକ୍ତ ବୋଲି ସେ କହିଛନ୍ତି। ରାସ୍ତା ଓ ବିଚାରଧାରା ଅଲଗା ହୋଇପାରେ କିନ୍ତୁ ଦେଶର ସାମୂହିକ ହିତସାଧନ ଲାଗି ସଂହତି ସବୁଠୁ ଜରୁରୀ। ଏହିକ୍ରମରେ ସେ ବାଂଲାଦେଶର ବିଦେଶ ନୀତିକୁ ନେଇ ଟିପ୍ପଣୀ କରିଥିଲାବେଳେ ଭାରତ ସହ ବାଂଲାଦେଶର ସମ୍ପର୍କ କିଭଳି ରହିବ ସେ ସମ୍ପର୍କରେ ମଧ୍ୟ ନିଜର ଆଭିମୁଖ୍ୟ ଦର୍ଶାଇଛନ୍ତି। ଭାରତ ସହ ସମ୍ପର୍କ ବାଂଲାଦେଶର ସ୍ୱାର୍ଥରକ୍ଷା ଉପରେ ନିର୍ଭର କରେ ବୋଲି କହିଛନ୍ତି। ରହମାନ ଦୀର୍ଘ ୧୭ ବର୍ଷ ଧରି ବିଦେଶରେ ନିର୍ବାସନ ଜୀବନ ବିତାଇବା ପରେ ନିର୍ବାଚନର ମାତ୍ର ୨ ମାସ ପୂର୍ବରୁ ବାଂଲାଦେଶ ଆସି ନିଜ ଦଳ ପାଇଁ ପ୍ରଚାର ଅଭିଯାନ ଆରମ୍ଭ କରିଥିଲେ।

# ଆସାମର ଜରୁରୀ ଅବତରଣ ସ୍ଥଳରେ ପ୍ରଧାନମନ୍ତ୍ରୀ

- ବ୍ରହ୍ମପୁତ୍ରରେ ସେତୁ ଉଦ୍‌ଘାଟିତ
- ଆଇଆଇଏମ୍, ଡାଟା ସେଣ୍ଟର ଉନ୍ମୋଚିତ

ଗୁଆହାଟୀ,୧୪।୨(ପି.ଟି.)

ଆସାମ ଡିବ୍ରୁଗଡ଼ ଜିଲାରେ ଉତ୍ତରପୂର୍ବାଞ୍ଚଳ ସୀମାର ପ୍ରଥମ ଜରୁରୀ ଅବତରଣ ସ୍ଥଳ (ଇଏଲ୍‌ଏଫ୍)ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ଅବତରଣ କରି ଇତିହାସ ସୃଷ୍ଟି କରିଛନ୍ତି। ମୋଦି ଚାବୁଆ ଏୟାରଫିଲ୍ଡରୁ ବାୟୁସେନାର ସି-୧୩୦ଜେ ବିମାନରେ ଯାଇ ୩୭ ନମ୍ବର ଜାତୀୟ ରାଜପଥ ଅନ୍ତର୍ଗତ ମୋରାନସ୍ଥିତ ଇଏଲ୍‌ଏଫ୍‌ରେ ଅବତରଣ କରିଥିଲେ। ଉତ୍ତରପୂର୍ବାଞ୍ଚଳକୁ ଜରୁରୀ ଅବତରଣ ସୁବିଧା ମିଳିବା ଅତ୍ୟନ୍ତ ଗର୍ବର ବିଷୟ ବୋଲି ଇଏଲ୍‌ଏଫ୍‌ର ଉଦ୍‌ଘାଟନ ପରେ ପ୍ରଧାନମନ୍ତ୍ରୀ Xରେ ପୋଷ୍ଟ କରିଛନ୍ତି। ରଣନୀତି ଦୃଷ୍ଟିରୁ ଏବଂ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ। ମୋରାନ ବାଇପାସ୍‌ରେ ୧୦୦ କୋଟି ଟଙ୍କା ବିନିଯୋଗରେ ୪.୨ କି.ମି. ରନ୍‌ୱେ ଭାରତୀୟ ବାୟୁସେନାର ଯୁଦ୍ଧବିମାନ ଏବଂ ପରିବହନ ବିମାନଗୁଡ଼ିକ ପାଇଁ ରଣନୀତିକ ତଥା ବହୁବିଧ ବ୍ୟବହାର୍ଯ୍ୟ ରନ୍‌ୱେ ଭାବେ ବ୍ୟବହୃତ ହେବ। ଏହା ଦେଶର ପ୍ରତିରକ୍ଷା, ଲଜିଷ୍ଟିକ୍ ଏବଂ ବିପର୍ଯ୍ୟୟ ପରିଚାଳନା ବ୍ୟବସ୍ଥାକୁ ସୁଦୃଢ଼ କରିବ। ଇଏଲ୍‌ଏଫ୍‌ରେ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା, କେନ୍ଦ୍ରମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ, ଏୟାର ଚିଫ୍ ମାର୍ଶାଲ ଏ.ପି. ଶର୍ମା ପ୍ରମୁଖ ମୋଦିଙ୍କୁ ସ୍ୱାଗତ କରିଥିଲେ।

ପ୍ରଧାନମନ୍ତ୍ରୀ ଶନିବାର ବ୍ରହ୍ମପୁତ୍ର ନଦୀରେ ଏକ ସେତୁ, ଉତ୍ତରପୂର୍ବାଞ୍ଚଳ ପାଇଁ ଆଇଆଇଏମ୍ ଏବଂ ଡାଟା ସେଣ୍ଟର ସମେତ ଆସାମରେ ମୋଟ ୫,୫୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବିନିଯୋଗରେ ନିର୍ମିତ ଅନେକ ପ୍ରକଳ୍ପର ଉଦ୍‌ଘାଟନ କରିଛନ୍ତି। ଏହିସବୁ ପ୍ରକଳ୍ପ ରାଜ୍ୟରେ ଯୋଗାଯୋଗ ବଢ଼ାଇବା ସହ ଡିଜିଟାଲ ଭିତ୍ତିଭୂମିକୁ ସୁଦୃଢ଼ କରିବ, ଉଚ୍ଚଶିକ୍ଷାର ପ୍ରୋତ୍ସାହନ କରିବ।




ମୋରାନସ୍ଥିତ ଜରୁରୀ ଅବତରଣ ସ୍ଥଳରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବାୟୁସେନା ବିମାନରୁ ଓହ୍ଲାଉଛନ୍ତି।

DSPL-



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ସୁସ୍ଥ ଓଡ଼ିଶା
ବିକଶିତ ଓଡ଼ିଶା



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ପୂରଣ ହେଲା ନବରଙ୍ଗପୁର ଜିଲ୍ଲାବାସୀଙ୍କର ସ୍ୱପ୍ନ



ମୁଖ୍ୟମନ୍ତ୍ରୀ
ଶ୍ରୀ ମୋହନ ଚରଣ ମାଝୀଙ୍କ
କରକମଳରେ ନବରଙ୍ଗପୁର ଜିଲ୍ଲାବାସୀଙ୍କ
ବହୁ ଆକାଂକ୍ଷିତ ଭେଷଜ ମହାବିଦ୍ୟାଳୟର
ଭିତ୍ତିପ୍ରସ୍ତର ସ୍ଥାପନ ହେଲା



- ମହାବିଦ୍ୟାଳୟରେ ୧୦୦ଟି ଏମ.ବି.ବି.ଏସ୍. ସିଟ୍
- ରୋଗୀମାନଙ୍କ ପାଇଁ ୪୨୦ ଶଯ୍ୟାର ବ୍ୟବସ୍ଥା

ନବରଙ୍ଗପୁର ସହ ଆଖପାଖ ଜିଲ୍ଲାବାସୀ ଉନ୍ନତମାନର ଅତ୍ୟାଧୁନିକ ଚିକିତ୍ସା ପାଇ ପାରିବେ।

OIPR-

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

facebook.com/HFWOdisha
@HFWOdisha
http://www.health.odisha.gov.in/



କୋରାପୁଟ ଜିଲା ମାଡ଼କାର ଗ୍ରାମରେ ଆନ୍ଧ୍ରପ୍ରଦେଶର ଅଧିକାରୀମାନେ ଲୋକଙ୍କ କାଗଜପତ୍ର ଯାଞ୍ଚ କରୁଛନ୍ତି।

## ବଜେଟ ଚିଠା ପ୍ରସ୍ତାବକୁ ମନ୍ତ୍ରୀ ପରିଷଦରେ ମଞ୍ଜୁରୀ

**ଭୁବନେଶ୍ୱର,୧୪।୨(ସୁନିତ୍ ମିଶ୍ର)**

**ଆସିପାରେ ୩.୧୦ ଲକ୍ଷ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ବଜେଟ**

ରାଜ୍ୟ ବଜେଟ ଅଧିବେଶନ ଆସନ୍ତା ୧୭ ତାରିଖରୁ ୨ଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବାକୁ ଯାଉଛି। ଏଥର ସରକାର ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ବିଧାନସଭାରେ ବଜେଟ୍ ଆଗତ କରିବେ। ଏଥିଲାଗି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଶନିବାର ସନ୍ଧ୍ୟା ୭ଟା ୧୦ରେ ଲୋକସଭା ଭବନର ୩ୟ ମହଲା ସମ୍ମିଳନୀ କକ୍ଷଠାରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ମନ୍ତ୍ରୀ ପରିଷଦ ବୈଠକ ପ୍ରାୟ ଦେଢ ଘଣ୍ଟାରୁ ଅଧିକ ସମୟ ଧରି ଚାଲିଥିଲା। ଏହି ଅବସରରେ ୨୦୨୬-୨୭ ଆର୍ଥିକ ବର୍ଷର ବଜେଟ ଚିଠା ପ୍ରସ୍ତାବକୁ ଅନୁମୋଦନ ମିଳିଛି। ବିଶ୍ୱସ୍ତସୂତ୍ରରୁ ମିଳିଥିବା ଖବର ଅନୁଯାୟୀ, ରାଜ୍ୟ ସରକାର ଆଣିବାକୁ ଥିବା ପ୍ରାୟ ୩ ଲକ୍ଷ ୧୦ ହଜାର କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ବଜେଟ ଆଣିବେ ବୋଲି ଜଣାପଡ଼ିଛି। ଏନେଇ ବିସ୍ତୃତ ଭାବେ ମନ୍ତ୍ରୀ ପରିଷଦ ବୈଠକରେ ଆଲୋଚନା ହେବା ସହ ଏ ସମ୍ପର୍କିତ ଚିଠା ପ୍ରସ୍ତାବ ଉପରେ ମୋହର ବାଜିଛି।

ଚଳିତ ବର୍ଷର ବଜେଟ ସରକାର ଏବଂ ଶାସକ ଦଳ ପାଇଁ ବହୁ ଗୁରୁତ୍ୱ ରଖିବ। ଆସନ୍ତା ବର୍ଷ ଆରମ୍ଭରୁ ଉଭୟ ପଞ୍ଚାୟତିରାଜ ଏବଂ ଘୋଷଣା ହୋଇଥିବା ନୂଆ ଏନ୍ଏସି ଓ ମ୍ୟୁନିସିପାଲିଟିଗୁଡ଼ିକରେ ଭୋଟ ହେବ। ତେଣୁ ବଜେଟରେ ସବୁ ଲୋକଙ୍କୁ ଖୁସିକରିବା ଭଳି ଯୋଜନା ସରକାର ଆଣିପାରନ୍ତି ବୋଲି ଚର୍ଚ୍ଚା ହେଉଛି। ଅନ୍ୟପଟେ ୨୦୨୫-୨୬ ତୁଳନାରେ ୨୦୨୬-୨୭ ଆର୍ଥିକ ବର୍ଷର ବଜେଟ ବଡ କରାଯାଇଛି। ମୁଖ୍ୟତଃ ଆସନ୍ତା ଆର୍ଥିକ ବର୍ଷ ବଜେଟରେ ସୂଚନା ପ୍ରଯୁକ୍ତିବିଦ୍ୟା, ପଞ୍ଚାୟତିରାଜ ଓ ପାନୀୟ ଜଳ, ଗୃହ ନିର୍ମାଣ ଓ ନଗର ଉନ୍ନୟନ, ମହିଳା ଓ ଶିଶୁ ବିକାଶ, ସ୍ୱାସ୍ଥ୍ୟ, କୃଷି ଏବଂ ☞ପୃଷ୍ଠା-୧୨

## କୋଟିଆରେ ଆନ୍ଧ୍ରର ସର୍ଭେ

**ବାଣ୍ଟିବ ପିଏମ୍ କିଷାନ କାର୍ଡ**

**ପଟ୍ଟାଙ୍ଗି,୧୪।୨(ଶରତ କୁମାର ଧଳ)**

ତାଗିଦ ସତ୍ତ୍ୱେ ଶୁଣୁନାହିଁ ଆନ୍ଧ୍ର ପ୍ରଶାସନ। ବାରମ୍ବାର କରୁଛି ଅନୁପ୍ରବେଶ। ଶନିବାର ପୁଣି କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ୍ କୋଟିଆ ପଞ୍ଚାୟତ ସୀମାନ୍ତ ମାଡକାର ଗ୍ରାମରେ ଆନ୍ଧ୍ରପ୍ରଦେଶ ପାର୍ବତୀପୁରମ୍ ମାନ୍ୟାମ୍ ଜିଲାର ସାଲୁର ବ୍ଲକ୍ କୃଷି ବିଭାଗ କର୍ମଚାରୀ ପହଞ୍ଚି ଗ୍ରାମବାସୀଙ୍କୁ ଏକାଠି କରିଥିଲେ। ଗ୍ରାମବାସୀଙ୍କ ଆଧାର କାର୍ଡ ଯାଞ୍ଚକରି ପିଏମ୍ କିଷାନ କାର୍ଡ ପ୍ରଦାନ ପାଇଁ ସର୍ଭେ କରିଥିବା ଜଣାପଡ଼ିଛି।

ମାଡ଼କାର ଗ୍ରାମର ଚାଷୀଙ୍କୁ ଉଭୟ ଓଡ଼ିଶା ଓ ଆନ୍ଧ୍ର ପକ୍ଷରୁ ପିଏମ୍ କିଷାନ କାର୍ଡ ଯୋଗାଇବା ପାଇଁ ସର୍ଭେ କରିଛନ୍ତି। ଆନ୍ଧ୍ର ପକ୍ଷରୁ ମିଳୁଥିବା କାର୍ଡରେ ୩ ପର୍ଯ୍ୟାୟରେ ୨୦ ହଜାର ଟଙ୍କା ଆର୍ଥିକ ସହାୟତା ଯୋଗାଇ ଦିଆଯାଉଥିବା ବେଳେ ଓଡ଼ିଶା କାର୍ଡରେ ବର୍ଷକୁ ତିନୋଟି ପର୍ଯ୍ୟାୟରେ ୧୦ହଜାର ଟଙ୍କା ଆର୍ଥିକ ସହାୟତା ମିଳୁଛି। ତେଣୁ ସୀମାନ୍ତ ଗ୍ରାମବାସୀ ଆନ୍ଧ୍ର ପକ୍ଷରୁ ମିଳୁଥିବା କାର୍ଡ ନେବାକୁ ତତ୍ପରତା ଦେଖାଉଛନ୍ତି। ଆନ୍ଧ୍ରର ବିଭିନ୍ନ ସରକାରୀ କର୍ମଚାରୀ ନିୟମିତ କୋଟିଆ ପଞ୍ଚାୟତର ସୀମାନ୍ତ ଗ୍ରାମ ପରିଦର୍ଶନ କରି ନିଜ ବିଭାଗର ଯୋଜନା ଲୋକଙ୍କ ନିକଟରେ ପହଞ୍ଚାଉଥିବାବେଳେ ଓଡ଼ିଶାର ପ୍ରଶାସନ ସେଭଳି କିଛି ପଦକ୍ଷେପ ନେଉ ନ ଥିବା ବୁଦ୍ଧିଜୀବୀ ଅଭିଯୋଗ କରିଛନ୍ତି। ତେଣୁ ଆନ୍ଧ୍ର ପ୍ରତି ସୀମାନ୍ତବାସୀ ଢଳୁଥିବା ଅଭିଯୋଗ ହେଉଛି। ଉକ୍ତ ପଞ୍ଚାୟତରେ ଏବେ ମଧ୍ୟ ପଟ୍ଟାଙ୍ଗି ବ୍ଲକ୍ ପ୍ରଶାସନ ପକ୍ଷରୁ ୮ ମାସ ହେଲା କୌଣସି ଉନ୍ନୟନମୂଳକ କାର୍ଯ୍ୟ ହେଉନାହିଁ। ବର୍ତ୍ତମାନ ବିକଶିତ ଗ୍ରାମ ବିକଶିତ ଓଡ଼ିଶା ପକ୍ଷରୁ ୫ଟି ଗାଁ ପାଇଁ ୨୫ଲକ୍ଷ ଟଙ୍କା ଅନୁଦାନ ଆସିଛି। ପଞ୍ଚାୟତର ଏହିପରି କାର୍ଯ୍ୟକ୍ରମକୁ ଦେଖି ସୀମାନ୍ତବାସୀ ଆନ୍ଧ୍ର ଆଡ଼କୁ ଢଳୁଛନ୍ତି ବୋଲି ସରପଞ୍ଚ ଲିଉ ଗେମେଲ କହିଛନ୍ତି।

# ଚୋର ସନ୍ଦେହ: ଯୁବକଙ୍କୁ ପିଟି ହତ୍ୟା

**୨୦ ଗିରଫ, ଭୟରେ ଗାଁ ପୁରୁଷଶୂନ୍ୟ**

**ଭଞ୍ଜନଗର,୧୪।୨(ବାବୁଲା ପ୍ରଧାନ)**

ଗଞ୍ଜାମ ଜିଲା ଭଞ୍ଜନଗର ସାର୍ଦ୍ଦୁଳ ଗ୍ରାମରେ ଶୁକ୍ରବାର ବିଳମ୍ବିତ ରାତିରେ ଏକ ଅମାନବୀୟ ଘଟଣା ଘଟିଛି। ଚୋର ସନ୍ଦେହରେ ଗ୍ରାମର କେତେଜଣ ଲୋକ ଜଣେ ଯୁବକଙ୍କୁ ପିଟି ମାରିଦେଇଥିବା ଅଭିଯୋଗ ହୋଇଛି। ମୃତ ଯୁବକ ହେଉଛନ୍ତି ବାଣଧର ପ୍ରଧାନ(୪୦)। ତାଙ୍କ ଘର କନ୍ଧମାଳ ଜିଲା ଜି.ଉଦୟଗିରି ଥାନା ଅନ୍ତର୍ଗତ କୁରୁମୁଙ୍ଗିଆ ଗ୍ରାମରେ ବୋଲି ଜଣାପଡ଼ିଛି। ପୋଲିସ ଏକ ହତ୍ୟା ମାମଲା ରୁଜୁ କରିବା ସହ ୨୦ ଜଣଙ୍କୁ ଗିରଫ କରି ଘଟଣାର ତଦନ୍ତ ଚଳାଇଛି। ଏଥିରେ ଅଧିକ ବ୍ୟକ୍ତିଙ୍କ ସମ୍ପୃକ୍ତି ରହିଥିବା ଜଣାପଡ଼ିଛି। ସେମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ। ଗ୍ରାମରେ ଉତ୍ତେଜନା ଆଶଙ୍କାରେ ଏକ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ କରାଯାଇଥିବା ଅତିରିକ୍ତ ଏସ୍‌ପି ରଞ୍ଜନ ଦେ କହିଛନ୍ତି।

ଘଟଣାରୁପ୍ରକାଶ, ଶୁକ୍ରବାର ରାତିପ୍ରାୟ ୧ଟାରୁ ୨ଟା ମଧ୍ୟରେ କେତେଜଣ ଦୁର୍ବୃତ୍ତ ସାର୍ଦ୍ଦୁଳ ଗାଁକୁ ଚୋରି କରିବାକୁ ଯାଇଥିଲେ।



ମୃତ ବାଣଧର ପ୍ରଧାନ

ସୁଶାନ୍ତ ଗୌଡ଼ଙ୍କ ଘରେ କେହି ନ ଥିବାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଘରର ତାଲା ଭାଙ୍ଗି ଭିତରେ ପଶିଥିଲେ। ଘରେ ଥିବା ବିଭିନ୍ନ ଜିନିଷ ଭଙ୍ଗାଭାଙ୍ଗି କରିବାବେଳେ ଶବ୍ଦ ଶୁଣି ପଡ଼ିଶା ଲୋକେ ଉଠିପଡ଼ି ହୋହଲ୍ଲା କରିଥିଲେ। ଏହି ସମୟରେ କେତେଜଣ ଦୌଡ଼ି ପଳାଇଥିଲେ। ମାତ୍ର ବାଣଧର ଦୌଡ଼ି ଯାଇପାରି ନ ଥିଲେ। ଗ୍ରାମବାସୀ ବାଣଧରଙ୍କୁ କାବୁକରି ଏକ ବିଦ୍ୟୁତ୍ ଖୁଣ୍ଟରେ ବାନ୍ଧି ଦେଇଥିଲେ। ପରେ ଗ୍ରାମବାସୀ ବାଣଧରଙ୍କୁ ଆଖିବୁଜା ମାଡ଼ ମାରିଥିଲେ। ତାଙ୍କ ହାତ ଓ ଗୋଡ଼ର ଦୁଇଟି ନଖକୁ ଗ୍ରାମବାସୀ ଉପାଡ଼ି ଦେଇଥିଲେ। ମାଡ଼ ମାରି ଗୋଡ ଭାଙ୍ଗିଦେଇଥିଲେ। ରାତିସାରା ଲୋକଙ୍କଠାରୁ ମାଡ଼ ଖାଇ ବାଣଧର ଅଚେତ ହୋଇପଡ଼ିଥିଲେ। ଶନିବାର ସକାଳେ ଏନେଇ ସୂଚନା ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ବାଣଧରଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରିଥିଲା। ତାଙ୍କୁ ମୁମୂର୍ଷୁ ଅବସ୍ଥାରେ ଭଞ୍ଜନଗର ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ବାଣଧରଙ୍କ ମୃତ୍ୟୁ ଘଟିଛି। ପୋଲିସ ନଂ. ୧୪୫/୨୬ରେ ଏକ ହତ୍ୟା ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ ଚଳାଇଛି। ଅତିରିକ୍ତ ଏସ୍‌ପି ଦେ, ଏସ୍‌ଡିପିଓ ଡ. ଦୀପକ ମିଶ୍ର, ଆଇଆଇସି ଜୀବନାନନ୍ଦ ଜେନା ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ଏହି ଘଟଣାରେ ସମ୍ପୃକ୍ତ ଲୋକମାନଙ୍କୁ ଚିହ୍ନଟ କରିଥିଲେ। ଚୋରି କରିବାକୁ ଆସିଥିବା ଯୁବକଙ୍କୁ ପୋଲିସ ଜିମା ନ ଦେଇ ଆଇନକୁ ହାତକୁ ନେଇଥିବା ସମସ୍ତଙ୍କ ବିରୋଧରେ ମାମଲା ରୁଜୁ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଅତିରିକ୍ତ ଏସ୍‌ପି କହିଛନ୍ତି। ଗିରଫ ଭୟରେ ଗ୍ରାମ ପୁରୁଷଶୂନ୍ୟ ହୋଇଯାଇଥିବା ଦେଖିବାକୁ ମିଳିଛି। ଅପରପକ୍ଷରେ ଦୁର୍ବୃତ୍ତମାନେ ଘରେ ପଶି ଚୋରି ଉଦ୍ୟମ କରିଥିବାନେଇ ସୁଶାନ୍ତ ଶନିବାର ସନ୍ଧ୍ୟାରେ ଭଞ୍ଜନଗର ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି।

## ଏସି କୋଚ୍‌ରୁ ୩୧୧ ବିଲୁପ୍ତପ୍ରାୟ କଇଁଛ ଜବତ

**ଭୋପାଳ,୧୪।୨**

ମଧ୍ୟପ୍ରଦେଶର ଭୋପାଳରେ ଏକ ଏସି ଫାଷ୍ଟକ୍ଲାସ୍ କୋଚ୍‌ରୁ ୩୧୧ଟି ବିଲୁପ୍ତପ୍ରାୟ କଇଁଛ ଜବତ ହୋଇଛି। ଏହି କୋଚ୍‌ଗୁଡ଼ିକୁ ଭାରତୀୟ ରେଳୱେର ସବୁଠୁ ସୁରକ୍ଷିତ ଏବଂ ବିଳାସପୂର୍ଣ୍ଣ ଭ୍ରମଣ ସ୍ଥାନ ଭାବେ ଦୀର୍ଘଦିନ ହେଲା ବିବେଚିତ ହୋଇଆସୁଥିବାବେଳେ ଏହା ଏବେ ବନ୍ୟପ୍ରାଣୀ ଅପରାଧର କରିଡର ପାଲଟିଛି। ଏକ ଆନ୍ତଃରାଜ୍ୟ ର୍‍ୟାକେଟ ବିରଳ ତଥା ବିଲୁପ୍ତପ୍ରାୟ କଇଁଛ ଚୋରାଚାଲାଣ ପାଇଁ ଉକ୍ତ ବିଳାସପୂର୍ଣ୍ଣ କମ୍ପାର୍ଟମେଣ୍ଟକୁ ବ୍ୟବହାର କରିଆସୁଥିଲେ। ଉତ୍ତରପ୍ରଦେଶରୁ ଉକ୍ତ କଇଁଛଗୁଡ଼ିକୁ ମଧ୍ୟପ୍ରଦେଶ ନିଆଯାଉଥିଲା। ସେଠାରୁ ସେଗୁଡ଼ିକୁ ପଶ୍ଚିମ ଭାରତରେ ଆବଣ୍ଟନ କରାଯାଇଥାନ୍ତା। ମଧ୍ୟପ୍ରଦେଶ ରାଜ୍ୟ ବ୍ୟାଘ୍ର ସୁରକ୍ଷା ବଳ (ଏସ୍‌ଟିଏସ୍‌ଏଫ୍), ରେଳୱେ ସୁରକ୍ଷା ବଳ (ଆର୍‌ପିଏଫ୍) ଏବଂ ଭୋପାଳ ବନ ବିଭାଗ ମିଳିତ ଭାବେ ଚଢ଼ାଉ କରି ଉକ୍ତ କଇଁଛଗୁଡ଼ିକୁ ଭୋପାଳର ହୃଦରାମ ରେଳଷ୍ଟେଶନରେ ୧୯୩୨୨ ପାଟନା-ଇନ୍ଦୋର ଏକ୍ସପ୍ରେସ୍‌ର ଏସି ଫାଷ୍ଟକ୍ଲାସ୍ କୋଚରୁ ଜବତ କରିଛନ୍ତି।

ତଦନ୍ତରୁ ଜଣାପଡ଼ିଛି ଯେ, ଉକ୍ତ ର୍‍ୟାକେଟର ଉତ୍ତରପ୍ରଦେଶର ମୁଖ୍ୟତଃ ଗଙ୍ଗା, ଗୋମତି, ଓ ଏହାର ଶାଖା ନଦୀଗୁଡ଼ିକରୁ କଇଁଛ ସଂଗ୍ରହ କରି ସେଗୁଡ଼ିକୁ ଏସି ପ୍ରଥମ ଶ୍ରେଣୀ କୋଚ୍‌ରେ ଲୁଚାଇ ମଧ୍ୟପ୍ରଦେଶ ନେଉଥିଲେ। ପରିବହନ ସମୟରେ କଇଁଛଗୁଡ଼ିକୁ ଲୁଚାଇ ରଖିବା ପାଇଁ ସେମାନେ କୋଚ୍ ଆଟେଣ୍ଡାଣ୍ଟମାନଙ୍କ ସହାୟତା ନେଉଥିଲେ। କୋଚ୍ ଆଟେଣ୍ଡାଣ୍ଟ ଅଜୟ ସିଂ ରାଜପୁତଙ୍କଠାରୁ ୩୧୧ଟି କଇଁଛ ଜବତ ହୋଇଛି, ଯିଏ କି ଏହି ସିଣ୍ଡିକେଟ୍‌ର ଜଣେ କୋରିଅର ଭାବେ କାର୍ଯ୍ୟ କରୁଥିଲେ। ଜବତ କଇଁଛଗୁଡ଼ିକ ମଧ୍ୟରେ ବିଲୁପ୍ତପ୍ରାୟ କ୍ରାଉନ୍ଡ ରିଭର ଟର୍ଟଲ, ଇଣ୍ଡିଆନ୍ ଟେଣ୍ଟ ଟର୍ଟଲ, ଇଣ୍ଡିଆନ ରୁଫ୍‌ଡ ଟର୍ଟଲ ରହିଛନ୍ତି, ଯାହାକୁ ବନ୍ୟପ୍ରାଣୀ ସୁରକ୍ଷା ଆଇନ, ୧୯୭୨ ଅନୁଯାୟୀ ସୁରକ୍ଷା ଦିଆଯାଉଛି।

## ଚୌଦ୍ୱାର ଜେଲରୁ ଫେରାର କଏଦୀ ମଥୁରାରୁ ଗିରଫ

**ଭୁବନେଶ୍ୱର,୧୪।୨(ତ୍ରିନାଥ ମହାନ୍ତି)**

ଗତ ଅକ୍ଟୋବର ୨ତାରିଖ ବିଳମ୍ବିତ ରାତିରେ ଚୌଦ୍ୱାର ମଣ୍ଡଳ କାରାଗାରରୁ ଫେରାର ଦୁଇ ଅପରାଧୀଙ୍କ ମଧ୍ୟରୁ ଜଣଙ୍କୁ କମିଶନରେଟ୍ ପୋଲିସ ଗିରଫ କରିଛି। ହାର୍ଡକୋର ଅପରାଧୀ ମଧୁକାନ୍ତ କୁମାର ରାନାଙ୍କୁ ମଥୁରା ବୃନ୍ଦାବନରୁ ଗିରଫ କରାଯାଇଥିବାବେଳେ ଅନ୍ୟତମ ଅପରାଧୀ ରାଜା ସାହାଣୀଙ୍କୁ ଗିରଫ ପାଇଁ ସ୍ପେଶାଲ୍ ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଥିବା ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂ ଶନିବାର ପୋଲିସ ସେବା ଭବନରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ସିଂ କହିଛନ୍ତି, ହାର୍ଡକୋର ଅପରାଧୀ ମଧୁକାନ୍ତଙ୍କୁ ଧରିବାକୁ କଟକ ଯୁପିଡିର ୨୬ ଜଣ ସ୍ପେଶାଲ ଟିମ୍ ଲାଗିଥିଲେ। ଡିଜିଟାଲ ଏଭିଡେନ୍ସ, ମାନବ ସୂଚନା, ସିସିଭି ଫୁଟେଜ ଆଧାରରେ ଅଭିଯୁକ୍ତଙ୍କୁ ଗିରଫ କରିବାରେ ଏହି ଟିମ୍ ସଫଳ ହୋଇଛି। ହେଲେ ଅନ୍ୟତମ ଅପରାଧୀ ରାଜା ଫେରାର ହୋଇଛନ୍ତି। ସେ ପାତାଳରେ ଲୁଚିଥିଲେ ମଧ୍ୟ ଟିମ୍ ତାଙ୍କୁ ଖୁବ୍ ଶୀଘ୍ର ଗିରଫ କରିବ ବୋଲି ପୋଲିସ କମିଶନର କହିଛନ୍ତି। ଅକ୍ଟୋବର ୨-୩ ତାରିଖ ରାତି ୧ଟା ୪୫ରେ ଚୌଦ୍ୱାର ଜେଲରୁ ୨ ଅଭିଯୁକ୍ତ ମଧୁକାନ୍ତ ଏବଂ ରାଜା କମ୍ବଳ ସାହାଯ୍ୟରେ ଜେଲ ପାଚେରି ଡେଇଁ ଫେରାର ହୋଇଯାଇଥିଲେ। ପରେ ଜେଲ ପଛରେ ଥିବା ପାଣିରେ ପଶି ନିକଟ ଟ୍ରେନ୍ ଲାଇନ୍‌କୁ ଯାଇଥିଲେ। ଟ୍ରେନ୍ ଲାଇନରେ ଚାଲିଚାଲି ଏକ ଛୋଟ



ମଧୁକାନ୍ତ କୁମାର ରାନା

### ■ ଗେଷ୍ଟ ହାଉସ୍‌ରେ ମଧୁକାନ୍ତ ନାମ ବଦଳାଇ କାମ କରୁଥିଲେ

ଷ୍ଟେଶନରେ ପହଞ୍ଚିଥିଲେ। ସେଠାରୁ ପାସେଞ୍ଜର ଟ୍ରେନ୍ ଧରି ପୁରୀ ପଳାଇଥିଲେ। ପୁରୀରେ ବୁଲିବା ସହ ଏକ ଶୌଚାଳୟରେ ଲୁଚିଥିଲେ। କମିଶନରେଟ ପୋଲିସ ସୂଚନାଦାତାଙ୍କୁ ୫୦ ହଜାର ପୁରସ୍କାର ରାଶି ଘୋଷଣା କରିବା ପରେ ଉଭୟଙ୍କୁ ପୁରୀ ଷ୍ଟେଶନରେ କିଛି ଲୋକ ଦେଖି ପୋଲିସକୁ ଫଟୋ ପଠାଇଥିଲେ। ପୋଲିସ ଜାଣିବା ପରେ ସେମାନେ ଟ୍ରେନ୍ ଯୋଗେ ଦିଲ୍ଲୀ ପଳାଇଥିଲେ। ସେଠାରୁ ପୁଣି ଦୁହେଁ ୟୁପି ଏବଂ ବିହାର ଯାଇଥିଲେ। ଧରାପଡ଼ିବା ଭୟରେ ଉଭୟେ ପୁଣି ନେପାଳକୁ ଚାଲିଯାଇଥିଲେ। ସେଠାରେ କିଛିଦିନ ଉଭୟ ରହିବା ପରେ ଗୟାକୁ ଆସିଥିଲେ। ☞ପୃଷ୍ଠା-୧୨

## ଭୁଶୁଡ଼ିଲା ନିର୍ମାଣାଧୀନ ମେଟ୍ରୋ ସ୍ଲାବ୍, ଜଣେ ମୃତ

**ମୁମ୍ବାଇ,୧୪।୨**

ମୁମ୍ବାଇର ମୁଲୁନ୍ଦ ଅଞ୍ଚଳରେ ନିର୍ମାଣାଧୀନ ମେଟ୍ରୋ ରେଳ ପ୍ରକଳ୍ପର ଏକ ସ୍ଲାବ୍ ଶନିବାର ଭୁଶୁଡ଼ି ପଡ଼ିବାରୁ ଜଣଙ୍କର ମୃତ୍ୟୁ ହେବା ସହିତ ଆଉ ୩ ଜଣ ଗୁରୁତର ଆହତ ହୋଇଛନ୍ତି। ମେଟ୍ରୋ ରେଳ ପ୍ରକଳ୍ପ କାର୍ଯ୍ୟ ଚାଲିଥିଲା ବେଳେ ଅଚାନକ ଏକ ସ୍ଲାବ୍ ଭୁଶୁଡ଼ି ପଡ଼ି ତଳେ ରହିଥିବା ବହୁ ଗାଡ଼ି ଉପରେ ପଡ଼ିଥିଲା। ଫଳରେ ଗାଡ଼ିରେ ଥିବା ଏକାଧିକ ଲୋକ ଆହତ ହୋଇଥିଲେ। ଆହତ ଲୋକମାନଙ୍କୁ ଉଦ୍ଧାର କରାଯାଇ ତୁରନ୍ତ ହସ୍ପିଟାଲ ନିଆଯାଇଥିଲେ ହେଁ ସେଠାରେ ଜଣଙ୍କର ମୃତ୍ୟୁ ହୋଇଛି। ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବିସ୍ ଏହି ଘଟଣାରେ ଦୁଃଖ ପ୍ରକାଶ କରିବା ସହିତ ଘଟଣାର ଯାଞ୍ଚ ନିର୍ଦ୍ଦେଶ ଦେଇଛନ୍ତି। ମେଟ୍ରୋ ପ୍ରକଳ୍ପ କାର୍ଯ୍ୟକୁ ନେଇ ସେ ସୁରକ୍ଷା ଦିଗକୁ ନିଶ୍ଚିତ କରିବାକୁ କହିଛନ୍ତି।

## ସହର ଉନ୍ନତୀକରଣ ପାଇଁ ୧ ଲକ୍ଷ କୋଟି

**କେନ୍ଦ୍ର କ୍ୟାବିନେଟ ମଞ୍ଜୁରୀ**

**ନୂଆଦିଲ୍ଲୀ,୧୪।୨(ପି.ଟି.)**

ଭାରତର ସହରାଞ୍ଚଳଗୁଡ଼ିକର ଭିତ୍ତିଭୂମି ବିକାଶ ଓ ଉନ୍ନତୀକରଣ ପାଇଁ କେନ୍ଦ୍ର କ୍ୟାବିନେଟ୍ ମୋଟ ୧ ଲକ୍ଷ କୋଟି ଟଙ୍କାର କେନ୍ଦ୍ରୀୟ ସହାୟତା ସହ ଅର୍ବାନ ଚ୍ୟାଲେଞ୍ଜ ଫଣ୍ଡ (ୟୁସିଏଫ୍)କୁ ମଞ୍ଜୁରୀ ପ୍ରଦାନ କରିଥିବା କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଶନିବାର କହିଛନ୍ତି। ଏହି ଯୋଜନାରେ ପ୍ରକଳ୍ପ ମୂଲ୍ୟର ୨୫ ପ୍ରତିଶତ କେନ୍ଦ୍ରୀୟ ସହାୟତା ଭାବେ ଯୋଗାଇ ଦିଆଯିବା ସହ ବ୍ୟୟର ଅନ୍ୟୂନ ୫୦ ପ୍ରତିଶତ ମାର୍କେଟରୁ ସଂଗ୍ରହ କରାଯିବ। ଫଳରେ ଆଗାମୀ ୫ ବର୍ଷରେ ସହରାଞ୍ଚଳ ସେକ୍ଟରଗୁଡ଼ିକରେ ମୋଟ ୪ ଲକ୍ଷ କୋଟି ଟଙ୍କା ବିନିଯୋଗ ହେବ। ଦେଶର ସହରାଞ୍ଚଳ ନୂଆ ବିକାଶ ଅଭିମୁଖ୍ୟରେ ଏହା ଏକ ମୌଳିକ ପରିବର୍ତ୍ତନ, ଯାହା କେବଳ ସରକାରୀ ଅନୁଦାନ ଉପରେ ନିର୍ଭର ନ କରି ବଜାର ପୁଞ୍ଜି, ନଗରିତ ପରିଚାଳନ ଏବଂ ପ୍ରତ୍ୟକ୍ଷ ଫଳାଫଳ ଉପରେ ଗୁରୁତ୍ୱ ଦେଉଥାଏ। ଜନତାମାନଙ୍କ ସହରୀ ଭିତ୍ତିଭୂମି ନିର୍ମାଣ ପାଇଁ ୟୁସିଏଫ୍ ବଜାର ଆଧାରିତ ପାଣ୍ଠି, ଘରୋଇ କ୍ଷେତ୍ରର ଅଂଶଗ୍ରହଣ ଏବଂ ନାଗରିକ କେନ୍ଦ୍ରିକ ସଂସ୍କାରର ବ୍ୟବହାର କରିବ। ଏହି ପାଣ୍ଠିର ଉଦ୍ଦେଶ୍ୟ ହେଉଛି ସ୍ଥାୟୀ, ଉତ୍ପାଦନକ୍ଷମ, ସମାବେଶୀ ଏବଂ ଜଳବାୟୁସମ୍ବେଦନଶୀଳ ସହରାଞ୍ଚଳ ଭିତ୍ତିଭୂମି ଯୋଗାଇଦେବା। ଦେଶର ଆର୍ଥିକ ବିକାଶର ପରବର୍ତ୍ତୀ ପର୍ଯ୍ୟାୟ ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ ହେବ ବୋଲି ଏକ ବିବୃତ୍ତିରେ କୁହାଯାଇଛି। ୟୁସିଏଫ୍ ୨୦୨୫-୨୬ରୁ ୨୦୩୦-୩୧ ଆର୍ଥିକ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବ ଏବଂ ପରବର୍ତ୍ତୀ ପର୍ଯ୍ୟାୟରେ ୨୦୩୩-୩୪ ପର୍ଯ୍ୟନ୍ତ ବର୍ଦ୍ଧିତ କରାଯାଇପାରିବ। ଏହା ବ୍ୟତୀତ ବ୍ୟବସାୟରେ ବିନିଯୋଗ ପାଇଁ ପାଣ୍ଠି ଯୋଗାଡ଼ କରିବା ଏବଂ ଅତ୍ୟାଧୁନିକ ବୈଷୟିକ ଜ୍ଞାନକୌଶଳକୁ ସହାୟତା ପାଇଁ କେନ୍ଦ୍ର କ୍ୟାବିନେଟ୍ ଶୁକ୍ରବାର ଷ୍ଟାର୍ଟଅପ୍‌ଗୁଡ଼ିକ ନିମନ୍ତେ ୧୦,୦୦୦ କୋଟି ଟଙ୍କାର ପାଣ୍ଠିକୁ ଅନୁମୋଦନ କରିଛନ୍ତି। ଷ୍ଟାର୍ଟଅପ୍ ଇଣ୍ଡିଆ ଇନ୍‌ଭେଷ୍ଟମେଣ୍ଟ ଫଣ୍ଡ ଅଫ୍ ଫଣ୍ଡସ୍ (ଏଫ୍‌ଏଫ୍) ଯୋଜନାର ଏହା ଦ୍ୱିତୀୟ ପର୍ଯ୍ୟାୟ। ସେହିପରି ୧୮,୫୦୯ କୋଟି ଟଙ୍କା ମୂଲ୍ୟର ୩ଟି ରେଳ ପ୍ରକଳ୍ପକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଆର୍ଥିକ ବ୍ୟାପାର ସମ୍ପର୍କିତ କେନ୍ଦ୍ର କ୍ୟାବିନେଟ କମିଟି ମଞ୍ଜୁରୀ ପ୍ରଦାନ କରିଛି। ସେଗୁଡ଼ିକରେ ରହିଛି କସରା-ମନମଦ, ଦିଲ୍ଲୀ, ଅମ୍ବାଲା କେଲେରି-ହୋସାପେଟ ମଧ୍ୟରେ ତୃତୀୟ ଓ ଚତୁର୍ଥ ରେଳଲାଇନ। ଏହା ରେଳ ପରିବହନ ସାମର୍ଥ୍ୟ ବଢ଼ାଇବା ସହ ସେବା ବିଶ୍ୱସନୀୟତାରେ ଉନ୍ନତି ଆଣିବ।

## ପାରାଦୀପ ବେଳାଭୂମିରେ ବିଷାକ୍ତ ପଫର୍ ମାଛ

**ପାରାଦୀପ,୧୪।୨(ଶରତ ରାଉତ)**

ପାରାଦୀପ ବଟିଗର ପାଖ ସମୁଦ୍ର ବେଳାଭୂମିରେ ଶନିବାର ଏକ ବିରଳ ମାଛ ଦେଖିବାକୁ ମିଳିଛି। ଏହାକୁ ପଫର୍ ମାଛ ବୋଲି ସାମୁଦ୍ରିକ ମତ୍ସ୍ୟ ବିଭାଗ ପକ୍ଷରୁ କୁହାଯାଇଛି। ଜଙ୍ଗଲୀ ଜୀବ ଝିଙ୍କ ଭଳି ଏହି ମାଛର ଦେହସାରା ବିଷାକ୍ତ କଣ୍ଟା ରହିଛି। ବେଳାଭୂମିରେ ଜଣେ ଅଟୋଚାଳକ ତାକୁ ଦେଖି ଉଦ୍ଧାର କରିଥିଲେ। ପରେ ତାକୁ ବାଲିରେ ପକେଇ ପଳାଇ ଯାଇଥିଲେ। ବେଳାଭୂମିରେ ବହୁ ସଂଖ୍ୟାରେ ପଫର୍ ମାଛ ମରିପଡ଼ିଥିବା ଜଣାପଡ଼ିଛି। ଉକ୍ତ ମାଛ ସମ୍ପର୍କରେ ମତ୍ସ୍ୟ ବିଭାଗର ଉପ ନିର୍ଦ୍ଦେଶକ ସୁବ୍ରତ କୁମାର ଦାଶଙ୍କୁ ପଚାରିଲେ କୁହନ୍ତି, ଏହି ମାଛଗୁଡ଼ିକ ଗଭୀର ସମୁଦ୍ରରେ ରହନ୍ତି। ଏହା ଅତ୍ୟନ୍ତ ବିଷାକ୍ତ ମାଛ। କ୍ୱଚିତ୍ ସମୟରେ ଏହି ମାଛ କୂଳକୁ ଆସିଥାନ୍ତି। ଏହାକୁ ମଣିଷ ଖାଇବା ଅନୁଚିତ। ଏହା ସାଧାରଣତଃ ସୁନ୍ଦରବନ ଅଞ୍ଚଳରେ ଦେଖାଯାଆନ୍ତି। ଓଡ଼ିଶା ଉପକୂଳରେ ଏହି ମାଛ ଦେଖାଯିବା ବିରଳ ବୋଲି ଦାଶ କହିଛନ୍ତି। ଏ ସମ୍ପର୍କରେ ବୋଟ ମାଲିକ ଅରବିନ୍ଦ ସ୍ୱାଇଁ କୁହନ୍ତି, ଏଭଳି ମାଛ ପାରାଦୀପରେ ପୂର୍ବରୁ କେବେ ଦେଖାଯାଇ ନ ଥିଲା।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ୨୦ତମ ତୋଷାଳି ସ୍ୱଦେଶୀ ମେଳା, ସ୍ଥାନ: ଜନତା ମଇଦାନ, ସମୟ: ଅପରାହ୍ନ ୨ଟା।
- ୧୨ତମ ଭୁବନେଶ୍ୱର ରେଡିଓ ମେଳା, ସ୍ଥାନ: ଏକାମ୍ର ହାଟ, ସମୟ: ଅପରାହ୍ନ ୪ଟା।
- ମହାଶିବରାତ୍ରି ଉପଲକ୍ଷେ ଭଜନ ସମାରୋହ, ସ୍ଥାନ: ହଂସପାଳ ବାଟ ମହାବୀର ମନ୍ଦିର ପରିସର, ସମୟ: ସନ୍ଧ୍ୟା ୭ଟା।
- ବାଦୀପାଲା ପରିବେଷଣ, ସ୍ଥାନ: ବାଲିଅନ୍ତା ବ୍ଲକ ଶାଳେଶ୍ୱର ଗ୍ରାମ ପାଲା ମଣ୍ଡପ, ସମୟ: ସନ୍ଧ୍ୟା ୭ ଟା।
- ଜାଗର ଉପଲକ୍ଷେ ଶ୍ରୀଶ୍ରୀ ବାବା ଜଳେଶ୍ୱର ଡ୍ରାମାଟିକ କ୍ଲବ ଆନୁକୂଲ୍ୟରେ ପ୍ରଥମ ରଜନୀରେ ମଞ୍ଚସ୍ଥ ନାଟକ 'କେତେ ଦୁଃଖ ଦେବୁ କହ ଦଇବ ', ସ୍ଥାନ: କଳାରାହାଙ୍ଗ ଜଳେଶ୍ୱର ମନ୍ଦିର ଯାତ୍ରା ପଡ଼ିଆ, ସମୟ: ରାତି ୧୧ଟା।

## ବାଲେଶ୍ୱର
- ମହାଶିବରାତ୍ରି ଉତ୍ସବ, ସ୍ଥାନ: ଝାଡ଼େଶ୍ୱର ମନ୍ଦିର, ନୂଆବଜାର, ବାଲେଶ୍ୱର, ସମୟ: ସକାଳ ୭ଟା।
- କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ବୁଟ ବଣ୍ଟନ, ସ୍ଥାନ: ଶୈବପୀଠ ପରିସର, ଲଙ୍ଗଳେଶ୍ୱର, ସମୟ: ସକାଳ ୮ଟା।
- ଶ୍ରଦ୍ଧା ବୃଦ୍ଧା ଆଶ୍ରମରେ ଭୂମିପୂଜନ, ସ୍ଥାନ: ଡେମୁରିଆ, ବାଲିଆପାଳ, ସମୟ: ସକାଳ ୯ଟା।
- ଦକ୍ଷତା ବିକାଶ କାର୍ଯ୍ୟକ୍ରମ, ସ୍ଥାନ: ଜିଲାପାଳଙ୍କ ଅଡିଟୋରିୟମ୍ ହଲ୍, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ୧ଲକ୍ଷ ଦୀପ ପ୍ରଜ୍ୱଳନ ଓ ଭଜନ ସନ୍ଧ୍ୟା, ସ୍ଥାନ: ଭୂଷଣ୍ଡେଶ୍ୱର ମହାଦେବ, କୁମ୍ଭୀରଗଡ଼ି ପାହି, ଭୋଗରାଇ, ସମୟ: ସନ୍ଧ୍ୟା ୬ଟା।
- ମହାଶିବରାତ୍ରିରେ ଜାଗର ଜାଳିବେ ଲକ୍ଷାଧିକ ଶ୍ରଦ୍ଧାଳୁ, ସ୍ଥାନ: ପ୍ରସିଦ୍ଧ ଶୈବପୀଠ ଚନ୍ଦନେଶ୍ୱର ସହ ଭୋଗରାଇର ଶତାଧିକ ଶୈବପୀଠ, ଭୋଗରାଇ, ସମୟ: ସନ୍ଧ୍ୟା ୬ଟା।
- ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ରାଉତପଡ଼ା ବାବା ବାଳକେଶ୍ୱରନାଥ ଶୈବପୀଠ, ରୂପସା, ସମୟ: ରାତି ୮ଟା।

## ଭଦ୍ରକ
- ଜାଗର ଯାତ୍ରା, ସ୍ଥାନ: ଲୋକନାଥ ମନ୍ଦିର, ଭଦ୍ରକ, ସମୟ: ସକାଳ ୬ଟା।
- ଆଥ୍ଲେଟିକ୍ ଆସୋସିଏଶନ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଟିଲୋ ହନୁମାନ ପଡ଼ିଆ, ବନ୍ତ, ସମୟ: ମଧ୍ୟାହ୍ନ ୧୨ଟା।
- ବିଶ୍ୱେଶ୍ୱର ପୀଠରେ ଜାଗର ଯାତ୍ରା, ସ୍ଥାନ: ରାଢୋ, ଭଣ୍ଡାରିପୋଖରୀ, ସମୟ: ଅପରାହ୍ନ ୪ଟା।
- ବାବା କପିଳମୁନିଙ୍କ ବାର୍ଷିକୋତ୍ସବ, ସ୍ଥାନ: ପଳିକିରି, ଧାମନଗର, ସମୟ: ଅପରାହ୍ନ ୪ଟା।
- ସାଳନ୍ଦୀ ସାହିତ୍ୟ ସଙ୍ଗମର ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ସଙ୍ଗମ କନଭେନ୍‌ଶନ୍, ଭଦ୍ରକ ବାଇପାସ୍, ସମୟ: ଅପରାହ୍ନ ୪ଟା।

## କେନ୍ଦୁଝର
- ସୋମେଶ୍ୱର ମନ୍ଦିରରେ ମହାଦୀପ ଉଠିବା ସମୟ, ସ୍ଥାନ: ସ୍ୱାମ ଶାସନ, ପାଟଣା, ସମୟ: ରାତି ୯ଟା।
- ଜାଗର ଉତ୍ସବ ଓ ମହାଦୀପ ଉଠିବା ସମୟ,ସ୍ଥାନ: ହରିହର ମନ୍ଦିର, ବଡ଼ବିଲ, ସମୟ: ରାତି ୧୦ଟା୩୦।
- ଆନନ୍ଦେଶ୍ୱର ମହାଦେବ ମନ୍ଦିର ମହାଦୀପ ଉଠିବା, ସ୍ଥାନ: ପାଟଣାସ୍ଥିତ ମନ୍ଦିର ପରିସର,ସମୟ: ରାତି ୧୧ଟା।

## ମୟୂରଭଞ୍ଜ
- ଉତ୍ତର ଓଡ଼ିଶାର ପ୍ରସିଦ୍ଧ ମହାଶିବରାତ୍ରି ଜାଗରମେଳା, ସ୍ଥାନ: ମାଣତ୍ରୀ, ବଡ଼ସାହି, ସମୟ: ପ୍ରାତଃ ୪ଟା।
- ବାବା ଝିଙ୍କେଶ୍ୱର ପୀଠରେ ଜାଗର ଯାତ୍ରା,ସ୍ଥାନ: କପ୍ତିପଦା, ସମୟ: ପ୍ରାତଃ ୪ଟା୩୦।
- ଜାଗରମେଳା ଓ ମହାଶିବରାତ୍ରି, ସ୍ଥାନ: ସିଂହଟିଆ, ବଡ଼ସାହି, ସମୟ: ପ୍ରାତଃ ୫ଟା।
- ମହାଶିବରାତ୍ରି ଓ ଜାଗରମେଳା, ସ୍ଥାନ: ବୁଢ଼ାରାଉଳ ମଠ ତେନ୍ତୁଳିଡିଙ୍ଗା ବାରିପଦା,ସମୟ: ପ୍ରାତଃ ୫ଟା।
- ସତ୍ୟ ସ୍ୱରୂପ କ୍ରିକେଟ ଟୁର୍ନାମେଟ ଉଦ୍‌ଘାଟନ,ସ୍ଥାନ: ନାଗପାଳ ଖେଳ ପଡ଼ିଆ, ଉଦଳା, ସମୟ: ସକାଳ ୯ଟା୩୦।
- ଗୋଶାଳା କପ୍ ଟୁର୍ନାମେଣ୍ଟର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ଗୋଶାଳା ପଡ଼ିଆ ତୁଳସୀଚଉରା, ବାରିପଦା,ସମୟ: ପୂର୍ବାହ୍ନ ୧୧ଟା।

## ଗଞ୍ଜାମ
- ବୁଦ୍ଧଖୋଲରେ ମହାଶିବରାତ୍ରୀ, ସ୍ଥାନ: ବୁଗୁଡ଼ା,ବୁଦ୍ଧଖୋଲ, ସମୟ: ସକାଳ ୬ ଟା।
- ମହାଶିବରାତ୍ରୀ ଉପଲକ୍ଷେ ନାମ ସଂକୀର୍ତ୍ତନ ଯଜ୍ଞ, ସ୍ଥାନ: ବୁଗୁଡ଼ା,ଏକଡାଳ, ସମୟ: ସକାଳ ୭ ଟା।

## ଜଗତ୍‌ସିଂହପୁର
- ପାରାଦୀପ ବନ୍ଦର ପକ୍ଷରୁ ୨୫ ତମ ଆମନ୍ତ୍ରଣୀୟ ଗଲ୍ଫ ଟୁର୍ନାମେଣ୍ଟ ଉଦ୍‌ଘାଟନୀ କାର୍ଯ୍ୟକ୍ରମ, ସ୍ଥାନ: ଗଲ୍ଫ ପଡ଼ିଆ, ପାରାଦୀପ, ସମୟ: ସକାଳ ୬ଟା।
- ପ୍ରଜାପିତା ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ବ୍ରହ୍ମାକୁମାରୀ ପକ୍ଷରୁ ଜାଗର ଉପଲକ୍ଷେ ଶୈବ ମିଳନ, ସ୍ଥାନ: ଆଶ୍ରମ ପରିସର, ମଧୁବନ, ପାରାଦୀପ, ସମୟ: ସକାଳ ୮ଟା।
- ମୁକ୍ତେଶର ମନ୍ଦିର ପରିସରରେ ମହାଶିବରାତ୍ରି ଉପଲକ୍ଷେ ସ୍ୱତନ୍ତ୍ର ପୂଜାର୍ଚ୍ଚନା, ସ୍ଥାନ: ନୁଆବଜାର, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା
- କେନ୍ଦ୍ରାପଡା ସାଇକେଲ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ:ପୁରୁଣା ବସ୍‌ଷ୍ଟାଣ୍ଡ, କେନ୍ଦ୍ରାପଡା ସହର, ସମୟ: ସକାଳ ୬ଟା ।
- ବିଶ୍ୱଶାନ୍ତି ନାମଯଜ୍ଞ, ସ୍ଥାନ: କପିଳେଶ୍ୱର ମନ୍ଦିର ପରିସର, ରଣସିଂସାହି, ବଡପାଳ, ମାର୍ଶାଘାଇ, ସମୟ:ସକାଳ ୬ଟା ।
- ଗ୍ରାମେଶ୍ୱର ମହୋତ୍ସବ, ସ୍ଥାନ: ମନ୍ଦିର ପରିସର, ଜଣ୍ଟିଲୋ, କେନ୍ଦ୍ରାପଡା, ସମୟ:ପୂର୍ବାହ୍ନ ୧୦ଟା ।
- ଜାଗର ମହୋତ୍ସବ, ସ୍ଥାନ: ମହାଦେବ ମନ୍ଦିର, କପାଳେଶ୍ୱର, କେନ୍ଦ୍ରାପଡା, ପାଟଣା, କୋର, ଆଗପଡା, ଅରସା, କଣ୍ଟପଡା, ନରହରିପୁର ଶାସନ, ରାଜକନିକା, ନଡିଆବରେଇ, ଗରଦପୁର, ଜଗନ୍ନାଥପୁର, ନୀଳକଣ୍ଠପୁର, ଚାଟରା ଶାସନ, ଗୋଲରହାଟ, ଡେରାବଶ, ସମୟ: ସନ୍ଧ୍ୟା ୬ଟା ।

## ଯାଜପୁର
- ମହାବିନାୟକ ମନ୍ଦିରରେ ଜାଗର ଯାତ୍ରା, ସ୍ଥାନ: ମହାବିନାୟକ ପୀଠ, ଚଣ୍ଡିଖୋଲ, ସମୟ: ସକାଳ ୬ଟା।
- ନାନପୁର ମହୋତ୍ସବ, ସ୍ଥାନ: ବଡଚଣା ବ୍ଲକ ଅନ୍ତର୍ଗତ ନାନପୁର ସ୍ଥିତ ବିରୂପା ନଦୀ ପଠା, ସମୟ: ପୂର୍ବାହ୍ନ ୧୦ଟା।
- ୨୭ତମ ଜାତୀୟ ସଂହତି ଉତ୍ସବର ୩ୟ ଦିନ କାର୍ଯ୍ୟକ୍ରମ, ସ୍ଥାନ: ବ୍ୟାସନଗର ଗୋଶାଳା ପଡିଆ, ସମୟ: ସନ୍ଧ୍ୟା ୬ଟା।
- ଏନ୍‌ସି ହାଇସ୍କୁଲ ପ୍ଲାଟିନମ ଜୁବୁଲି ଉତ୍ସବର ୨ୟ ଦିନ କାର୍ଯ୍ୟକ୍ରମ, ସ୍ଥାନ: ଏନସି ହାଇସ୍କୁଲ ପଡ଼ିଆ, ସମୟ: ସନ୍ଧ୍ୟା ୭ଟା।
- ଜାଗର ଯାତ୍ରା, ସ୍ଥାନ: କନ୍ହେଇପୁର ଚନ୍ଦ୍ରଶେଖର ମନ୍ଦିର, ଚାନ୍ଦମା ଚନ୍ଦନେଶ୍ୱର, ଧବଳେଶ୍ୱର ମନ୍ଦିର, ଦେବେଶ୍ୱର ମନ୍ଦିର, ବଗେଇ ବିଶେଶ୍ୱର ମନ୍ଦିର, ସ୍ୱପ୍ନେଶ୍ୱର, ଓଙ୍କାରେଶ୍ୱର, ନୀଳକଣ୍ଠେଶ୍ୱର ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ନୟାଗଡ଼
- ମହାଶିବରାତ୍ରୀ ଅବସରରେ ଜାଗରଯାତ୍ରାର ଶୁଭାରମ୍ଭ, ସ୍ଥାନ:ଶରଣକୁଳ ଲଡୁବାବାଙ୍କ ପୀଠ, ସମୟ: ପ୍ରାତଃ ୪ଟା(ସର୍ବ ସାଧାରଣ ଦର୍ଶନ, ରାତ୍ର ୧୧ଟା (ମହାଦୀପ ଉଠାଣ)।
- ଭୈମୀ ଏକାଦଶୀ ମେଳାର ଉଦ୍‌ଯାପନୀ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ପୀଠ, ସମୟ: ସକାଳ ୭ଟା ।
- ଜାମାଲାଗି ବେଶର ୨୪ ତମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ:ସକାଳ ୭ଟା ।
- ମହିଳା ଆତ୍ମରକ୍ଷା କୌଶଳ ଶିବିରର ୫ମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା ।
- ଜାଗର ଯାତ୍ରା, ସ୍ଥାନ: ରଣପୁର ସହରର ଶାମୁକାସାହିର ସ୍ୱପ୍ନେଶ୍ୱର, ଚଣ୍ଡେଶ୍ୱର ସାହିର ଚଣ୍ଡେଶ୍ୱର ଓ ପୁରୁଣାବସନ୍ତର ବାଲୁଙ୍କେଶ୍ୱର, ସମୟ: ଅପରାହ୍ନ ୫ଟା।
- ଜାଗର ଯାତ୍ରା ଆରମ୍ଭ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ଖଣ୍ଡପଡା ନୀଳକଣ୍ଠେଶ୍ୱର ମନ୍ଦିର, ଖଣ୍ଡପଡା ଜଗନ୍ନାଥପ୍ରସାଦ ଦରଦା ମହିଷାଷୁଣୀ ମନ୍ଦିର, ଖଣ୍ଡପଡା ଜଗନ୍ନାଥପ୍ରସାଦ ଦରଦା ମହିଷାଷୁଣୀ ମନ୍ଦିର, ସମୟ: ସନ୍ଧ୍ୟା ୭ଟା ।
- ଜାଗରଯାତ୍ରା ଅବସରରେ ମହାଦୀପ ଉଠାଣ, ସ୍ଥାନ:ଗୋଡିପଡା ଲଡୁକେଶ ମହେଶଙ୍କ ପୀଠ: ରାତ୍ର ୧୧ଟା ।

## ରାୟଗଡ଼ା
- ମହାଶିବରାତ୍ରୀ ଓ ଜାଗର, ସ୍ଥାନ: ବାଲୁଙ୍କେଶ୍ୱର ମନ୍ଦିର, ରାୟଗଡ଼ା, ସମୟ: ସକାଳ ୫ଟା।
- ପଣା ବଣ୍ଟନ, ସ୍ଥାନ: ମଙ୍ଗଳା ମନ୍ଦିର, ରାୟଗଡ଼ା, ସମୟ: ପୂର୍ବାହ୍ନ ୧୧ଟା।
- ଚତୁର୍ଥ ତ୍ରିବେଣୀ ମହୋତ୍ସବ ସହ ଜାଗର ଯାତ୍ରା, ସ୍ଥାନ: ମୀନାଝୋଲା, ସମୟ, ଅପରାହ୍ନ ୫ଟା।

## ନବରଙ୍ଗପୁର
- କେଳିଆ ଶୈବପୀଠରେ ମହାଦୀପ ଦର୍ଶନ, ସ୍ଥାନ: ଡାବୁଗାଁ, ସମୟ: ରାତି ୧୦ଟା।

## ସମ୍ବଲପୁର
- ସ୍ୱପ୍ନେଶ୍ୱର ବାବା ଶୈବପୀଠରେ ମହା ଶିବରାତ୍ରୀ ପୂଜାର୍ଚ୍ଚନା, ସ୍ଥାନ: ଗୋବିନ୍ଦତୋଲା, ସମୟ : ପ୍ରାତଃ ୫ଟା।
- ମହାଶିବ ରାତ୍ରୀ ପୂଜାର୍ଚ୍ଚନା ଓ ବିଭିନ୍ନ କାର୍ଯ୍ୟକ୍ରମ, ସ୍ଥାନ : ବୁଢ଼ାରଜା ପାହାଡ ସ୍ଥିତ ମହାଦେବ ମନ୍ଦିର, ସମୟ : ପ୍ରାତଃ ୫ଟାରୁ ଆରମ୍ଭ।
- ଜିଲାସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ, ସ୍ଥାନ: ଚନ୍ଦ୍ରଶେଖର ବେହେରା ଜିଲା ସ୍କୁଲ ପ୍ରେକ୍ଷାଳୟ, ସମୟ : ପୂର୍ବାହ୍ନ ୧୦ଟା।
- ଏମ୍‌ସିଏଲ ହୀରାକୁଦ ଆନ୍ତର୍ଜାତୀୟ ହାଫ ମାରାଥନ ଶୁଭାରମ୍ଭ, ସ୍ଥାନ : ଜମାଦାରପାଲି ନିକଟସ୍ଥ ସୋନୁ ଚିକିରା, ସମୟ : ସକାଳ ୫ଟା ୪୫।
- ସିଆଇଆଇ ଆୟୋଜିତ କର୍ମଶାଳା, ସ୍ଥାନ : ହୀରାକୁଦ ଇକୋ ରିଟ୍ରିଟ, ସମୟ : ପୂର୍ବାହ୍ନ ୧୦ଟା ୩୦।
- ସିଆଇଆଇ ମଡେଲ କ୍ୟାରିୟର ସେଣ୍ଟର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ : ଭୁତାପଡା, ସମୟ : ଅପରାହ୍ନ ୨ଟା ୩୦।
- ସମ୍ବଲପୁର ଜିଲା ବରିଷ୍ଠ କ୍ରୀଡା ସଂଘ ଆୟୋଜିତ ତୃତୀୟ ଆନ୍ତଃ ଜିଲା ଫୁଟବଲ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ, ସ୍ଥାନ : ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ଅପରାହ୍ନ ୩ଟା।
- ଜିଲା ପ୍ରଶାସନ ଆୟୋଜିତ ସୁଭଦ୍ରା ଶକ୍ତି ମେଳା, ସ୍ଥାନ : ପିଏଚ୍‌ଡି ପଡିଆ, ସମୟ : ସନ୍ଧ୍ୟା ୬ଟା।
- ଜାଗର ଓ ଭଜନ କାର୍ଯ୍ୟକ୍ରମ, ସ୍ଥାନ : ବାଳିବନ୍ଧ ସ୍ଥିତ ସୋମନାଥ ପୀଠ, ସମୟ : ସନ୍ଧ୍ୟା ୭ଟା।

## ବଲାଙ୍ଗୀର
- ମହାଶିବରାତ୍ରୀ ଉପଲକ୍ଷେ ପୂଜାର୍ଚ୍ଚନା, ସ୍ଥାନ: ଶ୍ରୀ ଧବଳେଶ୍ୱର ବାବା ମନ୍ଦିର, ଖୁଜେନପାଲି, ବଲାଙ୍ଗୀର, ସମୟ: ଭୋର ୪ଟାରୁ ।
- ମହାଶିବରାତ୍ରୀ ଉପଲକ୍ଷେ ମହାଦୀପ, ସ୍ଥାନ: ଶ୍ରୀ ଧବଳେଶ୍ୱର ବାବା ମନ୍ଦିର, ଖୁଜେନପାଲି, ବଲାଙ୍ଗୀର, ସମୟ: ରାତି ୯ଟା ୧୫।
- ମହା ଶିବରାତ୍ରୀ ମେଳା ଉପଲକ୍ଷେ କଳସ ଯାତ୍ରା, ସ୍ଥାନ: ଶ୍ରୀ ଶଙ୍କର ମନ୍ଦିର, ଖୁଟୁଲୁମୁଣ୍ଡା, ତୁରେଇକେଲା ବ୍ଲକ, ସମୟ : ଅପରାହ୍ନ ୫ ଟା ୩୦ ମିନିଟ।
- ଧବଳେଶ୍ୱର ବାବାଙ୍କ ଜାଗର ଯାତ୍ରା ଉପଲକ୍ଷେ ମହାଦୀପ ପ୍ରଜ୍ୱଳନ କାର୍ଯ୍ୟକ୍ରମ, ସ୍ଥାନ: କୁମୁଡା ପାହାଡ , ଟିଟିଲାଗଡ ସହର, ସମୟ: ରାତ୍ରି ୧୨ଟା।

## କଳାହାଣ୍ଡି
- ବାଲୁଙ୍କେଶ୍ୱର ମନ୍ଦିରରେ ହରିହର ଭେଟ, ସ୍ଥାନ: ଭବାନୀପାଟଣା ପୁରୁଣାପଡ଼ା, ସମୟ: ପୂର୍ବାହ୍ନ ୧୧ଟା।
- ଜାଗର ମହୋତ୍ସବ ପାଇଁ ନାମଯଜ୍ଞ, ସ୍ଥାନ: ଜୁନାଗଡ଼ ବ୍ଲକ ଚିଚୈଗୁଡା ନୀଳକଣ୍ଠେଶ୍ୱର ମନ୍ଦିର, ସମୟ: ସକାଳ ୬ଟା।
- ମା' ଯୋଗମାୟା ଶକ୍ତିପୀଠରେ ମହାଶିବରାତ୍ରି ଉପଲକ୍ଷେ ସୂର୍ଯ୍ୟପୂଜା, ଗୋପୂଜା, ରୁଦ୍ରାଭିଷେକ, ମହାଦୀପ ପ୍ରଜ୍ୱଳନ, ସ୍ଥାନ: କେସିଙ୍ଗା ବ୍ଲକ ଗୁର୍ଜିମୁଣ୍ଡା ଶ୍ରୀ ପାତାଳେଶ୍ୱର ମହାଦେବ ମନ୍ଦିର, ସମୟ: ସକାଳ ୮ଟା।

## ଦେବଗଡ଼
- ବିଧାୟକଙ୍କ ଅଭିଯୋଗ ଶୁଣାଣି, ସ୍ଥାନ: ରିଆମାଳ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ମା' କନକଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ଼, ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦।
- ମହାଶିବରାତ୍ରି ଅବସରରେ ଭଜନ, ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ତିଲେଇବଣି ବ୍ଲକ ନିକିତିମାଲ ଗ୍ରାମର ସିଦ୍ଧେଶ୍ୱର ଶିବ ମନ୍ଦିର ନିକଟ, ସମୟ: ସନ୍ଧ୍ୟା ୭ଟା।
- ଝାଡ଼େଶ୍ୱର ଶିବ ମନ୍ଦିରରେ ଅନ୍ନପ୍ରସାଦ ବଣ୍ଟନ, ସ୍ଥାନ: ପୁରୁଣାଗଡ଼, ଦେବଗଡ଼, ସମୟ: ସନ୍ଧ୍ୟା ୭ଟ।

## ସୁବର୍ଣ୍ଣପୁର
- ବ୍ରାହ୍ମଣ ବାଳକଙ୍କ ସାମୂହିକ ବ୍ରତୋପନୟନ କାର୍ଯ୍ୟକ୍ରମ, ସ୍ଥାନ: ସୁବର୍ଣ୍ଣପୁର ସହର ସ୍ଥିତ ରାମେଶ୍ୱର ଶୈବ ପୀଠ ପ୍ରାଙ୍ଗଣ, ସମୟ: ସକାଳ ୭ଟା।
- ଶିବରାତ୍ରି ଅବସରରେ ଅଷ୍ଟପ୍ରହର ନାମଯଜ୍ଞ, ସ୍ଥାନ: ଗୌଡ଼ଗାଡ,ବୀରମହାରାଜପୁର ବ୍ଲକ, ସମୟ: ସକାଳ ୮ ଟା।
- ମା'ପଞ୍ଚେଶ୍ୱରୀ ମନ୍ଦିର ପ୍ରତିଷ୍ଠା ମହୋତ୍ସବ ଉପଲକ୍ଷେ ଚଣ୍ଡିପୂଜା ଓ ହୋମ ଯଜ୍ଞ, ସ୍ଥାନ: ବୀରମହାରାଜପୁର, ଭୁଦୋବର ଗ୍ରାମ, ସମୟ: ସକାଳ ୮ଟା ୩୦।
- ମା' ମଙ୍ଗଳା ମଉଲି କ୍ରିକେଟ କପର ତୃତୀୟ ଦିବସ, ସ୍ଥାନ: କଦଳୀପାଲି, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।
- ୧୩ ତମ ମା' ମାହେଶ୍ୱରୀ କ୍ରିକେଟ କପ୍‌ର ଫାଇନାଲ, ସ୍ଥାନ: ବଡବର୍ଡାକଟା ,ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।
- ପୁସ୍ତକ ମେଳା ଇଙ୍କ୍‌ଫେଷ୍ଟର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ:ସୁବର୍ଣ୍ଣପୁର ରୟାଲ ପଡିଆ, ସମୟ: ଅପରାହ୍ନ ୫ଟା।
- ଶିବରାତ୍ରୀ ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: କେଶଲଗା ଶିବ ମନ୍ଦିର, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।

## ନୂଆପଡ଼ା
- ମହାଶିବରାତ୍ରି ପାଳନ, ସ୍ଥାନ: ପଟୋରା ଯୋଗେଶ୍ୱର ମନ୍ଦିର, ଶୁକ୍ଲିମୁଣ୍ଡି ସିଦ୍ଧେଶ୍ୱର ବାବା, ବୃଦ୍ଧିକୋମନା ପାତାଳେଶ୍ୱର ମନ୍ଦିର, ଧରମପୁର ଶିବ ମନ୍ଦିର, ଧରମସାଗର ଧବଳେଶ୍ୱର ମନ୍ଦିର, ଦିଆମୁଣ୍ଡା ଶିବ ମନ୍ଦିର, ତରବୋଡ ଶିବ ମନ୍ଦିର, ସମୟ: ପ୍ରାତଃ ୪ଟା ୩୦ରୁ ରାତି ୧୨ଟା।
- ଶ୍ରୀମଦ୍ ଭାଗବତ ସପ୍ତାହ ପାରାୟଣ ଷଷ୍ଠ ଦିବସ, ସ୍ଥାନ: କୋମନା ବ୍ଲକ ବୃଦ୍ଧିକୋମନା ପଞ୍ଚାୟତ ଡୋଙ୍ଗରିପାଲି ଗାଁ, ସମୟ: ସକାଳ ୮ଟା ୩୦ରୁ ଅପରାହ୍ନ ୪ଟା।
- ତୃତୀୟବର୍ଷ ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ନାମଧାରଣ, ସ୍ଥାନ: କୋମନା ବ୍ଲକ ତରବୋଡ ଥାନାପଡ଼ା, ସମୟ: ସକାଳ ୮ଟା ୪୫।
- ମହାଶିବରାତ୍ରି ଉପଲକ୍ଷେ ଭାଗବତ ଓ ରାମାୟଣ କଥା, ସ୍ଥାନ: କୋମନା ବ୍ଲକ ଦର୍ଲିପଡା ପଞ୍ଚାୟତ ରେଙ୍ଗାବାହାଲ ଗାଁ, ସମୟ: ସନ୍ଧ୍ୟା ୭ଟା।

## ଝାରସୁଗୁଡ଼ା
- ଝାଡ଼େଶ୍ୱର ବାବାଙ୍କ ଅଭିଷେକ ଓ ପୂଜା କାର୍ଯ୍ୟକ୍ରମ, ସ୍ଥାନ: ଝାଡ଼େଶ୍ୱର ମନ୍ଦିର, ସମୟ, ପ୍ରାତଃ ୫ଟା।
- ନକ୍‌ଆଉଟ କ୍ରିକେଟ ପ୍ରତିଯୋଗିତା, ସ୍ଥାନ: ମଣ୍ଡଳିଆ କ୍ରିକେଟ ପଡ଼ିଆ, ବ୍ରଜରାଜନଗର, ସମୟ, ପୂର୍ବାହ୍ନ ୧୧ଟା।
- ମହାଶିବରାତ୍ରି ଅବସରରେ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ସଦର ବ୍ଲକ ମରାକୁଟା ଶିବ ମନ୍ଦିର ପରିସର, ସମୟ: ରାତି ୮ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର କର୍ମଭାବସ୍ଥ ଚନ୍ଦ୍ରମଙ୍ଗଳଯୋଗ ଆପଣଙ୍କୁ ଧୈର୍ଯ୍ୟର ସହ କାମ ହାସଲ ଦିଗରେ ସାହାଯ୍ୟ କରିବ। ସାଧାରଣ ବ୍ୟତିକ୍ରମ ରହିଲେ ମଧ୍ୟ ପାରିବାରିକ ଜୀବନରେ ଶାନ୍ତି ଅବ୍ୟାହତ ରହିବ। ଅଶ୍ୱିନୀ ନକ୍ଷତ୍ରର ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ର କରି ଝଗଡ଼ା ଲାଗିପାରେ। ସଞ୍ଚିତ ଅର୍ଥ ଭିନ୍ନ ବାଟରେ ଖର୍ଚ୍ଚ ହୋଇ ଯାଇପାରେ।

**ବୃଷ** ବିଭିନ୍ନ ସମସ୍ୟା ରହିଥିଲେ ମଧ୍ୟ ଚନ୍ଦ୍ରବଳ ପ୍ରଭାବରୁ କୌଣସି କାମରେ ପଛକୁ ଫେରିବେ ନାହିଁ। ରୋହିଣୀ ନକ୍ଷତ୍ରର ଶିଳ୍ପ, ବାଣିଜ୍ୟ ଭଲରେ ଚାଲିବ ଏବଂ ଲାଭବାନ୍ ହେବେ। ବନ୍ଧୁମିଳନ ସାଙ୍ଗକୁ ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇପାରନ୍ତି। ପରିବହନରେ ସାଧାରଣ କଥାରେ ଝଗଡ଼ା କିମ୍ବା ତଜ୍ଜନିତ ସମସ୍ୟାର ଆଶଙ୍କା ରହିଛି।

**ମିଥୁନ** ସମ୍ପର୍କୀୟଙ୍କ ବିରୋଧ ମଧ୍ୟରେ ମୃଗଶିରା ନକ୍ଷତ୍ର ସକାଶେ ଆଶା ଓ ଅଭିଳାଷ ପୂରଣ ହେବ। ଅର୍ଥନୈତିକ ଅଭିବୃଦ୍ଧି ସାଙ୍ଗକୁ ବିଭିନ୍ନ ଯୋଜନା କ୍ଷେତ୍ରରେ ଅନୁକୂଳ ବାତାବରଣ ସୃଷ୍ଟି ହେବ। ଛୋଟ କଥାକୁ କେନ୍ଦ୍ର କରି ସମ୍ପର୍କହାନି ଘଟିପାରେ। ରାଜନୀତି କ୍ଷେତ୍ରରେ ନେତୃତ୍ୱ ନେଇ କିମ୍ବା ସମର୍ଥକମାନଙ୍କ ଶୁଭକାମନାରୁ ଲକ୍ଷ୍ୟ ପୂରଣ ହୋଇପାରିବ।

**କର୍କଟ** କର୍ମକ୍ଷେତ୍ରରେ ଆଦେଶପ୍ରାପ୍ତ ହୋଇ ଆକସ୍ମିକ ଯାତ୍ରା ସାଙ୍ଗକୁ ବନ୍ଧୁମିଳନରୁ ଖୁସି ରହିବେ। ହାତକୁ ନେଇଥିବା କାମଟିକୁ ସୁରୁଖୁରୁରେ କରିପାରିବାରୁ ଟେନସନ୍ କମିଯିବ। ପାରିବାରିକ ସମସ୍ୟା ସମାଧାନରେ ନୀଚ ଜାତିର ବ୍ୟକ୍ତି ମୁଖ୍ୟ ଭୂମିକା ଗ୍ରହଣ କରିବେ। ଅଶ୍ଳେଷାର ସଭାସମିତିରେ ତର୍କ ବୃଦ୍ଧି ପାଇବାରୁ ଆଲୋଚନା ଅମୀମାଂସିତ ରହିପାରେ।

**ସିଂହ** ମଘା ନକ୍ଷତ୍ର ନିକଟସ୍ଥ ବ୍ୟକ୍ତିଙ୍କ ସହଯୋଗରୁ ସମସ୍ୟା ସମାଧାନ କରିବେ। ଆର୍ଥିକ ଦିଗରୁ ଉପକୃତ ହେବେ ଓ ସ୍ଥଗିତ କାମ ତ୍ୱରାନ୍ୱିତ କରିବାରେ ସଫଳ ହେବେ। ପରିବାରରେ ପାରସ୍ପରିକ ସହଯୋଗ ପରିବେଶକୁ ସରସ, ସୁନ୍ଦର କରିବ। ସାହିତ୍ୟ, ସାମ୍ବାଦିକତା, କ୍ରୀଡ଼ା, ଚଳଚ୍ଚିତ୍ର ଏବଂ ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ।

**କନ୍ୟା** ଉତ୍ତରା ଫାଲ୍‌ଗୁନୀ ନକ୍ଷତ୍ର ସକାଶେ ଆଜିର ଯାତ୍ରା, କର୍ମାରମ୍ଭ, ବ୍ୟବସାୟିକ ସ୍ଥିତି ଭଲ ରହିବ। ଭୁଲ୍ ବୁଝାମଣା ହେତୁ ଆତ୍ମୀୟଙ୍କ ଅସହଯୋଗ ଯୋଗୁ ଦୁଃଖ ଅନୁଭବ କରିପାରନ୍ତି। ରପ୍ତାନି ବାଣିଜ୍ୟ, ଯାନ୍ତ୍ରିକ ଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶାନୁରୂପ ଫଳ ପାଇବେ। ପରିବାରର ଖର୍ଚ୍ଚ ବୃଦ୍ଧି ପାଇବା କାରଣରୁ ସାମୟିକ ଚିନ୍ତା କରିପାରନ୍ତି ।

**ତୁଳା** କାର୍ଯ୍ୟହାନି କାରଣରୁ ସ୍ୱାତୀ ନକ୍ଷତ୍ରର ପାରିବାରିକ କ୍ଷେତ୍ରରେ ଟେନ୍‌ସନ ଲାଗିରହିବ। ଆକସ୍ମିକ ଭାବରେ ରାସ୍ତାରେ ଯିବା ସମୟରେ ବନ୍ଧୁ ସମ୍ପର୍କ ସ୍ଥାପନ ହେବ। ଜଣେ ପଡ଼ୋଶୀ କିମ୍ବା ବନ୍ଧୁଙ୍କ ଜରିଆରେ ଦୀର୍ଘଦିନର ଆଶା ଫଳବତୀ ହେବ। ଧର୍ମକାର୍ଯ୍ୟ କିମ୍ବା ସାଂସ୍କୃତିକ କାର୍ଯ୍ୟ ସକାଶେ ସତ୍ ସଙ୍ଗୀଙ୍କ ପ୍ରେରଣା ମିଳିପାରେ।

**ବିଛା** ଆଜି ଅନୁରାଧା ନକ୍ଷତ୍ର କେତେକ ନୂତନ ଯୋଜନା ପ୍ରସ୍ତୁତ ସଫଳ ହେବେ। ଜମିଜମା, ଗୃହସୀମା, ଧାରକରଜ ତଥା ବିବାଦୀୟ ଘଟଣା କ୍ଷେତ୍ରରେ ସମାଧାନ ଯୋଗୁ ଖୁସି ହେବେ। ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣେଇ ନେବା ସକାଶେ ଦିନଟି ବହୁତ ଭଲ। କଳା, ସାହିତ୍ୟ, ସଭା ସମିତି ଓ ମନୋରଞ୍ଜନରେ ଆଗ୍ରହୀ ହେବେ।

**ଧନୁ** ବାରମ୍ବାର ପ୍ରତିବନ୍ଧକ ସୃଷ୍ଟି ହେଉଥିବା ଯୋଗୁ ମନ ଚାହୁଁଥିବା ପ୍ରକାରେ କେତେକ କାର୍ଯ୍ୟ ସମ୍ପନ୍ନ କରିପାରିବେ ନାହିଁ। ନିର୍ଦ୍ଦିଷ୍ଟ ସମୟରେ ଆଶା କରୁଥିବା ବନ୍ଧୁଙ୍କ ନିକଟରୁ ଅର୍ଥଲାଭ ଘଟିବ। ଉତ୍ତରାଷାଢ଼ା ନକ୍ଷତ୍ର ବିବାଦୀୟ ଘଟଣାରେ ଦୁଃସାହସିକ ପଦକ୍ଷେପ ନେବା ଠିକ୍ ହେବନି। ବନ୍ଧୁଙ୍କ ସହ ନୂତନ ସ୍ଥାନ ପରିଭ୍ରମଣ ସୁଯୋଗ ଜୁଟିବ।

**ମକର** ମାନସିକ ଅସ୍ଥିରତା ଲାଗି ରହୁଥିବାରୁ କାମରେ ମନ ଲାଗିବ ନାହିଁ। କୌଣସି ଜିନିଷ ପାଇବାକୁ କେନ୍ଦ୍ର କରି ସମସ୍ୟା ଭିତରକୁ ଟାଣି ହୋଇ ପାରନ୍ତି। ଆକସ୍ମିକ ଆବଶ୍ୟକତା ପୂରଣ କରିବା ସକାଶେ ଧାର କରଜ କରି କାମ ତୁଲାଇ ନେବାକୁ ବାଧ ହେବେ। ଶ୍ରବଣା ନକ୍ଷତ୍ରର ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିବା କାରଣରୁ ସାମୟିକ ଆଶ୍ୱସ୍ତି ଲାଭ କରିବେ।

**କୁମ୍ଭ** ଆଜି ଆଶା କରୁଥିବା ବନ୍ଧୁଙ୍କ ନିକଟରୁ ଅର୍ଥ ପାଇ ସ୍ଥଗିତ କାର୍ଯ୍ୟକୁ ପୂର୍ଣ୍ଣାଙ୍ଗ କରିବେ। ଶତଭିଷା ନକ୍ଷତ୍ର ନୂତନ ଜିନିଷ କ୍ରୟ ସକାଶେ ମନ ବଳାଇପାରନ୍ତି। କର୍ମକ୍ଷେତ୍ରରେ ତରବରିଆ ପଦକ୍ଷେପ ନିଅନ୍ତୁ ନାହିଁ, ଯାହାକି ପରିସ୍ଥିତିକୁ ବଦଳାଇ ଦେଇପାରେ। ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ନ ରହିଲେ ମନସ୍ତାପ କରିବାକୁ ପଡ଼ିପାରେ।

**ମୀନ** ଆଜି ପୂର୍ବଭାଦ୍ର ନକ୍ଷତ୍ରର ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହେବ। ବିବାଦୀୟ ଘଟଣା ଜଟିଳ ଆଡ଼କୁ ଗତି କରିବ ଏବଂ ସହଯୋଗ ନିରର୍ଥକ ମନେହେବ। ବ୍ୟବସାୟରେ ଲାଭ ମିଳିବ ଏବଂ ଅନ୍ୟ ଏକ ଉଦ୍ଦେଶ୍ୟରେ ତାହାକୁ ବିନିଯୋଗ କରିବେ। ପରିବାର ଭିତରେ ବୁଝାମଣା ସମ୍ପର୍କରେ ଉନ୍ନତି ଘଟିବାର ଆଶା ରହିଛି।

ଆଜି ସ୍ମାର୍ତସମ୍ମତ ମହାଶିବରାତ୍ରି, ଶ୍ରୀଲୋକନାଥ ମନ୍ଦିରରେ ହରିହର ଭେଟ, ଅପରାହ୍ନ ଘ.୦୫।୦୫ମି. ପର୍ଯ୍ୟନ୍ତ ତ୍ରୟୋଦଶୀ ତିଥି, ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା ପରିକ୍ରମା, ଫେବୃଆରୀ ୧୫ ତାରିଖ ରବିବାର। ରାଶିନକ୍ଷତ୍ର-ଉତ୍ତରାଷାଢ଼ା/ମକର, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬।୧୯ ଗତେ ଘ.୧୦।୦୭ ମଧ୍ୟେ, ଘ.୦୧।୨୬ ଗତେ ଘ.୦୧।୫୪ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୪।୧୬ମି. ଗତେ, ଘ.୦୫।୪୨ ମଧ୍ୟେ ରାହୁକାଳ।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଇଲିଶି ମାଛର କଣ୍ଟା ସାର।**

ସାଧାରଣତଃ ଇଲିଶି ମାଛ ଖାଇବାକୁ ବେଶ୍ ରୁଚିକର ଲାଗିଥାଏ। ତେବେ ଏହି ମାଛରେ ଅତ୍ୟଧିକ କଣ୍ଟା ରହୁଥିବାରୁ ଏହାକୁ ଲକ୍ଷ୍ୟରେ ରଖି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଇକାନୁ ସେ କାନ ନଇ ହେବା।**

କୌଣସି ଗୋପନୀୟ କଥାକୁ ଅନ୍ୟ ଆଗରେ ପ୍ରକାଶ କରିବା ଉଚିତ୍ ହୋଇ ନ ଥାଏ। କାରଣ ଅନ୍ୟ ଆଗରେ ପ୍ରକାଶ କରିଦେଲେ ତାହା ସମୟକ୍ରମେ ଏ କାନରୁ ସେ କାନ ହୋଇ ଚାରିଆଡ଼େ ପ୍ରଘଟ ହୋଇଯାଇଥାଏ। ସେହି ଦୃଷ୍ଟିରୁ ଗୁପ୍ତ କଥାକୁ ଅନ୍ୟ ଆଗରେ କେବେ ପ୍ରକାଶ ନ କରିବା ନେଇ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ବିବାହ କଥା କେବଳ ଗୁଜବ : ମୃଣାଳ



ମୃଣାଳ ଠାକୁର

ବଲିଉଡ୍‌ରୁ ଆରମ୍ଭକରି ଦକ୍ଷିଣ ଭାରତୀୟ ସିନେମାରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି ଅଭିନେତ୍ରୀ ମୃଣାଳ ଠାକୁର। ଏବେ କିନ୍ତୁ ସେ ସିନେମା କମ୍, ନିଜର ବ୍ୟକ୍ତିଗତ ଜୀବନକୁ ନେଇ ଅଧିକ ଚର୍ଚ୍ଚାରେ ଅଛନ୍ତି। ବିଶେଷ କରି ସାଉଥ୍ ସୁପରଷ୍ଟାର ଧନୁଷ୍‌ଙ୍କ ସହ ତାଙ୍କ ପ୍ରେମ ସମ୍ପର୍କ ଏବଂ ବିବାହକୁ ନେଇ ସୋସିଆଲ ମିଡିଆରେ କିଛିଦିନ ଚର୍ଚ୍ଚା ଚାଲିଛି। ମାତ୍ର ଏ ପ୍ରସଙ୍ଗରେ ନୀରବତା ଭାଙ୍ଗିଛନ୍ତି ମୃଣାଳ। ମୋ ବିବାହ ଚର୍ଚ୍ଚା କେବଳ ଗୁଜବ ବୋଲି ସେ କହିଛନ୍ତି। ଏକ ନ୍ୟୁଜ୍ ଏଜେନ୍ସିକୁ ଦେଇଥିବା ସାକ୍ଷାତ୍‌କାରରେ ମୃଣାଳ ସ୍ପଷ୍ଟ କରିଛନ୍ତି, ବିବାହ ପାଇଁ ସେ ତରବର ହେଉନାହାନ୍ତି। ଯେତେବେଳେ ଠିକ୍ ସମୟ ଆସିବ ଆଉ ଉପଯୁକ୍ତ ବ୍ୟକ୍ତି ମିଳିବେ, ସେତେବେଳେ ସେ ନିଶ୍ଚୟ ବିବାହ କରିବେ। ଯେଉଁଦିନ ତାଙ୍କର ବିବାହ ଠିକ୍ ହେବ, ସେ ନିଜେ ସୋସିଆଲ ମିଡିଆ ମାଧ୍ୟମରେ ସମସ୍ତଙ୍କୁ ଜଣାଇବେ। ତେବେ ଧନୁଷଙ୍କୁ ସେ ସବୁବେଳେ ନିଜର ଜଣେ ଭଲ ବନ୍ଧୁ ବୋଲି କହି ଆସିଛନ୍ତି। ମୃଣାଳ 'ଦୋ ଦିୱାନେ ସେହେର ମେ'ରେ ଅଭିନେତା ସିଦ୍ଧାନ୍ତ ଚତୁର୍ବେଦୀଙ୍କ ବିପକ୍ଷରେ ନାୟିକା ସାଜିଛନ୍ତି। ସଞ୍ଜୟ ଲୀଳା ଭଂଶାଲୀଙ୍କ ପ୍ରଯୋଜିତ ଏହି ଚଳଚ୍ଚିତ୍ରକୁ ରବି ଉଦୟଭର ନିର୍ଦ୍ଦେଶନା ଦେଇଛନ୍ତି। ପ୍ରଶଂସକମାନେ ପ୍ରଥମ ଥର ପାଇଁ ସିଦ୍ଧାନ୍ତ ଏବଂ ମୃଣାଳଙ୍କ ଯୋଡ଼ିକୁ ଦେଖିବା ପାଇଁ ଢେର ଉତ୍ସାହିତ ଅଛନ୍ତି। ଫେବୃଆରୀ ୨୦ରେ ଏହାର ରିଲିଜ ହେବ ବୋଲି ପୂର୍ବରୁ ଘୋଷଣା ହୋଇଛି। ତେବେ ବର୍ତ୍ତମାନ କ୍ୟାରିୟର ଉପରେ ଧ୍ୟାନ ଦେଉଛି, ବିବାହ କଥା ସମ୍ପୂର୍ଣ୍ଣ ଗୁଜବ ବୋଲି ମୃଣାଳ କହିଛନ୍ତି।

# ପ୍ରଥମ ପୃଷ୍ଠାରୁ...

## ଭାରତ-ପାକିସ୍ତାନ ...

ଏଥିରେ ସୁନ୍ଦର ଉପଯୋଗୀ ସାବ୍ୟସ୍ତ ହୋଇପାରନ୍ତି। ବାମହାତୀ ରିଷ୍ଟ ସ୍ପିନର କୁଲଦୀପ ଯାଦବଙ୍କୁ ଖେଳାଇବାକୁ ମଧ୍ୟ ଟିମ୍ ମ୍ୟାନେଜମେଣ୍ଟ ଚିନ୍ତା କରିପାରେ। ଯଦି କୁଲଦୀପଙ୍କୁ ସୁଯୋଗ ମିଳେ ତେବେ ଜଣେ ବ୍ୟାଟର ବାହାରେ ବସିପାରନ୍ତି। ରିଙ୍କୁ ସିଂ ଏହାର ଶିକାର ହୋଇପାରନ୍ତି। ଏବେ ଭାରତକୁ କେବଳ ମିଡିଲ ଅର୍ଡରରେ ସ୍ଥିର ପ୍ରଦର୍ଶନ ଦେବାକୁ ହେବ। ଆମେରିକାର ବିପକ୍ଷ ମ୍ୟାଚରେ ଭାରତ ଏକଦା ୭୭ ରନ ମଧ୍ୟରେ ୬ ଉଇକେଟ ହରାଇଥିଲା। ସେହିପରି ନାମ୍ବିଆ ବିପକ୍ଷ ଡେଥ୍ ଓଭରରେ ଦଳ ଶୀଘ୍ର ୫ ଉଇକେଟ ହରାଇଥିଲା। ପ୍ରଥମ ୨ଟି ମ୍ୟାଚରେ ଅଧିନାୟକ ସୂର୍ଯ୍ୟକୁମାର ଯାଦବ, ଇଶାନ କିଶନ ଓ ହାର୍ଦ୍ଦିକ ପାଣ୍ଡ୍ୟା ଭାରତକୁ ସଙ୍କଟଜନକ ପରିସ୍ଥିତିରୁ ଉଦ୍ଧାର କରିଛନ୍ତି। ମାତ୍ର ପାକିସ୍ତାନ ବିପକ୍ଷ ମ୍ୟାଚରେ ଭାରତକୁ ଦଳଗତ ପ୍ରଦର୍ଶନ ଦେବାକୁ ହେବ। ପାକିସ୍ତାନ ଟୁର୍ନାମେଣ୍ଟ ଆରମ୍ଭରୁ କଲମ୍ବୋରେ ଖେଳି ଆସୁଛି। ତେଣୁ ଏଠାକାର ପିଚ୍ ଓ ପରିବେଶ ସହିତ ଏହି ଦଳ ଅଧିକ ଅଭ୍ୟସ୍ତ ହୋଇଛି। ପାକିସ୍ତାନ ଦଳରେ ଉସମାନ ତାରିକ, ସଇମ ଆୟୁବ, ଆବ୍ରାର ଅହମଦ, ଶାଦବ ଖାଁ ଓ ମହମ୍ମଦ ନୱାଜଙ୍କ ରୂପରେ ୫ ଜଣ ଦକ୍ଷ ସ୍ପିନର ଅଛନ୍ତି। ସେହିପରି ବ୍ୟାଟିଂ ବିଭାଗରେ ଶାହିବଜାଦା ଫରହାନ, ଆୟୁବ ଓ ଅଲ୍‌ରାଉଣ୍ଡର ଫହିମ ଅଶ୍ରଫ ଭଲ ଫର୍ମରେ ଅଛନ୍ତି। ନେଦରଲାଣ୍ଡ ଓ ଆମେରିକା ବିପକ୍ଷରେ ବିଜୟୀ ହୋଇଥିବା ପାକିସ୍ତାନ କିନ୍ତୁ ଭାରତ ବିପକ୍ଷରେ କ୍ୱାଲିଟି ବୋଲିଂର ସମ୍ମୁଖୀନ ହେବ। ଯଶପ୍ରୀତ୍ ବୁମ୍‌ରାଙ୍କଠାରୁ ଆରମ୍ଭ କରି ବରୁଣ ଚକ୍ରବର୍ତ୍ତୀଙ୍କ ପର୍ଯ୍ୟନ୍ତ ଟିମ୍ ଇଣ୍ଡିଆରେ ଅନେକ ମ୍ୟାଚ ବିଜୟୀ ବୋଲର ଅଛନ୍ତି। ଏପରି କି ଶିବମ ଦୁବେଙ୍କ ବୋଲିଂରେ ମଧ୍ୟ ଅନେକ ଉନ୍ନତି ଘଟିଛି। ଏହା ଦଳରେ ସନ୍ତୁଳନ ଆଣିବ।

## ବର୍ଷା ଆଶଙ୍କା

ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ କ୍ଷେତ୍ର ଘନୀଭୂତ ହୋଇଥିବାନେଇ ଶ୍ରୀଲଙ୍କା ପାଣିପାଗ ବିଭାଗ ପକ୍ଷରୁ ସତର୍କ କରାଇ ଦିଆଯାଇଛି। ଫଳରେ ଖେତରାମା ଅଞ୍ଚଳରେ ବର୍ଷା ହେବାର ୭୦ ପ୍ରତିଶତ ସମ୍ଭାବନା ଥିବା ପୂର୍ବାନୁମାନ କରାଯାଇଛି।

## ପ୍ରେମିକାଙ୍କ ସ୍ୱାମୀଙ୍କୁ ...

ରିଜ୍‌ୱାନଙ୍କୁ ଥାନାକୁ ଆଣି ପଚରାଉଚରା କରିଥିଲା। ତାଙ୍କ ସହଯୋଗୀ ସାଗର ଗିନେଙ୍କୁ ମଧ୍ୟ ଜେରା କରାଯାଇଥିଲା। ଜେରାବେଳେ ସାଗର ସବୁ କଥା ପୋଲିସ ଆଗରେ ମାନିଯାଇଥିଲେ। ସେ କହିଥିଲେ, ରିଜ୍‌ୱାନ ନାସିରଙ୍କ ସ୍ତ୍ରୀଙ୍କୁ ଭଲ ପାଉଥିଲେ। ରିଜ୍‌ୱାନ ଏସ୍‌ଆଇଆର୍ କାର୍ଯ୍ୟରେ ନିୟୋଜିତ ଥିବାରୁ ନାସିରଙ୍କୁ ଏହା ଉପରେ ଆଲୋଚନା ପାଇଁ ଏକ ନିଛାଟିଆ ସ୍ଥାନକୁ ଡାକିଥିଲେ। ସେଠାରେ ଦୁହେଁ ନାସିରଙ୍କୁ ହତ୍ୟା କରିବା ପରେ ତାଙ୍କ ମୃତଦେହକୁ ୩ ଖଣ୍ଡ କରି କେନାଲରେ ଫିଙ୍ଗିଦେଇଥିବା ସେ କହିଥିଲେ। ଇତିମଧ୍ୟରେ ସ୍ଥାନୀୟ ଲୋକେ ଦେଢ଼ଘଣ୍ଟା ଧରି ରାସ୍ତା ଅବରୋଧ କରିବା ସହ ପୋଲିସ ବିରୋଧରେ ବିକ୍ଷୋଭ କରିଥିଲେ। ଜନାକ୍ରୋଶ ବଢୁଥିବା ଦେଖି ପୋଲିସ ଅଭିଯୁକ୍ତ ବିଏଲ୍‌ଓ ରିଜ୍‌ୱାନ ଓ ତାଙ୍କ ସହଯୋଗୀ ସାଗରଙ୍କୁ ଗିରଫ କରିଛି।




# ଅଙ୍କରେ ସାରିଦେଲେ

ଭୁବନେଶ୍ୱର,୧୪।୨(ସୁନିତ୍ ମିଶ୍ର)


ଆଶିଷ ସିଂ


ଡି.ଏସ୍. କୁଟ୍ଟେ

**ଆଶିଷ ସିଂ କେନ୍ଦ୍ର ସରକାରଙ୍କ ଇଣ୍ଡୋ-ଟିବେଟାନ୍ ବର୍ଡର ପୋଲିସ (ଆଇଟିବିପି) ଆଇଜି ଭାବେ ନିଯୁକ୍ତି ପାଇଥିବାବେଳେ ଡି.ଏସ୍. କୁଟ୍ଟେ ପୁରସ୍କାର ସ୍ୱରୂପ ବର୍ଡର ସିକ୍ୟୁରିଟି ଫୋର୍ସ ଆଇଜି ରୂପେ କାର୍ଯ୍ୟରତ। ଏବେ ସେମାନଙ୍କ ବିଷୟରେ ଆଉ କେହି କିଛି ଅଭିଯୋଗ କରୁ ନ ଥିବାରୁ ଶେଷରେ କେନ୍ଦ୍ର ଗୋଟିଚାଳନା ରାଜ୍ୟ ନେତୃତ୍ୱଙ୍କୁ ଖୁସି ଦେଲା ବୋଲି କହିହେବ।**

୨୦୨୪ ନିର୍ବାଚନ ପରଠାରୁ ଅନେକ ବିଷୟକୁ ନେଇ ନାନା ରାଜନୈତିକ ଚର୍ଚ୍ଚା ଜାରି ରହିଛି। ବିଜେଡିର ଭବିଷ୍ୟତ କ'ଣ ହେବ, ବିରୋଧୀ ଦଳ ଭୂମିକା ଠିକ୍ ଭାବେ ତୁଲାଉଛି ନା ନାହିଁ ସେଭଳି ଅନେକ ପ୍ରସଙ୍ଗରେ ସବୁବେଳେ ଆଲୋଚନା ହେଇଆସୁଛି। ବିଜେଡି ଉପରେ ଭରସା ରଖୁଥିବା ଏବଂ ଆଞ୍ଚଳିକ ଦଳର ଆଧିପତ୍ୟ ବଢ଼ିବା ଦିଗରେ ଅପେକ୍ଷାକରି ରହିଥିବା ରାଜ୍ୟର ବହୁ ନେତା, କର୍ମୀ ଏବଂ ସାଧାରଣ ଲୋକ ବହୁ କିଛି ଜାଣିବାର ଆବଶ୍ୟକତା ରହିଛି। ସେଦିଗରେ 'ଧରିତ୍ରୀ' ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ତର୍ଜମା କରାଯାଇଛି। ଯାହା ତର୍ଜମା ହୋଇଛି ତାକୁ ଯଦି ପରଖାଯାଏ ତେବେ ଓଡ଼ିଶାରେ ଭାଜପା ରାଜନୈତିକ ଅଙ୍କରେ ତତ୍କାଳୀନ ବିଜେଡି ସରକାରକୁ ଯେ ସଫା କରିଦିଆଯାଇଛି, ଏକଥାକୁ ଏଡ଼ାଇଦିଆଯାଇ ନ ପାରେ। ଏ 'ସଫା' ଶବ୍ଦର ୨ଟି ଅର୍ଥ ବୁଝାଯାଇପାରେ। ପ୍ରଥମ 'ସଫା'ଟି ହେଉଛି ଅତ୍ୟନ୍ତ ଶକ୍ତିଶାଳୀ ଦିଶୁଥିବା ବିଜୁ ଜନତା ଦଳ କ୍ଷମତା ହରାଇବସିଲା। ଦ୍ୱିତୀୟ 'ସଫା'ଟି ହେଉଛି, ଅନେକ ବୃହତ୍ ଦୁର୍ନୀତି ସହ ସରକାରୀ କ୍ଷମତା ଓ ଅର୍ଥ ଅପବ୍ୟବହାରର ଦୋଷାରୋପ ଲୋକଲୋଚନକୁ ଆସିବା ସତ୍ତ୍ୱେ ଆଜି ପର୍ଯ୍ୟନ୍ତ ପୂର୍ବତନ ସରକାରର କୌଣସି ମୁଖିଙ୍କ ବିରୋଧରେ କିଞ୍ଚିତ୍ ମାତ୍ର କାର୍ଯ୍ୟାନୁଷ୍ଠାନ ଜାଣିଶୁଣି ଗ୍ରହଣ କରାଯାଇ ନାହିଁ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଯେଉଁମାନେ ସେହି ଅଙ୍କ କଷି ଭାଜପାକୁ ବିଜୟର ସ୍ୱାଦ ଦେଇଥିଲେ, ସେମାନେ ଏବେ ଖୁବ୍ ସୁରକ୍ଷିତ ଭାବେ କେନ୍ଦ୍ରରେ ଅଛନ୍ତି। ହେଲେ ସେମାନଙ୍କ କଥା ଆଉ ଚର୍ଚ୍ଚାକୁ ଆସୁନାହିଁ।

ରାଜ୍ୟର ମୋଟ୍ ୨୧ ଲୋକ ସଭା କ୍ଷେତ୍ର ମଧ୍ୟରୁ ୨୦ଟି ଆସନରେ ଭାଜପା ଏବଂ ଗୋଟିଏ ଆସନକୁ କଂଗ୍ରେସ ଦଖଲ କରିବାରେ ସଫଳ ହୋଇଛି। ହେଲେ ବିଗତ ଦିନରେ ୨୧ରୁ ୨୦ ଲୋକ ସଭା ଆସନରେ ବିଜୟୀ ହୋଇ ଜାତୀୟ ରାଜନୀତିରେ ପତିଆରା ରଖୁଥିବା ବିଜେଡି ୨୦୨୪ ସାଧାରଣ ନିର୍ବାଚନରେ 'ଶୂନ'ରେ ପହଞ୍ଚିଯାଇଛି। ଓଡ଼ିଶାର ପ୍ରାୟ ଅଧିକାଂଶ ଲୋକଙ୍କୁ ଜଣାଥିବ ଗତ ନିର୍ବାଚନରେ ଓଡ଼ିଶାରୁ ୨୦ ଲୋକ ସଭା ଆସନରେ ବିଜୟୀହେବା ଯୋଗୁ କେନ୍ଦ୍ରରେ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାର ଗଠନ କରିବାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସଫଳ ହୋଇପାରିଲେ। ମାତ୍ର ୨୦୧୪ରେ ମୋଦି ହାୱା ଏବଂ ୨୦୧୯ ପୁଲ୍‌ୱାମା ପାଇଁ ଦେଶବ୍ୟାପୀ ପ୍ରବଳ ସମର୍ଥନ ସତ୍ତ୍ୱେ ସେତେବେଳେ ଓଡ଼ିଶା ଭୋଟରଙ୍କ ଏତିକି ସହଯୋଗ ଭାଜପାକୁ ମିଳି ନ ଥିଲା। ୨୦୨୪ରେ କିନ୍ତୁ ଦେଶର ରାଜନୈତିକ ପାଣିପାଗ ଏକ ଭିନ୍ନ ଦିଗ ଦେଇ ଗତି କରିବା ବେଳେ ଓଡ଼ିଶା କିପରି ବିପରୀତମୁଖୀ ହେଲା ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିବା ସ୍ୱାଭାବିକ। ଏଭଳି କଥା ଉପରେ ଦ୍ୱନ୍ଦ୍ୱରେ ରହିଥିବା ଅନେକ ରାଜନୈତିକ ବିଶ୍ଳେଷକ ଜାଣନ୍ତି, ଓଡ଼ିଶାରେ ବିଜେଡି, ଭାଜପା ଏବଂ କଂଗ୍ରେସ ମଧ୍ୟରେ ଦୀର୍ଘବର୍ଷ ଧରି ଚାଲିଥିବା ତ୍ରିମୁଖୀ ଲଢ଼େଇ ସବୁବେଳେ ବିଜୁ ଜନତା ଦଳକୁ ସୁହାଇଆସୁଥିଲା। କୌଶଳକ୍ରମେ ସେହି ରାଜନୈତିକ ଅଙ୍କ ଉପରେ ପ୍ରଥମେ ଶକ୍ତ ପ୍ରହାର କରାଗଲା। ଏପରି ଏକ ରାଜନୈତିକ ବାତାବରଣ ସୃଷ୍ଟି କରାଗଲା ଯେପରି 'ତ୍ରିମୁଖୀ' ଲଢ଼େଇ ଦ୍ୱିମୁଖୀ ହେବ। ଏଥିପାଇଁ ଭାଜପା ପକ୍ଷରୁ ୨୦୧୪ ପରଠାରୁ ଦିଆଯାଉଥିବା 'କଂଗ୍ରେସ ମୁକ୍ତ ଭାରତ' ନାରାକୁ ବିଜେଡିରେ ଶକ୍ତିଶାଳୀ କେତେଜଣ ଅଫିସରଙ୍କ ଜରିଆରେ ସଫଳ କରାଇବାର ଉଦ୍ୟମ ଆରମ୍ଭ ହେଲା। ଓଡ଼ିଶାର ସବୁ ଲୋକ ସଭା ଆସନରେ ବିଜେଡିର ପ୍ରାର୍ଥୀ ଚୟନ ଏବଂ ସେହି ସମୟରେ କଂଗ୍ରେସରେ ନିଜର ପତିଆରା ରଖୁଥିବା କେଉଁସବୁ ନେତା ବିଜୁ ଜନତା ଦଳକୁ ଆସି ପ୍ରାର୍ଥୀ ହୋଇଥିଲେ ତା' ଉପରେ ନଜର ପକାଇଲେ ସମସ୍ତେ ଏହା ବୁଝିପାରିବେ।

ଉଦାହରଣ ସ୍ୱରୂପ କେନ୍ଦ୍ରାପଡ଼ା ଲୋକ ସଭା ଆସନକୁ ଦେଖିବା। ଏହି ଲୋକ ସଭା ଆସନରୁ ୨୦୨୪ ନିର୍ବାଚନରେ ବୈଜୟନ୍ତ ପଣ୍ଡା ଭାଜପାରୁ ପ୍ରାର୍ଥୀ ହୋଇ ୬, ୧୫, ୭୦୫ ଖଣ୍ଡ ଭୋଟ ପାଇ ବିଜେଡି ଟିକେଟରେ ଲଢୁଥିବା ଅଂଶୁମାନ ମହାନ୍ତିଙ୍କୁ ୬୬, ୫୩୬ ଖଣ୍ଡ ଭୋଟରେ ହରାଇଲେ। କଂଗ୍ରେସରୁ ଆସି ବିଜେଡିରୁ ଟିକେଟ ନେଇଥିବା ଅଂଶୁମାନ ସେହି ନିର୍ବାଚନରେ ମୋଟ୍ ୫,୪୯,୧୬୯ ଖଣ୍ଡ ଭୋଟ ପାଇଥିଲେ। କଂଗ୍ରେସରୁ ପ୍ରାର୍ଥୀ ହୋଇଥିବା ସିଦ୍ଧାର୍ଥ ସ୍ୱରୂପ ଦାସ ୯୪,୩୧୨ ଖଣ୍ଡ ଭୋଟ ପାଇ ୩ୟ ସ୍ଥାନରେ ରହିଲେ। କଥା ହେଉଛି କେନ୍ଦ୍ରାପଡ଼ାରେ ଭାଜପା ପ୍ରାର୍ଥୀ ବାସ୍ତବରେ ୨୦୧୯ ନିର୍ବାଚନ ତୁଳନାରେ ୨୦୨୪ରେ କେତେ ଅଧିକ ଭୋଟ ପାଇ ଜିତିଲେ। ଏହାକୁ ଜାଣିବା ପାଇଁ ୨୦୧୯ ନିର୍ବାଚନର ଫଳାଫଳ ବିଷୟରେ ଜାଣିବା ଜରୁରୀ। ୨୦୧୯ରେ ବୈଜୟନ୍ତ ଭାଜପାରୁ ପ୍ରାର୍ଥୀ ହୋଇ ବିଜେଡି ପ୍ରାର୍ଥୀ ଅନୁଭବ ମହାନ୍ତିଙ୍କ ଠାରୁ ୧,୮୧,୪୮୩ ଖଣ୍ଡ ଭୋଟରେ ପରାଜିତ ହୋଇଥିଲେ। ସେଥର ଅନୁଭବଙ୍କୁ ମୋଟ୍ ୬,୨୮,୯୩୯ ଏବଂ ବୈଜୟନ୍ତଙ୍କୁ ୪,୪୭,୪୫୬ ଭୋଟ ମିଳିଥିଲା। କଂଗ୍ରେସରୁ ସେହି ସମୟରେ ଧରଣୀଧର ନାୟକ ପ୍ରାର୍ଥୀ ହୋଇ ମୋଟ୍ ୧,୧୩,୮୪୧ ଖଣ୍ଡ ଭୋଟ ପାଇଥିଲେ। ଭାଜପା ୨୦ ଲୋକ ସଭା ଆସନ କିପରି ନେଲା ତାହାକୁ ତର୍ଜମା କଲେ, ବିଜୁ ପରିବାରର ଗଡ଼ ଭାବେ ପରିଚିତ କେନ୍ଦ୍ରାପଡ଼ା ହେଉଛି ଏକ ଜ୍ୱଳନ୍ତ ଉଦାହରଣ। ଓଡ଼ିଶାର ସବୁ ଲୋକ ସଭା ଆସନରେ ସମାନ ଢଙ୍ଗରେ ଏଭଳି କାର୍ଯ୍ୟକ୍ରମ ହୋଇଥିବା ଏଥିରୁ ବୁଝାପଡୁଛି। ନବରଙ୍ଗପୁରରେ ପ୍ରଦୀପ ମାଝୀଙ୍କୁ ଏବଂ ବଲାଙ୍ଗୀରରେ ସୁରେନ୍ଦ୍ର ସିଂଭୋଇଙ୍କୁ କଂଗ୍ରେସରୁ ଆଣି ପ୍ରାର୍ଥୀ କରିବା ଏହିଭଳି ଆହୁରି ୨ଟି ବଡ଼ ଉଦାହରଣ ଭାବେ ନିଆଯାଇପାରେ। ଏହି ୨ ଆସନରେ କଂଗ୍ରେସର ଟାଣୁଆ ନେତାଙ୍କୁ ଆଣି ବିଜେଡି ପ୍ରାର୍ଥୀ କରିବା ଦ୍ୱାରା ସିଧାସଳଖ ଲାଭ ଭାଜପାକୁ ଯିବା ସହ 'କଂଗ୍ରେସ ମୁକ୍ତ ଭାରତ'ର ନାରା ମଧ୍ୟ ସଫଳ ହୋଇପାରିଲା। ସେହି ସମୟରେ ରାଜ୍ୟ ରାଜନୀତିକୁ ବୁଝୁଥିବା ବହୁ ବିଜେଡି ନେତା ଏହା ଭୁଲ୍ ହେଉଛି ବୋଲି ଜାଣିବା ସତ୍ତ୍ୱେ କାହା ହାତରେ ଏହାକୁ ବଦଳାଇବାର ପଘା ନ ଥିଲା। ଏହା ଜାଣିବା ସତ୍ତ୍ୱେ ସମସ୍ତଙ୍କୁ ପୀଡ଼ା ହେଉଥିଲା। ୨ ଜଣ ବରିଷ୍ଠ ଆଇପିଏସ୍ ଅଫିସର ଜଣେ ତୃତୀୟ ମହଲାରେ ବସୁଥିଲେ ଏବଂ ଅନ୍ୟ ଜଣଙ୍କ ଗ୍ରାଉଣ୍ଡରେ ରହି ଯାହା ରିପୋର୍ଟ ପ୍ରସ୍ତୁତ କରି ଦେଉଥିଲେ ତାହା ବିଜେଡିରେ ସର୍ବମାନ୍ୟ ହେଉଥିଲା।

ସୂଚନାଯୋଗ୍ୟ, ବିଜେଡି ଶାସନ ସମୟରେ ବରିଷ୍ଠ ଆଇପିଏସ୍ ଅଫିସର ଆଶିଷ ସିଂ ଏବଂ ଡି.ଏସ୍. କୁଟ୍ଟେ ବହୁ କ୍ଷମତାଶାଳୀ ଥିବା କଥା ଭାଜପା ବାରମ୍ବାର ଅଭିଯୋଗ କରୁଥିଲା। ସେମାନେ ବିଜେଡି ପାଇଁ କାମ କରୁଛନ୍ତି ବୋଲି ଅଭିଯୋଗ କରି ସେମାନଙ୍କ ବିରୋଧରେ ନିର୍ବାଚନ କମିଶନ ଏବଂ ରାଜ୍ୟପାଳଙ୍କ ଦ୍ୱାରସ୍ଥ ମଧ୍ୟ ହୋଇଥିଲା। ଅବଶ୍ୟ ଏବେ ସେମାନଙ୍କ ବିଷୟରେ ଆଉ କେହି କିଛି ଅଭିଯୋଗ କରୁନାହାନ୍ତି। କେବଳ ସେତିକି ନୁହେଁ, ଆଶିଷ ସିଂ ତାଙ୍କର ସଫଳତା ପାଇବା ଭଳି ଏବେ କେନ୍ଦ୍ର ସରକାରଙ୍କ ଇଣ୍ଡୋ-ଟିବେଟାନ୍ ବର୍ଡର ପୋଲିସ (ଆଇଟିବିପି)ର ଆଇଜି ଭାବେ ନିଯୁକ୍ତି ପାଇଛନ୍ତି। ସେହିଭଳି ଡି.ଏସ୍. କୁଟ୍ଟେ ପୁରସ୍କାର ସ୍ୱରୂପ ବର୍ତ୍ତମାନ କେନ୍ଦ୍ର ସରକାରଙ୍କ ବର୍ଡର ସିକ୍ୟୁରିଟି ଫୋର୍ସ ଆଇଜି ଭାବେ ନିଯୁକ୍ତି ପାଇ ରାଜନୈତିକ ଦୋଷାରୋପର ଅନେକ ଦୂରରେ ଅଛନ୍ତି। ୨୦୨୪ ନିର୍ବାଚନ ପୂର୍ବରୁ ବିଜେଡି ପ୍ରତି କେନ୍ଦ୍ରର ଆଭିମୁଖ୍ୟ ନେଇ ବର୍ତ୍ତମାନ ରାଜ୍ୟ ଶାସକ ଦଳର ଯେଉଁ ନେତାମାନେ କ୍ଷମତାରେ ଅଛନ୍ତି ସେମାନେ ସବୁ ଦ୍ୱନ୍ଦ୍ୱରେ ରହୁଥିଲେ। କିନ୍ତୁ ଶେଷରେ କେନ୍ଦ୍ର ଗୋଟିଚାଳନା ରାଜ୍ୟ ନେତୃତ୍ୱଙ୍କୁ ଖୁସି ଦେଲା ବୋଲି କହିହେବ।

# ନିଯୁକ୍ତି କ୍ଷେତ୍ରରେ ଆଦିବାସୀ ଉପେକ୍ଷିତ

ଯାଜପୁର,୧୪।୨(ହର୍ଷବର୍ଦ୍ଧନ ବେହେରା)

- **୪,୨୫୯ ତାଲିମପ୍ରାପ୍ତଙ୍କ ମଧ୍ୟରୁ ୩୫୦ ଜଣଙ୍କୁ ନିଯୁକ୍ତି**
- **ସିଭିଲ ଇଞ୍ଜିନିୟର ଡିପ୍ଲୋମାଧାରୀ ନିଯୁକ୍ତି ଅପେକ୍ଷାରେ**
- **ପିଭିଟିଜି ବର୍ଗର ଯୁବତୀଯୁବକଙ୍କ ଆତ୍ମନିର୍ଭରଶୀଳ ଲକ୍ଷ୍ୟ ଦିଗହରା**

ରାଜ୍ୟ ସରକାର ଅନୁସୂଚିତ ଜାତି (ଏସ୍‌ସି) ଓ ଜନଜାତି(ଏସ୍‌ଟି)ଙ୍କ ଆର୍ଥିକ ଅଭିବୃଦ୍ଧି ସହ ଅଧିକରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ଲକ୍ଷ୍ୟ ରଖି ସ୍ୱତନ୍ତ୍ର ଯୋଜନାଗୁଡିକ ପ୍ରଣୟନ କରିଛନ୍ତି। ନୂଆ ଓଡ଼ିଶା, ପ୍ଲେସ୍‌ମେଣ୍ଟ ଲିଙ୍କ୍ ଟ୍ରେନିଂ ପ୍ରୋଗ୍ରାମ(ପିଏଲ୍‌ଟିପି), ପଲିଟେକ୍ନିକ, ଆଇଟିଆଇ ପ୍ରଭୃତି ଜରିଆରେ ବିଭିନ୍ନ ବୈଷୟିକ ଶିକ୍ଷା ସଂକ୍ରାନ୍ତରେ ତାଲିମ ଦିଆଯାଉଛି। ଏହି ସବୁକ୍ଷେତ୍ରରେ ତାଲିମ ପାଇଥିବା ଯୁବତୀଯୁବକମାନେ ସରକାରୀ ଓ ବେସରକାରୀ ସଂସ୍ଥା ସହ ବିଭିନ୍ନ ଶିଳ୍ପ ଓ ଖଣିରେ ନିଯୁକ୍ତି ପାଇବାକୁ ଆଶା ବାନ୍ଧିଛନ୍ତି। କିନ୍ତୁ ନିଯୁକ୍ତିର ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ଓଲଟା ହୋଇଛି। ରାଜ୍ୟ ସରକାରଙ୍କ ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ବିଭାଗ ଦ୍ୱାରା ପରିଚାଳିତ ଧରତ୍ରୀ ଅବା ଜନଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନରେ ୨୦୨୬ ଜାନୁଆରୀ ମାସିକ ଅଗ୍ରଗତି ରିପୋର୍ଟ ଅନୁସାରେ ପିଏଲ୍‌ଟିପି କାର୍ଯ୍ୟକ୍ରମରେ ୪,୯୦୯ ଏସ୍‌ଟି ଯୁବତୀଯୁବକ ନାମ ଲେଖାଇଥିଲେ। ସେଥିମଧ୍ୟରୁ ୨,୮୪୪ ଯୁବତୀଯୁବକ ତାଲିମ ପାଇଥିବାବେଳେ ସେଥିରୁ ମାତ୍ର ୩୩୨ ଜଣଙ୍କୁ ନିଯୁକ୍ତି ମିଳିଛି। ସେହିପରି ନୂଆ ଓଡ଼ିଶା ଯୋଜନାରେ ୨,୦୪୫ ଏସ୍‌ଟି ଯୁବତୀଯୁବକ ନାମ ଲେଖାଇଥିବାବେଳେ ୧,୪୧୫ ଜଣଙ୍କୁ ତାଲିମ ଦିଆଯାଇଛି। ସେଥିରୁ ମାତ୍ର ୧୮ ଜଣଙ୍କୁ ନିଯୁକ୍ତି ମିଳିଛି। ଏହି ଦୁଇ ଯୋଜନାର ପରିସଂଖ୍ୟାନକୁ ଅବଲୋକନ କଲେ ଆଦିବାସୀ ଯୁବତୀଯୁବକଙ୍କୁ ନିଯୁକ୍ତି ପ୍ରଦାନ ଆଶା ଦେଇ ପ୍ରତାରଣା କରାଯାଇଥିବା ମତପ୍ରକାଶ ପାଇଛି।

ଅନ୍ୟପକ୍ଷରେ ଓଡ଼ିଶା ଡିପ୍ଲୋମା ଇଞ୍ଜିନିୟର ସର୍ଭିସ ରୁଲ୍ସ-୨୦୧୨ ଅନୁସାରେ ଡିପ୍ଲୋମା ସିଭିଲ ଇଞ୍ଜିନିୟର ପଦବୀ ପୂରଣ କରିବାରେ ଆଦିବାସୀ ଯୁବତୀଯୁବକଙ୍କୁ ଉପେକ୍ଷା କରାଯାଇଥିବା ଅଭିଯୋଗ ହୋଇଛି। ଏହି ଅଭିଯୋଗ ଆଧାରରେ ଜଳ ସମ୍ପଦ ବିଭାଗ ପକ୍ଷରୁ ଡେପୁଟି ସେକ୍ରେଟେରି ବିଭୂତି ରଞ୍ଜନ ସାହୁ ଆବଶ୍ୟକ ତଦନ୍ତ କରି ରିପୋର୍ଟ ଦାଖଲ କରିବାକୁ ଇଞ୍ଜିନିୟର-ଇନ୍-ଚିଫ୍‌ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାବାଦ ଗଜପତି, ଯାଜପୁର, ଢେଙ୍କାନାଳ, ମାଲକାନଗିରି, ନୂଆପଡା, ଗଞ୍ଜାମ, ରାୟଗଡା, ମୟୂରଭଞ୍ଜ, କନ୍ଧମାଳ ଜିଲାରେ ବସବାସ କରୁଥିବା ପାର୍ଟିକୁଲାର ଭଲନେରେବୁଲ ଟ୍ରାଇବାଲ ଗ୍ରୁପ(ପିଭିଟିଜି) ବର୍ଗର ଯୁବତୀଯୁବକଙ୍କ ଆତ୍ମନିର୍ଭରଶୀଳ ଲକ୍ଷ୍ୟ ରଖାଯାଇ ପିଏମ୍ ଜନମନ ଯୋଜନାରେ ସିଭିଲ ଇଞ୍ଜିନିୟରିଂ, କମ୍ପ୍ୟୁଟର, ଇଲେକ୍ଟ୍ରିକାଲ, ପ୍ରେସ୍ ମେକର, ଫୁଡ୍ ପ୍ରୋସେସିଂ ଇତ୍ୟାଦି କ୍ଷେତ୍ରରେ ତାଲିମ ଦିଆଯାଉଛି। ଏଥିରେ ପ୍ରାୟ ୫୦୦ ଯୁବତୀଯୁବକ ତାଲିମ ନେଇଛନ୍ତି। ହେଲେ ତାଲିମପ୍ରାପ୍ତ ପିଭିଟିଜି ଆଦିବାସୀ ଯୁବତୀଯୁବକ ନିଯୁକ୍ତି ଅପେକ୍ଷାରେ ରହିଛନ୍ତି।

ଆଦିବାସୀ ସିଭିଲ ଇଞ୍ଜିନିୟର ଯୁବତୀଯୁବକ ମୁଖ୍ୟମନ୍ତ୍ରୀଙ୍କ ନିକଟରେ କରିଥିବା ଅଭିଯୋଗ ଅନୁସାରେ ଜଳ ସମ୍ପଦ ବିଭାଗରେ ସମସ୍ତ ଖାଲି ପଦବୀ ପୂରଣ କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ବିଭିନ୍ନ ବର୍ଗର ମୋଟ ୧୮୬୯ ଜଣ ଡିପ୍ଲୋମା ସିଭିଲ ପ୍ରାର୍ଥୀଙ୍କୁ ଚୁକ୍ତିଭିତ୍ତିକ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ହେଲେ ସେଥିରୁ ୧୬୧୨ ଜଣଙ୍କ ନାମ ତାଲିକା ପ୍ରକାଶ ପାଇଥିଲାବେଳେ ୨୦୧୧, ୨୦୧୨ ଓ ୨୦୧୩ରେ ପାସ୍ କରିଥିବା ୨୫୭ ଜଣ ଆଦିବାସୀ ଯୁବତୀଯୁବକଙ୍କୁ ଅଣଦେଖା କରାଯାଇଛି। ଏହାକୁ ନେଇ ସନ୍ତୋଷ କୁମାର ମଣ୍ଡଳ ଏବଂ ଅନ୍ୟ ୫ ଜଣ ହାଇକୋର୍ଟରେ ଡବ୍ଲୁପିସି ନମ୍ବର ୮୮୭୭/୨୦୧୭ରେ ମାମଲା ରୁଜୁ କରିଥିଲେ। ବିଭାଗୀୟ ମୁଖ୍ୟ ଇଞ୍ଜିନିୟରମାନଙ୍କ କମିଟି କେବଳ ୨୦୧୦ ପର୍ଯ୍ୟନ୍ତ ଡିପ୍ଲୋମା ସିଭିଲ୍ ପାସ୍ କରିଥିବା ପ୍ରାର୍ଥୀମାନଙ୍କୁ ତାଲିକାଭୁକ୍ତ କରିଥିଲେ। ଫଳରେ ୨୦୧୧ରୁ ୨୦୧୪ ମଧ୍ୟରେ ପାସ୍ କରିଥିବା ଆଦିବାସୀ ସିଭିଲ ଇଞ୍ଜିନିୟରମାନେ ବିନା ଦୋଷରେ ନିଯୁକ୍ତିରୁ ବଞ୍ଚିତ ହୋଇଥିଲେ।


ଯାନ୍ତ୍ରିକ ଦଳ ମରାମତି କାର୍ଯ୍ୟ କରୁଛନ୍ତି।

## ମାଲବାହୀ ଟ୍ରେନ୍ ଲାଇନଚ୍ୟୁତ

କୋରାପୁଟ,୧୪।୨(ଅମିତାଭ ବେହେରା)

କୋରାପୁଟ ନିକଟରେ ଏକ ମାଲବାହୀ ଟ୍ରେନ୍‌ର ଗୋଟିଏ ବଗି ଶନିବାର ଅପରାହ୍ନ ପ୍ରାୟ ୪ଟାରେ ଲାଇନଚ୍ୟୁତ ହୋଇଛି। କେ.କେ. ଲାଇନର ଦୟାନିଧିଗୁଡ଼ା-ମାନବାର ମଧ୍ୟରେ ଲାଇନଚ୍ୟୁତ ହୋଇଥିବା ଜଣାପଡ଼ିଛି। ଟ୍ରେନ୍‌ଟି ଆଇରନ୍ ଓର୍ ନେଇ ଜଗଦଲପୁରରୁ ବିଶାଖାପାଟଣା ଯାଉଥିଲାବେଳେ ଏହି ଦୁର୍ଘଟଣା ଘଟିଛି। ଖବରପାଇ ରେଲୱେର ଏକ ଯାନ୍ତ୍ରିକ ଦଳ ଘଟଣାସ୍ଥଳରେ ପହଞ୍ଚି ଯୁଦ୍ଧକାଳୀନ ଭିତ୍ତିରେ ମରାମତି କାର୍ଯ୍ୟ କରୁଥିବା ଜଣାପଡ଼ିଛି।

# ଧର୍ମ ପରିବର୍ତ୍ତନ କରିଥିବା ମୃତକଙ୍କୁ ଗାଁ ଶ୍ମଶାନ ମନା

## ହିନ୍ଦୁଧର୍ମକୁ ନ ଫେରିଲେ ଅନ୍ତ୍ୟେଷ୍ଟିକ୍ରୀୟା କରାଇ ନ ଦେବା ଜିଦ୍

ଉମରକୋଟ,୧୪।୨(ସନ୍ତୋଷ ଶତପଥୀ)


ଆୟାଂଶୁଙ୍କ ମୃତଦେହ ସତ୍କାର ନ ହୋଇପାରି ଟୁନାଙ୍କ ଜମିରେ ପଡ଼ି ରହିଛି।

ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ ଅଧୀନ କୋପେନା ଗ୍ରାମରେ ମୃତଦେହକୁ ମିଳୁନାହିଁ ଶ୍ମଶାନ। ମୃତକଙ୍କ ପରିବାର ପୂର୍ବରୁ ହିନ୍ଦୁ ଧର୍ମ ପରିବର୍ତ୍ତନ କରି ଅନ୍ୟ ଧର୍ମ ଗ୍ରହଣ କରିଥିଲେ। ପୁଣି ହିନ୍ଦୁ ଧର୍ମକୁ ଫେରିଲେ ହିଁ ଗାଁ ଶ୍ମଶାନରେ ସତ୍କାର ପାଇଁ ଅନୁମତି ମିଳିବ ବୋଲି ହିନ୍ଦୁ ଧର୍ମାବଲମ୍ବୀମାନେ ଜିଦ୍‌ରେ ଅଟଳ ଅଛନ୍ତି, ଯାହାକୁ ନେଇ ଗାଁରେ ଗୋଷ୍ଠୀ ସଂଘର୍ଷ ହୋଇଛି। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ବୁଝାଶୁଝା କରିଥିଲେ ମଧ୍ୟ କିଛି ସୁଫଳ ମିଳିନି। ଖବର ଲେଖାଯିବା ବେଳକୁ ମୃତଦେହ ସତ୍କାର ହୋଇପାରି ନ ଥିଲା। ଗାଁରେ ପୋଲିସ ଛାଉଣୀ ରହିଛି।

କୋପେନା ଗ୍ରାମର ଟୁନା ସାନ୍ତାଙ୍କ ପୁଅ ଆୟାଂଶୁ (୧୪) କୌଣସି ଏକ ରୋଗରେ ଆକ୍ରାନ୍ତ ହୋଇ ଶନିବାର ଭୋରରୁ ମୃତ୍ୟୁବରଣ କରିଥିଲେ। ତେବେ ଏହି ଗ୍ରାମରେ ଧର୍ମାନ୍ତରୀକରଣକୁ ନେଇ ୨ ଗୋଷ୍ଠୀ ମଧ୍ୟରେ ୧୫ ଦିନ ହେଲା ଅସନ୍ତୋଷ ଲାଗି ରହିଥିଲା। ଆୟାଂଶୁଙ୍କ ମୃତ୍ୟୁ ପରେ ଗାଁ ଶ୍ମଶାନରେ ସତ୍କାର କରିବାକୁ ଦେବୁନାହିଁ ବୋଲି ହିନ୍ଦୁ ଧର୍ମାବଲମ୍ବୀମାନେ ଜିଦ୍ କରିଥିଲେ। ଟୁନାଙ୍କ ପରିବାର ହିନ୍ଦୁ ଧର୍ମକୁ ଫେରି ଆସିଲେ ମୃତଦେହ ସତ୍କାର ପାଇଁ ଗାଁ ଶ୍ମଶାନରେ ଜାଗା ଦେବୁ ଓ ସହଯୋଗ କରିବୁ ବୋଲି ଗ୍ରାମର ହିନ୍ଦୁ ଧର୍ମାବଲମ୍ବୀମାନେ କହିଛନ୍ତି। ଖବରପାଇ ଉମରକୋଟ ଅତିରିକ୍ତ ତହସିଲଦାର ନୀଳାମ୍ବର ପୂଜାରୀ, ଅତିରିକ୍ତ ପୋଲିସ ଆରକ୍ଷୀ ଅଧୀକ୍ଷକ ଆଦିତ୍ୟ କୁମାର ସେନ, ସରପଞ୍ଚ ପର୍ଶୁ ଗଣ୍ଡ, ପୋଲିସ ଉପଖଣ୍ଡ ଅଧିକାରୀ ଶୁଭେନ୍ଦୁ ଶବର, ଆଇଆଇସି ବିପିନ କୁମାର ବାଗ, ରାଇଘର, ଝରିଗାଁ, କୁନ୍ଦେଇ ଥାନା ଅଧିକାରୀ ଓ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। କିନ୍ତୁ ସୁଫଳ ମିଳିନି। ହିନ୍ଦୁ ଧର୍ମକୁ ନ ଫେରିବା ଯାଏ ଗାଁ ପାଖ କୌଣସି ମୌଜାରେ ମଧ୍ୟ ମୃତଦେହ ପୋତିବାକୁ ଦିଆଯିବ ନାହିଁ ବୋଲି ଚେତାବନୀ ଦେଇଛନ୍ତି। ପୋଲିସ ସୁରକ୍ଷା ମଧ୍ୟରେ ଟୁନାଙ୍କ ପରିବାର ଲୋକେ ଆୟାଂଶୁଙ୍କ ମୃତଦେହ ନିଜ ଜମିରେ ପୋତିବାକୁ ଚେଷ୍ଟା କରିଥିଲେ। କିନ୍ତୁ ଗ୍ରାମବାସୀଙ୍କ ପ୍ରବଳ ବିରୋଧ ଯୋଗୁ ତାହା ସମ୍ଭବ ହୋଇପାରିଲା ନାହିଁ। ଗାଁରେ ମୃତଦେହ ପଡ଼ିଥିବା ଯୋଗୁ ସକାଳୁ କାହାରି ଘରେ ଚୁଲି ଜଳି ନାହିଁ, ପିଲାଠୁ ବୟସ୍କ ସମସ୍ତେ ଭୋକିଲା ଅଛନ୍ତି। ତୁରନ୍ତ ଗ୍ରାମରୁ ମୃତଦେହ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି। ଖବର ଲେଖାଯିବା ବେଳକୁ ମୃତଦେହ ଟୁନା ସାନ୍ତାଙ୍କ ଜମିରେ ପଡ଼ି ରହିଛି। ଗଣ୍ଡଗୋଳ ଆଶଙ୍କାରେ ୨ ପ୍ଲାଟୁନ ପୋଲିସ ଫୋର୍ସ ଉକ୍ତ ସ୍ଥାନରେ ମୁତୟନ ରହିଛି।

# ଆରମ୍ଭ ହେଲା 'ଭବ୍ୟ ତୋଷାଳି ସ୍ୱଦେଶୀ ମେଳା'



ତୋଷାଳି ସ୍ୱଦେଶୀ ମେଳାର ଉଦ୍‌ଘାଟନ ଅବସରରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଏବଂ ଅନ୍ୟ ଅତିଥିଙ୍କ ସହ ସମ୍ମାନିତ ହସ୍ତଶିଳ୍ପୀମାନେ। **(ଫଟୋ: ବିକାଶ ନାୟକ)**

ଭୁବନେଶ୍ୱର,୧୪।୨(ସୌମ୍ୟରଞ୍ଜନ ରାଉତ)

## ଆମ ହସ୍ତତନ୍ତ, ହସ୍ତଶିଳ୍ପ ସାମଗ୍ରୀ ସମୃଦ୍ଧ ଐତିହ୍ୟର ପରିଚୟ: ଉପମୁଖ୍ୟମନ୍ତ୍ରୀ

- **୯୦୫ ଷ୍ଟଲ୍, ଯୋଗଦେଲେ ୨୦ ରାଜ୍ୟର ବୁଣାକାର ଓ କାରିଗର**
- **୧୨ ହସ୍ତଶିଳ୍ପୀ ସମ୍ମାନିତ, ୪ ବୁଝାମଣାପତ୍ର ସ୍ୱାକ୍ଷରିତ**

ଆମ ହସ୍ତତନ୍ତ ଓ ହସ୍ତଶିଳ୍ପ ସାମଗ୍ରୀର ସ୍ୱତନ୍ତ୍ର ଆକର୍ଷଣ ରହିଛି। ଏହା ଆମ ସମୃଦ୍ଧ ଐତିହ୍ୟର ପରିଚୟ ଏବଂ ଆମ ଅସ୍ମିତାର ନିଦର୍ଶନ ବୋଲି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଶନିବାର ଜନତା ମୈଦାନଠାରେ '୨୦ତମ ଭବ୍ୟ ତୋଷାଳି ସ୍ୱଦେଶୀ ମେଳା'କୁ ଉଦ୍‌ଘାଟନ କରି କହିଛନ୍ତି। ବୁଣାକାର ଓ କାରିଗରଙ୍କ ଆର୍ଥିକ ସମୃଦ୍ଧି ଏହି ମେଳା ଆୟୋଜନର ପ୍ରମୁଖ ଲକ୍ଷ୍ୟ ବୋଲି ମତପ୍ରକାଶ କରିଛନ୍ତି। ସମ୍ମାନିତ ଅତିଥି ଭାବେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଯୋଗଦେଇ କହିଲେ, ବୁଣାକାର ଓ କାରିଗରଙ୍କ ପାଇଁ ଓଡିଆ ଜାତି ଗର୍ବିତ। ଆମ ବୁଣାକାର ବନ୍ଧୁମାନେ ବୟନ ଅସ୍ମିତାର ସମର୍ଥ ସାରଥି ସାଜିଥିବା ବେଳେ ହସ୍ତଶିଳ୍ପୀ କାରିଗରମାନେ ଉତ୍କୃଷ୍ଟ କଳାର ବାର୍ତ୍ତାବହ ସାଜିଛନ୍ତି। ସେମାନଙ୍କ ଜୀବନ ଜୀବିକାକୁ ଅଧିକ ସଶକ୍ତ କରିବା ପାଇଁ ଆମ ସରକାର ସମର୍ପିତ ଭାବେ କାର୍ଯ୍ୟ କରୁଛନ୍ତି। ଏହି ଅବସରରେ ୧୨ଜଣ ହସ୍ତଶିଳ୍ପୀଙ୍କୁ ସମ୍ମାନ ପ୍ରଦାନ କରାଯାଇଥିଲା। ଏଥିସହ ହସ୍ତଶିଳ୍ପ ନିର୍ଦ୍ଦେଶାଳୟ ସହିତ ସିଏସ୍‌ଆଇଆର୍-ଆଇଏମ୍‌ଏମ୍‌ଟି ଭୁବନେଶ୍ୱର ଓ ଆଇଆଇଇପି ମୁମ୍ବାଇ ମଧ୍ୟରେ ଦୁଇଟି ବୁଝାମଣାପତ୍ର ସାକ୍ଷରିତ ହୋଇଥିଲା। ସେହିପରି ହସ୍ତତନ୍ତ ଓ ବୟନ ଶିଳ୍ପ ନିର୍ଦ୍ଦେଶାଳୟ ଓ ଆଇସିଏଆର୍-ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ନାଚୁରାଲ୍ ଫାଇବର ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜି ଏବଂ ଓୟୁଟିଆର୍ ଭୁବନେଶ୍ୱର ମଧ୍ୟରେ ଦୁଇଟି ବୁଝାମଣାପତ୍ର ସାକ୍ଷରିତ ହୋଇଥିଲା। ଚଳିତବର୍ଷ ମେଳାରେ ୯୦୫ ଷ୍ଟଲ ଖୋଲିଥିବା ବେଳେ ୨୦ଟି ରାଜ୍ୟର ବୁଣାକାର ଓ କାରିଗର ଅଂଶଗ୍ରହଣ କରିଛନ୍ତି। କାର୍ଯ୍ୟକ୍ରମରେ ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂ, ସ୍ୱାବଲମ୍ବୀ ଅଭିଯାନର କ୍ଷେତ୍ରୀୟ ସଂଯୋଜକ ପ୍ରମୁଖ ସାରଦା ଶତପଥୀ, ପ୍ରସିଦ୍ଧ ବାଦ୍ୟଶିଳ୍ପୀ ପଦ୍ମଶ୍ରୀ ଶରତ କୁମାର ପାତ୍ର, ବିଭାଗର ଅତିରିକ୍ତ ଶାସନ ସଚିବ ପ୍ରତାପ ଚନ୍ଦ୍ର ହୋତା, ହସ୍ତତନ୍ତ ଓ ବୟନଶିଳ୍ପ ନିର୍ଦ୍ଦେଶକ ସୂର୍ଯ୍ୟନାରାୟଣ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ବିଭାଗର ଶାସନ ସଚିବ ଗୁହା ପୁନମ୍ ତାପସ କୁମାର ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ହସ୍ତଶିଳ୍ପ ନିର୍ଦ୍ଦେଶକ ଡ. ନିବେଦିତା ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ। ଏହି ମେଳା ଆସନ୍ତା ୨୬ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ବିଭାଗ ପକ୍ଷରୁ ସୂଚନା ରହିଛି।

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ
ODISHA STATE OPEN UNIVERSITY
SAMBALPUR
Calls for Admission
MASTER & BACHELOR DEGREE PROGRAMMES
• Master of Arts (Odia)
• Master of Arts (Hindi)
• Master of Arts (Sanskrit)
• Master of Arts (English)
• Master of Arts (Rural Development)
• Master of Arts (Sociology)
• Master of Arts (Economics)
• Master of Arts (History)
• Master of Arts (Public Administration)
• Master of Arts (Political Science)
• Master of Arts (Journalism & Mass Comm.)
• Master of Commerce
• MBA in Disaster Management
• Bachelor of Arts (Hons.) in Economics
• Bachelor of Arts (Hons.) in English
• Bachelor of Arts (Hons.) in Hindi
• Bachelor of Arts (Hons.) in History
• Bachelor of Arts (Hons.) in Odia
• Bachelor of Arts (Hons.) in Political Science
[Age: No Bar]
AS PER UGC GUIDELINE APRIL, 2022 NOW YOU CAN PURSUE TWO ACADEMIC PROGRAMMES SIMULTANEOUSLY.
HURRY UP!
Apply Now
ADMISSIONS OPEN
ACADEMIC SESSION JAN-2026
Admission form is to be submitted through the online portal of OSOU.
Last date for Admission has been extended upto 06th March 2026
Headquarters: At- Badsinghari, P.O.- Goshala Chowk, Dist- Sambalpur, Pin 768024, Odisha, India
Phone: 0663-2521600, 0663-2521700
Toll Free Number: 1800-34567-58
E-mail ID: admission@osou.ac.in
Regional Centres: Bhubaneswar (0674-2970779) Berhampur (0680-2222169) Jeypore (06854-230213) Balasore (06782-263871) Sambalpur (0663-2548132) Rourkela (7978215022) Jagatsinghpur (8917372814)
VISIT OUR WEBSITE www.osou.ac.in

"ଏକ ପୂର୍ଣ୍ଣ ପ୍ରାଣଶକ୍ତି ଓ ବୌଦ୍ଧିକ ବିକାଶ ବ୍ୟତୀତ, ଭାରତ ତା'ର ଆଧ୍ୟାତ୍ମିକ ପ୍ରବୃତ୍ତିକୁ ନେଇ ଯେତେ ଯାହା କରିଛି ସେତିକି ସେ କେବେ କରିପାରି ନ ଥାନ୍ତା। ଏପରି ଭାବିବା ବଡ ଭୁଲ ଯେ, ଏକ ଦରିଦ୍ର ଭୂମି ଉପରେ ଅର୍ଦ୍ଧମୃତ ଜୀବନ ଏବଂ ହତୋତ୍ସାହିତ ଭୟାକ୍ରାନ୍ତ ବୁଦ୍ଧିରେ ହିଁ ଆଧ୍ୟାତ୍ମିକତା ବିକଶିତ ହୋଇପାରେ। – ଶ୍ରୀଅରବିନ୍ଦ

ମହାଶିବରାତ୍ରି ଓ ଜାଗର ଉପବାସ



# ଦେଶଭକ୍ତି ଚିନ୍ତା



## ଆକାର ପଟେଲ

ଆମ ଦେଶରେ ଜାତୀୟତାବାଦର ଅତ୍ୟଧିକ ଚାହିଦା ରହିଛି, ହେଲେ ସବୁବେଳେ ଏଠାରେ ଏହାର ଅଭାବ ଥିବା ମନେହୁଏ। ମୋ ଜୀବନରେ ଅତିବାହିତ ସବୁ ଦଶନ୍ଧିରେ 'ବନ୍ଦେ ମାତରମ୍'କୁ ଜାତୀୟ ସଙ୍ଗୀତ ସହ ତ୍ୟାଗ ବା ଯୋଡ଼ିବା ପାଇଁ କୌଣସି ଦାବି ହୋଇଥିବା ମୁଁ ଜାଣି ନ ଥିଲି। କିନ୍ତୁ ଏବେ ଏହା ହେବା ଉଚିତ ବୋଲି ଆମକୁ କୁହାଯାଉଛି। ଏହି ଗୀତର ଛଅଟି ପଦ ଅଛି ଏବଂ ଆମ ମଧ୍ୟରୁ ଯେଉଁମାନେ ଜାଣିନାହାନ୍ତି ଏବେ ସେମାନଙ୍କୁ ଏହା ମନେରଖିବାକୁ ପଡ଼ିବ। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ନିର୍ଦ୍ଦେଶ ଦେଇଛି, ବନ୍ଦେ ମାତରମ୍ ଗୀତର ଆବୃତ୍ତି ୩ ମିନିଟ୍ ୧୦ ସେକେଣ୍ଡ ହେବା ଆବଶ୍ୟକ। ହେଲେ ଏହାକୁ ଗାଇବା ସ୍ୱେଚ୍ଛାକୃତ ନା ବାଧ୍ୟତାମୂଳକ ତାହା ନିର୍ଦ୍ଦେଶରେ ସ୍ପଷ୍ଟ କରାଯାଇ ନାହିଁ। ଏହି ଦ୍ୱନ୍ଦ୍ୱ ନିର୍ଦ୍ଦେଶର ଶବ୍ଦାବଳୀରୁ ସାମ୍ନାକୁ ଆସିଛି। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଆମକୁ କହେ, ସରକାରୀ ଭାବେ ଜାତୀୟ ଗୀତର ବାଦନ ପରିବର୍ତ୍ତେ କେଉଁ ସ୍ଥିତିରେ ଗାନ କରିବାକୁ ଅନୁମତି ଦିଆଯାଇପାରିବ ତାହାର ଏକ ସମ୍ପୂର୍ଣ୍ଣ ତାଲିକା ଦେବା ସମ୍ଭବ ନୁହେଁ। କିନ୍ତୁ ଏହା ଆଉ ଦର୍ଶାଇଛି, ଉପଯୁକ୍ତ ସମ୍ମାନ ସହିତ ଏହା କରାଗଲେ ଗାନରେ କୌଣସି ଆପତ୍ତି ନାହିଁ। ତେବେ ଉପଯୁକ୍ତ ସମ୍ମାନ କ'ଣ ସେ ବିଷୟରେ କୌଣସି ନିର୍ଦ୍ଦେଶାବଳୀ ନାହିଁ। କିନ୍ତୁ ନିଃସନ୍ଦେହ ଯେ, କ'ଣ ଉଲ୍ଲଂଘନ ହେବ ତାହା ଆମେ ଶୀଘ୍ର ଜାଣିପାରିବୁ। ତେବେ ଉଲ୍ଲଂଘନ କିଭଳି ନ ହେବ ସେଥିପାଇଁ ଆମମାନଙ୍କ ମଧ୍ୟରେ ଯେଉଁମାନେ ଅଧିକ ଜାତୀୟତାବାଦୀ ଭାବନା ରଖିଛନ୍ତି, ସେମାନେ ଏଭଳି ବିଚାର ନ ଥିବା ଲୋକଙ୍କୁ ଶିକ୍ଷା ଦେବେ। ଗୀତ ଗାନ କରିବା ସ୍ୱେଚ୍ଛାକୃତ କି ନୁହେଁ ତାହା ଅସ୍ପଷ୍ଟ। ମୋର ଏଭଳି କହିବାର କାରଣ ହେଉଛି ଆଦେଶରେ ଉଲ୍ଲେଖ ରହିଛି ଯେ, ସମ୍ପୂର୍ଣ୍ଣ ଭାବରେ ଆନୁଷ୍ଠାନିକ ହୋଇ ନ ଥିଲେ ବି ଜାତୀୟ ଗୀତ ଗାନ କରାଯାଇପାରିବ, ଯଦିଓ ମନ୍ତ୍ରୀ ଇତ୍ୟାଦିଙ୍କ ଉପସ୍ଥିତିରେ ଏହାର ଗୁରୁତ୍ୱ ଅଧିକ ରହିବ। ଏହା ମଧ୍ୟ କୁହାଯାଇଛି, ସାମୂହିକ ସଂଗୀତ ଗାନ ଇଚ୍ଛିତ ବା ବାଞ୍ଛନୀୟ। ଏଠାରେ ନିର୍ଦ୍ଦେଶରେ ଉଲ୍ଲିଖିତ 'ଇତ୍ୟାଦି' ଶବ୍ଦରେ କେଉଁମାନେ ସାମିଲ ଅଛନ୍ତି ଏବଂ କାହାକୁ ବାଦ୍ ଦିଆଯାଇଛି? 'ବାଞ୍ଛନୀୟ'ର ପ୍ରକୃତ ମାନେ କ'ଣ? ତେବେ 'ଗାନ କରାଯାଇପାରେ' ଏବଂ 'ଇଚ୍ଛିତ' ଶବ୍ଦ ସ୍ୱେଚ୍ଛାକୃତ କାର୍ଯ୍ୟର ସୂଚକ ଏବଂ କେହି ଯଦି ଏହାର ବ୍ୟାଖ୍ୟା କରନ୍ତି ତେବେ ବାସ୍ତବରେ କ'ଣ ଘଟିବ ତାହା ଆମେ ଜାଣିପାରିବା। କିନ୍ତୁ ଶେଷରେ ଏହା ମୂଳ ବିଷୟରୁ ଦୂରେଇ ଯାଇଛି। ମୁଖ୍ୟ କଥା ହେଉଛି, ଆମ ଦେଶରେ ସର୍ବଦା ଜାତୀୟତାର ଅଭାବ ରହିଛି ଏବଂ ଏହି ନିର୍ଦ୍ଦେଶରେ ଅଭାବ ପୂରଣ କରାଯାଇପାରିବ ସରକାର ମନେ କରିଛନ୍ତି। ଏହି ପ୍ରକାର ବିଷୟ ମଧ୍ୟ ଘଟିଥିବା ଇତିହାସ ଆମକୁ କହେ।

୫୦ ବର୍ଷ ପୂର୍ବେ, ୧୯୭୬ରେ, ତତ୍କାଳୀନ ସରକାର ସମ୍ବିଧାନରେ 'ମୌଳିକ କର୍ତ୍ତବ୍ୟ' ଯୋଡ଼ିଥିଲେ। ଧର୍ମୀୟ, ଭାଷାଗତ ଏବଂ ଆଞ୍ଚଳିକ କିମ୍ବା ବର୍ଗୀୟ ବିବିଧତାର ଉପରକୁ ଉଠି ଭାରତର ସମସ୍ତ ଲୋକଙ୍କ ମଧ୍ୟରେ ସମନ୍ୱୟ ଏବଂ ଭାଇଚାରା ଭାବନାକୁ ପ୍ରୋତ୍ସାହିତ କରିବା; ମହିଳାମାନଙ୍କ ମର୍ଯ୍ୟାଦା ପ୍ରତି ଅପମାନଜନକ ପ୍ରଥାଗୁଡ଼ିକୁ ପରିତ୍ୟାଗ କରିବା ଲାଗି ଏହି କର୍ତ୍ତବ୍ୟଗୁଡ଼ିକ ଉଦ୍ଦିଷ୍ଟ। ଏହା ଘଟିଛି ବୋଲି କିଏ ଅସ୍ୱୀକାର କରିପାରିବେ? ଯଦି ଏହିସବୁ ନିର୍ଦ୍ଦେଶ ଆମ ପାଖକୁ ଆସି ନ ଥାନ୍ତା, ତେବେ ଭାରତ ଭାଇଚାରା ଏବଂ ମହିଳାମାନଙ୍କ ସୁରକ୍ଷା କ୍ଷେତ୍ରରେ ବିଶ୍ୱସ୍ତରୀୟ ଉଦାହରଣ ହୋଇପାରି ନ ଥାନ୍ତା। କର୍ତ୍ତବ୍ୟ ତାଲିକାରେ ଅଛି, ଜଙ୍ଗଲ, ହ୍ରଦ, ନଦୀ ଏବଂ ବନ୍ୟପ୍ରାଣୀ ସମେତ ପ୍ରାକୃତିକ ପରିବେଶର ସୁରକ୍ଷା ଓ ବିକାଶ କରିବା ଏବଂ ଜୀବଜନ୍ତୁଙ୍କ ପ୍ରତି ଦୟା ଭାବ ରଖିବା। ଏହାସହ ଏଥିରେ ବୈଜ୍ଞାନିକ ମନୋଭାବ, ମାନବବାଦ ଏବଂ ଅନୁସନ୍ଧାନ ଏବଂ ସଂସ୍କାରର ଭାବନା ବିକଶିତ କରିବା ମଧ୍ୟ ରହିଛି, ଯାହା ମୋର ପ୍ରିୟ। ଏହି କର୍ତ୍ତବ୍ୟଗୁଡ଼ିକୁ ଯୋଡ଼ା ଯାଇଥିଲା କାରଣ ୧୯୭୬ରେ ଜାତୀୟତାବାଦର ଚାହିଦା ଅଧିକ ଥିଲା ଏବଂ ଅଭାବ ବି ଥିଲା, ଯାହା ବର୍ତ୍ତମାନ ସ୍ଥିତିରେ ଦେଖାଯାଇଛି। ଏବକାର ବ୍ୟବସ୍ଥାର ନିନ୍ଦୁକ ଏବଂ ଘୃଣାକାରୀମାନେ ଯୁକ୍ତି କରିବେ ଯେ, ଦେଶଭକ୍ତି ପ୍ରଦର୍ଶନ କରିବା ଲାଗି ଅନ୍ୟସବୁ ଉପାୟ ଅଛି। ସଙ୍ଗୀତ ଏବଂ ସ୍ଲୋଗାନଗୁଡ଼ିକ ଜାତୀୟ ପ୍ରଗତି ପାଇଁ କମ୍ ଗୁରୁତ୍ୱ ରଖେ। ଯଦି ଆମେ ଟ୍ରାଫିକରେ ଭଲ ବ୍ୟବହାର କରିବା ଏବଂ ଅଳିଆ ନ ପକାଇବା, ତେବେ ଆମେ ଏକ ଜାତି ଭାବରେ ଭଲ ରହିବା। ଜାତୀୟ ଗୀତ ନଦୀ ବିଷୟରେ କହେ ଏବଂ ଏପରି ଏକ ଦେଶର ନାମ ନେବା କଷ୍ଟକର; ଯେଉଁଠାରେ ଏହାର ନଦୀ ପାଣି ଅଧିକ ମଇଳା। ଆମେ ଲାଞ୍ଚ ନ ଦେବା କିମ୍ବା ନ ନେବା କିମ୍ବା କର ଠକିବାକୁ ଚେଷ୍ଟା ନ କରିବା ଦ୍ୱାରା ଆମର ଦେଶଭକ୍ତି ଦେଖାଇପାରିବା ବୋଲି ଯୁକ୍ତି କରିବେ। କିନ୍ତୁ ଆମ ସରକାର ଏବଂ ତାହାର ସମର୍ଥକମାନେ କହିବେ ଯେ, ଏସବୁ ବିଷୟ ଅନ୍ୟସବୁ ଦେଶର ନାଗରିକ କରିପାରିବେ। ଏସବୁ ସ୍ୱତନ୍ତ୍ର ନୁହନ୍ତି। ଆମକୁ ଆମ ଦେଶଭକ୍ତି ଦେଖାଇବା ପାଇଁ କିଛି ଅନନ୍ୟ ଏବଂ ସ୍ୱତନ୍ତ୍ର ବିଷୟ ଆବଶ୍ୟକ। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ଏହି ଆଦେଶ ସତର୍କ କରିଦେଇଛି ଯେ, ଜାତୀୟ ଗୀତ ଔପଚାରିକ ଭାବେ ଗାନ କିମ୍ବା ବାଜିବାବେଳେ ଦର୍ଶକମାନେ ଧ୍ୟାନରେ ଠିଆ ହେବେ। ସମ୍ଭବତଃ ଏହାର ଅର୍ଥ ହେଉଛି ଯେଉଁ ସ୍ଥାନରେ ଗୀତ ବାଜିବ ଦର୍ଶକମାନେ ନିୟମ ପାଳନ କରିବାକୁ ପଡିବ ଏବଂ ସେଠାରେ ଆଉ ଅଂଶଗ୍ରହଣ ସ୍ୱେଚ୍ଛାକୃତ ନୁହେଁ। ଯଦି ଏହା ହୁଏ, ତେବେ ଗୀତ ଏବଂ ସଂଗୀତ ମଧ୍ୟରେ କ'ଣ ପାର୍ଥକ୍ୟ ଅଛି? ଆହୁରି ମଧ୍ୟ କିଛି ଅଛି। ସମସ୍ତ ବିଦ୍ୟାଳୟରେ, ଜାତୀୟ ଗୀତ ଗାନ ସହିତ ଦିନର କାର୍ଯ୍ୟ ଆରମ୍ଭ ହୋଇପାରେ। ମୋ ମତରେ ଏହା ଆଗାମୀ ପିଢ଼ିରେ ଦେଶଭକ୍ତିର ସମାନ ସ୍ତର ଜାଗ୍ରତ କରିବା ପାଇଁ ଆବଶ୍ୟକ, ଯେପରି ଆମ ପିଢ଼ି ଏବଂ ଠିକ୍ ଆମ ପୂର୍ବ ପିଢ଼ିରେ ଦେଖିବାକୁ ମିଳିଛି। ଏହାର ଅନ୍ୟ ଲାଭ ମଧ୍ୟ ଅଛି। ବେରୋଜଗାରମାନେ ଛଅଟି ପଦ ମନେ ରଖିବା ପାଇଁ ସେମାନଙ୍କ ଫାଙ୍କା ସମୟକୁ ଉପଯୋଗ କରିବେ। ଅଳସୁଆମାନେ ଅତିରିକ୍ତ ୩ ମିନିଟ ୧୦ ସେକେଣ୍ଡ ଠିଆ ହେବେ ଏବଂ ସେମାନଙ୍କର ଫିଟନେସ ଉନ୍ନତ କରିବେ। ଏଥିରେ ଦେଶର ପ୍ରଗତି ହେବ!

Email:aakar.patel@gmail.com

# ଚାଷୀ ଉପରେ ମଣ୍ଡିମାଡ଼



## ବିଚିତ୍ର ବିଶ୍ୱାଳ

ଚାଷୀଙ୍କ ପରିଶ୍ରମ ଓ କଷଣ କଥା ଯେତେ କହିଲେ ମଧ୍ୟ ସରିବ ନାହିଁ। ଫସଲ ବୁଣିବାଠାରୁ ଅମଳ ପର୍ଯ୍ୟନ୍ତ ଚାଷୀଙ୍କ କଷଣର ଶେଷ ନାହିଁ। ଯଦିଓ ଏବେ ଚାଷବାସ ଯନ୍ତ୍ରଭିତ୍ତିକ ହେଲାଣି, ତଥାପି ବି ଚାଷୀଙ୍କ ପରିଶ୍ରମକୁ ନଜର ଅନ୍ଦାଜ କରିହେବ ନାହିଁ। କେବଳ କଠିନ ପରିଶ୍ରମ ନୁହେଁ, ଚାଷରେ ଚାଷୀର ଖର୍ଚ୍ଚ ମଧ୍ୟ ବଢ଼ିଛି। ଆଜିକାଲି ଯେତେବେଳେ ବିହନ, ସାରଠାରୁ ଯନ୍ତ୍ରପାତି ଓ ଶ୍ରମିକ ପର୍ଯ୍ୟନ୍ତ ସବୁକିଛି ପାଇଁ ବଜାର ଉପରେ ନିର୍ଭର କରିବାକୁ ପଡୁଛି, ସେତେବେଳେ ଚାଷରେ ନିବେଶ ଖର୍ଚ୍ଚ ଆହୁରି ଅଧିକ ବଢ଼ିଯାଇଛି। ଜ୍ଞାନକୌଶଳଭିତ୍ତିକ ଚାଷରେ କିଛି ପରିମାଣରେ ସିନା ଚାଷୀର ପରିଶ୍ରମ କମ୍ ହୋଇଛି, କିନ୍ତୁ ତା'ର ପରନିର୍ଭରଶୀଳତା ବଢ଼ିଛି ଓ ନିବେଶ ଖର୍ଚ୍ଚ ବହୁଗୁଣ ହୋଇଛି। ପରିଣାମ ସ୍ୱରୂପ କୌଣସି କାରଣ ପାଇଁ ଯଦି ଅମଳ ଭଲ ହେଉନାହିଁ ବା ଅମଳକୁ ଉପଯୁକ୍ତ ମୂଲ୍ୟ ମିଳୁନାହିଁ, ତେବେ ଚାଷୀର ସଙ୍କଟ ଦ୍ୱିଗୁଣିତ ହେଉଛି। ଏହା ଚାଷୀକୁ ଅଧିକ ବିପଦ ଭିତରକୁ ଠେଲି ଦେଉଛି।

ଏହା ସହିତ ଚାଷରେ ଚାଷୀ ଯେତିକି ରିସ୍କ ନେଉଛି, ଅନ୍ୟ କୌଣସି ବୃତ୍ତିରେ ସେତିକି ରିସ୍କ ନାହିଁ। ଚାଷରେ ପ୍ରଥମ ରିସ୍କ ହେଉଛି ଜଳବାୟୁ ବା ପାଣିପାଗ। ଯଦି ଠିକ୍ ଭାବେ ବର୍ଷା କିମ୍ବା ଖରା ହେଲା ନାହିଁ, ତେବେ ଚାଷୀର ଫସଲହାନିର ସମ୍ଭାବନା ଶତ ପ୍ରତିଶତ। ପୁନଶ୍ଚ ଖରା ବର୍ଷା ଶୀତରେ କାମ କରିବା ସମୟରେ ଚାଷୀ ଉପରେ ଘଡ଼ଘଡ଼ି ପଡ଼ିବା ଭୟ, ସାପ କାମୁଡ଼ିବା ଭୟ ଏବଂ କଠିନ ପରିଶ୍ରମ ଯୋଗୁ ସ୍ୱାସ୍ଥ୍ୟହାନିର ବି ଭୟ। ଏତେ ସବୁ ରିସ୍କ ସତ୍ତ୍ୱେ ଚାଷୀ ଚାଷ କରୁଛି ଓ ସମସ୍ତଙ୍କୁ ଆହାର ଯୋଗାଉଛି। ଚାଷୀର ବାସ୍ତବ ପରିସ୍ଥିତିକୁ ଆକଳନ କରିବାକୁ ହେଲେ ଗତ ପଚିଶ ବର୍ଷ ଭିତରେ ଚାଷୀ ଆତ୍ମହତ୍ୟାର ପରିସଂଖ୍ୟାନ ଓ ତା' ସହିତ ଚାଷରେ କ୍ଷତି ସହି ଗତ ପନ୍ଦର ବର୍ଷ ମଧ୍ୟରେ କେତେ ଚାଷୀ ଚାଷ ଛାଡ଼ି ଦିନ ମଜୁରିଆରେ ପରିଣତ ହୋଇଛନ୍ତି, ତାହା ଦେଖିବାକୁ ହେବ। ଗତ ପଚିଶ ବର୍ଷ ମଧ୍ୟରେ ଦୁଇ ଲକ୍ଷରୁ ଅଧିକ ଚାଷୀ ଆତ୍ମହତ୍ୟା କରିଛନ୍ତି ଓ ୨୦% ଚାଷୀ ଚାଷ ଛାଡ଼ି ଶ୍ରମିକରେ ପରିଣତ ହୋଇଛନ୍ତି। ଗୋଟିଏ ବୃତ୍ତିର ସଂକଟକୁ ଆକଳନ କରିବାକୁ ଏହାଠାରୁ ଅଧିକ କ'ଣ ତଥ୍ୟ ଦରକାର!

ଚାଷରେ ଚାଷୀ ଏତେ କଠିନ ପରିଶ୍ରମ କରୁଛି, ଏତେ ଅଧିକ ରିସ୍କ ନେଉଛି ଓ ତା'ର ପରିସ୍ଥିତି ଏପରି ସଂକଟଜନକ ସ୍ଥିତିରେ ପହଞ୍ଚିବା ସତ୍ତ୍ୱେ ବି ଚାଷୀଙ୍କ ପ୍ରତି ସରକାର ଓ ପ୍ରଶାସନର ମନୋଭାବ ଏବଂ ବ୍ୟବହାର ନ୍ୟାୟସଙ୍ଗତ ହେଉଥିବା ଦେଖାଯାଉନାହିଁ। ଫସଲ ବୁଣିବାଠାରୁ ଅମଳଯାଏ ଚାଷୀଙ୍କ କଷଣରେ ସରକାରଙ୍କର ମନ ବୁଝିଲା ନାହିଁ ଯେ, ଫସଲ ଅମଳ ପରେ ବିକ୍ରି କରିବା ସମୟରେ ସରକାର ଓ ପ୍ରଶାସନ ଚାଷୀ ଉପରେ ଦାଉ ସାଧିବାରେ କମ୍ କରୁନାହାନ୍ତି। ସଂପ୍ରତି ଆମ ରାଜ୍ୟରେ ଚାଷୀମାନେ ମଣ୍ଡିରେ ଧାନ ବିକ୍ରି କରିବା ସମୟରେ ବହୁତ ହନ୍ତସନ୍ତ ହେଉଛନ୍ତି। ସରକାର ଚାହିଁଲେ ଏହିବ୍ୟବସ୍ଥାକୁ ସହଜ ଓ ସରଳ କରିପାରନ୍ତେ। କିନ୍ତୁ ସରକାର ମଣ୍ଡିର ବ୍ୟବସ୍ଥାକୁ ଏପରି କରିଛନ୍ତି ଯେ, ଚାଷୀ ଫସଲ ବିକିବା ସମୟରେ କ୍ଷତି ସହୁଛି। ସଂପ୍ରତି ମଣ୍ଡିରେ ଚାଷୀମାନେ ଅନ୍ୟାୟପୂର୍ଣ୍ଣ ଭାବେ କଟ୍‌ନୀଛଟ୍‌ନୀର ଶିକାର ହେଉଛନ୍ତି। ଧାନର ଗୁଣବତ୍ତାକୁ ନିମ୍ନମାନର ଦର୍ଶାଇ ଚାଷୀର ଏକ କୁଇଣ୍ଟାଲ ଧାନରୁ ପ୍ରାୟ ୫ରୁ ୭ କିଲୋ କାଟି ଦେଉଛନ୍ତି। ଅର୍ଥାତ୍ କୁଇଣ୍ଟାଲ ପ୍ରତି ଏତିକି ଧାନର ମୂଲ୍ୟ ଚାଷୀକୁ ମିଳୁନାହିଁ। ପରିସ୍ଥିତି ଏପରି ହେଲାଣି ଯେ, ଅମଳ ପରେ ମଣ୍ଡିରେ ଧାନ କିଣିବାରେ ବହୁତ ବିଳମ୍ବ ହେଉଛି। ଚାଷୀଙ୍କୁ ଠିକ୍ ସମୟରେ ଅନ୍-ଲାଇନ ଟୋକନ ମିଳୁନାହିଁ। ଫଳରେ ଚାଷୀ ନିଜ ଉତ୍ପାଦକୁ ଧରି ବାରଦୁଆର ଶୁଙ୍ଘୀପିଣ୍ଡା ହେଉଛି। ଅନେକ କ୍ଷେତ୍ରରେ ଦେଖାଯାଉଛି ଯେ, ଚାଷୀମାନେ ରାତାରାତି ଧାନ ଧରି ମଣ୍ଡି ଦୁଆରେ ଅପେକ୍ଷା କରୁଛନ୍ତି। ଏହା ଚାଷୀଙ୍କ ପ୍ରତି ଏକ ପ୍ରକାର ନିର୍ଯାତନା କହିଲେ ଅତ୍ୟୁକ୍ତି ହେବ ନାହିଁ। ସରକାର ଏକ ଏକର ଜମିରୁ ନିର୍ଦ୍ଦିଷ୍ଟ ପରିମାଣର ଧାନ କିଣିବାକୁ ନିୟମ କରିଛନ୍ତି, ଯାହାକି ଅତି ପୁରୁଣାକାଳିଆ ନିୟମ। ଚାଷୀଙ୍କ କହିବା କଥା, ସଂପ୍ରତି ଏକ ଏକର ଜମିରୁ ସରକାର ଧାର୍ଯ୍ୟ କରିଥିବା ପରିମାଣଠାରୁ ଅଧିକ ଅମଳ ହେଉଛି। ତେଣୁ ସରକାରଙ୍କ ଏହି ନିୟମ ଯୋଗୁ ଚାଷୀଙ୍କ ସବୁ ଧାନ ବିକ୍ରି ହୋଇ ପାରୁନାହିଁ।



ମିଲର, ଏଜେଣ୍ଟ ଓ ସରକାରୀ ଅଧିକାରୀଙ୍କ ଅସାଧୁ ମେଣ୍ଟ ଯୋଗୁ ଚାଷୀମାନେ ବିଭିନ୍ନ ପ୍ରକାର ହଇରାଣ ହରକତ ହେଉଛନ୍ତି। ତାଙ୍କର ଭଲ ଗୁଣବତ୍ତାର ଧାନକୁ ନିମ୍ନମାନର ଦର୍ଶାଇ ଟାଳଟୁଳ ନୀତି ଅବଲମ୍ବନ କରି ତାଙ୍କୁ ସର୍ବନିମ୍ନ ସହାୟକ ମୂଲ୍ୟ ପାଇବାରୁ ବଞ୍ଚିତ କରାଯାଉଛି। ଅନେକ ସମୟରେ ଚାଷୀଙ୍କ ଧାନ ବାହାରେ ପଡ଼ିରହୁଛି। ଏପରି ହେବା ଯୋଗୁ ଗୋଟିଏ ପଟେ ଧାନର ଗୁଣବତ୍ତାରେ ପ୍ରଭାବ ପଡୁଛି। ମଣ୍ଡିରୁ ମିଲ୍‌କୁ ଧାନ ପରିବହନରେ ବି ଅଯଥାରେ ବିଳମ୍ବ ହେଉଛି। ଏଥିସହିତ ଟୋକନ ବଣ୍ଟନରେ ବି ଅନିୟମିତତା ହେଉଥିବା ଦେଖାଯାଉଛି। ଅନେକ କ୍ଷେତ୍ରରେ ଉପଯୁକ୍ତ ଚାଷୀ ଟୋକନ ପାଇବାରେ ବିଳମ୍ବ ହେଉଥିବା ବେଳେ ଅନୁପଯୁକ୍ତ ଲୋକମାନେ ଟୋକନ ପାଇଯାଉଛନ୍ତି। ଏଥିସହିତ କେତେକ କ୍ଷେତ୍ରରେ ନିୟମ ଅନୁସାରେ ୪୮ ଘଣ୍ଟା ମଧ୍ୟରେ ଧାନର ମୂଲ୍ୟ ଚାଷୀଙ୍କ ଆକାଉଣ୍ଟରେ ବି ପହଞ୍ଚୁ ନାହିଁ। ମଣ୍ଡିରେ ଏପରି ସବୁ ଅସୁବିଧା ଯୋଗୁ ଚାଷୀମାନେ ଆନ୍ଦୋଳନ ଜାରି ରଖିଛନ୍ତି। ତଥାପି ସରକାର ଚାଷୀଙ୍କ ସମସ୍ୟା ପ୍ରତି ଦୃଷ୍ଟି ଦେଉଥିବା ଦେଖାଯାଉ ନାହିଁ।

ଗୋଟିଏ ପଟେ ସରକାର କମ୍ପାନୀମାନଙ୍କ ପାଇଁ ନୀତି ନିୟମ ସହଜ କରୁଥିବା ବେଳେ ଚାଷୀମାନଙ୍କ ଲାଗି ଯେପରି ଭାବେ କଠିନ ନିୟମ ଲାଗୁ କରୁଛନ୍ତି, ଏଥିରୁ ସରକାରଙ୍କ ଚାଷୀ ବିରୋଧୀ ମନୋଭାବ ସ୍ପଷ୍ଟ ବୁଝିହେଉଛି। ବହୁରାଷ୍ଟ୍ରୀୟ କମ୍ପାନୀମାନଙ୍କୁ ବିଭିନ୍ନ ପ୍ରକାର ଅନୁମତି ପ୍ରଦାନ କରିବା ପାଇଁ ସରକାର ସିଙ୍ଗଲ ୱିଣ୍ଡୋ ବ୍ୟବସ୍ଥା କରୁଛନ୍ତି। ସେମାନଙ୍କ ପ୍ରକଳ୍ପ ପ୍ରତିଷ୍ଠା କରିବା ପାଇଁ ଏକର ପ୍ରତି କମ୍ ଟଙ୍କାରେ ଜମି ଦିଆଯାଉଛି। ଅତ୍ୟନ୍ତ କମ୍ ମୂଲ୍ୟରେ ପାଣି ଓ ବିଜୁଳି ଯୋଗାଇ ଦିଆଯାଉଛି। ସରକାର ନିଜ ଖର୍ଚ୍ଚରେ କମ୍ପାନୀର ସୁବିଧା ପାଇଁ ପ୍ରକଳ୍ପ ଅଞ୍ଚଳରେ ଉଚ୍ଚମାନର ମଜଭୁତିଆ ରାସ୍ତା ନିର୍ମାଣ କରୁଛନ୍ତି। କମ୍ପାନୀକୁ ଶୁଳ୍କ ଛାଡ଼ କରୁଛନ୍ତି। ବକେୟା ବିଜୁଳି ବିଲ୍ ଛାଡ଼ କରିଦେଉଛନ୍ତି। କିନ୍ତୁ ଅନ୍ୟପଟେ ଗରିବ ଚାଷୀମାନଙ୍କ ପ୍ରତି କଠିନରୁ କଠିନ ନିୟମ ଲାଗୁ କରୁଛନ୍ତି। କେତେବେଳେ ଧାନର ଗୁଣବତ୍ତା କଥା କହି ତାଙ୍କ ଧାନର ଉଚିତ ମୂଲ୍ୟ ଦେଉନାହାନ୍ତି ତ କେତେବେଳେ ଫସଲ ହାନିର କ୍ଷତିପୂରଣ ଦେବା ପାଇଁ ମାସ ମାସ ଗଡ଼େଇ ଦେଉଛନ୍ତି। କମ୍ପାନୀମାନଙ୍କ ଋଣଛାଡ଼ କରିବା ବେଳକୁ ସରକାର ତହବିଲ ଖୋଲି ଦେଉଛନ୍ତି ତ ଚାଷୀବେଳକୁ ବ୍ୟାଙ୍କ ବାଉନ୍ସର ପଠେଇ ଋଣ ଆଦାୟ କରୁଛି ଓ ପରିଣାମରେ ଚାଷୀ ଆତ୍ମହତ୍ୟା କରିବାକୁ ବାଧ୍ୟ ହେଉଛି। ସରକାର ଯଦି ଧନିକ ବ୍ୟବସାୟୀ ଓ କମ୍ପାନୀମାନଙ୍କ ପ୍ରତି ଏତେ କୋହଳ ହୋଇ ପାରୁଛନ୍ତି, ତାହେଲେ ଅନ୍ନଦାତାଙ୍କ ବେଳକୁ ଏତେ ଆକ୍ରୋଶ କାହିଁକି?

– ଭିରଙ୍ଗ, ତିରଣ, ଜଗତ୍‌ସିଂହପୁର
ମୋ: ୯୪୩୮୪୬୮୪୭୪

# ମହେନ୍ଦ୍ରଗିରିର ଶିବ ମହିମା



## ଡ. ଭାଗ୍ୟଲିପି ମଲ୍ଲ

ମହେନ୍ଦ୍ରଗିରି ପର୍ବତ, ଯେଉଁ ପର୍ବତ ଦିନେ ଥିଲା ଶ୍ୱେତକମଣ୍ଡଳ ରାଜ୍ୟର ଅଂଶବିଶେଷ, ଯେଉଁ ପର୍ବତକୁ ନିଜ କବିତାରେ ସ୍ଥାନ ଦେଇଛନ୍ତି ଗୋଦାବରୀଶ ମିଶ୍ର, ଗୋପବନ୍ଧୁ ଦାସ ଏବଂ କବିବର ରାଧାନାଥ ରାୟ, ଯାହାର ଶିଖରରେ ରହିଛି ଦ୍ୱାପର ଯୁଗର 'ମହାଭାରତ' କଥା, ସେହି ମହେନ୍ଦ୍ରଗିରିର ମହିମା ଆଜି ଭାରତରେ ପୁଣ୍ୟ ତୀର୍ଥଭୂମି ରୂପେ ପରିଚୟ ଲାଭ କରିଛି। ମହେନ୍ଦ୍ରଗିରି ପ୍ରାକୃତିକ ସମ୍ପଦରେ ପରିପୂର୍ଣ୍ଣ। ଏହାର ଆଧ୍ୟାତ୍ମିକ ଗୌରବ ଅତୁଳନୀୟ। ଏହା ଓଡ଼ିଶାର ଦକ୍ଷିଣରେ ଗଞ୍ଜାମ ଓ ଗଜପତି ଜିଲା ରାୟଗଡ଼ ବ୍ଲକ ଅନ୍ତର୍ଗତ ସଦର ମହକୁମା ପାରଳାଖେମୁଣ୍ଡିରେ ଅବସ୍ଥିତ। ବହୁ ପ୍ରାଚୀନ ଯୁଗରୁ ଗଞ୍ଜାମ-ଗଜପତି ପର୍ବତ୍ୟାଞ୍ଚଳରେ ମହେନ୍ଦ୍ରଗିରି ଦେବଦେବ ମହାଦେବଙ୍କର ନିବାସସ୍ଥଳୀ ହୋଇଥିବାରୁ ଏଠାରେ ମହାଶିବରାତ୍ରି ମହାସମାରୋହରେ ପାଳନ ହୋଇଥାଏ। ଗୋଦାବରୀ ନଦୀ ନିକଟରେ ଥିବା ପୂର୍ବଘାଟ ପର୍ବତମାଳାକୁ ମହେନ୍ଦ୍ରଗିରି କୁହାଯାଏ। ପାଦଦେଶରେ ମହେନ୍ଦ୍ରତନୟା ନଦୀ। ସପ୍ତକୁଳ ପର୍ବତ ମଧ୍ୟରେ ଏହା ଅନ୍ୟତମ ଶ୍ରେଷ୍ଠ ପର୍ବତଭାବେ ପରିଗଣିତ। ସେହି ପର୍ବତଗୁଡ଼ିକ ହେଲା- ମହେନ୍ଦ୍ର, ମଳୟ, ସହ୍ୟ, ଶୁକ୍ତିମାନ, ଋକ୍ଷ ପର୍ବତ, ବିନ୍ଧ୍ୟ ପର୍ବତ ଓ ପାରିଜାତ। ହିନ୍ଦୁଙ୍କ ପବିତ୍ର କାର୍ଯ୍ୟରେ ବ୍ୟବହାର ହେଉଥିବା ପ୍ରାୟ ନଦୀଗୁଡ଼ିକ ମହେନ୍ଦ୍ରତନୟା ନାମରେ ପରିଚିତ; ଯଥା- ତ୍ରିସାମା, ଋଷିକୁଲ୍ୟା, ଇକ୍ଷୁଳା, ତ୍ରିଦିବା, ଅଚଳା, ଲାଙ୍ଗୁଳିନୀ, ବଂଶଧାରା ଓ ମହେନ୍ଦ୍ରତନୟା ଇତ୍ୟାଦି। ମହେନ୍ଦ୍ରଗିରି ଦେବଦେବ ମହାଦେବ ମହେନ୍ଦ୍ରଙ୍କର ଅନ୍ୟତମ ନିବାସ ସ୍ଥାନ ଏବଂ ବିଷ୍ଣୁଙ୍କର ଷଷ୍ଠ ଅବତାର ଭଗବାନ ପର୍ଶୁରାମଙ୍କର ତପସ୍ୟାସ୍ଥଳୀ। ପ୍ରାକୃତିକ ସୌନ୍ଦର୍ଯ୍ୟ ମଧ୍ୟରେ ମହେନ୍ଦ୍ରଗିରିର ସୂର୍ଯ୍ୟୋଦୟ, ଖରା, ବର୍ଷା, ଶୀତର ଲୁଚକାଳି ଖେଳ, ସବୁଜବନାନୀ ଓ ଘଞ୍ଚ ଅରଣ୍ୟ ଆଦି ଅନସ୍ୱୀକାର୍ଯ୍ୟ। ଶୈଳୋଭବ ରାଜାମାନଙ୍କର ଅଭିଲେଖରୁ ମହେନ୍ଦ୍ରଗିରିର ପ୍ରାଚୀନତା ଜଣାପଡ଼େ। ମହେନ୍ଦ୍ର ଅର୍ଥାତ୍ ମହୀର ଯିଏ ଇନ୍ଦ୍ର ବା ଶ୍ରେଷ୍ଠ, ସେ ହେଉଛନ୍ତି ଦେବଦେବ ମହାଦେବ। ଏହି ମହେନ୍ଦ୍ରଗିରିର ଶିବ ହିଁ ଅଧିପତି ଦେବତା। ମହେନ୍ଦ୍ରଗିରିରେ ଷଡ଼ଋତୁଙ୍କର ଦିନକରେ ସମାଗମ ପରିଦର୍ଶକଙ୍କୁ ଯେତିକି ଚମତ୍କୃତ କରେ, ପର୍ବତ ଦେହରେ ଥିବା ପ୍ରାଚୀନ ମନ୍ଦିର ଯଥା-କୁନ୍ତୀ ମନ୍ଦିର, ଭୀମ ମନ୍ଦିର, ଯୁଧିଷ୍ଠିର ମନ୍ଦିର, ପର୍ଶୁରାମ କୁଟୀର, ପାଣ୍ଡବ ଗୁମ୍ଫା, ଗୋକର୍ଣ୍ଣେଶ୍ୱର ମନ୍ଦିର, ପୁଟେଶ୍ୱର ମନ୍ଦିର ଆଦିଷ୍ଟ ସେତିକି ଆଧ୍ୟାତ୍ମିକ ଚେତନାରେ ବ୍ୟକ୍ତିର ହୃଦୟକୁ ସିକ୍ତ କରେ।

ମହେନ୍ଦ୍ରଗିରି ପର୍ବତର ପ୍ରାକୃତିକ ଶୋଭା କେବଳ ଜନମନକୁ ହରଣ କରେନାହିଁ, ବରଂ ଯୁଗଯୁଗ ଧରି କବି, ସାହିତ୍ୟିକମାନଙ୍କୁ ଆକୃଷ୍ଟ କରିଛି। ମହେନ୍ଦ୍ରଗିରି କେବଳ ସାହିତ୍ୟ ବା ପୁରାଣରେ ସ୍ଥାନ ପାଇନାହିଁ, ବରଂ ତା'ର ଜୈବ ବିବିଧତା ପାଇଁ ପରିବେଶବିତ୍‌ଙ୍କୁ ଆକର୍ଷିତ କରିଛି। ତା'ର ଜୈବ ବିବିଧତା ଗଭୀର ଅଧ୍ୟୟନର ଅପେକ୍ଷା ରଖେ। ମହେନ୍ଦ୍ରଗିରି ପର୍ବତ ଓଡ଼ିଶାର ଦକ୍ଷିଣାଞ୍ଚଳର ପରିବେଶକୁ ସନ୍ତୁଳିତ କରି ରଖିବାରେ ପ୍ରମୁଖ ଭୂମିକା ଗ୍ରହଣ କରେ।

ମହେନ୍ଦ୍ରଗିରିର ଶିବ ମହିମା ମହାଭାରତ, ରାମାୟଣ, ବିଷ୍ଣୁ ପୁରାଣ, ବାୟୁ ପୁରାଣ, ଅଧ୍ୟାତ୍ମ ରାମାୟଣ, ସାରଳା ମହାଭାରତ ଓ ବିଭିନ୍ନ ଶିଳାଲେଖରେ ଦେଖିବାକୁ ମିଳେ। ମହେନ୍ଦ୍ରଗିରି



ସହିତ ଯୋଡ଼ିହୋଇ ରହିଛି ରାମାୟଣ, ମହାଭାରତ ଓ ଶିବଙ୍କର ଅପୂର୍ବ ମହିମାର କଥା। ଦେବଦେବ ମହାଦେବ ଏହି ଗିରିଶୃଙ୍ଗ ଉପରେ ଯେଉଁଠାରେ ଧ୍ୟାନମଗ୍ନ ଥିଲେ, ମାତା ସୀତାଙ୍କୁ ଠାବ କରିବା ପାଇଁ ସେହି ଶିଖରରୁ ହନୁମାନ ଲଙ୍କାକୁ ଲମ୍ଫ ପ୍ରଦାନ କରିଥିଲେ। ଏହାର ସ୍ମୃତିସ୍ୱରୂପ ମହେନ୍ଦ୍ରଗିରିରେ ହନୁମାନ କୁଦ, ହନୁମାନ ମନ୍ଦିର ଓ ହନୁମାନ ପଦଚିହ୍ନ ଦେଖିବାକୁ ମିଳେ। ଏଥିସହ ଶିବଙ୍କର ଅତୁଳନୀୟ ମହିମା ସେହିଯୁଗରୁ ହିଁ ରହିଆସିଛି।

ମହାଭାରତ ସମୟରେ ପାଣ୍ଡବମାନେ ଯେତେବେଳେ ଅଜ୍ଞାତବାସରେ ଥିଲେ, ସେତେବେଳେ ପିତା ପାଣ୍ଡୁଙ୍କର ଶ୍ରାଦ୍ଧଦିବସ ପଡ଼ିଥିବାରୁ ମାତା କୁନ୍ତୀଙ୍କର ଆଦେଶପୂର୍ବକ ସେମାନେ ମହେନ୍ଦ୍ରଗିରିର ଘଞ୍ଚଜଙ୍ଗଲ ଭିତରକୁ ପିଣ୍ଡଦାନ ନିମିତ୍ତ ଏକ ଗଣ୍ଡା ଶିକାର କରିବାକୁ ଆସିଥିଲେ। ମାତ୍ର ଗଣ୍ଡା ବଦଳରେ ସେଠାରେ ବୁଲୁଥିବା ଏକ ବିଚିତ୍ର ଗାଈକୁ ସେମାନେ ବଧ କରିଦେଇଥିଲେ। ପୁରାଣପ୍ରସିଦ୍ଧ ଏହି ପବିତ୍ର ଗାଈର ନାମ ଥିଲା କପିଳା। କପିଳା ଗାଈର ହତ୍ୟା ସମ୍ପର୍କରେ ମାତା କୁନ୍ତୀଙ୍କୁ ଜଣାଇବା ପରେ ଗୋହତ୍ୟା ଦୋଷରୁ ପୁତ୍ରମାନେ କିପରି ମୁକ୍ତି ପାଇବେ ଶ୍ରୀକୃଷ୍ଣଙ୍କୁ ପ୍ରାର୍ଥନା କରିଥିଲେ। ତତ୍‌କ୍ଷଣାତ୍ ସଖା କୃଷ୍ଣ ଉପଗତ ହୋଇ ମହେନ୍ଦ୍ରଗିରିର ଶୃଙ୍ଗ ଉପରେ ପର୍ଶୁରାମ ଏବଂ ନାରଦ ମୁନିଙ୍କ ସହାୟତାରେ ଦେବସଭାର ଆୟୋଜନ ସହ ଯଜ୍ଞାଦି ଅନୁଷ୍ଠାନ କରାଇଲେ। ଏହି ସଭାରେ ବ୍ରହ୍ମା, ଶିବ, ବିଷ୍ଣୁ ଓ ବହୁ ଦେବଦେବୀଙ୍କ ସହ ମୁନିଋଷିମାନେ ଉପସ୍ଥିତ ଥିଲେ। ଉପସ୍ଥିତ ଦେବଦେବୀଙ୍କ ମତାନୁସାରେ ତଥା କୁନ୍ତୀ ଓ ପାଣ୍ଡବଙ୍କ ପ୍ରାର୍ଥନାରେ ଯୋଗୀରାଜଙ୍କର ଧ୍ୟାନ ଭଙ୍ଗ ହେଲା ଓ ପାଣ୍ଡବଙ୍କ ପାପକୁ ସେ ନିଜ ଦେହରେ ବୋଳି ଗୋହତ୍ୟାଜନିତ ପାପରୁ ମୁକ୍ତ କରାଇଥିଲେ। ମୃତଧେନୁ କପିଳାର କର୍ଣ୍ଣ ଯେଉଁଠାରେ ପଡ଼ିଲା, ତାହା ଗୋକର୍ଣ୍ଣେଶ୍ୱର, ପୁଟି ଯେଉଁଠାରେ ପଡ଼ିଲା ତାହା ପୁଟେଶ୍ୱର ନାମରେ ମନ୍ଦିର ହେବା ସହ ବହୁ ଶିବଲିଙ୍ଗଯୁକ୍ତ ମନ୍ଦିର ଏହିପର୍ବତଶ୍ରେଣୀରେ ଗଢ଼ିଉଠିଲା।

ଲୋକମାନଙ୍କ ବିଶ୍ୱାସ ସହିତ ଶିବଭକ୍ତ ଏବଂ ପ୍ରାୟତଃ ସବୁ ଦେବଦେବୀଙ୍କର ଏହି ପର୍ବତରେ ଦେବସଭା ଓ ଯଜ୍ଞଯୋଗୁ ମହେନ୍ଦ୍ରଗିରି ଏକ ଆଧ୍ୟାତ୍ମିକ ଗିରିଭାବେ ପ୍ରସିଦ୍ଧି ଅର୍ଜନ କରିପାରିଛି। ମହାଦେବ ଅକୁଣ୍ଠ ଚିତ୍ତରେ ପାଣ୍ଡବଙ୍କୁ ପାପମୁକ୍ତ କରାଇଥିବାରୁ ସେହି ନୀଳକଣ୍ଠଙ୍କ ପ୍ରତି ଅଖଣ୍ଡ ବିଶ୍ୱାସ ଯୋଗୁଁ ଏଠାରେ ମହାଶିବରାତ୍ରି ବହୁ ଆଡ଼ମ୍ବରରେ ପାଳନ ହୁଏ। ଏଥିସହିତ ଯୋଡ଼ି ହୋଇଯାଇଛି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର କିମ୍ବଦନ୍ତୀ। ଏହି କିମ୍ବଦନ୍ତୀ ଅନୁସାରେ କଳିଙ୍ଗ ମହାରାଜାଙ୍କର ବିଦ୍ୟାପତିଙ୍କ ମାଧ୍ୟମରେ ନୀଳମାଧବଙ୍କ ଦର୍ଶନ ସହିତ ମହେନ୍ଦ୍ରଗିରିର ପାଦଦେଶରେ ଥିବା ଏକ ସୁନ୍ଦର ପୁଷ୍କରିଣୀ ନିକଟରେ ଆଦିବାସୀ ଲଳନା ଲଳିତାଙ୍କ ସହିତ ବିଦ୍ୟାପତିଙ୍କର ସାକ୍ଷାତ ହେବା ଯୋଗୁ ତାର ପ୍ରମାଣସ୍ୱରୂପ ଏବେ ମଧ୍ୟ ସେହି ଲଳିତା ପୁଷ୍କରିଣୀ ବିଦ୍ୟମାନ। ମହାଶିବରାତ୍ରିରେ ଏହି ପୁଷ୍କରିଣୀ ପରିଦର୍ଶନାର୍ଥେ ବହୁ ଜନସମାଗମ ହୋଇଥାଏ।

ତେଣୁ ମହେନ୍ଦ୍ରଗିରି କେବଳ ଏକ ପ୍ରାକୃତିକ ସୁଷମାଘେରା ସୁନ୍ଦର ପାହାଡ଼ଟିଏ ନୁହେଁ, ଏହା ମହାଦେବଙ୍କର ନିତ୍ୟ ନିବାସସ୍ଥଳୀ ଓ ପର୍ଶୁରାମଧାମ ହୋଇଥିବାରୁ ଏହାକୁ ଏକ ଆଧ୍ୟାତ୍ମିକ ସ୍ଥାନ ଭାବେ ଭକ୍ତମାନେ ଗ୍ରହଣ କରିଥା'ନ୍ତି। ଦେବଦେବ ମହେନ୍ଦ୍ର ଓ ପର୍ଶୁରାମଙ୍କର ସ୍ଥାୟୀ ଉପସ୍ଥିତି ଯୋଗୁ ଏଠାକୁ ବହୁ ଦେବଦେବୀ ଓ ଋଷିମାନଙ୍କର ଆତଯାତ ହୋଇଥାଏ।

– ସଂସ୍କୃତି ବିଶେଷଜ୍ଞ
ମୋ: ୮୯୧୭୩୩୨୫୮୫

## ଏଇ ଭାରତରେ

ଝାଡ଼ଖଣ୍ଡର ବରକୁଲି ଗାଁର ଜ୍ଞାନଲତା ହେମ୍ବ୍ରମ୍ ଜୈବିକ ଚାଷ ଲାଭଜନକ ବୋଲି ପ୍ରମାଣ କରିଛନ୍ତି। ଜଣେ ସଫଳ ମହିଳା ଚାଷୀ ଭାବେ ସେ ଜୈବିକ ଚାଷରୁ ୧୦ ଲକ୍ଷ ଟଙ୍କାର ବିଜ୍‌ନେସ୍ କରିପାରିଛନ୍ତି। ସେ ଏବେ ୬ ଏକର ଜମିରେ ଟମାଟୋ, ବାଇଗଣ, କ୍ୟାପ୍‌ସିକମ୍, ଲଙ୍କା, କୋବି ଆଦି ଚାଷ କରୁଛନ୍ତି। ୨୦୨୧ରେ ସେ ଏହି ଚାଷ ଆରମ୍ଭ କରିଥିଲେ। ପ୍ରଫେଶନାଲ ଆସିଷ୍ଟାନ୍ସ ଫର୍ ଡେଭଲପ୍‌ମେଣ୍ଟ ଆକ୍ସନ ନାମକ ସଂସ୍ଥା ଏଥିରେ ଆରମ୍ଭରୁ ତାଙ୍କୁ ସହଯୋଗ କରିଥିଲା। ଏବେ ନିଜ ଅଞ୍ଚଳରେ ଏହି ସଂସ୍ଥାର ଦାୟିତ୍ୱରେ ରହିବା ପରେ ସ୍ଥାନୀୟ ଅଞ୍ଚଳରେ ଜୈବିକ କୃଷିରେ ମହିଳାଙ୍କୁ ସାମିଲ କରିବାରେ ଲାଗିଛନ୍ତି। ଏବେସୁଦ୍ଧା ସେ ସ୍ୱୟଂ ସହାୟିକା ଗୋଷ୍ଠୀର ପ୍ରାୟ ୧୨୦୦ ମହିଳାଙ୍କୁ ଜୈବିକ ଚାଷ ପ୍ରତି ଆକୃଷ୍ଟ କରିପାରିଛନ୍ତି। ସେ ଚାଷୀଙ୍କୁ ଶସ୍ତାରେ ପନିପରିବା ଚାରା ଗଛ ଯୋଗାଇ ଦେଉଛନ୍ତି। ଏହା ସହ ମହିଳାମାନେ ଜିଆଖତ ପ୍ରସ୍ତୁତ କରି ଲାଭ ପାଉଛନ୍ତି। ପ୍ରଫେଶନାଲ ଆସିଷ୍ଟାନ୍ସ ଫର୍ ଡେଭଲପ୍‌ମେଣ୍ଟ ଆକ୍ସନ୍ ଦ୍ୱାରା ପରିଚାଳିତ ବାୟୋ ରିସୋର୍ସ ସେଣ୍ଟର(ବିଆର୍‌ସି) ମାଧ୍ୟମରେ ଜ୍ଞାନଲତା ପ୍ରାରମ୍ଭରେ ୬୦,୦୦୦ ଟଙ୍କାର ବିଜ୍‌ନେସ କରୁଥିଲେ, ହେଲେ ଏହା ଏବେ ୧୦ ଲକ୍ଷ ଟଙ୍କା ଛୁଇଁଲାଣି।

## ୫୦ ବର୍ଷ ତଳର ଧରିତ୍ରୀ

### ୧୫ ଫେବୃଆରୀ ୧୯୭୭

- ରାଷ୍ଟ୍ରପତି ଜୁଲିୟସ ନିରେର ତାଞ୍ଜାନିୟାର ନୂତନ ପ୍ରଧାନମନ୍ତ୍ରୀ ରୂପେ ଏଡ୍‌ୱାର୍ଡ ସୋକୋଇନଙ୍କୁ ନିଯୁକ୍ତ କରିଛନ୍ତି।
- ତୁର୍କୀ ଏୟାରଲାଇନ୍ସର ଗୋଟିଏ ବମାନକୁ ଅପହରଣ କରିବା ସହ ପାଇଲଟଙ୍କୁ ଆହତ କରିଥିବା ଅଭିଯୋଗରେ ୧୭ ବର୍ଷ ବୟସ୍କ ପୋଲିସ କ୍ୟାଡେଟ୍ ଗିରଫ।
- ଭାରତର ବିଶିଷ୍ଟ ରାଜନୀତିଜ୍ଞ ତଥା ମିଳିତ ଜାତିସଂଘର ସଭାପତି ନେତ୍ରୀ ଶ୍ରୀମତୀ ବିଜୟଲକ୍ଷ୍ମୀ ପଣ୍ଡିତ୍‌ଙ୍କ ଗଣତାନ୍ତ୍ରିକ କଂଗ୍ରେସ ଦଳରେ ଯୋଗଦାନ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 4 | | | | 8 | 2 |
| 6 | | | | | | 4 | 7 | |
| 8 | 4 | | | | 1 | | 9 | 3 |
| 9 | | | | | 2 | 7 | 6 | 5 |
| | | | 1 | 8 | 5 | | 2 | |
| | | 4 | 6 | 9 | | | | |
| | | 2 | 9 | | | 8 | 4 | |
| | 9 | | | 1 | | | | |
| | 3 | | | 6 | 4 | 1 | 5 | 9 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 6 | 9 | 2 | 7 | 5 | 3 | 4 | 8 |
| 7 | 8 | 2 | 4 | 3 | 9 | 6 | 5 | 1 |
| 3 | 5 | 4 | 1 | 6 | 8 | 7 | 9 | 2 |
| 9 | 4 | 8 | 6 | 2 | 7 | 5 | 1 | 3 |
| 2 | 7 | 1 | 5 | 8 | 3 | 9 | 6 | 4 |
| 6 | 3 | 5 | 9 | 1 | 4 | 2 | 8 | 7 |
| 5 | 9 | 3 | 8 | 4 | 2 | 1 | 7 | 6 |
| 4 | 2 | 6 | 7 | 5 | 1 | 8 | 3 | 9 |
| 8 | 1 | 7 | 3 | 9 | 6 | 4 | 2 | 5 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ସମିତି ସଭ୍ୟ ପ୍ରସ୍ତାବ ଦେବାରେ ସୀମିତ

ମହାଶୟ,

ଓଡ଼ିଶାର ୩୧୪ ବ୍ଲକରେ ପ୍ରାୟ ୬୦୦୦ରୁ ଅଧିକ ସମିତି ସଭ୍ୟା/ସଭ୍ୟ ନିର୍ବାଚିତ ହୋଇଥିଲେ ହେଁ ବାସ୍ତବ କ୍ଷେତ୍ରରେ ସେମାନଙ୍କ ଗୁରୁତ୍ୱ ହ୍ରାସ ପାଇବାରେ ଲାଗିଛି। ବିଜୁ ଜନତା ଦଳ ସରକାର ଯିବା ପୂର୍ବରୁ ମାସିକ ଭତ୍ତା ଟ.୨୩୫୦ରୁ ୯,୫୦୦ ଟଙ୍କାକୁ ବୃଦ୍ଧି କରି କ୍ଷମତାରୁ ଯାଇ ସାରିଛନ୍ତି। ପଞ୍ଚାୟତିରାଜ ନିୟମ ଅନୁସାରେ, ପ୍ରତି ଦୁଇ ମାସରେ ଅନ୍ତତଃ ଗୋଟିଏ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହେବା କଥା। ସେହି ହିସାବରେ ଗତ ୪ ବର୍ଷ ମଧ୍ୟରେ ଅତିକମ୍‌ରେ ୨୪ଟି ବୈଠକ ହେବା ଆବଶ୍ୟକ। କିନ୍ତୁ ଅଧିକାଂଶ ବ୍ଲକରୁ ଆସୁଥିବା ରିପୋର୍ଟ ଅନୁସାରେ, ୪ ବର୍ଷରେ ମାତ୍ର ୪ରୁ ୫ଟି ବୈଠକ ହେବା ମଧ୍ୟ କଷ୍ଟକର ହୋଇପଡ଼ିଛି। ବ୍ଲକକୁ ଆସୁଥିବା କୋଟି କୋଟି ଟଙ୍କାର ଅନୁଦାନ ପାଇଁ ସମିତି ବୈଠକର ଅନୁମୋଦନ ଲୋଡ଼ାଯାଉ ନାହିଁ। ସମିତି ସଭ୍ୟମାନେ କେବଳ କାଗଜପତ୍ରରେ ପ୍ରସ୍ତାବ ଦେବାରେ ସୀମିତ ରହିଛନ୍ତି। ଗତ ୩ ବର୍ଷରେ ଜଣେ ସଭ୍ୟ ହାରାହାରି ୧୦ ଲକ୍ଷ ଟଙ୍କାର ପ୍ରସ୍ତାବ ଦେଇଥିଲେ ହେଁ ସେଥିରୁ କେତୋଟି କାର୍ଯ୍ୟକାରୀ ହୋଇଛି ଏବଂ କେଉଁ ପାଣ୍ଠିରୁ ହୋଇଛି, ତାହା ସଭ୍ୟଙ୍କ ଅଗୋଚରରେ ରହୁଛି।

**– ସମରେନ୍ଦ୍ର ଦୀକ୍ଷିତ, ପୁରୀ, କାକଟପୁର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଅଧର ସୁଷମା ନ ବଢ଼େ ଚିର
ରହିଲେ ମୂକ
ବାସନା ବିକାରେ ବିକଳେ ଖାଲି
ବଳଇ ଦୁଃଖ।

-(ପ୍ରାଚୀନ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପଢ଼ିବା ଅଭ୍ୟାସ ଜ୍ଞାନର ପରିସୀମା ବୃଦ୍ଧିକରେ

**ପୁସ୍ତକ ମେଳା ଇଙ୍କ୍‌ଫେଷ୍ଟ ଉଦ୍‌ଘାଟିତ**

ସୋନପୁର, ୧୪।୨ (ମୃତ୍ୟୁଞ୍ଜୟ ଶତପଥୀ)

ପଢ଼ିବା ଅଭ୍ୟାସ ଯୁବପିଢ଼ିଙ୍କ ସହ ବିଭିନ୍ନ ବର୍ଗଙ୍କ ଜ୍ଞାନର ପରିସୀମାକୁ ବୃଦ୍ଧି କରିବା ଦିଗରେ ସହାୟକ ହୁଏ। ତେଣୁ ପୁସ୍ତକ ପଢ଼ିବାର ଅଭ୍ୟାସକୁ ପୁଣି ଥରେ ଫେରାଇ ଆଣିବାକୁ ହେବ। ଭବିଷ୍ୟତ ପିଢ଼ି ପାଇଁ ଏହା ଖୁବ୍ ଗୁରୁତ୍ୱପୂର୍ଣ୍ଣ। ଏଥିପାଇଁ ପୁସ୍ତକ ମେଳା ସହିତ ଆଲୋଚନାଚକ୍ର ଆୟୋଜନର ଆବଶ୍ୟକତା ରହିଛି ବୋଲି ଶନିବାର ସପ୍ତମ ସୁବର୍ଣ୍ଣପୁର ଜିଲାସ୍ତରୀୟ ପୁସ୍ତକ ମେଳା ଇଙ୍କ୍‌ଫେଷ୍ଟ-୨୦୨୬ର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସୁବର୍ଣ୍ଣପୁର ଜିଲାପାଳ ଡ. ନୃପରାଜ ସାହୁ କହିଛନ୍ତି। ସହରର ରୟାଲ ପଡିଆଠାରେ ଅୟୋଜିତ ମେଳା ଉଦ୍‌ଘାଟନୀ ସଭାରେ ଇଙ୍କ୍‌ଫେଷ୍ଟ ସଭାପତି ସ୍ୱାଧୀନ ମେହେର ଅଧ୍ୟକ୍ଷତା କରିବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।

ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ରାଜେନ୍ଦ୍ର ମାଝି ଯୋଗଦେଇ ନିୟମିତ ପଢ଼ିବା ଅଭ୍ୟାସ ସବୁବର୍ଗର ଲୋକଙ୍କ ମଧ୍ୟରେ ଧୈର୍ଯ୍ୟ, ଦୃଢ଼ତା ଓ ବୌଦ୍ଧିକ ଗଭୀରତା ବିକଶିତ କରେ ବୋଲି କହିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ (ସାଧାରଣ) ଅଞ୍ଜଳିନା ପ୍ରଧାନ କହିଥିଲେ, ପଢିବା ଅଭ୍ୟାସ ବଢିଲେ ପୁସ୍ତକ ମେଳା ଓ ପାଠାଗାରର ଠିକ୍ ଉପଯୋଗ ହୋଇପାରିବ। ସୋନପୁର ବ୍ଲକ ଶିକ୍ଷା ଅଧିକାରୀ ଲକ୍ଷ୍ମଣ ମିଶ୍ର ମୁଖ୍ୟବକ୍ତାଭାବେ ଯୋଗଦାନ କରି ପାଠାଗାର ସଂସ୍କୃତିକୁ ଉନ୍ନତ କରିବା ଏବଂ ସୃଜନଶୀଳ ଆଲୋଚନାକୁ ପ୍ରୋତ୍ସାହନ ଦେବା ବର୍ତ୍ତମାନ ସମୟର ଆବଶ୍ୟକତା। ପୁସ୍ତକ ମେଳା ଏ ଦିଗରେ ସହାୟକ ହେବ ବୋଲି ସେ ଆଶା ପ୍ରକାଶ କରିଥିଲେ। ଏହି ଅବସରରେ ଡକ୍ଟର ଜ୍ୟୋତିରଞ୍ଜନ ବହିଦାରଙ୍କ ଗଳ୍ପ ସଙ୍କଳନ ଦାହ ଅତିଥିଙ୍କ ଦ୍ୱାରା ଉନ୍ମୋଚନ ହୋଇଥିଲା। ସେହିପରି ଇଙ୍କ୍‌ଫେଷ୍ଟର ଉପଦେଷ୍ଟା ସ୍ୱର୍ଗତ ଗୌରିଶ୍ୟାମ ପଣ୍ଡାଙ୍କ ଉଦ୍ଦେଶ୍ୟରେ ଏକ ସ୍ମୃତି ପୁସ୍ତିକା ଲୋକାର୍ପିତ ହୋଇଥିଲା। ଗୋବିନ୍ଦ ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ। ଆସନ୍ତା ୨୧ତାରିଖ ପର୍ଯ୍ୟନ୍ତ ଏହି ମେଳା ଚାଲିବ। ଓଡ଼ିଶା ସରକାରଙ୍କ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଜିଲା ସଂସ୍କୃତି ପରିଷଦ ଏବଂ ଇଙ୍କ୍‌ଫେଷ୍ଟର ମିଳିତ ଆୟୋଜନରେ ପୁସ୍ତକ ମେଳା ସହ ପ୍ରତ୍ୟହ ସନ୍ଧ୍ୟାରେ ଆଲୋଚନାଚକ୍ର ଓ ସାରସ୍ୱତ ମେଳା ଆୟୋଜନର କାର୍ଯ୍ୟକ୍ରମ ରହିଛି। ପୁସ୍ତକ ମେଳାରେ ମୋଟ ୮୪ଟି ଷ୍ଟଲ ରହିଛି। ଏଥିରେ ରାଜ୍ୟ ଓ ଜାତୀୟସ୍ତରର ପ୍ରସିଦ୍ଧ ପୁସ୍ତକ ପ୍ରକାଶନୀ ସଂସ୍ଥା ଓ ବିକ୍ରେତା ମାନେ ଯୋଗ ଦେଇଛନ୍ତି।


ଡକ୍ଟର ଜ୍ୟୋତି ରଞ୍ଜନ ବହିଦାରଙ୍କ ଗଳ୍ପ ସଙ୍କଳନ ଦାହକୁ ଅତିଥି ବୃନ୍ଦ ଉନ୍ମୋଚନ କରୁଛନ୍ତି।

# ସ୍ନାତକ ମହାବିଦ୍ୟାଳୟରେ ରାଜ୍ୟସ୍ତରୀୟ ଆଲୋଚନାଚକ୍ର

ଖଡ଼ିଆଳ, ୧୪।୨ (ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳସ୍ଥିତ ଆଦର୍ଶ ସ୍ନାତକ ମହାବିଦ୍ୟାଳୟରେ ଗ୍ରନ୍ଥାଗାର ଓ ସୂଚନା ବିଜ୍ଞାନ ବିଭାଗ ତରଫରୁ ରାଜ୍ୟସ୍ତରୀୟ ଆଲୋଚନା ଚକ୍ର ଅଧ୍ୟକ୍ଷ ଡ. ଅକ୍ଷୟ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। 'ମୁକ୍ତଜ୍ଞାନ, କପିରାଇଟ, କ୍ରିଏଟିଭ କମନ୍ସ ଓ ଓଇଆର ବିପ୍ଳବ' ଶୀର୍ଷକରେ ଅନୁଷ୍ଠିତ ଆଲୋଚନାଚକ୍ରରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଗ୍ରନ୍ଥାଗାର ଓ ସୂଚନା ବିଜ୍ଞାନ ବିଭାଗର ବିଭାଗ ମୁଖ୍ୟ ପ୍ରଫେସର ଡ଼. ବୁଲୁ ମହାରଣା ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପିପିଟି ମାଧ୍ୟମରେ ନିଜର ବକ୍ତବ୍ୟ ରଖିଥିଲେ। ଆଇଆଇଟି ଭୁବନେଶ୍ୱରର ସହକାରୀ ଗ୍ରନ୍ଥାଗାରିକ ଡ. ଶମ୍ଭୁନାଥ ସାହୁ ଆଭାସୀ ମାଧ୍ୟମରେ ଯୋଗଦେଇ ବିଷୟ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ଭାରପ୍ରାପ୍ତ ବିଭାଗ ମୁଖ୍ୟ ସହକାରୀ ପ୍ରଫେସର ଡ. ଲିଙ୍ଗରାଜ ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଆର୍‌ଏଣ୍ଡଡି ସେଲ ସଂଯୋଜକ ଡ଼. ସୁବାସ ଚନ୍ଦ୍ର ବିଶ୍ୱାଳ ମଞ୍ଚ ପରିଚାଳନା କରିଥିଲେ। ପରିଶେଷରେ ସହ ଆବାହକ ଅଧ୍ୟାପକ ବିଷ୍ଣୁ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ବିଭାଗର ସମସ୍ତ ଛାତ୍ରୀଛାତ୍ର ତଥା ଅଧ୍ୟାପକ ଅଧ୍ୟାପିକା ଅଂଶଗ୍ରହଣ କରିଥିଲେ।


ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥିମାନେ।

**GANGADHAR MEHER UNIVERSITY**
**AMRUTA VIHAR, SAMBALPUR-768004 (ODISHA)**
No. 648 /GMU/2026 Date 14.02.2026

**RECRUITMENT NOTICE**

Gangadhar Meher University is seeking applications from Indian citizens having eligibility as per the UGC Notification, New Delhi, dated 4th July 2018, for appointment to the posts of Assistant Professor/ Associate Professor/ Professor against regular sanctioned posts in the mentioned departments: (Anthropology, Biotechnology, Botany, Chemistry, Commerce, Computer Science, Economics, Education, English, Geography, Hindi, History, Library and Information Science, Mathematics, Odia, Philosophy, Physics, Political Science, Psychology, Sanskrit, Sociology, Statistics and Zoology) as per the Letter No. 5322/HE, Dated 31.01.2026 of Department of Higher Education, Government of Odisha, Bhubaneswar. The online application form and department-wise reservation details will be made available on the University website **www.gmuniversity.ac.in** from 28th February 2026 onwards. For details of the terms and conditions, guidelines for applying etc. please visit the University website.

Application open date : 28th February 2026
Application closing date : 13th April 2026

Sd./- Registrar

# ଧାନ ଉଠାଣ ବିଳମ୍ବ: ମଣ୍ଡି ପରିଦର୍ଶନକଲେ ଅଧିକାରୀ


ମଣ୍ଡି ପରିଦର୍ଶନରେ ଆସିଥିବା ପ୍ରଶାସନିକ ଅଧିକାରୀ।

ବେହେରା, ୧୪।୨ (ବେହେରା)

କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ ବେହେରା ଧାନ ମଣ୍ଡିରେ ଧାନ ଉଠାଣ କାର୍ଯ୍ୟ ମନ୍ଥର ଗତିରେ ଚାଲିଥିବାରୁ ଚାଷୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଳମ୍ବ ଯୋଗୁ ୭୫ ଜଣ ଚାଷୀଙ୍କ ଟୋକନ ମିଆଦି ଶେଷ ହୋଇଯାଇଛି। ସୂଚନା ଅନୁଯାୟୀ, ବର୍ତ୍ତମାନ ସୁଦ୍ଧା ୯୩୦ ଜଣ ଚାଷୀଙ୍କ ମୋଟ ୧୪,୬୯୮ କୁଇଣ୍ଟାଲ ଧାନ ଉଠାଣ ହୋଇଛି। କିନ୍ତୁ ଅନେକ ଚାଷୀଙ୍କ ଧାନ ମଣ୍ଡି ପ୍ରାଙ୍ଗଣରେ ପଡ଼ି ରହିଥିବାରୁ ସେମାନେ ଚିନ୍ତାରେ ଅଛନ୍ତି। ଏହି ପରିସ୍ଥିତିକୁ ନଜରରେ ରଖି ଏସିଏସ୍‌ଓ ଓ ଡେପୁଟି କଲେକ୍ଟର ମଣ୍ଡି ପରିଦର୍ଶନ କରିଥିଲେ। ସେମାନେ ଚାଷୀମାନଙ୍କ ସହ ଆଲୋଚନା କରି ତିନିଦିନ ମଧ୍ୟରେ ସମସ୍ତ ଧାନ ଉଠାଣ ସମ୍ପୂର୍ଣ୍ଣ କରାଯିବ ବୋଲି ଆଶ୍ୱାସନ ଦେଇଥିବା ସୂଚନା ମିଳିଛି। ଏ ବିଷୟରେ ଧର୍ମଗଡ ଉପ ଜିଲାପାଳ ପ୍ରତିକ୍ଷା ଅଗ୍ରୱାଲଙ୍କୁ ପଚାରିବାରୁ ଏ ନେଇ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରୁଛି ବୋଲି କହିଥିଲେ।

**ଆବଶ୍ୟକ**

15,000 ଟଙ୍କା ପର୍ଯ୍ୟନ୍ତ ରୋଜଗାର କରନ୍ତୁ, ରାପିଡୋରେ ଆଜି ଯୋଗ ଦିଅନ୍ତୁ। ଆବଶ୍ୟକତା : ଡିଏଲ୍, ବାଇକ୍, ଆଧାର କିମ୍ବା ପାନ୍ ତୁରନ୍ତ। ଯୋଗଦେବା ଉପଲବ୍ଧ, ଏବେ ଯୋଗଦେବାକୁ କଲ୍ କରନ୍ତୁ - 08071934927।

**ମହାନଦୀ କୋଲଫିଲ୍‌ଡସ ଲିମିଟେଡ୍**
(କୋଲ ଇଣ୍ଡିଆ ଲିମିଟେଡ୍ ର ଏକ ସହାୟକ କମ୍ପାନୀ)
ଜାଗୃତି ବିହାର, ବୁର୍ଲା-୭୬୮୦୨୦, ଜିଲ୍ଲା-ସମ୍ବଲପୁର, ଓଡ଼ିଶା
ଟେଲିଫୋନ୍ (ଇପିଏବିଏକ୍ସ)-୦୬୬୩-୨୫୪୨୪୬୧ ରୁ ୪୬୯, ୱେବ୍‌ସାଇଟ୍ : www.mahanadicoal.in

**ବିଜ୍ଞପ୍ତି**

"ସାମଗ୍ରୀ ଗୁଡ଼ିକର କ୍ରୟ କାର୍ଯ୍ୟ ଏବଂ ସେବା ସଂଗ୍ରହ ନିମନ୍ତେ CIL ଏବଂ ଏହାର ସହାୟକ ଅନୁଷଙ୍ଗୀ କମ୍ପାନିମାନଙ୍କ ଦ୍ୱାରା ଜାରି କରାଯାଇଥିବା ସମସ୍ତ ଟେଣ୍ଡର କୋଲ ଇଣ୍ଡିଆ ଲିମିଟେଡର ୱେବ୍‌ସାଇଟ୍ www.coalindia.in, ସଂପୃକ୍ତ ସହାୟକ କମ୍ପାନି (MCL, www.mahanadicoal.in), CIL ଇ-ପ୍ରକ୍ୟୁର୍‌ମେଣ୍ଟ ପୋର୍ଟାଲ https://coalindiatenders.nic.in ଏବଂ ସେଣ୍ଟ୍ରାଲ ପବ୍ଲିକ୍ ପ୍ରକ୍ୟୁର୍‌ମେଣ୍ଟ ପୋର୍ଟାଲ https://eprocure.gov.in ରେ ଉପଲବ୍ଧ ହେଉଛି। ଏତଦ୍‌ବ୍ୟତୀତ, GeM ପୋର୍ଟାଲ https://gem.gov.in ଜରିଆରେ ମଧ୍ୟ କ୍ରୟ ସମ୍ପାଦନ କରାଯାଏ।"

R-5286

# ଓଏସ୍‌ଓୟୁରେ ବିଏଡ୍, ଶିକ୍ଷାରେ ସ୍ନାତକୋତ୍ତର ପାଠ୍ୟକ୍ରମ

**ଜାମିଆ ମିଲିଆ ଇସ୍‌ଲାମିଆ ବିଶ୍ୱବିଦ୍ୟାଳୟର ସ୍ୱୀକୃତି**

ସମ୍ବଲପୁର, ୧୪।୨ (ବି.ଶଙ୍କର)

ସମ୍ବଲପୁର ମହାନଗର ନିଗମ ବଡ ସିଂହାରୀ ସ୍ଥିତ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଓଏସ୍‌ଓୟୁ) ଓଡ଼ିଶାରେ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ଦିଗରେ ଗୁରୁତ୍ୱ ଦେଇଆସୁଛି । ଏଥିସହ ରାଜ୍ୟର ଛାତ୍ରୀଛାତ୍ରଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ବିବିଧ ପାଠ୍ୟକ୍ରମ ହାତକୁ ନେଇଛି । ଏହିକ୍ରମରେ ବିଏଡ୍ ଏବଂ ଶିକ୍ଷାରେ ସ୍ନାତକୋତ୍ତର ପାଠ୍ୟକ୍ରମ ଆରମ୍ଭ ହୋଇଛି। ଏଥିପାଇଁ ଶୁକ୍ରବାର ଜାମିଆ ମିଲିଆ ଇସ୍‌ଲାମିଆ ବିଶ୍ୱବିଦ୍ୟାଳୟ ସ୍ୱୀକୃତି ପ୍ରଦାନ କରିଛି। ଏହି ଅବସରରେ ନୂଆଦିଲ୍ଲୀର ଜମିଆ ମିଲିଆ ଇସ୍‌ଲାମିଆ ବିଶ୍ୱବିଦ୍ୟାଳୟ ସିଡିଓଏଲ ଡିନ୍ ପ୍ରଫେସର ଏମ ମୋସାହିଦ ଅହମଦ ରିଜଭି, ଓଏସ୍‌ଓୟୁ କୁଳପତି ପ୍ରଫେସର ଶ୍ୟାମସୁନ୍ଦର ପଟ୍ଟନାୟକ, କୁଳସଚିବ ଡ. ଚିତ୍ତରଞ୍ଜନ ସାହୁ, ଓଏଓୟୁ ଡାଇରେକ୍ଟର ଅଫ୍ ସ୍କୁଲ ପ୍ରଫେସର ଅଲତାଫ ଖାନ, ଡ. ପର୍ଶୁରାମ ମିଶ୍ର ଅଗ୍ରଗାମୀ ଶିକ୍ଷା ପ୍ରତିଷ୍ଠାନ ଅଧ୍ୟକ୍ଷ ପ୍ରଫେସର ଗରୁଡଧ୍ୱଜ ବାରିକ, ଶିକ୍ଷାବିତ୍ ଡ. ଶ୍ରୀକାନ୍ତ ପାଇକରାୟ, ସମ୍ବଲପୁର ବିଏଡ୍ କଲେଜ ଅଧ୍ୟାପକ ଡ. ବୃନ୍ଦାବନ ମେହେରଙ୍କ ସମେତ ଓଏସ୍‌ଓୟୁର ବରିଷ୍ଠ ପ୍ରାଧ୍ୟାପକ ଓ ଅଧିକାରୀମାନେ ଉପସ୍ଥିତ ଥିଲେ ।


ସମ୍ବଲପୁର ମହାନଗର ନିଗମ ଅର୍ନ୍ତଗତ ବଡ ସିଂହାରୀ ସ୍ଥିତ ଓଏସ୍‌ଓୟୁରେ ବିଏଡ୍ ଏବଂ ଶିକ୍ଷାରେ ସ୍ନାତକୋତ୍ତର ପାଠ୍ୟକ୍ରମ ଆରମ୍ଭ କାର୍ଯ୍ୟକ୍ରମରେ ଅତିଥିମାନେ ।

**छत्तीसगढ़ शासन वन विभाग, बलरामपुर वनमण्डल, बलरामपुर (छत्तीसगढ़)**

**नीलाम सूचना**

सर्व साधारण को सूचनार्थ प्रकाशित किया जाता है कि बलरामपुर वनमंडल के अन्तर्गत काष्ठागार वाड्रफनगर में रखी इमारती लकड़ी / जलाऊ काष्ठ को निम्नलिखित तिथि व समय में ई-ऑक्शन द्वारा निर्वर्तन किया जाना है। इच्छुक व्यापारि ई-ऑकसन में अवश्य भाग लेवें। ई-ऑक्शन की शर्ते एवं अन्य जानकारी कार्यालयन दिवस व समय पर वनमण्डल कार्यालय अथवा काष्ठागार वाड्रफनगर से प्राप्त कर सकते है।

डिपो का नाम - काष्ठागार वाड्रफनगर
ई-नीलाम दिनांक - 25.02.2026
समय - प्रातः 09.00 बजे से

| क्र. | वनोपज का विवरण | नया काष्ठ | | पुराना काष्ठ | |
|---|---|---|---|---|---|
| | | लट्ठा | बल्ली / डेंगरी | लट्ठा (घ.मी.) | बल्ली / डेंगरी |
| | | घ.मी. | नग | नग | |
| 1 | 2 | 3 | 4 | 5 | |
| A | इमारती काष्ठ | | | | |
| 1 | सागौन | 1.799 | 14 | 96.639 | 559 |
| 2 | साल | 312.255 | - | 2213.617 | 694 |
| 3 | साजा | 82.224 | - | 167.125 | 126 |
| 4 | तिन्सा | - | - | - | - |
| 5 | बीजा, शीशम, खम्हार | 3.462 | - | 16.844 | 9 |
| 6 | हल्दु, मुडी, बांसा | 29.648 | - | 49.824 | 2 |
| 7 | धावड़ा | 1.486 | - | 14.728 | 84 |
| 8 | अन्य मिश्रित (सेमल) | 55.679 | - | 35.305 | 123 |
| 9 | नीलगिरी | 19.123 | - | - | - |
| 10 | सलया | - | - | - | - |
| 11 | खैर काष्ठ | 5.889 | - | - | - |
| | योग:- | 511.565 | 14 | 2594.082 | 1597 |
| क्र | प्रजाति विवरण | | | | |
| 1 | जलाऊ चट्टा मिश्रित प्रजाती सा. 2.00 मी. × 1.25 × 0.80 मी. | 200 चट्टा | | 363 चट्टा | |

टीप: 1. क्रेता को ई-ऑक्सन के पूर्व एम.एस.टी.सी. ई-कोमर्स पोर्टल में रजिस्ट्रेशन करना अनिवार्य हैं।
2. क्रेताओं को ई-ऑक्सन के पूर्व क्रय लॉटों के अपसेट प्राईज मूल्य के 10 प्रतिशत की राशि अपने वॉलेट में रखना अनिवार्य है। सफल बोलीदार को एक सप्ताह के भीतर शेष 15 प्रतिशत ई.एम.डी. की राशि जमा करना अनिवार्य है।
3. लॉट की थप्पी एवं फोटो एम.एस.टी.सी. ई-कॉमर्स पोर्टल में अपने आई.डी से लॉगईन करके देख सकते है।

G-252606660/3

स्वा. / - वनमंडलाधिकारी, बलरामपुर वनमण्डल, बलरामपुर

No.9001/11/2526

**ଓଡ଼ିଶା ସରକାର**
**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**
**ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ**
**********
**ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା**

ଏତଦ୍ଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ସୋମବାର, ଇଂରାଜୀ ତା.16.02.2026ରିଖ ଦିନ ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଅଭିଯୋଗ ଶୁଣାଣି ବନ୍ଦ ରହିବ। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ
ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ
OIPR-9001/9014/1/25-26/0004

# ନଅଗାଁ(ଖ)କୁ ପ୍ରଥମ ବିଧାୟକ କପ୍ ଫୁଟ୍‌ବଲ ଟାଇଟଲ


ଚାମ୍ପିୟନ ନଅଗାଁ (ଖ) ଦଳ।

ଲୋଇସିଂହା, ୧୪।୧ (ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବିଧାୟକଙ୍କ ପ୍ରଚେଷ୍ଟା ଓ ଆଗଲପୁର ବ୍ଲକ ନଅଗାଁ(ଖ) ପଲ୍ଲୀ ଆଲୋକ ପାଠାଗାର ଆନୁକୂଲ୍ୟରେ ଚାଲିଥିବା ପ୍ରଥମ ବିଧାୟକ କପ୍ ଫୁଟବଲ ଟୁର୍ନାମେଣ୍ଟ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଲୋଇସିଂହା ଷ୍ଟାଡିୟମରେ ଚାଲିଥିବା ଫାଇନାଲ ମ୍ୟାଚରେ ଟାଇବ୍ରେକରରେ ୫-୪ ଗୋଲରେ ବାଦିବାହାଲକୁ ହରାଇ ନଅଗାଁ(ଖ) ପ୍ରଥମ ବିଧାୟକ କପ୍ ଫୁଟବଲ ଟାଇଟଲ୍ ହାସଲ କରିଛି। ଲୋଇସିଂହା ନିର୍ବାଚନ ମଣ୍ଡଳୀର ଲୋଇସିଂହା ବ୍ଲକର କୁଶଙ୍ଗ, ଆଗଲପୁର ବ୍ଲକର ମୁରୁସୁଣ୍ଡି, ପୁଇଁତଲା ବ୍ଲକର ମହିମୁଣ୍ଡା ଏବଂ ଲୋଇସିଂହା ଏନଏସି ଏପରି ଭାବେ ୪ଟି ଜୋନରେ ୨୬ ଗୋଟି ଦଳକୁ ନେଇ ଗତ ୮ ତାରିଖରୁ ଏହି ଟୁର୍ନାମେଣ୍ଟ ଆରମ୍ଭ ହୋଇଥିଲା। ୧୩ ତାରିଖରେ ଲୋଇସିଂହା ଷ୍ଟାଡିୟମରେ ୨ଟି ଯାକ ସେମିଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା। ଶନିବାର ଏ ଗ୍ରୁପରୁ ବାଦିବାହାଲ ଓ ବି ଗ୍ରୁପରୁ ନଅଗାଁ(ଖ) ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ନିର୍ଦ୍ଧାରିତ ସମୟରେ କେହି କାହାକୁ ଗୋଲ ସ୍କୋର ନ କରିବାରୁ ମ୍ୟାଚ ଅମୀମାଂସିତ ହୋଇଥିଲା। ରେଫରିଙ୍କ ନିର୍ଦ୍ଦେଶ କ୍ରମେ ଟାଇବ୍ରେକରରେ ଫଳାଫଳ ନିର୍ଣ୍ଣୟ ହୋଇଥିଲା । ମ୍ୟାନ୍ ଅଫ ଦି ମ୍ୟାଚ ସୁନୀଲ ଭୋଇ, ମ୍ୟାନ ଅଫ ଦି ଟୁର୍ନାମେଣ୍ଟ ସୌମ୍ୟ ଭୋଇ, ବେଷ୍ଟ ଗୋଲକିପର ଭାବେ ରିଙ୍କୁ ବିଶ୍ୱାଳ ପ୍ରମୁଖ ପୁରସ୍କୃତ ହୋଇଥିଲେ। ଆୟୋଜକ କମିଟି ସଭାପତି ରାମଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ, ଲୋଇସିଂହା ବିଡିଓ ଅକ୍ଷୟ ପାଣି ଉଦ୍ଧୁ, ଆଗଲପୁର ଏବିଡିଓ ରୁଦ୍ର ପ୍ରସାଦ ସୁନା, ପୁଇଁତଲା ତହସିଲଦାର, ବିଡିଓ ଯୋଗ ଦେଇଥିଲେ। ଚାମ୍ପିୟନ ଦଳକୁ ଟ୍ରଫି ସହିତ ୩୦ ହଜାର ଟଙ୍କା ଓ ରନର ଅପ୍ ଦଳକୁ ଟ୍ରଫି ସହ ୨୦ ହଜାର ଟଙ୍କା ଦେଇ ମୁଖ୍ୟଅତିଥି ପୁରସ୍କୃତ କରିଥିଲେ। ପଲ୍ଲୀ ଆଲୋକ ପାଠାଗାର ସମ୍ପାଦକ ପ୍ରଶାନ୍ତ ନାୟକଙ୍କ ସମେତ କର୍ମକର୍ତ୍ତା ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ଅବସରପ୍ରାପ୍ତ ୧୦ଜଣ କ୍ରୀଡା ଶିକ୍ଷକ, ଭାଷ୍ୟକାର, ରେଫରିଙ୍କୁ ସମ୍ମାନିତ କରାଯାଇଥିଲା।

**ଓଡ଼ିଶା ସରକାର**
**ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କୋରାପୁଟ**
**ଘୋଷଣା**

No. ୩୮୮୨/୨୦୨୫ Date: ୨୪।୧୨।୨୦୨୫

No. 24001/33/2526: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫ (୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା: ବୈପାରିଗୁଡ଼ା, ଥାନା: ବୈପାରିଗୁଡ଼ା, ତହସିଲ: ବୈପାରିଗୁଡ଼ା, ଜିଲ୍ଲା: କୋରାପୁଟରେ ନିମ୍ନ ସୂଚୀତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା: ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗୀକରଣ ପ୍ରକଳ୍ପ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୫୯୦/୨୦୨୨, ତା: ୨୮।୦୭।୨୦୨୨ରିଖରେ ପ୍ରକାଶିତ ହୋଇଅଛି ଏବଂ ଏହାର ବୈଧତା ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ବିଜ୍ଞପ୍ତି ସଂଖ୍ୟା - ୨୭୭୯୩/୨୫, ତାରିଖ: ୨୮।୦୭।୨୦୨୫ ଅନୁଯାୟୀ ତା୩୧।୧୨।୨୦୨୫ରିଖ ପର୍ଯ୍ୟନ୍ତ ବର୍ଦ୍ଧିତ ହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା: ବୈପାରିଗୁଡ଼ା, ଥାନା: ବୈପାରିଗୁଡ଼ା, ତହସିଲ: ବୈପାରିଗୁଡ଼ା, ଜିଲ୍ଲା: କୋରାପୁଟର ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗୀ କରଣ ପ୍ରକଳ୍ପ ନିମନ୍ତେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମନ୍ତେ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ। ଏହା ମଧ୍ୟ ଜିଲ୍ଲା ୱେବ୍‌ସାଇଟ୍ www.koraput.odisha.gov.inରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ଼ କରାଯାଇଅଛି।

ତଫସିଲ - କ
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା: କୋରାପୁଟ — ତହସିଲ: ବୈପାରିଗୁଡ଼ା

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ବୈପାରିଗୁଡ଼ା | ଗ୍ରାମାଞ୍ଚଳ | ଅଧିଗ୍ରହଣ ହେବାକୁଥିବା ଜମିର ସମ୍ପୂର୍ଣ୍ଣ ବିବରଣୀ ଏଥି ସହ ସଂଲଗ୍ନ କରାଗଲା | | | | | |

ତଫସିଲ - ଖ
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

ଜିଲ୍ଲା: କୋରାପୁଟ — ତହସିଲ: ବୈପାରିଗୁଡ଼ା

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନା ବୈଧ ତାରିଖ: ୩୧।୧୨।୨୦୨୫।

ରାଜ୍ୟପାଳଙ୍କ ଆଦେଶ କ୍ରମେ
ସ୍ୱା./- ଜିଲ୍ଲାପାଳ, କୋରାପୁଟ

**ଭୂମି ଅନୁସୂଚୀ**

ମୌଜା: ବୈପାରିଗୁଡ଼ା, ଥାନା: ବୈପାରିଗୁଡ଼ା ନଂ. ୧୦୨, ତହସିଲ: ବୈପାରିଗୁଡ଼ା, ଜିଲ୍ଲା: କୋରାପୁଟ
ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳପଥ ପ୍ରକଳ୍ପ, ଜୟପୁର ନିର୍ମାଣ ନିମନ୍ତେ

| ଖାତା ନଂ. | ସ୍ୱତ୍ୱ | ପ୍ଲଟ ନଂ. | ମୋଟ ରକବା (ଏକର) | ଅଧିଗ୍ରହଣ ରକବା (ଏକର) | କିସମ | ରୟତଙ୍କ ନାମ |
|---|---|---|---|---|---|---|
| ୨୮ | ରୟତି | ୧ | ୧.୭୩୦ | ୦.୯୧୪ | ଡଙ୍ଗର | କାଞ୍ଚନମାଳା ଗୌଡ଼, ସ୍ୱା.: ଯୁଧିଷ୍ଠିର ଗୌଡ଼, ଜା: ଗୌଡ଼, ବା: ନିଜଗାଁ |
| ୨୮୯/ ୩୫୫ | ରୟତି | ୩ | ୦.୮୪୦ | ୦.୦୮୯ | ଧାନ ଅଣଜଳସେଚିତ ଦୁଇ | ତ୍ରିଲୋଚନ ଜେନା, ପି.: ଘାସିରାମ ଜେନା, ଜା: କାଳିଞ୍ଜି, ବା: ଗୌଡ଼ସାହି, ବୈପାରିଗୁଡ଼ା |
| ୧୦୯ | ରୟତି | ୨ | ୧.୦୦୧ | ୦.୪୫୫ | ଡଙ୍ଗର | ନୀରୋଦ ଚନ୍ଦ୍ର ରଥ, ପି.: ଗଙ୍ଗାଦର ରଥ, ଜା: ବ୍ରାହ୍ମଣ, ବା: ନିଜଗାଁ |
| | | ମୋଟ | | ୧.୪୫୮ | | |
| ଅଧିଗ୍ରହଣ ନିମନ୍ତେ ମୋଟ ବ୍ୟକ୍ତିଗତ ଜମି | | | | | | - |
| ରେଳପଥ ପ୍ରକଳ୍ପ ନିମନ୍ତେ ବ୍ୟକ୍ତିଗତ ଜମି | | | | | | ୧.୪୫୮ |
| ଗୋଚର ପରିବର୍ତ୍ତନ ନିମନ୍ତେ ବେସରକାରୀ ଜମି | | | | | | - |
| ଜଙ୍ଗଲ ଅଧିକାରୀ ସ୍ୱୀକୃତି ଆଇନ ମୁତାବକ ଦିଆଯାଇଥିବା ଅଧିକାର | | | | | | - |
| | | ମୋଟ | | | | ୧.୪୫୮ |

Sd./- Special Land Acquisition Officer
Jeypore-Malkangiri New B.G. Rail
Link Project-cum-Tahasildar, Boipariguda

OIPR-24001/24221/3/25-26/0001

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, SUNDARGARH**
E.Mail - rw_sundargarh@yahoo.co.in

**E-PROCUREMENT NOTICE**
**BID IDENTIFICATION NO. ONLINE-SESNG-24 of 2025-26**

**No.25001/140/2526** : 1. Name of the Work : Road Work, 2. Total No. of works : 2 no. Road, 3. Estimated cost : From Rs.67.29 Lakhs to 87.79 Lakhs, 4. Class of contractor : Only 'B', 5. Period of completion : 06 calendar months, 6. Type of Tender : Double Cover, 7. Other details

| Procurement Officer | Bid Identification No. | Availability of Tender On-line for bidding | |
|---|---|---|---|
| | | From | To |
| 1 | 2 | 3 | 4 |
| **Executive Engineer, Rural Works Division, Sundargarh** | **Online-SESNG-24 of 2025-26** | **18.02.2026 11.00 A.M.** | **06.03.2026 05.00 P.M.** |

Further details can be seen from the website www.tendersorissa.gov.in.

Sd./-Executive Engineer
Rural Works Division,
Sundargarh

OIPR-25001/25046/1/25-26/0001

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER,**
**RURAL WORKS DIVISION-II, MALKANGIRI**
E-mail : ruralworksdivisioniimalkangiri@yahoo.in

No.25001/162/2526

**INVITATION FOR BIDS (SHORT NOTICE)**
**"E" PROCUREMENT NOTICE NO. RWDSE_MKG_II_ONLINE_20/2025-26**

1. Name of the work : Roads works in the District of Malkangiri for the year 2025-26
2. Total No. of work : 01 Number of Road Work
3. Estimated Cost : Rs.69.92 Lakhs
4. Period of Completion : As Specified in the Annexure
5. Class of Contractor : As Specified in the Annexure
6. Cost of Tender Paper : Cost of tender is to be remitted ONLINE as specified in column-6 of the Annexure
7. Details Projects : As Specified in the Annexure

**Other details as follows**

a) Procurement Officer : Superintending Engineer, Rural Works Division-II, Malkangiri
b) Availability of Tender Online : 18.02.2026 at 11.00 A.M. to 25.02.2026 up to 5.30 P.M.
c) Last date & time of seeking of Tender clarification : 24.02.2026 up to 5.00 P.M.
d) Technical Bid Opening : 26.02.2026 at 11.00 P.M.
e) Financial Bid Opening : **To be intimated Separately**
f) Decision to conduct Lottery : If required to decide the agency, transparent Lottery shall be conducted on date 28.02.2026 at 11.00 A.M. in Office Chamber of the undersigned.

Further details can be seen from the Govt. website www.tendersorissa.gov.in

Sd./- Superintending Engineer
Rural Works Division-II, Malkangiri

OIPR-25001/25079/1/25-26/0024

# ପଢ଼ିବା ଅଭ୍ୟାସ ଜ୍ଞାନର ପରିସୀମା ବୃଦ୍ଧିକରେ

**ପୁସ୍ତକ ମେଳା ଇଙ୍କ୍‌ଫେଷ୍ଟ ଉଦ୍‌ଘାଟିତ**

ସୋନପୁର,୧୪।୨(ମୃତ୍ୟୁଞ୍ଜୟ ଶତପଥୀ)

ପଢ଼ିବା ଅଭ୍ୟାସ ଯୁବପିଢ଼ିଙ୍କ ସହ ବିଭିନ୍ନ ବର୍ଗଙ୍କ ଜ୍ଞାନର ପରିସୀମାକୁ ବୃଦ୍ଧି କରିବା ଦିଗରେ ସହାୟକ ହୁଏ। ତେଣୁ ପୁସ୍ତକ ପଢ଼ିବାର ଅଭ୍ୟାସକୁ ପୁଣି ଥରେ ଫେରାଇ ଆଣିବାକୁ ହେବ। ଭବିଷ୍ୟତ ପିଢ଼ି ପାଇଁ ଏହା ଖୁବ୍ ଗୁରୁତ୍ୱପୂର୍ଣ୍ଣ। ଏଥିପାଇଁ ପୁସ୍ତକ ମେଳା ସହିତ ଆଲୋଚନାଚକ୍ର ଆୟୋଜନର ଆବଶ୍ୟକତା ରହିଛି ବୋଲି ଶନିବାର ସପ୍ତମ ସୁବର୍ଣ୍ଣପୁର ଜିଲାସ୍ତରୀୟ ପୁସ୍ତକ ମେଳା ଇଙ୍କ୍‌ଫେଷ୍ଟ-୨୦୨୬ର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସୁବର୍ଣ୍ଣପୁର ଜିଲାପାଳ ଡ. ନୃପରାଜ ସାହୁ କହିଛନ୍ତି। ସହରର ରୟାଲ ପଡିଆଠାରେ ଅୟୋଜିତ ମେଳା ଉଦ୍‌ଘାଟନୀ ସଭାରେ ଇଙ୍କ୍‌ଫେଷ୍ଟ ସଭାପତି ସ୍ୱାଧୀନ ମେହେର ଅଧ୍ୟକ୍ଷତା କରିବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।

ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ(ରାଜସ୍ୱ) ରାଜେନ୍ଦ୍ର ମାଝି ଯୋଗଦେଇ ନିୟମିତ ପଢ଼ିବା ଅଭ୍ୟାସ ସବୁବର୍ଗର ଲୋକଙ୍କ ମଧ୍ୟରେ ଧୈର୍ଯ୍ୟ, ଦୃଢ଼ତା ଓ ବୌଦ୍ଧିକ ଗଭୀରତା ବିକଶିତ କରେ ବୋଲି କହିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ(ସାଧାରଣ) ଅଞ୍ଜଳିନା ପ୍ରଧାନ କହିଥିଲେ, ପଢ଼ିବା ଅଭ୍ୟାସ ବଢ଼ିଲେ ପୁସ୍ତକ ମେଳା ଓ ପାଠାଗାରର ଠିକ୍ ଉପଯୋଗ ହୋଇପାରିବ। ସୋନପୁର ବ୍ଲକ ଶିକ୍ଷା ଅଧିକାରୀ ଲକ୍ଷ୍ମଣ ମିଶ୍ର ମୁଖ୍ୟବକ୍ତାଭାବେ ଯୋଗଦାନ କରି ପାଠାଗାର ସଂସ୍କୃତିକୁ ଉନ୍ନତ କରିବା ଏବଂ ସୃଜନଶୀଳ ଆଲୋଚନାକୁ ପ୍ରୋତ୍ସାହନ ଦେବା ବର୍ତ୍ତମାନ ସମୟର ଆବଶ୍ୟକତା। ପୁସ୍ତକ ମେଳା ଏ ଦିଗରେ ସହାୟକ ହେବ ବୋଲି ସେ ଆଶା ପ୍ରକାଶ କରିଥିଲେ। ଏହି ଅବସରରେ ଡକ୍ଟର ଜ୍ୟୋତିରଞ୍ଜନ ବହିଦାରଙ୍କ ଗଳ୍ପ ସଙ୍କଳନ ଦାହ ଅତିଥିଙ୍କ ଦ୍ୱାରା ଉନ୍ମୋଚନ ହୋଇଥିଲା। ସେହିପରି ଇଙ୍କ୍‌ଫେଷ୍ଟର ଉପଦେଷ୍ଟା ସ୍ୱର୍ଗତ ଗୌରିଶ୍ୟାମ ପଣ୍ଡାଙ୍କ ଉଦ୍ଦେଶ୍ୟରେ ଏକ ସ୍ମୃତି ପୁସ୍ତିକା ଲୋକାର୍ପିତ ହୋଇଥିଲା। ଗୋବିନ୍ଦ ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ। ଆସନ୍ତା ୨୧ତାରିଖ ପର୍ଯ୍ୟନ୍ତ ଏହି ମେଳା ଚାଲିବ। ଓଡ଼ିଶା ସରକାରଙ୍କ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଜିଲା ସଂସ୍କୃତି ପରିଷଦ ଏବଂ ଇଙ୍କ୍‌ଫେଷ୍ଟର ମିଳିତ ଆୟୋଜନରେ ପୁସ୍ତକ ମେଳା ସହ ପ୍ରତ୍ୟହ ସନ୍ଧ୍ୟାରେ ଆଲୋଚନାଚକ୍ର ଓ ସାରସ୍ୱତ ମେଳା ଆୟୋଜନର କାର୍ଯ୍ୟକ୍ରମ ରହିଛି। ପୁସ୍ତକ ମେଳାରେ ମୋଟ ୮୪ଟି ଷ୍ଟଲ ରହିଛି। ଏଥିରେ ରାଜ୍ୟ ଓ ଜାତୀୟସ୍ତରର ପ୍ରସିଦ୍ଧ ପୁସ୍ତକ ପ୍ରକାଶନୀ ସଂସ୍ଥା ଓ ବିକ୍ରେତା ମାନେ ଯୋଗ ଦେଇଛନ୍ତି।



ଡକ୍ଟର ଜ୍ୟୋତି ରଞ୍ଜନ ବହିଦାରଙ୍କ ଗଳ୍ପ ସଙ୍କଳନ ଦାହକୁ ଅତିଥି ବୃନ୍ଦ ଉନ୍ମୋଚନ କରୁଛନ୍ତି।

# ନିଶା ବନ୍ଦ ନେଇ ସଚେତନତା ଶୋଭାଯାତ୍ରା

ସମ୍ବଲପୁର,୧୪।୨(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ଜିଲା ଶାସନ ଥାନା ଅନ୍ତର୍ଗତ ତବଲା ଗ୍ରାମର ମହିଳା ଶକ୍ତି ଓ ଗ୍ରାମ୍ୟ କମିଟି ତରଫରୁ ଶନିବାର ଗ୍ରାମରେ ନିଶା ସମ୍ପୂର୍ଣ୍ଣ ବନ୍ଦ ନେଇ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ଶୋଭାଯାତ୍ରାରେ ଗ୍ରାମର ବହୁ ମହିଳା ଯୋଗଦାନ କରି ତବଲା ଗ୍ରାମର ବିଭିନ୍ନ ପଡା ବୁଲି ଗ୍ରାମବାସୀଙ୍କୁ ନିଶାରୁ ମୁକ୍ତ ରହିବା ପାଇଁ ସଚେତନ କରିଥିଲେ। ଗ୍ରାମରେ ନିଶା ଦ୍ରବ୍ୟ ବିକ୍ରି ହେଉଥିବାରୁ ପାରିବାରିକ ଅଶାନ୍ତି ଦେଖାଯାଉଛି। ଛୋଟ ପିଲା ପାଠପଢା ଛାଡି ନିଶାସେବନ କରି ଅସାମାଜିକ କାର୍ଯ୍ୟରେ ଲିପ୍ତ ରହୁଥିବା ମହିଳାମାନେ ଅଭିଯୋଗ କରିଥିଲେ। ଏହାକୁ ଦୃଷ୍ଟିରେ ରଖି ଗ୍ରାମର ମହିଳାମାନେ ଏକଜୁଟ ହୋଇ ଗ୍ରାମରୁ ନିଶା ଦ୍ରବ୍ୟ ସମ୍ପୂର୍ଣ୍ଣ ଭାବେ ବିକ୍ରି ବନ୍ଦ କରିବା ପାଇଁ ସଚେତନ କରାଯାଇଥିଲା। ଏହାର ଅମାନ୍ୟ କଲେ ଆଇନ ଅନୁଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମହିଳା କହିଛନ୍ତି। ସଚେତନତା ଶୋଭାଯାତ୍ରାରେ ମାନେଶର ବ୍ଲକ ଜୋନ ୧ ଜିଲା ପରିଷଦ ସଭ୍ୟା ସରୋଜା ସେଠ, ସିଆରପି ପୁଷ୍ପାଞ୍ଜଳି ବେହେରା, ସିଆରପି କଳ୍ପନା ଧୂରୁଆ, ଜୁଲିବାଲା ସାହୁ, ଗ୍ରାମ କମିଟି ସଭାପତି ଦିଲ୍ଲୀପ ପ୍ରଧାନ, ସମ୍ପାଦକ ସୁଭାଷ ପ୍ରଧାନ, ପ୍ରଦୀପ ମେହେର ପ୍ରମୁଖ ଉପସ୍ଥିତ ଥିଲେ।




ନିଶାଦ୍ରବ୍ୟ ବର୍ଜନ ନେଇ ବାହାରିଥିବା ଶୋଭାଯାତ୍ରାରେ ସାମିଲ ମହିଳାମାନେ।


## GANGADHAR MEHER UNIVERSITY
**AMRUTA VIHAR, SAMBALPUR-768004 (ODISHA)**
**No. 648 /GMU/2026 Date 14.02.2026**

**RECRUITMENT NOTICE**

Gangadhar Meher University is seeking applications from Indian citizens having eligibility as per the UGC Notification, New Delhi, dated 4th July 2018, for appointment to the posts of Assistant Professor/ Associate Professor/ Professor against regular sanctioned posts in the mentioned departments: (Anthropology, Biotechnology, Botany, Chemistry, Commerce, Computer Science, Economics, Education, English, Geography, Hindi, History, Library and Information Science, Mathematics, Odia, Philosophy, Physics, Political Science, Psychology, Sanskrit, Sociology, Statistics and Zoology) as per the Letter No. 5322/HE, Dated 31.01.2026 of Department of Higher Education, Government of Odisha, Bhubaneswar. The online application form and department-wise reservation details will be made available on the University website **www.gmuniversity.ac.in** from 28th February 2026 onwards. For details of the terms and conditions, guidelines for applying etc. please visit the University website.

Application open date : 28th February 2026
Application closing date : 13th April 2026

**Sd./- Registrar**


## ଉଚ୍ଚ ପ୍ରାଥମିକତା ସମ୍ପନ୍ନ ପ୍ରକଳ୍ପ ସାରିବାକୁ ବିଭାଗୀୟ ଅଧିକାରୀଙ୍କୁ ଜିଲାପାଳଙ୍କ ଡେଡ୍‌ଲାଇନ

# ଝାରସୁଗୁଡ଼ା ବିକାଶର ନୂଆ ରୋଡ୍‌ମ୍ୟାପ୍

ଝାରସୁଗୁଡା,୧୪।୨(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡା ଜିଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଶନିବାର ଅପରାହ୍ଣରେ ଅନୁଷ୍ଠିତ ହୋଇଯାଇଛି। ଚଳିତ ମାସ ୧୬ରେ ଓଡ଼ିଶାର ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ଉଚ୍ଚସ୍ତରୀୟ ଆଭାସୀ ସମୀକ୍ଷା ବୈଠକ ପୂର୍ବରୁ ଜିଲା ଯୋଜନା ଓ ସମୀକ୍ଷା ୟୁନିଟ ପକ୍ଷରୁ ଏହି ବୈଠକର ଆୟୋଜନ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱ ଏବଂ ମୁଖ୍ୟ ଶାସନ ସଚିବଙ୍କ ଦକ୍ଷ ମାର୍ଗଦର୍ଶନରେ ସମୃଦ୍ଧ ଓଡ଼ିଶା ୨୦୩୬ର ଦୂରଦୃଷ୍ଟିସମ୍ପନ୍ନ ଲକ୍ଷ୍ୟ ହାସଲ କରିବା ଏହି ବୈଠକର ମୂଳ ଉଦ୍ଦେଶ୍ୟ ଥିଲା। ଏହି ଅବସରରେ ଜିଲାର ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ଶିଳ୍ପ, ବିମାନବନ୍ଦର, କ୍ରୀଡ଼ା, ସଡ଼କ ଭିତ୍ତିଭୂମି ଏବଂ ଜଳସେଚନ ଭଳି ପ୍ରମୁଖ କ୍ଷେତ୍ରରୁ ୨୫ଟି ଉଚ୍ଚ-ପ୍ରାଥମିକତା ବିଶିଷ୍ଟ ପ୍ରକଳ୍ପ ଚିହ୍ନଟ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ପ୍ରତ୍ୟେକ ପ୍ରକଳ୍ପକୁ ଧାର୍ଯ୍ୟ ସମୟସୀମା ମଧ୍ୟରେ ଶେଷ କରିବା ପାଇଁ ଏକ ସ୍ପଷ୍ଟ ରଣନୀତି ପ୍ରସ୍ତୁତ କରିବା ସହ ଏହାର ନିୟମିତ ସମୀକ୍ଷା କରିବାକୁ ସେ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସାମାଜିକ ବିକାଶ କ୍ଷେତ୍ରରେ ସ୍ୱାସ୍ଥ୍ୟସେବା, ମାତୃ ଓ ଶିଶୁ ମୃତ୍ୟୁହାର ହ୍ରାସ, ଟି.ଭି ନିରାକରଣ ଅଭିଯାନ, ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନା ଏବଂ ଖାଲଖମା ମୁକ୍ତ ରାସ୍ତା ନିର୍ମାଣ ଉପରେ ସେ ସ୍ୱତନ୍ତ୍ର ଗୁରୁତ୍ୱାରୋପ କରିଛନ୍ତି। ଏଥିସହ ସମସ୍ତ ନିର୍ମାଣାଧୀନ ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକର କାର୍ଯ୍ୟ ତୁରନ୍ତ ସମ୍ପୂର୍ଣ୍ଣ କରିବାକୁ ଜିଲାପାଳ କହିଛନ୍ତ। ଏହିପ୍ରସ୍ତୁତିବୈଠକରେ ଜିଲାର ସମସ୍ତ ଉଚ୍ଚପଦସ୍ଥ ଅଧିକାରୀ ଉପସ୍ଥିତ ରହିଥିଲେ।


**ଆବଶ୍ୟକ**

15,000 ଟଙ୍କା ପର୍ଯ୍ୟନ୍ତ ରୋଜଗାର କରନ୍ତୁ, ରାପିଡୋରେ ଆଜି ଯୋଗ ଦିଅନ୍ତୁ। ଆବଶ୍ୟକତା : ଡିଏଲ୍, ବାଇକ୍, ଆଧାର କିମ୍ବା ପାନ୍ ତୁରନ୍ତ। ଯୋଗଦେବା ଉପଲବ୍ଧ, ଏବେ ଯୋଗଦେବାକୁ କଲ୍ କରନ୍ତୁ - 08071934927।



**MCL**
**ମହାନଦୀ କୋଲଫିଲ୍‌ଡସ ଲିମିଟେଡ୍**
(କୋଲ ଇଣ୍ଡିଆ ଲିମିଟେଡ୍ ର ଏକ ସହାୟକ କମ୍ପାନୀ)
ଜାଗୃତି ବିହାର, ବୁର୍ଲା-୭୬୮୦୨୦, ଜିଲ୍ଲା-ସମ୍ବଲପୁର, ଓଡ଼ିଶା
ଟେଲିଫୋନ୍ (ଇପିବିଏକ୍ସ)-୦୬୬୩-୨୫୪୨୪୬୧ ରୁ ୪୬୯, ୱେବ୍‌ସାଇଟ୍ : www.mahanadicoal.in

**ବିଜ୍ଞପ୍ତି**

"ସାମଗ୍ରୀ ଗୁଡ଼ିକର କ୍ରୟ କାର୍ଯ୍ୟ ଏବଂ ସେବା ସଂଗ୍ରହ ନିମନ୍ତେ CIL ଏବଂ ଏହାର ସହାୟକ ଅନୁଷଙ୍ଗୀ କମ୍ପାନିମାନଙ୍କ ଦ୍ୱାରା ଜାରି କରାଯାଇଥିବା ସମସ୍ତ ଟେଣ୍ଡର କୋଲ ଇଣ୍ଡିଆ ଲିମିଟେଡର ୱେବ୍‌ସାଇଟ୍ www.coalindia.in, ସଂପୃକ୍ତ ସହାୟକ କମ୍ପାନି (MCL, www.mahanadicoal.in), CIL ଇ-ପ୍ରକ୍ୟୁର୍‌ମେଣ୍ଟ ପୋର୍ଟାଲ https://coalindiatenders.nic.in ଏବଂ ସେଣ୍ଟ୍ରାଲ ପବ୍ଲିକ୍ ପ୍ରକ୍ୟୁର୍‌ମେଣ୍ଟ ପୋର୍ଟାଲ https://eprocure.gov.in ରେ ଉପଲବ୍ଧ ହେଉଛି। ଏତଦ୍‌ବ୍ୟତୀତ, GeM ପୋର୍ଟାଲ https://gem.gov.in ଜରିଆରେ ମଧ୍ୟ କ୍ରୟ ସମ୍ପାଦନ କରାଯାଏ।"

R-5286


# ଓଏସ୍‌ଓୟୁରେ ବିଏଡ୍, ଶିକ୍ଷାରେ ସ୍ନାତକୋତ୍ତର ପାଠ୍ୟକ୍ରମ

## ଜାମିଆ ମିଲିଆ ଇସ୍‌ଲାମିଆ ବିଶ୍ୱବିଦ୍ୟାଳୟର ସ୍ୱୀକୃତି

ସମ୍ବଲପୁର,୧୪।୨(ବି.ଶଙ୍କର)

ସମ୍ବଲପୁର ମହାନଗର ନିଗମ ବଡ ସିଂହାରୀ ସ୍ଥିତ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଓଏସ୍‌ଓୟୁ) ଓଡ଼ିଶାରେ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ଦିଗରେ ଗୁରୁତ୍ୱ ଦେଇଆସୁଛି । ଏଥିସହ ରାଜ୍ୟର ଛାତ୍ରୀଛାତ୍ରଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ବିବିଧ ପାଠ୍ୟକ୍ରମ ହାତକୁ ନେଇଛି । ଏହିକ୍ରମରେ ବିଏଡ୍ ଏବଂ ଶିକ୍ଷାରେ ସ୍ନାତକୋତ୍ତର ପାଠ୍ୟକ୍ରମ ଆରମ୍ଭ ହୋଇଛି। ଏଥିପାଇଁ ଶୁକ୍ରବାର ଜାମିଆ ମିଲିଆ ଇସ୍‌ଲାମିଆ ବିଶ୍ୱବିଦ୍ୟାଳୟ ସ୍ୱୀକୃତି ପ୍ରଦାନ କରିଛି। ଏହି ଅବସରରେ ନୂଆଦିଲ୍ଲୀର ଜମିଆ ମିଲିଆ ଇସ୍‌ଲାମିଆ ବିଶ୍ୱବିଦ୍ୟାଳୟ ସିଡିଓଏଲ ଡିନ୍ ପ୍ରଫେସର ଏମ ମୋସାହିଦ ଅହମଦ ରିଜଭି, ଓଏସ୍‌ଓୟୁ କୁଳପତି ପ୍ରଫେସର ଶ୍ୟାମସୁନ୍ଦର ପଟ୍ଟନାୟକ, କୁଳସଚିବ ଡ. ଚିତ୍ତରଞ୍ଜନ ସାହୁ, ଓଏଓୟୁ ଡାଇରେକ୍ଟର ଅଫ୍ ସ୍କୁଲ ପ୍ରଫେସର ଅଲତାଫ ଖାନ, ଡ. ପର୍ଶୁରାମ ମିଶ୍ର ଅଗ୍ରଗାମୀ ଶିକ୍ଷା ପ୍ରତିଷ୍ଠାନ ଅଧ୍ୟକ୍ଷ ପ୍ରଫେସର ଗରୁଡଧ୍ୱଜ ବାରିକ, ଶିକ୍ଷାବିତ୍ ଡ. ଶ୍ରୀକାନ୍ତ ପାଇକରାୟ, ସମ୍ବଲପୁର ବିଏଡ୍ କଲେଜ ଅଧ୍ୟାପକ ଡ. ବୃନ୍ଦାବନ ମେହେରଙ୍କ ସମେତ ଓଏସ୍‌ଓୟୁର ବରିଷ୍ଠ ପ୍ରାଧ୍ୟାପକ ଓ ଅଧିକାରୀମାନେ ଉପସ୍ଥିତ ଥିଲେ ।



ସମ୍ବଲପୁର ମହାନଗର ନିଗମ ଅର୍ନ୍ତଗତ ବଡ ସିଂହାରୀ ସ୍ଥିତ ଓଏସ୍‌ଓୟୁରେ ବିଏଡ୍ ଏବଂ ଶିକ୍ଷାରେ ସ୍ନାତକୋତ୍ତର ପାଠ୍ୟକ୍ରମ ଆରମ୍ଭ କାର୍ଯ୍ୟକ୍ରମରେ ଅତିଥିମାନେ ।


**छत्तीसगढ़ शासन वन विभाग, बलरामपुर वनमण्डल, बलरामपुर (छत्तीसगढ़)**

**नीलाम सूचना**

सर्व साधारण को सूचनार्थ प्रकाशित किया जाता है कि बलरामपुर वनमंडल के अन्तर्गत काष्ठागार वाड्रफनगर में रखी इमारती लकड़ी / जलाऊ काष्ठ को निम्नलिखित तिथि व समय में ई-ऑक्शन द्वारा निर्वर्तन किया जाना है। इच्छुक व्यापारि ई-ऑकसन में अवश्य भाग लेवें। ई-ऑक्शन की शर्ते एवं अन्य जानकारी कार्यालयन दिवस व समय पर वनमण्डल कार्यालय अथवा काष्ठागार वाड्रफनगर से प्राप्त कर सकते है।

डिपो का नाम - काष्ठागार वाड्राफनगर
ई-नीलाम दिनांक - 25.02.2026
समय - प्रातः 09.00 बजे से

| क्र. | वनोपज का विवरण | नया काष्ठ लट्ठा घ.मी. | नया काष्ठ बल्ली / डेंगरी नग | पुराना काष्ठ लट्ठा (घ.मी.) | पुराना काष्ठ बल्ली / डेंगरी नग |
|---|---|---|---|---|---|
| 1 | 2 | 3 | 4 | 5 | |
| A | इमारती काष्ठ | | | | |
| 1 | सागौन | 1.799 | 14 | 96.639 | 559 |
| 2 | साल | 312.255 | - | 2213.617 | 694 |
| 3 | साजा | 82.224 | - | 167.125 | 126 |
| 4 | तिन्सा | - | - | - | - |
| 5 | बीजा, शीशम, खम्हार | 3.462 | - | 16.844 | 9 |
| 6 | हल्दु, मुडी, बांसा | 29.648 | - | 49.824 | 2 |
| 7 | धावड़ा | 1.486 | - | 14.728 | 84 |
| 8 | अन्य मिश्रित (सेमल) | 55.679 | - | 35.305 | 123 |
| 9 | नीलगिरी | 19.123 | - | - | - |
| 10 | सलया | - | - | - | - |
| 11 | खैर काष्ठ | 5.889 | - | - | - |
| | योग:- | 511.565 | 14 | 2594.082 | 1597 |
| क्र | प्रजाति विवरण | | | | |
| 1 | जलाऊ चट्टा मिश्रित प्रजाती सा. 2.00 मी. × 1.25 × 0.80 मी. | 200 चट्टा | | 363 चट्टा | |

टीप: 1. क्रेता को ई-ऑक्सन के पूर्व एम.एस.टी.सी. ई-कोमर्स पोर्टल में रजिस्ट्रेशन करना अनिवार्य हैं।
2. क्रेताओं को ई-ऑक्सन के पूर्व क्रय लॉटों के अपसेट प्राईज मूल्य के 10 प्रतिशत की राशि अपने वॉलेट में रखना अनिवार्य है। सफल बोलीदार को एक सप्ताह के भीतर शेष 15 प्रतिशत ई.एम.डी. की राशि जमा करना अनिवार्य है।
3. लॉट की थप्पी एवं फोटो एम.एस.टी.सी. ई-कॉमर्स पोर्टल में अपने आई.डी से लॉगईन करके देख सकते है।

G-252606660/3 स्वा. / - वनमंडलाधिकारी, बलरामपुर वनमण्डल, बलरामपुर



No.9001/11/2526

**ଓଡ଼ିଶା ସରକାର**
**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**
**ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ**
**********
**ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା**

ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ସୋମବାର, ଇଂରାଜୀ ତା.16.02.2026ରିଖ ଦିନ ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଅଭିଯୋଗ ଶୁଣାଣି ବନ୍ଦ ରହିବ। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ
ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ
OIPR-9001/9014/1/25-26/0004


# ପୁଲ୍‌ୱାମା ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି

ସମ୍ବଲପୁର,୧୪।୨(ଭବାନୀ ଶଙ୍କର ଭୋଇ)

ପୁଲୱାମା ଶହୀଦଙ୍କୁ ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ଶନିବାର କଚେରୀ ଛକ ସ୍ଥିତ ସହିଦ ସ୍ତମ୍ଭରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଶହୀଦଙ୍କ ସ୍ମୃତିରେ ଦୀପ ପ୍ରଜ୍ୱଳନ କରାଯାଇଥିଲା। ପଶ୍ଚିମାଞ୍ଚଳ ଏକତା ମଞ୍ଚର ରାଜେଶ ସ୍ୱାଇଁଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ବଲପୁରୀ ଡେରାରେ ସମ୍ବଲପୁରୀ ନୃତ୍ୟ ଶିକ୍ଷା କରୁଥିବା ଛାତ୍ରୀଛାତ୍ରମାନେ ସାମିଲ ହୋଇଥିଲେ। ଏହି ଅବସରରେ ୨୦୧୯ରେ ଜମ୍ମୁ-ଶ୍ରୀନଗର ଜାତୀୟ ରାଜପଥରେ ହୋଇଥିବା ଆତ୍ମଘାତୀ ଆକ୍ରମଣରେ ସହିଦ ହୋଇଥିବା ୪୦ ଜଣ ସୈନିକଙ୍କ ବଳିଦାନକୁ ମନେ ପକାଯାଇଥିଲା। ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମରେ କନ୍ତୋ ମେହେର, ଲଳିତା ଭୋଇ, ସୁଦାମ ମେହେର, ମୀନା ନାଏକ, ରାହୁଲ ଗୁପ୍ତା, ଅମିତ ଦାସ, ରବି ନାରାୟଣ ପଣ୍ଡା ଉପସ୍ଥିତ ଥିଲେ ।

# ମାନବିକ ଚେତନା ଓଡ଼ିଆ ସାହିତ୍ୟକୁ ଋଦ୍ଧିମନ୍ତ କରେ




କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

କୁଚିଣ୍ଡା,୧୪।୨(ବିରଞ୍ଚି ଦର୍ଶା)

ସମ୍ବଲପୁର ଜିଲା କୁଚିଣ୍ଡା ମହାବିଦ୍ୟାଳୟର ଶିକ୍ଷା ବିଭାଗ ପକ୍ଷରୁ ଶନିବାର ଏକ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଶିକ୍ଷାଦର୍ଶନ ସହ ଅନ୍ୟାନ୍ୟ ଭାରତୀୟ ଶିକ୍ଷାବିତ୍ ଶୀର୍ଷକରେ ହୋଇଥିବା କାର୍ଯ୍ୟକ୍ରମରେ ରସାୟନ ବିଜ୍ଞାନ ବିଭାଗ ମୁଖ୍ୟ ପ୍ରାଧ୍ୟାପକ ଡ.ସୁମନ୍ତ କୁମାର ପଟେଲ ମୁଖ୍ୟଅତିଥି, ଶିକ୍ଷାବିଭାଗ ଅଧ୍ୟାପକ ଡ଼. ଗଣନାଥ ନାୟକ, ଶିକ୍ଷାବିଭାଗ ମୁଖ୍ୟ ମେନକା ନାଏକ, ଅଧ୍ୟାପିକା ବେଲମତୀ କୁମୁରା, ଅଧ୍ୟାପକ କାହ୍ନୁଚରଣ ମୁନ୍ନା ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଅତିଥିମାନେ ତାଙ୍କ ବକ୍ତବ୍ୟରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ମାନବିକ ଚେତନା ଓ ସାହିତ୍ୟ ସୃଜନୀ, ସତ୍ୟବାଦୀ ବନବିଦ୍ୟାଳୟ, ଶିକ୍ଷା ଦର୍ଶନର ପୃଷ୍ଠଭୂମି ଓଡ଼ିଆ ସାହିତ୍ୟକୁ ଋଦ୍ଧିମନ୍ତ କରିଥାଏ। ତେଣୁ ତାଙ୍କ ଜୀବନ ଦର୍ଶନକୁ ଅନୁସରଣ କରି ଛାତ୍ରୀଛାତ୍ରମାନେ ଆଗକୁ ବଢ଼ିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ୧୪ରେ ପୁଲୱାମାରେ ଶହୀଦ ହୋଇଥିବା ବୀର ଯବାନଙ୍କୁ ସ୍ମରଣକରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅଲିଶା ସାହୁ, ଶିବଲାଲ କିଷାନ, ଧରଣୀଧର କିଷାନ, ରେଶ୍ମା କିଷାନ, ଜନନୀ କିଷାନ, ମନିଷା ବାଘ ପ୍ରମୁଖ ଛାତ୍ରୀଛାତ୍ର ଭାରତୀୟ ଶିକ୍ଷାବିତ୍‌ମାନଙ୍କ ଜୀବନ ଓ ଶିକ୍ଷା ଦର୍ଶନ ଉପରେ ସେମିନାର ପ୍ରସ୍ତୁତ କରିଥିଲେ। ଶେଷରେ ଯୁକ୍ତ ୩ ଛାତ୍ରୀ ମୌସୁମୀ ସିଂ ଧନ୍ୟବାଦ ଅର୍ପଣ କରିଥିଲେ।


**ଓଡ଼ିଶା ସରକାର**
**ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କୋରାପୁଟ**
**ଘୋଷଣା**

No. ୩୮୮୨/୨୦୨୫ Date: ୨୪।୧୨।୨୦୨୫

No. 24001/33/2526: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫ (୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା: ବୈପାରିଗୁଡ଼ା, ଥାନା: ବୈପାରିଗୁଡ଼ା, ତହସିଲ: ବୈପାରିଗୁଡ଼ା, ଜିଲ୍ଲା: କୋରାପୁଟରେ ନିମ୍ନ ସୂଚୀତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା: ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗୀକରଣ ପ୍ରକଳ୍ପ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୫୯୦/୨୦୨୨, ତା: ୨୮।୦୭।୨୦୨୨ରିଖରେ ପ୍ରକାଶିତ ହୋଇଅଛି ଏବଂ ଏହାର ବୈଧତା ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ବିଜ୍ଞପ୍ତି ସଂଖ୍ୟା - ୨୭୭୯୩/୨୫, ତାରିଖ: ୨୮।୦୭।୨୦୨୫ ଅନୁଯାୟୀ ତା୩୧।୧୨।୨୦୨୫ରିଖ ପର୍ଯ୍ୟନ୍ତ ବର୍ଦ୍ଧିତ ହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା: ବୈପାରିଗୁଡ଼ା, ଥାନା: ବୈପାରିଗୁଡ଼ା, ତହସିଲ: ବୈପାରିଗୁଡ଼ା, ଜିଲ୍ଲା: କୋରାପୁଟର ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗୀ କରଣ ପ୍ରକଳ୍ପ ନିମନ୍ତେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମନ୍ତେ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ। ଏହା ମଧ୍ୟ ଜିଲ୍ଲା ୱେବ୍‌ସାଇଟ୍ **www.koraput.odisha.gov.in**ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ଼ କରାଯାଇଅଛି।

ତଫସିଲ - କ
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା: କୋରାପୁଟ ତହସିଲ: ବୈପାରିଗୁଡ଼ା

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ବୈପାରିଗୁଡ଼ା | ଗ୍ରାମାଞ୍ଚଳ | ଅଧିଗ୍ରହଣ ହେବାକୁଥିବା ଜମିର ସମ୍ପୂର୍ଣ୍ଣ ବିବରଣୀ ଏଥି ସହ ସଂଲଗ୍ନ କରାଗଲା | | | | | |

ତଫସିଲ - ଖ
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

ଜିଲ୍ଲା: କୋରାପୁଟ ତହସିଲ: ବୈପାରିଗୁଡ଼ା

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନା ବୈଧ ତାରିଖ: ୩୧।୧୨।୨୦୨୫।

ରାଜ୍ୟପାଳଙ୍କ ଆଦେଶ କ୍ରମେ
ସ୍ୱା./- ଜିଲ୍ଲାପାଳ, କୋରାପୁଟ

**ଭୂମି ଅନୁସୂଚୀ**
ମୌଜା: ବୈପାରିଗୁଡ଼ା, ଥାନା: ବୈପାରିଗୁଡ଼ା ନଂ. ୧୦୨, ତହସିଲ: ବୈପାରିଗୁଡ଼ା, ଜିଲ୍ଲା: କୋରାପୁଟ
ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳପଥ ପ୍ରକଳ୍ପ, ଜୟପୁର ନିର୍ମାଣ ନିମନ୍ତେ

| ଖାତା ନଂ. | ସ୍ୱତ୍ୱ | ପ୍ଲଟ ନଂ. | ମୋଟ ରକବା (ଏକର) | ଅଧିଗ୍ରହଣ ରକବା (ଏକର) | କିସମ | ରୟତଙ୍କ ନାମ |
|---|---|---|---|---|---|---|
| ୨୮ | ରୟତି | ୧ | ୧.୭୩୦ | ୦.୯୧୪ | ଡଙ୍ଗର | କାଞ୍ଚନମାଳା ଗୌଡ଼, ସ୍ୱା.: ଯୁଧିଷ୍ଠିର ଗୌଡ଼, ଜା: ଗୌଡ଼, ବା: ନିଜଗାଁ |
| ୨୮୯/ ୩୫୫ | ରୟତି | ୩ | ୦.୮୪୦ | ୦.୦୮୯ | ଧାନ ଅଣଜଳସେଚିତ ଦୁଇ | ତ୍ରିଲୋଚନ ଜେନା, ପି.: ଘାସିରାମ ଜେନା, ଜା: କାଳିଞ୍ଜି, ବା: ଗୌଡ଼ସାହି, ବୈପାରିଗୁଡ଼ା |
| ୧୦୯ | ରୟତି | ୨ | ୧.୦୦୧ | ୦.୪୫୫ | ଡଙ୍ଗର | ନୀରୋଦ ଚନ୍ଦ୍ର ରଥ, ପି.: ଗଙ୍ଗାଦର ରଥ, ଜା: ବ୍ରାହ୍ମଣ, ବା: ନିଜଗାଁ |
| | | ମୋଟ | | ୧.୪୫୮ | | |
| ଅଧିଗ୍ରହଣ ନିମନ୍ତେ ମୋଟ ବ୍ୟକ୍ତିଗତ ଜମି | | | | | | - |
| ରେଳପଥ ପ୍ରକଳ୍ପ ନିମନ୍ତେ ବ୍ୟକ୍ତିଗତ ଜମି | | | | | | ୧.୪୫୮ |
| ଗୋଚର ପରିବର୍ତ୍ତନ ନିମନ୍ତେ ବେସରକାରୀ ଜମି | | | | | | - |
| ଜଙ୍ଗଲ ଅଧିକାରୀ ସ୍ୱୀକୃତି ଆଇନ ମୁତାବକ ଦିଆଯାଇଥିବା ଅଧିକାର | | | | | | - |
| | | ମୋଟ | | | | ୧.୪୫୮ |

Sd./- Special Land Acquisition Officer
Jeypore-Malkangiri New B.G. Rail
Link Project-cum-Tahasildar, Boipariguda

OIPR-24001/24221/3/25-26/0001



**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, SUNDARGARH**
E.Mail - rw_sundargarh@yahoo.co.in

**E-PROCUREMENT NOTICE**
**BID IDENTIFICATION NO. ONLINE-SESNG-24 of 2025-26**

**No.25001/140/2526** : 1. Name of the Work : Road Work, 2. Total No. of works : 2 no. Road, 3. Estimated cost : From Rs.67.29 Lakhs to 87.79 Lakhs, 4. Class of contractor : Only 'B', 5. Period of completion : 06 calendar months, 6. Type of Tender : Double Cover, 7. Other details

| Procurement Officer | Bid Identification No. | Availability of Tender On-line for bidding From | Availability of Tender On-line for bidding To |
|---|---|---|---|
| 1 | 2 | 3 | 4 |
| **Executive Engineer, Rural Works Division, Sundargarh** | **Online-SESNG-24 of 2025-26** | **18.02.2026 11.00 A.M.** | **06.03.2026 05.00 P.M.** |

Further details can be seen from the website www.tendersorissa.gov.in.

**Sd./-Executive Engineer**
**Rural Works Division,**
**Sundargarh**

OIPR-25001/25046/1/25-26/0001



**GOVERNMENT OF ODISHA**
**OFFICE OF THE SUPERINTENDING ENGINEER,**
**RURAL WORKS DIVISION-II, MALKANGIRI**
E-mail : ruralworksdivisioniimalkangiri@yahoo.in

No.25001/162/2526

**INVITATION FOR BIDS (SHORT NOTICE)**
**"E" PROCUREMENT NOTICE NO. RWDSE_MKG_II_ONLINE_20/2025-26**

1. Name of the work : Roads works in the District of Malkangiri for the year 2025-26
2. Total No. of work : 01 Number of Road Work
3. Estimated Cost : Rs.69.92 Lakhs
4. Period of Completion : As Specified in the Annexure
5. Class of Contractor : As Specified in the Annexure
6. Cost of Tender Paper : Cost of tender is to be remitted ONLINE as specified in column-6 of the Annexure
7. Details Projects : As Specified in the Annexure

**Other details as follows**

a) Procurement Officer : Superintending Engineer, Rural Works Division-II, Malkangiri
b) Availability of Tender Online : 18.02.2026 at 11.00 A.M. to 25.02.2026 up to 5.30 P.M.
c) Last date & time of seeking of Tender clarification : 24.02.2026 up to 5.00 P.M.
d) Technical Bid Opening : 26.02.2026 at 11.00 P.M.
e) Financial Bid Opening : **To be intimated Separately**
f) Decision to conduct Lottery : If required to decide the agency, transparent Lottery shall be conducted on date 28.02.2026 at 11.00 A.M. in Office Chamber of the undersigned.

Further details can be seen from the Govt. website www.tendersorissa.gov.in

**Sd./- Superintending Engineer**
**Rural Works Division-II, Malkangiri**

OIPR-25001/25079/1/25-26/0024

# 'ପିଲାଙ୍କୁ ସମୟ ଦିଅ, ଆଗାମୀ ପିଢ଼ିର ଜୀବନ ଗଢ଼'

**ବଲାଙ୍ଗୀର,୧୪।୨(ବୀରେନ୍ଦ୍ର କୁମାର ଝାଙ୍କର)**



ରଚନା ସନ୍ଧ୍ୟା ଆଲୋଚନାଚକ୍ରରେ ମଞ୍ଚାସୀନ ଆଲୋଚକ।

## ରଚନା ପକ୍ଷରୁ ସ୍ମାର୍ଟ ଫୋନ୍‌ର ପ୍ରଭାବ ଉପରେ ଆଲୋଚନା

ଦୈନନ୍ଦିନ ଜୀବନରେ ସ୍ମାର୍ଟ ଫୋନ୍‌ର ଯେଉଁଭଳି ବ୍ୟବହାର ବଢ଼ି ବଢ଼ି ଚାଲିଛି ସେଥିରୁ ଜଣେ ବ୍ୟକ୍ତି ଚାହିଁଲେ ବି ଦୂରେଇ ରହିବା କଷ୍ଟକର ହୋଇପଡୁଛି। ବିଶେଷକରି ପିଲାଙ୍କ ଉପରେ ସ୍ମାର୍ଟ ଫୋନ୍‌ର କୁପ୍ରଭାବ ବଢ଼ି ଚାଲିଛି। ଏହାକୁ ନେଇ ଅଭିଭାବକ ଏବଂ ମାତାପିତା ଚିନ୍ତାରେ ପଡିଛନ୍ତି। ଯେଉଁ ପିଲାମାନେ ସ୍ମାର୍ଟଫୋନ୍ ଆସକ୍ତି ବା ଆଡିକ୍‌ସନ୍‌ରେ ପଡିଛନ୍ତି ସେମାନେ ମସ୍ତିଷ୍କ ରୋଗର ଶିକାର ହେଉଥିବା ଦେଖାଯାଉଛି। ଏହି ପରିସ୍ଥିତିରୁ ନିଜ ପୁଅଝିଅଙ୍କୁ ମୁକୁଳାଇବାରେ ମାତାପିତା, ଅଭିଭାବକ, ସ୍କୁଲ, କଲେଜ ଶିକ୍ଷକଙ୍କ ବଡ ଭୂମିକା ରହିଛି। ସ୍ମାର୍ଟ ଫୋନ୍‌ରେ ଅଧିକ ସମୟ ଦେଉଥିବା ପିଲାଙ୍କୁ ମାତାପିତା ଓ ଅଭିଭାବକ ଅଧିକ ସମୟ ଦେଇ ସେମାନଙ୍କ ଭାବ, ଆବେଗ ସହ ଯୋଡି ହେଲେ ପରିସ୍ଥିତି ବଦଳିଯିବ। ଆଗାମୀ ପିଢ଼ିଙ୍କ ଜୀବନ ଗଢ଼ିବାକୁ ହେଲେ ସେମାନଙ୍କୁ ଗୁଣାତ୍ମକ ସମୟ ଦେବାକୁ ପଡିବ ବୋଲି ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲର ମାନସିକ ରୋଗ ବିଶେଷଜ୍ଞ ପ୍ରଫେସର ଡା. ଆଶୀର୍ବାଦ ଶତପଥୀ କହିଥିଲେ। ଅଗ୍ରଣୀ ସାମାଜିକ, ସାଂସ୍କୃତିକ ଓ ସାହିତ୍ୟ ଅନୁଷ୍ଠାନ ରଚନା ପକ୍ଷରୁ ସ୍ଥାନୀୟ ଟାଉନ ବାଳିକା ଉଚ୍ଚ ବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଶନିବାର ସନ୍ଧ୍ୟାରେ 'ପିଲାଙ୍କ ଉପରେ ସ୍ମାର୍ଟ ଫୋନ୍‌ର ପ୍ରଭାବ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା।

ଏହି କାର୍ଯ୍ୟକ୍ରମକୁ ଝରଣା ସାହୁ ସଂଯୋଜନା କରିଥିଲେ। ଆଲୋଚକ ଭାବେ ଟାଉନ ବାଳିକା ଉଚ୍ଚ ବିଦ୍ୟାଳୟର ସପ୍ତମ ଶ୍ରେଣୀ ଛାତ୍ରୀ ସୁହାନା ଠେଲା, ସରକାରୀ ମହାବିଦ୍ୟାଳୟ ସ୍ନାତକ ଶ୍ରେଣୀ ଛାତ୍ର ସମ୍ମିତ ମିଶ୍ର, ଗୃହିଣୀ ଲିପୁରାଣୀ ଶତପଥୀ, କନ୍ଧକେଲଗାଁ ବାପୁଜୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ରାମଗୋପାଳ ଖମାରୀ ଶର୍ମା ଏବଂ ମାନସିକ ରୋଗ ବିଶେଷଜ୍ଞ ଡା. ଶତପଥୀ ଯୋଗଦାନ କରି ସ୍ମାର୍ଟ ଫୋନ୍‌ର ଅଧିକ ବ୍ୟବହାର କିଭଳି ଛାତ୍ରୀଛାତ୍ର ଏବଂ ଶିଶୁମାନଙ୍କ ପାଇଁ ବିପଦଜନକ ହେଉଛି ସେ ଦିଗରେ ଆଲୋଚନା କରିଥିଲେ। କିଭଳି ଭାବେ ସ୍ମାର୍ଟ ଫୋନ୍ ଠାରୁ ଆମେ ଦୂରେଇ ରହିବା ସେ ଉପରେ ଆଲୋଚନା କରିଥିଲେ। ଆଲୋଚନାଚକ୍ର ପରେ ଭାବ ବିନିମୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶେଷରେ ସହସମ୍ପାଦକ ରତ୍ନମୟ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ରଚନା ସଭାପତି ସନାତନ ଠାକୁର, ସମ୍ପାଦକ ଭାଗିରଥୀ ମିଶ୍ର, ଗାଳ୍ପିକ ପ୍ରଦୀପ ମିଶ୍ର, ରସରାଜ ଅଚ୍ୟୁତ ପୁରୋହିତ, ଅରୁଣ ଖୁଆସ, ରାମଶରଣ ଶତପଥୀ, ଜୟକୁମାର ଆଚାର୍ଯ୍ୟ, ବିଏନ୍ ଶ୍ରୀକାନ୍ତ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ



ତାଲିମ ଶିବିରରେ ଯୋଗ ଦେଇଥିବା ଅତିଥି ଓ ଅନ୍ୟମାନେ।

**କଣ୍ଟାବାଞ୍ଜି,୧୪।୨(ଗୁରୁ ଦୟାଲ ହଂସ)**

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ମହିଳା ସ୍ନାତକ ମହାବିଦ୍ୟାଳୟରେ ଚାଲିଥିବା ଆତ୍ମସୁରକ୍ଷା ତାଲିମ ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଓଡିଶା ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗ ନିର୍ଦ୍ଦେଶ କ୍ରମେ ପ୍ରତ୍ୟେକ ବର୍ଷ ଭଳି ଚଳିତବର୍ଷ ବର୍ଷ ମଧ୍ୟ ଗତ ୪ ତାରିଖରୁ ଏହି ତାଲିମ ଆୟୋଜିତ ହୋଇଥିଲା। ଶିବିରରେ ଜିତୁ ପୃଷ୍ଟି ଓ ସାରଦା ସାହୁ ଦୁଇଜଣ ପ୍ରଶିକ୍ଷକ ଭାବେ ଯୋଗଦାନ କରି ଛାତ୍ରୀମାନଙ୍କୁ ଆତ୍ମ ସୁରକ୍ଷା ତାଲିମ ପ୍ରଦାନ କରିଥିଲେ। ୧୮୬ ଜଣ ଛାତ୍ରୀ ଅଂଶଗ୍ରହଣ କରି ଆତ୍ମସୁରକ୍ଷା ବିଷୟରେ ତାଲିମ ନେଇଥିଲେ। ଛାତ୍ରୀମାନଙ୍କୁ ଚାରୋଟି ଗ୍ରୁପରେ ଭାଗ କରାଯାଇ ଥିବା ବେଳେ ପ୍ରତ୍ୟେକ ଗ୍ରୁପକୁ ଗୋଟିଏ ଘଣ୍ଟା ଆତ୍ମ ସୁରକ୍ଷା ବିଷୟରେ ତାଲିମ ଦିଆଯାଉଥିଲା। କ୍ରୀଡା ପ୍ରଶିକ୍ଷକ ରଞ୍ଜୁ ବନଛୋରଙ୍କ ତତ୍ତ୍ୱାବଧାନରେ ଶିବିର ପରିଚାଳିତ ହୋଇଥିଲା। ଉଦ୍‌ଯାପନୀ ସଭାରେ ମୁଖ୍ୟଅତିଥି ଭାବେ ପୂର୍ବତନ ଭାରତୀୟ ସୈନିକ କାହ୍ନୁ ଚରଣ ମିଶ୍ର ଯୋଗଦେଇ ସାମ୍ପ୍ରତିକ ପରିସ୍ଥିତିରେ ଆତ୍ମ ସୁରକ୍ଷା ତାଲିମ କେତେ ଜରୁରୀ ସେ ବିଷୟରେ କହିଥିଲେ। ଆତ୍ମସୁରକ୍ଷା ଶିବିର ଆମକୁ ଶକ୍ତି ଓ ଆତ୍ମବିଶ୍ୱାସ ପ୍ରଦାନ କରିବା ସହିତ ଶୃଙ୍ଖଳିତ ଜୀବନ ବଞ୍ଚିବା ପାଇଁ ପ୍ରେରଣା ପ୍ରଦାନ କରିଥାଏ ବୋଲି ସେ ପ୍ରକାଶ କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟର ଅଧ୍ୟକ୍ଷ ରାଜେନ୍ଦ୍ର ପୁରୋହିତ ମୁଖ୍ୟଅତିଥି ମିଶ୍ରଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ମାନିତ କରିଥିଲେ। ଦୁଇଜଣ ପ୍ରଶିକ୍ଷକ ମଧ୍ୟ ଅଧ୍ୟକ୍ଷ ସାମ୍ମାନିତ କରିଥିଲେ। ଏହି ଅବସରରେ ମୁଖ୍ୟଅତିଥି ସମସ୍ତ ଛାତ୍ରୀଙ୍କୁ ମାନପତ୍ର ଦେଇ ସମ୍ମାନିତ କରିଥିଲେ। ପ୍ରାରମ୍ଭରେ ତାଲିମ ଶିବିରର ସଂଯୋଜିକା ଧରାଶ୍ରୀ ମହାନ୍ତି ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଅଧ୍ୟାପକ ଜିତେନ୍ଦ୍ର ସୁନା ସଭା ପରିଚାଳନା କରିଥିବା ବେଳେ ରଞ୍ଜୁ ବନଛୋର ଧନ୍ୟବାଦ ଦେଇଥିଲେ। ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ ।

## ସଂକ୍ଷେପରେ

### ଜାଗର ପାଇଁ ଧବଳେଶ୍ୱର ପୀଠ ଉତ୍ସବମୁଖର

**ଟିଟିଲାଗଡ଼,୧୪।୨(ସନ୍ତୋଷ ପଟ୍ଟନାୟକ)**

ଜାଗର ଯାତ୍ରା ପାଇଁ ଟିଟିଲାଗଡ ସହରର କୁମୁଡା ପାହାଡ ଉପରେ ପୂଜା ପାଉଥିବା ଧବଳେଶ୍ୱରଙ୍କ ପୀଠ ଉତ୍ସବମୁଖର ହୋଇଉଠିଛି। ଏଥିପାଇଁ ମନ୍ଦିର ପ୍ରଶାସନର ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଜାଗର ଯାତ୍ରାରେ ମହାଦୀପ ରାତି ୧୨ଟାରେ ଉଠିବ ବୋଲି ମନ୍ଦିର ପ୍ରଶାସନ ସୂତ୍ରରୁ ଜଣାଯାଇଛି। ମେଳା ଶନିବାର ଠାରୁ ଆରମ୍ଭ ହୋଇଥିବା ବେଳେ ୨୦ ତାରିଖରେ ଶେଷ ହେବ। ଟିଟିଲାଗଡରେ ଦଧିବାମନ ଓ ଧବଳେଶ୍ୱର ଟ୍ରଷ୍ଟ ବୋର୍ଡ ପକ୍ଷରୁ ଆୟୋଜିତ ଶିବରାତ୍ରୀ ମେଳାର ଶନିବାର ଅଧିବାସ ଥିଲା। ଅଧିବାସରେ ପୂଝାରୀ ମନ୍ଦରଧର ପାଢ଼ୀ ଓ ଅଶୋକ ରଥ ପୂଜା କରିଥିବା ବେଳେ ଟ୍ରଷ୍ଟି ସଞ୍ଜୀବ ପାଢ଼ୀ ଓ ତାଙ୍କ ସ୍ତ୍ରୀ ପ୍ରଣତି ପାଢ଼ୀ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ଅଧିବାସ ସମୟରେ ସ୍ଥାନୀୟ ବିଧାୟକ ନବୀନ ଜୈନ, ଟିଟିଲାଗଡ ଉପଜିଲାପାଳ ପଦ୍ମନାଭ ସାମନ୍ତରାୟ ଓ ସଦସ୍ୟ ଭବାନୀ ପ୍ରସାଦ ହୋତା ଉପସ୍ଥିତ ଥିଲେ। ସେହିପରି ଆସନ୍ତାକାଲି ପ୍ରହରୀ ମଣ୍ଡପରେ କର୍ତ୍ତା ଦାୟିତ୍ୱ ସୁବୋଧ ଦାସ ଓ ତାଙ୍କ ସ୍ତ୍ରୀ ତୁଲାଇବେ। ରବିବାର ଦିନ କୀର୍ତ୍ତନ ଆରମ୍ଭ ହେବ। ଏଥିରେ ୩୬ ଟି ଦଳ ଅଂଶଗ୍ରହଣ କରିବେ। ଶିବ ମନ୍ଦିର ତଳେ ଥିବା ପଡ଼ିଆରେ ମେଳା ପାଇଁ ଜାଗା ଆବଣ୍ଟନ କରାଯାଇଛି। ଭୂପତି ବାରିକ, ଧବଳେଶ୍ୱର ଦଳ ବେହେରା ପ୍ରମୁଖ ଏହାର ଦାୟିତ୍ୱ ନେଇଛନ୍ତି। ପ୍ରତିଦିନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଟ୍ରଷ୍ଟ ବୋର୍ଡ଼ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

### ବନାଗ୍ନି ପ୍ରତିରୋଧ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ

**ଖପ୍ରାଖୋଲ,୧୪।୨(ଅଭୟ ତ୍ରିପାଠୀ)**

ଖପ୍ରାଖୋଲ ବ୍ଲକ ହରିଶଙ୍କର ବନ ବିଭାଗ ଡାକବଙ୍ଗଳାଠାରେ ବନ ବିଭାଗ ଓ ଆର୍‌ସିଡ଼ିସିର ମିଳିତ ଉଦ୍ୟମରେ ବନାଗ୍ନି ପ୍ରତିରୋଧ ଓ ଜଙ୍ଗଲଜାତ ଖାଦ୍ୟ ପରମ୍ପରା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ଆର୍‌ସିଡିସି ଜିଲା ସଂଯୋଜକ ଶମ୍ଭୁ ପ୍ରସାଦ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ହରିଶଙ୍କର ବନାଞ୍ଚଳ ଅଧିକାରୀ ଅରବିନ୍ଦ ନାଏକ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ଜଙ୍ଗଲ ସୁରକ୍ଷା ଫୋରମ୍ ଆବାହକ କୁଳମଣି ସାହୁ, ଗନ୍ଧମାର୍ଦ୍ଦନ ସୁରକ୍ଷା ଏକ୍ସନ କମିଟି ଆବାହକ ଟେକେନ୍ଦ୍ର ଜାଲ, ପରିବେଶ କର୍ମୀ ଡ. ଅଭୟ ତ୍ରିପାଠୀ, ନାନ୍ଦୁପଲା ସରପଞ୍ଚ ନିଲେନ୍ଦ୍ରୀ ପୂଝାରୀ, ଭାନପୁର ସରପଞ୍ଚ ଗିନା ଜାଲ,ହରିଶଙ୍କର ବନପାଳ ରଞ୍ଜିତ କୁମ୍ଭାର ଯୋଗ ଦେଇଥିଲେ। ଏହି ଅବସରରେ ବନାଗ୍ନି ପ୍ରତିରୋଧ ସମ୍ପର୍କରେ ସଚେତନତା ବାର୍ତ୍ତା ଦେଇଥିଲେ। ସେହିପରି ଜଙ୍ଗଲ ଜାତ ଦ୍ରବ୍ୟ, ପାରମ୍ପାରିକ ଖାଦ୍ୟ ଅଭ୍ୟାସ ଉପରେ ଆଲୋଚନା ହୋଇଥିଲା। ଏହି ଅବସରରେ ଖପ୍ରାଖୋଲ ବନପାଳ ସୁଧୀର ଜେନା, ଧଣ୍ଡାମୁଣ୍ଡା ବନପାଳ ଇନ୍ଦ୍ରମଣି ବେହେରା, ରେଙ୍ଗାଲି ବନପାଳ ବିପିନ ସହୁ, ପ୍ରମୋଦା ସେଠ, ଆର୍‌ସିଡିସି ବ୍ଲକ ସଂଯୋଜକ ମିତାଞ୍ଜଳୀ ମିଶ୍ର, ନାରାୟଣ ସାହୁଙ୍କ ସମେତ ବନ ସୁରକ୍ଷା ସମିତି ସଦସ୍ୟ, ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା, ବନ ବିଭାଗ କର୍ମଚାରୀ,କେନ୍ଦୁପତ୍ର କର୍ମଚାରୀ ଉପସ୍ଥିତ ଥିଲେ । ଦେବରାଜ ଭୋଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ପଶ୍ଚିମ ଓଡ଼ିଶାର ଆଦିବାସୀ ଜୈବ ସଂସ୍କୃତି ଉପରେ ଆଲୋଚନା



ଆଲୋଚନାଚକ୍ରରେ ମଞ୍ଚାସୀନ ଆଲୋଚକ।

**ବଲାଙ୍ଗୀର,୧୪।୨(ବୀରେନ୍ଦ୍ର କୁମାର ଝାଙ୍କର)**

## ସରକାରୀ ମହାବିଦ୍ୟାଳୟରେ ଜାତୀୟ ଆଲୋଚନାଚକ୍ର

ବଲାଙ୍ଗୀର ସରକାରୀ ମହାବିଦ୍ୟାଳୟର ସମାଜଶାସ୍ତ୍ର ବିଭାଗ, ନୃତତ୍ତ୍ୱ ବିଭାଗ ଏବଂ ନାଇସେଟ୍ ବଲାଙ୍ଗୀରର ମିଳିତ ଆନୁକୂଲ୍ୟରେ 'ପଶ୍ଚିମ ଓଡ଼ିଶାର ଆଦିବାସୀ ଜୈବ ସଂସ୍କୃତି: ସାମାଜିକ ସଂରଚନା ଓ ଜୈବିକ ସହନଶୀଳତାର ସମନ୍ୱୟ' ଶୀର୍ଷକ ଦ୍ୱିଦିବସୀୟ ଜାତୀୟ ଆଲୋଚନାଚକ୍ର ମହାବିଦ୍ୟାଳୟ ଅଡଟୋରିୟମ୍‌ଠାରେ ଅନୁଷ୍ଠିତ ହୋଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. କୌତୁକ ପନ୍ଦରଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ ସମାରୋହରେ ମୁଖ୍ୟଅତିଥି ଭାବେ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ବେହେରା, ମୁଖ୍ୟବକ୍ତା ଭାବରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଦୀପକ କୁମାର ବେହେରା, ସମ୍ମାନିତ ଅତିଥି ଭାବେ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର କୁଳସଚିବ ହରପ୍ରସାଦ ଭୋଇ, ଅନ୍ୟତମ ସମ୍ମାନିତ ଅତିଥି ଭାବେ ବିକ୍ରମଦେବ ବିଶ୍ୱବିଦ୍ୟାଳୟର ପ୍ରଫେସର ସାଗରିକା ମିଶ୍ର ଯୋଗ ଦେଇଥିଲେ। ପଶ୍ଚିମ ଓଡ଼ିଶାର ଆଦିବାସୀ ଜୈବ ସଂସ୍କୃତି କିଭଳି ଏଠାକାର ସାମାଜିକ ସଂରଚନା ଓ ଜୈବିକ ସହନଶୀଳତାର ସମନ୍ୱୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି ଆଲୋଚକମାନେ କହିଥିଲେ। କାର୍ଯ୍ୟକ୍ରମର ଆବାହକ ଡ. ଶ୍ରୀକାନ୍ତ କୁମାର ବାରିକ ସଭା ସଞ୍ଚାଳନ କରିଥିଲେ। ଅନ୍ୟ ଅଧିବେଶନଗୁଡ଼ିକରେ ପ୍ରଫେସର ଫଣିନ୍ଦମ ଦେଓ, କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପ୍ରଫେସର ଆଦିତ୍ୟ କେଶରୀ ମିଶ୍ର, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ନୃତତ୍ତ୍ୱ ବିଭାଗର ପ୍ରଫେସର ବିଭୂ କଲ୍ୟାଣ ମହାନ୍ତି, ପ୍ରଫେସର ମୀରା ସ୍ୱାଇଁ, ଡ. କଲ୍ୟାଣୀ ରଥ, ଡ. ମୀନକେତନ ବାଗ, ଡ. ଶିବ କୁମାର, ଚନ୍ଦନ ପୁହାଣ, ପୁରୁଷୋତ୍ତମ କିଶାନଙ୍କ ସମେତ ବିଭିନ୍ନ ବିଶ୍ୱବିଦ୍ୟାଳୟ, ମହାବିଦ୍ୟାଳୟର ପ୍ରାଧ୍ୟାପକ, ଅଧ୍ୟାପିକା ଅଧ୍ୟାପକଙ୍କ ସମେତ ସରକାରୀ ମହାବିଦ୍ୟାଳୟର ଛାତ୍ରୀଛାତ୍ର ଓ ଅଧ୍ୟାପକ ଉପସ୍ଥିତ ଥିଲେ। ଆଲୋଚନାଚକ୍ର ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶେଷରେ ଅଧ୍ୟାପକ ହୃଷୀକେଶ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# କଣ୍ଟାବାଞ୍ଜିରେ ବିଶାଳ ହିନ୍ଦୁ ସମ୍ମିଳନୀ

**କଣ୍ଟାବାଞ୍ଜି,୧୪।୨(ଗୁରୁ ଦୟାଲ ହଂସ)**


ସମ୍ମିଳନୀରେ ଉପସ୍ଥିତ ଅତିଥି।

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜିସ୍ଥିତ ଶ୍ରୀରାମ ମନ୍ଦିର ମାନସ ଭବନରେ ବିଶାଳ ହିନ୍ଦୁ ସମ୍ମିଳନୀ ଶନିବାର ଦିନ ଅନୁଷ୍ଠିତ ହୋଇଯାଇଛି। କଣ୍ଟାବାଞ୍ଜି ହିନ୍ଦୁ ସମ୍ମିଳନୀ ସମିତି ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ପ୍ରଦୀପ ନାରାୟଣ ଖଣ୍ଡେଲୱାଲ ଅଧ୍ୟକ୍ଷତା କରିଥିଲେ ।ସଭାରେ ଘନଶ୍ୟାମ ପ୍ରଧାନ ମୁଖ୍ୟଅତିଥି, ପଣ୍ଡିତ ପ୍ରଭାକର ଦାସ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଅତିଥିମାନେ ସନତନୀ ହିନ୍ଦୁମାନଙ୍କ ମଧ୍ୟରେ ଏକତା ହେଲେ ହିଁ ଦେଶର ଭବିଷ୍ୟତ ଉଜ୍ଜ୍ୱଳ ହେବ ବୋଲି କହିଥିଲେ। ସମ୍ପାଦକ ଚିନ୍ମୟ ଯୋଶୀ ମଞ୍ଚ ପରିଚାଳନା କରିଥିଲେ। ରାଜୁ ଶର୍ମା, ଅଶୋକ ଛପଡିଆ,ପ୍ରଦୀପ ବାଗ,ଦେବରାଜ ଯାଦବ, ନବଲ ଶର୍ମା, ମୁରାରୀ ଅଗ୍ରୱାଲ ପ୍ରମୁଖ ସହଯୋଗ କରିଥିଲେ।

# ଲାଇସେନ୍ସ ନବୀକରଣ ପାଇଁ ଆବେଦନ

## ବିଜୁ ପଟ୍ଟନାୟକ ରକ୍ତ ଭଣ୍ଡାର ଅଚଳ ଘଟଣା

**କଣ୍ଟାବାଞ୍ଜି,୧୪।୨(ଗୁରୁଦୟାଲ ହଂସ)**

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଡାକ୍ତରଖାନାରେ ଥିବା ବିଜୁ ପଟ୍ଟନାୟକ ରକ୍ତ ଭଣ୍ଡାର ବନ୍ଦ ହୋଇପଡିଛି । ୨୦୧୮ରୁ ଉକ୍ତ ରକ୍ତଭଣ୍ଡାରର ଲାଇସେନ୍ସ ନବୀକରଣ ନ ହେବା ଦ୍ୱାରା ଏହା ରୋଗୀଙ୍କ କାମରେ ଆସୁନାହିଁ । ଏନେଇ ନିକଟରେ ଦୈନିକ ଧରିତ୍ରୀରେ '୩ ମାସରୁ ଊର୍ଦ୍ଧ୍ୱ ହେଲା ବିଜୁ ପଟ୍ଟନାୟକ ରକ୍ତଭଣ୍ଡାର ବନ୍ଦ, ରୋଗୀ ସେବା ବ୍ୟାହତ' ଶୀର୍ଷକ ଖବର ପ୍ରକାଶ ପାଇଥିଲା। ଏହି ଖବର ପ୍ରକାଶିତ ହେଲା ପରେ ବିଧାୟକ ତଥା ରୋଗୀ କଲ୍ୟାଣ ସମିତିର ଅଧ୍ୟକ୍ଷ ଲକ୍ଷ୍ମଣ ବାଗ ଡାକ୍ତରଖାନାକୁ ଯାଇ ବୁଝାବୁଝି କରିଥିଲେ। ସେ ନିଜ ପ୍ରତିକ୍ରିୟାରେ କହିଛନ୍ତି, ୨୦୧୮ରୁ ରକ୍ତଭଣ୍ଡାର ଲାଇସେନ୍ସର ମିଆଦ ସରିଛି, ହେଲେ ତାର ନବୀକରଣ ଲାଗି କେହି ନଜର ଦେଲେ ନାହିଁ। ଏପରି କି ପୂର୍ବ ସରକାର ଓ ପୂର୍ବତନ ବିଧାୟକଙ୍କ ହସ୍ତକ୍ଷେପ କରିବାର ଥିଲା ବୋଲି କହିଥିଲେ। ଏବେ ଖବରକାଗଜରୁ ଏହା ଜାଣି ଏହାର ନବୀକରଣ ପାଇଁ ଆବେଦନ କରିଛୁ। ଯଥାଶୀଘ୍ର ଏହା କାର୍ଯ୍ୟକ୍ଷମ ହେବ ବୋଲି ସେ କହିଛନ୍ତି। ସେହିପରି ରକ୍ତଭଣ୍ଡାରର କାର୍ଯ୍ୟକାରୀ ଅଫିସର ତଥା ତହସିଲଦାର ବିଶ୍ୱନାଥ ଖାଲକୋ ମଧ୍ୟ ଯଥାଶୀଘ୍ର କାର୍ଯ୍ୟକ୍ଷମ ହେବ ବୋଲି କହିଛନ୍ତି । ଡାକ୍ତରମାନଙ୍କ ଅବହେଳା ପାଇଁ ଲାଇସେନ୍ସ ନବୀକରଣ ନ ହୋଇ ବନ୍ଦ ପଡିଥିବା ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି।

# ଧଣ୍ଡାମୁଣ୍ଡାରେ କ୍ୟାଣ୍ଡେଲ ଶୋଭାଯାତ୍ରା


ଶହୀଦଙ୍କ ଉଦ୍ଦେଶ୍ୟରେ କ୍ୟାଣ୍ଡେଲ ଶୋଭାଯାତ୍ରା ।

**ଖପ୍ରାଖୋଲ,୧୪।୨(ଅଭୟ ତ୍ରିପାଠୀ)**

ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡା ଜଗନ୍ନାଥ ମନ୍ଦିର ସମ୍ମୁଖରେ ୨୦୧୯ ପୁଲୱାମା ଶହୀଦ ଯବାନଙ୍କ ଉଦ୍ଦେଶ୍ୟରେ ଏକ ସ୍ମୃତି ସଭା ଅନୁଷ୍ଠିତ ହୋଇଥିଲା। ପରେ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ଜଗନ୍ନାଥ ମନ୍ଦିର ସମ୍ମୁଖରୁ ବାହାରି ହାଇସ୍କୁଲ ଛକ ପର୍ଯ୍ୟନ୍ତ ଯାଇଥିଲା। ଏହି ଅବସରରେ ଖପ୍ରାଖୋଲ ବିଡିଓ ବିବେକାନନ୍ଦ ଷଡଙ୍ଗୀ, ଥାନା ଅଧିକାରୀ ନରେନ୍ଦ୍ର ଛତର, ବ୍ଲକ ଅଧ୍ୟକ୍ଷା ନିରୂପମା ପଟେଲ, ସରପଞ୍ଚ ବୈଦ୍ୟନାଥ ମିଶ୍ର, କ୍ଷମାନିଧି ଭୋଇ, ଶୋଭନମୟ ମିଶ୍ର, ଆଶିଷ ସାହୁ, ଅଜୟ ଭୋଇ, ସାଇରାମ ସାହୁ , ଯବାନଙ୍କ ସମେତ ଶତାଧିକ ମହିଳା ପୁରୁଷ ଉପସ୍ଥିତ ଥିଲେ।

# ପ୍ରତ୍ୟେକ ମହିଳାଙ୍କ ପାଇଁ ଆତ୍ମରକ୍ଷା ତାଲିମ ଜରୁରୀ


ଅତିଥିଙ୍କ ଗହଣରେ ତାଲିମ ଗ୍ରହଣ କରିଥିବା ଛାତ୍ରୀମାନେ।

**ଲାଠୋର,୧୪।୨(ଭୁବନେଶ୍ୱର ବାରିକ)**

ଖପ୍ରାଖୋଲ ବ୍ଲକ ଲାଠୋର ପଞ୍ଚାୟତ ଡ଼ିଗ୍ରୀ କଲେଜରେ ଗତ ୮ ଦିନ ଧରି ଚାଲିଥିବା ଆତ୍ମ ସୁରକ୍ଷା ତାଲିମ ଶିବିର ଶନିବାର ଉଦ୍‌ଯାପିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରସନ୍ନ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ କଲେଜର ପ୍ରତିଷ୍ଠାତା ଘାସିରାମ ଅଗ୍ରୱାଲ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ । ମୁଖ୍ୟଅତିଥି ତାଙ୍କ ବକ୍ତବ୍ୟରେ କହିଥିଲେ, ଜଣେ ମହିଳା ତାଲିମ ଗ୍ରହଣ କରି ଅଭ୍ୟାସ କଲେ ନିଶ୍ଚିତ ରୂପେ ନିଜକୁ ସୁରକ୍ଷା ଦେଇ ପାରିବେ। ଏଣୁ ସମସ୍ତ ଛାତ୍ରୀ ତାଲିମ ଶିବିରରେ ଅଂଶଗ୍ରହଣ କରି ତାଲିମ ନେବା ଉଚିତ୍ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଖବରଦାତା ଭୁବନେଶ୍ୱର ବାରିକ ଯୋଗଦେଇ ବର୍ତ୍ତମାନର ସ୍ଥିତିରେ ପ୍ରତ୍ୟେକ ମହିଳା ଆତ୍ମ ସୁରକ୍ଷା ପାଇଁ ଜ୍ଞାନ, କୌଶଳ ଅର୍ଜନ କରିବା ସହିତ ନିଜସ୍ୱ ଉଦ୍ୟମରେ ସମାଜର ମହିଳାମାନଙ୍କୁ ମଧ୍ୟ ଜ୍ଞାନ,କୌଶଳ ପ୍ରଦାନ କରିବାର ଆବଶ୍ୟକତା ରହିଛି ବୋଲି କହିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ରୂପେ ମାଷ୍ଟର ଟ୍ରେନର ଡାକପ୍ରିୟା ନାଗ ଯୋଗଦେଇ ପ୍ରତିବର୍ଷ ଏହି କଲେଜରୁ ସଂଖ୍ୟାଧିକ ଛାତ୍ରୀ ଆତ୍ମ ସୁରକ୍ଷା ତାଲିମ ନେଉଥିବା କହିଥିଲେ। ପରେ ତାଲିମ ଗ୍ରହଣ କରିଥିବା ୭୮ ଜଣ ଛାତ୍ରୀଙ୍କୁ ଅତିଥିମାନଙ୍କ ଦ୍ୱାରା ମାନପତ୍ର ପ୍ରଦାନ କରାଯାଇଥିଲା। ଆତ୍ମ ସୁରକ୍ଷା ତାଲିମ ଅଧିକାରୀ ଅଧ୍ୟାପିକା କବିତା ଅଗ୍ରୱାଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଜଙ୍ଗଲ ନିଆଁ ପ୍ରଶମନ ପାଇଁ ୧୧ ରେଞ୍ଜରେ ସ୍ୱତନ୍ତ୍ର ଅଗ୍ନି ନିର୍ବାପନ ସ୍କ୍ୱାଡ୍ ଗଠନ

**ବଲାଙ୍ଗୀର,୧୪।୨(ବୀରେନ୍ଦ୍ର କୁମାର ଝାଙ୍କର)**

ଆଗାମୀ ଗ୍ରୀଷ୍ମକୁ ଆଖି ଆଗରେ ରଖି ବଲାଙ୍ଗୀର ବନବିଭାଗ ଜଙ୍ଗଲ ନିଆଁକୁ ପ୍ରଶମନ କରିବା ଉପରେ ଗୁରୁତ୍ୱ ଦେଇଛି। ଶୁକ୍ରବାର ଏନେଇ ସ୍ଥାନୀୟ ଡିଏଫ୍‌ଓ ଅଫିସ ସମ୍ମିଳନୀ କକ୍ଷରେ ବଲାଙ୍ଗୀର ବନଖଣ୍ଡ ଅଧିକାରୀ ଅଜିତ ବିଶିଙ୍କ ଅଧ୍ୟକ୍ଷତାରେ ଏକ ସତର୍କତାମୂଳକ ବୈଠକ ଓ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ବଲାଙ୍ଗୀର ଜିଲାରେ ଜଙ୍ଗଲ ନିଆଁ ପ୍ରଶମନ ପାଇଁ ଚଳିତବର୍ଷ ବ୍ୟାପକ ସତର୍କତାମୂଳକ ପଦକ୍ଷେପ ନିଆଯାଉଥିବା ସମ୍ପର୍କରେ ଡିଏଫ୍‌ଓ ବିଶି ସୂଚନା ଦେଇଥିଲେ। ଜଙ୍ଗଲ ନିଆଁ ନିର୍ବାପନ ସକାଶେ ଜିଲା ପାଇଁ ଏକ ସ୍ୱତନ୍ତ୍ର ଖସଡା ପ୍ରସ୍ତୁତ କରାଯାଇ ଅନୁମୋଦନ କରାଯାଇଛି। ଏହି ବନଖଣ୍ଡ ଅଧୀନରେ ଥିବା ୧୧ଟି ରେଞ୍ଜରେ ୧୦ ଜଣ ବିଶିଷ୍ଟ ଏକ ସ୍ୱତନ୍ତ୍ର ଅଗ୍ନି ନିର୍ବାପନ ସ୍କ୍ୱାଡ୍ ଗଠନ କରାଯାଇଛି। ପ୍ରତ୍ୟେକ ସ୍କ୍ୱାଡ୍ ପାଇଁ ଏକ ସ୍ୱତନ୍ତ୍ର ଗାଡି ନିୟୋଜନ କରାଯାଇଛି। ଏହି ସ୍କ୍ୱାଡ୍ ସ୍ୱତନ୍ତ୍ର ଭାବେ କେବଳ ନିଆଁ ଲିଭା କାର୍ଯ୍ୟରେ ନିୟୋଜିତ ହେବେ। ଅଗ୍ନି ପ୍ରଶମନ ପାଇଁ ୨୧୦ଟି ଲିପ୍ ବ୍ଲୋଅର ଏବଂ ଅନ୍ୟାନ୍ୟ ଅଗ୍ନି ନିର୍ବାପକ ସହାୟତା ସାମଗ୍ରୀ ଯୋଗାଇ ଦିଆଯାଇଛି। ଜିଲାର ସମସ୍ତ ଜଙ୍ଗଲ ଅଞ୍ଚଳରେ ବିଗତ ବର୍ଷରେ ଲାଗିଥିବା ନିଆଁର ସର୍ଭେ କରାଯାଇ ନିଆଁ ପ୍ରଖରତା ଅଞ୍ଚଳ ଏବଂ ଗ୍ରାମଗୁଡିକୁ ଚିହ୍ନଟ କରାଯାଇ ପ୍ରାକ୍ ପ୍ରସ୍ତୁତି ବ୍ୟବସ୍ଥା କରାଯାଇଥିବା ଜଣାଇଥିଲେ। ପ୍ରତ୍ୟେକ ବନାଞ୍ଚଳରେ ଅଗ୍ନି ବ୍ୟାପକତା ଅଞ୍ଚଳ ଏବଂ ଗ୍ରାମଗୁଡିକ ଚିହ୍ନଟ କରାଯାଇ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଯଥା ସଚେତନତା ସଭା, ରାଲି, ପଥପ୍ରାନ୍ତ ନାଟକ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିବା ଜଣାଇଥିଲେ। ଏହାଛଡା ସଚେତନତା ବାର୍ତ୍ତାଗୁଡିକ ସ୍ଥାନୀୟ ରେଡିଓ ଷ୍ଟେଶନ ତଥା ଏଲଇଡି ଟିଭି ଲାଗିଥିବା ଯାନ ମାଧ୍ୟମରେ ପ୍ରଚାର କରାଯିବ। ଜଙ୍ଗଲ ଅଞ୍ଚଳରେ ବନାଗ୍ନିର ପ୍ରତିରୋଧ ପାଇଁ ବିଭିନ୍ନ ଜଙ୍ଗଲରେ ୬୫୮ କିମି ଅଗ୍ନି ନିରାକରଣ ରେଖା (ଫାୟାର ଲାଇନ୍) ପ୍ରସ୍ତୁତ କରାଯାଇଛି। ଏହାସହିତ ଅନ୍ୟାନ୍ୟ ବ୍ୟବସ୍ଥା ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଖବରଦାତା ସମ୍ମିଳନୀରେ ଏସିଏଫ୍ ମାନସ ରଞ୍ଜନ ବେହେରା, ଏସିଏଫ୍ ମୁରାରୀ ପ୍ରସାଦ ପଣ୍ଡା, ରେଞ୍ଜର ନବୀନ କୁମାର ପଣ୍ଡା ଉପସ୍ଥିତ ଥିଲେ।

# ଅବସାଦ ଦୂରକରିବ ପଥରଗଡ଼ ଇକୋ ଟୁରିଜମ୍ ପ୍ରକଳ୍ପ

**ଲୋଇସିଂହା,୧୪।୨(ସୁଶାନ୍ତ ବାରିକ)**



ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବ ଅବସରରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

- ପଥରଗଡ଼ ଇକୋ ଟୁରିଜମ୍ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ
- ପାର୍କ, ବୋଟିଂ ଓ ଯୋଗାସନ ବ୍ୟବସ୍ଥା ରହିବ

ବଲାଙ୍ଗୀର ଜିଲା ଲୋଇସିଂହା ବନାଞ୍ଚଳ ଅଧୀନ ଆଗଲପୁର ବ୍ଲକ ନଅଗାଁ(ଖ) ସଂଲଗ୍ନ ପଥରଗଡ ଡ୍ୟାମ୍‌କୁ ଇକୋ ଟୁରିଜିମ ପ୍ରକଳ୍ପର ମାନ୍ୟତା ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ଶନିବାର ଇକୋ ଟୁରିଜମ୍ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସ୍ଥାନୀୟ ବିଧାୟକ ତଥା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ.ମୁକେଶ ମହାଲିଙ୍ଗ ଯୋଗଦେଇ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଆଗାମୀ ୩ ମାସ ମଧ୍ୟରେ ଏହି ପ୍ରକଳ୍ପ ସାରିବାର ଲକ୍ଷ୍ୟ ରହିଥିବା ସେ କହିଥିଲେ । ସବୁଜ ବନାନୀ ପରିପୂର୍ଣ୍ଣ ଏହି ପରିବେଶ ରାଜ୍ୟ ଏବଂ ରାଜ୍ୟ ବାହାରୁ ଆସୁଥିବା ପର୍ଯ୍ୟଟକଙ୍କ ପାଇଁ ଏକ ଆକର୍ଷଣର କେନ୍ଦ୍ର ହୋଇ ସ୍ଥାନୀୟ ଅଞ୍ଚଳର ସାମାଜିକ ପ୍ରଗତି ଆଣିପାରିବ ବୋଲି ମନ୍ତ୍ରୀ କହିଥିଲେ। ଲୋଇସିଂହା ବନାଞ୍ଚଳ ଅଧିକାରୀ ଆନନ୍ଦଚନ୍ଦ୍ର ବିଶି ଉତ୍ସବରେ ଅଧ୍ୟକ୍ଷତା କରିଥିଲେ। ସମ୍ମାନିତ ଅତିଥି ଭାବେ ବଲାଙ୍ଗୀର ବନଖଣ୍ଡ ଅଧିକାରୀ ଅଜିତ ବିଶି, ବଲାଙ୍ଗୀର ଏସିଏଫ ପ୍ରମୁଖ ମଞ୍ଚାସୀନ ହୋଇଥିଲେ। ବନଖଣ୍ଡ ଅଧିକାରୀ ବିଶି ତାଙ୍କ ବକ୍ତବ୍ୟରେ ଉକ୍ତ ପ୍ରକଳ୍ପ ପାଇଁ ରାଜ୍ୟ ସରକାରଙ୍କ ଠାରୁ ୧ କୋଟି ଟଙ୍କା ମଞ୍ଜୁର ହୋଇଛି ଓ ପ୍ରକଳ୍ପର ରୂପରେଖ ସମ୍ପର୍କରେ କହିଥିଲେ। ମୁଖ୍ୟଅତିଥି ମହାଲିଙ୍ଗ କହିଥିଲେ, ପ୍ରାଥମିକ ଶିକ୍ଷା ସମୟରୁ ପଥରଗଡ ସହିତ ତାଙ୍କ ଭାବନା ଯୋଡି ହୋଇ ରହିଥିଲା । ୨୦୧୯ରେ ବିଧାୟକ ଭାବେ ନିର୍ବାଚିତ ହେବା ପରଠାରୁ ପଥରଗଡର ଉନ୍ନତୀକରଣ ଚିନ୍ତା ଘାରିଥିଲା। ଏବେ ଜଙ୍ଗଲ ଓ ପରିବେଶ ବିଭାଗ ସହଯୋଗ କ୍ରମେ ପ୍ରକଳ୍ପ ଅଗ୍ରଗତି ହୋଇଛି। ମନ୍ଦିରକୁ ଯାଇ ଆମେ ଯେଉଁଭଳି ଶାନ୍ତି ଅନୁଭବ କରିଥାଉ ଠିକ ସେହିଭଳି ଏକ ସୁସ୍ଥ ଓ ମୁକ୍ତ ପରିବେଶରେ ଅବସାଦ ଦୂର ଓ କିପରି ଶାନ୍ତି ପାଇପାରିବା ସେପରି ବ୍ୟବସ୍ଥା ପଥରଗଡରେ କରାଯିବ। ଏହାଛଡା ପାର୍କ, ବୋଟିଂ ଓ ଯୋଗାସନ ବ୍ୟବସ୍ଥା ରହିବ ବୋଲି ସେ କହିଥିଲେ। ଏହାଛଡା ପଥରଗଡ ଜଙ୍ଗଲର ସୁରକ୍ଷା ସାଙ୍ଗକୁ ବନ୍ୟଜନ୍ତୁ ଓ ବିଭିନ୍ନ ପକ୍ଷୀଙ୍କ ବଂଶ ବୃଦ୍ଧି ଉପରେ ଗୁରୁତ୍ୱ ଦିଆଯିବ ବୋଲି କହିଥିଲେ। ଏହି ଅବସରରେ ପଥରଗଡକୁ ପ୍ଲାଷ୍ଟିକ ମୁକ୍ତ ଜୋନ କରିବା ଏବଂ ବନାଗ୍ନି ରୋକିବାକୁ ଅଧିକାରୀ ଓ ଅଞ୍ଚଳବାସୀଙ୍କୁ ଶପଥ ପାଠ କରାଇଥିଲେ। ସୂଚନାଯୋଗ୍ୟ, ପଥରଗଡ ଡ୍ୟାମ୍ ପରିସୀମା ସାଢେ ୭ ହେକ୍ଟର ରହିଛି ।

## ସଂକ୍ଷେପରେ

### ଭାଜପା ମଣ୍ଡଳ ଶକ୍ତି କେନ୍ଦ୍ରସ୍ତରୀୟ କର୍ମୀ ସମ୍ମିଳନୀ

ବିନିକା,୧୪।୨(ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲ୍ଲା ବିନିକା ବ୍ଲକ ଭଣ୍ଡାର ରାଜୀବ ଗାନ୍ଧୀ ସଭାଗୃହରେ ଚରଦେଇ ଭାଜପା ମଣ୍ଡଳ ଶକ୍ତି କେନ୍ଦ୍ରସ୍ତରୀୟ କର୍ମୀ ସମ୍ମିଳନୀ ସଭାପତି ଉଦ୍ଧବ ମହାକୁଡ଼ଙ୍କ ସଭାପତିତ୍ୱରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବୀରମହାରାଜପୁର ବିଧାୟକ ଇଂ.ରଘୁନାଥ ଜଗଦଲା ଯୋଗଦେଇଥିଲେ। ସମ୍ମାନୀତ ଅତିଥିଭାବେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିଜୟ ମହାକୁଡ଼, ଜିଲ୍ଲା ସାଧାରଣ ସମ୍ପାଦକ ବିଶ୍ୱମ୍ଭର ମିଶ୍ର, ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ଅଶୋକ ପୃଷ୍ଟି, ଜିଲ୍ଲା ପରିଷଦ ସଦସ୍ୟା ପ୍ରମିଳା କଲତା, ବାବୁଲୁ ବିଶି, ଜିଲ୍ଲା ଉପସଭାପତି ଉସତ କର, ଦେବେନ୍ଦ୍ର ବାଘ ଯୋଗଦେଇ ଅଞ୍ଚଳର ବିକାଶ କିପରି ହୋଇପାରିବ ୱାର୍ଡସ୍ତରୀୟ ସଭା କରିବା ଉପରେ ଆଲୋଚନା ହୋଇଥିଲା। ସାଧାରଣ ସମ୍ପାଦକ ବିଶ୍ୱଦେବ ବଡ଼ପଣ୍ଡା ସଭା ପରିଚାଳନା କରିଥିଲେ। ମଣ୍ଡଳ ସମ୍ପାଦକ ସତ୍ୟବାନ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ।

### ପଞ୍ଚାୟତସ୍ତରୀୟ କିଶୋରୀ ମେଳା

ଅମରପାଲି,୧୪।୨(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ପିତାମହୁଲ ପଞ୍ଚାୟତର ସାନଟେଭାପଦର ଗ୍ରାମ ଅଙ୍ଗନୱାଡ଼ି କେନ୍ଦ୍ରରେ ପଞ୍ଚାୟତସ୍ତରୀୟ କିଶୋରୀ ମେଳା ଅନୁଷ୍ଠିତ ହୋଇଯାଇଛି। ଅଙ୍ଗନୱାଡ଼ି କର୍ମୀ ଅନ୍ନପୂର୍ଣ୍ଣା ସିଂଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଙ୍ଗନୱାଡ଼ି କ୍ଷେତ୍ର ପରିଦର୍ଶିକା ଶାନ୍ତିଲତା ଖମାରୀ, ପିତାମହୁଲ ସିଏଚ୍ଓ ସିପୁନ ରାଉଳ, ଏଏନ୍ଏମ୍ ରୋଜି ମେହେର, ଶିକ୍ଷୟିତ୍ରୀ ମିନାକ୍ଷୀ ନାଏକ ପ୍ରମୁଖ ଯୋଗଦେଇ କିଶୋରୀମାନଙ୍କ ସ୍ୱାସ୍ଥ୍ୟ ସଚେତନତା ସହିତ ବିଭିନ୍ନ କାର୍ଯ୍ୟକଳାପ ଉପରେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ କିଶୋରୀମାନଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା। କୃତୀ ପ୍ରତିଯୋଗୀମାନଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସଭା ପରେ କିଶୋରୀମାନଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମରେ ପିତାମହୁଲ ପଞ୍ଚାୟତର ସମସ୍ତ ଅଙ୍ଗନୱାଡି କର୍ମୀ ଓ ଆଶାକର୍ମୀ ଯୋଗଦେଇଥିଲେ।

### ଆତ୍ମରକ୍ଷା ତାଲିମ ଶିବିର ଉଦ୍ଯାପିତ

ତରଭା,୧୪।୨(ମାନଭଞ୍ଜନ ମିଶ୍ର)

ସୁବର୍ଣ୍ଣପୁର ଜିଲ୍ଲା ତରଭା ଏଇଏସ କଲେଜରେ ୮ ଦିନ ଧରି ଚାଲିଥିବା ଯୁକ୍ତ ୩ ପ୍ରଥମ ବର୍ଷ ଛାତ୍ରୀଙ୍କ ଆତ୍ମ ସୁରକ୍ଷା ତାଲିମ ଶିବିର ଉଦ୍ଯାପିତ ହୋଇଯାଇଛି। କଲେଜ ଅଧକ୍ଷ କୃଷ୍ଣଚନ୍ଦ୍ର ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦ୍ଯାପନୀ ସଭାରେ ମୁଖ୍ୟ ଅତିଥିଭାବେ ଆଇଆଇସି ଅନିତା କିଡୋ, ସମ୍ମାନିତ ଅତିଥି ଏଏସଆଇ ସୁଧୀର ଜେନା, ଆତ୍ମରକ୍ଷା ତାଲିମ ସହ ସଂଯୋଜକ ମୋନାଲିସା ପ୍ରଧାନ, କଲେଜ ପିଇଟି ସଞ୍ଜୀବ ସାହୁ ମାଷ୍ଟର ଟ୍ରେନର ସନ୍ଧ୍ୟାରାଣୀ ସାହୁ ମଞ୍ଚାସୀନ ଥିଲେ। ଏହି ତାଲିମ ଦ୍ୱାରା ଛାତ୍ରୀମାନେ ଆତ୍ମରକ୍ଷା କରିପାରିବେ ବୋଲି ଅତିଥିମାନେ କହିଥିଲେ। ଏଥିରେ ସର୍ବମୋଟ ୧୩୭ ଜଣ ଛାତ୍ରୀଛାତ୍ର ତାଲିମ ଗ୍ରହଣ କରିଥିଲେ। ସହ ସଂଯୋଜିକା ପ୍ରଧାନ ଧନ୍ୟବାଦ ପ୍ରଦାନ କରିଥିଲେ।

# ଏକାଗ୍ରତା, କଠିନ ପରିଶ୍ରମ ସଫଳତା ଆଣିଦିଏ

## ସୋନପୁର ବିଜୁ ପଟ୍ଟନାୟକ ମହିଳା ଡିଗ୍ରୀ କଲେଜର ବାର୍ଷିକ ଉତ୍ସବ


ଅତିଥି ବୃନ୍ଦ ସ୍ମରଣିକା ହିତ୍ୟୋଶୀକୁ ଉନ୍ମୋଚନ କରୁଛନ୍ତି।

ସୋନପୁର,୧୪।୨(ମୃତ୍ୟୁଞ୍ଜୟ ଶତପଥୀ)

ସୋନପୁର ବିଜୁ ପଟ୍ଟନାୟକ ମହିଳା ଡିଗ୍ରୀ କଲେଜର ବାର୍ଷିକ ଉତ୍ସବ ପରମ୍ପରା–୨୦୨୬ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୋନପୁର ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ନିରଞ୍ଜନ ପୂଜାରୀ ମୁଖ୍ୟ ଅତିଥିଭାବେ ଯୋଗଦାନ କରି ପାଠପଢା ସମୟ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ପାହାଚ। ଏଥିରେ ଭବିଷ୍ୟତକୁ ଗଢି ତୋଳିବାକୁ ସୁଯୋଗ ରହିଥାଏ। ତେଣୁ ଜୀବନର ଲକ୍ଷ୍ୟକୁ ପୂରଣ କରିବା ପାଇଁ କଠିନ ପରିଶ୍ରମ କର। କାରଣ ଏକାଗ୍ରତା ଓ କଠିନ ପରିଶ୍ରମ ଜୀବନରେ ସଫଳତା ଆଣିଦିଏ ବୋଲି ପୂଜାରୀ ମତପ୍ରକାଶ କରିଥିଲେ। ଆସନ୍ତା ବର୍ଷ କଲେଜ ବାଇଗଣଜୁରିସ୍ଥିତ ନୂଆ କ୍ୟାମ୍ପସ୍‌କୁ ସ୍ଥାନାନ୍ତର ହେବ ବୋଲି ବିଧାୟକ ଏହି ଅବସରରେ ସୂଚନା ଦେଇଥିଲେ। ମୁଖ୍ୟବକ୍ତାଭାବେ ସମ୍ବଲପୁର ବିଶ୍ୱ ବିଦ୍ୟାଳୟର ନିୟନ୍ତ୍ରକ ଡ. ଉମେଶ ଚନ୍ଦ୍ର ମହାପାତ୍ର ଯୋଗଦେଇ ପୁରାତନ ଗୁରୁକୁଳ ପରମ୍ପରା। ବର୍ତ୍ତମାନର ପ୍ରଦୂଷିତ ପରିବେଶ ଓ ଅବକ୍ଷୟମୁଖୀ ସମାଜ ବିଷୟରେ ଆଲୋଚନା କରିଥିଲେ। ଏହି ଅବସରରେ ଛାତ୍ରୀମାନେ ଶୃଙ୍ଖଳାକୁ ବ୍ରତ ଭାବେ ଗ୍ରହଣ କରିବାକୁ ଡ. ମହାପାତ୍ର ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥିଭାବେ ବରଗଡ ଜିଲ୍ଲା ପଞ୍ଚାୟତ କଲେଜର ପୂର୍ବତନ ଅଧକ୍ଷ ପତିତପାବନ ସାହୁ ଓ ସୋନପୁର ବିଜୁ ପଟ୍ଟନାୟକ ମହିଳା ଡିଗ୍ରୀ କଲେଜର ପୂର୍ବତନ ପରିଚାଳନା କମିଟି ଅଧକ୍ଷ ଅଭିମନ୍ୟୁ କୁଶଳ ଯୋଗଦେଇ ଏହି ଉଚ୍ଚ ଶିକ୍ଷାନୁଷ୍ଠାନ ଅଞ୍ଚଳରେ ନାରୀ ଶିକ୍ଷାର ପ୍ରସାରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିବା କହିଥିଲେ। କଲେଜ ଅଧକ୍ଷା ରୀତାରାଣି ପୂଜାରୀ ସଭାରେ ଅଧକ୍ଷତା କରିଥିଲେ। ଅଧ୍ୟାପିକା ପୂର୍ଣ୍ଣିମା ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ କଲେଜର ସ୍ୱରଣିକା ହିତ୍ୟୋଶୀକୁ ଅତିଥି ବୃନ୍ଦ ଉନ୍ମୋଚନ କରିଥିଲେ। ପରେ ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରୀଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। କାଜଲ କୁଶଳ ଓ ଅର୍ପିତା ପଟ୍ଟନାୟକ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ସନ୍ଧ୍ୟା ପର୍ଯ୍ୟନ୍ତ ଛାତ୍ରୀମାନେ ସୁନ୍ଦର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଉଦ୍ଯାପନୀ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଡ. ନୃପରାଜ ସାହୁ ଯୋଗଦେଇ ଜ୍ଞାନ ଓ ଚରିତ୍ର ବ୍ୟକ୍ତିର ବ୍ୟକ୍ତିତ୍ୱ ପରିପ୍ରକାଶ କରେ ବୋଲି କହିଥିଲେ। ଅଧ୍ୟାପକ ମଦନ ସୁନ୍ଦର ଖେତି, କ୍ଷୀରୋଦ ମିଶ୍ର, ଚେରାବୁଇ ହୋତା, ରଞ୍ଜିତା ମିଶ୍ର, ସଲିଳ ବେହେରା, ସୁଦାମ ସାହୁଙ୍କ ସମେତ କଲେଜର ସମସ୍ତ ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ ଓ ଛାତ୍ରୀମାନେ ଉତ୍ସବ ଆୟୋଜନରେ ସହଯୋଗ କରିଥିଲେ।

## ଓଷ୍ଟାର ପରିବର୍ଦ୍ଧିତ କାର୍ଯ୍ୟକାରୀ କମିଟି ବୈଠକ


ବୈଠକରେ ମଞ୍ଚାସୀନ ଅତିଥିମାନେ।

ଅମରପାଲି,୧୪।୨(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଜଟେସିଂହା ଉଚ୍ଚ ବିଦ୍ୟାଳୟରେ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ ଓଷ୍ଟାର ପରିବର୍ଦ୍ଧିତ କାର୍ଯ୍ୟକାରୀ ବୈଠକ ଓଷ୍ଟା ବ୍ଲକ ସଭାପତି ଚନ୍ଦ୍ରମଣି ବାଘଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଉପଦେଷ୍ଟା ସଭ୍ୟ ତଥା ଓଷ୍ଟାର ବରିଷ୍ଠ ସଙ୍ଗଠକ ଭୂଷଣ କୁମାର ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ଓଷ୍ଟା ସଭାପତି ଅଖୋଜ ପଧାନ, ସମ୍ପାଦକ ସୁଶୀଲ କୁମାର ବିଶି ଯୋଗଦେଇ ସଙ୍ଗଠନକୁ ଦୃଢ କରିବାକୁ ଉପସ୍ଥିତ ଶିକ୍ଷକ ମାନଙ୍କୁ ଆହ୍ୱାନ କରିଥିଲେ। ପୂର୍ବତନ ବ୍ଲକ ସମ୍ପାଦକ ତ୍ରିପୁରାରୀ ରଥ ଓଷ୍ଟାର ଏହିଭଳି କାର୍ଯ୍ୟକୁ ପ୍ରଶଂସା କରିଥିଲେ। ବ୍ଲକ ସମ୍ପାଦକ ବ୍ରଜମୋହନ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ସଭାରେ ପଡୋଶୀ ବ୍ଲକ ଉଲୁଣ୍ଡା ସମ୍ପାଦକ ପ୍ରହଲ୍ଲାଦ ସାହୁ ଓ ଉପସଭାପତି ପଙ୍କଜ ଖମାରି ମଧ୍ୟ ଯୋଗଦେଇ ନିଜ ମତ ଉପସ୍ଥାପନ କରିଥିଲେ।

## ଆତ୍ମରକ୍ଷା ତାଲିମ ଶିବିର ଉଦ୍ଯାପିତ



ଶିବିର ଉଦଯାପନୀ ସଭାରେ ମଞ୍ଚାସୀନ ଅତିଥି ବୃନ୍ଦ।

ସୋନପୁର,୧୪।୨(ମୃତ୍ୟୁଞ୍ଜୟ ଶତପଥୀ)

ସୋନପୁର କଲେଜରେ ଆତ୍ମରକ୍ଷା ତାଲିମ ଶିବିର ଶନିବାର ଉଦ୍ଯାପିତ ହୋଇଯାଇଛି। ଅଧକ୍ଷ ପ୍ରଫେସର ରାଧାକାନ୍ତ ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଯାପନୀ ସଭାରେ ସଂଯୋଜିକା ରାଜଲତା ଅଲିଭା ଶିବିରର ସଫଳତା ବିଷୟରେ ବକ୍ତବ୍ୟ ରଖିଥିଲେ। ମାଷ୍ଟର ଟ୍ରେନର ଶୁଭସ୍ମିତା ଦାଶ ଏବଂ ଯୁକ୍ତ ୩ ପ୍ରଥମ ବର୍ଷର ଛାତ୍ରୀମାନେ ଆତ୍ମରକ୍ଷା ପାଇଁ ଶିଖିଥିବା କୌଶଳର ନମୁନା ପ୍ରଦର୍ଶନ କରିଥିଲେ। ଅଧ୍ୟାପିକା ନିରୋଜା ଗୁରୁ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଅଧ୍ୟାପିକା ଚନ୍ଦ୍ରକାନ୍ତି ବିଶାଳ, ପ୍ରାୟୋଜିତା ବିଶି, ଜନନୀ ମେହେର ଯୋଗ ଦେଇଥିଲେ। ଆତ୍ମରକ୍ଷା କ୍ଲବ ସଦସ୍ୟା ଡ ଇତିଶ୍ରୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଫେବୃଆରୀ ୬ ରୁ ୧୪ ତାରିଖ ପର୍ଯ୍ୟନ୍ତ ଏହି ତାଲିମ ଶିବିର ଚାଲିଥିଲା।

# ବିଧାୟକ, ଜିଲ୍ଲାପାଳଙ୍କୁ ଗ୍ରାମବାସୀଙ୍କ ଦାବିପତ୍ର

## ବଡ଼ବର୍ଡାକଟା–ପୁରୁଷୋତ୍ତମପାଲିକୁ ପକ୍କା ସଡ଼କ ନିର୍ମାଣ ଦାବି


ରାସ୍ତା ନିର୍ମାଣ ପାଇଁ ଦାବିପତ୍ର ଦେବାକୁ ବାହାରିଥିବା ଗ୍ରାମବାସୀ।

ଅମରପାଲି, ୧୪।୨(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଖଣ୍ଡହତା ପଞ୍ଚାୟତ ଅନ୍ତର୍ଗତ ବଡ଼ବର୍ଡାକଟାରୁ ଲୁଡୁରପଙ୍କ ପଞ୍ଚାୟତର ପୁରୁଷୋତ୍ତମପାଲିକୁ ପକ୍କାରାସ୍ତା ନିର୍ମାଣ ଦାବି ହୋଇଛି। ଏନେଇ ବଡ଼ବର୍ଡାକଟା ଗ୍ରାମବାସୀ ଗୁରୁବାର ବୀରମହାରାଜପୁର ବିଧାୟକ ରଘୁନାଥ ଜଗଦଲା ଓ ସୁବର୍ଣ୍ଣପୁର ଜିଲ୍ଲାପାଳ ଡ. ନୃପରାଜ ସାହୁଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଅଭିଯୋଗ ଅନୁସାରେ ବଡ଼ବର୍ଡାକଟା ଗ୍ରାମଟି ଦୁଇଟି ୱାର୍ଡ ବିଶିଷ୍ଟ। ଏହି ଗ୍ରାମର ଲୋକେ ବ୍ଲକ ମୁଖ୍ୟାଳୟ ବୀରମହାରାଜପୁରକୁ ଯିବାକୁ ହେଲେ ଲୁଡୁରପଙ୍କ ପଞ୍ଚାୟତର ପୁରୁଷୋତ୍ତମପାଲି ଗ୍ରାମ ଦେଇ ଯିବାକୁ ପଡିଥାଏ। ଏହି ରାସ୍ତା ଦେଇ ଆମ୍ବୁଲାନ୍ସ ମଧ୍ୟ ଯାତାୟାତ କରିଥାଏ। ମାତ୍ର ଏହି ରାସ୍ତା ଏବେ ଖାଲଖମାପୂର୍ଣ୍ଣ । ତେଣୁ ଯାତାୟାତରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଏହି ରାସ୍ତା ନିର୍ମାଣ କରିବା ପାଇଁ ଗତ ବର୍ଷ ମଧ୍ୟ ଜିଲ୍ଲାପାଳଙ୍କୁ ଅଭିଯୋଗ କରାଯାଇଥିଲା। ମାତ୍ର ଏହି ରାସ୍ତା ପ୍ରତି କାହାର ନଜର ପଡ଼ିନାହିଁ। ତେଣୁ ଏହି ରାସ୍ତାକୁ ପ୍ରଧାନ ମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ସାମିଲ କରି ପକ୍କା ସଡ଼କ କରିବାକୁ ଦାବି କରାଯାଇଛି। ଗ୍ରାମର ସୁଦାମ ଗାଇଗରିଆ, ଅଶୋକ ସାହୁ, ପଞ୍ଚାନନ ରଣା, କୁନା ଘିବିଲା, ସାଖୀ ଗୋପାଳ ମିଶ୍ର, ଲୁକୁନାଥ ଦେହେରୀ, ଭକ୍ତରାମ ପୁରୋହିତ, ଦୁର୍ଯ୍ୟୋଧନ ମିଶ୍ରଙ୍କ ସମେତ ଅନ୍ୟ ଗ୍ରାମବାସୀଙ୍କ ଦସ୍ତଖତ ଥିବା ଲିଖିତ ଦାବିପତ୍ର ପ୍ରଦାନ କରାଯାଇଛି।

## ମିଟର ଲଗାଇବା ବେଳେ ସଂସ୍ପର୍ଶରେ ଆସି କର୍ମଚାରୀଙ୍କ ମୃତ୍ୟୁ

ବୀରମହାରାଜପୁର,୧୪।୨(ଯୁଗଳ କିଶୋର ମିଶ୍ର)

ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ବ୍ଲକ ଅଡାଲଡବା ଗ୍ରାମରେ ସ୍ମାର୍ଟ ମିଟର ଲଗାଉଥିବା ବେଳେ ଶନିବାର ସଂସ୍ପର୍ଶରେ ଆସି ଜଣେ ବିଦ୍ୟୁତ୍ କର୍ମଚାରୀଙ୍କ ମୃତ୍ୟୁ ଘଟିଛି। ମୃତକ ନିନ୍ନା ଗ୍ରାମର ଦୀପକ ପାଣ୍ଡିଆ(୨୩। ଡାଲଡବା ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରେ ଅପରାହ୍ନରେ ଦୀପକ ମିଟର ଲଗାଇବାକୁ ଯାଇଥିଲେ। ଅସାବଧାନତା ଯୋଗୁ ଦୀପକ ହଠାତ



ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଚେତାଶୂନ୍ୟ ହୋଇ ଯାଇଥିଲେ। ତାଙ୍କୁ ସୋନପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ମୃତ ଘୋଷଣା କରିଥିଲେ। ଖବର ଲେଖା ହେବା ପର୍ଯ୍ୟନ୍ତ ମୃତଦେହ ବ୍ୟବଚ୍ଛେଦ ହୋଇନାହିଁ। ମୃତ ଦୀପକଙ୍କ ପିତା ଦୈତାରୀ ନିନ୍ନା ଜଗନ୍ନାଥ ମନ୍ଦିର ପୂଜକ ଭାବରେ କାର୍ଯ୍ୟ କରନ୍ତି। ଏକମାତ୍ର ପୁଅର ମୃତ୍ୟୁ ପରେ ଦୈତ୍ୟାରୀ ଭାଙ୍ଗି ପଡିଛନ୍ତି। ମୃତକଙ୍କ ପରିବାରଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି। ଏ ବିଷୟରେ ବୀରମହାରାଜପୁର ବିଦ୍ୟୁତ୍ ବିଭାଗ ସହକାରୀ ଯନ୍ତ୍ରୀ ସୋମବାର ସେଠଙ୍କୁ ପଚାରିବାରୁ ଏହା ଅତ୍ୟନ୍ତ ଦୁଃଖ ଦାୟକ ଘଟଣା। ମୁଁ ନିଜେ ଘଟଣାସ୍ଥଳକୁ ଯାଇଥିଲି। ବିଭାଗର ଗୃରୁତର ସହିତ ଘଟଣାକୁ ଅନୁଧ୍ୟାନ କରୁଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ବିଭାଗ ପକ୍ଷରୁ ଉଚିତ ପଦକ୍ଷେପ ନେବ ବୋଲି କହିଛନ୍ତି।

## କୁଷ୍ଠ ନିରାକରଣ ସଚେତନତା କାର୍ଯ୍ୟକ୍ରମ


ସାଗଜୁରୀ ହାଇସ୍କୁଲ ଛାତ୍ରୀଛାତ୍ର ସଚେତନତା ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରୁଛନ୍ତି।

ଅମରପାଲି,୧୩।୨(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଦୁର୍ଜନଟେଲା ପଞ୍ଚାୟତ ସାଗଜୁରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ କୁଷ୍ଠ ନିରାକରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ହାଇସ୍କୁଲ ପ୍ରଧାନଶିକ୍ଷକ ସୁଧାଂଶୁ ମଲ୍ଲିକ, ମସିଣାପାଲି ଆରୋଗ୍ୟ ମନ୍ଦିରର ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ବିଭୂଦେନ୍ଦ୍ର ପ୍ରତାପ ବିଶାଳ, ମହିଳା ସ୍ୱାସ୍ଥ୍ୟକର୍ମୀ ସଞ୍ଜୁ ମଲ୍ଲିକ, କାବ୍ୟସିନୀ ସେଠୀ, ଆଶାକର୍ମୀ ପ୍ରମିଳା ବାଦୀ ଓ ଗୀତାରାଣୀ ମୁଣ୍ଡା ଯୋଗଦେଇ କୁଷ୍ଠ ରୋଗର କାରଣ ଓ ନିରାକରଣ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ନିଜ ବକ୍ତବ୍ୟରେ କୁଷ୍ଠରୋଗ ଏକ ସଂକ୍ରାମକ ରୋଗ ନୁହେଁ, ଏହାର ସମ୍ପୂର୍ଣ୍ଣ ଚିକିତ୍ସା ସମ୍ଭବ ବୋଲି କହିବା ସହିତ କୁଷ୍ଠରୋଗୀଙ୍କୁ ଘୃଣା ନ କରି ସେମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ଆବଶ୍ୟକ। କୁଷ୍ଠ ରୋଗୀଙ୍କୁ ପ୍ରତିଥିବ ଭ୍ରମ ଧାରଣା ଦୂର କରିବା ଏବଂ ସେମାନଙ୍କୁ ସମ୍ମାନ ଦେବା କୁଷ୍ଠ ସଚେତନତା ମୂଳ ଉଦ୍ଦେଶ୍ୟ ବୋଲି ମତବ୍ୟକ୍ତ କରିଥିଲେ। ଏହା ପରେ ଉପସ୍ଥିତ ଛାତ୍ରୀଛାତ୍ର, ବ୍ୟକ୍ତି ବିଶେଷ, ଶିକ୍ଷୟିତ୍ରୀଶିକ୍ଷକଙ୍କୁ ନେଇ ଶପଥ ପାଠ କରାଯାଇଥିଲା। ଏହା ପରେ ଛାତ୍ରୀଛାତ୍ରମାନେ ପ୍ଲାକାର୍ଡ ଧରି ଗ୍ରାମ୍ୟ ପରିକ୍ରମା ପୂର୍ବକ ଲୋକଙ୍କୁ ସଚେତନତା କରିଥିଲେ।

# ଶନିଶ୍ଚର ମନ୍ଦିର ପ୍ରତିଷ୍ଠା ପାଇଁ ଶୁଭସ୍ତମ୍ଭ ସ୍ଥାପନ

ତରଭା,୧୪।୨(ମାନଭଞ୍ଜନ ମିଶ୍ର)



ସୁବର୍ଣ୍ଣପୁର ଜିଲ୍ଲା ତରଭା କୁମ୍ଭାର ପଡାସ୍ଥିତ ନବନିର୍ମିତ ଶ୍ରୀ ମହାଗ୍ରହ ଶନି ମନ୍ଦିର ପ୍ରତିଷ୍ଠା ଓ ନାମଯଜ୍ଞ ପାଇଁ ଶୁଭସ୍ତମ୍ଭ ସ୍ଥାପନ ଅନୁଷ୍ଠିତ ହୋଇଯାଇଛି। ଶନିବାର ଶୁଭଲଗ୍ନ ଅନୁଯାଇ ମଧ୍ୟାହ୍ନ ୧୨ଟା୩୦ରେ ମନ୍ଦିର ସମ୍ମୁଖରେ ପୂଜକ ପ୍ରମୋଦ ମହାପାତ୍ରଙ୍କ ଦ୍ୱାରା ପୂଜା କାର୍ଯ୍ୟ ସମ୍ପନ୍ନ କରାଯାଇ ଶୁଭସ୍ତମ୍ଭ ସ୍ଥାପନ କରାଯାଇଥିଲା। ମନ୍ଦିର ପ୍ରତିଷ୍ଠା ପାଇଁ କର୍ତ୍ତା ଭାବେ ଶଙ୍କର ପ୍ରସାଦ ନାୟକ ଦାୟିତ୍ୱ ନିର୍ବାହ କରୁଛନ୍ତି। ସେହିପରି ଷୋଳ ପ୍ରହର ନାମଯଜ୍ଞ ପାଇଁ କର୍ତ୍ତା ଭାବେ ଝସକେତନ ରଣା ଦାୟିତ୍ୱ ନେଇଛନ୍ତି। ଶୁଭସ୍ତମ୍ଭ ସ୍ଥାପନ ସମୟରେ କମିଟିର ଲକ୍ଷ୍ମଣ ରଣା, ରୋଶନ ନାୟକ, ମହେଶ ଆଚାରୀ, ଗଣ୍ଡାରାମ ବାଘ, କପିଳାସ ସେଠ, ଭକ୍ତ ରଣା, ପ୍ରମୋଦ ପଣ୍ଡା, ସଞ୍ଜୀବ ନାଏକ, ବଜରଙ୍ଗ ବର୍ମା, ଧବଳେଶ୍ୱର ନାଏକ, ସୁରେନ୍ଦ୍ର ରଣା, ବରୁଣ ହାତୀ, ଦିନେଶ ସାଙ୍କ ସମେତ ସମସ୍ତ କମିଟି ସଭ୍ୟ, କୁମ୍ଭାର ପଡାର ବହୁ ବ୍ୟକ୍ତି ଉପସ୍ଥିତ ଥିଲେ।

# ଭାଲେଣ୍ଟାଇନ୍ସଡେରେ ରକ୍ତଦାନ ଶିବିର

ସୋନପୁର,୧୪।୨(ମୃତ୍ୟୁଞ୍ଜୟ ଶତପଥୀ)


ଅତିଥିଙ୍କ ଗହଣରେ ସ୍ୱେଚ୍ଛାସେବୀ ରକ୍ତଦାନ କରୁଛନ୍ତି।

ଫେବୃଆରୀ ୧୪ ଭାଲେଣ୍ଟାଇନ୍ସ ଡେରେ ସୁବର୍ଣ୍ଣପୁର ବୁଢ଼ାରଜା ଯୁବ ସମାଜସେବୀ ସଙ୍ଗଠନ ପକ୍ଷରୁ ରକ୍ତଦାନ ଶିବିର ଆୟୋଜନ କରିଥିଲା । ସୋନପୁର ବୁଢ଼ାରଜା ଛକରେ ଆୟୋଜିତ ୧୪ ତମ ରକ୍ତଦାନ ଶିବିରରେ ମୋଟ ୪୩ ୟୁନିଟ ରକ୍ତ ସଂଗ୍ରହ ହୋଇଛି । ଉକ୍ତ ଶିବିରକୁ ମୁଖ୍ୟ ଅତିଥିଭାବେ ସୁବର୍ଣ୍ଣପୁର ଜିଲ୍ଲାପାଳ ଡ଼ ନୃପରାଜ ସାହୁ ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥିଭାବେ ଆରକ୍ଷୀ ଅଧିକ୍ଷକ ନାରାୟଣ ନାୟକ, ପୌରାଧକ୍ଷା ତାମସି ତାମସ୍ୱିତା ନାୟକ, ଉପାଧକ୍ଷା ମଲ୍ଲିକା ଦାନି, କଳାପଥର ସମିତି ସଭ୍ୟ ତଥା ଅନୁଷ୍ଠାନର ବରିଷ୍ଠ ଉପଦେଷ୍ଟା ଅରବିନ୍ଦ ବାରିକ, ବଲାଙ୍ଗୀର ଏମ୍‌ପିଙ୍କ ପ୍ରତିନିଧି ସାନନ୍ଦ କୁମାର ମେହେର, ସ୍ୱରୂପ ପାତ୍ର, ସମାଜସେବୀ ଶ୍ରୀବସ୍ତ ମଲିକ, ଶ୍ରୀକାନ୍ତ କୁମାର ମିଶ୍ର, ସୋମପ୍ରକାଶ ରୋସନ କେଶରୀ ପଣ୍ଡା, ଶୁକ୍ଳାମ୍ବର ପାଣିଗ୍ରାହୀ, ପ୍ଲାବନ ମହାପାତ୍ର, ଜଗନ୍ନାଥ ତ୍ରୀପାଠୀ ଓ ସୌମ୍ୟ ରଞ୍ଜନ ଦେହୁରୀ ଉପସ୍ଥିତ ଥିଲେ। ଶିବିରକୁ ଅନୁଷ୍ଠାନ ସଭାପତି ଦିବ୍ୟରଞ୍ଜନ ସାହୁ, ସମ୍ପାଦକ ଚିତ୍ତରଞ୍ଜନ ଭୋଇ, କୋଷାଧକ୍ଷ ସୂର୍ଯ୍ୟକାନ୍ତ ଦାସ, ପୂର୍ବତନ ସଭାପତି ଶିବ ସଙ୍କର ନାଏକ, ସାଲବେଗ ନାଏକ, ସୈଲେନ୍ଦ୍ର ବାରିକ, ଅରବିନ୍ଦ ଝା, ସୂର୍ଯ୍ୟକାନ୍ତ ନାୟକ, ଅରୁଣ କୁମାର ମେହେର, ଦେବାଶିଷ ବାରିକ, ପ୍ରକାଶ ସିଂ, ବଳରାମ ସା, ରାଜକୁମାର ବାରିକ, ରାମଚନ୍ଦ୍ର ସ୍ୱାଇଁ, ତପନ ସାହୁ ଓ ବାଦଲ ସାହୁ ପରିଚାଳନାରେ ସହଯୋଗ କରିଥିଲେ । ଉକ୍ତ ଦିନଟିକୁ ନିର୍ଭୟା ପାଇଁ ଉତ୍ସର୍ଗ କରାଯାଇ ୨୦୧୩ ମସିହା ଠାରୁ ଅନୁଷ୍ଠାନ ପକ୍ଷରୁ ନାରୀକୁ ସମ୍ମାନ ଦିବସରୂପେ ପାଳନ କରାଯାଇ ରକ୍ତଦାନ ଶିବିର ଅୟୋଜନ କରାଯାଉଛି।

# ମା'ମଙ୍ଗଳା-ମାଉଲି କ୍ରିକେଟ କପ୍: ସେମିରେ ବାଘରଟେଲା

ଅମରପାଲି,୧୪।୨(ପୀତାମ୍ବର ସାହୁ)


ଅତିଥିଙ୍କ ସହିତ ଉଭୟ ଦଳର ଖେଳାଳି।

ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ କେନଝିରିଆପାଲି ପଞ୍ଚାୟତର କଦଳିପାଲି ଖେଳ ପଡିଆରେ ଚାଲିଥିବା ମା'ମଙ୍ଗଳା–ମାଉଲି କ୍ରିକେଟ କପ୍‌ର ଶନିବାର ଥିଲା ଦ୍ୱିତୀୟ ଦିବସ। ପ୍ରଥମ ମ୍ୟାଚ ବାରଝୁଲା ଓ ବାଘରଟେଲା ମଧ୍ୟରେ ହୋଇଥିଲା। ବାଘରଟେଲା ପ୍ରଥମେ ବ୍ୟାଟିଂ କରି ୮ ଓଭରରେ ୫ ଉଇକେଟ ହରାଇ ୭୩ ରନ କରିଥିଲା। ଜବାବରେ ବାରଝୁଲା ଦଳ ୮ଓଭରରେ ୯ ଉଇକେଟ ହରାଇ୬୭ରନ କରି ପରାସ୍ତ ହୋଇଥିଲା। ଦ୍ୱିତୀୟ ମ୍ୟଚ କଦଳୀପାଲି ଓ ବଳିପାଲି ମଧ୍ୟରେ ହୋଇଥିଲା। କଦଳିପାଲି ପ୍ରଥମେ ବ୍ୟାଟିଂ କରି ୭ .୩ ଓଭରରେ ସମସ୍ତ ଉଇକେଟ ହରାଇ ୬୦ରନ କରିଥିଲା। ଜବାବରେ ବଳିପାଲି ୬.୧ ଓଭରରେ ୭ ଉଇକେଟ ହରାଇ ଆବଶ୍ୟକ ୬୧ରନ କରି ବିଜୟୀ ହୋଇଥିଲା। ପ୍ରଥମ ମ୍ୟାଚ ବିଜେତା ବାଘରଟେଲା ଓ ଦ୍ୱିତୀୟ ମ୍ୟାଚ ବିଜେତା ବଳିପାଲି ମଧ୍ୟରେ ତୃତୀୟ ମ୍ୟାଚ ହୋଇଥିଲା। ବାଘରଟେଲା ପ୍ରଥମେ ବ୍ୟାଟିଂ କରି ୮ ଓଭରରେ ୩ ଉଇକେଟ ହରାଇ ୮୩ରନ କରିଥିଲା। ଜବାବରେ ବଳିପାଲି ଦଳ ୬. ୫ଓଭରରେ ସମସ୍ତ ଉଇକେଟ ହରାଇ ୬୫ ରନ ସଂଗ୍ରହ କରି ପରାସ୍ତ ହୋଇଥିଲା। ବାଘରଟେଲା ବିଜୟୀ ହୋଇ ଦ୍ୱିତୀୟ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଛି। ଭକ୍ତରାମ ଆଡ଼ଜୁଆଲିଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ କ୍ରୀଡାବିତ୍ ସୁମନ୍ତ ବିଶ୍ୱାଳ ଅତିଥିଭାବେ ଯୋଗଦେଇ ବାଘରଟେଲାର ଭୀଷ୍ମ ପଲତାଙ୍କୁ ମ୍ୟାନ ଅଫ ଦି ମ୍ୟାଚଭାବେ ପୁରସ୍କୃତ କରିଥିଲେ।

# ଇଣ୍ଡିଆ ନାରାରେ କମ୍ପିଲା ଷ୍ଟାଡିୟମ୍

## ଏଫ୍‌ଆଇଏଚ୍ ହକି ପ୍ରୋ ଲିଗ୍

ରାଉରକେଲା ଛେଣ୍ଡସ୍ଥିତ ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମ୍‌ରେ ପରିସରରେ ଆୟୋଜିତ ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ର ଶନିବାର ଥିଲା ପଞ୍ଚମ ଦିବସ। ଏହିଦିନ ଷ୍ଟାଡିୟମରେ ଭାରତ ଓ ବେଲଜିୟମ ଦଳ ମଧ୍ୟରେ କଡା ମୁକାବିଲା ହୋଇଥିଲା। ଭାରତ ଦଳ ଖେଳୁଥିବା ଯୋଗୁ ଷ୍ଟାଡିୟମରେ ଦର୍ଶକଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା।

–ରିପୋର୍ଟ : ବିପ୍ଲବ ରଞ୍ଜନ ଦାଶ



### ୧୪ ହଜାରରୁ ଊର୍ଦ୍ଧ୍ୱ ଦର୍ଶକଙ୍କ ଭିଡ଼

ଶନିବାର ହକି ପ୍ରୋ-ଲିଗ ପଞ୍ଚମ ମ୍ୟାଚ୍ ଭାରତ ବନାମ ବେଲଜିୟମ ମଧ୍ୟରେ ହୋଇଥିବା ବେଳେ ଭାରତ ସମର୍ଥନରେ ଅନ୍ତର୍ଜାତୀୟ ବିର୍ସା ହକି ଷ୍ଟାଡିୟମରେ ବିପୁଳ ହକି ପ୍ରେମୀଙ୍କ ସମାଗମ ହୋଇଥିଲା। ଭାରତ ଦଳ ଖେଳୁଥିବା ଯୋଗୁ ଷ୍ଟାଡିୟମର ଚତୁଃପାର୍ଶ୍ୱ ଗ୍ୟାଲେରୀର ସମସ୍ତ ସିଟ୍ ପୂରଣ ହୋଇଯାଇଥିଲା। ଭାରତୀୟ ଖେଳାଳିମାନଙ୍କୁ ଉତ୍ସାହିତ କରିବା ପାଇଁ ଇଣ୍ଡିଆ ନାରାରେ ଷ୍ଟାଡିୟମ ପ୍ରକମ୍ପିତ ହୋଇଉଠିଥିଲା। ଖେଳ ଦେଖିବା ପାଇଁ ଷ୍ଟାଡିୟମରେ ପ୍ରାୟ ୧୪ହଜାରରୁ ଊର୍ଦ୍ଧ୍ୱ ଦର୍ଶକଙ୍କ ସମାଗମ ହୋଇଥିବା ଷ୍ଟାଡିୟମ କର୍ତ୍ତୃପକ୍ଷଙ୍କ ସୂତ୍ରରୁ ସୂଚନା ମିଳିଛି।

### ସପରିବାର ମ୍ୟାଚ୍ ଦେଖିଲେ ଦିବ୍ୟାଙ୍ଗ



ରାଉରକେଲା ବିର୍ସା ମୁଣ୍ଡା ହକି ଷ୍ଟାଡିୟମରେ ଭାରତ ବନାମ ବେଲଜିୟମ ମ୍ୟାଚ୍ ଦେଖିବାକୁ ହକିପ୍ରେମୀଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଥିବାବେଳେ ଜଣେ ଦିବ୍ୟାଙ୍ଗ ସପରିବାର ଏହାକୁ ଉପଭୋଗ କରିଥିଲେ। ମନଜିତ ସିଂହ ନାମକ ଜଣେ ଦିବ୍ୟାଙ୍ଗ ହୁଇଲ ଚେୟାରରେ ସ୍ତ୍ରୀ ଓ ପୁଅ ସହିତ ଷ୍ଟାଡିୟମକୁ ଆସି ଭାରତ ହକି ଦଳ ଆଜି ନିଶ୍ଚିତ ଜିତିବ ବୋଲି ଦୃଢୋକ୍ତି ପ୍ରକାଶ କରିଥିଲେ।

### ଷ୍ଟାଡିୟମରେ ଉପବାଚସ୍ପତି



ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମରେ ଶନିବାର ମ୍ୟାଚ୍ ଆରମ୍ଭରେ ଓଡ଼ିଶା ବିଧାନସଭାର ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ଯୋଗଦେଇ ଖେଳାଳିମାନଙ୍କ ସହ କରମର୍ଦ୍ଦନ କରି ପରିଚିତ ହୋଇଥିଲେ। ଏଫ୍ଏ କମ୍ ଆଡିଶନାଲ ସେକ୍ରେଟେରୀ ନେଲସନ ଲାକ୍ରା, ସ୍ପେସିଆଲ ଡ୍ୟୁଟି ଅଫିସର ଶାଶ୍ୱତ ରାଉତ ଯୋଗଦେଇ ଉଭୟ ଦଳର ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ହକି ଇଣ୍ଡିଆ ସଭାପତି ପଦ୍ମଶ୍ରୀ ଦିଲ୍ଲୀପ ତିର୍କୀ ଉପବାଚସ୍ପତିଙ୍କୁ ମୋମେଣ୍ଟୋ ଦେଇ ସମ୍ବର୍ଦ୍ଧିତ କରିଥିଲେ। ମ୍ୟାଚ୍‌ର ସମାପନୀ ଉତ୍ସବରେ ସ୍ପେଶାଲ ଡ୍ୟୁଟି ଅଧିକାରୀ ସୋନାଲି ଶୁଭଦର୍ଶନୀ, ଇଣ୍ଡିଆ ସେକ୍ରେଟାରୀ ଜେନେରାଲ ତଥା ଏସିଆନ୍ ହକି ଫେଡେରେଶନ ଉପସଭାପତି ଭୋଲାନାଥ ସିଂହ, କୋଷାଧ୍ୟକ୍ଷ ଶେକର ଜେ. ମନୋହରନ ପ୍ରମୁଖ ଉପସ୍ଥିତ ଥିଲେ।

### କୁନି ପିଲାଙ୍କ ମୁହଁରେ ତ୍ରିରଙ୍ଗା ଟାଟୁ

ଭାରତବନାମବେଲଜିୟମମ୍ୟାଚ୍‌ଦେଖିବାପାଇଁଷ୍ଟାଡିୟମରେରାଉରକେଲା ସହରବାସୀଙ୍କ ପ୍ରବଳ ଭିଡ଼ ହୋଇଥିଲା। ଏହି ସମୟରେ ଭାରତ ହକି ଦଳ ସମର୍ଥନରେ କୁନି କୁନି ପିଲାଙ୍କଠାରୁ ବୟସ୍କ ଲୋକମାନେ ମଧ୍ୟ ଷ୍ଟାଡିୟମକୁ ଯିବା ପାଇଁ ଧାଡି ବାନ୍ଧିଥିଲେ। କୁନି ପିଲାମାନେ ମୁହଁରେ ତିରଙ୍ଗା ଟାଟୁ ଆଙ୍କି ଆଜି ଭାରତର ବିଜୟ ହେବ ବୋଲି କହି ଇଣ୍ଡିଆ ଇଣ୍ଡିଆ ନାରା ଦେଇଥିଲେ।

### ଓଡ଼ିଆ ପୁଅ ଅମନଦୀପ ଲାକ୍ରାଙ୍କ ଡେବ୍ୟୁ

ରାଉରକେଲା,୧୪।୨ (ଦିନେଶ ମିଶ୍ର)



ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମ୍‌ରେ ଚାଲିଥିବା ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ରେ ସୁନ୍ଦରଗଡ ମାଟିର ପୁଅ ଅମନଦୀପ ଲାକ୍ରା ଶନିବାର ବେଲଜିୟମ୍ ବିପକ୍ଷରେ ଡେବ୍ୟୁ କରିଛନ୍ତି। ଅମନଦୀପ ୨୦୧୩ରେ ରାଉରକେଲା ପାନପୋଷ ସ୍ପୋର୍ଟସ ହଷ୍ଟେଲରେ ଏକ ଦଶନ୍ଧି ତଳେ ଖେଳ ଆରମ୍ଭ କରିଥିଲେ। ଆଜି ଭାରତ ହକି ଦଳର ଜର୍ସି ପାଇ ବେଶ୍ ଖୁସି ଅନୁଭବ କରିବା ସହ ନିଜ ଘରୋଇ ମାଟିରେ ହକି ଖେଳିବାକୁ ନେଇ ସେ ଉତ୍ସାହିତ ଥିଲେ। ଏ ନେଇ ଅମନଦୀପ କୁହନ୍ତି, ହକି ପ୍ରୋ ଲିଗ୍‌ରେ ଭାରତୀୟ ଦଳରେ ସ୍ଥାନ ପାଇବା ମୋ ପାଇଁ ଗର୍ବ ଓ ଗୌରବର କଥା। ମୁଁ ଦଳ ପାଇଁ ଶତପ୍ରତିଶତ ଭଲ ଖେଳ ପ୍ରଦର୍ଶନ କରିବାକୁ ଚେଷ୍ଟା କରିବି। ଏହି ମୁହୂର୍ତ୍ତ ମୋ ଜୀବନର ଏକ ବିଶେଷ ମୁହୂର୍ତ୍ତ ବୋଲି ଅମନ କହିଥିଲେ।

# ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାର୍ଥୀଙ୍କୁ କିଟ୍ ପ୍ରଦାନ



ଦଶମ ଶ୍ରେଣୀ ଛାତ୍ରଙ୍କୁ କିଟ୍ ପ୍ରଦାନ କରାଯାଉଛି।

ରାଉରକେଲା,୧୪।୨ (ବିପ୍ଳବ ରଞ୍ଜନ ଦାଶ)

ଦୀପିକା ଇସ୍ପାତ ଶିକ୍ଷା ସଦନରେ ଶନିବାର ଆୟୋଜିତ ଏକ କାର୍ଯ୍ୟକ୍ରମରେ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା ଦେବାକୁ ଥିବା ଛାତ୍ରୀଛାତ୍ରମାନଙ୍କୁ ପରୀକ୍ଷା ପାଇଁ ପରାମର୍ଶ ଏବଂ କିଟ୍ ପ୍ରଦାନ କରାଯାଇଛି। ଏଥିରେ ଦୀପିକା ମହିଳା ସଂହତିର ଅଧ୍ୟକ୍ଷା ନମ୍ରତା ବର୍ମା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଉପାଧ୍ୟକ୍ଷା ପ୍ରଭାତୀ ମିଶ୍ର, ସ୍ମିତା ଗିରି, ଡକ୍ଟର ପ୍ରତିଜ୍ଞା ପଲାଇ, ରୀତା ରାଣୀ ଓ ନବନୀତା ପାଲଚୌଧୁରୀ, ସମ୍ପାଦିକା ସାରିକା କୁମାର, ପ୍ରଧାନ ଶିକ୍ଷୟିତ୍ରୀ ସୁଚିତ୍ରା ଲେଙ୍କା, ଡିଏମ୍‌ଏସ୍‌ର ପରିଚାଳନା କମିଟି ସଦସ୍ୟା ତଥା ସ୍ୱେଚ୍ଛାସେବୀ ଏବଂ ବିଦ୍ୟାଳୟର ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ଓ ଅନ୍ୟ ଅତିଥିମାନେ ଛାତ୍ରୀଛାତ୍ରମାନଙ୍କୁ କାର୍ଡ ବୋର୍ଡ ଏବଂ ଲେଖା ସାମଗ୍ରୀ କିଟ୍ ପ୍ରଦାନ କରିଥିଲେ। ସେମାନେ ମଧ୍ୟ ପରୀକ୍ଷା ସମୟରେ ବିଷୟଗୁଡ଼ିକର ଅନ୍ତିମ ପ୍ରସ୍ତୁତି, ସଂଶୋଧନ ଏବଂ ପ୍ରଶ୍ନପତ୍ରର ଉତ୍ତର ପାଇଁ ଉତ୍ତମ ଆଭିମୁଖ୍ୟ ବିଷୟରେ ମାର୍ଗଦର୍ଶନ କରିଥିଲେ। ବିଦ୍ୟାଳୟର ସମୁଦାୟ ୮୮ ଜଣ ଛାତ୍ରୀଛାତ୍ର ଚଳିତ ବର୍ଷର ଦଶମ ବୋର୍ଡ ପରୀକ୍ଷା ଦେବେ। ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ଜ୍ୟୋତି ଗୌଡ, ମୀନାକ୍ଷୀ ଏବଂ ଦଶମ ଶ୍ରେଣୀ ଛାତ୍ରୀ ସୁଶ୍ରୀ ଆତିଫା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଉଲ୍ଲେଖଯୋଗ୍ୟ, ୨୦୧୬ରେ ପ୍ରଥମ ବ୍ୟାଚ୍ ଛାତ୍ରୀଛାତ୍ର ବୋର୍ଡ ପରୀକ୍ଷା ଦେଇଥିଲେ।

# ହିମାଂଶୁ, ସମିତା ବିଏମ୍‌ଏସ୍‌ର କେନ୍ଦ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ



ସଭାରେ ସମ୍ବର୍ଦ୍ଧିତ କାର୍ଯ୍ୟକର୍ତ୍ତା।

ରାଉରକେଲା,୧୪।୨(ସଙ୍ଗୀତା ଜେନା)

ଭାରତୀୟ ମଜଦୁର ସଂଘ (ବିଏମ୍‌ଏସ୍)ର ଅଖିଳ ଭାରତୀୟ ଅଧିବେଶନ ପୁରୀଠାରେ ଅନୁଷ୍ଠିତ ହୋଇଯାଇଛି। ସର୍ବଭାରତୀୟସ୍ତରର ଏହି ଅଧିବେଶନରେ ୨୩୦୦ ଓ ବିଦେଶରୁ ପ୍ରାୟ ୫୦ଜଣ ପ୍ରତିନିଧି ଅଂଶଗ୍ରହଣ କରିଥିଲେ। ଗତ ୬ ତାରିଖରେ ଏହି ଅଧିବେଶନ କେନ୍ଦ୍ର ମନ୍ତ୍ରୀ ମନସୁଖ ମାଣ୍ଡଭିୟଙ୍କ ଦ୍ୱାରା ଉଦ୍‌ଘାଟନ ହୋଇଥିଲା। ଏଥିରେ ନୂତନ କାର୍ଯ୍ୟକାରିଣୀ ଗଠିତ ହୋଇଥିଲା। ଏମ୍. ମାଲେସନ୍ ସଭାପତି ଓ ସୁରେନ୍ଦ୍ର ପାଣ୍ଡେ ସାଧାରଣ ସମ୍ପାଦକ ଭାବେ ଆଗାମୀ ୩ ବର୍ଷ ପାଇଁ ନିର୍ବାଚିତ ହୋଇଥିଲେ। ଏହି ଅବସରରେ ଓଡ଼ିଶାରୁ ୬ଜଣ କାର୍ଯ୍ୟକର୍ତ୍ତା କେନ୍ଦ୍ରୀୟ କାର୍ଯ୍ୟକାରିଣୀକୁ ନିର୍ବାଚିତ ହୋଇଥଲାବେଳେ ସେମାନଙ୍କ ମଧ୍ୟରେ ୩ ଜଣ ସୁନ୍ଦରଗଡ଼ ଜିଲାର ଅଛନ୍ତି। ଅଖିଳ ଭାରତୀୟ ସମ୍ପାଦିକା ଭାବେ ଅଳି ପଟେଲ, କେନ୍ଦ୍ର କାର୍ଯ୍ୟକାରିଣୀ ସଦସ୍ୟ ଭାବେ ରାଉରକେଲାର ସମିତା ମିଶ୍ର, ଇସ୍ପାତ ସହ ପ୍ରଭାରୀ ଭାବେ ହିମାଂଶୁ ବଳ ନିର୍ବାଚିତ ହୋଇଛନ୍ତି। ଏ ନେଇ ସେକ୍ଟର-୪ ବିଏମ୍‌ଏସ୍ କାର୍ଯ୍ୟାଳୟରେ ଶୁକ୍ରବାର ସନ୍ଧ୍ୟାରେ ଆୟୋଜିତ ଏକ ସଭାରେ ବିଏମ୍‌ଏସ୍ ସହବନ୍ଧିତ ରାଉରକେଲା ଇସ୍ପାତ କାରଖାନା କର୍ମଚାରୀ ସଂଘ (ଆର୍‌ଆଇକେକେଏସ୍) ପକ୍ଷରୁ ହିମାଂଶୁ ବଳ ଓ ସମିତା ମିଶ୍ରଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ସମ୍ବର୍ଦ୍ଧିତ ସଦସ୍ୟମାନେ ଆଗାମୀ ଦିନରେ କେନ୍ଦ୍ର ପ୍ରଦତ୍ତ କାର୍ଯ୍ୟ କରିବେ ବୋଲି ମତବ୍ୟକ୍ତ କରିଥିଲେ। ଆଗାମୀ ଦିନରେ ରାଉରକେଲାରେ ଷ୍ଟିଲ ଫେଡେରେଶନର କାର୍ଯ୍ୟକାରିଣୀ ହେବ। ଏଥିରେ ପରବର୍ତ୍ତୀ କାର୍ଯ୍ୟପନ୍ଥା ଉପରେ ନିଷ୍ପତ୍ତି ନିଆଯିବ ବୋଲି ସୂଚନା ଦିଆଯାଇଥିଲା। ବିଏମ୍‌ଏସ୍‌ର ବରିଷ୍ଠ କାର୍ଯ୍ୟକର୍ତ୍ତା ରାଜେନ୍ଦ୍ର ମହାନ୍ତ ସଭା ପରିଚାଳନା କରିଥିଲେ।

# ବସନ୍ତ ଜୀବନ ଦର୍ଶନର ଦ୍ୟୋତକ

ରାଉରକେଲା,୧୪।୨(ବିପ୍ଳବ ରଞ୍ଜନ ଦାଶ)

ଅଖିଳ ଭାରତୀୟ ସାହିତ୍ୟ ପରିଷଦ ମାଧବ ନଗର ଶାଖା ଏବଂ ରାଉରକେଲା କଲେଜର ମିଳିତ ଆନୁକୂଲ୍ୟରେ ମାସିକ ସାରସ୍ୱତ ସମାବେଶ ରାଉରକେଲା ମହାବିଦ୍ୟାଳୟ ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କଲେଜ ଅଧ୍ୟକ୍ଷ ଡ. ରବୀନ୍ଦ୍ର କୁମାର ଜେନା ସଭାପତିତ୍ୱ କରିଥିଲେ। ନଗର ଶାଖା ସଭାପତି ଶିକ୍ଷାବିତ୍ ବ୍ରଜେନ୍ଦ୍ର ଦାଶଙ୍କ ଆବାହକତ୍ୱ ତଥା ଅଧ୍ୟାପିକା ପ୍ରିୟଙ୍କା ପଲେଇଙ୍କ ସଂଯୋଜନାରେ ଆୟୋଜିତ ଏହି ସମାବେଶରେ ଆର୍‌ଏସ୍‌ପିର ପ୍ରାକ୍ତନ ମହାପ୍ରବନ୍ଧକ ଡ. ଶକ୍ତିପ୍ରସାଦ ସାମନ୍ତରାୟ ମୁଖ୍ୟ ଅତିଥି, ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଓଡ଼ିଆ ବିଭାଗ ମୁଖ୍ୟ ଡ. ସୁଷମା ମୋଦୀ ସ୍ୱତନ୍ତ୍ର ଅତିଥି, ସୁନାଫୁଲର ସମ୍ପାଦକ ସୁନିଲ କୁମାର ମହାନ୍ତି ବିଷୟ ବିଶେଷଜ୍ଞ ଭାବେ ଯୋଗ ଦେଇଥିଲେ। ବିଷୟ ବିଶେଷଜ୍ଞ ମହାନ୍ତି ତାଙ୍କ ବକ୍ତବ୍ୟରେ ବସନ୍ତ ହେଉଛି ସୌନ୍ଦର୍ଯ୍ୟ, ପ୍ରେମ-ପ୍ରଣୟ ଓ ଜୀବନ ଦର୍ଶନର ଦ୍ୟୋତକ ବୋଲି କହିଥିଲେ। ବସ୍ତୁବାଦୀ ମଧ୍ୟରେ ଆମେ ବୁଡି ରହିଥିବା ବେଳେ ଆମଠାରୁ ସାହିତ୍ୟ ଓ ଆଧ୍ୟାତ୍ମିକତା ଦୂରେଇ ଯାଇଛି। ବସନ୍ତ ଓ ଜୀବନ ପରସ୍ପର ପରିପୂରକ ବୋଲି ମୁଖ୍ୟଅତିଥି ଡ. ସାମନ୍ତରାୟ ମତପ୍ରକାଶ କରିଥିଲେ। ଶାଖାର ସଭାପତି ଦାଶ କାର୍ଯ୍ୟକ୍ରମର ପ୍ରାକ୍ କଥନ ସହ 'ମ୍ୟାଚିଂ' ସମ୍ପର୍କରେ ଏକ ଅଣୁ ଗଳ୍ପ ପାଠ କରିଥିଲେ। ଗାଳ୍ପିକା କ୍ଷୀରେଶ୍ୱରୀ କିଷାନ 'ବସନ୍ତ ବିଧୁର' ଶୀର୍ଷକ ଗଳ୍ପ ପାଠ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟ କବିତା ପାଠୋତ୍ସବରେ ସୁମନ୍ତ ଉପାଧ୍ୟାୟ ସଭାପତିତ୍ୱ କରିଥିଲେ। କବି ନିରୁପମା ପତି ଓ ନଗର ଶାଖା ସମ୍ପାଦିକା ଅଳକା ମହାନ୍ତି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସହ ସଙ୍ଗଠନ ସମ୍ପାଦକ ଗଙ୍ଗାଧର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପେନ୍ଦ୍ର ନାଥ ଦାଶ, ଜଗନ୍ନାଥ ରାଉତ, ସୁସ୍ମିତା ମହାପାତ୍ର, ପୂର୍ଣ୍ଣିମା ସାଏ, ରେଣ୍ଟା କୁଜୁର ପ୍ରମୁଖ ଉପସ୍ଥିତ ଥିଲେ।





ଆଲୋଚନାଚକ୍ରରେ ଉପସ୍ଥିତ ଅତିଥିଗଣ।

# ଆଜିଠୁ ବେଦବ୍ୟାସରେ ଜାଗର ମେଳା



ବେଦବ୍ୟାସ ପୀଠ।



ପ୍ରସ୍ତୁତି ବୈଠକରେ ଉପସ୍ଥିତ ପୋଲିସ ଅଧିକାରୀ।

## ମୁତୟନ ହେବେ ୧୦ ପ୍ଲାଟୁନ ଫୋର୍ସ

ରାଉରକେଲା, ୧୪।୨(ସଙ୍ଗୀତା ଜେନା)

ରବିବାର ମହାଶିବରାତ୍ରି ତଥା ଜାଗର ମେଳା। ଏଥିପାଇଁ ପଶ୍ଚିମ ଓଡ଼ିଶାର ପ୍ରସିଦ୍ଧ ବେଦବ୍ୟାସ ଶୈବପୀଠ ଚଳଚଞ୍ଚଳ ହୋଇଉଠିଛି। ଏହି ପୀଠରେ ୧୪ ଦିନ ଧରି ମେଳା ଚାଲିବ। ଏଥିପାଇଁ ପ୍ରତ୍ୟେକ ବର୍ଷ ପରି ଚଳିତ ବର୍ଷ ମଧ୍ୟ ଯୁଦ୍ଧକାଳୀନ ଭିତ୍ତିରେ ପ୍ରସ୍ତୁତି କରାଯାଇଛି। ତେବେ ଏହି ମେଳାକୁ ସୁରୁଖୁରୁରେ ସମ୍ପନ୍ନ କରିବା ପାଇଁ ଶନିବାର ଅପରାହ୍ନ ୫ଟାରେ ରାଉରକେଲା ପୋଲିସ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଥିଲା। ରାଉରକେଲା ଅତିରିକ୍ତ ଏସ୍‌ପି ରମାକାନ୍ତ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉକ୍ତ ବୈଠକରେ ଡିଆଇବି ଡିଏସ୍‌ପି ରାମରାୟ ମୁର୍ମୁଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଅତିରିକ୍ତ ଏସ୍‌ପି ସାହୁ ସୂଚନା ଦେଇ କହିଲେ, ପ୍ରତ୍ୟେକ ବର୍ଷ ଉକ୍ତ ମେଳାରେ ପ୍ରବଳ ଗହଳି ହୋଇଥାଏ। ୧୪ ଦିବସୀୟ ଉକ୍ତ ମେଳାରେ ଚଳିତ ବର୍ଷ ୧ଲକ୍ଷରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହେବ ବୋଲି ଆଶା କରାଯାଉଛି। ନଦୀକୂଳ, ମେଳା ପରିସର ଓ ପାରିପାର୍ଶ୍ୱିକ ଅଞ୍ଚଳରେ କଡ଼ା ସୁରକ୍ଷା, ଶାନ୍ତିଶୃଙ୍ଖଳା ବଜାୟ ରଖିବା ଚ୍ୟାଲେଞ୍ଜ ହୋଇପଡ଼ିଛି। ମନ୍ଦିରଗୁଡ଼ିକରେ ଉନ୍ନୟନମୂଳକ କାର୍ଯ୍ୟ କରାଯାଇଛି। ରବିବାର ଭୋର ୪ଟାରୁ ବିଭିନ୍ନ ସ୍ଥାନରେ ପୋଲିସ ମୁତୟନ କରାଯିବ। ସ୍ୱତନ୍ତ୍ର ପୋଲିସ ଛାଉଣୀରେ ସୁରକ୍ଷା ବ୍ୟବସ୍ଥା ମନିଟରିଂ କରାଯିବ। ପ୍ରାୟ ୧୦ ପ୍ଲାଟୁନ ପୋଲିସ ଫୋର୍ସ ସହ ହୋମଗାର୍ଡ, ଟ୍ରାଫିକ ପରିଚାଳନା ପାଇଁ ସ୍ୱତନ୍ତ୍ର ଟିମ୍, ଓଡ୍ରାଫ ଦଳଙ୍କୁ ନିୟୋଜିତ କରାଯିବ। ଭିନ୍ନ ଭିନ୍ନ ସ୍ଥାନରେ ପୋଲିସ ଅଧିକାରୀଙ୍କୁ ଦାୟିତ୍ୱ ପ୍ରଦାନ କରାଯିବ। ଜାଗର ଦୀପ, ଠାକୁରଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ବ୍ୟବସ୍ଥା କରାଯାଇଛି। ଜନସାଧାରଣ ଶାନ୍ତିସୁରକ୍ଷା ବଜାୟ ରଖିବାକୁ ଅତିରିକ୍ତ ଏସ୍‌ପି ସାହୁ ନିବେଦନ କରିଥିଲେ। ବୈଠକରେ ମନ୍ଦିର ଟ୍ରଷ୍ଟର ସଦସ୍ୟ, ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଉତ୍ତରପ୍ରଦେଶ, ଝାଡ଼ଖଣ୍ଡ, ଛତିଶଗଡ଼, ପଶ୍ଚିମବଙ୍ଗ ସମେତ ବିଭିନ୍ନ ରାଜ୍ୟରୁ ବ୍ୟବସାୟୀମାନେ ବେଦବ୍ୟାସ ଜାଗର ମେଳା ପାଇଁ ଏଠାକୁ ଆସିଥାନ୍ତି। ଉତ୍ତରପ୍ରଦେଶର ପ୍ରସିଦ୍ଧ ମିଷ୍ଟାନ୍ନ ଖଜାଲା, ଖଜା, ମଥୁରାକେକ୍, ବିଭିନ୍ନ ପ୍ରକାର ବ୍ୟଞ୍ଜନ ଏଥିରେ ସାମିଲ ହୋଇଥାଏ। ବହୁ ପ୍ରକାର ଦୋଳି ଓ ମନୋରଞ୍ଜନ ସାମଗ୍ରୀ ଉପଭୋଗ କରିବାକୁ ରାଜ୍ୟ ତଥା ପଡୋଶୀ ରାଜ୍ୟରୁ ଲୋକେ ବେଦବ୍ୟାସ ପୀଠକୁ ଆସିଥାନ୍ତି।

# ଶକ୍ତିଶାଳୀ ରାଷ୍ଟ୍ର ନିର୍ମାଣ ପାଇଁ ଆହ୍ୱାନ

ରାଉରକେଲା, ୧୪।୨(ବିପ୍ଳବ ରଞ୍ଜନ ଦାଶ)

ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ୧୦୦ ବର୍ଷ ପୂର୍ତ୍ତି ଅବସରରେ ରାଉରକେଲା ଶିବାଜୀ ମାର୍ଗସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପ୍ରାଙ୍ଗଣରେ ଶନିବାର ଏକ ବିଶାଳ ହିନ୍ଦୁ ସମ୍ମେଳନ ଅନୁଷ୍ଠିତ ହୋଇଯାଇଛି। ସମ୍ମେଳନ ପୂର୍ବରୁ ଉଦିତନଗରର ଶ୍ରୀ ରାଧାକୃଷ୍ଣ ମନ୍ଦିରରୁ ଭବ୍ୟ କଳସ ଯାତ୍ରା ହୋଇଥିବାବେଳେ ବିଭିନ୍ନ ଅଞ୍ଚଳର ଶ୍ରଦ୍ଧାଳୁ ଅଂଶଗ୍ରହଣ କରିଥିଲେ। ସମ୍ମେଳନରେ ଘୃତଯଜ୍ଞ, ୧୦୮ ଗାୟତ୍ରୀ ମନ୍ତ୍ର ଉଚ୍ଚାରଣ, ସାମୂହିକ ହନୁମାନ ଚାଳିସା ପାଠ ଓ ଗୋମାତା ପୂଜା ହୋଇଥିଲା। ବୌଦ୍ଧିକ କାର୍ଯ୍ୟକ୍ରମରେ ସଂଘର ବିଭିନ୍ନ କ୍ଷେତ୍ରର ପ୍ରାଞ୍ଚଳିକ ପରିବେଶ ସଂଯୋଜକ କାନ୍ତ ପ୍ରସାଦ ଶର୍ମା ମୁଖ୍ୟ ବକ୍ତା, ସାମାଜିକ କାର୍ଯ୍ୟକର୍ତ୍ତା ସୁଭାଷ ବର୍ମା ଏବଂ ଅନୁରାଧା ତନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶକ୍ତିଶାଳୀ ରାଷ୍ଟ୍ର ନିର୍ମାଣ ପାଇଁ ଆହ୍ୱାନ ଦେଇଥିଲେ। ସ୍କୁଲ ପ୍ରାଚାର୍ଯ୍ୟ ଗୋବିନ୍ଦ ମିଶ୍ର ମଞ୍ଚ ସଞ୍ଚାଳନ କରିଥିଲେ।

# ଚିନ୍ମୟ ପବ୍ଲିକ ସ୍କୁଲର ୨୪ତମ ବାର୍ଷିକୋତ୍ସବ

ରାଉରକେଲା,୧୪।୨(ବିପ୍ଳବ ରଞ୍ଜନ ଦାଶ)

ସାରନଗରୀସ୍ଥିତ ଚିନ୍ମୟ ପବ୍ଲିକ ସ୍କୁଲର ୨୪ତମ ବାର୍ଷିକୋତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍କୁଲର ନିର୍ଦ୍ଦେଶକ ତ୍ରିନାଥ ଦାଶ ମୋହନୀ ଅଧ୍ୟକ୍ଷତା କରିଥିଲେ। ସମ୍ପାଦିକା ପ୍ରତିଭା ଦାଶ ମୋହନୀଙ୍କ ଆବାହକତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ୱାମୀ ନିର୍ଲିପ୍ତାନନ୍ଦ ସରସ୍ୱତୀ ମୁଖ୍ୟ ଅତିଥି, ଗୀତାଶ୍ରୀ ଜେନା, ଅଧ୍ୟାପକ କରୁଣାକର ପାଢୀଶାଣୀ, ଅନ୍ୱେଷାର ସୁପରିଣ୍ଟେଣ୍ଡେଣ୍ଟ ପ୍ରମୋଦ ପଟେଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ଶୃଙ୍ଖଳା, ସମୟାନୁବର୍ତ୍ତିତା, ସଂସ୍କାର, ଭାଇଚାରା, ଦେଶ ମାତୃକାର ସେବା, ଭାଷା ପ୍ରୀତି ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଶ୍ରେଷ୍ଠ ଶିକ୍ଷକ ଭାବେ ଇରା ମହାନ୍ତି, କୈଳାଶ ଦାଶ, ମଧୁସ୍ମିତା ମାଝୀ, ସାଗରିକା ନାୟକ, ପ୍ରତିମା ଦେଙ୍କୁ ସମ୍ମାନିତ କରାଯାଇଥିଲା। ସେହିପରି ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରାରମ୍ଭରେ ବିଦ୍ୟାଳୟର ଅଧ୍ୟକ୍ଷ ବିରେନ୍ଦ୍ର ସିଂ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ପୁନମ ଶର୍ମା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବିଦ୍ୟାଳୟର ଉପ ନିର୍ଦ୍ଦେଶକ ରାଜେଶ ଦାଶମୋହିନୀ, ଶୈକ୍ଷିକ ପ୍ରଶାସକ ଏନ୍. ପି. ପାତ୍ର, ସୁବାସ ଚନ୍ଦ୍ର ପାତ୍ର ପ୍ରମୁଖ ଅନ୍ୟତମ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶିକ୍ଷୟିତ୍ରୀ ଶିକ୍ଷକ ବିଣାପାଣି ସାହୁ, ନମିତା ସେନାପତି, ବବିତା ମୁଦୁଲି, ଏସ୍. କେ ଦାସ, ବିଜୟଲକ୍ଷ୍ମୀ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ। କୈଳାଶ ଚନ୍ଦ୍ର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।



ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି।

# ଏନ୍‌ଆଇଟିଆର୍- ଓଏମ୍‌ସି ଏମ୍‌ଓୟୁ ସ୍ୱାକ୍ଷରିତ

ରାଉରକେଲା,୧୪।୨(ସଙ୍ଗୀତା ଜେନା)



ଏମ୍‌ଓୟୁ ସ୍ୱାକ୍ଷର ବେଳେ ଉପସ୍ଥିତ ଅଧିକାରୀ।

ରାଉରକେଲାସ୍ଥିତ ଜାତୀୟ ପ୍ରଯୁକ୍ତିବିଦ୍ୟା ପ୍ରତିଷ୍ଠାନ (ଏନ୍‌ଆଇଟି) ଓଏମ୍‌ସି ବୃତ୍ତିଗତଙ୍କ ସଂରଚିତ କ୍ଷମତା ନିର୍ମାଣ, ବୈଷୟିକ ଉନ୍ନତ ଦକ୍ଷତା ଏବଂ ପରିଚାଳନାଗତ ବିକାଶରେ ସହଯୋଗ କରିବା ପାଇଁ ଓଡ଼ିଶା ଖଣି ନିଗମ ଲିମିଟେଡ୍ ସହିତ ଏକ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷର କରିଛନ୍ତି। ଏହି ବୁଝାମଣାପତ୍ର ମିଳିତ ଗବେଷଣା, ନବସୃଜନ, ଡିଜିଟାଇଜେଶନ ଏବଂ କାର୍ଯ୍ୟକ୍ଷମ ଅପ୍ଟିମାଇଜେଶନ ପଦକ୍ଷେପକୁ ବୃଦ୍ଧିରେ ସହାୟକ ହେବ। 'ଖଣିଜ ସମ୍ବଳ ପରିଚାଳନା: ବୈଷୟିକ, ନିୟାମକ ଏବଂ ରଣନୈତିକ ଅନ୍ତର୍ଦୃଷ୍ଟି' ଉପରେ ଏକ ତିନିଦିନିଆ ନିରନ୍ତର ବୃତ୍ତିଗତ ବିକାଶ (ସିପିଡ଼ି) କାର୍ଯ୍ୟକ୍ରମ ଗତ ୧୨ରୁ ୧୪ ତାରିଖ ପର୍ଯ୍ୟନ୍ତ ଶିକ୍ଷାନୁଷ୍ଠାନରେ ଅନୁଷ୍ଠିତ ହୋଇଥିଲା। ପୃଥିବୀ ଏବଂ ବାୟୁମଣ୍ଡଳ ବିଜ୍ଞାନ ବିଭାଗ ଏବଂ ଖଣି ଇଞ୍ଜିନିୟରିଂ ବିଭାଗ ଦ୍ୱାରା ମିଳିତ ଭାବେ ଆୟୋଜିତ ଓଏମ୍‌ସି ବୃତ୍ତିଗତମାନଙ୍କ ପାଇଁ ସିପିଡ଼ି କାର୍ଯ୍ୟକ୍ରମ ଖଣିଜ ସମ୍ପଦ ପରିଚାଳନାର ବୈଷୟିକ, ନିୟାମକ ଏବଂ ରଣନୈତିକ ଦିଗଗୁଡ଼ିକୁ ସମନ୍ୱିତ କରୁଥିବା ସଘନ ତାଲିମ ପାଇଁ ଡିଜାଇନ୍ କରାଯାଇଥିଲା। ପ୍ରଫେସର ଏସ୍. କେ. ଏମ. ଏକ୍ସିନୁଦ୍ଦିନ୍ (ପୃଥିବୀ ଏବଂ ବାୟୁମଣ୍ଡଳୀୟ ବିଜ୍ଞାନ ବିଭାଗ) ଏବଂ ପ୍ରଫେସର ଏଚ୍. ବି. ସାହୁ, ଡିନ୍ (ଏନ୍‌ଆଇଟିର ପ୍ରାକ୍ତନ ଛାତ୍ର, ଶିଳ୍ପ ଏବଂ ଅନ୍ତର୍ଜାତୀୟ ସମ୍ପର୍କ) ଏହି ପାଠ୍ୟକ୍ରମର ସଂଯୋଜକ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ଏନ୍‌ଆଇଟି ନିର୍ଦ୍ଦେଶକ ପ୍ରଫେସର କେ. ଉମାମହେଶ୍ୱର ରାଓ ଏବଂ ଓଏମ୍‌ସି ପକ୍ଷରୁ ନିର୍ଦ୍ଦେଶକ ଆଲୋକ ପାଲ, (ମାନବ ସମ୍ପଦ) ଏହି ବୁଝାମଣାପତ୍ର ସ୍ୱାକ୍ଷର କରିଥିଲେ। ଏନ୍‌ଆଇଟିର ପ୍ରାକ୍ତନ ଛାତ୍ର, ଶିଳ୍ପ ଏବଂ ଅନ୍ତର୍ଜାତୀୟ ସମ୍ପର୍କ ଡିନ୍ ପ୍ରଫେସର ହିମାଂଶୁ ଭୂଷଣ ସାହୁ ଏହି ସହଯୋଗର ସମନ୍ୱୟ କରିଥିଲେ। ବୁଝାମଣାପତ୍ର ବିଷୟରେ ପ୍ରଫେସର ଏଚ୍. ବି. ସାହୁ କହିଛନ୍ତି, ଏହି ସହଭାଗିତା ଖଣି କ୍ଷେତ୍ରରେ ବଢୁଥିବା ଚାହିଦା ପୂରଣ କରିବା ପାଇଁ ଓଏମ୍‌ସି ବୃତ୍ତିଗତଙ୍କ ବୈଷୟିକ ବିଶେଷଜ୍ଞତା ଏବଂ ପରିଚାଳନାଗତ ଦକ୍ଷତାକୁ ସୁଦୃଢ଼ କରିବା ଲକ୍ଷ୍ୟ ରଖିଛି।

ଏହା ସହଯୋଗପୂର୍ଣ୍ଣ ଗବେଷଣା ଓ ନବସୃଜନ, ଉନ୍ନତ ଖଣି ପ୍ରଯୁକ୍ତିର ଜ୍ଞାନ ବଣ୍ଟନ, ସ୍ଥାୟୀ ଓ ନିରାପଦ ଅଭ୍ୟାସ, ପରିବେଶଗତ ପରିଚାଳନା, ନିୟାମକ ଅନୁପାଳନ ଏବଂ ସାମଗ୍ରିକ କାର୍ଯ୍ୟଦକ୍ଷତାକୁ ବୃଦ୍ଧି କରିବା ପାଇଁ ଉଦୀୟମାନ ଡିଜିଟାଲ୍ ଉପକରଣଗୁଡ଼ିକର ପ୍ରଭାବଶାଳୀ ବ୍ୟବହାର କରିବ। ନିର୍ଦ୍ଦେଶକ ପାଲ କହିଛନ୍ତି, ଲୁହା ଖଣିଜ ପଦାର୍ଥ, ବକ୍ସାଇଟ୍, କ୍ରୋମ୍ ଏବଂ ଫେରୋକ୍ରୋମ୍ ଭଳି ପ୍ରମୁଖ ଖଣିଜ ପଦାର୍ଥ ନିଷ୍କାସନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ଯାହା ଭାରତର ମୁଖ୍ୟ ଖଣିଜ-ଭିତ୍ତିକ ଶିଳ୍ପଗୁଡ଼ିକୁ ସମର୍ଥନ କରେ। ଆମେ ଆମର ସ୍ଥାୟୀ ଖଣି ଲକ୍ଷ୍ୟ ହାସଲ କରିବା ପାଇଁ ପାରମ୍ପରିକ ଖଣି ପଦ୍ଧତିରୁ ଅଧିକ ଯାନ୍ତ୍ରିକ ଏବଂ ପ୍ରଯୁକ୍ତିବିଦ୍ୟା-ଚାଳିତ କାର୍ଯ୍ୟକୁ ସ୍ଥିର ଭାବେ ପରିବର୍ତ୍ତନ କରୁଛୁ। ଏନ୍‌ଆଇଟି ରାଉରକେଲା ସହିତ ଏହି ଜ୍ଞାନ ସହଭାଗିତା ମାଧ୍ୟମରେ ଆମେ ଓଡ଼ିଶାର ଶିଳ୍ପ ଏବଂ ଆର୍ଥିକ ବିକାଶରେ ମିଳିତ ଭାବେ ଯୋଗଦାନ ଦେବା ସହିତ ଏକ ଉଚ୍ଚ ପ୍ରଦର୍ଶିତ ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ କର୍ମଶକ୍ତି ଗଠନ କରିବାକୁ ଲକ୍ଷ୍ୟ ରଖିଛୁ ବୋଲି ପାଲ କହିଥିଲେ।

**୨୫୦ବୋତଲ କଫ୍ ସିରପ୍ ଜବତ, ୨ଗିରଫ**

ସମ୍ବଲପୁର,(ପ୍ରମୋଦ ବହିଦାର): ବରେଇପାଲି ଥାନା ଗୋପାଳିପାଲିସ୍ଥିତ ପରିଡ଼ି ଗ୍ୟାରେଜ୍ ନିକଟ ଏକ ନିର୍ଜନ ସ୍ଥାନରୁ ପୋଲିସ ଶହେ ମିଲିଲିଟର ବିଶିଷ୍ଟ ପ୍ରାୟ ୨୫୦ ବୋତଲ ସିଲ୍ଟ କଫ୍ ସିରପ୍ ଜବତ କରିଛି। ଏହି ଘଟଣାରେ ୨ ଜଣଙ୍କୁ ଗିରଫ କରିଛି ବରେଇପାଲି ଥାନା ପୋଲିସ। ଗିରଫ ଅଭିଯୁକ୍ତ ହେଲେ ବରେଇପାଲି ଥାନା ଗୋପାଲପାଲିର ମହେଶ ସାହୁ(୨୯) ଏବଂ ଧନୁପାଲି ଥାନା ଗୋବିନ୍ଦତେଲାର ଚିନ୍ମୟ ଓରଫ ବିଶୁ ଦାଶ(୨୯)। ଏକ ମାମଲା(ନଂ.୩୨/୨୬)ରୁଜୁ କରି ପୋଲିସ ଉଭୟଙ୍କୁ ଶନିବାର କୋର୍ଟ ଚାଲାଣ କରିଛି। ସେମାନଙ୍କ ନିକଟରୁ କଫ୍ ସିରପ ସହିତ ବିନା ନମ୍ବର ପ୍ଲେଟ୍‌ର ଏକ ବାଇକ୍‌କୁ ମଧ ଜବତ କରିଛି।

## ସଂକ୍ଷେପରେ

### କାର୍ଯ୍ୟାନୁଷ୍ଠାନ ଦାବି କଲା ଭୀମ ଆର୍ମୀ

**ହ୍ୱାଟ୍‌ସଆପରେ ଧର୍ମଙ୍କୁ ନେଇ ଅଶ୍ଳୀଳ ପୋଷ୍ଟିଂ**

ସମ୍ବଲପୁର,୧୪।୨(ପ୍ରମୋଦ ବହିଦାର)

ହ୍ୱାଟ୍‌ସଆପ୍‌ରେ ହିନ୍ଦୁ ଦେବଦେବୀ, ଆମ୍ବେଡକର ଓ ଖ୍ରୀଷ୍ଟଧର୍ମର କ୍ରୁଶ ଫଟୋକୁ ଅଶ୍ଳୀଳ ଢଙ୍ଗରେ ପୋଷ୍ଟିଂ କରିଥିବା ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛି ଭୀମ ଆର୍ମୀ। ସ୍ଥାନୀୟ ସାମ୍ବାଦିକ ଭବନରେ ଶନିବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଭୀମ ଆର୍ମିର ରାଜ୍ୟ ସଭାପତି ଲଙ୍କେଶ ରାବଣ କହିଛନ୍ତି, ଏଭଳି ଅଶ୍ଳୀଳ ପୋଷ୍ଟିଂ ଶାନ୍ତି ଓ ଭାଇଚାରାର ସହର ସମ୍ବଲପୁରରେ ସାମ୍ପ୍ରଦାୟିକ ହିଂସା ସୃଷ୍ଟି ପାଇଁ କୌଣସି ଅସାମାଜିକ ତତ୍ତ୍ୱଙ୍କ ଏକ ଷଡ଼ଯନ୍ତ୍ର। ତେଣୁ ସମ୍ପୃକ୍ତ ଅଭିଯୁକ୍ତଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ହେବା ଆବଶ୍ୟକ। ଦୁଇଦିନ ପୂର୍ବେ ଅଭିଯୋଗ ହୋଇଥିଲେ ମଧ୍ୟ ଅଭିଯୁକ୍ତଙ୍କ ଗିରଫ ହୋଇନାହାନ୍ତି। ଆରକ୍ଷୀ ଅଧୀକ୍ଷକ ୨୪ଘଣ୍ଟା ମଧ୍ୟରେ ଦୋଷୀଙ୍କୁ ଧରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଅନ୍ୟଥା ଆନ୍ଦୋଳନକୁ ଓହ୍ଲାଇ ଭୀମ ଆର୍ମୀ ଆଇଜିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବ ବୋଲି ସେ ଚେତାବନୀ ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ଭୀମ ଆର୍ମିର ୟୁଥ୍ ସଭାପତି ରୋଶନ ଆଜାଦ, ଜିଲା ଉପସଭାପତି ଟିଙ୍କୁ ଜଗତ ପ୍ରମୁଖ ଉପସ୍ଥିତ ଥିଲେ।

# ଗୁରୁ ଶିଷ୍ୟର ସମ୍ପର୍କ ଭୟରୁ ମୁକ୍ତି ପ୍ରଦାନ କରେ

ସମ୍ବଲପୁର,୧୪।୨(ବି.ଶଙ୍କର)



ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି ଓ ବକ୍ତାମାନେ।

**ସରକାରୀ ମହିଳା ମହାବିଦ୍ୟାଳୟ ବାର୍ଷିକ ଉତ୍ସବ**

ସମ୍ବଲପୁର ସରକାରୀ ମହିଳା ମହାବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଶନିବାର ପାଳିତ ହୋଇଛି । ସମ୍ବଲପୁର ସ୍ଥିତ ଆଞ୍ଚଳିକ ଉଚ୍ଚଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ପ୍ରଫେସର ମୁରଲୀଧର ମାଝୀ ମୁଖ୍ୟ ଅତିଥି, ଲୋକ ସଂସ୍କୃତି ଗବେଷକ ତଥା ସାହିତ୍ୟିକ ଡ. ଶ୍ୟାମସୁନ୍ଦର ଧର ମୁଖ୍ୟବକ୍ତାଭାବେ ଯୋଗଦେଇଥିଲେ। ମହାବିଦ୍ୟାଳୟ ଅଧକ୍ଷା ପ୍ରଫେସର କଳ୍ପନା ମେହେର ସ୍ୱାଗତ ସମ୍ଭାଷଣ ପ୍ରଦାନ କରି ମହାବିଦ୍ୟାଳୟକୁ ନାରୀଶକ୍ତି ବିକାଶର ଉପଯୁକ୍ତ କ୍ଷେତ୍ର ଭାବରେ ବର୍ଣ୍ଣନା କରିଥିଲେ। ମୁଖ୍ୟ ଅତିଥି ଡ. ମାଝୀ ଛାତ୍ରୀମାନଙ୍କୁ ଉଦବୋଧନ ଦେଇ ନିଜ ଜୀବନର ଲକ୍ଷ୍ୟ ସ୍ଥିର କରିବା ସହ ସଦା ସର୍ବଦା କର୍ମ ତତ୍ପର ହେବା ପାଇଁ ଉପଦେଶ ପ୍ରଦାନ କରିଥିଲେ । ନିଜ ଜୀବନରୁ ଅନେକ ଉଦାହରଣ ଦେବା ସହ ସୁଖ ସମ୍ଭୋଗକୁ ତ୍ୟାଗ ପୂର୍ବକ ନିଜର ମାର୍ଗ ନିଜେ ନିର୍ମାଣ କରିବା ଆବଶ୍ୟକ ବୋଲି ମତ ପ୍ରକାଶ କରିଥିଲେ । ମୁଖ୍ୟ ବକ୍ତା ଡ. ଧର କହିଥିଲେ, ଭାରତୀୟ ପରମ୍ପରାରେ ଗୁରୁଶିଷ୍ୟର ସମ୍ପର୍କ ପବିତ୍ରତମ ଅଟେ । ଏହି ସମ୍ପର୍କ ଏକ ବିଶେଷ ମୁକ୍ତି , ଅଜ୍ଞତା, ଜଡ଼ତା ଓ ଭୟରୁ ମୁକ୍ତି ପ୍ରଦାନ କରିଥାଏ। ଭାରତୀୟ ଜ୍ଞାନ ପରମ୍ପରାର ଜୀବିକା ଅପେକ୍ଷା ଅଧିକ ଜୀବନଭିତ୍ତିକ ଥିଲା। ଏଣୁ ସମାଜରେ ନୈତିକତା ବଞ୍ଚି ରହିଥିଲା। ଏହି ଅବସରରେ ମହାବିଦ୍ୟାଳୟର ନ୍ୟୁଜ ଲେଟର ଏବଂ ମୁଖପତ୍ର ଭାସ୍ୱତୀ ଏବଂ ରାଜନୀତି ବିଜ୍ଞାନ ଅଧ୍ୟାପକ ଡ. ପ୍ରଶାନ୍ତ ପ୍ରଧାନଙ୍କ ପ୍ରକାଶିତ ପୁସ୍ତକ ଇଣ୍ଡିଆନ ଫେଡେରାଲିଜମ ଇନ ଟ୍ରାନଜିସନ: କନଫ୍ଲିକ୍ଟ, କୋପରେଶନ ଆଣ୍ଡ ଗଭର୍ଣ୍ଣାନ୍ସ ଲୋକାର୍ପିତ ହୋଇଥିଲା। ମହାବିଦ୍ୟାଳୟର ଛାତ୍ରୀନିବାସ ପାଇଁ ନିଜ ଘରକୁ ଉତ୍ସର୍ଗ କରିଥିବା ଓ ଗରିବ ଛାତ୍ରୀଙ୍କ ପାଠପଢ଼ା ପାଇଁ ଅର୍ଥଦାନ କରିଥିବା ମହିୟସୀ ମହିଳା ଡାକ୍ତର ନାରାୟଣୀ ପଣ୍ଡାଙ୍କୁ ସ୍ୱତନ୍ତ୍ର ଭାବେ ସମ୍ମାନିତ କରାଯାଇଥିଲା। ନାଟ୍ୟ ସଂସଦ, ସାଂସ୍କୃତିକ ସଂସଦ, ଛାତ୍ରୀ ସଂସଦ ଓ ଛାତ୍ରୀ ସାଧାରଣ ପ୍ରକୋଷ୍ଠ ଦ୍ୱାରା ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କୃତ ଏବଂ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ଉଚ୍ଚ ମାଧ୍ୟମିକ ବିଦ୍ୟାଳୟସ୍ତରରେ ଖୁସି ସାହୁ, ସ୍ନାତକସ୍ତରରେ ଅଫସାନା ଖାତୁନ୍ ଓ ସ୍ନାତକୋତ୍ତର ସ୍ତରରେ ଶ୍ରୁତିରେଖା ଆଚାର୍ଯ୍ୟଙ୍କୁ ଶ୍ରେଷ୍ଠ ଛାତ୍ରୀଭାବେ ପୁରସ୍କୃତ କରାଯାଇଥିଲା। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଦ୍ୱାରା ଆପଦା ମିତ୍ର ଭାବେ ସମ୍ମାନିତ ଛାତ୍ରୀ ଖୁସବୁ ଜୟପୁରିଆଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଛାତ୍ରୀ ସଂସଦର ଉପଦେଷ୍ଟା ପ୍ରଫେସର ରବୀନ୍ଦ୍ର କୁମାର ପାଣିଗ୍ରାହୀ ବାର୍ଷିକ ବିବରଣୀ ପାଠ, ପ୍ରାଶାସନିକ ଅଧିକାରୀ ପ୍ରଫେସର ଯୋଗେଶ ଚନ୍ଦ୍ର ଭୋଇ ଅତିଥି ପରିଚୟ ପ୍ରଦାନ ଏବଂ ନାଟ୍ୟ ସଂସଦର ଉପସଭାପତି ପ୍ରଫେସର ଅଖିଳ ବିଶାଳ ଧନ୍ୟବାଦ ଅର୍ପଣ ଓ ପ୍ରଫେସର ଭୋଜରାଜ ରୋହିଦାସ ସଭା ସଞ୍ଚାଳନ କରିଥିଲେ। ଛାତ୍ରୀମାନେ ସମ୍ବଲପୁରୀ ସମେତ ବିଭିନ୍ନ ପ୍ରଦେଶର ଲୋକନୃତ୍ୟ, ଓଡ଼ିଶୀ, ରୋବଟିକ୍ ଡ୍ୟାନ୍ସ ଓ ବିଭିନ୍ନ ଭାଷାର ସଙ୍ଗୀତ ଗାନ କରିଥିଲେ। ପ୍ରଫେସର ସମିତା ଆଚାର୍ଯ୍ୟ, ଡ. ଭାରତୀ ମିଶ୍ର, ଅଧ୍ୟାପିକା ବବିତା ନାୟକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଏସ୍‌ବି ଜିଲାସ୍କୁଲରେ ପିଏମଶ୍ରୀ ଉତ୍ସବ ଉଦ୍‌ଘାଟିତ

ସମ୍ବଲପୁର,୧୪।୨(ପ୍ରମୋଦ ବହିଦାର)

**ଭାଗନେଲେ ଜିଲାର ୧୪ଟି ପିଏମଶ୍ରୀ ସ୍କୁଲର ୬୨୩ ବିଦ୍ୟାର୍ଥୀ**

ସମ୍ବଲପୁର ଚନ୍ଦ୍ରଶେଖର ବେହେରା ଜିଲାସ୍କୁଲରେ ଜିଲାସ୍ତରୀୟ ପିଏମଶ୍ରୀ ଉତ୍ସବ ରବିବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥିଭାବେ ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର ଉପକୁଳ ସଚିବ ତଥା ପରୀକ୍ଷା ନିୟନ୍ତ୍ରକ ଡ. ଉମାଚରଣ ପତି ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଏହି ପରିପ୍ରେକ୍ଷୀରେ ଜିଲା ଶିକ୍ଷାଧିକାରୀ ଲକ୍ଷ୍ମଣ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଜିଲା ଶିକ୍ଷା ପ୍ରତିଷ୍ଠାନ ଅଧକ୍ଷା ଗୀତାଞ୍ଜଳି ଭୋଇ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ପ୍ରାରମ୍ଭରେ ଲେଡି ଲୁଇସ୍ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ଜିଲା ଶିକ୍ଷାଧିକାରୀ ଲକ୍ଷ୍ମଣ ଭୋଇ ସ୍ୱାଗତ ଅଭିଭାଷଣ ପ୍ରଦାନ କରି ପିଏମଶ୍ରୀ ଉତ୍ସବ ଛାତ୍ରଛାତ୍ରୀଙ୍କ ପ୍ରତିଭାର ବିକାଶ, ଉତ୍ତମ ଚରିତ୍ର ଗଠନ, ସୁଦୃଢ଼ ଭାରତ ନିର୍ମାଣ ଓ ବ୍ୟକ୍ତିତ୍ୱ ସାମଗ୍ରିକ ଉନ୍ନତିରେ ସହାୟକ ହେବ ବୋଲି କହିଥିଲେ। କୁଳସଚିବ ଡ. ପତି ଭାରତର ସମୃଦ୍ଧ ଜ୍ଞାନ ପରମ୍ପରା ଓ ନୂତନ ଶିକ୍ଷା ନୀତିରେ ଏହାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଆୟୋଜିତ ଜିଲାସ୍ତରୀୟ ଛାୟା ସଂସଦରେ ପିଏମଶ୍ରୀ ହାଇସ୍କୁଲର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଉତ୍ସବରେ ଜିଲାର ୧୪ଟି ପିଏମଶ୍ରୀ ହାଇସ୍କୁଲର ପ୍ରାୟ ୬୨୩ ଜଣ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ଏଥିରେ ପଢ଼ିବା ଗଢ଼ିବା ଓଡ଼ିଶା, ସକ୍ଷମ କେନ୍ଦ୍ର, ଧନ୍ଦାମୂଳକ ଶିକ୍ଷା, ଆକାଂକ୍ଷୀ ପାଠ୍ୟକ୍ରମ ଅନ୍ତର୍ଭୁକ୍ତ ଜିଜ୍ଞାସା କୌଶଳ, ସାହିତ୍ୟ ସୃଜନୀ, କ୍ରୀଡ଼ାଙ୍ଗନ ଆଦି ଉପରେ ଆଲୋଚନା ହୋଇଥିଲା। ସେହିପରି ଖାଦ୍ୟପେୟ ଷ୍ଟଲରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରସ୍ତୁତ ପାରମ୍ପରିକ ଖାଦ୍ୟ ପ୍ରଦର୍ଶିତ ହୋଇଥିଲା। ଶେଷରେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ସତ୍ୟବ୍ରତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଉଜାଗର ପ୍ରଧାନ ଓ ଜିଲା ସ୍କୁଲ ପ୍ରଧାନ ଶିକ୍ଷକ ଲୋକିତା ଦାଶ ମଞ୍ଚାସୀନ ଥିଲେ। ଉତ୍ସବକୁ ଜିଲା ଅତିରିକ୍ତ ଶିକ୍ଷା ଅଧିକାରୀ ତଥା ସମଗ୍ର ଶିକ୍ଷାର ଯୋଜନା ସଂଯୋଜକ ପୁରୁଷୋତ୍ତମ ପ୍ରହରାଜ ପରିଚାଳନା କରିଥିଲେ।

# ଏସିଇର ରୌପ୍ୟ ଜୟନ୍ତୀ ଉତ୍ସବ

କୁଚିଣ୍ଡା,୧୪।୨(ବିରଞ୍ଚି ଦର୍ଜୀ)

ସମ୍ବଲପୁର ଜିଲା କୁଚିଣ୍ଡାର ଅଗ୍ରଣୀ କମ୍ପ୍ୟୁଟର ଶିକ୍ଷାକେନ୍ଦ୍ର ଏସିଇ(ଏକାଡେମୀ ଅଫ କମ୍ପ୍ୟୁଟର ଏଜୁକେଶନ)ର ୨୫ ବର୍ଷ ପୂର୍ତ୍ତି ଉପଲକ୍ଷେ ରୌପ୍ୟ ଜୟନ୍ତୀ ପଦ୍ମଲୋଚନ ବିଲ୍ଡିଂ ପରିସରରେ ଉଦ୍‌ଘାଟିତ ହୋଇଛି। ଏହି ଅବସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏସିଇ ନିର୍ଦ୍ଦେଶକ ରାଜେଶ କୁମାର ଶର୍ମାଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ଡା. ହୃଦାନନ୍ଦ ନାୟକ ମୁଖ୍ୟ ଅତିଥି, ପରିବେଶବିତ୍ ସୁବାସ ଚନ୍ଦ୍ର ନାୟକ, ଓଡ଼ିଆ ଚଳଚ୍ଚିତ୍ର ନିର୍ଦ୍ଦେଶକ ଡ଼. ଦିଲିପ କୁମାର ପାଣି, ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ କିଶୋର ଚନ୍ଦ୍ର ପ୍ରଧାନ, କୁଚିଣ୍ଡା କଲେଜ ଆଲୁମ୍‌ନି ସଭାପତି ପ୍ରଫୁଲ୍ଲ ସାହୁ ଓ ଜିଲା ସାମ୍ବାଦିକ ସଂଘ ସଭାପତି ପ୍ରଭାତ ବେହେରା ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଅତିଥିମାନେ ତାଙ୍କ ବକ୍ତବ୍ୟରେ ସାଂପ୍ରତିକ ଦୁନିଆରେ କମ୍ପ୍ୟୁଟରର ଆବଶ୍ୟକତା ଏବଂ ରକ୍ତଦାନର ଆବଶ୍ୟକତା ସମ୍ପର୍କରେ କହିଥିଲେ। ଏସିଇର ଛାତ୍ରୀଛାତ୍ରଙ୍କ ପକ୍ଷରୁ ୨୫ ୟୁନିଟ ରକ୍ତଦାନ କରାଯାଇଥିଲା। ରୌପ୍ୟ ଜୟନ୍ତୀକୁ ବର୍ଷ ସାରା ପାଳନ କରାଯିବାକୁ ନିର୍ଦ୍ଦେଶକ ଶର୍ମା ଘୋଷଣା କରିଥିଲେ। ରକ୍ତଦାନ କାର୍ଯ୍ୟକ୍ରମକୁ କୁଚିଣ୍ଡା ରକ୍ତଭଣ୍ଡାରର ଟେକ୍ନିସିଆନ ପ୍ରମୋଦ କୁମାର ପଟେଲ ଓ ମାନସ ମହଲା ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଅନୁଷ୍ଠାନର ସଞ୍ଜିତା ପଲେଇ, ଭାରତୀ କୁସୁମ ଓ ହୋଟେଶ୍ୱର ସାହୁ, ଜଗନ ମିଶ୍ର ସହଯୋଗ କରିଥିଲେ।

# ବୀରମାନଙ୍କ ବଳିଦାନ ଦେଶପ୍ରେମର ଜ୍ୱାଳାକୁ ପ୍ରଜ୍ୱଳିତ କରେ


ସିଆରପିଏଫ ଗ୍ରୁପ ସେଣ୍ଟରରେ ପୁଲୱାମା ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି ।

ସମ୍ବଲପୁର,୧୪।୨(ବି.ଶଙ୍କର)

**ପୁଲୱାମା ଶହୀଦଙ୍କ ସ୍ମୃତିରେ କଳା ଦିବସ ସମାରୋହ**

ପୁଲୱାମାରେ ହୋଇଥିବା ଆତଙ୍କବାଦୀ ଆକ୍ରମଣର ବାର୍ଷିକୀକୁ କଳା ଦିବସ ସମାରୋହ ଭାବେ ସମ୍ବଲପୁର ଗୋଶାଳାସ୍ଥିତ ସିଆରପିଏଫ ଗ୍ରୁପ ସେଣ୍ଟର ଶନିବାର ପାଳିତ ହୋଇଛି । ଗ୍ରୁପ ସେଣ୍ଟରର ଡେପୁଟି ଇନ୍ସପେକ୍ଟର ଜେନରାଲ ଦିଲିପ ସିଂହ ଅନ୍ୱେଶ ଏଥିରେ ଅଧ୍ୟକ୍ଷତା କରିଥିଲେ । ଏହି ଅବସରରେ ସମସ୍ତ ଅଧିକାରୀ, ଅଧିନସ୍ଥ ଅଧିକାରୀ ଏବଂ ସୈନିକମାନେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଡେପୁଟି ଇନ୍ସପେକ୍ଟର ଜେନେରାଲ ଅନ୍ୱେଶ କହିଥିଲେ, ୧୪ ଫେବୃଆରୀ ୨୦୧୯ରେ ଜମ୍ମୁ-ଶ୍ରୀନଗର ଜାତୀୟ ରାଜପଥରେ ହୋଇଥିବା ଆତ୍ମଘାତୀ ଆକ୍ରମଣରେ ସହିଦ ୪୦ ଜଣ ସାହସୀ ସୈନିକଙ୍କ ଅତୁଳନୀୟ ସାହସ, ସମର୍ପଣ ଏବଂ ସର୍ବୋଚ୍ଚ ବଳିଦାନ ଚିର ସ୍ମରଣୀୟ ହୋଇରହିବ। ଏହି ଦିନଟି ଦେଶର ଇତିହାସର ଏକ ଅତ୍ୟନ୍ତ ଯନ୍ତ୍ରଣାଦାୟକ ଅଧ୍ୟାୟ, ଯାହା ସମଗ୍ର ଦେଶକୁ ଚଳିତ କରିଥିଲା। କିନ୍ତୁ ଆମର ବୀରମାନଙ୍କ ବଳିଦାନ ଦେଶବାସୀଙ୍କ ହୃଦୟରେ ଦେଶପ୍ରେମର ଜ୍ୱାଳାକୁ ଆହୁରି ପ୍ରଜ୍ୱଳିତ କରିଛି। ୟୁନିଫର୍ମ କେବଳ ଏକ ପୋଷାକ ନୁହେଁ, ବରଂ ଶୃଙ୍ଖଳା, ସାହସ, ତ୍ୟାଗ ଏବଂ ରାଷ୍ଟ୍ର ସେବାର ଏକ ପବିତ୍ର କର୍ତ୍ତବ୍ୟ । ବର୍ତ୍ତମାନର ଚ୍ୟାଲେଞ୍ଜକୁ ଦୃଷ୍ଟିରେ ରଖି ସମସ୍ତ କର୍ମଚାରୀଙ୍କୁ ତାଲିମର ଗୁଣବତ୍ତା ବୃଦ୍ଧି କରିବା, ବୈଷୟିକ ଦକ୍ଷତା ବୃଦ୍ଧି କରିବା, ଗୁପ୍ତଚର ପ୍ରଣାଳୀକୁ ପ୍ରଭାବଶାଳୀ ଭାବରେ ବ୍ୟବହାର କରିବା ଏବଂ ଦୃଢ଼ ପାରସ୍ପରିକ ସମନ୍ୱୟ ବଜାୟ ରଖିବା ପାଇଁ ଆହ୍ୱାନ କରିଥିଲେ । କାର୍ଯ୍ୟକ୍ରମ ଶେଷରେ ସହିଦମାନଙ୍କୁ ସଲାମ ଏବଂ ଶ୍ରଦ୍ଧାଞ୍ଜଳି ଜଣାଇବା ପାଇଁ ଦୁଇ ମିନିଟ୍ ନିରବ ପାଳନ ସହ ରାଷ୍ଟ୍ରର ଅଖଣ୍ଡତା ଏବଂ ସୁରକ୍ଷା ପ୍ରତି ସର୍ବଦା ସମର୍ପିତ ରହିବାର ପ୍ରତିଜ୍ଞା କରାଯାଇଥିଲା।

# କୁସଙ୍ଗ, କୁସଂସ୍କାର ଠାରୁ ଦୂରେଇ ରୁହ

ରେଙ୍ଗାଲି,୧୪।୨(ଦେବବ୍ରତ ପଣ୍ଡା)

ରେଙ୍ଗାଲିସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ମାତୃପିତୃ ପୂଜନ ଦିବସ ଶନିବାର ପାଳିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ କରୁଣାକର ପାତ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ ସାହାଜବାହାଲର ଗୁରୁ ଓଁକାର ବାବା ମୁଖଅତିଥି, ଝାରକୁଲୁଣ୍ଡା ମାନେଶ୍ୱର ଆଶ୍ରମର ରାଜେନ୍ଦ୍ର ଖମାରୀ, ଯତୀନ୍ଦ୍ର ପ୍ରଧାନ ଓ ସଂଯୁକ୍ତା ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଗୁରୁଜୀ ନିର୍ମଳ ମୁଣ୍ଡା ମଞ୍ଚ ପରିଚାଳନା କରିଥିଲେ। ପରେ ଭାଇ ଭଉଣୀମାନେ ନିଜ ନିଜର ମାତା ପିତାଙ୍କୁ ପୂଜାର୍ଚ୍ଚନା କରିଥିଲେ। ମୁଖ୍ୟଅତିଥି ଓଁ ଧ୍ୱନିର ମହତ୍ତ୍ୱ ବୁଝାଇବା ସହିତ ନିଜକୁ କିପରି କୁସଙ୍ଗ ଓ କୁସଂସ୍କାରଠାରୁ ଦୁରେଇ ରଖିହେବ ତାହା ଉପରେ ଉପଦେଶ ଦେଇଥିଲେ। ସେହିପରି ନିଜ ସନ୍ତାନମାନଙ୍କୁ ବିଭିନ୍ନ କୁଅଭ୍ୟାସରୁ ଦୂରେଇ ରଖାଯାଇ ପାରିବ ସେ ନେଇ ମାତା ପିତାଙ୍କୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରାଜୀବ କୁମାର ମିଶ୍ର, ସମ୍ପାଦକ ସରୋଜ ବିଶୋଇ, ଶୋଭାଗିନି ସେଠ୍, ମାନସୀ ସାହୁ, ନିକିତା ସାହୁ, ମମତା ନାୟକ, ରଶ୍ମିରେଖା ସାହୁ, ସ୍ୱପ୍ନା ସୋହେଲା, ଡୋଲେଶରୀ ମହାନନ୍ଦ ପ୍ରମୁଖ ସହଯୋଗ କରିଥିଲେ। ତହସିଲ କୁମାର ଚାନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

# ମାତାପିତାଙ୍କଠାରୁ ଶିଖିଥିବା ଜ୍ଞାନ କାମରେ ଆସେ



କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ପୁରସ୍କୃତ ଛାତ୍ରୀମାନେ ।

ସମ୍ବଲପୁର,୧୪।୨(ବି.ଶଙ୍କର)

**ବିଦ୍ୟା ବିକାଶରେ ପରମ୍ପରା ପାପା କେହେତେ ହେଁ କାର୍ଯ୍ୟକ୍ରମ**

ସମ୍ବଲପୁର ଜିଲା ଶାସନସ୍ଥିତ ବିଦ୍ୟା ବିକାଶ ବିଦ୍ୟାଳୟ ପ୍ରେକ୍ଷାଳୟରେ ଶୁକ୍ରବାର ଗୁନ୍ନମ ରାମଚନ୍ଦ୍ର ରାଓଙ୍କ ୩୦ତମ ଶ୍ରାଦ୍ଧ ବାର୍ଷିକୀ ଅବସରରେ ପାପା କେହେତେ ହେଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟବକ୍ତାଭାବେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ପ୍ରାକ୍ତନ ସ୍ନାତକୋତ୍ତର ଇଂଲିଶ ବିଭାଗ ପ୍ରଫେସର ଡ.ସବିତା ତ୍ରିପାଠୀ ଯୋଗଦେଇଥିଲେ। ବିଷୟ ଜ୍ଞାନ ଯାହା ଥାଉନା କାହିଁକି ପ୍ରୟୋଗ କରିବା ଜ୍ଞାନ ନ ଥିଲେ ସେହି ଜ୍ଞାନ କାମରେ ଆସିବ ନାହିଁ। ଦୈନନ୍ଦିନ ଜୀବନରେ ମାତାପିତାଙ୍କଠାରୁ ଶିଖିଥିବା ଜ୍ଞାନ ବାସ୍ତବ ଭାବରେ ଜୀବନରେ କାମକୁ ଆସିବ ବୋଲି ଡ. ତ୍ରିପାଠୀ ମତବ୍ୟକ୍ତ କରିଥିଲେ। ସମାରୋହରେ ବିଦ୍ୟାବିକାଶ ଅନୁଷ୍ଠାନ ସମୂହର ଚେୟାରମ୍ୟାନ୍ ତଥା ମ୍ୟାନେଜିଂ ଡାଇରେକ୍ଟର ଜି. ଭାସ୍କର ରାଓ, ଏକଜିକ୍ୟୁଟିଭ ଡାଇରେକ୍ଟର ଜି. ରାମକ୍ରିଷ୍ଣା, ମୁଖ୍ୟ ପ୍ରଶାସନିକ ଅଧିକାରୀ ସଞ୍ଜୀବ କୁମାର ବାବୁ, ଏକାଡେମିକ ଆଡଭାଇଜର ଡ.ନବୀନ ଶର୍ମା, ବିକାଶ ସିନିୟର ସେକଣ୍ଡାରୀ ଅଧକ୍ଷା ଡ.ପୁଷ୍ପିତା ପଣ୍ଡା, ବିକାଶ ହାଇୟର ସେକେଣ୍ଡାରୀ ସ୍କୁଲ ଭାରପ୍ରାପ୍ତ ଅଧକ୍ଷ ଡ. ଦିବ୍ୟସିଂହ ମହନ୍ତ, ବିକାଶ ଦ କନ୍‌ସେପ୍ଟ ସ୍କୁଲ ଉପାଧକ୍ଷ ଯଶୱନ୍ତ ସାହୁ ଯୋଗଦେଇ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ସେମାନଙ୍କ ମାତାପିତାଙ୍କ ପ୍ରତି ଦାୟିତ୍ୱବୋଧତା ଉପରେ ଆଲୋକପାତ କରିଥିଲେ। ପ୍ରତ୍ୟେକଙ୍କ ଜୀବନରେ ମାତାପିତାଙ୍କ ଉପସ୍ଥିତି ଓ ଅନୁପସ୍ଥିତି ଉଭୟଙ୍କୁ ନେଇ ସମାନ୍ତରାଳ ଭାବରେ ନୃତ୍ୟ ସଙ୍ଗୀତ ରୂପକ ନାଟକ ଛାତ୍ରୀଛାତ୍ରଙ୍କ ଦ୍ୱାରା ପରିବେଷଣ ହୋଇଥିଲା । ଅନୁଷ୍ଠାନର ସଙ୍ଗୀତଗୁରୁ ଲବ ଭୂୟାଁ ଓ ନବ ଦାସଙ୍କ ନିର୍ଦ୍ଦେଶନାରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା। ବିକାଶ ଦ କନସେପ୍ଟ ସ୍କୁଲ ଅଧକ୍ଷ ମନୋରଞ୍ଜନ ପତି ଅତିଥି ପରିଚୟ ପ୍ରଦାନ କରିଥିଲେ। ବିକାଶ ନର୍ସିଙ୍ଗ କଲେଜ ଅଧକ୍ଷ ପ୍ରଫେସର ଇଶ୍ୱର ନାଗ ଧନ୍ୟବାଦ ଅର୍ପଣ କରିଥିଲେ।

# ହିନ୍ଦୁ ଧର୍ମର ସୁରକ୍ଷା ରଖିବାକୁ ଆହ୍ୱାନ

ନାକଟିଦେଉଳ,୧୪।୨(ବୈକୁଣ୍ଠନାଥ ସାହୁ)

ନାକଟିଦେଉଳ ବ୍ଲକ ସାହେବୀ ଶିବ ମନ୍ଦିର ପରିସରରେ ଶନିବାର ଏକ ହିନ୍ଦୁ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ନାଗରିକ ତଥା ଅବସରପ୍ରାପ୍ତ ଶିକ୍ଷକ ରାଜ କିଶୋର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମ୍ମିଳନୀରେ ମୁଖ୍ୟ ଅତିଥିଭାବେ ଦେବଗଡ଼ ଜିଲା ରେଙ୍ଗାଲପାଲିସ୍ଥିତ ପ୍ରେମାନନ୍ଦ ଯୋଗାଶ୍ରମର ଆଦିତ୍ୟ ବାବା, ମୁଖ୍ୟବକ୍ତାଭାବେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ପଶ୍ଚିମ ଓଡ଼ିଶା ପ୍ରାନ୍ତର ସହ ପ୍ରାନ୍ତ ବ୍ୟବସ୍ଥା ପ୍ରମୁଖ ଖଗେଶ୍ୱର ବେହେରା, ସମ୍ମାନିତ ଅତିଥିଭାବେ ଭୋଜପୁର ଗୁରୁକୁଳ ଆଶ୍ରମର ପ୍ରମୋଦ ବାବା ଏବଂ ଚଡଚଡି ସୁରଭି ଗୋଶାଳାର ଅଜୟ ବାବା ଯୋଗଦେଇଥିଲେ। ଅତିଥିମାନେ ହିନ୍ଦୁଧର୍ମର ସୁରକ୍ଷା, ଭାରତୀୟ ସଂସ୍କୃତି, ପରମ୍ପରାକୁ ସମାଜରେ ସର୍ବଦା ଜାଗ୍ରତ କରି ଏ ଦିଗରେ ସମସ୍ତ ପ୍ରକାରର ଶୁଭ କାର୍ଯ୍ୟ ଜାରି ରଖିବାକୁ ଆହ୍ୱାନ ଦେଇଥିଲେ। ଏଥି ସହିତ ଭାରତୀୟ ସଂସ୍କୃତିରେ ଗୋମାତାଙ୍କୁ ଶ୍ରେଷ୍ଠ ସ୍ଥାନ ଦିଆଯାଇଥିବା ବେଳେ ଗୋମାତାର ପୂଜା ଏବଂ ସୁରକ୍ଷା ପାଇଁ ସଂକଳ୍ପ ନେବାକୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅଞ୍ଚଳର ବହୁ ସଂଖ୍ୟକ ମହିଳା, ପୁରୁଷଙ୍କ ସମେତ ସାଧୁ ସନ୍ଥ ଉପସ୍ଥିତ ଥିଲେ।

# ଭୀମ ଭୋଇ କଲେଜ ପଦାର୍ଥ ବିଜ୍ଞାନ ବିଭାଗ ସମ୍ମାନ

ରେଢ଼ାଖୋଲ,୧୪।୨(ସନ୍ତୋଷ ବଘାର)

ସମ୍ବଲପୁର ଜିଲା ରେଢାଖୋଲ ଭୀମ ଭୋଇ ମହାବିଦ୍ୟାଳୟରେ ଶନିବାର ପଦାର୍ଥ ବିଜ୍ଞାନ ବିଭାଗ ତରଫରୁ ଏକ ସମ୍ମାନ ଅନୁଷ୍ଠିତ ହୋଇଯାଇଛି। ଚନ୍ଦ୍ରପୃଷ୍ଠକୁ ଚନ୍ଦ୍ରଯାନର ପୁନଃଭ୍ରମଣ ଶୀର୍ଷକ ଏହି ଆଲୋଚନାଚକ୍ରରେ କଲେଜ ଅଧକ୍ଷ ଅମୂଲ୍ୟ କୃଷ୍ଣ ପାଢ଼ୀ ଅଧ୍ୟକ୍ଷତା କରିଥିଲେ। ଏଥିରେ ଗଙ୍ଗାଧର ମେହେର ସ୍ୱୟଂଶାସିତ ମହାବିଦ୍ୟାଳୟ ଅବସରପ୍ରାପ୍ତ ପ୍ରାଧ୍ୟାପକ ପ୍ରସନ୍ନ କୁମାର ମିଶ୍ର, ପ୍ରାଧ୍ୟାପକ ସନ୍ତୋଷ କୁମାର ଦାଶ ଏବଂ ପ୍ରାଧ୍ୟାପକ ସତିଶ ପଟେଲ ବିଷୟ ବିଶେଷଜ୍ଞଭାବେ ଯୋଗଦେଇଥିଲେ। ସେମାନେ ଚନ୍ଦ୍ରଯାନର ଚନ୍ଦ୍ରପୃଷ୍ଠକୁ ପୁନଃଭ୍ରମଣ ସମ୍ପର୍କରେ ଆଲୋଚନା କରିଥିଲେ। ଚନ୍ଦ୍ରଯାନର ଦକ୍ଷିଣମେରୁରେ ଅବତରଣ ଦ୍ୱାରା ମହାକାଶ ବିଜ୍ଞାନ ଗବେଷଣା କ୍ଷେତ୍ରରେ ଭାରତ ଏକ ସତନ୍ତ୍ର ପରିଚୟ ସୃଷ୍ଟି କରିଛି ବୋଲି ସେମାନେ ମତବ୍ୟକ୍ତ କରିଥିଲେ। ଏହା ସହିତ ପରିବେଶ ସୁରକ୍ଷା ଆମ ସମସ୍ତଙ୍କର ଦାୟିତ୍ୱ ବୋଲି ସେମାନେ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ କଲେଜର ପ୍ରାକ୍ତନ ଅଧକ୍ଷ ଡ. ବାଳାଦିତ୍ୟ ବିକାଶ ଶ୍ରୀଚନ୍ଦନ ସିଂ ଏବଂ ପ୍ରାଧ୍ୟାପକ ଅକ୍ଷୟ କୁମାର କର ସମ୍ମାନୀତ ଅତିଥିଭାବେ ଯୋଗଦେଇ ମହାବିଦ୍ୟାଳୟରେ ବିଭିନ୍ନ ବିଭାଗ ତରଫରୁ ନିୟମିତ ସମ୍ମାନ ଆୟୋଜନ ଉପରେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମ ଆବାହକ ପ୍ରାଧ୍ୟାପକ ଅରୁଣ କୁମାର ଶାସନୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପକ ଅଞ୍ଜନ କୁମାର ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।



ଭୀମ ଭୋଇ କଲେଜରେ ପଦାର୍ଥ ବିଜ୍ଞାନ ବିଭାଗ ସମ୍ମାନରେ ମଞ୍ଚାସୀନ ଅତିଥି।

# ଆଜି ହୀରାକୁଦ ଅନ୍ତର୍ଜାତୀୟ ହାଫ୍ ମାରାଥନ

ସମ୍ବଲପୁର,୧୪।୨(ପ୍ରମୋଦ ବହିଦାର)



ଖବରଦାତା ସମ୍ମିଳନୀରେ ମାନବ ସମ୍ବଳ ମୁଖ୍ୟ କେଶବ ରାଓ ସୂଚନା ଦେଉଛନ୍ତି।

**ଭାଗ ନେବେ ୧୦ ହଜାରରୁ ଉର୍ଦ୍ଧ୍ୱ ଦୌଡ଼ାଳି**

ରାଜ୍ୟ ସରକାର ଓ ଏମ୍‌ସିଏଲ୍‌ର ମିଳିତ ଆନୁକୂଲ୍ୟରେ ଫେବୃଆରୀ ୧୫ ରବିବାର ହୀରାକୁଦ ଅନ୍ତର୍ଜାତୀୟ ହାଫ୍ ମାରାଥନ ଅନୁଷ୍ଠିତ ହେବ। ଏଥିରେ ୩୦ ଜଣ ବିଦେଶୀଙ୍କ ସହିତ ସମଗ୍ର ଦେଶରୁ ୧୦ହଜାରରୁ ଉର୍ଦ୍ଧ୍ୱ ଦୌଡ଼ାଳି ଭାଗ ନେବେ। ବୁର୍ଲା ଜାଗୃତିବିହାର ମୁଖ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷରେ ଶନିବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଆୟୋଜନ ପ୍ରସ୍ତୁତି ସମ୍ପର୍କରେ ଏମ୍‌ସିଏଲ୍ ମାନବ ସମ୍ବଳ ମୁଖ୍ୟ କେଶବ ରାଓ କହିଛନ୍ତି, ଦେଶ ବା ଅନ୍ତର୍ଜାତୀୟସ୍ତରରେ ସ୍ୱସ୍ଥ ଶରୀର ଗଠନ ନୁହେଁ ବରଂ ହୀରାକୁଦ ସହିତ ଆଖପାଖ ପର୍ଯ୍ୟଟନସ୍ଥଳୀକୁ ଦେଶ ବିଦେଶରେ ପରିଚିତ କରାଇବା ଏହି ମାରାଥନର ଲକ୍ଷ୍ୟ। ରବିବାର କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ହାଫ୍ ମାରାଥନର ଶୁଭାରମ୍ଭ କରବାର କାର୍ଯ୍ୟକ୍ରମ ରହିଛି ବୋଲି ଏମ୍‌ସିଏଲ୍ ମାନବ ସମ୍ବଳ ମୁଖ୍ୟ ରାଓ କହିଛନ୍ତି। ମାରାଥନରେ ଦୌଡ଼ାଳିଙ୍କ ମଧ୍ୟରେ ୩ରୁ ୪ ହଜାର ଛାତ୍ରୀଛାତ୍ରଙ୍କ ସମେତ ସହରର ବିଶିଷ୍ଟ ନାଗରିକ ଅଂଶଗ୍ରହଣ କରିବେ। ତେଣୁ ୧୦ ହଜାର ସଂଖ୍ୟକ ପ୍ରତିଯୋଗୀଙ୍କ ଯୋଗୁ ସମ୍ଭାବ୍ୟ ଭିଡ଼କୁ ଦୃଷ୍ଟିରେ ରଖି ମାରାଥନକୁ ପର୍ଯ୍ୟାୟକ୍ରମେ ଭିନ୍ନ ଭିନ୍ନ ସମୟରେ ତିନୋଟି ବର୍ଗରେ ଆୟୋଜିତ କରାଯିବ। ୨୧କିଲୋମିଟର ବିଶିଷ୍ଟ ମାରଥନ୍‌ର ମୁଖ୍ୟ ଇଭେଣ୍ଟ ପ୍ରାତଃ ୫ଟା ୪୫ରେ, ଦ୍ୱିତୀୟ ଇଭେଣ୍ଟ ୫ କିଲୋମିଟର ବିଶିଷ୍ଟ ମାରାଥନ ସକାଳ ୭ଟା ୧୫ ଓ ଶେଷ ଇଭେଣ୍ଟ ୧.୫ କିଲୋମିଟର ବିଶିଷ୍ଟ ମାରାଥନ ସକାଳ ୮ଟା୧୫ରେ ଶୁଭାରମ୍ଭ ହେବ। ମାରାଥନ ହୀରାକୁଦ ବାମ ଡାଇକ୍‌ର ଜମାଦାରପାଲିଠାରୁ ବିମାନ ଅବତରଣ କେନ୍ଦ୍ର ଦେଇ ପଧାନପାଲି ପର୍ଯ୍ୟନ୍ତ ୧୧କିଲୋମିଟର ଟ୍ରାକ୍ ପ୍ରସ୍ତୁତ କରାଯାଇଛି। ମାରାଥନରେ ଅଂଶଗ୍ରହଣ କରିଥିବା ଦୌଡ଼ାଳିଙ୍କ ପାଇଁ ଟ୍ରାକ୍‌ର ପ୍ରତ୍ୟେକ ଅଧ କଲୋମିଟରରେ ସ୍ୱାସ୍ଥ୍ୟ ସୁବିଧା ସହିତ ଗ୍ଲୁକୋଜ, ଓଆର୍‌ଏସ୍ ଓ ଅନ୍ୟ ପାନୀୟର ବ୍ୟବସ୍ଥା ରହିବ। ଟ୍ରାଫିକ ନିୟନ୍ତ୍ରଣ ପାଇଁ ଉତ୍ତମ ବ୍ୟବସ୍ଥା ସ୍ୱରୂପ ସାଧାରଣ ଲୋକ ଓ ଯାନବହନ ପ୍ରବେଶକୁ ଅଇଁଠାପାଲିରୁ ଜମାଦାର ରାସ୍ତା ସହିତ ପଧାନପାଲି ପ୍ରବେଶ ପଥକୁ ବନ୍ଦ କରାଯିବ। ଏହି ସମୟରେ କେବଳ ଅଂଶଗ୍ରହଣକାରୀ, ଅତିଥି, ମାରାଥନ ଆୟୋଜକ ଓ ଗଣମାଧ୍ୟମ ପ୍ରତିନିଧିଙ୍କୁ ପରିଚୟପତ୍ର ଦେଖି ପ୍ରବେଶ ଅନୁମତି ପ୍ରଦାନ କରାଯିବ। ମାତ୍ର ହୀରାକୁଦ ପଟୁ ପ୍ରବେଶକୁ ସମ୍ପୂର୍ଣ୍ଣ ବନ୍ଦ ରଖାଯିବ। ସେହିପରି ଅଇଁଠାପାଲି ଜମାଦାରପାଲି ରାସ୍ତା ମଧ୍ୟରେ ଅଳ୍ପ ବ୍ୟବଧାନରେ ତିନୋଟି ପାର୍କିଂର ବ୍ୟବସ୍ଥା କରାଯିବ। ଏହି ଅବସରରେ ଏମ୍‌ସିଏଲ୍ ପକ୍ଷରୁ ସମସ୍ତଙ୍କୁ ଜାର୍ସି ଓ ଟୋପି ସହିତ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ପ୍ରବେଶ ପତ୍ର(ମିଡିଆ ପାସ୍) ପ୍ରଦାନ କରାଯାଇଥିଲା। ଖବରଦାତା ସମ୍ମିଳନୀରେ ଅତିରିକ୍ତ ଜିଲାପାଳ(ସାଧାରଣ) ଅଶୋକ କୁମାର ଭୋଇ, ସମ୍ବଲପୁର ମହାନଗର ନିଗମ ଆୟୁକ୍ତ ରେହାନ ଖତ୍ରୀ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ପ୍ରକାଶ କୁମାର ମିଶ୍ର, ଏସ୍‌ଡିପିଓ ବଲେଶ୍ୱର ଗିଧି, ଏମ୍‌ସିଏଲ୍ ମାରାଥନ ଆୟେଜାନ ପିଆର୍ ବିଶ୍ୱବାସ ବେହୁରିଆ ଉପସ୍ଥିତ ଥିଲେ।

**ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ**

ଖଡ଼ିଆଳ, (ସୁଜିତ କୁମାର ପ୍ରଧାନ): ନୂଆପଡ଼ା ଜିଲା ଖଡ଼ିଆଳ ସରକାରୀ ବାଳିକା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଦୁଇଦିନ ଧରି ଚାଲିଥିବା ବାର୍ଷିକ କ୍ରୀଡ଼ା ଉତ୍ସବ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କିଶୋର ଚନ୍ଦ୍ର ଅଗସ୍ତି ଅଧ୍ୟକ୍ଷତା କରିଥିଲେ। ଜିଲା ଶାରୀରିକ ଶିକ୍ଷା ଅଧିକାରୀ ରତନ ସିଂ ବାରିକ ମୁଖ୍ୟ ଅତିଥି ଓ ବିଦ୍ୟାଳୟ ପରିଚାଳନା କମିଟି ଚେୟାରମ୍ୟାନ ବିଜୟ ବାରିକ ସମ୍ମାନିତ ଅତିଥି ଭାବେ ଯୋଗଦେଇ କ୍ରୀଡ଼ା ବିଦ୍ୟାଳୟ ପାଠ୍ୟକ୍ରମର ଏକ ଅବିଚ୍ଛେଦ୍ୟ ଅଙ୍ଗ ବୋଲି ଉଦ୍‌ବୋଧନ ଦେଇଥିଲେ। ପରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

## ସଂକ୍ଷେପରେ

### ଅଷ୍ଟପ୍ରହର ନାମଯଜ୍ଞ ପାଇଁ କଳସଯାତ୍ରା

ରିଷିଡ଼ା,୧୪।୨ (ସୁଶାନ୍ତ ମଲ୍ଲିକ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡା ନୀଳକଣ୍ଠେଶ୍ୱର ଶିବ ମନ୍ଦିରଠାରେ ମହାଶିବରାତ୍ରି ପାଇଁ ଅଷ୍ଟପ୍ରହର ନାମଯଜ୍ଞ ଅବସରରେ ଶନିବାର କଳସଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିରେ ଶତାଧିକ ମହିଳା ଓ ପୁରୁଷ ସାମିଲ ହୋଇ ସଂକୀର୍ତ୍ତନ ସହିତ ନଗର ପରିକ୍ରମା କରିଥିଲେ। ଏଥିରେ ଆୟୋଜକ କମିଟି ସଭାପତି କମ୍ବୁପାଣି ସାହୁ, ସମ୍ପାଦକ ସର୍ବେଶ୍ୱର ନାଏକ, ଯଜ୍ଞ କର୍ତ୍ତା ଭାବେ କୈଳାସ ସାହୁ, ସହଧର୍ମିଣୀ ସୁଜାତା ସାହୁ, ପୂଜକ ରୁଦ୍ରମଣି ଦାସ, ଖବରଦାତା ସୁଶାନ୍ତ ମଲ୍ଲିକ, ରମେଶ ବାରିକ, ଗ୍ରାମ କମିଟି ସମ୍ପାଦକ ପ୍ରେମାନନ୍ଦ ପାତ୍ର ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

### କଂଗ୍ରେସର ନବନିଯୁକ୍ତ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧନା

କର୍ଲାମୁଣ୍ଡା,୧୪।୨(ପ୍ରଦୀପ କୁମାର ସାହୁ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରେଗଡା ପଞ୍ଚାୟତ ବିଜାପାଟିଠାରେ କଂଗ୍ରେସର ନବ ନିଯୁକ୍ତ କର୍ମକର୍ତ୍ତାଙ୍କ ସମ୍ବର୍ଦ୍ଧନା ସଭା ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା କଂଗ୍ରେସ କମିଟି ସଭାପତି ଜଳନ୍ଧର ନାଏକ, ପୂର୍ବତନ ବିଧାୟକ ଭାରତ ଭୂଷଣ ବେମାଲ, ମ. ରାମପୁର ବ୍ଲକ ସଭାପତି ରୁଦ୍ର ପ୍ରତାପ ସିଂହ, ନାରୀ ନେତ୍ରୀ ମାଣିକ୍ୟ ସୁନା, ମାହେନ୍ଦ୍ରି ସାହୁ, ରାଜକୁମାରୀ ସରାଫ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ନୂତନ ଭାବେ ନିଯୁକ୍ତ କର୍ଲାମୁଣ୍ଡା ବ୍ଲକ କଂଗ୍ରେସ କମିଟି ସଭାପତି ସୁରେଶ ଚୌଧୁରୀ, ଜିଲା କଂଗ୍ରେସ କମିଟି ଉପସଭାପତି ରାଜକିଶୋର ମିଶ୍ର, ଜିଲା ସମ୍ପାଦକ ଅରବିନ୍ଦ ଚୌଧୁରୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା।

### ଅଭୟାରଣ୍ୟରେ ଅଗ୍ନି ନିରାପତ୍ତା ସଚେତନତା

କୋମନା,୧୪।୨ (ମହେଶ ବାଗ)

ଜଙ୍ଗଲରେ ବୃଦ୍ଧି ପାଉଥିବା ଅଗ୍ନିକାଣ୍ଡକୁ ରୋକିବା ଲାଗି ନୂଆପଡ଼ା ଜିଲା କୋମନା ବ୍ଲକ ସୁନାବେଡା ଅଭୟାରଣ୍ୟ ଗୁର୍ଜିଭଙ୍ଗା ଶିବ ମନ୍ଦିର ସମ୍ମୁଖରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୁନାବେଡା ବନ୍ୟପ୍ରାଣୀ ଅଧିକାରୀ ସମୀର କୁମାର ସାହୁ ଅଧ୍ୟକ୍ଷତା କରିଥିଲେ। ସମ୍ମାନିତ ଅତିଥି ଭାବେ ସୁନାବେଡା ସରପଞ୍ଚ ଯମୁନା ଜଗତ, ଏସିଏଫ୍ ଅଜୟ ଏକ୍କାଏସ, ରେଞ୍ଜ ଅଧିକାରୀ ପିଙ୍କୁ ଭୋଇ, ଗୁରୁକୁଳ ଆଶ୍ରମର ଶିକ୍ଷୟିତ୍ରୀ ଲତାଦେବୀ ଯୋଗଦେଇ ଜଙ୍ଗଲ ଓ ନିକଟ ଅଞ୍ଚଳରେ ନିଆଁ ନ ଲଗାଇବାକୁ ଅନୁରୋଧ କରିଥିଲେ। ବନ୍ୟପ୍ରାଣୀ ଅଧିକାରୀ ସାହୁ ଜଙ୍ଗଲରେ ଇଚ୍ଛାକୃତ ଭାବେ ନିଆଁ ଲଗେଇଲେ ୭ବର୍ଷ ପର୍ଯ୍ୟନ୍ତ କାରାଦଣ୍ଡ ସହ ୧୦ହଜାର ଟଙ୍କା ଜରିମାନା ବ୍ୟବସ୍ଥା ରହିଥିବା କହିଥିଲେ। ଏହାସହ ଯଦି କେହି ଜଙ୍ଗଲରେ ନିଆଁ ଲାଗିଥିବା ଦେଖନ୍ତି ତେବେ ତୁରନ୍ତ ବନବିଭାଗକୁ ସୂଚନା ଦେବାକୁ ଅନୁରୋଧ କରିଥିଲେ। ଶେଷରେ ଜଙ୍ଗଲ ବଞ୍ଚିଲେ ଆମେ ବଞ୍ଚିବା ବାଣୀ ସହ ଜଙ୍ଗଲକୁ ନିଆଁ ଦାଉରୁ ସୁରକ୍ଷା କରିବା ଲାଗି ସମସ୍ତେ ଶପଥ ଗ୍ରହଣ କରିଥିଲେ। ଫରେଷ୍ଟର ବିଶ୍ୱମୋହନ ପାଢ଼ୀ, ରେଞ୍ଜର ପିଙ୍କୁ ଭୋଇ, ଫରେଷ୍ଟଗାର୍ଡ ଫେନଟମ କୁଲଦୀପ, ଧନୁର୍ଯ୍ୟ କୁମ୍ଭାର, ମାଧବ ଚନ୍ଦ୍ର କୁମ୍ଭାର ସହଯୋଗ କରିଥିଲେ। ଫରେଷ୍ଟର ବିଶ୍ୱମୋହନ ପାଢ଼ୀ ମଞ୍ଚ ପରିଚାଳନା କରିଥିବାବେଳେ ଏସିଏଫ୍ ଅଜୟ ଏକ୍କାଏସ ଧନ୍ୟବାଦ ଅର୍ପଣ କରିଥିଲେ।

# କଳାହାଣ୍ଡିରେ ଧାନକିଣା ବାଟବଣା

## ଗତବର୍ଷ ଏହି ସମୟ ସୁଦ୍ଧା ସରିଥିଲା, ଏ ବର୍ଷ ଚାଲିଛି

ଭବାନୀପାଟଣା,୧୪।୨ (ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲାରେ ଅନ୍ୟବର୍ଷ ଅପେକ୍ଷା ଏଥର ଖରିଫ ଧାନ ବିକ୍ରି ବ୍ୟବସ୍ଥା ଚାଷୀଙ୍କ ଦୁଃଖ ବଢାଇଦେଇଛି। ମଣ୍ଡି ଆରମ୍ଭରୁ ଚାଷୀ ଟୋକନ ସମସ୍ୟା, ମିଲର୍ସଙ୍କ ଆନ୍ଦୋଳନ ଓ ଶ୍ରମିକ ସମସ୍ୟାରେ ଛନ୍ଦି ହୋଇପଡିଥିଲା। ଏଥିପାଇଁ ଜିଲାରେ ଧାନ ଉଠାଣ ପ୍ରକ୍ରିୟା ମନ୍ଥର ହୋଇପଡିଥିଲା। ଗତବର୍ଷ ଖରିଫ ଧାନ ସଂଗ୍ରହ ଫେବୃଆରୀ ୧୦ରେ ଶେଷ ହୋଇଥିବାବେଳେ ଚଳିତ ଖରିଫ ଧାନ ସଂଗ୍ରହ କିନ୍ତୁ ବର୍ତ୍ତମାନ ଯାଏ ଚାଲିଛି। ବିଗତ ବର୍ଷମାନଙ୍କରେ ଜାନୁୟାରୀ କିମ୍ବା ଫେବୃଆରୀ ପ୍ରଥମ ସପ୍ତାହରେ ମଣ୍ଡି ଶେଷ ହେଉଥିବାବେଳେ ଏଥର ମାର୍ଚ୍ଚ ଯାଏ ମଣ୍ଡି ଚାଲିବ ବୋଲି ମନ୍ତ୍ରୀ ପ୍ରକାଶ କରିଥିଲେ। ହେଲେ ଏହା ଦ୍ୱାରା ରାଜ୍ୟର ରବି ଫସଲ ଚାଷ ହେଉଥିବା କଳାହାଣ୍ଡି, ବରଗଡ଼ ଆଦି ଜିଲାର ଚାଷୀ ଅସୁବିଧାର ସମ୍ମୁଖୀନ ହେବେ। ବର୍ତ୍ତମାନ ରବି ଚାଷକାର୍ଯ୍ୟ ସମୟ ଗଡ଼ି ଚାଲିଛି। କିଛି ଚାଷୀ ତଳିପକା କାର୍ଯ୍ୟ ସାରିଥିବାବେଳେ ଆଉ କିଛି ବିଲରେ ଧାନପଣ୍ଡା ରୋଇ ସାରିଛନ୍ତି। ମାତ୍ର ଜିଲାରେ ଏବେ ମଧ୍ୟ ଅନେକ ଚାଷୀ ଗତ ଖରିଫ ଧାନକୁ ଏପର୍ଯ୍ୟନ୍ତ ବିକ୍ରି କରି ପାରିନାହାନ୍ତି। ବିଭିନ୍ନ ମଣ୍ଡିରେ ଶହ ଶହ କୁଇଣ୍ଟାଲ ଧାନ ବିକ୍ରି ଅପେକ୍ଷାରେ ରହିଛି। କିଛି ଚାଷୀ ଟୋକନ ସମସ୍ୟା ଯୋଗୁ ସେମାନଙ୍କ ଅମଳ ଧାନ ମଣ୍ଡିକୁ ଆଣି ପାରୁନାହାନ୍ତି ତ ଆଉ କିଛି ଚାଷୀ ଟୋକନ ଅଭାବରୁ ମଣ୍ଡିରୁ ବଳକା ଧାନକୁ ବିକ୍ରି କରି ନ ପାରି ଘରକୁ ନେଇ ଯାଉଥିବା ଦେଖିବାକୁ ମିଳିଛି।

ମିଳିଥିବା ସୂଚନା ଅନୁସାରେ, କଳାହାଣ୍ଡି ଜିଲାରେ ଏପର୍ଯ୍ୟନ୍ତ ୬୪ ଲକ୍ଷ ୫୮ ହଜାର କୁଇଣ୍ଟାଲ ଧାନ କିଣିବା ପାଇଁ ଟାର୍ଗେଟ ଆସିଛି। ସେଥିରୁ ଶନିବାର ସୁଦ୍ଧା ୧ ଲକ୍ଷ ୧୪ ହଜାର ୯୬୫ ଜଣ ଚାଷୀଙ୍କଠାରୁ ୬୧ ଲକ୍ଷ ୬ ହଜାର ୪୯୨ କୁଇଣ୍ଟାଲ ଧାନ ଉଠାଯାଇଛି। ଜିଲାରେ ସମୁଦାୟ ୨୩୦ ମଣ୍ଡିରୁ ବର୍ତ୍ତମାନ ସୁଦ୍ଧା ୧୩୮ରେ ଧାନ କିଣା ଶେଷ ହୋଇଥିବାବେଳେ ଅବଶିଷ୍ଟ ମଣ୍ଡିରେ ଧାନ କିଣା ଚାଲିଛି। ଜିଲାରେ ଗତ ବର୍ଷ ତୁଳନାରେ ଧାନ ସଂଗ୍ରହ ଚଳିତ ବର୍ଷ ଅଧିକ ହୋଇଥିବାବେଳେ ଏବେ ମଧ୍ୟ ୯୨ ମଣ୍ଡିରେ ହଜାର ହଜାର କୁଇଣ୍ଟାଲ ଧାନ ପଡିରହିଛି। ଫଳରେ ଜିଲାରେ ଧାନ କିଣା ଏଥର ବାଟବଣା ହୋଇଛି। ଏ ନେଇ ଜିଲା ମୁଖ୍ୟ ଯୋଗାଣ ଅଧିକାରିଣୀ ସୁଜାତା ମିଶ୍ରଙ୍କୁ ପଚାରିବାରୁ ଜିଲାରେ ଆହୁରି ପ୍ରାୟ ୩ ଲକ୍ଷ କୁଇଣ୍ଟାଲ ଧାନ ମଣ୍ଡିରେ ରହିଥିବା ଅନୁମାନ କରାଯାଇଛି। ଯଦି ଟାର୍ଗେଟ ଭିତରେ ତାହା ହେଇଯିବ ତ ଭଲ, ନଚେତ ସରକାରଙ୍କୁ ଆହୁରି ଟାର୍ଗେଟ ପାଇଁ ଜଣାଇବୁ। ଖୁବ୍‌ଶୀଘ୍ର ମଣ୍ଡିରେ ଧାନ କିଣା ଶେଷ କରିବାକୁ ଚେଷ୍ଟା କରିବୁ ବୋଲି ସେ କହିଥିଲେ।



ଜିଲାର ଏକ ମଣ୍ଡିରେ ଧାନ ବିକ୍ରି ନ ହୋଇ ପଡ଼ିରହିଛି।

## ରାଷ୍ଟ୍ର ନିର୍ମାଣରେ ଖବରଦାତାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ




ସମ୍ମିଳନୀରେ ମଞ୍ଚାସୀନ ଅତିଥି ବୃନ୍ଦ।

ନୂଆପଡ଼ା,୧୪।୨ (ମକାରୁ ବେମାଲ)

ସ୍ଥାନୀୟ ମୃତ୍ତିକା ସଂରକ୍ଷଣ ସଭାଗୃହଠାରେ ଶନିବାର ୱାର୍କିଂ ଜର୍ନାଲିଷ୍ଟ ଅଫ ଇଣ୍ଡିଆ ନୂଆପଡ଼ା ଜିଲା ଶାଖାର ପ୍ରଥମ ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସଂଗଠନ ସଭାପତି ଅନୀଲ କୁମାର ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମ୍ମିଳନୀରେ ପୂର୍ବତନ କଳାହାଣ୍ଡି ଏମ୍‌ପି ବସନ୍ତ କୁମାର ପଣ୍ଡା ମୁଖ୍ୟ ଅତିଥି, ସଂଗଠନ ରାଜ୍ୟ ସମ୍ପାଦକ ବିଶିକେଶନ ପଣ୍ଡା, ଜିଲା ସାଧାରଣ ସମ୍ପାଦକ ଦିଲିପ ଦଳପତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଜିଲାପାଳ ମଧୁସୂଦସ ଦାଶ ମୁଖ୍ୟବକ୍ତା ଭାବେ ଯୋଗଦେଇ ଖବରଦାତା ହେଉଛନ୍ତି ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ। ସେମାନଙ୍କ ସହଯୋଗରେ ଜିଲାର ଦ୍ରୁତ ଉନ୍ନତି ସାଧିତ ହୋଇପାରିବ ବୋଲି କହିଥିଲେ। ସେହିପରି ମୁଖ୍ୟଅତିଥି ପୂର୍ବତନ ଏମ୍‌ପି ପଣ୍ଡା ରାଷ୍ଟ୍ର ନିର୍ମାଣ ସହ ଦେଶର ସଂସ୍କୃତି ଓ ସଂହତି ରକ୍ଷା ପାଇଁ ଖବରଦାତାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଏହି ଅବସରରେ ଅତିଥିମାନଙ୍କ ସହ ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ପୋଲିସ ଉପ ନିରୀକ୍ଷକ ବିନୋଦ ବିହାରୀ ସେଠୀ, ନିୟମିତ ରକ୍ତଦାତା ଶିକ୍ଷକ କିଶୋର କୁମାର ପରିଡା, ଖବରଦାତା ଉପେନ୍ଦ୍ର ବାଗଙ୍କୁ ଅତିଥିମାନେ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଉମାକାନ୍ତ ବେହେରା ମଞ୍ଚ ପରିଚାଳନା କରିଥିବା ବେଳେ ରାମନାଥ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ଝାମୁଯାତ୍ରା ପାଇଁ ଚଣ୍ଡୀଙ୍କ ଉଲଗନଦିଆ ସମ୍ପନ୍ନ

ରିଷିଡ଼ା,୧୪।୨(ସୁଶାନ୍ତ ମଲ୍ଲିକ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ୍ ରିଷିଡ଼ା ମା' ତାରିଣୀ ଅଷ୍ଟଚଣ୍ଡୀ ଶୈବଶକ୍ତି ପୀଠରେ ଚୈତ୍ର ମାସରେ ହେବାକୁ ଥିବା ମା' ତାରିଣୀ ଅଷ୍ଟଚଣ୍ଡୀଙ୍କ ଝାମୁଯାତ୍ରା ଉପଲକ୍ଷେ ମା'ଙ୍କ ଉଲଗନ ଦିଆ ତଥା ଭୂମିପୂଜା ବାନା ପୂଜା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଘଣ୍ଟ, ଶଙ୍ଖ, ନିଶାନ, ବାଜା ସହ ମା'ଙ୍କ ପୀଠରୁ ରିଷିଡ଼ା ନୀଳକଣ୍ଠେଶ୍ୱର ଶିବମନ୍ଦିର ପର୍ଯ୍ୟନ୍ତ ନଗର ପରିକ୍ରମା କରାଯାଇଥିଲା। ଏଥିରେ ଶତାଧିକ ମହିଳା ଓ ପୁରୁଷ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ। ମୁଖ୍ୟ ଦେହୁରୀ ସୁଶାନ୍ତ ମଲ୍ଲିକଙ୍କୁ କାଳିଶ୍ରୀ ଆସିଲା ପରେ ମ. ରାମପୁର ରାଜପରିବାରର ନୀଳମାଧବ ସିଂଦେଓଙ୍କ ପ୍ରେରିତ ପାଟ ସିନ୍ଦୂର ପ୍ରଥମେ ଚଣ୍ଡୀଙ୍କୁ ସମର୍ପଣ କରାଯାଇଥିଲା। ସେବାୟତ ରଞ୍ଜନ ରଣା, ମହେନ୍ଦ୍ର ପ୍ରଧାନୀ, ହୃଦାନନ୍ଦ ମଲ୍ଲିକ, ମଣ୍ଟୁ ରଣା, ମାକଣ୍ଡ ପ୍ରଧାନୀ, ସୂର୍ଯ୍ୟମଣି ରଣା, କମିଟି ସଭାପତି କୈଳାସ କୁମୁରା, ଶିବମନ୍ଦିର ପରିଚାଳନା କମିଟି ସଭାପତି କରୁଣାକର ରଣା, ସମ୍ପାଦକ ଦୁଷ୍ମନ୍ତ ଲେଙ୍କା ପ୍ରମୁଖ ଯୋଗଦେଇଥିଲେ। ଆସନ୍ତା ଚୈତ୍ର ମାସରେ ୭ ଦିନ ବ୍ୟାପୀ ମା'ଙ୍କ ପୀଠରେ ଝାମୁଯାତ୍ରା ଅନୁଷ୍ଠିତ ହେବ ବୋଲି ଆୟୋଜକ କମିଟି ପକ୍ଷରୁ ପ୍ରକାଶ।

## ସରସ୍ୱତୀ ଶିଶୁମନ୍ଦିରରେ ମାତୃପିତୃ ଦିବସ

ବେହେରା,୧୪।୨ (ଭୂପେଶ ତିୱାରୀ)

କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ୍ ବେହେରାସ୍ଥିତ ସରସ୍ୱତୀ ଶିଶୁମନ୍ଦିରରେ ମାତୃପିତୃ ଦିବସ ପାଳିତ ହୋଇଯାଇଛି। ଅଭିଭାବକମାନଙ୍କ ସକ୍ରିୟ ଅଂଶଗ୍ରହଣରେ ବିଦ୍ୟାଳୟ ପ୍ରାଙ୍ଗଣ ଉତ୍ସବମୟ ହୋଇଉଠିଥିଲା। କାର୍ଯ୍ୟକ୍ରମରେ ଧର୍ମଗଡ଼ ବ୍ଲକ ଅଧ୍ୟକ୍ଷା ବବିତା ପଟଜୋଷୀ ମୁଖ୍ୟ ଅତିଥି, ଓଡ଼ିଶା ହିସାବ ରକ୍ଷକ ରାଜ୍ୟ ସଭାପତି ପ୍ରଭାତ ତିୱାରୀ ମୁଖ୍ୟବକ୍ତା ଓ ସୁନୀଲ ଅଗ୍ରୱାଲ, ବେହେରା ସରପଞ୍ଚ କୁମୁଦିନୀ ଗଇନ୍ତା, ସମିତି ସଭ୍ୟ କିଶୋର ଚନ୍ଦ୍ର ନାଗ, ଜିଏମ୍ ପବ୍ଲିକ ସ୍କୁଲ ଅଧ୍ୟକ୍ଷ ସଞ୍ଜୀବ ଅପ୍ପୁ, ଜିଲା ପରିଷଦ ସଭ୍ୟ ଶଙ୍କର ଜୁଏଡ, ଶିକ୍ଷାବିତ୍ ଭକ୍ତ ଚରଣ ଭୋଇ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ପ୍ରଧାନ ଆଚାର୍ଯ୍ୟ କ୍ଷମାପ୍ରସାଦ ନାଏକଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ସଞ୍ଚାଳିତ ହୋଇଥିଲା। ଅତିଥିମାନେ ଉଦ୍‌ବୋଧନରେ ମାତାପିତାଙ୍କ ସମ୍ମାନ ଓ ସନ୍ତାନ ଜୀବନରେ ତାଙ୍କ ଅବଦାନ ବିଷୟରେ ଉଲ୍ଲେଖ କରିଥିଲେ। ପରେ ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିପେଷଣ କରିଥିଲେ। ଶେଷରେ ବିଭିନ୍ନ କ୍ଷେତ୍ରରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରାଯାଇଥିଲା।

## ଗ୍ରାମୀଣ ରାସ୍ତା, ସେତୁ, କଲଭର୍ଟ ନିର୍ମାଣକୁ ପ୍ରାଥମିକତା

### ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାର ଜିଲାସ୍ତରୀୟ ବୈଠକ

ନୂଆପଡ଼ା,୧୪।୨ (ମକାରୁ ବେମାଲ)

ନୂଆପଡ଼ା ଜିଲାରେ ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନା ଅନ୍ତର୍ଗତ ୨୦୨୬-୨୭ ବର୍ଷ ପାଇଁ ପ୍ରସ୍ତାବିତ ପ୍ରକଳ୍ପଗୁଡ଼ିକର ଅନୁମୋଦନ ନିମନ୍ତେ ଏକ ଜିଲାସ୍ତରୀୟ ବୈଠକ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଅତିରିକ୍ତ ଜିଲାପାଳ ସୁବାସ ଚନ୍ଦ୍ର ରଇତ, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଜିଲା ପରିଷଦ ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ କ୍ଷମାନିଧି ଭୋଇ, କାର୍ଯ୍ୟନିର୍ବାହୀ ଯନ୍ତ୍ରୀ କ୍ଷୀରୋଦ କୁମାର ନାୟକ, ଆର୍‌ଡବ୍ଲ୍ୟୁଏସ୍ଏସ୍ ଅଧୀକ୍ଷଣ ଯନ୍ତ୍ରୀ ପ୍ରହଲ୍ଲାଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଜିଲାପାଳ କହିଥିଲେ, ଗ୍ରାମୀଣ ଓଡ଼ିଶାର ସାମଗ୍ରିକ ଉନ୍ନତି ଓ ଜୀବନଧାରଣ ମାନ ବୃଦ୍ଧିକୁ ଲକ୍ଷ୍ୟକରି ରାଜ୍ୟ ସରକାରଙ୍କ ପକ୍ଷରୁ ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନା ଆରମ୍ଭ କରାଯାଇଛି। ଏହି ଯୋଜନା ମାଧ୍ୟମରେ ଦୀର୍ଘସ୍ଥାୟୀ ପ୍ରକଳ୍ପଗୁଡ଼ିକ ଗ୍ରହଣ କରାଯାଇ ସ୍ଥାୟୀ ସମ୍ପଦ ସୃଷ୍ଟି କରାଯିବ। ଯୋଜନା ଅନ୍ତର୍ଗତ ଗ୍ରାମୀଣ ରାସ୍ତା, ସେତୁ, କଲଭର୍ଟ ଆଦିର ନିର୍ମାଣକୁ ପ୍ରାଥମିକତା ଦିଆଯିବ। ବିଶେଷକରି ଆଦିମ ଜନଜାତି, ମାଓବାଦୀ ପ୍ରଭାବିତ ଓ ଦୁର୍ଗମ ପାହାଡ଼ିଆ ଅଞ୍ଚଳର ଅସଂଯୁକ୍ତ ଗାଁଗୁଡ଼ିକୁ ସଡ଼କ ସଂଯୋଗ କରାଯିବାକୁ ଗୁରୁତ୍ୱ ଦିଆଯିବ। ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରଖି ପ୍ରକଳ୍ପଗୁଡ଼ିକ ସମୟସୀମା ମଧ୍ୟରେ ସମାପ୍ତି ଉପରେ ସେ ଗୁରୁତ୍ୱ ଦେଇଥିଲେ।

## ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ

ନୂଆପଡ଼ା,୧୪।୨ (ମକାରୁ ବେମାଲ)

ନୂଆପଡ଼ା ଜିଲା କୋମନା ବ୍ଲକ ଠିକପାଲି ପଞ୍ଚାୟତ ଶୁକ୍ଲିମୁଣ୍ଡି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଥମ ବାର୍ଷିକ କ୍ରୀଡ଼ା ଉତ୍ସବ ଶନିବାର ଉଦ୍‌ଯାପିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଖେମ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ନୂଆପଡ଼ା ବିଧାୟକ ଜୟ ଢୋଲକିଆ ମୁଖ୍ୟ ଅତିଥି, ଜିଲା ପରିଷଦ ସଭ୍ୟ ତଥା ଜିଲା ବିଜେଡି ସଭାପତି ଅବନୀ ରଞ୍ଜନ ଯୋଶୀ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ କୋମନା ଭକ୍ତବନ୍ଧୁ ବୁଡେକ, ଗୋଷ୍ଠୀ ଶିକ୍ଷା ଅଧିକାରୀ କୋମନା ଅନିତା ପଣ୍ଡା, ସିଆର୍‌ସିସି ଦିଲିପ କୁମାର ଶବର, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଡୋଲାମଣି ଶବର, ୱାର୍ଡ ସଭ୍ୟ ଗୋଦ୍ରୋ ବରିହା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପାଠପଢା ସହ କ୍ରୀଡ଼ାର ଆବଶ୍ୟକତା ଜରୁରୀ ବୋଲି କହିଥିଲେ। ପରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ମାନପତ୍ର ସହ ଟ୍ରଫି ପ୍ରଦାନ କରିଥିଲେ। ଶିକ୍ଷାକ୍ଷେତ୍ରରେ ଦିବାକର ପ୍ରଧାନ ଓ ପ୍ରମିଳା ଶବରଙ୍କୁ ମୁଖ୍ୟ ଅତିଥି ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଖେଳ ଶିକ୍ଷକ ଶ୍ୟାମ ଧରୁଆ ଓ ଅପ୍ରମୟ ନାଗ ଖେଳ ପରିଚାଳନା କରିଥିଲେ। ଶେଷରେ ଶିକ୍ଷକ ସଦାନନ୍ଦ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।




ସ୍ୱେଚ୍ଛାସେବୀଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରୁଛନ୍ତି।

## ଜଙ୍ଗଲ ନିଆଁ ସଚେତନତା ଶିବିର

ବୋଡେନ,୧୪।୨ (ଟିକେଶ୍ୱର ନାଗ)

ନୂଆପଡ଼ା ଜିଲା ବୋଡେନ ବନ ବିଭାଗ ପକ୍ଷରୁ ପାତାଳଗଙ୍ଗା ରାଧାକୃଷ୍ଣ ମନ୍ଦିରଠାରେ ବନାଞ୍ଚଳସ୍ତରୀୟ ଜଙ୍ଗଲ ନିଆଁ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଖଡିଆଳ ବନଖଣ୍ଡ ଅଧିକାରୀ ଅଜିଜ ଖାନଙ୍କ ଅଧ୍ୟକ୍ଷତାରେ ନୂଆପଡା ଜିଲା ପରିଷଦ ସଭାପତି ଡଲି ମାଝୀ ମୁଖ୍ୟ ଅତିଥି, ବୋଡେନ ଡିଗ୍ରୀ କଲେଜ କାର୍ଯ୍ୟକ୍ରମ ଅଧିକାରୀ ଡ. କିଶୋର କର୍ଣ୍ଣ ମୁଖ୍ୟବକ୍ତା, ଆଇନଜୀବୀ ଯୋଗେନ୍ଦ୍ର ନାଥ ମାଝୀ, ପୂର୍ବତନ ଜିଲା ପରିଷଦ ଶ୍ରୀକାନ୍ତ ମାଝୀ, ୟାର ସମ୍ପାଦକ ହରିଦାସ ପଟେଲ, ଖଡିଆଳ ରେଞ୍ଜର ସୀତାରାମ ଶବର, ପ୍ରାଧ୍ୟାପକ ଗୟାଧର ମହାନ୍ତି, ପୂର୍ବତନ ବ୍ଲକ ଅଧ୍ୟକ୍ଷ କୃଷ୍ଣ ସିଂ ମାଝୀ, ପୂର୍ବତନ ସରପଞ୍ଚ ରାଜୁ ହେର୍ଣ୍ଣା ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ସୌମ୍ୟରଞ୍ଜନ ଜୋଷୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଜଙ୍ଗଲରେ ନିଆଁ ନ ଲଗାଇବା, ନିଆଁ ଲାଗିଥିବା ସ୍ଥାନକୁ କଞ୍ଚା ଡାଳପତ୍ର ସାହାଯ୍ୟରେ ଲିଭାଇବା ନେଇ ଉପସ୍ଥିତ ଲୋକଙ୍କୁ ସଚେତନ କରାଯାଇଥିଲା।

## ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ରୁପ୍ରାରୋଡ,୧୪।୨(ସଞ୍ଜୀବ ଦାସ )

କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅନ୍ତର୍ଗତ ଭୀମକେଲା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଭୀମକେଲା ଗ୍ରାମପଞ୍ଚାୟତ ସରପଞ୍ଚ ଜାନକୀ ଗଉଡ ମୁଖ୍ୟ ଅତିଥି, ସମିତି ସଭ୍ୟା ସୁମିତ୍ରା ମାଝୀ, ଏବିଇଓ ତଥା ନର୍ଲା ବିଆର୍‌ସିସି ଗୋବର୍ଦ୍ଧନ ମାଝୀ, ନର୍ଲା ପ୍ରାଥମିକ ଶିକ୍ଷକ ସଂଘ ସମ୍ପାଦକ ଅମିତ ଶର୍ମା, ଭୀମକେଲା କ୍ଲଷ୍ଟରର ସିଆର୍‌ସିସି ବିଜୟ ସୁନା, ବରିଷ୍ଠ ଆଇନଜୀବୀ କୁବେର ଚନ୍ଦ୍ର ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟ ବକ୍ତା ରୂପେ କଳାହାଣ୍ଡି ଡିଆଇଇଟିର ଈଶ୍ୱର ଚନ୍ଦ୍ର ବେହେରା ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ନିଜକୁ ଉତ୍ତମ ନାଗରିକ ଭାବେ ଗଢିତୋଳିବାକୁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦାସ ମାଝୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବରିଷ୍ଠ ଶିକ୍ଷକ ଦେବଦତ୍ତ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଗ୍ରାମର ବିଶିଷ୍ଟ ବ୍ୟକ୍ତି, ପୁରାତନ ପରିଚାଳନା କମିଟି ସଭ୍ୟାସଭ୍ୟ, ପ୍ରଧାନ ଶିକ୍ଷକ ସମୂହ, ଅବସରପ୍ରାପ୍ତ ଶିକ୍ଷକ, ସ୍ଥାନୀୟ ଖବରଦାତାଙ୍କୁ ସମ୍ମାନିତ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

## ବିଦ୍ୟାଳୟର ବାର୍ଷିକ ଉତ୍ସବ 'ଉତ୍କର୍ଷ'

କୋକସରା,୧୪।୨ (ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ)

କୋକସରା ବ୍ଲକ୍ ଟିଲିଗୁଡ଼ା ସର୍ବମଙ୍ଗଳା ସରକାରୀ ଉ.ପ୍ରା. ବିଦ୍ୟାଳୟ ଓ କସ୍ତୁରବା ଗାନ୍ଧୀ ବାଳିକା ଆବାସିକ ବିଦ୍ୟାଳୟର ବାର୍ଷିକ ଉତ୍ସବ 'ଉତ୍କର୍ଷ' ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମୁକ୍ତା ଖମାରୀଙ୍କ ଅଧ୍ୟକ୍ଷତାରେ ଗଡରାମାଲ ସ୍କୁଲର ପ୍ରଧାନ ଶିକ୍ଷକ ଦୁର୍ଯ୍ୟୋଧନ ନାଏକ ସଭାପତିତ୍ୱ କରିଥିଲେ। ଏଥିରେ କୋକସରା ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ତୋଫାନ ମାଝୀ ମୁଖ୍ୟ ଅତିଥି, ନୋଡାଲ ସିଆର୍‌ସିସି ବୈକୁଣ୍ଠ ଜାଲ ମୁଖ୍ୟବକ୍ତା, କୋକସରା ସରପଞ୍ଚ କିଶୋର ଚନ୍ଦ୍ର ପ୍ରଧାନୀ, ସ୍କୁଲ ପରିଚାଳନା କମିଟିର ଅଧ୍ୟକ୍ଷା କଳ୍ପନା ମଞ୍ଜରୀ ସିଂ, ଶିକ୍ଷକ ଦୁର୍ଯ୍ୟୋଧନ ବାଗ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ବିଦ୍ୟାର୍ଥୀମାନଙ୍କୁ ଅତିଥିମାନେ ସାର୍ଟିଫିକେଟ ପ୍ରଦାନ କରିଥିଲେ। ପରେ ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଗୀତାଞ୍ଜଳି ଗିରି ମଞ୍ଚ ସଂଯୋଜନା କରିଥିବାବେଳେ ଶିକ୍ଷୟିତ୍ରୀ ତରୁଲତା ସିଂ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ସୁମନ ଅର୍ପିତ ପଣ୍ଡା, ଭାଗ୍ୟଶ୍ରୀ ଗିରି, କିଶନ ଲାଲ ଧଙ୍ଗଡାମାଝୀ, ସୁଭଦ୍ରା ନାଏକ, ବୀଣାପାଣି ରାଉତ, ସନ୍ଧ୍ୟାମୟୀ ପଟେଲ, ମଧୁସ୍ମିତା ପ୍ରଧାନୀ ପ୍ରମୁଖ ସହଯୋଗ କରିଥିଲେ।

## ବୈଦିକ ସନାତନ ଧର୍ମ ସମନ୍ୱୟ ବିଶ୍ୱଶାନ୍ତି ମହାଯଜ୍ଞ



ବିଭିନ୍ନ ଯଜ୍ଞକୁଣ୍ଡ ନିକଟରେ ବ୍ରତଧାରୀମାନେ।

କର୍ଲାମୁଣ୍ଡା,୧୪।୨ (ପ୍ରଦୀପ କୁମାର ସାହୁ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ବୋରପଦର ପଞ୍ଚାୟତ ଖଲିଆପାଲିସ୍ଥିତ ସ୍ୱପ୍ନେଶ୍ୱର ଶିବ ମନ୍ଦିରଠାରେ ବୈଦିକ ସନାତନ ଧର୍ମ ସମନ୍ୱୟ ବିଶ୍ୱଶାନ୍ତି ମହାଯଜ୍ଞ ଗତ ୧୦ତାରିଖରୁ ଆରମ୍ଭ ହୋଇଛି। ଜୋରାଡ଼ବରା ମଣ୍ଡଳ ଆଞ୍ଚଳିକ ବ୍ରାହ୍ମଣ ସମାଜ ସଭାପତି ଚିତ୍ରସେନ ଦାସଙ୍କ ଆବାହକତ୍ୱରେ ଅନୁଷ୍ଠିତ ମହାଯଜ୍ଞରେ ବୈଦିକ ମହାଯଜ୍ଞ, ଗାୟତ୍ରୀ ଯଜ୍ଞ, ଚଣ୍ଡୀ ପାଠ, ଅଲେଖ ଯଜ୍ଞ, ହନୁମାନ ମହାଯଜ୍ଞ, ଏକ ଲକ୍ଷ ମହାମନ୍ତ୍ର ଜପ, ପାରାୟଣ ପ୍ରବଚନ ଜ୍ଞାନ ଯଜ୍ଞ, ଦୀପ ଯଜ୍ଞ, ଅନ୍ନ ଯଜ୍ଞ ଓ ଅଷ୍ଟପ୍ରହର ନାମଯଜ୍ଞ ଭଳି କାର୍ଯ୍ୟକ୍ରମରେ ୩୦ ଜଣ କର୍ତ୍ତା ରହିଥିବା ବେଳେ ପଞ୍ଚକୁଣ୍ଡୀୟ ମହାଯଜ୍ଞର ମୁଖ୍ୟ ପୂଜକ ଭାବେ ସୁମନ୍ତ ଷଡ଼ଙ୍ଗୀ ରହିଛନ୍ତି। ସେହିପରି ଅନ୍ୟାନ୍ୟ ଯଜ୍ଞ କୁଣ୍ଡରେ ଜୋରାଡ଼ବରା ଆଞ୍ଚଳିକ ବ୍ରାହ୍ମଣ ସମାଜ କର୍ମକର୍ତ୍ତା ପୂଜକ ଭାବେ ରହିଛନ୍ତି। ଭଗବତ ପାରାୟଣ ଜ୍ଞାନ ଯଜ୍ଞରେ ବ୍ୟାସ ଭାବେ ଇପ୍ସିତ ମିଶ୍ର ଓ ପ୍ରବଚକ ଭାବେ ପଣ୍ଡିତ ଅଜିତ କୁମାର ଦାସ ରହିଛନ୍ତି। ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହେଉଛି। ଆସନ୍ତା ସୋମବାର ଯଜ୍ଞର ପୂର୍ଣ୍ଣାହୁତି ହେବାକୁ ଥିବା ଆବାହକ ଚିତ୍ରସେନ ଦାସ ସୂଚନା ଦେଇଛନ୍ତି।

## ବୃଦ୍ଧାଙ୍କୁ ମୃତ ଦର୍ଶାଇ ଭତ୍ତା ହଡ଼ପ ଅଭିଯୋଗ

ଥୁଆମୂଳ ରାମପୁର, ୧୪।୨ (ଦୁର୍ଗା କୀର୍ତ୍ତି)



ଭତ୍ତା ଅପେକ୍ଷାରେ ସାବିତ୍ରୀ ନାୟକ।

ଜୀବିତ ଥାଇ ବି ଜଣେ ବୃଦ୍ଧାଙ୍କୁ ମୃତ ଦର୍ଶାଇ ତାଙ୍କ ଭତ୍ତା ଟଙ୍କା ହଡ଼ପ କରାଯାଉଥିବା ଅଭିଯୋଗ ହୋଇଛି। ଏଭଳି ଘଟଣା କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ଅଡ୍ରି ପଞ୍ଚାୟତର ଦୋଲଗୁଡ଼ା (ଟଟାପଡ଼ା) ଗ୍ରାମରେ ଦେଖିବାକୁ ମିଳିଛି। ଗ୍ରାମର ସାବିତ୍ରୀ ନାୟକଙ୍କୁ ପାଖାପାଖି ୮୦ ବର୍ଷ ହେବ। ସାବିତ୍ରୀ ପୂର୍ବରୁ ୫୦୦ ଟଙ୍କା ଭତ୍ତା ପାଉଥିବାବେଳେ ୪ ବର୍ଷ ହେଲା ସେଥିରୁ ବଞ୍ଚିତ ଅଛନ୍ତି। ଏପରି କି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ତାଙ୍କୁ ଘର ଖଣ୍ଡେ ମଧ୍ୟ ମିଳିପାରି ନାହିଁ। ତାଙ୍କ ସ୍ୱାମୀ ପ୍ରସାଦ ନାୟକଙ୍କୁ ମଧ୍ୟ ଗତ ୪ ମାସ ହେଲା ଭତ୍ତା ମିଳୁନାହିଁ। ସାବିତ୍ରୀଙ୍କୁ ୪ ବର୍ଷର ବକେୟା ଟଙ୍କା ସହ ବର୍ଦ୍ଧିତ ଭତ୍ତା ପ୍ରଦାନ କରିବାକୁ ସାଧାରଣରେ ଦାବି ହେଉଛି। ଜିଲା ପ୍ରଶାସନ ତୁରନ୍ତ ଏଥିପ୍ରତି ଦୃଷ୍ଟି ନ ଦେଲେ ଆଗାମୀ ଦିନରେ ଅଞ୍ଚଳବାସୀ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ଅଡ୍ରି ପଞ୍ଚାୟତର ପିଇଓ କୀର୍ତ୍ତି ଚନ୍ଦ୍ର ମାଝୀଙ୍କୁ ପଚାରିବାରୁ ସେ କହିଥିଲେ, ମୁଁ ପୂର୍ବରୁ ଏହି ପଞ୍ଚାୟତ ଦାୟିତ୍ୱରେ ନ ଥିଲି, କାହିଁକି ଏଭଳି ହୋଇଛି ମୁଁ ଦେଖୁଛି। ବ୍ଲକ୍‌ରୁ ମଧ୍ୟ ଏ ନେଇ ସୂଚନା ମିଳିଛି ଓ ମୁଁ ବୃଦ୍ଧାଙ୍କ ସମସ୍ତ ତଥ୍ୟ ବିଏସ୍ଏସ୍ଓ କାର୍ଯ୍ୟାଳୟରେ ଦେଇସାରିଛି। ସେହିପରି ବିଡିଓ ଧ୍ରୁବ ଚରଣ ମୁଦୁଲି ମଧ୍ୟ ଘଟଣାର ତଦନ୍ତ କରିବେ ବୋଲି କହିଛନ୍ତି।

## ରେଗୁଲାରରେ ୨୦୯୬୮ ଛାତ୍ରୀଛାତ୍ର ପରୀକ୍ଷା ଦେବେ

### ୧୯ରୁ ମାଟ୍ରିକ୍ ପରୀକ୍ଷା

### ୧୪ ନୋଡାଲ ସେଣ୍ଟରରେ ପହଞ୍ଚିଲାଣି ପ୍ରଶ୍ନପତ୍ର

ଭବାନୀପାଟଣା, ୧୪।୨ (ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲାରେ ମାଟ୍ରିକ ପରୀକ୍ଷା ପାଇଁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। ଫେବୃଆରୀ ୧୯ରୁ ପରୀକ୍ଷା ଆରମ୍ଭ ହେବାକୁ ଥିବାବେଳେ ଏଥିନିମନ୍ତେ ୧୪ଟି ନୋଡାଲ ସେଣ୍ଟର ରହିଛି। ଚଳିତବର୍ଷ ତୁର୍କେଲ ବ୍ରିଜରେ ଯାନବାହନ ଚଳାଚଳ ବନ୍ଦ ଥିବାରୁ ବୋର୍ଡାଠାରେ ଅତିରିକ୍ତ ନୋଡାଲ ସେଣ୍ଟର କରାଯାଇଛି। ସମସ୍ତ ନୋଡାଲ ସେଣ୍ଟରକୁ ପ୍ରଶ୍ନପତ୍ର ପହଞ୍ଚିସାରିଛି ବୋଲି ବିଭାଗ ପକ୍ଷରୁ ସୂଚନା ମିଳିଛି। ଚଳିତବର୍ଷ ରେଗୁଲାରରେ ୨୦୯୬୮ ଜଣ, ଏକ୍ସ ରେଗୁଲାରରେ ୧୦୬ ଜଣ କରେସପଣ୍ଡେନ୍ସ କୋର୍ସରେ ୩୪ ଜଣ ଓ ରାଜ୍ୟମୁକ୍ତ ସ୍କୁଲ ଅଧୀନରେ ୨୮୫ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବେ। ଜିଲାର ୧୩୦ କେନ୍ଦ୍ରରେ ଛାତ୍ରୀଛାତ୍ର ପରୀକ୍ଷା ଦେବାକୁ ଥିବାବେଳେ ରାଜ୍ୟ ମୁକ୍ତ ବିଦ୍ୟାଳୟ ନିମନ୍ତେ ବ୍ରଜବିହାର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଛାତ୍ରୀଛାତ୍ର ପରୀକ୍ଷା ଦେବେ। ପ୍ରଶ୍ନପତ୍ର ପହଞ୍ଚାଇବା ପାଇଁ ୩୫ ଟିମ ନିୟୋଜିତ ହୋଇଛନ୍ତି। ପରୀକ୍ଷା ପରିଚାଳନା ପାଇଁ ୧୩୧ ଜଣ ପର୍ଯ୍ୟବେକ୍ଷକ, ୩ଟି ସ୍କ୍ୱାଡ୍, ଗୋଟିଏ ବୋର୍ଡ ସ୍କ୍ୱାଡ ଓ ଜିଲା ପ୍ରଶାସନର ଗୋଟିଏ ସ୍କ୍ୱାଡ୍ କପି ରୋକିବା ପାଇଁ ନିୟୋଜିତ ରହିବେ। ସମସ୍ତ ନୋଡାଲ ସେଣ୍ଟର ଓ ପରୀକ୍ଷା କେନ୍ଦ୍ରରେ ଏଆଇ କ୍ୟାମେରା ସିସିଟିଭି ଲଗାଯାଇଛି। କପି ରୋକିବା ଓ ପ୍ରଶ୍ନପତ୍ର ପ୍ରଘଟ ରୋକିବା ପାଇଁ ଏଆଇ କ୍ୟାମେରା ବ୍ୟବସ୍ଥା ରହିଛି। ଏ ନେଇ ଜିଲାସ୍ତରରେ ଜିଲାପାଳଙ୍କ ନେତୃତ୍ୱରେ ସମସ୍ତ ନୋଡାଲ ସେଣ୍ଟର ଅଧିକାରୀ, ସେଣ୍ଟର ସୁପରିଣ୍ଟେଣ୍ଡେଣ୍ଟ ଓ ଅବଜରଭରମାନଙ୍କୁ ନେଇ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା।

# ୧୨.୮୯ କୋଟି ଟଙ୍କାରେ ହେବ ସ୍ଥାୟୀ ରାଜମହଲ

**ଧନୁଯାତ୍ରା ଇତିହାସରେ ପ୍ରଥମ**

- ୧୧ଦିନ ନୁହେଁ, ୩୬୫ ଦିନ କାମରେ ଆସିବ
- ଅତିଥି ଭବନ ସହ ଶିଶୁ କରିବେ ବିନୋଦନ

ବରଗଡ଼,୧୪।୨(ପ୍ରେମାନନ୍ଦ ଖମାରୀ)

ବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚ ଧନୁଯାତ୍ରା ମହୋତ୍ସବ ପାଇଁ ସାରାବିଶ୍ୱରେ ବରଗଡ଼ର ସ୍ୱତନ୍ତ୍ର ପରିଚୟ ରହିଛି। ଗତ ଜାନୁଆରୀ ମାସରେ ୭୮ତମ ଧନୁଯାତ୍ରା ମହୋତ୍ସବ ସରିଯାଇଛି। କିନ୍ତୁ ଏହି ମହୋତ୍ସବ ପାଇଁ ଏପର୍ଯ୍ୟନ୍ତ କୌଣସି ସ୍ଥାୟୀ ମଞ୍ଚ, ଦରବାର କିମ୍ବା ରାଜମହଲ ହୋଇପାରି ନାହିଁ। ୭୮ତମ ଧନୁଯାତ୍ରା ସରିଥିଲେ ମଧ୍ୟ ଏପର୍ଯ୍ୟନ୍ତ ରାଜମହଲ ପାଇଁ ଧନୁଯାତ୍ରା ମହୋତ୍ସବ ସମିତିକୁ ଭଡ଼ା ଦେବାକୁ ପଡୁଥିଲା। ତେବେ ନୂଆଁ ସରକାର ଆସିବା ପରେ ଧନୁଯାତ୍ରା ମହୋତ୍ସବରେ ନୂତନତ୍ୱ ଆସିଛି। ନୂଆ ପରିକଳ୍ପନାରେ ଏହି ମହୋତ୍ସବ ଆୟୋଜିତ ହେଉଛି। କ୍ରମାଗତ ୨ଥର ଧନୁଯାତ୍ରା ମହୋତ୍ସବକୁ ଖୋଦ୍ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଆସିଛନ୍ତି। ଏହା ଧନୁଯାତ୍ରା ଇତିହାସରେ ପ୍ରଥମ ଅଟେ। କେବଳ ସେତିକି ନୁହେଁ, ଏହି ମହୋତ୍ସବ ପାଇଁ ନୂଆ ସରକାର ଐତିହାସିକ ପଦକ୍ଷେପ ନେଉଛନ୍ତି। ନୂଆ ସରକାର ଆସିବା ପରେ ପ୍ରଥମଥର ପାଇଁ ମଥୁରାନଗରୀ ଏବଂ ଗୋପପୁରର ବିଭିନ୍ନ ସ୍ଥାନରେ ଧନୁଯାତ୍ରାର ସ୍ଥାୟୀ ତୋରଣ ନିର୍ମାଣ ହୋଇଥିଲା। ସେହିପରି କଳାକାରଙ୍କୁ ୧୦ହଜାର ଟଙ୍କା ଲେଖାଏ ପ୍ରୋତ୍ସାହନ ରାଶି ମିଳିଥିବାବେଳେ ନୂଆ ସରକାର ଆସିବାର ପ୍ରଥମ ବର୍ଷରେ ଧନୁଯାତ୍ରା ଅନୁଦାନ ସହାୟତାକୁ ୧୦ଲକ୍ଷରୁ ୧୦ଗୁଣା ବୃଦ୍ଧି ପାଇ କୋଟିଏ ଟଙ୍କାକୁ ବୃଦ୍ଧି କରିଥିଲେ। ପରବର୍ତ୍ତୀ ଧନୁଯାତ୍ରାରେ ଏହା ଦେଢ଼କୋଟିକୁ ବୃଦ୍ଧି ପାଇଛି। ତେବେ କଥା ଏତିକିରେ ସରି ନାହିଁ। ଧନୁଯାତ୍ରାର ଗାରିମାକୁ ଲକ୍ଷ୍ୟ କରି ଅସ୍ଥାୟୀ ମଞ୍ଚରେ ଚାଲିଥିବା ଧନୁଯାତ୍ରା ମହୋତ୍ସବର ସ୍ଥାୟୀ ମଞ୍ଚ ନିର୍ମାଣକୁ ଗୁରୁତ୍ୱ ଦେଇ ଅନୁଦାନ ଘୋଷଣା କରିଛନ୍ତି। ଏହି କ୍ରମରେ ଧନୁଯାତ୍ରା ରାଜ ମହଲ ପାଇଁ ରାଜ୍ୟ ସରକାର ୧୨କୋଟି ୮୯ଲକ୍ଷ ଟଙ୍କା ଅନୁଦାନ ଘୋଷଣା କରିଛନ୍ତି। ସ୍ଥାନୀୟ ସରକାରୀ ବସଷ୍ଟାଣ୍ଡ ପଛପଟ ରଙ୍ଗମହଲ ପଡ଼ିଆରେ ଏହା ନିର୍ମାଣ ହେବ ଏବଂ ଶନିବାର ସନ୍ଧ୍ୟାରେ ନିର୍ମାଣ କାର୍ଯ୍ୟର ଶୁଭାରମ୍ଭ ହୋଇଛି। ବରଗଡ଼ ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀ ଏହାର ଶୁଭାରମ୍ଭ କରିଥିଲେ। ଏହି ପରିପ୍ରେକ୍ଷୀରେ ସନ୍ଧ୍ୟା ୫ଟାରେ ଧନୁଯାତ୍ରା ମହୋତ୍ସବ ସମିତିର କର୍ମକର୍ତ୍ତା, ସଭ୍ୟବୃନ୍ଦ ଏବଂ ସହରବାସୀଙ୍କ ଗହଣରେ ବିଧାୟକ ଷଡ଼ଙ୍ଗୀ ସ୍ଥାନୀୟ ରଙ୍ଗ ମହଲ ପଡ଼ିଆକୁ ପହଞ୍ଚିଥିଲେ। ସେଠାରେ ସେ ନିର୍ମାଣ କାର୍ଯ୍ୟର ଶୁଭାରମ୍ଭ କରିଥିବାବେଳେ ଦେବେଶ ଶତପଥୀଙ୍କ ସଂଯୋଜନାରେ ଏକ ସଭା ହୋଇଥିଲା।

ସଭାରେ ବିଧାୟକ ଷଡ଼ଙ୍ଗୀ କହିଥିଲେ, ନୂଆ ସରକାର ଆସିବା ପରେ ମୁଖ୍ୟମନ୍ତ୍ରୀ ସବୁଥର ଧନୁଯାତ୍ରା ମହୋତ୍ସବକୁ ରାଜ ଅତିଥି ଭାବେ ଆସୁଛନ୍ତି। ଧନୁଯାତ୍ରା ମହୋତ୍ସବକୁ ଆହୁରି ଦିଗନ୍ତ ଏବଂ ଆକର୍ଷଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଉଛନ୍ତି ଏବଂ ସେ କଂସ ମହାରାଜଙ୍କ ସମ୍ମୁଖରେ ଅନୁଦାନ ଘୋଷଣା କରିଛନ୍ତି। ଏହି କ୍ରମରେ ଧନୁଯାତ୍ରା କଳାକାରଙ୍କ ପ୍ରୋତ୍ସାହନ ରାଶିଠାରୁ ଆରମ୍ଭ କରି ସ୍ଥାୟୀ ରାଜ ମହଲ ନିର୍ମାଣ ପାଇଁ ସେ ଅନୁଦାନ ଘୋଷଣା କରିଛନ୍ତି। ତେବେ ୧୨କୋଟି ୮୯ଲକ୍ଷ ଟଙ୍କାରେ ହେବାକୁ ଥିବା ରାଜମହଲ କେବଳ ୧୧ଦିନର ଧନୁଯାତ୍ରା ମହୋତ୍ସବ ପାଇଁ ନୁହେଁ। ବର୍ଷସାରା ତଥା ୩୬୫ ଦିନ ଏହା ଲୋକଙ୍କ କାମରେ ଆସିବ। ଏଠାରେ କଲ୍ୟାଣ ମଣ୍ଡପ ହେବ। ସେହିପରି ଅତିଥି ଭବନ ହେବ ଏବଂ ଶିଶୁମାନଙ୍କ ଦକ୍ଷତା ବିକାଶ ଏବଂ ବିନୋଦନ ପାଇଁ ପଦକ୍ଷେପ ନିଆଯିବ। ତେବେ କେବଳ ରାଜମହଲ ନୁହେଁ, ଆଗକୁ ଧନୁଯାତ୍ରାର ମଥୁରାନଗରୀ ଏବଂ ଗୋପପୁରରେ ମଧ୍ୟ ଅନ୍ୟ ସ୍ଥାୟୀ ମଞ୍ଚ ନିର୍ମାଣ ହେବ ବୋଲି ବିଧାୟକ ଷଡ଼ଙ୍ଗୀ କହିଥିଲେ। ଜୀରାନଦୀରେ ଏକ ଆନିକଟ୍ ନିର୍ମାଣ ହେବାକୁ ଯାଉଛି ଏବଂ ତାହା ଧନୁଯାତ୍ରା ମହୋତ୍ସବରେ ଯମୁନା ନଈର ଆକର୍ଷଣକୁ ଆହୁରି ବୃଦ୍ଧି କରିବ ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଧନୁଯାତ୍ରା ମହୋତ୍ସବ ସମିତିର ଆବାହକ ତଥା ସମ୍ପାଦକ ସୁରେଶ୍ୱର ଶତପଥୀ, ରାଜ ଦରବାର କମିଟିର ଆବାହକ ରାଜେନ୍ଦ୍ର ପ୍ରସାଦ ସିଂ, ପୂର୍ତ୍ତ ବିଭାଗ ନିର୍ବାହୀ ଅଧିକାରୀ ଅରୁଣ ପାଣ୍ଡେଙ୍କ ସମେତ ବିଭାଗୀୟ ଯନ୍ତ୍ରୀ ଏବଂ ଧନୁଯାତ୍ରା କମିଟିର ସଭ୍ୟବୃନ୍ଦ ଉପସ୍ଥିତ ଥିଲେ।




ବରଗଡ଼ ବିଧାୟକ ଧନୁଯାତ୍ରା ସ୍ଥାୟୀ ରାଜମହଲ ନିର୍ମାଣ କାର୍ଯ୍ୟର ଶୁଭାରମ୍ଭ କରୁଛନ୍ତି। ନିର୍ମାଣକାର୍ଯ୍ୟର ଶୁଭାରମ୍ଭ ସମୟରେ ଉପସ୍ଥିତ ସହରର ମହିଳାମାନେ।

# ବୌଦ୍ଧ ଜିଲା: ମାଟ୍ରିକ୍ ପରୀକ୍ଷା ଦେବେ ୬୬୪୩ ଛାତ୍ରୀଛାତ୍ର

ବୌଦ୍ଧ,୧୪।୨(ଅଜିତ କୁମାର ବାରିକ)

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ଫେବୃଆରୀ ୧୯ ତାରିଖରୁ ଆରମ୍ଭ ହେବ। ଏହି ପରୀକ୍ଷା ମାର୍ଚ୍ଚ ୨ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିପାଇଁ ବୌଦ୍ଧ ଜିଲା ଶିକ୍ଷା ବିଭାଗ ପକ୍ଷରୁ ଜୋରସୋର୍ ପ୍ରସ୍ତୁତି ଆରମ୍ଭ ହୋଇଛି। ଜିଲା ଶିକ୍ଷା ବିଭାଗ ପକ୍ଷରୁ ମିଳିଥିବା ସୂଚନା ମୁତାବକ, ଚଳିତ ବର୍ଷ ବୌଦ୍ଧ ଜିଲାରେ ମୋଟ୍ ୬୬୪୩ ଜଣ ଛାତ୍ରୀଛାତ୍ର ମାଟ୍ରିକ ପରୀକ୍ଷା ଦେବାକୁ ଥିବାବେଳେ ଏଥିପାଇଁ ୩୩ଟି ପରୀକ୍ଷା କେନ୍ଦ୍ର କରାଯାଇଛି। ୩୨ଟି କେନ୍ଦ୍ରରେ ରେଗୁଲାର ପରୀକ୍ଷା ହେବାକୁ ଥିବାବେଳେ ଗୋଟିଏ କେନ୍ଦ୍ର ଜେବି ଉଚ୍ଚ ବିଦ୍ୟାଳୟ ମାଉଲସିଙ୍ଗାରେ ରାଜ୍ୟ ମୁକ୍ତ ବିଦ୍ୟାଳୟ ପ୍ରତିଷ୍ଠାନର ପରୀକ୍ଷା ହେବ। ଚଳିତ ବର୍ଷ ରେଗୁଲାରରେ ୬୬୨୭ ଜଣ ଏବଂ ଏକ୍ସ ରେଗୁଲାରରେ ମାତ୍ର ୧୪ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ସେହିପରି ରାଜ୍ୟ ମୁକ୍ତ ବିଦ୍ୟାଳୟ ପ୍ରତିଷ୍ଠାନ ଅଧୀନରେ ୬୯ ଜଣ ଛାତ୍ରୀଛାତ୍ର ମାଉଲସିଙ୍ଗା ଜେବିଏଚ୍ଏସ୍ କେନ୍ଦ୍ରରେ ପରୀକ୍ଷା ଦେବେ ବୋଲି ଜଣାପଡିଛି। ପରୀକ୍ଷାକୁ ସୁଚାରୁ ରୂପେ ପରିଚାଳନା କରିବା ପାଇଁ ତିନି ବ୍ଲକରେ ନୋଡାଲ କେନ୍ଦ୍ର କରାଯାଇଛି। ବୌଦ୍ଧ ବ୍ଲକ ପାଇଁ ବୌଦ୍ଧ ଯୋଗୀନ୍ଦ୍ର ଦେବ ହାଇସ୍କୁଲ, ହରଭଙ୍ଗା ବ୍ଲକର ପୁରୁଣାକଟକ ହାଇସ୍କୁଲ ଓ କଣ୍ଟାମାଳ ବ୍ଲକର କଣ୍ଟାମାଳ ହାଇସ୍କୁଲକୁ ନୋଡାଲ କେନ୍ଦ୍ର କରାଯାଇଛି। ପରୀକ୍ଷା ପରିଚାଳନା ପାଇଁ ୩୩ ଜଣ ସୁପରିଣ୍ଟେଣ୍ଡେଣ୍ଟ ଓ ୩୩ ଜଣ ପର୍ଯ୍ୟବେକ୍ଷକ ନିଯୁକ୍ତ କରାଯିବ ବୋଲି ଜଣାପଡିଛି।

# ମାଧ୍ୟମିକ, ଉଚ୍ଚ ମାଧ୍ୟମିକ ବୋର୍ଡ ପରୀକ୍ଷା ପାଇଁ ପ୍ରଶିକ୍ଷଣ

ବୌଦ୍ଧ,୧୪।୨(ଅଜିତ କୁମାର ବାରିକ)

ବୌଦ୍ଧ ଜିଲାର ଚଳିତ ବର୍ଷ ମାଧ୍ୟମିକ ଓ ଉଚ୍ଚ ମାଧ୍ୟମିକ ବାର୍ଷିକ ବୋର୍ଡ ପରୀକ୍ଷା ପାଇଁ ଜିଲା ଶିକ୍ଷା ବିଭାଗ ପକ୍ଷରୁ କେନ୍ଦ୍ର ପରିଚାଳକ, ପର୍ଯ୍ୟବେକ୍ଷକ ପ୍ରଶ୍ନପତ୍ର ପ୍ରେଷଣ ଅଧିକାରୀମାନଙ୍କୁ ନେଇ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ପିଏମ୍ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ବୌଦ୍ଧରେ ଶନିବାର ଅନୁଷ୍ଠିତ ହୋଇଛି। ଜିଲା ଶିକ୍ଷାଧିକାରୀ ଟେମେଲାଲ ଦୁବେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲାପାଳ ବିଭୂତି ଭୂଷଣ ନାୟକ ଯୋଗଦେଇ ସଠିକ୍ ଓ ନିର୍ଭୁଲ ପରୀକ୍ଷା ପରିଚାଳନା ସହ କେନ୍ଦ୍ରଗୁଡିକୁ ପରିଷ୍କାର, ସିସିଟିଭି ଓ ପାନୀୟ ଜଳ ସୁବିଧା ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଉପ ଆରକ୍ଷୀ ଅଧୀକ୍ଷକ ସ୍ମିତା ସୁଭାଷିନୀ ଟେଟେ, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଚୂଡାମଣି ବାରିକ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ସାମଲ ଉପସ୍ଥିତ ଥିଲେ। ପରୀକ୍ଷାକୁ ସୁଚାରୁ ରୂପେ କରିବାକୁ କାର୍ଯ୍ୟକ୍ରମରେ ଆଲୋଚନା ହେବା ସହ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଜିଲାରେ ଚଳିତ ବର୍ଷ ୩୩ଟି କେନ୍ଦ୍ରରେ ପରୀକ୍ଷା ହେବାକୁ ଥିବାବେଳେ କାର୍ଯ୍ୟକ୍ରମରେ ତିନି ବ୍ଲକର ଶିକ୍ଷାଧିକାରୀ, କେନ୍ଦ୍ର ଅଧ୍ୟକ୍ଷ ଏବଂ ପର୍ଯ୍ୟବେକ୍ଷକମାନେ ଉପସ୍ଥିତ ଥିଲେ।

# ତଡ଼ିପାର୍ ହେବେ ନିଶା ବେପାରୀ

ବରଗଡ଼,୧୪।୨(ପ୍ରେମାନନ୍ଦ ଖମାରୀ)

ବରଗଡ଼ ସହର ବିକାଶକୁ ମୁହାଁଉଛି। କିନ୍ତୁ ଏଠାରେ ଆଇନ ଶୃଙ୍ଖଳା ତଥା ସୁରକ୍ଷା ବ୍ୟବସ୍ଥା ହୁଗୁଳା ହୋଇ ପଡ଼ିଛି। ସ୍ଥାନୀୟ ଯୁବପିଢ଼ୀ ନିଶାଖୋର୍ ହୋଇ ପଥଭ୍ରଷ୍ଟ ହେଉଛନ୍ତି। ଶନିବାର ବରଗଡ଼ ବିଜୁ ପଟ୍ଟନାୟକ ଟାଉନ ହଲରେ ସ୍ଥାନୀୟ ସ୍ୱେଚ୍ଛାସେବୀ ସଙ୍ଗଠନ ସଂକଳ୍ପ ପରିବାରର ଷଷ୍ଠ ପ୍ରତିଷ୍ଠା ଦିବସ ଅବସରରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଭୀଷ୍ମଦେବ ସରାଫ ତାଙ୍କ ଅଭିଭାଷଣରେ ଏହା କହି ଏଥି ଉପରେ ପଦକ୍ଷେପ ନେବାକୁ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଯୋଗଦେଇଥିବା ବରଗଡ଼ ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀଙ୍କୁ ଅନୁରୋଧ କରିଥିଲେ। ମୁଖ୍ୟ ଅତିଥି ଷଡ଼ଙ୍ଗୀ ନିଜ ଅଭିଭାଷଣରେ କହିଥିଲେ, ଏହା ଏକ ସମ୍ବେଦନଶୀଳ ଘଟଣା। ମୋ ନଜରକୁ ଆସିଛି। ଏହାକୁ ଗୁରୁତର ସହିତ ନେଇଛି। ପୋଲିସ, ପ୍ରଶାସନ ସହିତ ଆଲୋଚନା କରିଛି। ଏଭଳି ସ୍ଥିତିରେ ଆମେ ସମସ୍ତେ ନିଶା ବେପାରୀ କିମ୍ବା ନିଶା ବେପାର ପାଇଁ ଅର୍ଥ ଯୋଗାଉଥିବା ବଡ଼ବଡ଼ିଆଙ୍କୁ ତଡିପାର୍ କରିବାର ଜରୁରୀ ହୋଇଛି। ଏଭଳି ସ୍ଥିତିରେ ସହରର ସମସ୍ତ ସାମାଜିକ, ସ୍ୱେଚ୍ଛାସେବୀ ଏବଂ ଅନ୍ୟ ଅନୁଷ୍ଠାନ ତଥା ବୁଦ୍ଧିଜୀବୀ, ସଚେତନ ନାଗରିକ ତଥା ଆମେ ସମସ୍ତେ ଏକତ୍ରିତ ହୋଇ ଏଭଳି ଏକ ନିଷ୍ପତ୍ତି ନେବାକୁ ବିଧାୟକ ସମସ୍ତଙ୍କୁ ଆହ୍ୱାନ କରିଥିଲେ।

# ମୁଖ୍ୟ କେନାଲର ଗାର୍ଡୱାଲ କାମ ନିମ୍ନମାନର



ବନ୍ଦେଶ୍ୱରୀ ମୁଖ୍ୟ କେନାଲରେ ହେଉଥିବା ଗାର୍ଡୱାଲ କାମ।

ପଦ୍ମପୁର,୧୪।୨(ପ୍ରଦୀପ୍ତ ଦାଶ)

**ବନ୍ଦେଶ୍ୱରୀ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ**

ଚାଷୀଙ୍କ ସୁରକ୍ଷା ସହିତ ଜଳସେଚନ ପାଇଁ ବ୍ୟବସ୍ଥା କରୁଥିବା ସରକାର କହୁଥିବା ବେଳେ ପଦ୍ମପୁର ବ୍ଲକ ଦହିଗାଁ ପଞ୍ଚାୟତ ପ୍ରତି ବ୍ୟତିକ୍ରମ ଦେଖାଦେଇଛି। ପଦ୍ମପୁର କ୍ଷୁଦ୍ର ଜଳସେଚନ ଅଧୀନ ବନ୍ଦେଶ୍ୱରୀ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ସରକାରୀ ଅର୍ଥ ଲୁଟିବାର ଏକ ମାଧ୍ୟମ ସାଜିଛି। ବର୍ତ୍ତମାନ ଏହି ପ୍ରକଳ୍ପର ମୁଖ୍ୟ କେନାଲର ଗାର୍ଡୱାଲ କାମ ଚାଲିଥିବାବେଳେ କାର୍ଯ୍ୟସ୍ଥଳରେ କ୍ଷୁଦ୍ର ଜଳସେଚନର କୌଣସି ବିଭାଗୀୟ ଯନ୍ତ୍ରୀ କି କୌଣସି ଖଲାସି ବି ନାହାନ୍ତି। ଏପରିକି କାର୍ଯ୍ୟଭାର ନେଇଥିବା ଠିକାଦାର କି ତାଙ୍କ ମୁନ୍ସି ମଧ୍ୟ ଉପସ୍ଥିତ ନାହାନ୍ତି। କାର୍ଯ୍ୟସ୍ଥଳକୁ ଏ ପର୍ଯ୍ୟନ୍ତ ସୂଚନା ଫଳକ ଦିଆଯାଇନ ଥିବା ବେଳେ କଂକ୍ରିଟ କାମରେ ନିମ୍ନମାନର ସିମେଣ୍ଟ ଚିପ୍ସ ବ୍ୟବହାର ହେଉଛି। ଏପରିକି ବେଡ୍‌ରେ ଭାଇବ୍ରେଟର ମଧ୍ୟ ବ୍ୟବହାର ହେଉନାହିଁ। ପ୍ରାୟ ୯୦ ଲକ୍ଷ ଟଙ୍କାର ଏହି ଗାର୍ଡୱାଲ ଅଳ୍ପ ଦିନରେ ଭାଙ୍ଗିଯିବ ବୋଲି ବନ୍ଦେଶ୍ୱରୀ କ୍ଷୁଦ୍ର ଜଳସେଚନ ଅଧୀନରେ ପାଣି ପାଉଥିବା ଚାଷୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ପଦ୍ମପୁର କ୍ଷୁଦ୍ର ଜଳସେଚନ ସରକାରୀ ନିର୍ବାହୀ ଯନ୍ତ୍ରୀ ହେମନ୍ତ ସୋରେନଙ୍କ ଦୃଷ୍ଟି ଆକର୍ଷଣ କରାଯିବାରୁ ସେ କୌଣସି ସନ୍ତୋଷଜନକ ଉତ୍ତର ଦେଇ ନ ଥିବା ବେଳେ ସହକାରୀ ଯନ୍ତ୍ରୀ କଳ୍ପନା ପଧାନ ମୁଁ କାର୍ଯ୍ୟସ୍ଥଳ ଯାଇ ନିରୀକ୍ଷଣ କରିବି ବୋଲି କହିଥିଲେ।

# ବିଜ୍ଞାନ, ଆଧ୍ୟାତ୍ମିକତା ଶୀର୍ଷକ ଉପରେ ଆଲୋଚନାଚକ୍ର

ବୌଦ୍ଧ,୧୪।୨(ଅଜିତ ବାରକ୍)

ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟରେ ବିଜ୍ଞାନ ଓ ଆଧ୍ୟାତ୍ମିକତା ଶୀର୍ଷକ ଉପରେ ଏକ ଜାତୀୟ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ତ୍ରିପୁରା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଦର୍ଶନ ବିଭାଗର ପ୍ରଫେସର ଡ. ଆଦିତ୍ୟ କୁମାର ମହାନ୍ତି ମୁଖ୍ୟବକ୍ତା ରୂପେ ଯୋଗଦେଇ ବିଜ୍ଞାନ ଓ ଆଧ୍ୟାତ୍ମିକତା ଉପରେ ଆଲୋକପାତ କରିଥିଲେ। ଜଟଣୀ କଲେଜ, ଜଟଣୀର ଦର୍ଶନ ବିଭାଗର ପ୍ରାଧ୍ୟାପକ ଡ. ପ୍ରଶାନ୍ତ କୁମାର ପାଣିଗ୍ରାହୀ ବିଜ୍ଞାନରେ ଆଧ୍ୟାତ୍ମିକତାର ଆବଶ୍ୟକତା ଉପରେ ରେଖାପାତ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ନିରଞ୍ଜନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଜାତୀୟ ଆଲୋଚନା ଚକ୍ରରେ ପଦାର୍ଥ ବିଜ୍ଞାନ ଅଧ୍ୟାପକ ବାଲ ଗୋପାଲ ମହାପାତ୍ର ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ। ପରିଶେଷରେ ଉଦ୍ଭିଦ ବିଜ୍ଞାନ ଅଧ୍ୟାପିକା ଗୀତାଞ୍ଜଳି ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଇଂଲିଶ ବିଭାଗର ପ୍ରାଧ୍ୟାପକ ଭାଗ୍ୟବାନ ମହାକୁର ମଞ୍ଚ ପରିଚାଳନା କରିଥିଲେ। ଏହି ଆଲୋଚନା ଚକ୍ରରେ ବହୁ ଛାତ୍ରୀଛାତ୍ର, ଅଧ୍ୟାପିକା ଅଧ୍ୟାପକ ଯୋଗଦାନ କରିଥିଲେ।




ଆଲୋଚନା ଚକ୍ରରେ ମଞ୍ଚାସୀନ ଅତିଥି।

# ପୂର୍ବତନ ସରପଞ୍ଚଙ୍କ ପରଲୋକରେ ଶୋକ

ହରଭଙ୍ଗା,୧୪।୨(ନରେନ୍ଦ୍ର କୁମାର ସାହୁ)

ବିଜେଡି ନେତା ତଥା ଧଳପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ବିଶ୍ୱାମିତ୍ର ମହାକୁଡଙ୍କ ଗତ ୩ ତାରିଖରେ ପରଲୋକ ହୋଇଥିଲା। ଶନିବାର ଦ୍ୱାଦଶାହ ଅବସରରେ ପୂର୍ବତନ ବୌଦ୍ଧ ଜିଲା ପରିଷଦ ଅଧ୍ୟକ୍ଷ ଅକ୍ଷୟ କୁମାର ସାହୁଙ୍କ ସଭାପତିତ୍ୱରେ କୁଶସିଙ୍ଗା ଗ୍ରାମରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବୌଦ୍ଧ ଜିଲା ବିଜେଡି ସଭାପତି ପ୍ରଦୀପ କୁମାର ଅମାତ, ପୂର୍ବତନ ମନ୍ତ୍ରୀ ପଦ୍ମନାଭ ବେହେରା, ବିଷ୍ଣୁପ୍ରିୟା ବେହେରା, ଯୁବନେତା ଅବକାଶ ସାହୁ, ବୌଦ୍ଧ କେନ୍ଦ୍ରୀୟ ବ୍ୟାଙ୍କ ସଭାପତି ଅରୁଣ କୁମାର ପ୍ରଧାନ, ସୀତାରାମ ଅଗ୍ରୱାଲ, ପୂର୍ବତନ ଆଠମଲ୍ଲିକ ବ୍ଲକ ଅଧ୍ୟକ୍ଷ ଚିତ୍ତରଞ୍ଜନ କର୍ଣ୍ଣ, ଅମର ମହାକୁଡ, ସୀତାଂଶୁ ମହାକୁଡ, ବିକାଶ ମହାକୁଡ, ନାରାୟଣ ଭୋକ୍ତା ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

# କଫ ସିରପ୍, ବ୍ରାଉନସୁଗାର ଜବତ



ଜବତ ହୋଇଥିବା ବ୍ୟବହୃତ ପିସ୍ତଲ, ବ୍ରାଉନ ସୁଗର।

ବରଗଡ଼,୧୪।୨(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ପୋଲିସ ନିଶା କାରବାର ଧରପଗଡ଼ ଅଭିଯାନକୁ ଜୋରଦାର୍ କରିଛି। ଶୁକ୍ରବାର ବରଗଡ଼ ଟାଉନ ଥାନା ଏବଂ ଗ୍ରାମାଞ୍ଚଳ ଥାନା ପୋଲିସ ଚଢ଼ାଉ କରି କଫ ସିରପ୍, ବ୍ରାଉନ ସୁଗାର ଜବତ କରିଛି। ସ୍ଥାନୀୟ ଟାଉନ ଥାନା ପୋଲିସ ଶନିବାର ସହର ଉପକଣ୍ଠ ଟେଙ୍ଗନାନାଲି ବ୍ରିଜ ନିକଟରୁ ବିପୁଳ ପରିମାଣରେ କଫ ସିରପ୍ ଜବତ କରିଛି। କଫ ସିରପ୍ ଚାଲାଣ କରୁଥିବା ଏକ ୪ଚକିଆ ଗାଡ଼ି(ନଂ-୧୫ଏସି ୬୦୨୭), ଏକ ସ୍କୁଟି(ନଂ-ଓଡ଼ି୧୭ୱାଇ ୫୩୭୯) ଜବତ ହୋଇଛି। ଏହା ସହିତ ୧୭୮ ବୋତଲ କଫ ସିରପ୍, ଗୋଟିଏ ଦେଶୀ ବନ୍ଧୁକ, ୨ ରାଉଣ୍ଡ ଗୁଳି, ନଗଦ ୨୫୦୦ ଟଙ୍କା ପୋଲିସ ଜବତ କରିଛି। ସେହିପରି ଏଥିରେ ସମ୍ପୃକ୍ତ ୩ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ, ବରଗଡ଼ ଜିଲା ସୋହେଲା ଥାନା ବନାବିରା ଗ୍ରାମର ଚୂଡ଼ାମଣି ସେଠ(୪୭), ବରଗଡ଼ ଟାଉନ ଥାନା ୱାର୍ଡ ନଂ-୧ କେଶବନଗର ନିବାସୀ ସୁରଜ ସାହୁ(୩୬) ଏବଂ ଚନ୍ଦନନଗର ନିବାସୀ ପ୍ରମୋଦ ମୁଗୁରୀ(୩୦)। ବରଗଡ଼ ସଦର ଥାନା ପୋଲିସ ସେମାନଙ୍କ ବିରୋଧରେ ଏକ ମାମଲା(ନଂ-୫୮/୨୬) ରୁଜୁ କରିଛି।

ସେହିପରି ବରଗଡ଼ ଗ୍ରାମାଞ୍ଚଳ ଥାନା ପୋଲିସ ବ୍ରାଉନ ସୁଗାର କାରବାରରେ ୨ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ, ବରଗଡ଼ ଟାଉନ ଥାନା ୱାର୍ଡ ନଂ-୮ ଅନ୍ତର୍ଗତ ଖଜୁରଟିକ୍ରାର ରାହୁଲ ଓରଫ୍ ସୋନ ପ୍ରଧାନ(୨୬) ଏବଂ ବରଗଡ଼ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ପାଣିଛତର ନିବାସୀ ବଲିଆ ମଲ୍ଲିକ(୨୮)। ସେମାନଙ୍କ ପାଖରୁ ୪୬ ଗ୍ରାମ୍ ବ୍ରାଉନସୁଗାର, ମୋବାଇଲ ଆଦି ଜବତ ହୋଇଛି। ଏ ନେଇ ଗ୍ରାମାଞ୍ଚଳ ଥାନା ପୋଲିସ ଏକ ମାମଲା(ନଂ-୩୩/୨୬) ରୁଜୁ କରିଛି। ଗିରଫ ୨ଅଭିଯୁକ୍ତଙ୍କ ବିରୋଧରେ ଆଗରୁ ମଧ୍ୟ ମାମଲା ରହିଥିବା ପୋଲିସ କହିଛି।

# ଆଜି ମହାଶିବରାତ୍ରି, ବିଶ୍ୱେଶ୍ୱର ପୀଠ ଚଳଚଞ୍ଚଳ

ଅତାବିରା,୧୪।୨ (ଯୁଧିଷ୍ଠିର ମହାପାତ୍ର)



ବରଗଡ଼ ଜିଲା ଅତାବିରା ବ୍ଲକ ସରଣ୍ଡାରେ ରହିଛି ବାବା ବିଶ୍ୱେଶ୍ୱରଙ୍କ ପୀଠ। ପଶ୍ଚିମ ଓଡ଼ିଶାର ଅଷ୍ଟଶମ୍ଭୁ ଶୈବପୀଠ ମଧ୍ୟରେ ବାବା ବିଶ୍ୱେଶ୍ୱରଙ୍କ ପୀଠର ମହିମା ସ୍ୱତନ୍ତ୍ର। ପୁଣି ଜାନୁଆରୀ ୨୬ ତାରିଖରେ ଏହି ପୀଠରେ ଦେଶର ବିଭିନ୍ନ ପ୍ରାନ୍ତରରେ ଥିବା ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ପ୍ରତିକୃତିରେ ୧୨ଟି ମନ୍ଦିର ଏକାଠି କରି ପ୍ରତିଷ୍ଠା ସମ୍ପୂର୍ଣ୍ଣ କରାଯାଇଛି, ଯାହାକି ବିଶ୍ୱେଶ୍ୱର ପୀଠର ମହିମା ଓ ଶୋଭାକୁ ଦ୍ୱିଗୁଣିତ କରିଛି। ଫଳରେ ମହାଶିବରାତ୍ରି ପାଇଁ ଚଳଚଞ୍ଚଳ ହୋଇପଡ଼ିଛି ସରଣ୍ଡା ଅଷ୍ଟଶମ୍ଭୁ ଶୈବପୀଠ। ଏହି ପୀଠରେ ବର୍ଷର ବିଭିନ୍ନ ସମୟରେ ନାନା ପର୍ବ ପାଳନ କରାଯାଏ। ହେଲେ ମହାଶିବରାତ୍ରି ମେଳା ବାବା ବିଶ୍ୱେଶ୍ୱରଙ୍କର ପ୍ରମୁଖ ପର୍ବ ତଥା ଯାତ୍ରା ମହୋତ୍ସବ। ଏହି ଦିନ ବାବାଙ୍କ ଦର୍ଶନ ପାଇଁ ଭୋରରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଶ୍ରଦ୍ଧାଳୁଙ୍କ ଭିଡ଼ ଜମେ। ସନ୍ଧ୍ୟା ୫ରୁ ଉଜାଗର ଥିବା ଭକ୍ତ ମାନସିକ ଦୀପ ଜାଳି ଚାରି ପ୍ରହର ପୂଜାପାଠ ସହ ଆଳତି କରିଥା'ନ୍ତି। ମହାଦୀପ ମନ୍ଦିର ଚୂଡ଼ାକୁ ଉଠିଲା ପରେ ଭକ୍ତମାନେ ଉଜାଗର ଶେଷ କରନ୍ତି। ଏହି ଉପଲକ୍ଷେ ଆୟୋଜିତ ମେଳାରେ ନାନା କିସମର ପସରା ଖୋଲନ୍ତି ବ୍ୟବସାୟୀ। ଶ୍ରଦ୍ଧାଳୁମାନେ ଦେବଦେବ ମହାଦେବଙ୍କ ଦର୍ଶନ ସହିତ ମେଳାର ମଜା ଉଠାଇଥାନ୍ତି। ରବିବାର ଫେବୃଆରୀ ୧୫ ତାରିଖ ବାବା ବିଶ୍ୱେଶ୍ୱରଙ୍କ ମହାଶିବରାତ୍ରି ଉଜାଗର ମେଳା।

## ଶିବରାତ୍ରି ପୂଜାପାଠ ଓ ସାଂସ୍କୃତିକ କାର୍ଯ୍ୟକ୍ରମ

ସରଣ୍ଡାରେ ବିରାଜିତ ମହାପ୍ରଭୁ ଶ୍ରୀଶ୍ରୀ ବିଶ୍ୱେଶ୍ୱରଙ୍କ ମହାଶିବରାତ୍ରି ଓ ଜାଗର ମହୋତ୍ସବ ପାଳନ ପାଇଁ ମନ୍ଦିର ପରିଚାଳନା କମିଟି ପକ୍ଷରୁ ପୂଜାନୀତି କାର୍ଯ୍ୟ ନିର୍ଘଣ୍ଟ ସ୍ଥିରୀକୃତ କରାଯାଇଛି। ଫାଲ୍‌ଗୁନ କୃଷ୍ଣପକ୍ଷ ଚତୁର୍ଦ୍ଦଶୀ ଇଂରାଜୀ ଫେବୃଆରୀ ୧୫ ତାରିଖ ରବିବାର ମହାଶିବରାତ୍ରି ନୀତି ଅନୁଯାୟୀ ପାଳନ ହେବ। ମହାଶିବରାତ୍ରି ଦିନ ପାହାନ୍ତିଆ ୩ଟା ସମୟରେ ସମସ୍ତ ନୀତିକାନ୍ତି କାର୍ଯ୍ୟ ସମ୍ପୂର୍ଣ୍ଣ ପରେ ଭକ୍ତଙ୍କୁ ବାବା ବିଶ୍ୱେଶ୍ୱର ଦର୍ଶନ ଦେବେ। ସକାଳ ୧୦ଟା ୧୦ ମିନିଟରେ ପୀଠରୁ ବାବା ଚନ୍ଦ୍ରଶେଖର ଓ ମାତା ପାର୍ବତୀ ହରଗୌରୀ ବେଶରେ ଗ୍ରାମ୍ୟ ପରିକ୍ରମା ପାଇଁ ବାହାରିବେ। ସନ୍ଧ୍ୟା ୬ଟାରେ ବାବା ଗ୍ରାମ୍ୟ ପରିକ୍ରମା ସାରି ପୀଠରେ ପହଞ୍ଚିବା ପରେ ବିଶ୍ୱେଶ୍ୱର ବାବାଙ୍କ ଜାଗର ପର୍ବ ପୂଜାବିଧି ଆରମ୍ଭ ହେବ। ପୂଜା ପାଇଁ ଗ୍ରାମ୍ୟ ପୁରୋହିତ ପଣ୍ଡିତ ରାକେଶ ମିଶ୍ରଙ୍କ ଦ୍ୱାରା ସନ୍ଧ୍ୟାଧୂପ ଆଳତି ପରେ ୬ଟାରୁ ପରଦିନ ସୋମବାର ପାହାନ୍ତିଆ ୩ଟା ମଧ୍ୟରେ ଠାକୁରଙ୍କ ୪ ପ୍ରହର ପୂଜା ଅନୁଷ୍ଠିତ ହେବ। ପ୍ରତି ପ୍ରହରରେ ୧୦୮ ଦୀପ ଆଳତି ଅର୍ପଣ କରାଯିବ। ହୋମ ପୂର୍ଣ୍ଣାହୁତି ସରିବା ପରେ ସୋମବାର ପାହାନ୍ତିଆ ୩ଟା ୪୨ରେ ମହାଜାଗର ଦୀପ ଉତ୍ଥାପନ ହେବ। ମନ୍ଦିର ପରିକ୍ରମା କରି ମନ୍ଦିର ଶିଖରକୁ ପ୍ରଥମେ ମହାଦୀପ ଉଠିବ। ତାପରେ ମାନସିକ କରି ଦୀପ ଜାଳିଥିବା ହଜାର ହଜାର ଭକ୍ତ ଦୀପ ଚଢ଼ାଇବେ। ରବିବାର ଅପରାହ୍ନ ୨ଟାରେ ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ନିଶାନଭଙ୍ଗା ଗ୍ରାମର ସମୀର ବିଶ୍ୱାଳ ଓ ଖୁଣ୍ଟମିଣ୍ଡା ପତ୍ରାପାଲି ଗ୍ରାମର ଟିକେତ୍ ସାହୁଙ୍କ ସଂକୀର୍ତ୍ତନ ଏବଂ ରାତ୍ରି ୯ଟାରୁ ବରପାଲି କାଇଁଶିର ଗ୍ରାମର ସଞ୍ଜୁରାଣୀ ସାହୁ ଓ ଭଟଲି କାଶିପାଲି ଗ୍ରାମର ପୂଜାରାଣୀ ବିଶିଙ୍କ ମହିଳା କୀର୍ତ୍ତନ ଦଳ ଭଜନ କୀର୍ତ୍ତନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବେ।

### ଏମାନେ ଯାହା କୁହନ୍ତି ...

**ବାବାଙ୍କ ପୀଠକୁ ସରକାର ଦୃଷ୍ଟି ଦିଅନ୍ତୁ**



ବିଶ୍ୱେଶ୍ୱର ବାବାଙ୍କ ଶୈବପୀଠ ପର୍ଯ୍ୟଟନ ବିଭାଗର ଦୃଷ୍ଟି ପଡ଼ି ନ ଥିଲେ ବି ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ମନ୍ଦିର ନବ ପ୍ରତିଷ୍ଠିତ ହୋଇଛି। ତେବେ ବର୍ତ୍ତମାନ ନୂଆ କରି ଆସିଥିବା ରାଜ୍ୟ ସରକାର ଆମ ମନ୍ଦିରକୁ ରାଜ୍ୟ ପର୍ଯ୍ୟଟନସ୍ଥଳୀର ମାନ୍ୟତା ଦେଲେ ଲୋକେ ବିଶେଷ ଉପକୃତ ହେବେ।

**-ସଚ୍ଚିଦାନନ୍ଦ ମିଶ୍ର, ସଭାପତି, ମନ୍ଦିର ପରିଚାଳନା କମିଟି, ସରଣ୍ଡା**

**ବାବାଙ୍କ ଆଶୀର୍ବାଦରୁ ସବୁ ଠିକ୍ ଚାଲିଛି**



ବାବା ବିଶ୍ୱେଶ୍ୱରଙ୍କ କୃପା ଅପାର। ୩୦୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ହେଲ। ବିଶ୍ୱେଶ୍ୱର ଆସ୍ଥା ଓ ବିଶ୍ୱାସର ଦେବତା ପାଲଟିଛନ୍ତି। ଏହି ପୀଠକୁ ଯିଏ ଆସିଛି, ସିଏ ଭଲ ଅନୁଭୂତି ନେଇ ଫେରିଛି। ବାବାଙ୍କ ଆଶୀର୍ବାଦରୁ ସବୁ ଠିକ୍ ଚାଲିଛି।

**-ମନୋଜ ମହାପାତ୍ର, ସଂଯୋଜକ ପୂଜା କମିଟି, ସରଣ୍ଡା**

**ସମସ୍ତଙ୍କ ପାଇଁ ଭୋଗର ବ୍ୟବସ୍ଥା**



ଏହି ମନ୍ଦିରଟି ଷୋଡ଼ଶ ଖ୍ରୀଷ୍ଟାବ୍ଦରୁ ନିର୍ମାଣ ହୋଇଛି। ଏଠାରେ ଶିବରାତ୍ରି ଦିନ ଭକ୍ତମାନଙ୍କୁ ସକାଳ ୫ଟାରୁ ଖେଚୁଡି ଭୋଗ ଓ ମଧ୍ୟାହ୍ନରେ ଅନ୍ନଭୋଗ ଦେବାର ବ୍ୟବସ୍ଥା କରାଯାଇଛି।

**-ବିନୋଦ ମେହେର, ସମ୍ପାଦକ, ମନ୍ଦିର ପରିଚାଳନା କମିଟି**

**ଶାନ୍ତି ଶୃଙ୍ଖଳା ବଜାୟ ରଖିବାକୁ ଜନ ସହଯୋଗ ଲୋଡ଼ା**



ସରଣ୍ଡାର ବିଶ୍ୱେଶ୍ୱର ବାବା ଏବଂ ସୋର୍ଣ୍ଣାର ସପ୍ନେଶ୍ୱର ବାବାଙ୍କ ମନ୍ଦିରରେ ମହାଶିବରାତ୍ରି ବେଳେ ବହୁ ଭିଡ଼ ପରିଲକ୍ଷିତ ହୋଇଥାଏ। ଏହାକୁ ଆଖି ଆଗରେ ରଖି ଶାନ୍ତି ଶୃଙ୍ଖଳାରେ ଭକ୍ତଙ୍କ ଦର୍ଶନ ଓ ମେଳାର ସଫଳ ସମାପନ ପାଇଁ ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠନ କରାଯାଇଛି। ଜନସାଧାରଣ ଓ ଭକ୍ତ ଏ ଦିଗରେ ସହଯୋଗ କରିବେ ବୋଲି ଆଶା କରୁଛି।

**-ପ୍ରକାଶ କର୍ଣ୍ଣ, ଆଇଆଇସି, ଅତାବିରା ଥାନା, ଅତାବିରା**

# କୃଷି ବିଜ୍ଞାନ କେନ୍ଦ୍ର ବୈଜ୍ଞାନିକ ଉପଦେଷ୍ଟା ମଣ୍ଡଳୀ ବୈଠକ

ସୁନ୍ଦରଗଡ଼, ୧୩।୨
(ଜୟ ନାରାୟଣ ମେଣ୍ଢୁଲି)

କିରେଇସ୍ଥିତ କୃଷି ବିଜ୍ଞାନ କେନ୍ଦ୍ରର ୨୨ତମ ବୈଜ୍ଞାନିକ ଉପଦେଷ୍ଟା ମଣ୍ଡଳୀ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ସମ୍ପ୍ରସାରଣ ଅଧକ୍ଷ ପ୍ରଫେସର ପ୍ରସନ୍ନଜିତ ମିଶ୍ର ଅଧକ୍ଷତା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଯୁଗ୍ମ-ନିର୍ଦ୍ଦେଶକ(ସମ୍ପ୍ରସାରଣ) ପ୍ରଫେସର ରବିରତ୍ନ ଦାଶ ବୈଜ୍ଞାନିକ ଉପଦେଷ୍ଟା ମଣ୍ଡଳୀର ବୈଠକକୁ ପରିଚାଳନା କରିଥିଲେ ଓ କୁଳପତି ଓୟୁଏଟିଙ୍କ ପ୍ରତିନିଧି ପ୍ରଫେସର ପ୍ରସନ୍ନ କୁମାର ସାମନ୍ତ ଯୋଗଦେଇଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡ. ଲକ୍ଷ୍ମୀପ୍ରିୟା ପ୍ରଧାନ କେନ୍ଦ୍ରର ବାର୍ଷିକ ବିବରଣୀ ପାଠ କରିବା ସହିତ ଆଗାମୀ ବର୍ଷର କାର୍ଯ୍ୟକ୍ରମ ଖସଡା ଉପସ୍ଥାପନା କରିଥିଲେ। ଭାରତୀୟ କୃଷି ଅନୁସନ୍ଧାନ ପରିଷଦ-ଆଟାରି, କୋଲକାତାର ପ୍ରମୁଖ ବୈଜ୍ଞାନିକ ଡ. କଲ୍ୟାଣ ସୁନ୍ଦର ଦାସ, କେନ୍ଦ୍ରୀୟ ଉଦ୍ୟାନ ଫସଲ ପରୀକ୍ଷଣ କେନ୍ଦ୍ରର ମୁଖ୍ୟ ଡ. ଗୋବିନ୍ଦ ଚନ୍ଦ୍ର ଆଚାର୍ଯ୍ୟ, ଚିପିଲିମାସ୍ଥିତ ଆଞ୍ଚଳିକ କୃଷି ଗବେଷଣା କେନ୍ଦ୍ରର ସହଯୋଗୀ ଗବେଷଣା ନିର୍ଦ୍ଦେଶକ ଡ. ସଂଯୁକ୍ତା ମହାପାତ୍ର, ମୁଖ୍ୟ ଜିଲା କୃଷି ଅଧିକାରୀ ଲାଲବିହାରୀ ମଲ୍ଲିକ, ମୁଖ୍ୟ ଜିଲା ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ସନ୍ତୋଷ କୁମାର ପାଣିଗ୍ରାହୀ, ପ୍ରକଳ୍ପ ନିର୍ଦ୍ଦେଶକ (ଜଳ ବିଭାଜିକା) ପ୍ରସନ୍ନ କୁମାର ପାତ୍ର, ଜିଲା ପରିଚାଳକ ଓଡ଼ିଶା କୃଷି ଶିଳ୍ପ ନିଗମ ସୁବୋଧ ତନୟ ପାଣିଗ୍ରାହୀ, ଜିଲା ଶିଳ୍ପ କେନ୍ଦ୍ରର ଅଧିକାରୀ ଆନନ୍ଦ କୁମାର ପଟେଲ, ଜିଲା ସମାଜ ମଙ୍ଗଳ କାର୍ଯ୍ୟାଳୟର କାର୍ଯ୍ୟକ୍ରମ ଅଧିକାରୀ କ୍ରୀଷ୍ଣା କୁମାରୀ ନନ୍ଦ, ଜିଲା ମତ୍ସ୍ୟ ଅଧିକାରୀ ବିବେକ ସୋରେନ, ନିର୍ବାହୀ ଯନ୍ତ୍ରୀ (ବୃହତ୍ ଉଠା ଜଳସେଚନ ପ୍ରକଳ୍ପ) ଇଂ. ଦେବୀ ପ୍ରସନ୍ନ ସ୍ୱାଇଁ, ଅଧୀକ୍ଷଣ ଯନ୍ତ୍ରୀ (କ୍ଷୁଦ୍ର ଜଳସେଚନ) ଇଂ. ଧୀରେନ୍ଦ୍ର କୁମାର ନାଏକ, ସହକାରୀ ଉଦ୍ୟାନ କୃଷି ଅଧିକାରୀ ଈପ୍ସିତା କିସାନ, ଏ.ଆର.ସି.ଏସ. କିତ୍ରୋ ପ୍ରଧାନ, ଆଞ୍ଚଳିକ କୃଷି ଗବେଷଣା ଉପ-କେନ୍ଦ୍ର, କିରେଇର ବରିଷ୍ଠ ବୈଜ୍ଞାନିକ ଡ. ସଜୀବ କୁମାର ବିଶ୍ୱାସୀ, କୃଷି ବିଜ୍ଞାନ କେନ୍ଦ୍ର, ଝାରସୁଗୁଡାର ବରିଷ୍ଠ ବୈଜ୍ଞାନିକ ଏବଂ ମୁଖ୍ୟ ସମୀର ରଞ୍ଜନ ଦାସ, ରାଉରକେଲାର ଡ. ଜୟନ୍ତ କୁମାର ପତି, ଦେବଗଡ଼ର ବୈଜ୍ଞାନିକ ଡ. କ୍ଷୀରୋଦ କୁମାର ବିଶ୍ୱାଳଙ୍କ ସମେତ ଉପସ୍ଥିତ ବିଭିନ୍ନ ବିଭାଗର ଅଧିକାରୀ, ଆମନ୍ତ୍ରିତ ଅଗ୍ରଣୀ ଚାଷୀ ଓ ଏନ.ଜି.ଓ ସି.ଆଇ.ଆର.ଟି.ଡି, ସେବକ, ସାମାଜିକ ସେବା ସଦନର ଅଧିକାରୀ ଏବଂ ପ୍ରତିନିଧି ଯୋଗଦେଇ ସୁଚିନ୍ତିତ ମତାମତ ଓ ପରାମର୍ଶ ଦେଇଥିଲେ। ଯାନ୍ତ୍ରିକ ପଦ୍ଧତିରେ ଧାନର ଧାଡ଼ିବୁଣା, ପୁଷ୍ଟିଶସ୍ୟଗୁଡ଼ିକର ଚାଷ, ବିଭିନ୍ନ ମୂଲ୍ୟଯୁକ୍ତ ପଦାର୍ଥ ପ୍ରସ୍ତୁତି, ଫସଲ ବିବିଧିକରଣ କାର୍ଯ୍ୟକ୍ରମ, ରୋଗ ପୋକ ପରିଚାଳନା, ପ୍ରାକୃତିକ କୃଷି, ଛତୁ ଚାଷ, ମହୁଚାଷ, ଜିଆଖତ ଚାଷ, ପୁଷ୍ଟିଶସ୍ୟରେ ଯାନ୍ତ୍ରୀକରଣ ଓ ବିହନ ଉତ୍ପାଦନ, ଛତୁର ମୂଲ୍ୟଯୁକ୍ତ ପଦାର୍ଥ ପ୍ରସ୍ତୁତି, ନ୍ୟୁଟ୍ରିକୁକିଜ ପ୍ରସ୍ତୁତି ଓ ଗୁଣାତ୍ମକମାନ, ସମନ୍ୱିତ କୃଷି ପଦ୍ଧତି, ମୃତ୍ତିକା ପରିଚାଳନା ଓ ସମନ୍ୱିତ ଖାଦ୍ୟ ସାର ପରିଚାଳନା, ସ୍ପିରୁଲିନା ଚାଷ ଓ ବ୍ୟବହାର, କୃଷି ଯାନ୍ତ୍ରୀକରଣ ଓ ଜିଲାରେ ଫଳଚାଷର ବ୍ୟାପକତା ଉପରେ ବିଶେଷ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୃତ୍ତିକା ବୈଜ୍ଞାନିକ ଡ. ମନୋଜ କୁମାର ଜେନା ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। କୃଷି ସମ୍ପ୍ରସାରଣ ବୈଜ୍ଞାନିକ ଡେଭିଡ ଜେମସ ବାଗେ, ଉଦ୍ୟାନକୃଷି ବୈଜ୍ଞାନିକ ଆଶିଷ କୁମାର ମହାନ୍ତି, କ୍ଷେତ୍ର ବିଜ୍ଞାନୀ ଡ. ଦ୍ୱିବେନ୍ଦୁ ମଣ୍ଡଳ, କାର୍ଯ୍ୟକ୍ରମ ସହାୟକ ବିଦ୍ୟାଧର ଟୁଡୁ, କ୍ଷେତ୍ର ପରିଚାଳକ ମୟୁଖ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ କେନ୍ଦ୍ରର ବାର୍ଷିକ ସମାଚାର ପତ୍ରିକା ଚାଷବାସ ଓ ସମ୍ପ୍ରସାରଣ ପୁସ୍ତିକା ଯାନ୍ତ୍ରୀକ ବୁଣାଧାନ- ଏକ ସମ୍ବଳ ସଂରକ୍ଷଣ ଜ୍ଞାନ କୌଶଳ ପୁସ୍ତିକାର ଉନ୍ମୋଚନ କରାଯାଇଥିଲା। ଏହି ଅବସରରେ ଦିବ୍ୟଜ୍ୟୋତି ଏସ୍ଏଚ୍‌ଜିର ସଭାପତି ପ୍ରେମାଦାସ ଓ ଯୁବ କୃଷି ଉଦ୍ୟୋଗୀ ଯତୀନ୍ଦ୍ର କୁମାର ବରୁଆଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ଯୁଗ୍ମ-ନିର୍ଦ୍ଦେଶକ(ସମ୍ପ୍ରସାରଣ) କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକଙ୍କ ସହିତ କେନ୍ଦ୍ର ପରିସରରେ ଥିବା ବିଭିନ୍ନ ପ୍ରଦର୍ଶନ ୟୁନିଟଗୁଡ଼ିକୁ ବୁଲି ଦେଖିଥିଲେ।

# ରାତିରେ ବିବାହ ବାର୍ଷିକୀ ପାଳିଲେ, ସକାଳେ ସ୍ୱାମୀଙ୍କ ମୃତ୍ୟୁ

ବଣାଇଁ, ଲହୁଣୀପଡା, ୧୪।୨
(ପ୍ରଦୀପ ତ୍ରିପାଠୀ/ ଦାଶରଥୀ ପଣ୍ଡା)



ସୁନ୍ଦରଗଡ଼ ଜିଲା ବଣାଇଁ ଉପଖଣ୍ଡର ପର୍ଯ୍ୟଟନ ସ୍ଥଳ ଖଣ୍ଡାଧାରରେ ଶୁକ୍ରବାର ରାତିରେ ୩୦ତମ ବିବାହ ବାର୍ଷିକୀ ପାଳନ କଲେ। ହେଲେ ସକାଳେ ସ୍ୱାମୀଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ଏନେଇ ଲହୁଣିପଡା ଥାନାରେ ଏକ ଅପମୃତ୍ୟୁ ମାମଲା ନଂ.୫/୨୬ ରୁଜୁ କରାଯାଇ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

ସୂଚନା ଅନୁଯାୟୀ, ଶୁକ୍ରବାର ରାଜଗାଙ୍ଗପୁର ତଳକିପଡାର ରାଜେଶ ଗୁପ୍ତା(୫୯) ନିଜ ପରିବାର ଓ ବନ୍ଧୁଙ୍କ ଗହଣରେ ବିବାହ ବାର୍ଷିକୀ ପାଳନ ପାଇଁ ଖଣ୍ଡାଧାର ଇକୋ କଟେଜର ୪ଟି କଟେଜ ବୁକ କରିଥିଲେ । ରାତିରେ ନାଚଗୀତ ମଧ୍ୟରେ ହର୍ଷ ଉଲ୍ଲାସ ସହ ୩୦ତମ ବିବାହ ବାର୍ଷିକୀ ପାଳନ କଲେ। ଶନିବାର ସକାଳେ ଉଠି ପ୍ରାତଃ ଭ୍ରମଣ କରିବା ସମୟରେ ହଠାତ ରାଜେଶ ଲନରେ ଟଳି ପଡିଥିଲେ। ପରିବାର ଲୋକେ ଓ ବନ କର୍ମଚାରୀ ତାଙ୍କୁ ବଣାଇଁ ଉପଖଣ୍ଡ ଚିକିତ୍ସାଳୟକୁ ଆଣିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷିତ କରିଥିଲେ। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି।

# ପିଲା ଚୋର ସନ୍ଦେହରେ ଯୁବକଙ୍କୁ ନିସ୍ତୁକ ମାଡ଼

ସୁନ୍ଦରଗଡ, ୧୪।୨ (ଜୟ ନାରାୟଣ ମେଣ୍ଢୁଲି)

ସୁନ୍ଦରଗଡ ସହରର ରାଣୀବଗିଚା ଅଞ୍ଚଳରେ ଛୁଆଚୋର ସନ୍ଦେହରେ ଶନିବାର ଜଣେ ଯୁବକଙ୍କୁ ଲୋକେ ଧରି ନିସ୍ତୁକ ମାଡ ମାରିଥିବା ଭିଡିଓ ଭାଇରାଲ ହୋଇଛି। ଖବରପାଇ ଟାଉନଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଲୋକଙ୍କ କବଳରୁ ଗୁରୁତର ଆହତ ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରିଛି। ପୋଲିସ ସୂଚନା ଅନୁଯାୟୀ, ଯୁବକ ଜଣଙ୍କ ସାମାନ୍ୟ ମାନସିକ ବିକୃତ। ପରିବାର ଲୋକେ ତାଙ୍କୁ ସୁନ୍ଦରଗଡ ଜଗନ୍ନାଥ ମନ୍ଦିର ଦର୍ଶନ ନିମନ୍ତେ ଆଣିଥିଲେ। ମାତ୍ର ସେଠାରୁ ସେ ଖସିଯାଇ ରାଣୀ ବଗିଚା ଅଞ୍ଚଳରେ ଏକ ଛୁଆକୁ କାଖେଇ ବାକୁ ଚେଷ୍ଟା କରୁଥିବା ବେଳେ ଲୋକେ ଦେଖି ତାଙ୍କୁ କାବୁ କରି ନିସ୍ତୁକ ମାଡ ମାରିଥିଲେ। ପୋଲିସ ଏହି ଘଟଣାରେ ନିଜ ଆଡୁ ଟାଉନଥାନାରେ କେସ୍ ନମ୍ବର ୭୭/୨୬ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

# ଗଏରବାହାଲ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ



କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

କୁତ୍ରା, ୧୪।୨ (ଦେବାଶିଷ ସାହୁ)

କୁତ୍ରା ବ୍ଲକ ଅନ୍ତର୍ଗତ ଗଏରବାହାଲ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ଗୀତାଞ୍ଜଳି ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ପୂର୍ବତନ ଅଧକ୍ଷ ପ୍ରଫେସର ଗୁଣନିଧି ମାଝି ଯୋଗଦେଇ ଶିକ୍ଷା ବ୍ୟବସ୍ଥା ଠିକ ରହିଲେ ବିଦ୍ୟାଳୟ ଓ ମହା ବିଦ୍ୟାଳୟରୁ ଭଲ ମଣିଷ ତିଆରି ହେବେ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅନନ୍ତ କୁମାର ନାଏକ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ନିରଞ୍ଜନ ରାଉଳ, ଅବସର ପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ମହେନ୍ଦ୍ର ସରଣିଆ, ଅବସର ପ୍ରାପ୍ତ ଅଧାପକ ବିଜୟ କୁମାର ବେହେରା, ଅବସର ପ୍ରାପ୍ତ ଅଧାପକ ମୀନକେତନ ବେହେରା, ଅବସର ପ୍ରାପ୍ତ ଅଧାପକ ହରିହର ବେହେରା ଯୋଗଦେଇଥିଲେ। ଉତ୍ସବ ଆରମ୍ଭରେ ଅତିଥିମାନେ ବିଦ୍ୟାଳୟରେ ଥିବା ମହାପୁରୁଷ ମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଗୀତାଞ୍ଜଳି ଦାଶ ଅତିଥି ପରିଚୟ ପୂର୍ବକ ସ୍ୱାଗତ ଭାଷଣ ରଖିଥିଲେ। ବିଦ୍ୟାଳୟର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ପରେ ବାର୍ଷିକ କ୍ରୀଡା ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ବିତରଣ କରଯାଇଥିଲା। କାର୍ଯ୍ୟକ୍ରମ ଶେଷରେ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ମିଶ୍ର ସମସ୍ତ ଅତିଥିଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ। ଶିକ୍ଷକ ସୁମିତ ଖାଲଖୋ ମଞ୍ଚ ପରିଚାଳନା କରିଥିଲେ ଓ ଶିକ୍ଷକ ରୋସନ ପ୍ରସାଦ, ବରୁଣ ନିଶାଲ ଶିକ୍ଷୟିତ୍ରୀ ପୂଜାରାଣୀ ଦେବସା ସୁପ୍ରୀତି ବାଗ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ବିଦ୍ୟାଳୟର ସଭାପତି ଗୋସନାର ମିଞ୍ଜ, ପ୍ରଧାନ ଶିକ୍ଷକ ବ୍ରୀଦ୍ଧି ଚନ୍ଦ୍ର ବିଲୁଙ୍ଗ, ହେମନ୍ତ କୁମାର ଦେ, ସୁନିତା ସରଣିଆ, ଚିନ୍ତାମଣି ପଣ୍ଡା ଓ ଅନ୍ୟାନ୍ୟ ଶିକ୍ଷୟିତ୍ରୀ, ଶିକ୍ଷକ ଯୋଗଦେଇଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ଶିମିଳି କାଠ ବୋଝେଇ ଟ୍ରକ୍ ଜବତ

କୁଆଁରମୁଣ୍ଡା, ୧୪।୨ (ମହେନ୍ଦ୍ର କୁମାର ସାହୁ)



କାଠ ବୋଝେଇ ଟ୍ରକ୍ ଜବତ।

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବନ ରେଞ୍ଜ ଅଞ୍ଚଳର କଲୁଙ୍ଗା ସ' ମିଲ ଛକରୁ ଶୁକ୍ରବାର ରାତିରେ ଶିମିଳି କାଠ ବୋଝେଇ ଏକ ଟ୍ରକ(ଓଡି୦୫ବିଏ୯୮୦୭) ବିଭାଗ ପକ୍ଷରୁ ଜବତ କରାଯାଇଛି। ଏହାର ଆନୁମାନିକ ବଜାର ମୂଲ୍ୟ ୮୦ ହଜାରରୁ ଉର୍ଦ୍ଧ୍ୱ ହେବ ବୋଲି ଜଣାପଡ଼ିଛି। ଏହି କାଠ ବାମରାରୁ ରାଉରକେଲା ଆଡ଼କୁ ଆସୁଥିବା ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ରାଉରକେଲା ବନଖଣ୍ଡ ଅଧିକାରୀ ଯଶୋବନ୍ତ ସେଠୀଙ୍କ ନିର୍ଦ୍ଦେଶକ୍ରମେ ରେଞ୍ଜର ପଞ୍ଚ ନାରାୟଣ ସରାଫ, ବନପାଳ ଜୟନାରାୟଣ ପ୍ରଧାନ, ହରିଶ ଚନ୍ଦ୍ର ଜେନା ପ୍ରମୁଖ ଘଟଣା ସ୍ଥଳରେ ପହଞ୍ଚି କାଠ ବୋଝେଇ ଟ୍ରକକୁ ଜବତ କରିବା ସହ ଚାଳକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ଏ ନେଇ କୁଆଁରମୁଣ୍ଡା ରେଞ୍ଜରେ ଏକ ମାମଲା ରୁଜୁ ହୋଇଛି ବୋଲି ରେଞ୍ଜର ସରାଫ ସୂଚନା ଦେଇଛନ୍ତି।

# ପବ୍ଲିକ ସ୍କୁଲରେ ଭ୍ରାମ୍ୟମାଣ ପୁସ୍ତକ ମେଳା

ସୁନ୍ଦରଗଡ, ୧୪।୨
(ଜୟ ନାରାୟଣ ମେଣ୍ଢୁଲି)

ସୁନ୍ଦରଗଡ ପବ୍ଲିକ ସ୍କୁଲରେ ଏନବିଟି ନ୍ୟାଶନାଲ ବୁକ ଟ୍ରଷ୍ଟ ତରଫରୁ ଶୁକ୍ରବାର ଏକ ପୁସ୍ତକ ମେଳା ଆୟୋଜିତ ହୋଇଥିଲା। ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଦେବାଶିଷ ଦାସ, ଭାରପ୍ରାପ୍ତ ଅଧକ୍ଷା ମାୟିକେଲା ଖାଲ୍କୋ, ଗୋପାଳ ପୁରୋହିତ ପୁସ୍ତକ ମେଳାକୁ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଦାସ ବହି ପଢ଼ିବା ଆମ ଜୀବନର ଏକ ଅଙ୍ଗ ହେବା ସହିତ ମୋବାଇଲରୁ ଦୂରେଇ ଯାଇ ବହି ସହିତ ଯୋଡି ହେଲେ ଗୋଟିଏ ଛାତ୍ରର ସାମଗ୍ରିକ ବିକାଶ ହେଇ ପାରିବ ବୋଲି ମତ ରଖିଥିଲେ। ଭାରପ୍ରାପ୍ତ ଅଧକ୍ଷା ଛାତ୍ରୀଛାତ୍ରଙ୍କୁ ଅଧିକରୁ ଅଧିକ ବହି ପଢ଼ିବା ପାଇଁ ପ୍ରେରଣା ଯୋଗାଇଥିଲେ। ପିଲାମାନେ ବିଭିନ୍ନ ବହି ଦେଖିବା ସହିତ ବହି କିଣିବାର ମଧ ସୁଯୋଗ ପାଇଥିଲେ। ବିଦ୍ୟାଳୟର ଲାଇବ୍ରେରିଆନ ଅବିନାଶ ଜେନା ବିଦ୍ୟାଳୟ ପାଇଁ ଅନେକ ଆକର୍ଷଣୀୟ ବହି ସଂଗ୍ରହ କରିଥିଲେ। ବିଦ୍ୟାଳୟର ଟ୍ରଷ୍ଟି ସମ୍ପାଦକ ରାଜକିଶୋର ଷଡ଼ଙ୍ଗୀଙ୍କ ତତ୍ତ୍ୱାବଧାନରେ ଏହି ପୁସ୍ତକ ମେଳା ଆୟୋଜନ ହୋଇଥିଲା।



ଆୟୋଜିତ ପୁସ୍ତକ ମେଳାରେ ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ର।

# ବାଇକ୍- କାର ମୁହାଁମୁହିଁ ଧକ୍କା, ଚାଳକ ମୃତ

ଲହୁଣୀପଡ଼ା, ୧୪।୨ (ଦାଶରଥି ପଣ୍ଡା)

ଲହୁଣୀପଡା ଥାନା ଅନ୍ତର୍ଗତ ମୁଟୁରନାଳୀଠାରେ ଶନିବାର ସନ୍ଧ୍ୟାରେ କାର ଧକ୍କାରେ ଜଣେ ବାଇକ ଚାଳକଙ୍କ ମୃତ୍ୟୁ ଘଟିଥିବା ଜଣାପଡିଛି। ଖବର ଲେଖା ହେବା ସୁଦ୍ଧା ମୃତକଙ୍କ ପରିଚୟ ମିଳିପାରି ନାହିଁ। ସୂଚନାରୁ ପ୍ରକାଶ ଯେ, ଖୁଣ୍ଟଗାଁ ସାପ୍ତାହିକ ଶନିବାର ବଜାରରୁ ମାଛ ବିକ୍ରି କରି ଓଡି- ୩୫ଇ -୯୪୮୦ ବାଇକ ଯୋଗେ ଫେରୁଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଓଡି-୨୮ବି- ୭୧୮୮ କାର ସାମ୍ନାରୁ ଧକ୍କା ଦେଇଥିଲା। ଫଳରେ ଘଟଣା ସ୍ଥଳରେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଥିଲା। କାର ଚାଳକ ଆହତ ହୋଇଥିବା ଜଣାପଡିଛି। ଅନ୍ୟ ପକ୍ଷରେ ଦୁର୍ଘଟଣା ପରେ ଉତ୍ତେଜନା ପ୍ରକାଶ ପାଇଥିବା ବେଳେ ଆହତ କାର ଚାଳକଙ୍କୁ ହସ୍ପିଟାଲ ଆଣିବାକୁ ନେଇ ଉତ୍ତ୍ୟକ୍ତ ଲୋକେ ଏବଂ ପୋଲିସ ମଧ୍ୟରେ ଠେଲା ପେଲା ହୋଇଥିବା ଶୁଣିବାକୁ ମିଳିଛି।

# ଡାଲମିଆ ବିଦ୍ୟାମନ୍ଦିରରେ ମାତୃପିତୃ ଦିବସ ପାଳିତ

ରାଜଗାଙ୍ଗପୁର, ୧୪।୨ (ଅଶୋକ ପାଣି)




ମାତୃପିତୃ ଦିବସ ପାଳନ ଅବସରରେ ପିଲାମାନଙ୍କ ସହ ଅଭିଭାବକ।

ରାଜଗାଙ୍ଗପୁରସ୍ଥିତ ଡାଲମିଆ ବିଦ୍ୟା ମନ୍ଦିରରେ ଶନିବାର ମାତୃ-ପିତୃ ଦିବସ ପାଳନ କରାଯାଇଛି। ଏହି ଅବସରରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଶ୍ଳୋକ, ଗୀତ ଏବଂ ନୃତ୍ୟ ପ୍ରସ୍ତୁତ କରିଥିଲେ। ସମସ୍ତ ଶିଶୁମାନେ ନିଜ ମାତା-ପିତାଙ୍କ ସମ୍ମୁଖରେ ଦୀପ ପ୍ରଜ୍ୱଳିତ କରି ଆରତି କରିବା ସହିତ ତାଙ୍କ ପ୍ରତି ଆଦର ଓ ସମ୍ମାନ ପ୍ରକାଶ କରିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଜୟଦେବ କର ମାତୃ-ପିତୃ ଦିବସର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଏଥି ସହିତ ପୁଲୱାମାରେ ଶହୀଦ ହୋଇଥିବା ଯବାନଙ୍କୁ ନମନ କରି ସ୍ମରଣ କରାଯାଇଥିଲା। କାର୍ଯ୍ୟକ୍ରମ ଶେଷରେ ପ୍ରଧାନ ଶିକ୍ଷିକା ଇଲା ମହାପାତ୍ର ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ। ବିଦ୍ୟାଳୟର ସିଇଓ ଡା. ରୋଜେଟା ୱିଲିଅମ୍ସ ଏହି ଅବସରରେ ଶିଶୁମାନଙ୍କୁ ଶୁଭ ସନ୍ଦେଶ ପ୍ରେରଣ କରିଥିଲେ।

# ମହାମୃତ୍ୟୁଞ୍ଜୟ, ଧର୍ମ ପ୍ରତ୍ୟାବର୍ତ୍ତନ ଯଜ୍ଞ ଅନୁଷ୍ଠିତ

ଲହୁଣୀପଡା, ୧୪।୨ (ଦାଶରଥି ପଣ୍ଡା)

ସୁନ୍ଦରଗଡ ଜିଲା ଲହୁଣୀପଡା ବ୍ଲକ ଅନ୍ତର୍ଗତ ଶଙ୍ଖପୋଷ ପଞ୍ଚାୟତ ଭାଲିଆଡ଼ିହି ଗ୍ରାମ ସ୍ଥିତ ମହାଦେବଶାଳ ପଡିଆଠାରେ ଶନିବାର ବଣେଇ ବିଶ୍ୱ ହିନ୍ଦୁ ପରିଷଦ ଏବଂ ଭାଲିଆଡ଼ିହି ମହାଦେବ ହୋ କମିଟି ପକ୍ଷରୁ ମହାମୃତ୍ୟୁଞ୍ଜୟ ଯଜ୍ଞ ଓ ଧର୍ମ ପ୍ରତ୍ୟାବର୍ତ୍ତନ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ୧୦୮ ମହାମୃତ୍ୟୁଞ୍ଜୟ ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଗ୍ରାମର ଶତାଧିକ ମହିଳା ପୁରୁଷ ଏବଂ ରାଧା ମାଧବ କୀର୍ତ୍ତନ ମଣ୍ଡଳୀ ଦ୍ୱାରା ନିକଟସ୍ଥ ଆମରୁଡ଼ିର ପବିତ୍ର ଝରଣାରୁ କଳସରେ ଜଳ ଆଣି ଯଜ୍ଞ ସ୍ଥଳରେ ପହଞ୍ଚି ଥିଲେ। ଏଥିରେ ଭଲିଆଡ଼ିହି ଗ୍ରାମର ଦୁଇଟି ଆଦିବାସୀ ପରିବାରର ୧୯ ଜଣ ସଦସ୍ୟ ଖ୍ରୀଷ୍ଟଧର୍ମକୁ ତ୍ୟାଗ କରି ସ୍ୱଧର୍ମକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ସ୍ୱଧର୍ମକୁ ପ୍ରତ୍ୟାବର୍ତ୍ତନ କରିଥିବା ସମସ୍ତ ସଦସ୍ୟାସଦସ୍ୟଙ୍କୁ ନୂତନ ବସ୍ତ୍ର, ପଞ୍ଚଗବ୍ୟ, ଫୁଲମାଳ, ଚନ୍ଦନ ସିନ୍ଦୁର ଲଗାଇ ଗୋତ୍ର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବଣେଇ ଜିଲା ବିଶ୍ୱ ହିନ୍ଦୁ ପରିଷଦର ସଭାପତି ଘନ ଶ୍ୟାମ ମହାନ୍ତ, ବରିଷ୍ଠ କାର୍ଯ୍ୟକର୍ତ୍ତା ତପନ କୁମାର ଦଣ୍ଡିଆ, ହରିଶ୍ଚନ୍ଦ୍ର ମହାନ୍ତ ଯୋଗଦେଇ ଧର୍ମ ପ୍ରତ୍ୟାବର୍ତ୍ତନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମକୁ ଧର୍ମ ପ୍ରସାର ବିଭାଗର ପ୍ରଶାସନିକ ମୁଖ୍ୟ ଦୀପକ ମହାନ୍ତ ପରିଚାଳନା କରିଥିବା ବେଳେ ପୁରୋହିତ କାର୍ଯ୍ୟ ସୁନ୍ଦରମଣି ଦାସ ସମ୍ପାଦନ କରିଥିଲେ।

# ପୁଲୱାମା ଶହୀଦଙ୍କ ସ୍ମୃତିରେ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

ବନ୍ଧମୁଣ୍ଡା, ୧୪।୨ (ସୁବ୍ରତ ଦେ)

ରାଉରକେଲାର ଏକ ଘରୋଇ ହସ୍ପିଟାଲ ଏବଂ ବନ୍ଧମୁଣ୍ଡା ଡି - ସେକ୍ଟରସ୍ଥିତ ଶହୀଦ ଭଗତ ସିଂ କ୍ଲବର ମିଳିତ ପ୍ରୟାସରେ ଶନିବାର ପୁଲୱାମା ଆକ୍ରମଣରେ ଶହୀଦ ହୋଇଥିବା ବୀର ଜବାନମାନଙ୍କ ସ୍ମୃତିରେ ଏକ ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଆୟୋଜିତ ହୋଇଥିଲା। ଏହି ଶିବିରରେ ବିଭିନ୍ନ ବିଭାଗର ଡାକ୍ତରମାନେ ଉପସ୍ଥିତ ଥିଲେ। ଶିବିରରେ ଅଞ୍ଚଳର ପ୍ରାୟ ୭୦ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଔଷଧ ବଣ୍ଟନ କରାଯାଇଥିଲା। ସ୍ୱାସ୍ଥ୍ୟ ପରୀକ୍ଷା ସମୟରେ କେତେଜଣ ଲୋକଙ୍କ ମଧ୍ୟରେ ଗୁରୁତର ଲକ୍ଷଣ ଚିହ୍ନଟ ହୋଇଥିଲା। ତାଙ୍କୁ ଉତ୍ତମ ଚିକିତ୍ସା ପାଇଁ ପରାମର୍ଶ ଦିଆ ଯାଇଛି।

# ପିଏମଶ୍ରୀ ଭବାନୀ ଶଙ୍କର ସରକାରୀ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉତ୍ସବ

ସୁନ୍ଦରଗଡ, ୧୪।୨ (ଜୟ ନାରାୟଣ ମେଣ୍ଢୁଲି)

ପିଏମଶ୍ରୀ ଭବାନୀ ଶଙ୍କର ସରକାରୀ ଉଚ୍ଚ ବିଦ୍ୟାଳୟରେ ୨ ଦିନ ଧରି ଚାଲିଥିବା ବାର୍ଷିକ କ୍ରୀଡା ଉତ୍ସବ ଶନିବାର ଉଦ୍‌ଯାପିତ ହୋଇଯାଇଛି। ପ୍ରଥମ ଦିନ ଶୁକ୍ରବାର ଭବାନୀ ଭବନ ଖେଳ ପଡ଼ିଆରେ ଏବଂ ଦ୍ୱିତୀୟ ଦିନ ବିଦ୍ୟାଳୟ ପରିସରରେ ସମସ୍ତ ବର୍ଗର ବିଭିନ୍ନ ଖେଳ ଅନୁଷ୍ଠିତ ହୋଇଥିଲା। ଶନିବାର ପୁରସ୍କାର ବିତରଣ ସମାରୋହରେ ମୁଖ୍ୟ ଅତିଥି ଭାବେ ସୁନ୍ଦରଗଡ ପୌରପାଳିକାର ପୌରଧକ୍ଷା ତନୟା ମିଶ୍ର ଏବଂ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସଦାନନ୍ଦ ପଧାନ ଓ ବିଦ୍ୟାଳୟର ପଞ୍ଚସଖା ଶିକ୍ଷାସେତୁ ସଭାପତି ବେଣୁମାଧବ ତ୍ରିପାଠୀ ଉପସ୍ଥିତ ଥିଲେ। ଏଥିରେ ୫ ଟି ବର୍ଗ ଯଥା ମିନି ଜୁନିୟର (ଶିଶୁ ବାଟିକାରୁ ତୃତୀୟ ଶ୍ରେଣୀ) , ସବ ଜୁନିୟର (ଚତୁର୍ଥ ଓ ପଞ୍ଚମ ଶ୍ରେଣୀ), ଜୁନିୟର (ଷଷ୍ଠ ଓ ସପ୍ତମ ଶ୍ରେଣୀ), ସିନିୟର(ଅଷ୍ଟମ ଓ ନବମ ଶ୍ରେଣୀ) ଏବଂ ଭିନ୍ନକ୍ଷମ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ସମସ୍ତ ଅତିଥି ଏବଂ ପ୍ରଧାନ ଶିକ୍ଷକ ବୀର ବିକ୍ରମ ସିଂହଦେଓ ନିଜ ଅଭିଭାଷଣରେ ଛାତ୍ରୀଛାତ୍ରମାନଙ୍କୁ କ୍ରୀଡାର ମହତ୍ତ୍ୱ ସହିତ ଭବିଷ୍ୟତ ଗଠନରେ ଏହାର ଭୂମିକା ସମ୍ପର୍କରେ କହିଥିଲେ। ପ୍ରଧାନ ଶିକ୍ଷକ ବୀର ବିକ୍ରମ ସିଂହ ଦେଓଙ୍କ ଅଧକ୍ଷତାରେ ଏବଂ ବରିଷ୍ଠ ଶିକ୍ଷୟିତ୍ରୀ ଶିକ୍ଷକ ସସ୍ମିତା ଯୋଷୀ, ପ୍ୟାରୀମୋହନ ନାଏକ, ସୁଚେତା ପାଣିଗ୍ରାହୀ ଓ ପଦ୍ମଲୋଚନ ରାଉଡ଼ିଆଙ୍କ ମାର୍ଗଦର୍ଶନରେ କ୍ରୀଡା ଶିକ୍ଷକ ସୁନିଲ ଭୋଇ, ଆକାଶ ପଧାନ ଓ ଅନ୍ୟାନ୍ୟ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସହଯୋଗରେ ପରିଚାଳିତ ହୋଇଥିଲା। କୃତୀ ଛାତ୍ରୀଛାତ୍ରଙ୍କୁ ଉପସ୍ଥିତ ଅତିଥି, ସଭାପତିଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା। ଶିକ୍ଷୟିତ୍ରୀ ସୁଜାତା ପଟେଲ ଓ ଶ୍ୟାମା ପଟେଲ ମଞ୍ଚପରିଚାଳନା କରିଥିବା ବେଳେ ବରିଷ୍ଠ ଶିକ୍ଷୟିତ୍ରୀ ସ୍ୱାଗତିକା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।



ଅତିଥି, ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସହିତ କୃତୀ ପ୍ରତିଯୋଗୀ।

# ମାର୍ଚ୍ଚ ୧୫ରେ ଜିଲାସ୍ତରୀୟ ସମାବେଶ ନିଷ୍ପତ୍ତି

## ବ୍ରାହ୍ମଣ ପ୍ରମୁଖ ବର୍ଗର ବୈଠକ

ସୁନ୍ଦରଗଡ଼, ୧୪।୨ (ଜୟ ନାରାୟଣ ମେଣ୍ଢୁଲି)



ବିଭିନ୍ନ ବ୍ଲକରୁ ଆସିଥିବା ବ୍ରାହ୍ମଣ ସମାଜର ପ୍ରତିନିଧି ମାନେ।

ସ୍ଥାନୀୟ ସଦର ଥାନା ନିକଟସ୍ଥ ଶିବ ମନ୍ଦିର ପରିସରରେ ଶନିବାର ସୁନ୍ଦରଗଡ଼ ଜିଲାର ବିଭିନ୍ନ ବ୍ଲକରୁ ଆସିଥିବା ବ୍ରାହ୍ମଣ ପ୍ରତିନିଧିମାନଙ୍କ ଉପସ୍ଥିତିରେ ବ୍ରାହ୍ମଣ ପ୍ରମୁଖ ବର୍ଗର ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ରାହ୍ମଣ ପ୍ରମୁଖ ଗୌରଚନ୍ଦ୍ର ଠାକୁରଙ୍କ ଅଧକ୍ଷତାରେ ଆୟୋଜିତ ଏହି ବୈଠକରେ ମାର୍ଚ୍ଚ ୧୫ରେ ସୁନ୍ଦରଗଡ଼ରେ ଜିଲା ସ୍ତରୀୟ ବ୍ରାହ୍ମଣ ପରିବାର ସମାବେଶ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ସମାବେଶ ପୂର୍ବରୁ ବିଶ୍ୱ କଲ୍ୟାଣ ଉଦ୍ଦେଶ୍ୟରେ ବ୍ରହ୍ମନାଦ, ଶଙ୍ଖ ଧ୍ୱନି, ଘଣ୍ଟାବାଦନ ସହ ପଦଯାତ୍ରାରେ ସହର ପରିକ୍ରମା କରାଯିବ। ସମାବେଶରେ ଓଡ଼ିଶା ବ୍ରାହ୍ମଣ ମହାସଂଘର ପଦାଧିକାରୀମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ବୈଠକରେ ବ୍ରାହ୍ମଣଙ୍କ ସ୍ଥିତି, କର୍ତ୍ତବ୍ୟ ଓ ଭବିଷ୍ୟତ ସମ୍ପର୍କରେ ଆଲୋଚନା କରାଯାଇ ଜିଲାପାଳ ଓ ସରକାରଙ୍କୁ ସ୍ମାରକପତ୍ର ପ୍ରଦାନ କରାଯିବାକୁ ନିଷ୍ପତ୍ତି ହୋଇଛି। ସମାବେଶର ବିଶାଳତା ନିମନ୍ତେ ଜିଲାର ସମସ୍ତ ବ୍ରାହ୍ମଣ ପରିବାରଙ୍କୁ ଆମନ୍ତ୍ରଣ କରାଯାଇଛି। ଏହି ବୈଠକରେ ଓଡ଼ିଶା ବ୍ରାହ୍ମଣ ମହାସଂଘର ସୁନ୍ଦରଗଡ଼ ଜିଲା ସଭାପତି ଭାବେ ଗୌରଚନ୍ଦ୍ର ଠାକୁର, ଜିଲା ସମ୍ପାଦକ ଭାବେ ଗୋବିନ୍ଦ ଚନ୍ଦ୍ର ସୁଆର ଓ ମନୋଜ କୁମାର ପଣ୍ଡାଙ୍କୁ ଜିଲା କୋଷାଧକ୍ଷ ଭାବେ ମନୋନୀତ କରାଯାଇଛି। ବୈଠକରେ ହେମଗିର ବ୍ଲକରୁ ପ୍ରମୋଦ କୁମାର ମିଶ୍ର ଓ ସଞ୍ଜୀବ କୁମାର ପତି, ଲେଫ୍ରିପଡାରୁ ଅଖିଳ ମିଶ୍ର, ଟାଙ୍ଗରପାଲିରୁ ଜଗଦୀଶ କୁମାର ଠାକୁର, ବାଲିଶଙ୍କରାରୁ ସୀତାରାମ ମିଶ୍ର ଓ ଦେବରାଜ ତ୍ରିପାଠୀ, ସଦର ବ୍ଲକରୁ ଦିନେଶ କୁମାର ଠାକୁର, ସୁନ୍ଦରଗଡ଼ ଟାଉନରୁ ବିଶ୍ୱ ରଞ୍ଜନ ପୁରୋହିତ, ଭବାନୀଶଙ୍କର ଠାକୁର, ଦୟାନିଧି ଦ୍ୱିବେଦୀ, ପଙ୍କଜ କୁମାର ଦାଶ, ରାଉରକେଲା ନୂଆଗାଁ ବ୍ଲକରୁ ଅର୍ଣ୍ଣଦା ଶଙ୍କର ପାଢ଼ୀ, ବଣାଇଗଡ଼ରୁ ଯୁଧିଷ୍ଠିର ତ୍ରିପାଠୀ, ସତ୍ୟନାରାୟଣ ଷଡ଼ଙ୍ଗୀ, ଗୁଣନିଧି ମିଶ୍ର ଓ ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀ ପ୍ରମୁଖ ପ୍ରତିନିଧିମାନେ ଯୋଗଦେଇଥିଲେ।

# କମ୍ପ୍ୟୁଟର ଟେଷ୍ଟରେ ଫେଲ୍ ବି ପାସ୍ କରିଥିବା ଅଭିଯୋଗ

**ଦେବଗଡ଼,୧୪।୨(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ଜିଲା ଶିକ୍ଷା ବିଭାଗରେ ବେଆଇନ ନିଯୁକ୍ତି ପ୍ରସଙ୍ଗରେ ଜିଲା ଶିକ୍ଷା ଅଧିକାରୀ ଜାଣିଶୁଣି ଚୁପ। ଯେଉଁମାନେ ନିଯୁକ୍ତି ପାଇଛନ୍ତି, ସେମାନଙ୍କ ମଧ୍ୟରୁ କେତେଜଣ କମ୍ପ୍ୟୁଟର ଟେଷ୍ଟରେ ଫେଲ୍ ହୋଇଥିଲେ ବି ପାସ କରାଇ ଦିଆଯାଇଥିବା ଅଭିଯୋଗ ହୋଇଛି। ଏଥିରେ ସମ୍ପୃକ୍ତ କିରାଣିଙ୍କୁ ଘଣ୍ଟ ଘୋଡାଉଛନ୍ତି ଜିଲା ଶିକ୍ଷା ଅଧିକାରୀ। ଶିକ୍ଷା ବିଭାଗରେ କିରାଣି ଓ ପିଅନ ନିଯୁକ୍ତିରେ ଅର୍ଥ କାରବାର କରାଯାଇ ନିଯୁକ୍ତି ଦିଆଯାଇଥିବାରୁ କମ୍ପ୍ୟୁଟର ଟେଷ୍ଟରେ ଫେଲ ପ୍ରାର୍ଥୀ ବି ପାସ କରିଥିବା ଅଭିଯୋଗ ହୋଇଛି। ଏହି ଅନିୟମିତତା କାର୍ଯ୍ୟରେ ଜିଲାପାଳଙ୍କ କାର୍ଯ୍ୟାଳୟର କର୍ମଚାରୀ ବି ସାମିଲ ଥିବା ଅଭିଯୋଗ ହେଉଛି। ଜିଲାପାଳଙ୍କ କର୍ମଚାରୀ ଡିଇଜିଏମ୍ ବିକାଶ ସାହୁଙ୍କୁ ପଚାରିବାରୁ ସେ କହିଲେ, ଶିକ୍ଷା ବିଭାଗରୁ ତାଙ୍କ ନିକଟକୁ ଚିଠି ଆସିଥିଲା। ସେଥିପାଇଁ ସେ କମ୍ପ୍ୟୁଟର ଟେଷ୍ଟ କରିବା ପାଇଁ ଯାଇଥିଲେ। ଏ ବିଷୟରେ ସେ କିଛି ଜାଣି ନ ଥିବା କହିଥିଲେ। କିନ୍ତୁ ଶିକ୍ଷା ବିଭାଗରୁ ତାଙ୍କ ନିକଟକୁ ଆସିଥିବା ଚିଠି ମାଗିଲେ ଦେଉନାହାନ୍ତି। ସେହିପରି ନିଯୁକ୍ତି ପାଇଁ କଣ ରହିଛି ଗାଇଡ୍ ଲାଇନ, ତାହା ମାଗିଲେ ବି ଦେଉନାହାନ୍ତି ଶିକ୍ଷା ଅଧିକାରୀ। ଏପରିକି ଜିଲା ଶିକ୍ଷା ଅଧିକାରୀଙ୍କ ପ୍ରତିକ୍ରିୟା ନେବାକୁ ଫୋନ କରିଲେ ମଧ୍ୟ ସେ ଫୋନ ଉଠାଉନାହାନ୍ତି। ତେଣୁ ପ୍ରତିକ୍ରିୟା ମିଳିପାରୁ ନାହିଁ।

ଦେବଗଡ଼ ଜିଲା ଶିକ୍ଷା ବିଭାଗରେ ବଦଳି, ଡେପୁଟେଶନ, ନୂତନ ନିଯୁକ୍ତି ପାଇଥିବା କର୍ମଚାରୀଙ୍କଠାରୁ ଲକ୍ଷାଧିକ ଟଙ୍କା କାରବାର ହୋଇଥିବା ଅଭିଯୋଗ ହୋଇଆସୁଛି। ଯାହାକୁ ନେଇ ଦେବଗଡ଼ରେ ଗତ କିଛିଦିନ ଧରି ଚର୍ଚ୍ଚା ଲାଗି ରହିଛି। ନିଜର ପସନ୍ଦ ସ୍ଥାନକୁ ଯିବା ପାଇଁ ଟଙ୍କା କାରବାର କରାଯାଉଛି। କହିବାକୁ ଗଲେ 'ଟଙ୍କା ଦିଅ ନିଜ ପସନ୍ଦ ସ୍ଥାନକୁ ବଦଳି ହେଉ କି ଡେପୁଟେଶନ ହେଉ ଯାଅ। ଏପରିକି ଜିଲାରେ କୌଣସି ସ୍କୁଲରେ ଆବଶ୍ୟକ ଶିକ୍ଷକ ଥିଲେ ବି ଯଦି କୌଣସି ଶିକ୍ଷକ ସେହି ସ୍କୁଲକୁ ଯିବାକୁ ଚାହାନ୍ତି, ତେବେ ଅର୍ଥ ଦେଲେ ତାଙ୍କୁ ସେହି ସ୍କୁଲକୁ ବଦଳି କରାଯାଉଛି। ଅର୍ଥ କାରବାର କରାଯାଇ ବଦଳି, ଡେପୁଟେଶନ କରାଯାଉଥିବାରୁ ଜିଲାରେ କେତେକ ସ୍କୁଲରେ ଆବଶ୍ୟକଠାରୁ ଅଧିକ ଶିକ୍ଷକ ଥିବାବେଳେ କେଉଁ ଶିକ୍ଷକ ଅଭାବ ରହିଛି। ଶିକ୍ଷା ବିଭାଗରେ ପୁନଃ ଥଇଥାନ ପାଇଁ ନିକଟରେ ୨୫ ଜଣଙ୍କୁ ନିଯୁକ୍ତି ଦିଆଯାଇଛି। ସେମାନଙ୍କ ମଧ୍ୟରେ ୧୯ ପିଅନ ଓ ୬ କିରାଣି ରହିଛନ୍ତି। ଏହି ନିଯୁକ୍ତିରେ ଯିଏ ମୋଟା ଅଙ୍କର ଅର୍ଥ ଦେଲେ ସିଏ କିରାଣି, ଯିଏ କମ ଦେଲେ ସେ ପିଅନ ହେଲେ। ଶିକ୍ଷା ବିଭାଗର ଅଜବ ନୀତି। ହେଲେ ଏଇଠି କଥା ଉଠୁଛି କେଉଁ ଗାଇଡ୍ ଲାଇନରେ ୬ଜଣଙ୍କୁ କିରାଣି ନିଯୁକ୍ତି ଦିଆଯାଇଛି। କଣ ରହିଛି ନିୟମ। ନିୟମରେ ଉଲ୍ଲଂଘନ ହୋଇଛି ବୋଲି ଅଭିଯୋଗ ହେଉଛି। ଏପରିକି ପ୍ରଶାସନ ଓ ବିଭିନ୍ନ ମହଲରୁ ଚାପ ହେଲା ପରେ ୬ ଜଣଙ୍କୁ କିରାଣି ନିଯୁକ୍ତି ଦିଆଯାଇଛି ବୋଲି ଜିଲା ଶିକ୍ଷା ଅଧିକାରୀ ଗେନ୍ଦରା କୁଜୁର ଗତ କିଛି ଦିନ ତଳେ କହିଥିଲେ। ସବୁ ନିୟମ ଅନୁସାରେ ହୋଇଛି ବୋଲି ମଧ୍ୟ କହିଥିଲେ। ହେଲେ କଣ ରହିଛି ନିୟମ ଓ ଗାଇଡ୍ ଲାଇନ ମାଗିବାରୁ ଦାୟିତ୍ୱରେ ଥିବା କିରାଣି ଛୁଟିରେ ଅଛନ୍ତି ଆସିଲେ ଦେବେ କହିଥିଲେ। କିନ୍ତୁ ଇତି ମଧ୍ୟରେ କିଛି ଦିନ ବିତିଯାଇଥିଲେ ମଧ୍ୟ ଗାଇଡ୍‌ଲାଇନରେ କଣ ଅଛି ଦେଲେ ନାହିଁ। ତେଣୁ ସନ୍ଦେହ ଘେରରେ ଶିକ୍ଷା ବିଭାଗ। କାହାର ଚାପରେ ନିୟମ ଉଲ୍ଲଂଘନ ହୋଇଛି ବୋଲି ଚର୍ଚ୍ଚା ହେଉଛି। ଏବେ କମ୍ପ୍ୟୁଟର ଟେଷ୍ଟରେ ଫେଲ୍ ବି ପାସ କରିଥିବା ନେଇ ଅଭିଯୋଗ ଆସିବା ପରେ ଚର୍ଚ୍ଚା ଅଧିକ ଜୋର୍ ଧରିଛି। ଏପଟେ ପୁଣି ମତାମତ ପାଇଁ ଜିଲା ଶିକ୍ଷା ଅଧିକାରୀଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ୍ ଉଠାଉନାହାନ୍ତି। ଅନିୟମିତତାରେ ସମ୍ପୃକ୍ତ କିରାଣିଙ୍କୁ ଘଣ୍ଟ ଘୋଡ଼ାଉଛନ୍ତି ଶିକ୍ଷା ଅଧିକାରୀ ବୋଲି ଚର୍ଚ୍ଚା ହେଉଛି। ଏହି ଘଟଣାରେ ଭିଜିଲାନ୍ସ ତଦନ୍ତ କରାଗଲେ ବହୁ ଅନିୟମିତତା ଧରାପଡ଼ିବ ବୋଲି ଆଲୋଚନା ହେଉଛି।

**ଶିକ୍ଷା ବିଭାଗରେ ବେଆଇନ ନିଯୁକ୍ତି ପ୍ରସଙ୍ଗ**

- ଜିଲା ଶିକ୍ଷା ଅଧିକାରୀ ଜାଣିଶୁଣି ଚୁପ୍
- ସମ୍ପୃକ୍ତ କିରାଣିଙ୍କୁ ଘଣ୍ଟ ଘୋଡ଼ାଉଛନ୍ତି ଶିକ୍ଷା ଅଧିକାରୀ
- ନିଯୁକ୍ତି ପାଇଁ କଣ ରହିଛି ଗାଇଡ୍ ଲାଇନ ଦେଉନାହାନ୍ତି ଶିକ୍ଷା ଅଧିକାରୀ
- ଜିଲାପାଳଙ୍କ କାର୍ଯ୍ୟାଳୟ କର୍ମଚାରୀ ବି ସାମିଲ

# ହିନ୍ଦୁ ଜାଗରଣ ସଭା



ବ୍ରଜରାଜନଗରରେ ହିନ୍ଦୁ ଜାଗରଣ ସଭାରେ ମଞ୍ଚାସୀନ ଅତିଥି, କାର୍ଯ୍ୟକର୍ତ୍ତା।

**ବ୍ରଜରାଜନଗର,୧୪।୨(ବିଜୟ ବରାଡ଼)**

ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ଆଦର୍ଶନଗରସ୍ଥିତ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଶନିବାର ଭବ୍ୟ ହିନ୍ଦୁ ଜାଗରଣ ସଭା, ସମ୍ମିଳନୀ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମର ଆରମ୍ଭ ବିଶାଳ କଳସ ଯାତ୍ରା ଓ ଶୋଭାଯାତ୍ରା ସହ କରାଯାଇଥିଲା। ଯେଉଁଥିରେ ଯୁବତୀଯୁବକ, ମହିଳା ଓ ବୃଦ୍ଧ ବହୁ ସଂଖ୍ୟାରେ ଅଂଶଗ୍ରହଣ କରିଥିଲେ। ହାତରେ କଳସ ଓ ଧ୍ୱଜା ଧରି ଭକ୍ତମାନେ ସହର ପରିକ୍ରମା କରି ଶିଶୁ ବିଦ୍ୟାମନ୍ଦିର ପରିସରକୁ ପହଞ୍ଚିଥିଲେ। ସମଗ୍ର ପଥ ଜୟଘୋଷ ଓ ଭକ୍ତିମୟ ପରିବେଶରେ ମୁଖର ହୋଇଯାଇଥିଲା। ଶୋଭାଯାତ୍ରାର ସମାପନ ପରେ ଉପସ୍ଥିତ ଭକ୍ତମାନେ ମନ୍ତ୍ରୋଚ୍ଚାରଣ କରିଥିଲେ। ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ସମାଜସେବୀ ଜନାର୍ଦ୍ଦନ ପଟେଲ ଉପସ୍ଥିତ ଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବ ସୈନିକ ଓ ସମାଜସେବୀ ରଞ୍ଜନ ସିଂହ ଏବଂ ଜିଲା ଗ୍ରାମ ବିକାଶ ସଂଯୋଜକ ପ୍ରଫୁଲ୍ଲ ପଟେଲ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ କ୍ଷେତ୍ରୀୟ ଗ୍ରାମ ବିକାଶ ସଂଯୋଜକ ଅଶୋକ ତ୍ରିପାଠୀ ହିନ୍ଦୁ ଧର୍ମର ମହିମା ଉପରେ ଆଲୋକପାତ କରି ସମାଜକୁ ସଚେତନ, ସଙ୍ଗଠିତ ଓ ସନାତନ ମୂଲ୍ୟବୋଧ ପ୍ରତି ସମର୍ପିତ ରହିବାକୁ ଆହ୍ୱାନ କରିଥିଲେ। ସେ କହିଥିଲେ, ସଙ୍ଗଠିତ ଓ ସଶକ୍ତ ସମାଜ ରାଷ୍ଟ୍ର ଗଠନରେ ମୁଖ୍ୟ ଭୂମିକା ନିଭାଇପାରିବ। ଶେଷରେ ଭଜନ-କୀର୍ତ୍ତନ ଆୟୋଜିତ ହୋଇଥିଲା। ଆୟୋଜନକୁ ସଫଳ କରିବାରେ ସ୍ଥାନୀୟ ଭକ୍ତ ଓ କାର୍ଯ୍ୟକର୍ତ୍ତାମାନଙ୍କ ସକ୍ରିୟ ଅବଦାନ ରହିଥିଲା।

## ସଂକ୍ଷେପରେ

### ତମାଖୁ କାରବାର ଉପରେ ପୋଲିସ ଚଢ଼ାଉ

**୧୩ ଜଣଙ୍କ ନାମରେ ପିଆର**

**ବ୍ରଜରାଜନଗର,୧୪।୨(ବିଜୟ ବରାଡ଼)**

ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ଥାନା ଅଧିନରେ ଥିବା ରାମପୁର ଓ ଗାନ୍ଧୀ ଛକ ଫାଣ୍ଡି ଅଞ୍ଚଳରେ ତମାଖୁ କାରବାର ଉପରେ ପୋଲିସ ଚଢ଼ାଉ କରିଛି। ବ୍ରଜରାଜନଗର ଥାନା ଅଞ୍ଚଳର ଲମଟିବାହାଲ, ମୁଖ୍ୟ ବଜାରରେ ମଧ ବେଆଇନ ଭାବେ ତମାଖୁ ଜାତୀୟ ଗୁଟୁଖା, ସିଗାରେଟ ଇତ୍ୟାଦି ବିକ୍ରି କରୁଥିବା ଦୋକାନ ଉପରେ ଚଢ଼ାଉ କରି ପୋଲିସ ୧୩ ଜଣଙ୍କ ନାମରେ କୋର୍ଟକୁ ପିଆର ପଠାଇଥିବା ସୂଚନା ମିଳିଛି। ସୂଚନା ଅନୁସାରେ ଗାନ୍ଧୀ ଛକ ଫାଣ୍ଡି ଅଞ୍ଚଳରେ ୩, ରାମପୁର ଫାଣ୍ଡି ଅଞ୍ଚଳରେ ୩, ବ୍ରଜରାଜନଗର ଥାନା ଅଞ୍ଚଳରେ ୭ ଜଣଙ୍କ ନାମରେ କୋର୍ଟକୁ ପିଆର ପଠାଇଥିବା ଜଣାପଡିଛି। ପୋଲିସ ପକ୍ଷରୁ ଚଢାଉ କରାଯାଇ ବହୁ ପରିମାଣରେ ନିଷିଦ୍ଧ ତମାଖୁ ମିଶ୍ରିତ ଗୁଟ୍‌ଖା ଜବତ କରାଯାଇଛି। ତଦନ୍ତ ସମୟରେ ଅବୈଧ ଭାବେ ଗୁଟ୍‌ଖା ବିକ୍ରୟ ହେଉଥିବା ପ୍ରମାଣିତ ହେବା ପରେ ସମ୍ବନ୍ଧିତ ଦୋକାନମାଲିକଙ୍କ ବିରୋଧରେ ମାମଲା ରୁଜୁ କରାଯାଇଛି। ବ୍ରଜରାଜନଗର ଥାନା ଅଞ୍ଚଳରେ ଆଇଆଇସି ଧବଳେଶ୍ୱର ସାହୁଙ୍କ ନେତୃତ୍ୱରେ ଇନ୍ସପେକ୍ଟର ପୂର୍ଣ୍ଣିମା ଓରାମ, ଏସ୍‌ଆଇ ପ୍ରଦୀପ କୁମାର ସାହୁ, ଏଏସ୍‌ଆଇ ଅଭୟ କୁମାର ମହାନ୍ତି, ଜି.କେ ବାଗ ଚଢ଼ାଉ କରିଥିଲେ। ସେହିପରି ଗାନ୍ଧୀ ଛକ ଠାରେ ଫାଣ୍ଡି ଅଧିକାରୀ ମଦନ ମୋହନ ନାୟକଙ୍କ ସହ ଫାଣ୍ଡି କର୍ମଚାରୀ, ରାମପୁରଠାରେ ଫାଣ୍ଡି ଅଧିକାରୀ ସୁଦର୍ଶନ ବେହେରା ଓ ଫାଣ୍ଡି କର୍ମଚାରୀ ଚଢ଼ାଉରେ ସାମିଲ ଥିଲେ।

# ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ବିଭିନ୍ନ ପ୍ରକଳ୍ପକୁ ଅନୁମୋଦନ



କୃଷି ଏବଂ କୃଷକ କଲ୍ୟାଣ ସମ୍ପର୍କିତ କାର୍ଯ୍ୟକ୍ରମରେ ଜିଲାପାଳ ଓ ଅନ୍ୟ ଅଧିକାରୀମାନେ।

**ଝାରସୁଗୁଡ଼ା,୧୪।୨(ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡ଼ା ଜିଲାପାଳଙ୍କ କାର୍ଯ୍ୟାଳୟରେ କୃଷି ଓ କୃଷକଙ୍କ ସର୍ବାଙ୍ଗୀନ ବିକାଶ ନିମନ୍ତେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ବୈଠକ ଶନିବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ କୁଣାଲ ମୋତିରାମ ଚହ୍ୱାଣ ବୈଠକରେ ଅଧକ୍ଷତା କରିଥିଲେ। ପ୍ରଥମ ବୈଠକରେ ଜିଲାସ୍ତରୀୟ ମନିଟରିଂ କମିଟି ପକ୍ଷରୁ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଖରିଫ ୨୦୨୫ ଏବଂ ଡିଜିଟାଲ କ୍ରପ ସର୍ଭେ ଓ ଫାର୍ମର ରେଜିଷ୍ଟ୍ରି ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଏହି ଅବସରରେ ଖରିଫ ୨୦୨୫ ପାଇଁ ଧାନ ଓ ଅଣଧାନ ଫସଲ କାଟିବା ପରୀକ୍ଷଣ ଏବଂ ଶରତକାଳୀନ ଋତୁ ପାଇଁ ବିଏଲ୍‌ସିସି ଦ୍ୱାରା ଅନୁମୋଦିତ ଚାଷ ଜମିର କ୍ଷେତ୍ରଫଳକୁ ଅନୁମୋଦନ କରାଯାଇଥିଲା। ଏହାବ୍ୟତୀତ ଡିଜିଟାଲ କ୍ରପ ସର୍ଭେର ଗୁଣବତ୍ତା ଓ ଦୈନିକ ଅଗ୍ରଗତିର ସମୀକ୍ଷା କରିବା ସହ ଚାଷୀ ପଞ୍ଜୀକରଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଏବଂ ନିୟମିତ ଭାବେ ବ୍ଲକସ୍ତରୀୟ କମିଟି ବୈଠକ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଅନ୍ୟ ଏକ ବୈଠକରେ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାର ସଫଳ ରୂପାୟନ ନେଇ ଜିଲାସ୍ତରୀୟ କମିଟିରେ ପର୍ଯ୍ୟାଲୋଚନା କରାଯାଇଥିଲା। ଏହି ବୈଠକରେ ମୁଖ୍ୟ ଜିଲା କୃଷି ଅଧିକାରୀ ପ୍ରଦୀପ କୁମାର ନନ୍ଦଙ୍କ ସମେତ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ଜିଲା ମତ୍ସ୍ୟ ଅଧିକାରୀ, ଉଦ୍ୟାନ କୃଷି ଅଧିକାରୀ ଏବଂ ଏପିକଲର ବରିଷ୍ଠ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ଯୋଜନା ଅଧୀନରେ ଆସିଥିବା ମୋଟ ୬ଟି ପ୍ରକଳ୍ପକୁ ଜିଲାପାଳ ଯାଞ୍ଚ କରି କାର୍ଯ୍ୟକ୍ଷମ କରିବା ପାଇଁ ଅନୁମୋଦନ ପ୍ରଦାନ କରିଛନ୍ତି। ଜିଲାର କୃଷକମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ବିଭିନ୍ନ କୃଷି ଭିତ୍ତିକ ସେକ୍ଟରରେ ଧାର୍ଯ୍ୟ ଲକ୍ଷ୍ୟ ହାସଲ କରିବା ଏବଂ କୃଷି ଉଦ୍ୟୋଗକୁ ପ୍ରୋତ୍ସାହିତ କରିବା ଉପରେ ଜିଲାପାଳ ବିଶେଷ ଗୁରୁତ୍ୱାରୋପ କରିଛନ୍ତି।

## ବେଲପାହାଡ଼ କନିଷ୍ଠ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

**ବେଲପାହାଡ,୧୪।୨(ସୁବାସ ପ୍ରଧାନ)**

ଝାରସୁଗୁଡା ଜିଲା ବେଲପାହାଡ କନିଷ୍ଠ ମହାବିଦ୍ୟାଳୟରେ ଶନିବାର ପୂର୍ବାହ୍ନରେ ୩୬ତମ ବାର୍ଷିକ ଉତ୍ସବ ଅଧକ୍ଷ ସୁରେନ୍ଦ୍ର କୁମାର ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଓଡିଶା ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ସୁରେଶ ପୂଜାରୀ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରିଥିଲେ। ସେ ପିଲାମାନଙ୍କୁ ପ୍ରାଚୀନ ଗୁରୁଶିଷ୍ୟ ପରମ୍ପରା ତଥା ଆଧୁନିକ ଶିକ୍ଷାନୀତି ଏବଂ ମହାପୁରୁଷମାନଙ୍କ ଜୀବନ କାହାଣୀ କହିବା ସହ ଭଲ ମଣିଷ ହେବାପାଇଁ ପ୍ରେରଣା ଦେଇଥିଲେ। ଏହି ସଭାରେ ସାଂସ୍କୃତିକ ସଙ୍ଗଠନର ଉପସଭାପତି ପ୍ରାଧ୍ୟାପିକା ଡକ୍ଟର ଅନୁପମା ଦାଶ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ଏହାପରେ କୃତି ଛାତ୍ରୀଛାତ୍ରଙ୍କୁ ମଞ୍ଚାସୀନ ଅତିଥି ପୁରସ୍କାର ପ୍ରଦାନ କରିଥିଲେ। ବିଗତ ବର୍ଷ ବାର୍ଷିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଏମ୍ଡି ଅସଦ(କଳା), ଅରିବା ନୱାଜ (ବାଣିଜ୍ୟ) ଏବଂ ବିଜ୍ଞାନରେ ନେହା କୁମାରୀ ଯାଦବଙ୍କୁ ପୁରସ୍କୃତ କରାଯାଇଥିଲା। ଏହା ସହ ୨୦୨୫ବର୍ଷିକ ମାତୃଭାଷା ଓଡିଆ ପରୀକ୍ଷାରେ ସର୍ବୋଚ୍ଚ ଅଙ୍କ ଅଧିକାର କରିଥିବା ନନ୍ଦିନୀ ସାହୁଙ୍କୁ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ପ୍ରସନ୍ନ କୁମାର ବରାଳଙ୍କ ଦ୍ୱାରା ପ୍ରଦତ୍ତ ୫ହଜାର ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମଞ୍ଚ ପରିଚାଳନା କରିଥିଲେ ଅଧ୍ୟାପକ କୃଷ୍ଣଚନ୍ଦ୍ର ସାହୁ ଏବଂ ଅଧ୍ୟାପିକା ଚୁମକି ମଜୁମଦାର। ଶେଷରେ ଅଧ୍ୟାପକ କ୍ଷମାନିଧି ନାଥ ଧନ୍ୟବାଦ ଜ୍ଞାପନ କରିଥିଲେ। ସଭା ଶେଷ ହେବାପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଅନୁଷ୍ଠାନର ଅଧ୍ୟାପିକା, ଅଧ୍ୟାପକ, ଅଭିଭାବକ, ଅତିଥିବୃନ୍ଦ ଓ ସମସ୍ତ କର୍ମଚାରୀ ତଥା ଛାତ୍ରୀଛାତ୍ର ଯୋଗଦାନ କରି ଏହି କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ।

# ୫୫ ୟୁନିଟ୍ ରକ୍ତ ସଂଗ୍ରହ



ପୋଲିସ କର୍ମଚାରୀ ଶିବିରରେ ରକ୍ତଦାନ କରୁଛନ୍ତି।

**ପୋଲିସ ପକ୍ଷରୁ ରକ୍ତଦାନ ଶିବିର**

**ଦେବଗଡ଼,୧୪।୨(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ଜିଲା ପୋଲିସ ତରଫରୁ ଶନିବାର ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ରିଜର୍ଭ ପୋଲିସ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ଶିବିରରେ ସମୁଦାୟ ୫୫ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଦେବଗଡ଼ ଆରକ୍ଷୀ ଅଧୀକ୍ଷକ ଅନିଲ କୁମାର ମିଶ୍ର ମୁଖ୍ୟ ଅତିଥି ଭାବେ ଫିତାକାଟି ରକ୍ତଦାନ ଶିବିର ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଧିରଜ କୁମାର ଚୋପଦାର ସାମିଲ ହୋଇଥିଲେ। ପୋଲିସ ଏବଂ ଜନସାଧାରଣ ମଧ୍ୟରେ ସୁସମ୍ପର୍କ ସ୍ଥାପନ ସହିତ ସମାଜସେବା ପାଇଁ ଉଦାହରଣ ସୃଷ୍ଟି କରିବା ଲକ୍ଷ୍ୟରେ ପୋଲିସ ତରଫରୁ ରକ୍ତଦାନ ଶିବିର ଆୟୋଜନ କରାଯାଇଛି। ଆଗକୁ ଗ୍ରୀଷ୍ମ ଋତୁ ଆସୁଥିବା ବେଳେ ରକ୍ତଭଣ୍ଡାରରେ ରକ୍ତର ଅଭାବକୁ ପୂରଣ କରିବା ଲକ୍ଷ୍ୟରେ ପୋଲିସ ଏଭଳି ଏକ ପଦକ୍ଷେପ ନେଇଥିବା ବେଳେ ଆସନ୍ତା ଦିନରେ ଜିଲାର ପ୍ରତ୍ୟେକ ଥାନା ଏବଂ ଫାଣ୍ଡି ଅଞ୍ଚଳରେ ରକ୍ତଦାନ ଶିବିର ଆୟୋଜନ କରାଯିବ ବୋଲି ଜିଲା ଆରକ୍ଷୀ ଅଧୀକ୍ଷକ ପ୍ରକାଶ କରିଥିଲେ। ୫୫ ଜଣ ରିଜର୍ଭ ପୋଲିସ କର୍ମଚାରୀ, ଗୃହରକ୍ଷୀ ପ୍ରମୁଖ ସାମିଲ ହୋଇ ସ୍ୱେଚ୍ଛାକୃତ ରକ୍ତଦାନ କରିଥିଲେ। ଦେବଗଡ଼ ଥାନା ଅଧିକାରୀ ସବ୍ୟଶାଚୀ ଶତପଥି, ରିଜର୍ଭ ଇନ୍ସପେକ୍ଟର ହମ୍ବିରା ସୋରେନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ। ଦେବଗଡ଼ ରକ୍ତଭଣ୍ଡାର କର୍ମଚାରୀ ସାମିଲ ହୋଇ ରକ୍ତ ସଂଗ୍ରହ କରିଥିଲେ।

# ଅନିତ ଚକ୍ରବର୍ତ୍ତୀ ସ୍ମାରକୀ କ୍ରିକେଟ୍: ସମ୍ବଲପୁର ରେଲ୍‌ୱେ ବିଜୟୀ

**ବ୍ରଜରାଜନଗର,୧୪।୨(ବିଜୟ ବରାଡ଼)**

ଝାରସୁଗୁଡ଼ା ଜିଲା ଅନ୍ତର୍ଗତ ଇଣ୍ଟିଗ୍ରିଟି କ୍ରିକେଟ ପଡ଼ିଆ ମହାବୀର ନଗରଠାରେ ଆୟୋଜିତ ପ୍ରଥମ ଅନିତ ଚକ୍ରବର୍ତ୍ତୀ ସ୍ମାରକୀ ସର୍ବଭାରତୀୟ ନକ୍‌ଆଉଟ ୨୦-୨୦ କ୍ରିକେଟ ପ୍ରତିଯୋଗିତାର ଶନିବାର ଦ୍ୱିତୀୟ ସେମି ଫାଇନାଲ ମ୍ୟାଚ ସମ୍ବଲପୁର ରେଲୱେ ସମ୍ବଲପୁର ଓ ସାଇନିଂ ଷ୍ଟାର୍ ଝାରସୁଗୁଡ଼ା ମଧ୍ୟରେ ଖେଳା ଯାଇଥିଲା। ଏହି ମ୍ୟାଚରେ ସମ୍ବଲପୁର ରେଲୱେ ଦଳ ଟସ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତି କରିଥିଲେ। ସମ୍ବଲପୁର ରେଲୱେ ୨୦ ଓଭରରେ ୮ ଉଇକେଟ ହରାଇ ୨୦୩ ରନ ସଂଗ୍ରହ କରିଥିଲେ। ଦ୍ୱିତୀୟ ପାଳିରେ ସାଇନିଂ ଷ୍ଟାର୍ ଝାରସୁଗୁଡା ଦଳ ୨୦ ଓଭରରେ ୯ ଉଇକେଟ ହରାଇ ୧୯୭ ରନ ସଂଗ୍ରହ କରିଥିଲେ। ସମ୍ବଲପୁର ରେଲୱେ ଦଳ ଏହି ମ୍ୟାଚକୁ ୬ ରନ୍‌ରେ ବିଜୟ ହାସଲ କରି ଫାଇନାଲରେ ପହଞ୍ଚିଛନ୍ତି। ଫାଇନାଲ ମ୍ୟାଚ ରବିବାର ଆମ୍ବିସନ କ୍ଲବ ବ୍ରଜରାଜନଗର ଓ ସମ୍ବଲପୁର ରେଲୱେ ଦଳ ମଧ୍ୟରେ ଖେଳାଯିବ। ସମ୍ବଲପୁର ରେଲୱେ ଦଳର ଶ୍ରେଷ୍ଠ ସିଂ ମ୍ୟାନ ଅଫ ଦି ମ୍ୟାଚ ଘୋଷିତ ହୋଇଛନ୍ତି। ଜୟ ସିଂ ଓ ବିନୟ ପ୍ରସାଦ ଖେଳ ପରିଚାଳନା କରିଥିଲେ।

# ରବି ଗିଦ୍ୱାନୀ ବଜରଙ୍ଗ ଦଳ ସହର ସଭାପତି



ରବି ଗିଦ୍ୱାନୀ।

**ଝାରସୁଗୁଡା,୧୪।୨(ଆଶିଷ ରଞ୍ଜନ ଦାଶ)**

ଆର୍‌ଏସ୍‌ଏସ ଏବଂ ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ଝାରସୁଗୁଡା ସହରର ରବି ଗିଦ୍ୱାନୀଙ୍କୁ ଝାରସୁଗୁଡା ସହର ବଜରଙ୍ଗ ଦଳ ସଭାପତି ଓ ସଂଯୋଜକ ଭାବରେ ଶନିବାର ନିଯୁକ୍ତି ପ୍ରଦାନ କରାଯାଇଛି। ଝାରସୁଗୁଡା ସହରରେ ଗୋ-ସମ୍ପଦ ଉପରେ ହେଉଥିବା ଅତ୍ୟାଚାର ବିରୋଧରେ ଲଢ଼ି ଆସୁଥିବା ରବି ଗିଦ୍ୱାନୀ ଜଣେ ହିନ୍ଦୁବାଦୀ ଲଢୁଆ ଯୁବକ ହୋଇଥିବାରୁ ତାଙ୍କୁ ଆର୍‌ଏସ୍‌ଏସ ଏବଂ ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ଏହି ନିଯୁକ୍ତି ପ୍ରଦାନ କରାଯାଇଛି। ସନାତନ ସଂସ୍କୃତିର ସୁରକ୍ଷା, ସେବା ପାଇଁ ଜୀବନ ଉତ୍ସର୍ଗୀକୃତ ବୋଲି ରବି ଗିଦ୍ୱାନୀ ମତପ୍ରକାଶ କରିଛନ୍ତି।

# ବିଜ୍ଞାନ ଶିକ୍ଷକ ଗିରଫ, କୋର୍ଟ ଚାଲାଣ

**ଦେବଗଡ଼,୧୪।୨(ଶଶାଙ୍କ ଶେଖର ଝାଙ୍କର)**

**ପ୍ରେମ ସପ୍ତାହରେ ଛାତ୍ରୀମାନଙ୍କୁ ପ୍ରେମ ପାଠ ପଢ଼ାଇବା ଘଟଣା**

ପ୍ରେମ ସପ୍ତାହରେ ବିଜ୍ଞାନ ଶିକ୍ଷକ ବିଦ୍ୟାଳୟରେ ଛାତ୍ରୀମାନଙ୍କୁ ପ୍ରେମର ପାଠ ପଢାଇଥିବା ଘଟଣାରେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଦେବଗଡ଼ ଜିଲା ରିଆମାଳ ବ୍ଲକ କୁଣ୍ଢେଇଗୋଳା ସରକାରୀ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ତପନ କୁମାର ମିଶ୍ରଙ୍କୁ ଶନିବାର ଗିରଫ କରାଯାଇଛି। କୋର୍ଟ ଚାଲାଣ ପରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲକୁ ପଠାଯାଇଛି। ଜନୈକା ଛାତ୍ରୀଙ୍କ ମା' ଦେଇଥିବା ଅଭିଯୋଗ ଆଧାରରେ କୁଣ୍ଢେଇଗୋଳା ଥାନା ପୋଲିସ ଏକ ମାମଲା (ନଂ.୪୬/୨୦୨୬) ରୁଜୁ କରିଛି।

ସୂଚନା ଥାଉକି ପ୍ରେମ ସପ୍ତାହ ଅବସରରେ ଶିକ୍ଷକ ମିଶ୍ର ଖାଇବା ଛୁଟି ସମୟରେ ବିଦ୍ୟାଳୟର କେତେଜଣ ଛାତ୍ରୀଙ୍କୁ ଗୁଲଗୁଲା ଓ ସିଙ୍ଗଡା ବୋଲି ଡାକିବା ସହିତ ଆଜି କି ଡେ' ବୋଲି ପଚାରିଥିଲେ। ଏପରିକି କେଉଁଦିନ ହଗ ଡେ', କେଉଁଦିନ ପ୍ରପୋଜ ଡେ' ଓ କେଉଁଦିନ ଚକୋଲେଟ ଡେ' ସେ ସମ୍ପର୍କରେ ପାଠ ପଢ଼ାଇବା ସହ ସେମାନଙ୍କୁ ଚକୋଲେଟ ମାଗିଥିଲେ। ବୁଧବାର ଏହି ଘଟଣା ସମ୍ପର୍କରେ ସମ୍ପୃକ୍ତ ଛାତ୍ରୀମାନେ ଘରକୁ ଫେରି ପରିବାର ଲୋକଙ୍କୁ ଜଣାଇବା ପରେ ଗୁରୁବାର ଏକାଧିକ ଛାତ୍ରୀଙ୍କ ଅଭିଭାବକ ବିଦ୍ୟାଳୟ ପରିଚାଳନା ସମିତି ସଭାପତି ନାରାୟଣ ସାହୁଙ୍କୁ ଜଣାଇଥିଲେ। ଏହା ସହ ସମ୍ପୃକ୍ତ ଶିକ୍ଷକଙ୍କୁ ଗାଳିଗୁଲଜ କରିଥିଲେ। ପରେ ଅଭିଭାବକ ଓ ବିଦ୍ୟାଳୟର ଶିକ୍ଷକମାନଙ୍କୁ ନେଇ ଏକ ବୈଠକ ବସିଥିଲା। ଜନୈକା ଛାତ୍ରୀଙ୍କ ମା' ଶିକ୍ଷକ ମିଶ୍ରଙ୍କ ବିରୋଧରେ କୁଣ୍ଢେଇଗୋଳା ଥାନାରେ ଗୁରୁବାର ସନ୍ଧ୍ୟାରେ ଅଭିଯୋଗ କରିଥିଲେ। ଶୁକ୍ରବାର ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଓ ବଦଳି ଦାବିରେ ଗ୍ରାମବାସୀ ଓ ଅଭିଭାବକ, ଛାତ୍ରୀଛାତ୍ର ବିଦ୍ୟାଳୟରେ ତାଲା ପକାଇଥିଲେ। ପୋଲିସ ସମ୍ପୃକ୍ତ ଶିକ୍ଷକଙ୍କୁ ଥାନାକୁ ନେଇ ଅଟକରଖି ପଚରାଉଚରା କରିଥିଲା। ତଦନ୍ତ ପରେ ଶିକ୍ଷକଙ୍କୁ ଗିରଫ କରାଯାଇଛି ବୋଲି ପୋଲିସ କହିଛି।



ଗିରଫ ଶିକ୍ଷକ ତପନ କୁମାର ମିଶ୍ର।

# ୩୬କୋଟି ୫୪ଲକ୍ଷ ଟଙ୍କାର ବିଭିନ୍ନ ଉନ୍ନୟନ ପ୍ରକଳ୍ପର ଶିଳାନ୍ୟାସ

**ଝାରସୁଗୁଡ଼ା,୧୪।୨(ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡ଼ା ନିର୍ବାଚନ ମଣ୍ଡଳୀର କୋଲାବିରା, କିର୍ମିରା ଓ ଲଇକେରା ବ୍ଲକର ବିଭିନ୍ନ ପଞ୍ଚାୟତରେ ବିଧାୟକ ଟଙ୍କଧର ତ୍ରିପାଠୀ ରାସ୍ତା, ପୋଲ ଭଳି ବିଭିନ୍ନ ଉନ୍ନୟନ ପ୍ରକଳ୍ପ ପାଇଁ ୩୬କୋଟି ୫୪ ଲକ୍ଷ ଟଙ୍କାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ବିଧାୟକ ତ୍ରିପାଠୀଙ୍କ ଦ୍ୱାରା ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ଲଇକେରା ବ୍ଲକର ସାହସପୁର ପଞ୍ଚାୟତର ଆରଡ଼ି ରୋଡ଼ ଠାରୁ ରାମଛିପିଡ଼ିହି ପର୍ଯ୍ୟନ୍ତ ୨କୋଟି ୬୦ ଲକ୍ଷ ଟଙ୍କା, ଜାମମାଲ ପଞ୍ଚାୟତର ତାପଗୁଞ୍ଜା ଠାରୁ ଅମାପଡା ଦେଇ ସମ୍ବଲପୁର ସୀମା ପର୍ଯ୍ୟନ୍ତ ୨କୋଟି ୬୬ଲକ୍ଷ ଟଙ୍କା, ପାକେଲପଡା ପଞ୍ଚାୟତର ଖଜୁରଖାମାନରୁ ସମ୍ବଲପୁର ସୀମା ପର୍ଯ୍ୟନ୍ତ ୧କୋଟି ୯୩ ଲକ୍ଷ ଟଙ୍କା, ଖୁଣ୍ଟାମାଲ ପଞ୍ଚାୟତର ସୁଢୁଙ୍ଗରୁ ସମ୍ବଲପୁର ସୀମା ପର୍ଯ୍ୟନ୍ତ ୫କୋଟି ୪୯ ଲକ୍ଷ ଟଙ୍କାର ରାସ୍ତାର ଉନ୍ନତି ପାଇଁ ଶିଳାନ୍ୟାସ କରାଯାଇଛି। ଏହାସହ ଜିଲା ଖଣିଜ ପାଣ୍ଠିରୁ ବାବୁଛିପିଡ଼ିହି ପଞ୍ଚାୟତର ହୁଡକୁଡ଼ିହିରୁ ବାଙ୍କୀ ଗ୍ରାମ ପର୍ଯ୍ୟନ୍ତ ୧କୋଟି ୭୫ ଲକ୍ଷ ଟଙ୍କାର କଂକ୍ରିଟ ରାସ୍ତା ନିର୍ମାଣ ପାଇଁ ଶୁଭ ଦିଆଯାଇଛି। ସେହିପରି କୋଲାବିରା ବ୍ଲକର ପରମାନପୁର ପଞ୍ଚାୟତରେ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ଜାତୀୟ ରାଜପଥ ୪୯ରୁ ପତ୍ରାପାଲି ରାସ୍ତା ଓ ପରମାନପୁରରୁ ଚନ୍ଦ୍ରଡିହି ରାସ୍ତାର ଉନ୍ନତିକରଣ ପାଇଁ ୨କୋଟି ୯୮ଲକ୍ଷ ଟଙ୍କା, କୋଲାବିରା ପଞ୍ଚାୟତର ତରାଇକେଲାରୁ ପଚାପଡା ରାସ୍ତାର ଉନ୍ନତିକରଣ ପାଇଁ ୨ କୋଟି ୧୧ଲକ୍ଷ ଟଙ୍କା ଏବଂ ସୋଡ଼ାମାଳ ପଞ୍ଚାୟତର ଗୁଛାପାଲିରୁ ଦେହୁରୀପଡା ଭାୟା ମଙ୍ଗରାପାଲି ଦେଇ ରାସ୍ତାର ଉନ୍ନତିକରଣ ପାଇଁ ୫ କୋଟି ୪୮ ଲକ୍ଷ ଟଙ୍କାର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ସେହିପରି କିର୍ମିରା ବ୍ଲକର ବନ୍ଧପାଲି ପଞ୍ଚାୟତର ଆରଡ଼ି ରୋଡ଼ଠାରୁ ଠାକୁରପଡା ପର୍ଯ୍ୟନ୍ତ ୨ କୋଟି ୭୭ ଲକ୍ଷ ଟଙ୍କା ଓ ଆରଡ଼ି ରୋଡ଼ଠାରୁ ଡେଙ୍ଗୁରଜୋର ପର୍ଯ୍ୟନ୍ତ ରାସ୍ତାର ଉନ୍ନତିକରଣ ପାଇଁ ୪ କୋଟି ୮୬ ଲକ୍ଷ ଟଙ୍କାର ଶୁଭ ଦିଆଯାଇଛି। ଏହାସହ ଶିଆଳରମାରୁ ସାରସମାଲ ଗ୍ରାମକୁ ଯୋଡୁଥିବା ପୋଲ ନିର୍ମାଣ ପାଇଁ ୨କୋଟି ୫୮ଲକ୍ଷ ଟଙ୍କାର ଶିଳାନ୍ୟାସ ସହ ସମୁଦାୟ ୩୬ କୋଟି ୫୪ ଲକ୍ଷ ଟଙ୍କାର ପ୍ରକଳ୍ପ ଶିଳାନ୍ୟାସ କରାଯାଇଛି। ଏହି ଶିଳାନ୍ୟାସ ଅବସରରେ ବିଧାୟକ ତ୍ରିପାଠୀ କହିଛନ୍ତି, ଏହି ରାସ୍ତା ନିର୍ମାଣ ହେବା ଦ୍ୱାରା ଅଞ୍ଚଳବାସୀ ଗ୍ରାମାଞ୍ଚଳରୁ ବ୍ଲକକୁ ଏବଂ ବ୍ଲକରୁ ଜିଲା ପର୍ଯ୍ୟନ୍ତ ଯିବାଆସିବାରେ ପଥ ସୁଗମ ହେବ। ଫଳରେ ଗ୍ରାମାଞ୍ଚଳ ରହୁଥିବା ସାଧାରଣ ଜନତାଙ୍କ ବ୍ୟବସାୟରେ ଉନ୍ନତି ହେବା ସହ ନିଜେ ସ୍ୱାବଲମ୍ବୀ ହୋଇପାରିବେ। କାର୍ଯ୍ୟକ୍ରମରେ ପିଡବ୍ଲ୍ୟୁଡି ର କାର୍ଯ୍ୟନିର୍ବାହୀ ଅଧିକାରୀ ସତ୍ୟବାନ ପଟେଲ, ଏସଡିଓ ଆଶିଷ ଲେଙ୍କା, କୋଲାବିରା ମଣ୍ଡଳ ସଭାପତି ରାଜେଶ ଦାସ, ଲଇକେରା ମଣ୍ଡଳ ସଭାପତି ଦ୍ୱିତୀୟା ଓରାମ ଓ କୁଳମଣି କିଷାନ, କିର୍ମିରା ମଣ୍ଡଳ ସଭାପତି ଉଦ୍ଧବ ସିଂ ନାୟକ ପ୍ରମୁଖଙ୍କ ସମେତ ବହୁ ସଂଖ୍ୟାରେ ଭାଜପା କର୍ମୀ ଉପସ୍ଥିତ ଥିଲେ।



ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଦ୍ୱାରା ବିଭିନ୍ନ ଉନ୍ନୟନ ପ୍ରକଳ୍ପର ଶିଳାନ୍ୟାସ କରାଯାଉଛି।

# ଜେଲ ଫେରନ୍ତାଙ୍କୁ ହତ୍ୟା, ରାସ୍ତା ପାର୍ଶ୍ୱରୁ ମିଳିଲା ମୃତଦେହ

## ୨୦୨୨ରେ ମା'ଙ୍କୁ ହତ୍ୟା କରି ଜେଲ ଯାଇଥିଲେ

ଛେଣ୍ଡିପଦା,୧୪।୨ (ଅଜିତ ଧଳ)

ଅନୁଗୋଳ ଜିଲା ବାଗଡ଼ିଆ ଥାନା ଭେଜିଡିହ ଗାଁ ନିକଟସ୍ଥ ୧୪୯ନଂ. ଜାତୀୟ ରାଜପଥ ପାର୍ଶ୍ୱରେ ଶୁକ୍ରବାର ରାତି ୯ଟାରେ ଜଣେ ଯୁବକଙ୍କ ରକ୍ତାକ୍ତ ମୃତଦେହ ପଡ଼ିଥିବା ପୋଲିସକୁ ଖବର ମିଳିଥିଲା। ମୃତକ ହେଲେ ବାଗଡ଼ିଆ ଗାଁ ଦେହୁରୀ ସାହିର ତୁଷାରକାନ୍ତ ଦେହୁରୀ (୨୮)। ତୁଷାର ୨୦୨୨ ମସିହାରେ ମା'ଙ୍କୁ ହତ୍ୟା ଅଭିଯୋଗରେ ଜେଲ୍ ଯାଇ ଜାମିନରେ ଫେରିଥିଲେ। ତେବେ ଧାରୁଆ ଅସ୍ତ୍ରରେ କେହି ତାଙ୍କୁ ହାଣି ହତ୍ୟା କରିଥିବା ମୃତକଙ୍କ ଭାଇ ନିହାର ଦେହୁରୀ ଶନିବାର ଥାନାରେ ଅଭିଯୋଗ କରିଛନ୍ତି।

ପୋଲିସର ସୂଚନା ଅନୁଯାୟୀ, ବାଗଡ଼ିଆ ଗାଁର ତୁଷାର ୨୦୨୨ରେ ମା'ଙ୍କୁ ହତ୍ୟା କରିବା ଅଭିଯୋଗରେ ଜେଲ ଯାଇଥିଲେ। ଜେଲରେ ସେ ଭେଜିଡିହ ଗାଁର ରବୀନ୍ଦ୍ର ନାଏକଙ୍କ ସହ ରହୁଥିଲେ। ଉଭୟ ଜାମିନରେ ଆସିବା ପରେ ରବୀନ୍ଦ୍ରଙ୍କ ଘରେ କିଛିଦିନ ହେଲା ତୁଷାର ରହୁଥିଲେ।



ମୃତଦେହ ପଡ଼ିଥିବା ସ୍ଥାନରେ ପୋଲିସ ତଦନ୍ତ କରୁଛି।

ଶୁକ୍ରବାର ରାତି ୯ଟାରେ ଭେଜିଡିହ ଗାଁ ନିକଟ ରାଜପଥ ପାର୍ଶ୍ୱରେ ତୁଷାରଙ୍କ କ୍ଷତାକ୍ତ ମୃତଦେହ ପଡ଼ିଥିବା ପୋଲିସକୁ ଖବର ମିଳିଥିଲା। ପୋଲିସ ପହଞ୍ଚି ଘଟଣାସ୍ଥଳରେ ଜଗି ରହିଥିବାବେଳେ ଶନିବାର ଅନୁଗୋଳ ଡିଏସ୍‌ପି ସୁକୁମାର ତ୍ରିପାଠୀ, ବାଗଡ଼ିଆ ଥାନା ଅଧିକାରୀ ପ୍ରିୟବ୍ରତ ନାୟକଙ୍କ ତତ୍ତ୍ୱାବଧାନରେ ମୃତକଙ୍କ ଭାଇ ନିହାରଙ୍କ ଉପସ୍ଥିତିରେ ମୃତଦେହ ପଞ୍ଚନାମା କରିବା ସହିତ ସାଇଣ୍ଟିଫିକ ଟିମ୍ ସହାୟତାରେ ତଦନ୍ତ କରିଥିଲା। ତୁଷାରଙ୍କ ପେଟ ଓ ମୁହଁ, ହାତ ଓ ଗୋଡ଼ରେ ଗଭୀର କ୍ଷତ ହୋଇଥିବାରୁ କେହି ଧାରୁଆ ଅସ୍ତ୍ରରେ ତାଙ୍କୁ ଆକ୍ରମଣ କରି ହତ୍ୟା କରିଥିବା ପୋଲିସ ସନ୍ଦେହ କରୁଛି। ବିଭିନ୍ନ ସ୍ଥାନରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରିବା ସହ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ଏ ସଂକ୍ରାନ୍ତରେ ଥାନାରେ ନଂ. ୩୬/୨୬ରେ ଏକ ମାମଲା ରୁଜୁ କରାଯାଇଛି। ଘଟଣାସ୍ଥଳରୁ ମିଳିଥିବା ଏକ ହେଲମେଟ ସହ ଅନ୍ୟ ପ୍ରମାଣକୁ ଆଧାର କରି ତଦନ୍ତ କରାଯାଉଥିବା ବେଳେ ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଧରାଯିବ ବୋଲି ଡିଏସ୍‌ପି ସୁକୁମାର ତ୍ରିପାଠୀ ପ୍ରକାଶ କରିଛନ୍ତି।

# ନବରଙ୍ଗପୁରର ଔଷଧ ଦୋକାନୀ ଗିରଫ

## ବେଆଇନ ଡ୍ରଗ୍ସ କାରବାର, ୨ ଅଭିଯୁକ୍ତଙ୍କୁ ଗିରଫ କଲା ଛତିଶଗଡ଼ ପୋଲିସ

### ୧୪ ଲକ୍ଷ ଟଙ୍କାର ବେଆଇନ ମେଡିସିନ ଜବତ

ନବରଙ୍ଗପୁର,୧୪।୨(ସଦାଶିବ ପ୍ରହରାଜ)

ଆନ୍ତଃ ରାଜ୍ୟ ଡ୍ରଗ୍ସ ରାକେଟରେ ସମ୍ପୃକ୍ତି ଅଭିଯୋଗରେ ଛତିଶଗଡ଼ ବସ୍ତର ପୋଲିସ ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଛତିଶଗଡ଼ ବୋଧଘାଟ ଥାନା ଅଞ୍ଚଳର ନରେନ୍ଦ୍ର ସିଂହ ଠାକୁର (୩୬) ଓ ନବରଙ୍ଗପୁରର ଶ୍ରୀ ଲକ୍ଷ୍ମଣ ମେଡିକାଲ ଓ ଜେନେରାଲ ଷ୍ଟୋର ମାଲିକ ୱୁନ୍ନା ରାମକୃଷ୍ଣ ରାଓ (୬୧)। ଉଭୟଙ୍କଠାରୁ ବିପୁଳ ପରିମାଣର ବେଆଇନ ନିଷିଦ୍ଧ ନିଶା ବଟିକା ଜବତ ହୋଇଥିବାରୁ ଏନ୍‌ଡିପିଏସ୍ ଧାରା ସି ଅନୁଯାୟୀ ଗିରଫକରି କୋର୍ଟ ଚାଲାଣ କରିଥିବା ସୂଚନା ମିଳିଛି। ଅଭିଯୁକ୍ତମାନଙ୍କ ପାଖରୁ ମୋଟ ୨୩୫୮.୪ ଓଜନର ଏହି ଡ୍ରଗ୍ସ ଜବତ କରାଯାଇଛି। ଜବତ ବଟିକାର ମୂଲ୍ୟ ୧୪ ଲକ୍ଷ ୮ହଜାର ଟଙ୍କା ହେବ ବୋଲି ପୋଲିସ ସୂଚନା ଦେଇଛି।

ବସ୍ତର ପୋଲିସ ନିଶାଦ୍ରବ୍ୟ ଅପବ୍ୟବହାର ବିରୋଧରେ ଏକ ଅଭିଯାନ ଆରମ୍ଭ କରିଛି। ଏସ୍‌ପି ଶଲଭ କୁମାର ସିହ୍ନାଙ୍କ ନିର୍ଦ୍ଦେଶରେ ଏକ ଟିମ୍ ଗଠନ ପରେ ଚଢ଼ାଉ କରାଯାଇଥିଲା। ବୋଧଘାଟ ଥାନା ଅଞ୍ଚଳରୁ ନରେନ୍ଦ୍ର ସିଂହ ଠାକୁରଙ୍କୁ ଗିରଫ କରାଯାଇଥିଲା। ତାଙ୍କ ଠାରୁ ୪୫୦.୨ ଗ୍ରାମ ଓଜନର ମୋଟ ୮୪ଟି ଟାବଲେଟ୍ (୬୭୨ ଖଣ୍ଡ) ନିଷିଦ୍ଧ ଟ୍ରାମାଡୋଲ୍ ନାର୍କୋଟିକ୍ କ୍ୟାପ୍‌ସୁଲ ମିଳିଥିଲା। ଏହାର ମୂଲ୍ୟ ପ୍ରାୟ ୨,୬୮,୮୦୦ ହେବ ବୋଲି ପୋଲିସ ସୂଚନା ଦେଇଛି। ସେ ନବରଙ୍ଗପୁରର ଶ୍ରୀ ଲକ୍ଷ୍ମଣ ମେଡିକାଲ ଓ ଜେନେରାଲ ଷ୍ଟୋରରୁ ବେଆଇନ ଭାବରେ ଏହି ନିଷିଦ୍ଧ ନାର୍କୋଟିକ୍ ଔଷଧ କିଣି ସହରର ଯୁବକମାନଙ୍କୁ ବିକ୍ରି କରୁଥିଲେ ବୋଲି ପୋଲିସ ଜାଣିବାକୁ ପାଇଥିଲା। ଏହାପରେ ଛତିଶଗଡ଼ ପୋଲିସ ନବରଙ୍ଗପୁରରେ ପହଞ୍ଚି ଅଭିଯୁକ୍ତଙ୍କ ଦ୍ୱାରା ଉଲ୍ଲେଖ କରାଯାଇଥିବା ଲକ୍ଷ୍ମୀ ମେଡିକାଲ ଷ୍ଟୋର ମାଲିକ ୱୁନ୍ନା ରାମକୃଷ୍ଣ ରାଓଙ୍କୁ ପଚରାଉଚରା କରିଥିଲା। ସେଠାରେ ଯାଞ୍ଚବେଳେ ଦୋକାନର ପଛପଟ ବଖରାରୁ ୧୨ଟି ବାକ୍ସରେ ଥିବା ବେଆଇନ ନାର୍କୋଟିକ୍ ଡ୍ରଗ୍ ଟ୍ରାମୋଡୋଲ୍ ମିଳିଥିଲା। ଏହାର ମୂଲ୍ୟ ୧୧,୩୯,୨୦୦ ଟଙ୍କା ହେବ। ଏନେଇ ୧୩ ତାରିଖରେ ଅଭିଯୁକ୍ତ ୱୁନ୍ନା ରାମକୃଷ୍ଣ ରାଓଙ୍କୁ ଗିରଫ କରାଯାଇଥିଲା। ଶୁକ୍ରବାର ଉଭୟ ଅଭିଯୁକ୍ତଙ୍କୁ ସ୍ୱତନ୍ତ୍ର କୋର୍ଟରେ ହାଜର କରାଯାଇ ବିଚାରବିଭାଗୀୟ ହାଜତକୁ ପଠାଯାଇଥିବା ସୂଚନା ମିଳିଛି।




ବସ୍ତର ପୋଲିସ ଅଭିଯୁକ୍ତ ଓ ଜବତ ନିଷିଦ୍ଧ ମେଡିସିନ ସମ୍ପର୍କରେ ସୂଚନା ଦେଉଛି।

## ୨୨ଲକ୍ଷ ଠକେଇ ମାମଲା

# ଜୟଦୁର୍ଗା ଫାଉଣ୍ଡେଶନ ଅଧ୍ୟକ୍ଷା ଗିରଫ

### ନନ୍ଦିପଦା ପୋଲିସ ସହାୟତାରେ ଗିରଫ କଲା ଖଣ୍ଡଗିରି ପୋଲିସ

ହାଟଡିହୀ, ୧୪।୨(ଶୁଭକାନ୍ତ ନାୟକ)

ଏକ ଠକେଇ ମାମଲାରେ ଜୟଦୁର୍ଗା ଫାଉଣ୍ଡେଶନର ଅଧ୍ୟକ୍ଷା ସୁରେଶ୍ୱରୀ ସାଗରିକା ଜେନା ଶନିବାର ଗିରଫ ହୋଇଛନ୍ତି। କେନ୍ଦୁଝର ଜିଲା ନନ୍ଦିପଦା ଥାନା ଅନ୍ତର୍ଗତ ହାଟଡିହୀ ବ୍ଲକ ଜଳକଳଙ୍ଗ ଗ୍ରାମର ସୁରେଶ୍ୱରୀ ସାଗରିକାଙ୍କୁ ସ୍ଥାନୀୟ ପୋଲିସ ସହାୟତାରେ ଖଣ୍ଡଗିରି ଥାନା ପୋଲିସ ଗିରଫ କରିଛି। ପ୍ରଥମେ ଖଣ୍ଡଗିରି ପୋଲିସ ନନ୍ଦିପଦା ଥାନାରେ ପହଞ୍ଚି ସୁରେଶ୍ୱରୀ ସାଗରିକାଙ୍କ ବିଷୟରେ ଆଲୋଚନା କରିଥିଲା। ତତ୍‌ପରେ ସ୍ଥାନୀୟ ପୋଲିସ ସମ୍ପୃକ୍ତ ମହିଳାଙ୍କୁ ତାଙ୍କ ଘରୁ ଧରିଥିଲା। ଗିରଫ ପରେ ନନ୍ଦିପଦା ପୋଲିସ ତାଙ୍କୁ ଖଣ୍ଡଗିରି ପୋଲିସକୁ ହସ୍ତାନ୍ତର କରିଥିଲା। ଏ ସମ୍ପର୍କରେ ନନ୍ଦିପଦା ଆଇଆଇସି ଧର୍ମେନ୍ଦ୍ର ଶାନ୍ତି କହିଛନ୍ତି, ଏକ ଠକେଇ ମାମଲାରେ ସୁରେଶ୍ୱରୀ ଗିରଫ ହେବା ପରେ ଖଣ୍ଡଗିରି ପୋଲିସକୁ ତାଙ୍କୁ ହସ୍ତାନ୍ତର କରାଯାଇଛି। ଖଣ୍ଡଗିରି ଥାନା ଆଇଆଇସି ଅଭିମନ୍ୟୁ ଦାସ କହିଛନ୍ତି, ୨୨ଲକ୍ଷ ଟଙ୍କା ଠକେଇକୁ ନେଇ ସମ୍ପୃକ୍ତ ମହିଳାଙ୍କ ନାମରେ ଏକ ମାମଲା (ନଂ. ୪୬୫/୨୦୨୫) ରୁଜୁ ହୋଇଛି। ଉକ୍ତ ଅଭିଯୋଗକୁ ଭିତ୍ତିକରି ତାଙ୍କୁ ନନ୍ଦିପଦା ଥାନା ଅଞ୍ଚଳରୁ ଗିରଫ କରାଯାଇଛି।

ସୁରେଶ୍ୱରୀ ଜୟଦୁର୍ଗା ଫାଉଣ୍ଡେଶନ ନାମରେ ଏକ ସଂସ୍ଥା ଗଠନ କରି ଜଣେ ମହିଳା ସାମାଜିକ କର୍ମୀ ଭାବେ ବେଶ୍ ଚର୍ଚ୍ଚାରେ ଥିଲେ। ଉକ୍ତ ସଂସ୍ଥାର ସେ ଅଧ୍ୟକ୍ଷା ଅଟନ୍ତି। ସେ ଗିରଫ ହେବା ପରେ ସ୍ଥାନୀୟ ଅଞ୍ଚଳରେ ସାମାଜିକ କାର୍ଯ୍ୟ ନାମରେ ଏପରି ଠକେଇ ଲଜ୍ଜାଜନକ ଘଟଣା ବୋଲି ଚର୍ଚ୍ଚାର ବିଷୟ ପାଲଟିଛି।

# କୁରାଢ଼ିରେ ହାଣି ସ୍ତ୍ରୀଙ୍କୁ ହତ୍ୟା

ଯୋଡ଼ା,୧୪।୨(ମାନସ ମହାନ୍ତି)

କେନ୍ଦୁଝର ଜିଲା ବାମେବାରି ଥାନା ଅଧୀନ ବ୍ରାହ୍ମଣୀଡିହା ଗ୍ରାମରେ ଚରିତ୍ର ସନ୍ଦେହରେ ସ୍ତ୍ରୀଙ୍କୁ କୁରାଢ଼ିରେ ହାଣି ସ୍ୱାମୀ ହତ୍ୟା କରିଥିବା ଅଭିଯୋଗ ହୋଇଛି। ଏନେଇ ପୋଲିସ ଏକ ହତ୍ୟା ମାମଲା (ନଂ.୩୪/୨୬) ରୁଜୁ କରି ଅଭିଯୁକ୍ତ ଗୋବିନ୍ଦ ମୁଣ୍ଡାଙ୍କୁ ଶନିବାର କୋର୍ଟ ଚାଲାଣ କରିଛି। ମୃତ ମହିଳା ହେଲେ ରଜନୀ ମୁଣ୍ଡା (୨୮)। ରଜନୀଙ୍କ ଚରିତ୍ରକୁ ନେଇ ଗୋବିନ୍ଦ ସନ୍ଦେହ କରି ଆସୁଥିଲେ। ଶୁକ୍ରବାର ସନ୍ଧ୍ୟାରେ ସ୍ତ୍ରୀ ସ୍ୱାମୀଙ୍କ ମଧ୍ୟରେ ବଚସାରୁ ଝଗଡ଼ା ଉଗ୍ରରୂପ ନେଇଥିଲା। ଏଥିରେ ଗୋବିନ୍ଦ ଉତ୍ତ୍ୟକ୍ତ ହୋଇ ଏକ କୁରାଢ଼ିରେ ରଜନୀଙ୍କୁ ଆକ୍ରମଣ କରିଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା।

# ସାମାନ୍ୟ ବଚସାକୁ ନେଇ ହତ୍ୟା, ଅଭିଯୁକ୍ତ ଗିରଫ

ବୋରିଗୁମ୍ମା, ୧୪।୨(ବିଜୟ କୁମାର ସାହୁ)

କୋରାପୁଟ ଜିଲା ବୋରିଗୁମ୍ମା ଥାନା ଚାଲାଣଗୁଡ଼ାରେ ସାମାନ୍ୟ ବଚସାକୁ ନେଇ ଜଣେ ଯୁବକଙ୍କୁ ହତ୍ୟା କରାଯାଇଥିବା ଶନିବାର ଅଭିଯୋଗ ହୋଇଛି। ମୃତକ ହେଲେ ଚାଲାଣଗୁଡ଼ାର ରେହେମାନ ଖାନ (୨୨)।

ପୋଲିସ ସୂତ୍ରରୁ ପ୍ରକାଶ, ଶୁକ୍ରବାର ସନ୍ଧ୍ୟା ୬ଟା୩୦ରେ ରେହେମାନ ଖାନ, ଚାଲାଣଗୁଡ଼ା ଜାତୀୟ ରାଜପଥ ୬୩ ପାର୍ଶ୍ୱର ଥିବା ଆଦର୍ଶ ବିଷୋୟୀଙ୍କ ଦୋକାନକୁ ଯାଇଥିଲେ। କୌଣସି କାରଣ ନେଇ ରେହେମାନ ଓ ଆଦର୍ଶଙ୍କ ମଧ୍ୟରେ ବଚସା ହୋଇଥିଲା। ଆଦର୍ଶ ରାଗିଯାଇ ପାଖରେ ଥିବା କ୍ରିକେଟ ବ୍ୟାଟ୍‌ରେ ରେହେମାନଙ୍କୁ ବାଡ଼େଇଥିଲେ। ରେହେମାନ ଗୁରୁତର ହୋଇ ପାଖରେ ଥିବା ଏକ ଖାଲରେ ପଡ଼ିଯାଇଥିଲେ। ଘଟଣା ସମ୍ପର୍କରେ ଇନ୍ୟୁସ୍ ଖାଁ ଓ ସମିଉଲ୍ଲା ଖାଁ ରେହେମାନଙ୍କ ମାଆ ନଜ୍‌ମା ବେଗମଙ୍କୁ ଜଣାଇଥିଲେ। ତୁରନ୍ତ ନଜ୍‌ମା ଘଟଣାସ୍ଥଳରେ ପହଞ୍ଚି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ରେହେମାନଙ୍କୁ ଉଦ୍ଧାରକରି ବୋରିଗୁମ୍ମା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ରେହେମାନଙ୍କ ମା' ଘଟଣା ସମ୍ପର୍କରେ ବୋରିଗୁମ୍ମା ଥାନାରେ ଏତଲା ଦେଇଥିଲେ। ପୋଲିସ ଅଭିଯୁକ୍ତ ଆଦର୍ଶଙ୍କୁ ଗିରଫ କରିଛି। ଶନିବାର କୋରାପୁଟରୁ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳକୁ ଯାଇ ତଦନ୍ତକରି ଫେରିଛନ୍ତି। ପୋଲିସ କେସ୍ ନଂ. ୩୪/ ୨୬ରେ ମାମଲା ରୁଜୁକରି ତଦନ୍ତ ଚଳାଇଥିବା ତଦନ୍ତକାରୀ ଅଧିକାରୀ ରାମାନନ୍ଦ ସାହୁ ସୂଚନା ଦେଇଛନ୍ତି।

## Business

# ୧୦,୦୦୦ କୋଟିର ଷ୍ଟାର୍ଟଅପ୍ ଇଣ୍ଡିଆ ଫଣ୍ଡ ଅଫ୍ ଫଣ୍ଡସ୍ ୨.୦ ଅନୁମୋଦିତ

ଭୁବନେଶ୍ୱର,୧୪।୨(ଅନୁରାଧା ମହାରଣା)

ଭାରତର ବର୍ଦ୍ଧିତ ଷ୍ଟାର୍ଟଅପ୍ ଇକୋସିଷ୍ଟମକୁ ଏକ ପ୍ରମୁଖ ପ୍ରୋତ୍ସାହନ ସ୍ୱରୂପ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ କେନ୍ଦ୍ର କ୍ୟାବିନେଟ ଷ୍ଟାର୍ଟଅପ ଇଣ୍ଡିଆ ଫଣ୍ଡ ଅଫ ଫଣ୍ଡ୍ସ ୨.୦ (ଷ୍ଟାର୍ଟଅପ ଇଣ୍ଡିଆ ଏଫ୍‌ଓଏଫ୍ ୨.୦) ପ୍ରତିଷ୍ଠାକୁ ଅନୁମୋଦନ କରିଛି। ଦେଶର ଷ୍ଟାର୍ଟଅପ ଇକୋସିଷ୍ଟମ ପାଇଁ ଭେଞ୍ଚର କ୍ୟାପିଟାଲ ସଂଗ୍ରହ କରିବା ପାଇଁ ଏଥିରେ ମୋଟ ୧୦,୦୦୦ କୋଟି ଟଙ୍କାର ପାଣ୍ଠି ଆବଣ୍ଟନ କରାଯାଇଛି। ଦୀର୍ଘକାଳୀନ ଘରୋଇ ପୁଞ୍ଜି ସଂଗ୍ରହ, ଭେଞ୍ଚର କ୍ୟାପିଟାଲ ଇକୋସିଷ୍ଟମକୁ ସୁଦୃଢ଼ କରିବା ଏବଂ ସାରା ଦେଶରେ ନବୋନ୍ମେଷ ଆଧାରିତ ଉଦ୍ୟୋଗକୁ ସମର୍ଥନକରି ଭାରତର ଷ୍ଟାର୍ଟଅପ ଯାତ୍ରାର ପରବର୍ତ୍ତୀ ପର୍ଯ୍ୟାୟକୁ ତ୍ୱରାନ୍ୱିତ କରିବା ଏହି ଯୋଜନାର ଲକ୍ଷ୍ୟ ରହିଛି। ୨୦୧୬ରେ ଷ୍ଟାର୍ଟଅପ ଇଣ୍ଡିଆ ଆରମ୍ଭ ହେବା ପରଠାରୁ ଭାରତର ଷ୍ଟାର୍ଟଅପ ଇକୋସିଷ୍ଟମରେ ଏକ ଉଲ୍ଲେଖନୀୟ ପରିବର୍ତ୍ତନ ଆସିଛି। ଏହା ୫୦୦ରୁ କମ୍ ଷ୍ଟାର୍ଟଅପରୁ ବୃଦ୍ଧି ପାଇ ଆଜି ଶିଳ୍ପ ଏବଂ ଆଭ୍ୟନ୍ତରୀଣ ବାଣିଜ୍ୟ ପ୍ରୋତ୍ସାହନ ବିଭାଗ (ଡିପିଆଇଆଇଟି) ଦ୍ୱାରା ସ୍ୱୀକୃତିପ୍ରାପ୍ତ ୨ ଲକ୍ଷରୁ ଅଧିକ ଷ୍ଟାର୍ଟଅପ୍‌ରେ ପହଞ୍ଚିଛି। ୨୦୨୫ରେ ସର୍ବାଧିକ ଷ୍ଟାର୍ଟଅପ୍ ପଞ୍ଜୀକରଣ ହୋଇଛି। ଏଫ୍‌ଏଫ୍‌ଏସ୍ ୧.୦ ଅନ୍ତର୍ଗତ, ୧୦,୦୦୦ କୋଟି ଟଙ୍କାର ସମ୍ପୂର୍ଣ୍ଣ କର୍ପସ ୧୪୫ ବିକଳ୍ପ ନିବେଶ ପାଣ୍ଠି (ଏଆଇଏଫ୍)କୁ ଆବଣ୍ଟିତ କରାଯାଇଥିଲା। ଏହି ସମର୍ଥିତ ଏଆଇଏଫ୍ କୃଷି, କୃତ୍ରିମ ବୁଦ୍ଧିମତ୍ତା, ରୋବୋଟିକ୍ସ, ଅଟୋମୋଟିଭ, କ୍ଲିନ୍ ଟେକ୍, ଉପଭୋକ୍ତା ସାମଗ୍ରୀ ଏବଂ ସେବା, ଇ-କମର୍ସ, ଶିକ୍ଷା, ଫିନ୍‌ଟେକ, ଖାଦ୍ୟ ଓ ପାନୀୟ, ସ୍ୱାସ୍ଥ୍ୟସେବା, ଉତ୍ପାଦନ, ମହାକାଶ ପ୍ରଯୁକ୍ତିବିଦ୍ୟା ଏବଂ ବାୟୋଟେକ୍ନୋଲୋଜି ଭଳି କ୍ଷେତ୍ରରେ ଦେଶବ୍ୟାପୀ ୧,୩୭୦ରୁ ଅଧିକ ଷ୍ଟାର୍ଟଅପ୍ସରେ ୨୫,୫୦୦ କୋଟି ଟଙ୍କାରୁ ଅଧିକ ନିବେଶ କରିଛନ୍ତି। ଷ୍ଟାର୍ଟଅପ୍ ଇଣ୍ଡିଆ ଏଫ୍‌ଓଏଫ୍ ୨.୦ ଭାରତୀୟ ନବସୃଜନକୁ ପରବର୍ତ୍ତୀ ସ୍ତରକୁ ନେବା ପାଇଁ ଡିଜାଇନ କରାଯାଇଛି। ଏହା ଧୈର୍ଯ୍ୟଶୀଳ ଏବଂ ଦୀର୍ଘକାଳୀନ ପୁଞ୍ଜି ଆବଶ୍ୟକ କରୁଥିବା ଉଚ୍ଚ ପ୍ରଯୁକ୍ତି କ୍ଷେତ୍ରଗୁଡ଼ିକରେ ସଫଳତାକୁ ପ୍ରାଥମିକତା ଦେବା ସହ ନୂତନ ଏବଂ ଅଭିନବ ଚିନ୍ତାଧାରା ପାଇଁ ଏକ ସୁରକ୍ଷା ଜାଲ ପ୍ରଦାନ କରିବା, ପାଣ୍ଠି ଅଭାବରୁ ପ୍ରାରମ୍ଭିକ ବିଫଳତାକୁ ହ୍ରାସ କରିବ। ସେହିପରି ପ୍ରମୁଖ ମହାନଗରଗୁଡ଼ିକ ବାହାରେ ନିବେଶକୁ ଉତ୍ସାହିତ କରିବା ଫଳରେ ନବସୃଜନ ଦେଶର ପ୍ରତ୍ୟେକ କୋଣରେ ପହଞ୍ଚିପାରିବ।

# ବେଦାନ୍ତ ଆଲୁମିନିୟମ ଦକ୍ଷତା ତାଲିମ କେନ୍ଦ୍ରର ସଫଳତା



## ଶତ ପ୍ରତିଶତ ତାଲିମପ୍ରାପ୍ତଙ୍କୁ ମିଳିଲା ନିଯୁକ୍ତି

ଭୁବନେଶ୍ୱର,୧୪।୨(ଅନୁରାଧା ମହାରଣା)

ବେଦାନ୍ତ ଆଲୁମିନିୟମ ପକ୍ଷରୁ କଳାହାଣ୍ଡିର ଲାଞ୍ଜିଗଡ଼ ଦକ୍ଷତା ତାଲିମ କେନ୍ଦ୍ରର ୨୭ତମ ବ୍ୟାଚ୍ ୧୦୦% ନିଯୁକ୍ତି ହାସଲ କରିଛନ୍ତି। ଏହି ବ୍ୟାଚ୍‌ରେ ୭ଜଣ ଦିବ୍ୟାଙ୍ଗ ପ୍ରାର୍ଥୀ ଥିଲେ। ସେହି ସମସ୍ତ ପ୍ରାର୍ଥୀଙ୍କୁ ବିମାନ ଚଳାଚଳ ସେବା ଓ ଆତିଥେୟତା ଉଦ୍ୟୋଗର ବିଭିନ୍ନ ଅଗ୍ରଣୀ କମ୍ପାନୀରେ ନିଯୁକ୍ତି ସୁଯୋଗ ମିଳିଛି। ଏହି ପ୍ରାର୍ଥୀମାନେ ଇଣ୍ଡିଗୋ, କ୍ଲବ୍ ମହିନ୍ଦ୍ରା, ବେଲ୍‌ଜିଆନ୍‌ୱାଫଲ, ମିନର୍ଭାଗ୍ରାଣ୍ଡ, ଏଭିଏନ୍ ଗ୍ରୁପ୍, ଶ୍ରୀନେଚର ଭ୍ୟାଲି ଓ ଗଲ୍ଫ କ୍ଲବ୍ ଭଳି କମ୍ପାନୀରେ ଯୋଗଦେଇଛନ୍ତି। ସ୍ଥାୟୀ ଜୀବିକା ସୃଷ୍ଟି, ତୃଣମୂଳ ଅର୍ଥନୈତିକ ବିକାଶକୁ ସୁଦୃଢ଼କରିବା ଓ ବିକଶିତ ଭାରତର ଜାତୀୟ ଏଜେଣ୍ଡାକୁ ସମର୍ଥନକରିବା ପାଇଁ କମ୍ପାନୀର ରହିଥିବା ଦୀର୍ଘକାଳୀନ ଲକ୍ଷ୍ୟର ଅଂଶ ସ୍ୱରୂପ ଏହି କାର୍ଯ୍ୟକ୍ରମକୁ ଓଏସ୍‌ଡିଏ ଓ ଜାତୀୟ କୃଷି ଓ ଗ୍ରାମୀଣ ବିକାଶ ବ୍ୟାଙ୍କ (ନାବାର୍ଡ) ସହଯୋଗିତାରେ ଭବାନୀପାଟଣା ଓ ଲାଞ୍ଜିଗଡ଼ରେ ଆୟୋଜନ କରାଯାଉଛି। ଏହି ଅଭିଯାନ ସମ୍ପର୍କରେ ବେଦାନ୍ତ ଆଲୁମିନା ବିଜ୍‌ନେସ୍‌ର ସିଇଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି, ଦିବ୍ୟାଙ୍ଗ ପ୍ରାର୍ଥୀମାନଙ୍କୁ ତାଲିମ କେନ୍ଦ୍ରରୁ ମୁଖ୍ୟଧାରା କାର୍ଯ୍ୟକ୍ଷେତ୍ର ପର୍ଯ୍ୟନ୍ତ ରୂପାନ୍ତରିତ ହେବାରେ ସକ୍ଷମକରି ଆମେ ଦର୍ଶାଉଛୁ ଯେ ସମାବେଶୀ ନିଯୁକ୍ତି ପ୍ରଦାନ କେବଳ ଏକ ସାମାଜିକ ଅଭିଯାନ ନୁହେଁ, ବରଂ ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ଷେତ୍ର ଆବଶ୍ୟକତା। ଏହି ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଅଧୀନରେ ୩ ବର୍ଷରେ ୧୩୦୦ରୁ ଅଧିକ ଗ୍ରାମୀଣ ଯୁବତୀଯୁବକଙ୍କୁ ତାଲିମ ପ୍ରଦାନ କରିବା ଲକ୍ଷ୍ୟ ରଖାଯାଇଛି।

# ୨୬କୋଟି ଟଙ୍କାର ଋଣ ବଣ୍ଟନ




## ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆର ମେଗା କୃଷିଋଣ ଆଉଟ୍‌ରିଚ୍ କାର୍ଯ୍ୟକ୍ରମ

ଭୁବନେଶ୍ୱର,୧୪।୨(ଅନୁରାଧା ମହାରଣା)

ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ସାରା ଦେଶରେ ମେଗା କୃଷି ଋଣ ଆଉଟ୍‌ରିଚ୍ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବ୍ୟାଙ୍କର ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ମଧ୍ୟ ଏକ କୃଷି ଋଣ ଆଉଟ୍‌ରିଚ୍ କାର୍ଯ୍ୟକ୍ରମ କଟକ ଜଗତ୍‌ପୁରର ପୀରବଜାରସ୍ଥିତ ଅମ୍ବିକା କନ୍‌ଭେନ୍‌ସନଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୦ କୋଟି ଟଙ୍କାର ଋଣ ମଞ୍ଜୁର କରାଯାଇଥିଲା ଏବଂ ୨୬କୋଟି ଟଙ୍କାର ଋଣ ବଣ୍ଟନ କରାଯାଇଥିଲା। ଏହି ଅବସରରେ ବ୍ୟାଙ୍କର ଭୁବନେଶ୍ୱର କ୍ଷେତ୍ରର କ୍ଷେତ୍ରୀୟ ମୁଖ୍ୟ ପଙ୍କଜ କୁମାର, ଉପ କ୍ଷେତ୍ରୀୟ ମୁଖ୍ୟ ସୁରେଶ ଚନ୍ଦ୍ର ଏବଂ ମୁଖ୍ୟ ପ୍ରବନ୍ଧକ ମୁକୁନ୍ଦ କୁମାର କର୍ଣ୍ଣ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟ ଓ ସ୍ଥାନୀୟ ଗ୍ରାହକମାନେ ଉତ୍ସାହଜନକ ଅଂଶଗ୍ରହଣ କରିଥିଲେ। ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାମାନଙ୍କ ଋଣ ଆବଶ୍ୟକତା ପୂରଣକରିବା ପାଇଁ ସେଣ୍ଟ୍‌ନାରି ଶକ୍ତି ସମେତ ବିଭିନ୍ନ କୃଷି ଏବଂ ମହିଳା କେନ୍ଦ୍ରିକ ଆର୍ଥିକ ଉତ୍ପାଦ ବିଷୟରେ ସଚେତନତା ସୃଷ୍ଟି କରାଯାଇଥିଲା। ଗ୍ରାମୀଣ ଗ୍ରାହକମାନଙ୍କ ମଧ୍ୟରେ ଆର୍ଥିକ ସୁରକ୍ଷା ଓ ଅନ୍ତର୍ଭୁକ୍ତିକୁ ପ୍ରୋତ୍ସାହିତକରିବା ନିମନ୍ତେ ବିଭିନ୍ନ ସାମାଜିକ ସୁରକ୍ଷା ଯୋଜନା ବିଷୟରେ ସଚେତନତା ସୃଷ୍ଟି କରାଯାଇଥିଲା।

# ସିଏନ୍‌ଜି ପ୍ରଚାରପ୍ରସାର ପାଇଁ ରାଲି

ଭୁବନେଶ୍ୱର,୧୪।୨(ଅନୁରାଧା ମହାରଣା)

ଗେଲ୍ (ଇଣ୍ଡିଆ) ଲିମିଟେଡ୍ ପକ୍ଷରୁ ନ୍ୟାଶନାଲ ସିଏନ୍‌ଜି ଡ୍ରାଇଭ ୨.୦ ଅଧୀନରେ ଭୁବନେଶ୍ୱରରେ ଏକ କମ୍ପ୍ରେସ୍‌ଡ ନାଚୁରାଲ ଗ୍ୟାସ୍ (ସିଏନ୍‌ଜି)ର ପ୍ରଚାରପ୍ରସାର କରାଯାଇଛି। ଏହି କାର୍ଯ୍ୟକ୍ରମର ଅଂଶ ଭାବେ ଭୁବନେଶ୍ୱର-କଟକ-ଭୁବନେଶ୍ୱର ରୁଟ୍‌କୁ କଭର କରୁଥିବା ଏକ ରାଲିରେ ପ୍ରାୟ ୫୦ଟି ସିଏନ୍‌ଜି ଯାନ ଅଂଶଗ୍ରହଣ କରିଥିଲେ। ରାଲି ସମୟରେ ପ୍ରକୃତ ଅନ୍-ରୋଡ୍ ପ୍ରଦର୍ଶନକୁ ମୂଲ୍ୟାୟନ କରିବା ପାଇଁ ଯାନଗୁଡ଼ିକର ମାଇଲେଜକୁ ଭଲ ଭାବରେ ତଦାରଖ କରାଯାଇଥିଲା ଏବଂ ସର୍ବାଧିକ ମାଇଲେଜ ହାସଲ କରିଥିବା ୩ ଜଣ ଡ୍ରାଇଭରଙ୍କୁ କାର୍ଯ୍ୟକ୍ରମ ଶେଷରେ ସମ୍ମାନିତ କରାଯାଇଛି। ସିଏନ୍‌ଜି ପରିଚାଳିତ ଟୁର୍ ଭାରିଆଣ୍ଟ ଯାନ ପ୍ରତି କିଲୋଗ୍ରାମ ପିଛା ୩୫ କିଲୋମିଟରରୁ ଅଧିକ ମାଇଲେଜ ପ୍ରଦାନ କରିପାରୁଛନ୍ତି ବୋଲି ପ୍ରଦର୍ଶିତ କରିବା ଏହି ରାଲିର ଉଦ୍ଦେଶ୍ୟ ରହିଥିଲା। ମାତ୍ର ରାଲିରେ ଶୀର୍ଷ ପ୍ରଦର୍ଶନକାରୀ ଚାଳକମାନେ ପ୍ରତି କିଲୋଗ୍ରାମ ସିଏନ୍‌ଜି ପିଛା ପ୍ରାୟ ୪୦ କିଲୋମିଟରର ମାଇଲେଜ ରେକର୍ଡ କରିଥିଲେ।

# ସ୍ୱସ୍ତିକ ଟିଭିଏସ୍ ପକ୍ଷରୁ ଟିଭିଏସ୍ ଅର୍ବିଟରର ଅନାବରଣ

ଭୁବନେଶ୍ୱର, ୧୪।୨(ଅନୁରାଧା ମହାରଣା)



କଟକସ୍ଥିତ ସ୍ୱସ୍ତିକ ଟିଭିଏସ୍ ପକ୍ଷରୁ ଶନିବାର ନୂଆ ଟିଭିଏସ୍ ଅର୍ବିଟର ଅନାବରଣ କରାଯାଇଛି। ସହରୀ ଯାତାୟାତକୁ ସହଜ ଏବଂ ପରିବେଶ ଅନୁକୂଳ କରିବା ପାଇଁ ଏହି ସ୍କୁଟରେ ଅନେକ ଆଧୁନିକ ବୈଷୟିକ ଜ୍ଞାନକୌଶଳ ବ୍ୟବହାର କରାଯାଇଛି। ଏହା ଥରେ ଚାର୍ଜ ହେଲେ ୧୫୮ କିଲୋମିଟର ପର୍ଯ୍ୟନ୍ତ ଯାତ୍ରା କରିପାରିବ। ଏହାର ୧୪ ଇଞ୍ଚର ଆଗ ଚକ ରାସ୍ତାରେ ଉତ୍ତମ ସନ୍ତୁଳନ ଏବଂ ସୁରକ୍ଷା ପ୍ରଦାନ କରେ। ୩୪ ଲିଟରର ବଡ଼ ବୁଟ୍‌ସ୍ପେଶ୍ ଏଥିରେ ୨ଟି ହେଲ୍‌ମେଟ୍ ରଖାଯାଇପାରିବ। କ୍ରୁଜ୍ କଣ୍ଟ୍ରୋଲ, ହିଲ୍ ହୋଲ୍ଡ ଆସିଷ୍ଟ ଏବଂ ସ୍ମାର୍ଟଫୋନ୍ କନେକ୍ଟିଭିଟି ଭଳି ପ୍ରିମିୟମ୍ ଫିଚର୍ସ ଏଥିରେ ଉପଲବ୍ଧ। ଏହାର ମୂଲ୍ୟ ୧,୦୪,୯୦୦(ଏକ୍ସ ଶୋ' ରୁମ୍) ରହିଛି। ଅନାବରଣ କାର୍ଯ୍ୟକ୍ରମରେ ସ୍ୱସ୍ତିକ ଟିଭିଏସ୍‌ର ଏମ୍‌ଡି ପରମେଶ୍ୱର କଓ୍ୱାଟିଆ, ଦିନେଶ କଓ୍ୱାଟିଆ, ରିଜିଓନାଲ ଟ୍ରେନିଂ ମ୍ୟାନେଜର ମଜିଦ୍ ଖାନ୍, ଓଡ଼ିଶା ଟିଭିଏସ୍‌ର ଇଭି ସେଲସ୍‌ର ରଶ୍ମିରଞ୍ଜନ ଦାସ, ଟେରିଟୋରି ସେଲ୍‌ସ ମ୍ୟାନେଜର ବାର୍ବି ବୈଶ୍ୟ ଓ ଓଡ଼ିଶା ଟିଭିଏସ୍‌ର ଡିଲର ଲିଡ୍ ଦିବ୍ୟଜ୍ୟୋତି ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଖିମ୍‌ଜୀ ଜୁଏଲର୍ସ ପକ୍ଷରୁ ବାର୍ଷିକ ସେଲ୍

ଭୁବନେଶ୍ୱର,୧୪।୨(ଅନୁରାଧା ମହାରଣା)




ଖିମ୍‌ଜୀ ଜୁଏଲର୍ସର ଭୁବନେଶ୍ୱର ଶହୀଦନଗରସ୍ଥିତ ଫ୍ଲାଗ୍‌ଶିପ୍ ଷ୍ଟୋରର ବାର୍ଷିକ ସେଲ୍ ସହ ସୀମିତ ସମୟ ଅଫର ଘୋଷଣା କରାଯାଇଛି। ଶନିବାରଠାରୁ ଆରମ୍ଭହୋଇଥିବା ଏହି ସେଲ୍ ଫେବୃଆରୀ ୨୧ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ଗ୍ରାହକମାନେ ସୁନା ଓ ହୀରାଗହଣା ଉଭୟର ଗଢ଼ା ମଜୁରିରେ ଫ୍ଲାଟ୍ ୪୫% ରିହାତି ପାଇପାରିବେ। ଏହାବ୍ୟତୀତ ଖିମ୍‌ଜୀ ଜୁଏଲର୍ସ ପକ୍ଷରୁ ଓଡ଼ିଶାରେ ଥିବା ସମସ୍ତ ଶୋ'ରୁମ୍‌ରେ ବ୍ୟାପକ ରିହାତି ପ୍ରଦାନ କରାଯାଉଛି। ଏହି ଅଫର ୯୦ ବର୍ଷର କାରିଗରି ପ୍ରତି ଏକ ସମ୍ମାନ ଜଣାଉଥିବା ଷ୍ଟୋର ପକ୍ଷରୁ କୁହାଯାଇଛି। ସୁନ୍ଦର, ଯତ୍ନର ସହ ନିର୍ମିତ ଡିଜାଇନଗୁଡ଼ିକୁ ପୂର୍ବାପେକ୍ଷା ଆହୁରି ସହଜରେ ଲୋକମାନଙ୍କ ପାଖରେ ପହଞ୍ଚାଇବାକୁ ଖିମ୍‌ଜୀ ଉଦ୍ୟମ କରୁଛି। ହୀରା ନେକ୍‌ଲେସ୍‌ଠାରୁ ଆରମ୍ଭକରି ସୂକ୍ଷ୍ମଭାବେ ଡିଜାଇନ କରାଯାଇଥିବା ବ୍ରାଇଡାଲ୍ ସେଟ୍ ପର୍ଯ୍ୟନ୍ତ ଆଗକୁ ବଢ଼ିଯାଇଥିବା ଏକ ପରମ୍ପରା ପାଇଁ ପରିଚିତ ଖିମ୍‌ଜୀ ଜୁଏଲର୍ସ ସୁନା ମାନଦଣ୍ଡ ନିର୍ଦ୍ଧାରଣ ଜାରି ରଖିଛି। ରାଜ୍ୟରେ ବର୍ତ୍ତମାନ ୧୧ଟି ଶୋ'ରୁମ୍ ଓ ଆଗକୁ ଶୁଭାରମ୍ଭ ହେବାକୁ ଯାଉଥିବା ୪ଟି ଶୋ'ରୁମ୍ ସହ ଏହି ବ୍ରାଣ୍ଡ୍ ଏହାର ଉପସ୍ଥିତିକୁ ଆହୁରି ସୁଦୃଢ଼ କରିବାକୁ ଯୋଜନା ରଖିଛି।


କଲମ୍ବୋର ପ୍ରେମଦାସା ଷ୍ଟାଡିୟମରେ ଶନିବାର ଫୁଟବଲ ଖେଳି ଭାରତୀୟ କ୍ରିକେଟ ଦଳର ଅଭ୍ୟାସ।

# ହ୍ୟାଣ୍ଡଶେକ୍ ପ୍ରସଙ୍ଗକୁ ଏଡ଼ାଇଲେ ଉଭୟ ଅଧିନାୟକ

ରବିବାର କଲମ୍ବୋରେ ହେବାକୁ ଥିବା ହାଇଭୋଲ୍ଟେଜ ଟି୨୦ ବିଶ୍ୱକପ୍ ମ୍ୟାଚ୍‌ରେ ଭାରତ ଓ ପାକିସ୍ତାନ ମଧ୍ୟରେ ଜବରଦସ୍ତ ମୁକାବିଲା ହେବ। କିନ୍ତୁ ମ୍ୟାଚ୍ ପୂର୍ବରୁ ଟସ୍ ବେଳେ ଦୁଇ ଦଳର ଖେଳାଳି ହାତ ମିଳାଇବେ କି ନାହିଁ, ତାହାକୁ ଉଭୟ ଦଳର ଅଧିନାୟକ ସଲମାନ ଆଘା ଏବଂ ସୂର୍ଯ୍ୟକୁମାର ଯାଦବ ଶନିବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏଡ଼ାଇ ଯାଇଛନ୍ତି।

## ଇତିହାସରୁ ଶିକ୍ଷା କରିଛୁ: ସଲମାନ

**କଲମ୍ବୋ, ୧୪।୨ (ପି.ଟି.)**

ଆମେ ହାତ ମିଳାଇବୁ କି ନାହିଁ, ତାହା ମ୍ୟାଚ୍ ପୂର୍ବରୁ ଜଣାପଡ଼ିବ। କ୍ରିକେଟ ଉଚିତ ଭାବନା ସହ ଖେଳାଯିବା ଦରକାର। ହେଲେ ମୋ ବ୍ୟକ୍ତିଗତ ମତାମତ ମାନେ ରଖେ ନାହିଁ। ମାତ୍ର କ୍ରିକେଟ ସେଭଳି ଖେଳାଯିବା ଉଚିତ, ଯେଉଁଭଳି ଏହା ଖେଳାଯାଇ ଆସୁଛି। ଏହା ସେମାନଙ୍କ ଉପରେ ସେମାନେ କ'ଣ ନିଷ୍ପତ୍ତି ନେଉଛନ୍ତି ବୋଲି ସଲମାନ କହିଛନ୍ତି। ବିଶ୍ୱକପ୍‌ରେ ଭାରତ ବିପକ୍ଷ ରେକର୍ଡ ସମ୍ପର୍କରେ ସେ କହିଛନ୍ତି, ଆମ ରେକର୍ଡ ଭଲ ନାହିଁ। କିନ୍ତୁ ଯେତେବେଳେ ଏକ ନୂଆ ମ୍ୟାଚ୍ ଖେଳାଯାଏ, ସେହି ଦିନ ଭଲ ଖେଳିଥିବା ଦଳ ହିଁ ଜିତେ। ମ୍ୟାଚ୍ ଜିତିବା ପାଇଁ ଭଲ କ୍ରିକେଟ ଖେଳିବାକୁ ପଡ଼ିବ। ଆମେ ଇତିହାସ ବଦଳି ପାରିବୁ ନାହିଁ। ଆମେ ସେଥିରୁ ଶିକ୍ଷା ନେଇଛୁ। ଆମେ ଭାରତ ବିପକ୍ଷରେ ଭଲ ପ୍ରଦର୍ଶନ କରି ମ୍ୟାଚ୍ ଜିତିବୁ। ଉଲ୍ଲେଖଯୋଗ୍ୟ, ଗତ ବର୍ଷ ଅଗଷ୍ଟରେ ପହଲଗାମ ଗଣହତ୍ୟା ଓ ପରେ ଭାରତୀୟ ସେନା ଦ୍ୱାରା କରାଯାଇଥିବା ଅପରେଶନ ସିନ୍ଦୂର କାରଣରୁ ଦୁବାଇରେ ଅନୁଷ୍ଠିତ ଏସିଆ କପ୍‌ରେ ଭାରତୀୟ ଖେଳାଳିମାନେ ପ୍ରତିପକ୍ଷ ପାକିସ୍ତାନ ଖେଳାଳିଙ୍କ ସହ ହାତ ମିଳାଇ ନ ଥିଲେ।

### ତାରିକ ଆମ ଟ୍ରମ୍ପ କାର୍ଡ

ବୋଲିଂ କଲାବେଳେ ଉଇକେଟ ପାଖରେ ରହିକି ସ୍ଲିଙ୍ଗ ଆକ୍ସନ ସହିତ ବୋଲିଂ କରୁଥିବା ଉସ୍ମାନ ତାରିକ ଭାରତ ବିପକ୍ଷ ମ୍ୟାଚ୍‌ରେ ପାକିସ୍ତାନ ପାଇଁ ଜଣେ ଟ୍ରମ୍ପ କାର୍ଡ। ଆର୍ ପ୍ରେମଦାସ ତାରକା ଖଚିତ ଭାରତୀୟ ଦଳ ପାଇଁ ଷ୍ଟାଡିୟମର ଧିମା ପିଚ୍‌ରେ ତାରିକ ଡବଲ ବିପଜ୍ଜନକ ହୋଇପାରନ୍ତି।

ଉସ୍ମାନ ଆମ ଦଳର ୧୫ ଖେଳାଳିଙ୍କ ମଧ୍ୟରୁ ଜଣେ। ଆମେ ତାଙ୍କୁ ସେହିଭଳି ବ୍ୟବହାର କରୁ। କେବଳ ତୁମେମାନେ ହିଁ ତାଙ୍କୁ ବଡ଼ ଖେଳାଳି କରି ଦେଇଛ। ସେ ଗତ କିଛି ମାସ ହେଲା ଖୁବ୍ ଭଲ ବୋଲିଂ କରୁଛନ୍ତି। ସେ ଲିଗ୍ କ୍ରିକେଟରେ ମଧ୍ୟ ଭଲ ପ୍ରଦର୍ଶନ କରିଥିଲେ। ହଁ ସେ ଆମ ପାଇଁ ଟ୍ରମ୍ପ କାର୍ଡ ବୋଲି ପାକିସ୍ତାନ ସଲମାନ କହିଛନ୍ତି। ତାଙ୍କ ବୋଲିଂ ଆକ୍ସନ ସମ୍ପର୍କରେ ସେ ପ୍ରକାଶ କରିଛନ୍ତି ଯେ, ତାରିକ କ୍ରିକେଟ ଖେଳିବା ଆରମ୍ଭ କରିବା ଦିନଠାରୁ ତାଙ୍କ ବୋଲିଂ ଆକ୍ସନକୁ ନେଇ ସମାଲୋଚନାର ସମ୍ମୁଖୀନ ହେଉଛନ୍ତି। ଏଣୁ ସେ ଏବେ ଏହାକୁ ଖାତିର କରୁ ନାହାନ୍ତି। ଗତ ବର୍ଷ ଦୁଇ ଥର ତାଙ୍କ ବୋଲିଂ ଆକ୍ସନକୁ ଆଇସିସି କ୍ଲିଅର କରିଥିଲା। ଆଇସିସି ତାଙ୍କୁ ଯାହା କରିବାକୁ କହିଥିଲା ଏବଂ ଇଣ୍ଟରନ୍ୟାଶନାଲ କ୍ରିକେଟରେ ବୋଲିଂ କରିବା ପାଇଁ ଯାହା ଦରକାର, ସେ କରିଥିଲେ। ଏଣୁ ମୋତେ ଜଣା ନାହିଁ, ତାଙ୍କ ବୋଲିଂ ଆକ୍ସନକୁ ନେଇ ଲୋକେ ଏତେ ଚର୍ଚ୍ଚା କାହିଁ କରୁଛନ୍ତି। ମୋ ମତରେ ମ୍ୟାଚ୍‌ରେ ସ୍ପିନର ପ୍ରଭାବ ବିସ୍ତାର କରିପାରନ୍ତି। କିନ୍ତୁ ମୋ ମତରେ ପେସରଙ୍କ ଭୂମିକା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ହେବ। ଆମ ପାଖରେ ଅନେକ ସ୍ପିନର ଓ ପେସର ରହିଛନ୍ତି, ଦରକାର ସମୟରେ ବ୍ୟବହାର କରିବୁ।

## ତାରିକ ସିଲାବସ୍ ବାହାର ପ୍ରଶ୍ନ

ଟୁର୍ନାମେଣ୍ଟର ପ୍ରଥମ ଦୁଇ ମ୍ୟାଚ୍‌ରେ ଭାରତୀୟ ବ୍ୟାଟିଂ ଲାଇନ୍ ବିଫଳ ହୋଇଥିବା ଅଧିନାୟକ ସୂର୍ଯ୍ୟକୁମାର ଯାଦବ ସ୍ୱୀକାର କରିବା ସହ ପାକିସ୍ତାନର ଉସ୍ମାନ ତାରିକଙ୍କୁ ପରୀକ୍ଷାରେ ପଡ଼ିଥିବା ସିଲାବସ ବାହାର ପ୍ରଶ୍ନ ବୋଲି କହିଛନ୍ତି।

"ବେଳେବେଳେ ପରୀକ୍ଷାରେ ସିଲାବସ ବାହାର ପ୍ରଶ୍ନ ଆସିଥାଏ। କିନ୍ତୁ ଆମେ ତାହାକୁ ଛାଡ଼ିପାରିବା ନାହିଁ। ସେହି ପ୍ରଶ୍ନ ସହ ମୁକାବିଲା କରିବା ପାଇଁ ତୁମକୁ ନିଜେ ବାଟ ବାଛିବାକୁ ପଡ଼ିବ। ସେ ଜଣେ ଭିନ୍ନ ବୋଲର। କିନ୍ତୁ ଆମେ ତାଙ୍କ ନିକଟରେ ଆତ୍ମସମର୍ପଣ କରିପାରିବୁ ନାହିଁ। ଆମେ ତାଙ୍କର ସମ୍ମୁଖୀନ ପ୍ରସ୍ତୁତ ହେବା ପାଇଁ ସମାନ ଷ୍ଟାଇଲରେ ବୋଲିଂ କରୁଥିବା ବୋଲରଙ୍କ ସହ ପ୍ରାକ୍ଟିସ କରୁଛୁ" ବୋଲି ସୂର୍ଯ୍ୟକୁମାର କହିଛନ୍ତି। ଚଳିତ ଟୁର୍ନାମେଣ୍ଟରେ ଭାରତୀୟ ଦଳର ପ୍ରଦର୍ଶନ ସମ୍ପର୍କରେ ସେ ପ୍ରକାଶ କରିଛନ୍ତି, ଆମ ବ୍ୟାଟିଂ ଲାଇନ୍ ଏପର୍ଯ୍ୟନ୍ତ ଭଲ ପ୍ରଦର୍ଶନ କରିପାରି ନାହିଁ।


ସୂର୍ଯ୍ୟକୁମାର ଯାଦବ

ଏଥିଲାଗି କୌଣସି ବାହାନା ଦେଲେ ହେବ ନାହିଁ। କିନ୍ତୁ ଆମେ ଅଧିକ ଶକ୍ତିଶାଳୀ ହୋଇ ଫେରିଛୁ। ଏଣୁ ଏହା ଟି୨୦ କ୍ରିକେଟର ସୌନ୍ଦର୍ଯ୍ୟ। ମୋ ମତରେ ପ୍ରତ୍ୟେକ ମ୍ୟାଚ୍‌ରେ ଜଣେ କିମ୍ବା ଦୁଇ ବ୍ୟାଟର ଆମକୁ ମ୍ୟାଚ୍ ଜିତାଉଛନ୍ତି।

### ପାକିସ୍ତାନ ଫାଇଦାରେ ଅଛି

ଚଳିତ ଟି୨୦ ବିଶ୍ୱକପ୍ ହାଇବ୍ରିଡ ମଡେଲରେ ହେଉଥିବାରୁ ପାକିସ୍ତାନ ତା'ର ସମସ୍ତ ମ୍ୟାଚ୍ ଶ୍ରୀଲଙ୍କାର କଲମ୍ବୋରେ ଖେଳୁଛି। ପାକିସ୍ତାନ ଦଳ ତା'ର ପ୍ରତ୍ୟେକ ମ୍ୟାଚ୍ ଆର ପ୍ରେମଦାସା ଷ୍ଟାଡିୟମରେ ଖେଳିଛି। ଗୋଟିଏ ଭେନ୍ୟୁରେ ସମସ୍ତ ମ୍ୟାଚ୍ ଖେଳିବା ଯୋଗୁ ପାକିସ୍ତାନ ଦଳ ଫାଇଦାରେ ରହିବ ବୋଲି ଭାରତୀୟ ଦଳର ଅଧିନାୟକ ସୂର୍ଯ୍ୟକୁମାର କହିଛନ୍ତି। ସେମାନଙ୍କୁ ଏଠାରେ ସମସ୍ତ ଖେଳିବା ଫାଇଦା ଦେଉଛି। କିନ୍ତୁ ଆମେ ଏଠାରେ ପୂର୍ବରୁ ଖେଳିଛୁ। ଏଠାକାର ପରିସ୍ଥିତି ବିଷୟରେ ଆମକୁ ଜଣାଅଛି। ପିଚ୍ କେଉଁ ଭଳି ବ୍ୟବହାର କରିବ, ଆମକୁ ଜଣାଅଛି। ଏଠାକାର ପିଚ୍ କଣ୍ଡିଶନ ଭାରତ ଭଳି। ଏଣୁ ଉଭୟ ଦଳ ଲାଗି ସମାନ ପରିସ୍ଥିତି କହିବା ଭୁଲ୍ ହେବ ନାହିଁ ବୋଲି ଅଧିନାୟକ ସୂର୍ଯ୍ୟକୁମାର କହିଛନ୍ତି।

### ହ୍ୟାଣ୍ଡଶେକ୍‌କୁ ଗୁରୁତ୍ୱ ଦିଅନ୍ତୁ ନାହିଁ

ଆସନ୍ତା ୨୪ ଘଣ୍ଟା ପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ। ହ୍ୟାଣ୍ଡଶେକ ଉପରେ ଏତେ ଗୁରୁତ୍ୱ କାହିଁକି ଦେଉଛନ୍ତି। ଆମେ କ୍ରିକେଟ ଖେଳିବାକୁ ଆସିଛୁ ଏବଂ ଆମେ ଭଲ କ୍ରିକେଟ ଖେଳିବୁ। ହ୍ୟାଣ୍ଡଶେକ କରିବୁ କି, ସେ ନେଇ ଆମେ ମ୍ୟାଚ୍ ପୂର୍ବରୁ ନିଷ୍ପତ୍ତି ନେବୁ ବୋଲି ସୂର୍ଯ୍ୟ ପ୍ରକାଶ କରିଛନ୍ତି।

# ବଡ଼ ପରଦାରେ ମ୍ୟାଚ୍ ଦେଖା ସହ ଖାଦ୍ୟ, ପାନୀୟ ଅଫର

**ନୂଆଦିଲ୍ଲୀ, ୧୪।୨ (ପି.ଟି.)**

ଚଳିତ ଆଇସିସି ଟି୨୦ କ୍ରିକେଟ ବିଶ୍ୱକପ୍‌ରେ ରବିବାର ଭାରତ ଓ ପାକିସ୍ତାନ ପରସ୍ପରକୁ ଭେଟିବେ। ମ୍ୟାଚ୍‌କୁ ଉପଭୋଗ କରିବା ଲାଗି ରାଜଧାନୀ ଦିଲ୍ଲୀରେ ବ୍ୟାପକ ଆୟୋଜନ କରାଯାଇଛି। ଦିଲ୍ଲୀ-ଏନ୍‌ସିଆର୍ (ନ୍ୟାଶନାଲ କ୍ୟାପିଟାଲ ରିଜିଅନ୍)ରେ ରହିଥିବା ରେଷ୍ଟୁରାଣ୍ଟ ଓ ସିନେମା ହଲ୍‌ଗୁଡ଼ିକରେ ମ୍ୟାଚ୍‌ର ସିଧାପ୍ରସାରଣ ବ୍ୟବସ୍ଥା କରାଯାଇଛି। ଖେଳପ୍ରେମୀଙ୍କୁ ଆକୃଷ୍ଟ କରିବା ଲାଗି ବିଭିନ୍ନ ପ୍ରକାର ଖାଦ୍ୟ ଓ ପାନୀୟ ପରିବେଷଣ ସହ ସ୍ୱତନ୍ତ୍ର ଅଫରର ବ୍ୟବସ୍ଥା କରାଯାଇଛି। ମ୍ୟାଚ ପାଇଁ ବିଭିନ୍ନ ମୃଦୁ ପାନୀୟ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ସେଗୁଡ଼ିକର ନାମ ଯଥା 'ହ୍ୟାଟ୍-ଟ୍ରିକ୍', 'ବିୟର ବାଉଣ୍ଡାରି', 'ସିକ୍ସର ସେଭର' ଏବଂ 'ବାଉଣ୍ଡାରି ବିଙ୍ଗେ' ଆଦି ରଖାଯାଇଛି। ଉଭୟ ଶାକାହାରୀ ଓ ମାଂସାହାରୀଙ୍କ ପାଇଁ ସ୍ୱତନ୍ତ୍ର ଖାଦ୍ୟତାଲିକା ପ୍ରସ୍ତୁତ କରାଯାଇଛି। ଜିଓଷ୍ଟାର ଓ ପିଭିଆର ଆଇନକ୍ସ ମଧ୍ୟରେ ଏକ ରଣନୈତିକ ସହଭାଗିତା ହୋଇଛି, ଯଦ୍ୱାରା କିଛି ସିନେମା ହଲ୍‌ରେ ସମସ୍ତ ମ୍ୟାଚ୍‌ର ସିଧା ପ୍ରସାରଣ ହେବ। ଏଥିରେ ଖେଳପ୍ରେମୀମାନେ ବଡ଼ ପରଦାରେ ଷ୍ଟାଡିୟମ ଷ୍ଟାଇଲ କ୍ରିକେଟର ରୋମାଞ୍ଚ ଅନୁଭବ କରିପାରିବେ। ଭାରତ-ପାକିସ୍ତାନ ହାଇ-ଭୋଲ୍‌ଟେଜ ମୁକାବିଲା ପାଇଁ ୫୦ରୁ ଊର୍ଦ୍ଧ୍ୱ ମାର୍କେଟରେ ୩୦୦ ବଡ଼ ପରଦାର ବ୍ୟବସ୍ଥା କରାଯାଇଛି। ଦର୍ଶକଙ୍କ ଚାହିଦା ଅନୁସାରେ ଅତିରିକ୍ତ ପରଦାର ବ୍ୟବସ୍ଥା କରାଯାଇଛି। ଟିକେଟର ସର୍ବନିମ୍ନ ମୂଲ୍ୟ ୯୯ ଟଙ୍କା ରଖାଯାଇଛି। ଭାରତକୁ ନେଇ ମ୍ୟାଚ ସମେତ ବଛାବଛା ଗ୍ରୁପ୍ ମ୍ୟାଚ ପରେ ସୁପର-୮ ଗେମ୍, ପ୍ଲେ-ଅଫ୍, ସେମିଫାଇନାଲ ଓ ଫାଇନାଲ ମ୍ୟାଚ୍‌ଗୁଡ଼ିକୁ ଦର୍ଶକମାନେ ଉପଭୋଗ କରିପାରିବେ। ନୋଭୋଟେଲ ଦିଲ୍ଲୀସ୍ଥିତ କ୍ୟୁଅନ୍ ସ୍ପୋର୍ଟ୍ସ ବାର୍‌ରେ ମ୍ୟାଚ୍‌ର ସିଧା ପ୍ରସାରଣ ଦେଖିବା ସହ ୫,୯୯୯ ଟଙ୍କା, ୪,୯୯୯ ଟଙ୍କା ଓ ୩,୪୯୯ ଟଙ୍କାରେ ଯଥାକ୍ରମେ ୧୪, ୧୦ ଓ ୬ଟି ଲେଖାଏ ବିୟର ଅଫର ରହିଛି। ଏହିଭଳି ପ୍ୟାକେଜମାନ ଅପ୍‌ଷ୍ଟେୟାର୍ସ ବାର୍ ଓ ନେତାଜୀ ସୁଭାଷ ପ୍ଲେସରେ ରହିଛି। ଏଥିରେ ୫,୦୦୦ ଟଙ୍କା, ୭,୦୦୦ ଟଙ୍କା ଓ ୮,୦୦୦ ଟଙ୍କା ବିନିମୟରେ ଗ୍ରାହକଙ୍କ ଲାଗି ଅସୀମିତ ଖାଦ୍ୟ ଓ ପାନୀୟ ଅଫର ରହିଛି।

# ଆଇଏସ୍‌ଏଲ୍ ଆରମ୍ଭ

**କୋଲକାତା, ୧୪।୨**

ବହୁ ପ୍ରତୀକ୍ଷିତ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍)ର ୨୦୨୫-୨୬ ସିଜନ ଶନିବାର ଆରମ୍ଭ ହୋଇଯାଇଛି। ସଲ୍ଟ ଲେକ ଷ୍ଟାଡିୟମରେ ଖେଳାଯାଇଥିବା ଉଦ୍‌ଘାଟନୀ ମ୍ୟାଚ୍‌ରେ ମୋହନ ବାଗାନ ୨-୦ ଗୋଲରେ କେରଳ ବ୍ଲାଷ୍ଟର୍ସକୁ ପରାସ୍ତ କରିଛି। ଏହି ବିଜୟ ଯୋଗୁ ଦଳକୁ ୩ ପଏଣ୍ଟ ମିଳିଛି। ଡିଫେଣ୍ଡିଂ ଚାମ୍ପିୟନ ମୋହନ ବାଗାନ ପାଇଁ ୩୬ତମ ମିନିଟ୍‌ରେ ଜେମି ମ୍ୟାକଲରେନ ଗୋଲ ଦେଇଥିଲେ। ଏଥିଯୋଗୁ ପ୍ରଥମାର୍ଦ୍ଧ ସୁଦ୍ଧା ଦଳ ୧-୦ ଗୋଲ ଆଗରେ ରହିଥିଲା। ଦ୍ୱିତୀୟାର୍ଦ୍ଧର ଶେଷ ଆଡ଼କୁ ଯୋଡ଼ା ଯାଇଥିବା ଅତିରିକ୍ତ ସମୟରେ ଟମ ଆଲଡ୍ରେଡ୍ (୯୦+୭) ମୋହନ ବାଗାନକୁ ୨-୦ ଗୋଲରେ ଜିତାଇଥିଲେ।

**OFFICE OF THE SUPERINTENDING ENGINEER EARTH DAM DIVISION, CHITRAKONDA DISTRICT: MALKANGIRI**

E-mail ID: executiveengineereddckd@gmail.com

No.301 Date:13.02.2026

**OFFICE ORDER**

No.32001/91/2526: Due to some unavoidable circumstances the Bid Identification No. SE-EDD-CKD-03/2025-26 is hereby cancelled.

Sd./- Superintending Engineer,
Earth Dam Division, Chitrakonda,
Malkangiri (O)

OIPR-32001/32019/1/25-26/0002

**Bhubaneswar Municipal Corporation**
**South West Zone**

Phone: 0674-2552715,Fax:0674-2432895, E-mail:info@bmc.gov.in, Web:www.bmc.gov.in
No.989 / Date: 13.02.2026

File No. 16/2026

13001/223/2526: **ସଂଶୋଧନ ପତ୍ର**

ଏତଦ୍ୱାରା ଭୁବନେଶ୍ୱର ମହାନଗର ନିଗମ ଅନ୍ତର୍ଗତ ଦକ୍ଷିଣ-ପଶ୍ଚିମ ମଣ୍ଡଳସ୍ଥିତ ଖଣ୍ଡଗିରି ଛକଠାରୁ ପୋଖରୀପୁଟ ଛକ ପର୍ଯ୍ୟନ୍ତ ପ୍ରଶସ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ସାମୂହିକ ଭାବେ ବସିଥିବା ଉଠାଦୋକାନୀମାନଙ୍କୁ (ଆମିଷ ଜାତୀୟ ତଥା ଦ୍ରୁତ ଖାଦ୍ୟ ପଦାର୍ଥ ବ୍ୟବସାୟ ବ୍ୟତୀତ) ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଉକ୍ତ ରାସ୍ତାର ଉଭୟ ପାର୍ଶ୍ୱକୁ ''ବ୍ୟବସାୟ ରହିତ କ୍ଷେତ୍ର (No Vending Zone)'' ଭାବେ ଘୋଷଣା କରାଯାଇଛି ।

ତେଣୁ ଉପରୋକ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ବ୍ୟବସାୟ କରୁଥିବା ବ୍ୟବସାୟୀମାନଙ୍କୁ ଗଣ୍ଡମୁଣ୍ଡା ହାଟରେ ଥଇଥାନ କରାଯିବା ପାଇଁ ସାଦା କାଗଜରେ ଆବେଦନପତ୍ର ସହିତ ବ୍ୟବସାୟ ସମ୍ବନ୍ଧୀୟ ଆବଶ୍ୟକ କାଗଜପତ୍ର ଭୁବନେଶ୍ୱର ମହାନଗର ନିଗମ, ଦକ୍ଷିଣ-ପଶ୍ଚିମ ମଣ୍ଡଳ କାର୍ଯ୍ୟାଳୟରେ ଦରଖାସ୍ତ ଦେବାର ସମୟସୀମା ପୂର୍ବରୁ ନିର୍ଦ୍ଧାରିତ ହୋଇଥିବା ଶେଷ ତାରିଖ ୧୭.୦୨.୨୦୨୬ ପରିବର୍ତ୍ତେ ବର୍ତ୍ତମାନ ତାରିଖ ୨୭.୦୨.୨୦୨୬ ରିଖ ପର୍ଯ୍ୟନ୍ତ ସମୟସୀମା ବୃଦ୍ଧି କରାଗଲା ।

ଉପରୋକ୍ତ ସମୟସୀମା ପରେ ଦକ୍ଷିଣ-ପଶ୍ଚିମ ମଣ୍ଡଳ ଆୟୁକ୍ତଙ୍କ ଦ୍ୱାରା କୌଣସି ଦରଖାସ୍ତ କିମ୍ବା ଦସ୍ତାବିଜ ଗ୍ରହଣ କରାଯିବ ନାହିଁ ।

ସ୍ୱା./-ମଣ୍ଡଳ ଆୟୁକ୍ତ, (I/C)
ଦକ୍ଷିଣ-ପଶ୍ଚିମ ମଣ୍ଡଳ,
ଭୁବନେଶ୍ୱର ମହାନଗର ନିଗମ

OIPR-13001/13002/1/25-26/0025

# ଭାରତକୁ ୪-୨ ଗୋଲରେ ହରାଇଲା ବେଲଜିୟମ୍


ରାଉରକେଲାର ବିର୍ସା ମୁଣ୍ଡା ଷ୍ଟାଡିୟମରେ ଶନିବାର ଅନୁଷ୍ଠିତ ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ହକି ମ୍ୟାଚରେ ଭାରତ ଓ ବେଲଜିୟମ ମଧ୍ୟରେ ମୁକାବିଲା।

**ରାଉରକେଲା, ୧୪।୨ (ଦିନେଶ ମିଶ୍ର)**

**ଏଫ୍‌ଆଇଏଚ୍ ପ୍ରୋ ଲିଗ୍**

ଛେଣ୍ଡ ସ୍ଥିତ ବିର୍ସାମୁଣ୍ଡା ଆନ୍ତର୍ଜାତୀୟ ହକି ଷ୍ଟାଡିୟମ୍‌ରେ ଚାଲିଥିବା ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ରେ ଶନିବାର ଖେଳାଯାଇଥିବା ମ୍ୟାଚ୍‌ରେ ବେଲଜିୟମ୍ ୪-୨ ଗୋଲରେ ଭାରତକୁ ପରାସ୍ତ କରିଛି। ଏହି ବିଜୟ ଯୋଗୁ ବେଲଜିୟମ ପଏଣ୍ଟ ତାଲିକାରେ ଶୀର୍ଷରେ ରହିଛି। ଚଳିତ ଟୁର୍ନାମେଣ୍ଟରେ ବେଲଜିୟମ ଦଳ ବିଜୟଯାତ୍ରା ଜାରି ରଖିଛି। ଏହି ମ୍ୟାଚରେ ବିଧାନସଭାର ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ହକି ଇଣ୍ଡିଆର ସଭାପତି ଦିଲୀପ ତିର୍କୀ, ହକି ଇଣ୍ଡିଆ ସମ୍ପାଦକ ଭୋଳାନାଥ ସିଂ, ହକି ଇଣ୍ଡିଆର ଡାଇରେକ୍ଟର ଜେନେରାଲ ଆର.କେ ଶ୍ରୀବାସ୍ତବ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ।

ମ୍ୟାଚ ଆରମ୍ଭରୁ ବେଲଜିୟମ୍ ଦଳ ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରିଥିଲା। ଫଳରେ ପ୍ରଥମ କ୍ୱାର୍ଟରର ୧୧ମ ମିନିଟ୍‌ରେ ମିଳିଥିବା ପେନାଲ୍ଟି କର୍ନର(ପିସି)କୁ ହୁଗୋ ଲାବୋଚିରେ ଗୋଲରେ କନଭର୍ଟ କରିଥିଲେ। ସେହିଭଳି ୧୪ତମ ମିନିଟ୍‌ରେ ପିସି ଜରିଆରେ ଆଲେକ୍‌ଜାଣ୍ଡାର ହେଣ୍ଡ୍ରିକ୍ସ ବେଲଜିୟମ ପାଇଁ ଦ୍ୱିତୀୟ ଗୋଲ କରିଥିଲେ। ୧୫ ମିନିଟ୍‌ରେ ଆର୍ଥର ଡି' ସ୍ଲୁଭର ଏକ ପିସି ଜରିଆରେ ଗୋଲ କରିଥିଲେ। ଫଳରେ ପ୍ରଥମ କ୍ୱାର୍ଟର ସୁଦ୍ଧା ବେଲଜିୟମ ୩-୦ ଗୋଲରେ ରହିଥିଲା। ଦ୍ୱିତୀୟ କ୍ୱାର୍ଟରର ୧୭ତମ ମିନିଟ୍‌ରେ ମିଳିଥିବା ଆଉ ଏକ ପିସିକୁ ଗୋଲ ପରିଣତ କରି ଆଲେକ୍‌ଜାଣ୍ଡାର ହେଣ୍ଡ୍ରିକ୍ସ ବ୍ୟକ୍ତିଗତ ଦ୍ୱିତୀୟ ଗୋଲ କରିଥିଲେ। ୨୪ତମ ମିନିଟ୍‌ରେ ଅର୍ଜୁନ ଆଦିତ୍ୟ ଲାଲାଗେ ଭାରତ ପାଇଁ ପ୍ରଥମ ଗୋଲ ପରିଶୋଧ କରିଥିଲେ। ପ୍ରଥମାର୍ଦ୍ଧ ସୁଦ୍ଧା ବେଲଜିୟମ ୪-୧ ଗୋଲରେ ଆଗରେ ରହିଥିଲା। ତୃତୀୟ କ୍ୱାର୍ଟରରେ ଭାରତକୁ ୩୭ ମିନିଟ୍‌ରେ ମିଳିଥିବା ଏକ ପିସି ଜରିଆରେ ଅଧିନାୟକ ହରମନପ୍ରୀତ ସିଂ ଗୋଲ ସ୍କୋର କରିଥିଲେ।

# କଲମ୍ବୋରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି

**କଲମ୍ବୋ, ୧୪।୨ (ପି.ଟି.)**

ରବିବାର ଭାରତ ଓ ପାକିସ୍ତାନ ମଧ୍ୟରେ ଖେଳାଯିବାକୁଥିବା ଚଳିତ ଟି୨୦ କ୍ରିକେଟ ବିଶ୍ୱକପ୍‌ର ହାଇଭୋଲ୍‌ଟେଜ ମ୍ୟାଚ ପାଇଁ କଲମ୍ବୋରେ ଶ୍ରୀଲଙ୍କା ପୋଲିସ ତରଫରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ମଧ୍ୟରେ ଏହି ମ୍ୟାଚ ପ୍ରେମଦାସା ଷ୍ଟାଡିୟମରେ ଖେଳାଯିବ। ପୋଲିସ ମୁଖପାତ୍ର ଏଫ୍.ଟି. ଉଟଲର କହିଛନ୍ତି, ସୁରକ୍ଷା କ୍ଷେତ୍ରରେ ଆଦୌ ଢିଲା ଦିଆଯିବ ନାହିଁ। ମ୍ୟାଚ ପାଇଁ ସ୍ୱତନ୍ତ୍ର ଟ୍ରାଫିକ୍ ଓ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ବାଂଲାଦେଶକୁ ସମର୍ଥନ କରିବାକୁ ଯାଇ ପାକିସ୍ତାନ ଏହି ମ୍ୟାଚ ବର୍ଜନ କରିବା ଲାଗି ଘୋଷଣା କରିବାରୁ ମ୍ୟାଚ ଖେଳାଯିବା ନେଇ ଅନିଶ୍ଚିତତା ଦେଖାଦେଇଥିଲା। ମାତ୍ର ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି), ବାଂଲାଦେଶ ଓ ଶ୍ରୀଲଙ୍କା ମଧ୍ୟରେ ଦୀର୍ଘ ଆଲୋଚନା ପରେ ସମସ୍ୟାର ସମାଧାନ ହୋଇପାରିଛି। ଏପରି କି ଶ୍ରୀଲଙ୍କା ରାଷ୍ଟ୍ରପତି ଅନୁରା କୁମରୋ ଦିସାନାୟକେଙ୍କୁ ଏହି ପ୍ରସଙ୍ଗରେ ମୁଣ୍ଡ ଖେଳାଇବାକୁ ପଡ଼ିଥିଲା। ଭାରତ ବିପକ୍ଷ ମ୍ୟାଚ ଖେଳିବା ଲାଗି ପାକିସ୍ତାନ ଦଳକୁ ଶ୍ରୀଲଙ୍କା ପଠାଇବା ଲାଗି ସେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ୍‌ଙ୍କୁ ଅନୁରୋଧ କରିଥିଲେ। ଏହି ମ୍ୟାଚର ଆୟୋଜନ ପାଇଁ ଆୟୋଜକ ଶ୍ରୀଲଙ୍କା ତରଫରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ମ୍ୟାଚ ଖେଳା ନ ଗଲେ ତାଙ୍କ ଦେଶକୁ ବିପୁଳ କ୍ଷତି ସହିବାକୁ ପଡ଼ିବ ବୋଲି ସେ କହିଥିଲେ।

# ବିସିବି ମୁଖ୍ୟ ବୁଲବୁଲ ମ୍ୟାଚ୍ ଦେଖିବେ

**କଲମ୍ବୋ, ୧୪।୨ (ପି.ଟି.)**

ବାଂଲାଦେଶ କ୍ରିକେଟ ବୋର୍ଡ (ବିସିବି) ମୁଖ୍ୟ ଅମିନୁଲ ଇସ୍ଲାମ ବୁଲବୁଲ ରବିବାର ଭାରତ ଓ ପାକିସ୍ତାନ ମଧ୍ୟରେ ଖେଳାଯିବାକୁ ଥିବା ହାଇ ଭୋଲ୍ଟେଜ ଟି୨୦ ବିଶ୍ୱକପ୍ ମ୍ୟାଚ୍‌ରେ ଯୋଗଦେବେ। ଭାରତରୁ ବିସିସିଆଇ ସଭାପତି ମିଥୁନ ମନହାସ, ସମ୍ପାଦକ ଦେବଜିତ ସାଇକିଆ, ଉପସଭାପତି ରାଜୀବ ଶୁକ୍ଳା ଉପସ୍ଥିତ ରହିବେ। ଏଣୁ ଦୁଇ ବୋର୍ଡ ମଧ୍ୟରେ ଗତ କିଛି ସପ୍ତାହ ହେଲା ଚାଲିଥିବା ତିକ୍ତତା ଶାନ୍ତ ପଡ଼ିବ ବୋଲି ଆଶା କରାଯାଉଛି। 'ଏହା ଆଇସିସିର ନିଷ୍ପତ୍ତି। ଆଇସିସିର ମୁଖ୍ୟ ଅଂଶୀଦାର ହେଉଛନ୍ତି ଏସିଆର ୫ ଦେଶ। ଭାରତ ଓ ପାକିସ୍ତାନ ମଧ୍ୟରେ ଖେଳାଯିବାକୁ ଥିବା ମ୍ୟାଚ୍‌ରେ ସମସ୍ତ ୫ ଏସିଆ ଦେଶର ପ୍ରତିନିଧି ଏକତ୍ରିତ ହୋଇ ମ୍ୟାଚ୍ ଦେଖିବା ଲାଗି ଆମନ୍ତ୍ରଣ କରାଯାଇଛି' ବୋଲି ବୁଲବୁଲ କହିଛନ୍ତି।

**ODISHA PUBLIC SERVICE COMMISSION, CUTTACK**

**NOTICE**

**No. 961/PSC, dt. 13.02.2026**
**(1R-09-2024/25)(DR-V)**

**No.12001/16/2526** : It is for information of all concerned that, pursuant to the Advertisement No. 27 of 2023-2024, **66 (Sixty-six)** candidates, bearing following PPSAN have been shortlisted for interview for the post of **Assistant Professor (Stage-I) in "Geology"**. The Interview in respect of the following candidates will be held in the office of the Commission at 19, Dr. P. K. Parija Road, Cuttack -753001 on **06.03.2026 to 08.03.2026** as per the programme mentioned below.

| Date | Time of Interview | PPSAN of Candidates |
|---|---|---|
| 06.03.2026 | 10.30 A.M. | P240284422, P240311409, P230107829, P220017876, P240301882, P240304807, P220083422, P230180393, P240311331, P220073091, P230177578, P220068944, P240296776 & P230182962 = **14 Candidates** |
| | 02.30 P.M. | P230177093, P230124497, P240306965, P240312037, P240302964, P240312050, P230185520, P230187923, P230187867, P240307927, P240302791 & P240303984 = **12 Candidates** |
| 07.03.2026 | 10.30 A.M. | P230137904, P240298247, P240304477, P240304925, P240306347, P230141335, P230198040, P220016025, P220050675, P230177832, P220058723, P220040937, P240295889 & P230101482 = **14 Candidates** |
| | 02.30 P.M. | P230179203, P240286845, P240302501, P230182918, P240306792, P220037179, P230147162, P240285880, P230155745, P220086716, P220007504 & P240291089 = **12 Candidates** |
| 08.03.2026 | 10.30 A.M. | P240291370, P240308726, P230178884, P230155816, P220025354, P220067444, P220059712, P230163853, P240294573, P230234068, P240299419, P240305219, P230141449 & P230141687 = **14 Candidates** |

It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the interview does not reserve any right for selection.

The candidates are advised to report in the office of the Commission **half an hour before the commencement of interview** on the scheduled date & time as mentioned above.

**FURTHER, THE CANDIDATES ARE ADVISED TO BRING THE FOLLOWING FOR THE INTERVIEW :-**

(a) List of articles/publications (format enclosed at Annexure-I).
(b) List of books authored and co-authored (format enclosed at Annexure-II). (c) 04 sets of 4 (four) publications / articles of which the candidate is the first or second authors.
(d) 04 sets of 2 (two) books authored / co-authored by the candidates.
(e) A brief synopsis of doctoral research paper in two pages - 4 sets.

**NOTE: THE CANDIDATES ARE INFORMED THAT THE PEDAGOGY SKILL IS PART OF THE INTERVIEW. THEY ARE TO COME PREPARED TO PRESENT A TOPIC OF THEIR CHOICE WITHIN 8 TO 10 MINUTES BEFORE THE INTERVIEW BOARD. WHITE BOARD SHALL BE PROVIDED BY THE COMMISSION FOR THE PURPOSE.**

OIPR-12001/12002/1/25-26/0007 **Sd./- Secretary**

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ମାଟି ଅତଡ଼ାକୁ ଧକ୍କାଦେଲା ଯାତ୍ରୀବାହୀ ବସ୍: ୩୭ ଆହତ, ୩ ଗୁରୁତର

ମୋହନା,୧୪।୨(ମନ୍ମଥମିଶ୍ର)

ଚାଳକଙ୍କ ଦ୍ରୁତ ଗାଡ଼ିଚାଳନା ଯାତ୍ରୀଙ୍କ ପାଇଁ ବିପଦକୁ ଡାକିଆଣେ। ସେହିପରି ଏକ ବସ୍‌କୁ ଚାଳକ ମୋବାଇଲ ଫୋନରେ କଥା ହୋଇ ଦ୍ରୁତ ଗତିରେ ଚଳାଇ ଏକ ମାଟି ଅତଡାକୁ ଧକ୍କା ଦେଇଛନ୍ତି। ଫଳରେ ବସ୍‌ରେ ଥିବା ୩୭ ଯାତ୍ରୀ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୩ ଜଣଙ୍କ ଅବସ୍ଥା ଗୁରୁତର ରହିଛି।

ଗୁରୁତରମାନେ ହେଲେ ଗଞ୍ଜାମ ଜିଲା ସନ୍ତୋଷପୁର ପଞ୍ଚାୟତ ଖଣ୍ଡଦେଉଳି ଗ୍ରାମର କନକ ବେହେରା (୫୫), ବାରିଗାଁର ରତ୍ନା ମଳିକ (୪୫) ଓ ମୋହନା ଥାନା ଅନ୍ତର୍ଗତ ଚନ୍ଦ୍ରଗିରି ଗାଁର ଶୋବାନୀ ସାହୁ (୩୦)। ଗଜପତି ଜିଲା ମୋହନା ଥାନା ଅନ୍ତର୍ଗତ ଚାନ୍ଦିପୁଟ ଗାଁ ନିକଟ ଇନ୍ଦିରା ସ୍ମାରକୀ ମହା ବିଦ୍ୟାଳୟ ନିକଟରେ ଏପରି ଦୁର୍ଘଟଣା ଘଟିଛି। ଖବରରୁ ଜଣାପଡିଛି, ୫୦ରୁ ଊର୍ଦ୍ଧ୍ୱ ଯାତ୍ରୀଙ୍କୁ ଧରି 'ବିକ୍ରାନ୍ତ' ନାମକ ଏକ ଘରୋଇ ବସ୍ (ଓଆର୦୭ଏନ୍-୭୧୬୩) ଗଜପତି ଜିଲାର ନୂଆଁଗଡ଼ଠାରୁ ବ୍ରହ୍ମପୁର ଅଭିମୁଖେ ଯାଉଥିଲା। ଚାଳକ ଫୋନରେ କଥା ହୋଇ ଅନ୍ୟମନସ୍କ ରହି ଦ୍ରୁତଗତିରେ ଗାଡି ଚଳାଉଥିଲେ। ଏକ ଘରୋଇ ବସ୍‌କୁ ଓଭରଟେକ କରିବା ବେଳେ ଭାରସାମ୍ୟ ରକ୍ଷା କରି ନ ପାରି ସେ ଚାନ୍ଦିପୁଟ କଲେଜ ନିକଟରେ ଥିବା ଏକ ମାଟି ଅତଡ଼ାକୁ ଧକ୍କା ଦେଇଥିଲେ। ଫଳରେ ବସ୍‌ର ଆଗକାଚ ସଂପୂର୍ଣ୍ଣ ଭାଙ୍ଗିଯାଇଥିବା ବେଳେ କେତେକ ସିଟ୍ ଉପରକୁ ଉଠିଆସିଥିଲା। ଗାଡ଼ିରେ ବସିଥିବା ଯାତ୍ରୀଙ୍କ ମଧ୍ୟରୁ ୩୭ ଜଣ ଆହତ ହୋଇଥିଲେ। ସେମାନଙ୍କ ମଧ୍ୟରେ ୩ ଜଣ ଗୁରୁତର ହୋଇଛନ୍ତି। ଖବର ପାଇ ସ୍ଥାନୀୟ ଲୋକେ ଓ ମୋହନା ଅଗ୍ନିଶମବାହିନୀ ଅଧିକାରୀ ପଙ୍କଜ ମହାନ୍ତି ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ଆହତ ଓ ଗୁରୁତରଙ୍କୁ ଉଦ୍ଧାର କରି ଡାକ୍ତରଖାନା ନେଇଥିଲେ।


ଦୁର୍ଘଟଣାଗ୍ରସ୍ତ ବସ୍।

ଚିକିତ୍ସା ଲାଗି ୨୨ ଯାତ୍ରୀଙ୍କୁ ଚନ୍ଦ୍ରଗିରି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବା ବେଳେ ମୋହନା ଡାକ୍ତରଖାନାରେ ୧୫ ଜଣଙ୍କୁ ଭର୍ତ୍ତି କରାଯାଇଛି। ଗୁରୁତର ଥିବା ସମ୍ପୃକ୍ତ ୩ ଜଣଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ପଠାଯାଇଥିବା ଡା. ଜିତେନ୍ଦ୍ର ପ୍ରସାଦ ଦାଶ ଓ ଡା. ଆଶୁତୋଷ ପ୍ରଧାନ କହିଛନ୍ତି। ଗୁରୁତର ମାନଙ୍କ ମୁଣ୍ଡ, ଛାତି, ଗୋଡ଼ରେ ଗଭୀର ଆଘାତ ଲାଗିଛି। ୨ଜଣଙ୍କ ହାତ ଭାଙ୍ଗି ଯାଇଛି। ଘଟଣା ସ୍ଥଳରୁ ଚାଳକ ଫେରାର ହୋଇଯାଇଛନ୍ତି। ମୋହନା ଏସ୍‌ଆଇ ସୌମ୍ୟ ରଞ୍ଜନ ବରାଳ ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି।

## ଏଣ୍ଡୋଭାସ୍କୁଲାର ଆଥେରେକ୍ଟୋମି ପଦ୍ଧତିରେ ଅସ୍ତ୍ରୋପଚାର
## ସମ୍ ଅଲ୍ଟିମେଟ୍ ମେଡିକେୟାରର ସଫଳତା



ଭୁବନେଶ୍ୱର,୧୪।୨(ଅନୁରାଧା ମହାରଣା)

ପ୍ରଥମଥର ପାଇଁ ଆଣ୍ଠୁର ନିମ୍ନଭାଗକୁ ଅତ୍ୟାଧୁନିକ ଏଣ୍ଡୋଭାସ୍କୁଲାର ଆଥେରେକ୍ଟୋମି ପଦ୍ଧତିରେ ସଦ୍ୟତମ ଜେଟ୍‌ଷ୍ଟ୍ରିମ୍ ଟେକ୍ନୋଲଜି ବ୍ୟବହାର କରି ସୁରକ୍ଷା ଦେବାରେ ସମ୍ ଅଲ୍ଟିମେଟ୍ ମେଡିକେୟାର ସଫଳ ହୋଇଛି। ହସ୍ପିଟାଲର ଇଣ୍ଟରଭେନ୍ସନାଲ ରେଡିଓ ଲୋଜିର କନ୍ସଲ୍‌ଟାଣ୍ଟ ଡାକ୍ତର ସମିତ କୁମାର ପଟ୍ଟନାୟକ ମିନିମାଲି ଇନ୍‌ଭେସିଭ ଭାସ୍କୁଲାର କେୟାର ମାଧ୍ୟମରେ ଏହି ଅସ୍ତ୍ରୋପଚାର ସମ୍ପନ୍ନ କରିଛନ୍ତି। ରୋଗୀଙ୍କ ଗୋଡ଼ ଧମନୀରେ ଜଟିଳ ବ୍ଲକେଜ ସମସ୍ୟା ରହିଥିବା ବେଳେ ଏହା ତାଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରିଥିଲା। ଏହା ଭବିଷ୍ୟତରେ ଚିକିତ୍ସା ସମ୍ଭବ ନ ଥିବା ଅଲ୍‌ସର ଓ ଗାଙ୍ଗ୍ରିନ ଭଳି ସମସ୍ୟା ଉପୁଜାଇଥାନ୍ତା ଏବଂ ଗୋଡ଼ କାଟିବା ଭଳି ପରିସ୍ଥିତି ସୃଷ୍ଟି ହୋଇଥାନ୍ତା। ଏଭଳି ଜଟିଳ ସମସ୍ୟା ଥିବା ରୋଗୀଙ୍କର ଚିକିତ୍ସା ପାଇଁ ଖୁବ୍ କମ୍ ସୁଯୋଗ ରହିଥାଏ। ବିଶେଷକରି ଆଣ୍ଠୁର ନିମ୍ନ ପାର୍ଶ୍ୱରେ ଛୋଟ ଛୋଟ ଧମନୀରେ ଯେତେବେଳେ ବ୍ଲକେଜ ସୃଷ୍ଟି ହୁଏ, ତାହା ରୋଗୀକୁ ଆହୁରି ଅସୁସ୍ଥ କରିଦେଇଥାଏ। ତେବେ ବର୍ତ୍ତମାନ ଅତ୍ୟାଧୁନିକ ଆଥେରେକ୍ଟୋମି ଟେକ୍ନୋଲଜି ଦ୍ୱାରା ଅସ୍ତ୍ରୋପଚାର ନ କରି ପ୍ଲାକ ଏବଂ କ୍ଲଟ୍‌କୁ ବାହାର କରାଯାଇପାରୁଛି ଏବଂ ଏହାଦ୍ୱାରା ଅଙ୍ଗଚ୍ଛେଦ ସମ୍ଭାବନାକୁ ମଧ୍ୟ ଏଡ଼ାଇ ଦିଆଯାଇପାରୁଛି ବୋଲି ଡାକ୍ତର ପଟ୍ଟନାୟକ କହିଛନ୍ତି। ଏହି ଅତ୍ୟାଧୁନିକ ଚିକିତ୍ସା ଦ୍ୱାରା ସମ୍ ଅଲ୍ଟିମେଟ୍ ଓ ରୋଗୀମାନଙ୍କ ମଧ୍ୟରେ ନୂତନ ଆଶାର କିରଣ ସୃଷ୍ଟି କରିଛି ବୋଲି ହସ୍ପିଟାଲର ଚିଫ୍ ଅଫ୍ ମେଡିକାଲ ସର୍ଭିସେସ ବ୍ରିଗେଡିୟର (ଡାକ୍ତର) ବିରାଜ ମୋହନ ମିଶ୍ର ସୂଚନା ଦେଇଛନ୍ତି। ସିଇଓ ଡ. ଶ୍ୱେତପଦ୍ମା ଦାଶ କହିଛନ୍ତି, ଏହି ସଫଳତା ହସ୍ପିଟାଲକୁ ଅତ୍ୟାଧୁନିକ ସ୍ୱାସ୍ଥ୍ୟ ସେବା ପ୍ରଦାନ କ୍ଷେତ୍ରରେ ଆଉ ଏକ ମାଇଲ ଖୁଣ୍ଟି ଭାବେ ଉଭା ହେବାକୁ ସାହାଯ୍ୟ କରିଛି।

## ନିର୍ବାଚନ ସଚେତନତା ନେଇ ରେଡିଓ ପ୍ରସାରକଙ୍କ ଦକ୍ଷତା ବୃଦ୍ଧି କର୍ମଶାଳା
# ଯୋଗ୍ୟ ଭୋଟର ବାଦ୍ ନ ପଡ଼ନ୍ତୁ : ସିଇଓ

ଭୁବନେଶ୍ୱର, ୧୪।୨ (ବନ୍ଦନା ସେଠୀ)

ଜନସାଧାରଣଙ୍କ ପାଖରେ ଠିକ୍ ସୂଚନା ପହଞ୍ଚାଇବା ଏବଂ ସଚେତନତା ବୃଦ୍ଧି କରିବାରେ ରେଡିଓ ଏକ ଶକ୍ତିଶାଳୀ ମାଧ୍ୟମ। ତେଣୁ ରେଡିଓ ପ୍ରସାରକମାନେ ଲୋକଙ୍କୁ ସେମାନଙ୍କର ସାମ୍ବିଧାନିକ ଅଧିକାର ବିଷୟରେ ଅଧିକରୁ ଅଧିକ ଜଣାଇବାକୁ ଓଡ଼ିଶାର ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ) ଆର. ଏସ. ଗୋପାଳନ ଆହ୍ୱାନ ଦେଇଛନ୍ତି। ରାଜ୍ୟର ସମସ୍ତ ଯୋଗ୍ୟ ନାଗରିକଙ୍କୁ ଭୋଟର ତାଲିକାରେ ସାମିଲ କରିବା ଏବଂ ଏକ ସ୍ୱଚ୍ଛ ନିର୍ବାଚନ ପ୍ରକ୍ରିୟା ଗଠନ କରିବା ଲକ୍ଷ୍ୟରେ 'ରେଡିଓ ପ୍ରସାରକଙ୍କ ପାଇଁ ଏକ ରାଜ୍ୟସ୍ତରୀୟ ଦକ୍ଷତା ବୃଦ୍ଧି କର୍ମଶାଳା' ଶନିବାର ଓଡ଼ିଶା ସିଇଓଙ୍କ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଥିଲା। ଦ ସୋସିଓଜେନିକ ଫାଉଣ୍ଡେଶନ ଏବଂ ଆଉଟ୍‌ରିଚ୍ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସିଇଓ ଗୋପାଳନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭୋଟର ସୂଚୀର 'ସ୍ୱତନ୍ତ୍ର ସଘନ ସଂଶୋଧନ' (ଏସ୍ଆଇଆର) ଉପରେ ଗୁରୁତ୍ୱାରୋପ କରିଥିଲେ। ଗଣତନ୍ତ୍ରକୁ ସୁଦୃଢ଼ କରିବା ପାଇଁ ପ୍ରତ୍ୟେକ ଯୋଗ୍ୟ ଭାରତୀୟ ନାଗରିକଙ୍କ ନାମ ଭୋଟରତାଲିକାରେ ରହିବା ଅପରିହାର୍ଯ୍ୟ। କୌଣସି ଜଣେ ବି ଯୋଗ୍ୟ ଭାରତୀୟ ନାଗରିକ ଯେପରି ଭୋଟରତାଲିକାରୁ ବାଦ ନ ପଡ଼ନ୍ତି ଏବଂ କୌଣସି ଅଯୋଗ୍ୟ ବ୍ୟକ୍ତି ଯେପରି ଏଥିରେ ଅନ୍ତର୍ଭୁକ୍ତ ନ ହୁଅନ୍ତି, ସେଥିପ୍ରତି ସତର୍କ ରହିବାକୁ ଗୋପାଳନ ପରାମର୍ଶ ଦେଇଥିଲେ।

କର୍ମଶାଳାର ମୁଖ୍ୟ ଆଲୋଚ୍ୟ ପ୍ରସଙ୍ଗ ମଧ୍ୟରେ '୧୮ ବର୍ଷ ବୟସ ହୋଇଥିବା ପ୍ରତ୍ୟେକ ଭାରତୀୟ ନାଗରିକ କିଭଳି ନିଜ ନାମ ପଞ୍ଜୀକୃତ କରିପାରିବେ' ସେ ସମ୍ପର୍କରେ ସୂଚନା ଦିଆଯାଇଥିଲା। ଏଥିସହ ଭୋଟରତାଲିକାରେ ଥିବା ତ୍ରୁଟି ସଂଶୋଧନ ଏବଂ ଆପତ୍ତି ଅଭିଯୋଗ ଦାଖଲ କରିବା ପ୍ରକ୍ରିୟା ବିଷୟରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ରେଡିଓ ପ୍ରସାରକମାନେ ସିଧାସଳଖ ମୁଖ୍ୟ ନିର୍ବାଚନ ଅଧିକାରୀ ଗୋପାଳନଙ୍କ ସହିତ ଏସ୍ଆଇଆର୍ ମ୍ୟାପିଂ ସମ୍ବନ୍ଧୀୟ ସିଧାସଳଖ ଆଲୋଚନା କରିଥିଲେ। କର୍ମଶାଳାରେ ବିଭିନ୍ନ ରେଡିଓ ଷ୍ଟେଶନର ପ୍ରତିନିଧି ଏବଂ ପ୍ରସାରକମାନେ ଅଂଶଗ୍ରହଣ କରି ନିର୍ବାଚନ ସମ୍ବନ୍ଧୀୟ ବିଭିନ୍ନ ବୈଷୟିକ ଦିଗ ଉପରେ ଧାରଣା ପାଇଥିଲେ। ଅତିରିକ୍ତ ସିଇଓ ସୁଶାନ୍ତ କୁମାର ମିଶ୍ର, ଡେପୁଟି ସିଇଓ ଡ. ଲକ୍ଷ୍ମୀ ପ୍ରସାଦ ସାହୁ, ବିତ୍ତ ପରାମର୍ଶଦାତା ସଞ୍ଜୟ କୁମାର ଲୁଗୁନ, ବରିଷ୍ଠ ରେଡିଓ ପ୍ରସାରକ ଅଶୋକ ପାଣିଗ୍ରାହୀ, ଲୋକସମ୍ପର୍କ ଅଧିକାରୀ ବିଜୟାନନ୍ଦ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।


# Classified Everyday
0674-2580101, 9692975378


MATRIMONIAL

## BRIDE WANTED

Handsome Brahmin Boy 1994, 5'6", B-Tech (IIT) Kanpur, MBA (Hyderabad) serving senior Engineer MNC Delhi. "SUNASANSAR" 9937512659. D-3390

## GROOM WANTED

Beautiful Brahmin girl 1996, 5'3", MBA (XIMB) serving manager MNC Hyderabad settled Bhubaneswar. ''SUNASANSAR'' 9937512659. D-3389

Handicap ପୁଅ ସଙ୍ଗେ ରହୁଥିବା 56 ବୟସ୍କା Central Govt. ଚାକିରିଆ ଝିଅଙ୍କୁ ଘରଜ୍ୱାଇଁ ଆବଶ୍ୟକ। 6370471610. D-3392

48 ବୟସ୍କା ବଙ୍ଗାଳି ଅବିବାହିତା Govt. ଚାକିରିଆ ବାପା, ମା' ନଥିବା ଝିଅଙ୍କୁ Divorce/Widow/ Unmarried ପୁଅ ଦରକାର। 9776705242. D-3391


AUTOMOBILE
SALE

Vespa Aprilia 125cc 2020 model Avon Battery Cycle. Contact: 9337128558. D-3076


REAL ESTATE
SALE

**Land near Balasore Town for Sale. Residential Plot 19 decimals near Harihat in Village Sindhia near Balighat and 278 decimals all in Village Sahupada near Balasore- Baripada National Highway. Please contact immediately- 7656861995.** D-75863

OSHB Gharabari Land (3000Sq.Ft.) for sale in Baramunda in front of Jagannathvihar Park with 30Ft. wide road suitable for Residential/ official purpose. Contact: 7894453807/ 7894453838. D-76897

**ଭୁବନେଶ୍ୱର GITA Engineering College ନିକଟ Infocity- 2 ପାଖରେ ଘରବାରି, Boundary ଥାଇ ପ୍ଲଟ୍ ବିକ୍ରିହେବ। 6372753860, 7008095537.** D-3215

ଭୁବନେଶ୍ୱର ଫୁଲନଖରା DADHICHI COLLEGE ପାଖରେ ସରକାରୀ ରାସ୍ତାକୁଲାଗି 51ଗୁଣ୍ଠ ଘରବାଡି ପ୍ଲଟ୍ ଗୁଣ୍ଠକୁ- 6,30,000/- ବିକ୍ରିହେବ- 8093465134, 9668194157. D-3348

**2 BHK, 1261 Sqft New Flat with elegant interiors for sale at Cantonment Road, Cuttack. Price- 1.35 Cr Mob- 9778194441.** D-3370

Single patch Stithiban Land (22.00Acre.) for sale at Satasankha Bazar, 1 ½ Kms. away from Royal Palm Village on Satasankha to Balanga Road suitable for Holiday Resorts, Convention, Apartment project. Contact: 7894453807/ 7894453838. D-76898

N.H. facing Stithiban commercial Land (16072Sq.ft.) for sale in Pahal (Bhubaneswar) with 150Ft. (approx.) frontage Suitable for Resort/ Hotel/ Shopping/ Hospital etc. Contact: 7894453807 / 7894453838. D-76896


CONSTRUCTION

**Construct your home @970/- 1499/- include architecture structure with branded materials, Provide plan approval, Boring, Bastu complaints, Interior work- SNV Engineering- 9439295469.** D-3190

### ପାଠକଙ୍କ ପାଇଁ ସୂଚନା

 କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




All types of physiotherapy and massage contact 9556924059/ 7656969134. D-3339

Kerala Ayurveda Massage therapy gents/ Ladies pain relief Bhubaneswar. 9337672475. D-3332

Newly open Jyoti SPA positively health benefits (Expert therapist). Contact- 8458067955. D-76955

## LOST

On dtd. 10.01.2026 at 4.15PM one Rupesh Kumar Agrawal, S/o.- Late Ghasiram Agrawal of Village/P.S.- Lathor, Dist.- Balangir appeared at P.S. and presented a written report bearing G.D.No.-015 that his original Land Sale Deed bearing Regd. No.903/2010, Sub-Registry Office- Patnagarh of Mouza Pipalbahal, Khata No.108/329, Plot No. 282/1169, 285 and 286 which was Regd. on 22.4.2010 kept in a wooden box was damaged by white Ants and cannot be traced out.
Rupesh Kumar Agrawal
D-3388

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା। ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

I, Sri Sachidananda Nanda, my sale deed No.- 2346/ 2000 (603/ 502), CC No.- 63/ 26 lost in my Govt. quarter, Dhenkanal. If somebody get kindly contact my phone No.- 9437762919. D-3384

ଆମ୍ଭେ ଶ୍ରୀମତୀ ସୁକାନ୍ତି ଗିରି, ସ୍ୱାମୀ- ଶ୍ରୀପତି ଗିରି, ଗ୍ରାମ- ହିଜିଲି, ଥାନା- ବାଙ୍ଗିରିପୋଷି, ଜିଲ୍ଲା- ମୟୂରଭଞ୍ଜ ଘୋଷଣା କରୁଅଛିକି ଆମ୍ଭେ ଆମ୍ଭର ମୌଜା ଖାତା ନଂ. ୧୬୦/୭୦, ପ୍ଲଟ୍ ନଂ. ୪୯୦/୬୦୭ର ମୂଳ କବଲାଟି ହଜାଇ ଦେଇଅଛି। ଏ ସଂକ୍ରାନ୍ତରେ ବାଙ୍ଗିରିପୋଷି ଥାନା ଷ୍ଟେସନ ଡାଇରି ନଂ. ୧୧/ ୧୩।୦୨।୨୦୨୬ରେ ଏକ ମାମଲା ଏବଂ ମାନ୍ୟବର ନୋଟାରୀ କୋର୍ଟରେ ଏକ ଆଫିଡାଭିଟ୍ ଦାଖଲ କରିଅଛୁ।
ସ୍ୱା./- ସୁକାନ୍ତି ଗିରି
ଧ-୩୩୮୭

## AFFIDAVIT

By virtue of an affidavit, I, Shahe Jada Khan, S/o- Late Abdul Karim Khan of Rasulpur, Kakatpur, Puri declare that my name has been wrongly recorded as Abdul Sakil Khan in Aadhaar Card xxxx xxxx 4772. That Shahe Jada Khan and Abdul Sakil Khan are the same and one person. D-3393

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ **QR Code** ସ୍କାନ୍ କରି ଯେକୌଣସି **UPI App** ମାଧ୍ୟମରେ ସହଜରେ ପୈଠ କରନ୍ତୁ।
Q199723846@ybl | T&C Apply
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।


## ତୁଟିଲା ବିବାଦ, ସୋମବାରଠାରୁ ପଢ଼ିବାକୁ ଆସିବେ ଶିଶୁ
### ନୂଆଗାଁ ଅଙ୍ଗନୱାଡି କେନ୍ଦ୍ରରେ ଛୁଆଁ ଅଛୁଆଁ ଘଟଣା

ରାଜନଗର,୧୪।୨(ଭାସ୍କର ରାଉତରାୟ)

କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ୍ ଘଡ଼ିଆମାଳ ପଞ୍ଚାୟତ ନୂଆଗାଁ ଅଙ୍ଗନୱାଡି କେନ୍ଦ୍ରରେ ଛୁଆଁ ଅଛୁଆଁ ପ୍ରସଙ୍ଗ ଚର୍ଚ୍ଚା ସୃଷ୍ଟି କରିଥିଲା। ଦିନେ କି ୨ ଦିନ ନୁହେଁ, ଦୀର୍ଘ ୮୬ ଦିନ ହେଲା ଅଙ୍ଗନୱାଡି କେନ୍ଦ୍ରକୁ ପଢ଼ିବାକୁ ଶିଶୁ ଆସୁନାହାନ୍ତି। ଅନୁସୂଚିତ ଜାତିର ଜଣେ ଯୁବତୀ ୨୦ ନଭେମ୍ବର ୨୦୨୫ରେ ଉକ୍ତ କେନ୍ଦ୍ରର ସହାୟିକା ଭାବେ ନିଯୁକ୍ତି ପାଇବା ଦିନଠାରୁ ଏଭଳି ସ୍ଥିତି ସୃଷ୍ଟି ହୋଇଥିଲା। ଏହି ଘଟଣାକୁ ନେଇ ରାଜ୍ୟ ସଭାର ବିରୋଧୀ ଦଳ ନେତା ତଥା କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଉଠାଇବା ପରେ ସାରା ଦେଶରେ ଆଲୋଡ଼ନ ସୃଷ୍ଟି ହୋଇଥିଲା।

ଶନିବାର ମହିଳା କମିଶନ ସଦସ୍ୟା କଳ୍ପନା ମଲ୍ଲିକ, ଶିଶୁ ସୁରକ୍ଷା ଆୟୋଗ ସଦସ୍ୟା ସୁଜାତା ନାୟକ କେନ୍ଦ୍ରାପଡ଼ାରେ ପହଞ୍ଚି ଜିଲାପାଳ, ଏସ୍‌ପି ଓ ଅନ୍ୟ ଅଧିକାରୀଙ୍କ ସହ ଆଲୋଚନାକରି ଅତିରିକ୍ତ ଜିଲାପାଳ, ଉପଜିଲାପାଳ ଅରୁଣ କୁମାର ନାୟକ, ଅତିରିକ୍ତ ଏସ୍‌ପି ସୁଧାକର ସାହୁ , ଜିଲା କଲ୍ୟାଣ ଅଧିକାରୀ ଅରବିନ୍ଦ ରାୟ, ଜିଲା ସମାଜ ମଙ୍ଗଳ ଅଧିକାରୀ ସୁଷମା ମହାନ୍ତି, ରାଜନଗର ତହସିଲଦାର ଯୀଶୁଖ୍ରୀଷ୍ଟ ଦାସ, ଆଇଆଇସି ନରେଶ କୁମାର ସାହୁ , ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ସରପଞ୍ଚ ଶୈଳେନ୍ଦ୍ର ମିଶ୍ର ଓ ସିଡିପିଓ ଦୀପାଳି ମିଶ୍ର ପ୍ରମୁଖ ନୂଆଗାଁ ଅଙ୍ଗନୱାଡି କେନ୍ଦ୍ରରେ ପହଞ୍ଚିଥିଲେ। ଜିଲା ପ୍ରଶାସନ ପକ୍ଷରୁ ଜାତିଭେଦ ଦୂରକରିବା ଉପରେ ପର୍ଯ୍ୟବସିତ ପାଳା ଗାଁରେ ପରିବେଷଣ କରାଯାଇଥିଲା। ସମସ୍ତ ଅଧିକାରୀ ଗାଁର ଘରକୁଘର ବୁଲି ଲୋକଙ୍କୁ ସଚେତନକରିବା ସହ ଉପଜିଲାପାଳଙ୍କ ନେତୃତ୍ୱରେ ଗ୍ରାମବାସୀଙ୍କ ସହ ବୈଠକ ବସିଥିଲା। ବୈଠକରେ ଗ୍ରାମବାସୀ ଜାତିଭେଦ ପ୍ରସଙ୍ଗ ଉଠାଇଥିଲେ। ପଥରବନ୍ଧ ନ ଥିବାରୁ ନଦୀର ଜୁଆରପାଣି ଗାଁକୁ ମାଡ଼ି ଆସୁଛି, ରାସ୍ତା ନାହିଁ, ଅଙ୍ଗନୱାଡି କେନ୍ଦ୍ରର ନିଜସ୍ୱ ଘର ନାହିଁ , ବାର୍ଦ୍ଧକ୍ୟ ଭତ୍ତା ମିଳୁନାହିଁ ଆଦି ଅଭିଯୋଗ କରିଥିଲେ। ପ୍ରଶାସନ ତାଙ୍କ ଦାବି ନ ଶୁଣିବାରୁ ସେମାନେ ଏପରି ପଦକ୍ଷେପ ନେଇଥିବା କହିଥିଲେ। ସେମାନଙ୍କ ଦାବି ପ୍ରଶାସନ ପୂରଣ କରିବ ବୋଲି ପ୍ରତିଶ୍ରୁତି ଦେଇଥିଲା। ଗ୍ରାମବାସୀ ମିଳିତ ଭାବେ ଶପଥ ପାଠ କରିଥିଲେ। ଅଙ୍ଗନୱାଡି ସହାୟିକା ଶର୍ମିଷ୍ଠା ସେଠୀ ରୋଷେଇକରିବା ପରେ ପ୍ରଶାସନିକ ଅଧିକାରୀ ଓ ଗାଁର ୨ ଜଣ ମୁରବି ଖାଇଥିଲେ।

ପ୍ରଥମ ପୃଷ୍ଠାରୁ...

## ଚୌଦ୍ୱାର ଜେଲରୁ...

ଗୟାରେ ରାଜା ଏବଂ ମଧୁକାନ୍ତ ଅଲଗା ହୋଇଯାଇଥିଲେ। ମଧୁକାନ୍ତ ଗୟାରେ କିଛିଦିନ ରହିବା ପରେ ତାଙ୍କ ପ୍ରେମିକାକୁ ଭେଟ କରିବାକୁ ଯାଇଥିଲେ। ସେଠାରେ ପ୍ରେମିକା ସହ ଏକ ହୋଟେଲରେ ରହିଥିବା ଖବର ପୋଲିସ ପାଇ ସେଠାରେ ପହଞ୍ଚିବା ପୂର୍ବରୁ ମଧୁକାନ୍ତ ଫେରାର ହୋଇଯାଇଥିଲେ। ୨୦ ଦିନ ତଳେ ମଥୁରା ଯାଇ ଏକ ଗେଷ୍ଟ ହାଉସ୍‌ରେ କାମ କରୁଥିଲେ। ସେଠାରେ ନିଜର ଚେହେରା ବଦଳାଇବା ସହ ନିଜ ନାମକୁ ବଦଳାଇ ଦେଇଥିଲେ। ୨୪ ବର୍ଷୀୟ ମଧୁକାନ୍ତ ସେଠାରେ ନିଜର ନାଁ ବଦଳାଇ ବାସୁ ପାଣ୍ଡେ ରଖିଥିଲେ। ସେଠାରେ ଗେଷ୍ଟହାଉସ୍‌କୁ ଆସୁଥିବା ଅତିଥିଙ୍କୁ ସହଯୋଗ କରିବା ସହ ବୃନ୍ଦାବନ ବୁଲାଇ ଧର୍ମ ଚର୍ଚ୍ଚା କରୁଥିଲେ। କିନ୍ତୁ ସେ ଗେଷ୍ଟହାଉସ୍‌ରେ ନିଜ ପ୍ରେମିକା ସହ ନୂଆ ଫୋନରେ କଥା ହେଉଥିଲେ, ଯେଉଁଥିପାଇଁ ସ୍ପେଶାଲ ଟିମ୍ ଖୋଜୁଥିବା ବେଳେ ଲିଙ୍କ୍ ମିଳିଥିଲା। ଏକ ଟିମ୍ ଉକ୍ତ ଗେଷ୍ଟହାଉସ୍ ନିକଟରେ ଥିବା ଅନ୍ୟ ଏକ ଗେଷ୍ଟହାଉସ୍‌ରେ ରହି ମଧୁକାନ୍ତଙ୍କ ଗତିବିଧି ଉପରେ ନଜର ରଖିଥିଲା। ଫେରାର କଏଦୀ ମଧୁକାନ୍ତ ବୋଲି ସ୍ପଷ୍ଟ ହେବା ପରେ ସେ କାମ କରୁଥିବା ଗେଷ୍ଟହାଉସ୍‌ରେ ରହିବା ପାଇଁ ଯୋଜନା କରିଥିଲେ। ପୋଲିସ ଟିମ୍ ନିଜକୁ ଅଣଓଡ଼ିଆ ପରିଚୟ ଦେବା ସହ ହିନ୍ଦୀରେ କଥା ହେବା ସହ ପ୍ରମାଣ ପତ୍ର ମଧ୍ୟ ରାଜ୍ୟ ବାହାରର କରିଥିଲେ। ମଧୁକାନ୍ତ କାମ କରୁଥିବା ଗେଷ୍ଟହାଉସ୍‌ରେ ରହିବା ପାଇଁ ପୋଲିସ ଟିମ୍ ଗ୍ରାହକ ସାଜି ଯୋଗାଯୋଗ କରିଥିଲେ। ଗେଷ୍ଟହାଉସ୍ ମାଲିକ ନିର୍ଦ୍ଦେଶ ପରେ ପୋଲିସ ଟିମ୍‌କୁ ନେବା ପାଇଁ ମଧୁକାନ୍ତ ବସ୍‌ଷ୍ଟାଣ୍ଡ ପାଖକୁ ସ୍କୁଟି ନେଇଯାଇଥିଲେ। ସ୍କୁଟିରେ ମଧୁକାନ୍ତ ୨ଜଣ ପୋଲିସ ଟିମ୍‌କୁ ଆଣିବା ସମୟରେ ପୋଲିସ ତାଙ୍କୁ ଅଟକାଇ ମାଡ଼ି ବସିଥିଲେ। ପରେ କୋଟ୍‌ୱାଲି ପୋଲିସ ଷ୍ଟେଶନ ସହ ଯୋଗାଯୋଗ କରିବା ପରେ ତାଙ୍କୁ ଗିରଫ କରି ସ୍ଥାନୀୟ କୋର୍ଟରେ ହାଜର କରାଯାଇ ଟ୍ରାଞ୍ଜିଟ୍ ରିମାଣ୍ଡରେ ଓଡ଼ିଶା ଅଣାଯାଇଥିଲା। ଶନିବାର ମଧୁକାନ୍ତଙ୍କୁ କଟକ ଜେଏମ୍ଏଫ୍‌ସି-୧ କୋର୍ଟରେ ହାଜର କରାଯିବା ପରେ ଚୌଦ୍ୱାର ଜେଲକୁ ପଠାଇ ଦିଆଯାଇଛି। ତାଙ୍କୁ ଧରିବା ପାଇଁ ସ୍ପେଶାଲ ସ୍କ୍ୱାଡ୍ ଟିମ୍ ପକ୍ଷରୁ ନାଗାଲାଣ୍ଡ, ବିହାର, ଉତ୍ତରପ୍ରଦେଶ, ଦିଲ୍ଲୀ, କର୍ଣ୍ଣାଟକ ଏବଂ ଅନ୍ୟ ସହରରେ ଚଢ଼ାଉ କରାଯାଇଥିଲା।

## ବଜେଟ ଚିଠା...

ଶକ୍ତି ବିଭାଗ ଉପରେ ସରକାର ଅଧିକ ଗୁରୁତ୍ୱ ଦେବେ ବୋଲି ଜଣାପଡ଼ିଛି। ଯେଉଁ ବିଭାଗଗୁଡ଼ିକ ଦ୍ୱାରା ସାଧାରଣ ଲୋକମାନେ ବିଶେଷ ଉପକୃତ ହେବେ ସେଭଳି ଦିଗ ପ୍ରତି ସରକାର ବିଶେଷ ଧ୍ୟାନଦେବା ଏକ ପ୍ରକାର ନିଶ୍ଚିତ। ଭାଜପା ସରକାର ଆସିବା ପରେ ରାଜ୍ୟରେ ପ୍ରଥମ ଥର ପାଇଁ ପଞ୍ଚାୟତ ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି। ସେହି ଦୃଷ୍ଟିରୁ ଏହି ବଜେଟର ରୂପରେଖ ସରକାରୀ ଦଳ ପାଇଁ ବହୁ ଗୁରୁତ୍ୱପୂର୍ଣ୍ଣ।

# ମହାଶିବରାତ୍ରିରେ...

**ଆଜି ହେଉଛି ମହାଶିବରାତ୍ରି। ଗାଁଠୁ ସହର ପ୍ରତ୍ୟେକ ଶିବମନ୍ଦିର ଉତ୍ସବମୁଖର। ସବୁଠି ଶ୍ରଦ୍ଧାଳୁଙ୍କ ଭିଡ଼। ରାତିରେ ଉଜାଗର ରହି ଦୀପ ଜାଳିବା ଆଉ ମନ୍ଦିରରେ ମହାଦୀପ ଦର୍ଶନ କରିବାକୁ ସମସ୍ତଙ୍କ ମନରେ ଭରି ରହିଛି ଉତ୍କଣ୍ଠା। ଏହାସହ ଫଟୋ ଓ ରିଲ୍ସ ଭିଡିଓ ଶୁଟ୍ କରି ସୋସିଆଲ୍ ସାଇଟ୍‌ରେ ପୋଷ୍ଟ କରିବାକୁ ଅଧିକାଂଶ ଯୁବତୀଯୁବକ ବେଶ୍ ଉତ୍କଣ୍ଠିତ। ହେଲେ ସାମାନ୍ୟ ଅବହେଳାରୁ ଏହି ଖୁସିର ପର୍ବ ଯେପରି କୌଣସି ଦୁର୍ଘଟଣାର କାରଣ ନ ସାଜୁ, ସେଥିପାଇଁ ସୁରକ୍ଷା ଦୃଷ୍ଟିରୁ ସତର୍କ ରହିବା ଜରୁରୀ...**



ଆଜି ଦେବଦେବ ମହାଦେବଙ୍କ ପୂଜା ପାଇଁ ସବୁ ଶିବମନ୍ଦିର ନାନାଦି ଫୁଲ ଓ ଆଲୋକମାଳାରେ ସଜା ଯାଇଛି ଆଉ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଛି। କେଉଁଠି ହୋମଯଜ୍ଞ ତ ଆଉ କେଉଁଠି ଭୋଜି ଭାତ ସହ ଭଜନ ସମାରୋହ ଭଳି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ସଂଧ୍ୟାରେ ଭକ୍ତମାନେ କିପରି ଶୃଙ୍ଖଳାରେ ବସି ଦୀପ ଜାଳିବେ ଓ ମହାଦୀପ ଦର୍ଶନ କରିବେ, ସେଥିପାଇଁ ବିଶେଷ ବ୍ୟବସ୍ଥା କରାଯାଇଛି। ଆଉ ଏହାର ଆନନ୍ଦ ନେବା ସହ ଏହି ଅପୂର୍ବ ସୁନ୍ଦର ଦୃଶ୍ୟକୁ ଫଟୋ ଓ ଭିଡିଓ କରି ସୋସିଆଲ୍ ମିଡିଆରେ ପୋଷ୍ଟ କରି ଅଧିକ ଲାଇକ୍, କମେଣ୍ଟ, ଭ୍ୟୁ ପାଇବାକୁ ଅନେକଙ୍କ ମଧ୍ୟରେ କ୍ରେଜ୍ କହିଲେ ନ ସରେ। ହେଲେ ଦୀପ ଜାଳୁଥିବା ସମୟରେ ଭିଡିଓ କିମ୍ବା ଫଟୋ ଶୁଟ୍ ବେଳେ ସାମାନ୍ୟ ଅସାବଧାନତା ବି କେବେକେବେ ବଡ଼ ଅଗ୍ନିକାଣ୍ଡ ଭଳି ଗୁରୁତର ସମସ୍ୟା ସୃଷ୍ଟି କରିଥାଏ। ତେଣୁ ଜାଗର ଜାଳିବା ବେଳେ ସୁରକ୍ଷା ଦୃଷ୍ଟିରୁ କେତେକ ଦିଗ ପ୍ରତି ବିଶେଷ ଧ୍ୟାନ ଦେବା ଆବଶ୍ୟକ...

**ଦୀପ ଜାଳିବା ବେଳେ ରୁହନ୍ତୁ ସତର୍କ:** ବର୍ତ୍ତମାନ ଅଧିକାଂଶ ଯୁବତୀଯୁବକ ମହାଶିବରାତ୍ରିରେ ଜାଗର ଜାଳିବା ବେଳେ ରିଲ୍ସ ଭିଡିଓ ଶୁଟିଂ କରୁଥିବା ଦେଖିବାକୁ ମିଳୁଛି। ଏଥିପାଇଁ ସେମାନେ ସୁନ୍ଦର ସୁନ୍ଦର ଟ୍ରାଡିଶନାଲ୍ ପୋଷାକ ପିନ୍ଧି ଆଉଟ୍‌ଫିଟ୍ ପିନ୍ଧୁଛନ୍ତି। ଯଦିଓ ଏଭଳି ପୋଷାକ ସହ ଦୀପ ଧରି ଫଟୋ ଓ ଭିଡିଓ କରିବା ନିଶ୍ଚିତ ଭାବେ ଆକର୍ଷଣୀୟ, ହେଲେ ଗୋଟିଏ ହାତରେ ଦୀପ ଧରିବା କିମ୍ବା ଦୀପ ପାଖେ ଠିଆ ହୋଇ ଅନ୍ୟ ହାତରେ ମୋବାଇଲ୍ ଧରି ଫଟୋ ଉଠାଇବା ବେଳେ ଡ୍ରେସ୍ ନିଆଁ ସଂସ୍ପର୍ଶରେ ଆସି ଦୁର୍ଘଟଣା ଘଟିବାର ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ। ତା'ଛଡା ଏହି ସମୟରେ ହଜାର ହଜାର ଭକ୍ତ ଏକାଠି ବସି ଦୀପ ଜାଳୁଥିବାରୁ ସାମାନ୍ୟ ଅସତର୍କତା ନିଜ ସହ ଅନ୍ୟ ଜୀବନ ପ୍ରତି ମଧ୍ୟ ବିପଦ ସୃଷ୍ଟି କରିପାରେ। ତେଣୁ ଏଥିପ୍ରତି ବିଶେଷ ସତର୍କ ରୁହନ୍ତୁ।

**ଲାଇଟ୍‌ର କରେଣ୍ଟ ପ୍ରତି ରୁହନ୍ତୁ ସତର୍କ:** ମନ୍ଦିରକୁ ସଜାଇବା ଲାଗି ଫୁଲ ସହିତ ଭଳିକି ଭଳି ରଙ୍ଗର ଲିଟୁ ଲାଇଟ୍ ଲଗାଯାଇଥାଏ। ରାତିରେ ଏହି ଆକର୍ଷଣୀୟ ଆଲୋକସଜ୍ଜା ଭିତରେ ଫଟୋ ଆଉ ଭିଡିଓର ଦୃଶ୍ୟ ସତରେ ଅପୂର୍ବ। ହେଲେ ବର୍ତ୍ତମାନ ଭିଡିଓ ନିଶାରେ ଲିଟୁ ଲାଇଟ୍‌କୁ ଲାଗି ଠିଆ ହେବା କିମ୍ବା ହାତରେ ଦୀପ ଧରି ଏହା ପାଖରେ ଠିଆ ହେବାର ଭୁଲ୍ ଆଦୌ କରନ୍ତୁ ନାହିଁ। କାରଣ କେବେକେବେ ଲାଇଟ୍ କନେକ୍ସନ୍‌ରେ ତ୍ରୁଟି ରହିଯାଇଥାଏ, ଯେଉଁଥିପାଇଁ ଲିକେଜ୍ ଥିଲେ କରେଣ୍ଟ ଲାଗି ଜୀବନ ବିପଦରେ ପଡ଼ିବାର ଆଶଙ୍କା ରହିଛି।





**ଗ୍ରୁପ୍ ଫଟୋଶୁଟ୍ ପଡ଼ିପାରେ ଭାରି:** ଶର୍ଟ୍ସ ବା ରିଲ୍ସର ଏବେ ଟ୍ରେଣ୍ଡ ଚାଲିଛି, ଯେଉଁଥିରେ ଅଧିକାଂଶ ଯୁବତୀଯୁବକ ସବୁଠୁ ବେଶୀ ଆକ୍ଟିଭ୍ ଥିବା ଦେଖିବାକୁ ମିଳୁଛି। ଏକାଠି ଦୀପ ଜାଳିବା, ବିଭିନ୍ନ ଗୀତର ତାଳେତାଳେ ଦୀପ ଧରି ଚାଲିବା, ଡ୍ୟାନ୍ସ କରିବା ଆଦି ଦ୍ୱାରା ଡ୍ରେସ୍‌ରେ ନିଆଁ ଲାଗିବାର ଆଶଙ୍କା ରହିଛି। ତା'ଛଡ଼ା ମନ୍ଦିରକୁ ପ୍ରତ୍ୟେକ ବର୍ଗର ଲୋକ ଉପବାସ କରି ବିଭିନ୍ନ ମନସ୍କାମନା ନେଇ ଆସିଥିବାରୁ ଏଭଳି ରିଲ୍ସ କରିବା ସେମାନଙ୍କୁ ଡିଷ୍ଟର୍ବ ମଧ୍ୟ କରିପାରେ। ତେଣୁ ଶାନ୍ତି, ଶୃଙ୍ଖଳାର ସହ ନିରାପଦ ଭାବେ ପୂଜା କରିବା ଆବଶ୍ୟକ।



**ମନେରଖନ୍ତୁ:** ଭକ୍ତିରେ ନୁହେଁ ବରଂ ଫଟୋ, ଭିଡିଓ କରିବା ଆଳରେ ଅନେକେ ମନ୍ଦିର ଯାଇଥାନ୍ତି ଏବଂ ଦୀପ ଜାଳିଥାନ୍ତି। ଫଟୋଶୁଟ୍ ପରେ ଏଣେତେଣେ ଦୀପ ଫିଙ୍ଗିଥାନ୍ତି। ଯାହାଦ୍ୱାରା ମନ୍ଦିର ପରିସର ଅପରିଷ୍କାର ହୋଇଥାଏ । ତା'ଛଡ଼ା ଭଙ୍ଗାଦୀପର ଖଣ୍ଡ, ଘିଅ ପଡ଼ିବା ଦ୍ୱାରା ଗୋଡ଼ ଖସିବା, ପାଦରେ ଆଘାତ ଲାଗିବା ସହ ଅଧା ଜଳା ବତିରୁ ଅଗ୍ନିକାଣ୍ଡ ହେବାର ବି ଯଥେଷ୍ଟ ଆଶଙ୍କା ରହିଛି। ତେଣୁ ଫଟୋ, ଭିଡିଓ ନିଶାରେ ଯେପରି ନିଜ ପାଇଁ କିମ୍ବା ଅନ୍ୟ କାହା ପାଇଁ କୌଣସି ବିପଦ ନ ଆସେ ସେଥିପ୍ରତି ବିଶେଷ ସତର୍କ ରହିବା ଆବଶ୍ୟକ।

ଯୁବ ପ୍ରତିଭା

# ସମାଜସେବାରେ ମନକୁ ସମର୍ପି ଦେଇଛି



ଓଡ଼ିଶାର ଜଳବାୟୁ ପରିବର୍ତ୍ତନ ଉପରେ କାର୍ଯ୍ୟ କରିବା ହେଉ କି ଅଲିଭ୍‌ରିଡ୍‌ଲେ କଇଁଛ ସୁରକ୍ଷା ଅଭିଯାନରେ ହେଉ, ନିଜେ ସକ୍ରିୟ ଭାବେ କାର୍ଯ୍ୟ କରିବା ସହ ୨ ହଜାରରୁ ଅଧିକ ଯୁବପିଢ଼ିଙ୍କୁ ଏହି କାମ ପାଇଁ ପ୍ରେରଣା ଯୋଗାଇଦେବା ଏବଂ ଜନସାଧାରଣଙ୍କୁ ଏ ଦିଗରେ ସଚେତନ କରାଇ ସମାଜରେ ସେ ଏକ ଭିନ୍ନ ପରିଚୟ ସୃଷ୍ଟି କରିପାରିଛନ୍ତି। ୧୨ଥର ରାଜ୍ୟ ଏବଂ ୩ଥର ଅନ୍ତର୍ଜାତୀୟ ସ୍ତରରେ ଭାରତ ସ୍କାଉଟ ଏବଂ ଗାଇଡ୍‌କୁ ପ୍ରତିନିଧିତ୍ୱ କରି ସେ ରାଜ୍ୟ ତଥା ଦେଶ ପାଇଁ ଗୌରବ ଆଣିଛନ୍ତି। ସେହିପରି 'ୟୁଥ ଫର୍ ୱାଟର ପ୍ଲସ' ତରଫରୁ ଓଡ଼ିଶାର ପରିବର୍ତ୍ତନକାରୀ ମଧ୍ୟରୁ ଜଣେ ବିବେଚିତ ହୋଇ ୨୦୨୬ ମସିହା କ୍ୟାଲେଣ୍ଡରରେ ନିଜ ସ୍ଥାନ ତିଆରି କରିପାରିଛନ୍ତି। ସେ ହେଲେ ଗଞ୍ଜାମ ଜିଲା ରଙ୍ଗେଇଲୁଣ୍ଡା ବ୍ଲକ ଲୁହାଝର ଗ୍ରାମର ମା' ଶକୁନ୍ତଳା ଓ ବାପା ବାଲ୍ୟକୃଷ୍ଣ ମହାରଣାଙ୍କ ଝିଅ ବର୍ଷାରାଣୀ।

ପିଲାବେଳୁ ମା'ବାପାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସମାଜସେବା ପ୍ରତି ସେ ଆକୃଷ୍ଟ ହୋଇଥିଲେ। ସେ ଲୋକ ପ୍ରଶାସନ (ପବ୍ଲିକ୍ ଆଡ୍‌ମିନିଷ୍ଟ୍ରେଶନ୍) ଏବଂ ସାମାଜିକ କାର୍ଯ୍ୟ (ସୋସିଆଲ୍ ୱର୍କ) ଦୁଇଟି ବିଭାଗରେ ଏମ୍.ଏ. କରିଛନ୍ତି। ବର୍ତ୍ତମାନ ୟୁଥ୍ ଫର୍ ସୋସିଆଲ ଡେଭଲପ୍‌ମେଣ୍ଟ ସଂସ୍ଥାରେ ଜଳବାୟୁ ପରିବର୍ତ୍ତନ ଏବଂ ପାଣି ସଂଗ୍ରହରେ ପ୍ରମୁଖ ଭାବେ କାର୍ଯ୍ୟରତ। ଭାରତ ସ୍କାଉଟ୍ ଏବଂ ଗାଇଡ୍‌ରେ ୟୁନିଟ୍ ଲିଡରରେ ଜଣେ ସ୍ୱେଚ୍ଛାସେବୀ ଭାବେ କାର୍ଯ୍ୟରତ। ୨୦୧୯ରେ ଗୋପାଳପୁର ମହାବିଦ୍ୟାଳୟରେ ଯୁବ ରେଡ୍‌କ୍ରସ, ଭାରତ ସ୍କାଉଟ୍ ଏବଂ ଗାଇଡ୍ ଭଳି ସଂସ୍ଥାରେ ଯୋଡ଼ି ହୋଇ ରାଜ୍ୟ ଏବଂ ରାଷ୍ଟ୍ରୀୟସ୍ତରରେ ଓଡ଼ିଶା ଏବଂ ଭାରତକୁ ମଧ୍ୟ ପ୍ରତିନିଧିତ୍ୱ କରିଛନ୍ତି। ୨୦୨୧ରେ ଓଡ଼ିଶାର ପୂର୍ବତନ ରାଜ୍ୟପାଳ ଗଣେଶୀଲାଲ୍‌ଙ୍କଠାରୁ ସ୍କାଉଟ୍ ଏବଂ ଗାଇଡ୍‌ରେ ରାଜ୍ୟ ପୁରସ୍କାରରେ ସମ୍ମାନିତ ହୋଇଛନ୍ତି।

ଏହାଛଡ଼ା ନିଜ ସମାଜରେ ଯୁବଗୋଷ୍ଠୀମାନଙ୍କୁ ନେଇ ସମାଜରେ ପରିବର୍ତ୍ତନ କରିବା ସକାଶେ ନିଜ ସ୍ୱର ଉତ୍ତୋଳନ କରି ଯୁବବର୍ଗମାନଙ୍କୁ ନିଜ ଅଧିକାର ଆଉ ସମାଜ ପ୍ରତି କର୍ତ୍ତବ୍ୟ ଜଣେଇ ଟାଟା ଷ୍ଟିଲ ଫାଉଣ୍ଡେଶନ ତରଫରୁ ଯୁବ ପରିବର୍ତ୍ତନକାରୀ (change maker) ଭାବେ ପୁରସ୍କୃତ ହୋଇଛନ୍ତି। ୨୦୨୪ରେ ୟୁନିସେଫ୍ ପକ୍ଷରୁ ଆୟୋଜିତ ୟୁୱାହ୍(ଯୁବା) ଏବଂ ଆଇ ଭଲ୍ୟୁଣ୍ଟର ସଂସ୍ଥା ତରଫରୁ ସର୍ବଭାରତୀୟସ୍ତରରେ ଶ୍ରେଷ୍ଠ ୧୦ଜଣଙ୍କ ମଧ୍ୟରୁ ଓଡ଼ିଶାରୁ ଏକମାତ୍ର ଝିଅ ଭାବେ ଗ୍ରୀନ ଗାର୍ଡିଆନ୍ ସମ୍ମାନରେ ସମ୍ମାନିତ ହେଇଛନ୍ତି। ୨୦୨୫ରେ ଏସିଆ ପାସିଫିକ୍ ରେଜିଓନାଲ ଜାମ୍ବୋରିରେ ଭାରତ ସ୍କାଉଟ ଏବଂ ଗାଇଡ୍‌ରୁ ଓଡ଼ିଶାରୁ ଭାରତକୁ ପ୍ରତିନିଧିତ୍ୱ କରିଛନ୍ତି। ଏହାଛଡ଼ା ଓଡ଼ିଶା ରାଜ୍ୟ ଭାରତ ସ୍କାଉଟ ଏବଂ ଗାଇଡ୍ ଦ୍ୱାରା ପରିଚାଳିତ ଟିକେଟ୍ ଟୁ ଲାଇଫ୍ ପ୍ରୋଜେକ୍ଟରେ ୟୁନିଟ୍ ଲିଡର ଭାବେ ୬୪ ଜଣ ସ୍କାଉଟ ଏବଂ ଗାଇଡଙ୍କୁ ପ୍ରଶିକ୍ଷଣ ଦେଉଛନ୍ତି। ତାଙ୍କର ଅଲିଭ୍‌ରିଡ୍‌ଲେ କଇଁଛ ସୁରକ୍ଷା ଅଭିଯାନ କାର୍ଯ୍ୟକ୍ରମଟି ଭାରତର ଏକ ପ୍ରଶଂସନୀୟ କାର୍ଯ୍ୟ ଭାବେ ଏସିଆ ପାସିଫିକ ସ୍କାଉଟ ପକ୍ଷରୁ ତାଇୱାନରେ ଏକ ପ୍ରମୁଖ ଲୋକ ଚର୍ଚ୍ଚିତ କାମ ଭାବେ ପ୍ରଦର୍ଶିତ ହୋଇପାରିଛି।



ସମାଜ ପ୍ରତି ନିଜ ଭଲପାଇବା ଓ ନିଷ୍ଠା ଲାଗି ସେ ଅନ୍ୟମାନଙ୍କ ପାଇଁ ପ୍ରେରଣା ପାଲଟିଛନ୍ତି। ଭବିଷ୍ୟତରେ ଅଧିକରୁ ଅଧିକ ଯୁବପିଢ଼ିଙ୍କୁ ପୃଥିବୀରେ ହେଉଥିବା ଜଳବାୟୁ ପରିବର୍ତ୍ତନଜନିତ ସମସ୍ୟା ସମାଧାନର ବାଟ ଖୋଜିବା କାର୍ଯ୍ୟରେ ସାମିଲ କରିବା ତାଙ୍କର ସବୁଠୁ ବଡ଼ ଆଶା ଓ ସ୍ୱପ୍ନ ବୋଲି ପ୍ରକାଶ କରନ୍ତି ବର୍ଷାରାଣୀ।

– ସ୍ମୃତିରଞ୍ଜନ ମାହାଳିକ

## ଏ ସପ୍ତାହର ପ୍ରଶ୍ନ ?

୧– ଶେଚିହାଲି ୱାଇଲ୍ଡ ଲାଇଫ୍ ସାଙ୍କ୍‌ଚୁଆରୀ ...... ରାଜ୍ୟରେ ଅବସ୍ଥିତ ?
୨– ନିକଟରେ ନ୍ୟାଶନାଲ୍ କ୍ରପ୍ ନ୍ୟୁଟ୍ରିଶନ୍ ସମିତି ୨୦୨୬ ........ଠାରେ ଅନୁଷ୍ଠିତ ହୋଇଯାଇଛି ?
୩– ୟୁନିଅନ୍ ବଜେଟ ୨୦୨୬–୨୦୨୭ରେ ମହିଳା ଉଦ୍ୟୋଗୀଙ୍କ ପାଇଁ ଆରମ୍ଭ ହୋଇଥିବା ନୂଆ ଯୋଜନା .......... ?
୪– ରୁମାଟଏଡ୍ ଆର୍ଥ୍ରାଇଟିସ୍ ଡେ' ..........ତାରିଖରେ ପାଳନ କରାଯାଏ ?
୫– ଫୁଏଗୋ ଭଲ୍‌କାନୋ .............. ଦେଶରେ ଅବସ୍ଥିତ ?

## ଗତ ଥରର ଉତ୍ତର

୧ ଷଷ୍ଠ ସ୍ଥାନ
୨ ଆବୁଧାବି
୩ ସୁଭାଷ ଚନ୍ଦ୍ର ବୋଷ
୪ ତେଲଙ୍ଗାନା ଏବଂ ଆନ୍ଧ୍ରପ୍ରଦେଶ
୫ ସୌଦି ଆରବ

## ଉତ୍ତରଦାତା


ଶେଖ୍ ୟାକୁବ୍ ଗୋପ


ନିର୍ବିକଳ୍ପ ନାଥ ଘଣ୍ଟେଶ୍ୱର


ସଚ୍ଚିଦାନନ୍ଦ ପରିଡ଼ା ଭୁବନେଶ୍ୱର

**ସୂଚନା:** ଆଗାମୀ ଆଶା ପୃଷ୍ଠାରେ ଦିଆଯାଉଥିବା ପ୍ରଶ୍ନର ଉତ୍ତର ସହ ନିଜ ନାମ, ଠିକଣା, ଫଟୋ ଏବଂ ମତାମତ ଲେଖି ପଠାନ୍ତୁ। ଇ–ମେଲ୍ ଠିକଣା: dharitriagamiasha@gmail.com

## ଟପ୍ ଟେନ୍ ୧୦

### ପୃଥିବୀର ସବୁଠୁ ଲମ୍ବା ସମ୍ବିଧାନ

| | |
|---|---|
| ୧. ଇଣ୍ଡିଆ | ୧,୪୬,୩୮୫ ଶବ୍ଦ |
| ୨. ନାଇଜେରିଆ | ୬୬,୨୬୩ ଶବ୍ଦ |
| ୩. ବ୍ରାଜିଲ୍ | ୬୪,୪୮୮ ଶବ୍ଦ |
| ୪. ମାଲେସିଆ | ୬୪,୦୮୦ ଶବ୍ଦ |
| ୫. ପାପୁଆ ନ୍ୟୁ ଗିନି | ୫୮,୪୯୦ ଶବ୍ଦ |
| ୬. ମେକ୍ସିକୋ | ୫୭,୦୮୭ ଶବ୍ଦ |
| ୭. ପାକିସ୍ତାନ | ୫୬,୨୪୦ ଶବ୍ଦ |
| ୮. କିମ୍ବାଓ୍ୱେ | ୫୫, ୮୩୩ ଶବ୍ଦ |
| ୯. ଇକ୍ୱେଡର୍ | ୫୪,୫୫୫ ଶବ୍ଦ |
| ୧୦. ୟୁନାଇଟେଡ୍ କିଙ୍ଗଡମ୍ | ୫୪,୪୦୮ ଶବ୍ଦ |

ୟୁଥ୍ ଆଲର୍ଟ

# କାନରେ ବାଜୁଛି କି ଗୋଟିଏ ଗୀତ

**ସକାଳୁ ଗୋଟିଏ ଗୀତ ଶୁଣିଥିବେ ଅବା ହଠାତ୍ କେଉଁ ଗୀତ ମନେପଡ଼ିଯାଇଥିବ ଏବଂ ତାହା ଦିନସାରା ବାରମ୍ବାର କାନରେ ବାଜୁଥିବ– ଏଭଳି ଅନୁଭବ ପ୍ରାୟ ଅଧିକାଂଶଙ୍କର ରହିଛି। ହେଲେ ଏହା ପଛରେ କାରଣ କ'ଣ ତା' ହୁଏତ ସଭିଙ୍କୁ ଜଣା ନ ଥିବା ଜାଣନ୍ତୁ ସେ ସମ୍ପର୍କରେ...**

➤ବହୁତ ସମୟରେ ଏପରି ହୁଏ, କିଛି ଗୀତ ଆମ ମନରେ ଅଟକିଯାଏ ଏବଂ ଦିନସାରା ମନ ଭିତରେ ବାରମ୍ବାର ରିପିଟ୍ ହୋଇଥାଏ। ବିଜ୍ଞାନ ଭାଷାରେ ଏହାକୁ ଇନ୍‌ଭଲ୍ୟୁଣ୍ଟାରୀ ମ୍ୟୁଜିକାଲ୍ ଇମେଜେରୀ ବା ଇୟରୱର୍ମ ବୋଲି କୁହାଯାଏ। ତେବେ ଏହା କୌଣସି ରୋଗ ନୁହେଁ, ଏହା ହେଉଛି ମସ୍ତିଷ୍କର ଏକ ପ୍ରକାରର ସ୍ଥିତି।

➤ଏହି ସ୍ଥିତିରେ ନିଜ ଇଚ୍ଛାରେ ନୁହେଁ, ବରଂ ଆପେ ଆପେ କୌଣସି ଗୀତ ମନକୁ ବାରମ୍ବାର ଆସିଥାଏ। ତାହା ପୁଣି ସମ୍ପୂର୍ଣ୍ଣ ଗୀତ ନୁହେଁ, ବରଂ ଗୀତର ୧୫ରୁ ୩୦ ସେକେଣ୍ଡ ପର୍ଯ୍ୟନ୍ତ କୌଣସି ଏକ ନିର୍ଦ୍ଦିଷ୍ଟ ଭାଗ।

➤ତେବେ କାହିଁକି ମନରେ ଗୀତ ଏପରି ଅଟକିଯାଏ, ତାହାର କାରଣ ହେଉଛି ମଣିଷର ମସ୍ତିଷ୍କ ଦିନସାରା ବିଭିନ୍ନ ପ୍ରକାରର ଶବ୍ଦ, ସ୍ୱର ଶୁଣିଥାଏ। ଯେତେବେଳେ କୌଣସି ଗୀତ ଆମର ଭାବନା ଯେପରି ଖୁସି, ଦୁଃଖ ଆଦି ସହିତ କିମ୍ବା ଅତୀତର ଅନୁଭୂତି ସହିତ ଯୋଡ଼ି ହୋଇଯାଏ, ତେବେ ତାହା ମସ୍ତିଷ୍କର ସାଉଣ୍ଡ ସିଷ୍ଟମରେ ଅଟକିଯାଏ ଏବଂ ଆପେ ଆପେ ବାରମ୍ବାର ମନକୁ ଆସିଥାଏ। ଏହା ପ୍ରୋସେସ୍‌କୁ ଫୋନୋଲୋଜିକାଲ୍ ଲୁପ୍ କୁହାଯାଏ।

➤ତେବେ ଅଧିକ ଚର୍ଚ୍ଚିତ ଗୀତ ଯେପରି ଟ୍ରେଣ୍ଡିଂରେ ଚାଲିଥିବା ରିଲ୍ସ ଗୀତ, ସବୁ ସମୟରେ ଲୋକପ୍ରିୟ ହୋଇଥିବା ଗୀତ, ସୁନ୍ଦର ମ୍ୟୁଜିକ୍ ଥିବା ଗୀତ, ବାରମ୍ବାର ଲାଇନ୍ ରିପିଟ୍ ହେଉଥିବା ଭଳି ଗୀତ ଶୁଣିଲେ ତାହା ଅଧିକ ମନ ଭିତରକୁ ଆସିଥାଏ।

➤ତେବେ ଏପରି ଯଦି ବାରମ୍ବାର ହେଉଛି ଏବଂ ଆପଣ ଏହାର ସମାଧାନ କରିବାକୁ ଚାହୁଁଛନ୍ତି, ତେବେ ପ୍ରଥମେ କିଛି ନୂଆ ଓ ଭିନ୍ନ ଧରଣର ଗୀତ ଶୁଣନ୍ତୁ।

➤ଯଦି ପଢ଼ିବା ବେଳେ କିମ୍ବା ଅଫିସ୍ କାମ ବେଳେ ଏହି ଇୟରୱର୍ମ ଆପଣଙ୍କୁ ଡିଷ୍ଟର୍ବ କରୁଛି, ତେବେ କିଛି ସମୟ ବ୍ରେକ୍ ନେଇ ସାଙ୍ଗସାଥୀଙ୍କ ସହ ଗପସପ କରିବା, ଶର୍ଟ ଫିଲ୍ମ କିମ୍ବା କମେଡି ଭିଡିଓ ଦେଖନ୍ତୁ ମୁଡ୍ ଚେଞ୍ଜ ହେବା ସହ ସେହି ଗୀତ ମଧ୍ୟ ମନରୁ ଦୂରେଇଯିବ।

➤ଆଶ୍ଚର୍ଯ୍ୟ ଲାଗୁଥିଲେ ବି ସତ ଯେ ଡାକ୍ତରମାନଙ୍କ ଗବେଷଣା ମୁତାବକ ଚ୍ୟୁଇଂଗମ୍ ଚୋବାଇବା ଦ୍ୱାରା ମଧ୍ୟ ଏହି ଗୀତର ଲୁପ୍ ଦୂର କରିବାରେ ସାହାଯ୍ୟ କରିଥାଏ। କାରଣ ଚ୍ୟୁଇଂଗମ୍ ଚୋବାଇବା ଦ୍ୱାରା ଆମର ମସ୍ତିଷ୍କ ଏବଂ ପାଟିର ସେହି ଅଂଶ ବ୍ୟସ୍ତ ହୋଇଯାଏ, ଯାହାକି ଗୀତକୁ ବାରମ୍ବାର ଗୁଣୁଗୁଣାଇବା କାର୍ଯ୍ୟ କରିଥାଏ।



# ଧରିତ୍ରୀ DHARITRI

ଧରିତ୍ରୀ 52 Years

www.orissakhabar.com/ www.dharitri.com | ପୃଷ୍ଠା ୧୪ | Press Regd. No. R.N. 21326/74 Postal Regd. No. BN/42/24-26. | ଭୁବନେଶ୍ୱର, ରବିବାର, ୧୫ ଫେବୃଆରୀ, ୨୦୨୬ | Bhubaneswar, Sunday, 15 February, 2026









କଟକ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଶନିବାର ଆରମ୍ଭ ହୋଇଥିବା ଶରତ କୁମାର ସାହୁ ସ୍ମାରକୀ ରାଜ୍ୟ ସିନିୟର କବାଡ଼ି ଚାମ୍ପିୟନଶିପ୍‌ରେ ବରଗଡ଼ ଓ ବଲାଙ୍ଗୀର ମଧ୍ୟରେ ଅନୁଷ୍ଠିତ ମହିଳା ବିଭାଗ ମ୍ୟାଚ । (ଫଟୋ: ରାଜକିଶୋର ମହାନ୍ତି)

# ଡବଲ ସ୍ୱର୍ଣ୍ଣ ସହ ପ୍ରମୋଦଙ୍କୁ ରେକର୍ଡ ୬ଷ୍ଠ ଟାଇଟଲ

ଭୁବନେଶ୍ୱର, ୧୪।୨ (ତପନ ସ୍ୱାଇଁ)

ଓଡ଼ିଶାର ପାରା ବ୍ୟାଡ୍‌ମିଣ୍ଟନ ତାରକା ପ୍ରମୋଦ ଭଗତ ପୁଣିଥରେ ରାଜ୍ୟ ଓ ଦେଶକୁ ଗର୍ବିତ କରିଛନ୍ତି । ବାହାରିନରେ ଅନୁଷ୍ଠିତ ବିଡବ୍ଲ୍ୟୁଏଫ୍ ପାରା ବ୍ୟାଡ୍‌ମିଣ୍ଟନ ୱାର୍ଲ୍ଡ ଚାମ୍ପିୟନଶିପ୍‌ରେ ସେ ୨ଟି ସ୍ୱର୍ଣ୍ଣ ପଦକ ହାସଲ କରି ରେକର୍ଡ ସୃଷ୍ଟି କରିଛନ୍ତି । ପୁରୁଷ ଏସ୍‌ଏଲ୍‌୩ ବର୍ଗରେ ସେ ରେକର୍ଡ ୬ଷ୍ଠ ବିଶ୍ୱ ଚାମ୍ପିୟନଶିପ୍ ଟାଇଟଲ ହାସଲ କରିଛନ୍ତି । ଓଡ଼ିଶାର ଗର୍ବ ପ୍ରମୋଦ ପୁରୁଷ ସିଙ୍ଗଲ୍ସ ଫାଇନାଲରେ ଇଣ୍ଡୋନେସିଆର ମହମ୍ମଦ ଅଲ୍ ଇମ୍ରାନଙ୍କୁ ୨୧-୧୨, ୨୧-୧୮ରେ ପରାସ୍ତକରି ନିଜ ବିଶ୍ୱ ଚାମ୍ପିୟନଶିପ୍ ଟାଇଟଲକୁ ୬ରେ ପହଞ୍ଚାଇଛନ୍ତି । ପୂର୍ବରୁ ୨୦୦୯, ୨୦୧୫, ୨୦୧୯, ୨୦୨୨ ଓ ୨୦୨୪ରେ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ଖେଳରତ୍ନ ପ୍ରମୋଦ ଏବେ ୨୦୨୬କୁ ସେଥିରେ ଯୋଡ଼ିଛନ୍ତି । ଅର୍ଥାତ୍ ହାଟ୍ରିକ ସହ କ୍ରମାଗତ ୪ଥର ସେ ଟାଇଟଲ ବିଜୟୀ ହୋଇଛନ୍ତି । ଏ କ୍ଷେତ୍ରରେ ସେ କିମ୍ବଦନ୍ତୀ ବ୍ୟାଡ୍‌ମିଣ୍ଟନ ତାରକା ଚାଇନାର ଲିନ୍ ଡାନ୍‌ଙ୍କ ୫ ବିଶ୍ୱ ଚାମ୍ପିୟନଶିପ୍ ଟାଇଟଲ ରେକର୍ଡକୁ ପଛରେ ପକାଇଛନ୍ତି । ସେହିପରି ପୁରୁଷ ଡବଲ୍ସ



ପ୍ରମୋଦ ଭଗତ

## ବିଡବ୍ଲ୍ୟୁଏଫ୍ ପାରା ବ୍ୟାଡ୍‌ମିଣ୍ଟନ

ଏସ୍‌ଏଲ୍‌୩-ଏସ୍‌ଏଲ୍‌୪ ଫାଇନାଲରେ ପ୍ରମୋଦ ଓ ସୁକାନ୍ତ କଦମ ଅନ୍ୟ ଭାରତୀୟ ଯୋଡ଼ି ଜଗଦୀଶ ଦିଲ୍ଲୀ ଓ ନବିନ ଶିବକୁମାରଙ୍କୁ ୨୧-୧୯, ୨୧-୧୬ରେ ହରାଇ ସ୍ୱର୍ଣ୍ଣ ପଦକ ଜିତିଛନ୍ତି ।

## ଭାବପ୍ରବଣ ମୁହୂର୍ତ୍ତ: ପ୍ରମୋଦ

"କ୍ରମାଗତ ୪ ଥର ଏବଂ ମୋଟ ୬ ଥର ବିଶ୍ୱ ଚାମ୍ପିୟନଶିପ୍ ଟାଇଟଲ ଜିତିବା ମୋ ପାଇଁ ଭାବପ୍ରବଣ ମୁହୂର୍ତ୍ତ । ଲିନ୍ ଡାନ୍ ସବୁବେଳେ ମୋର ଆଦର୍ଶ ଖେଳାଳି ହୋଇ ରହିଛନ୍ତି । ତାଙ୍କ ରେକର୍ଡ ଭାଙ୍ଗିବା ମୋ ପାଇଁ ସମ୍ପୂର୍ଣ୍ଣଭାବେ ସ୍ୱତନ୍ତ୍ର । ନିଜ ଉପରେ ବିଶ୍ୱାସ, ଶୃଙ୍ଖଳା ଏବଂ ବିଭିନ୍ନ ପ୍ରକାର ତ୍ୟାଗର ଏହା ଫଳ । ବଡ଼ ପ୍ରତିଯୋଗିତାରେ ଭାରତକୁ ପ୍ରତିନିଧିତ୍ୱ କରିବା ଏବଂ ଇତିହାସ ସୃଷ୍ଟି କରିବା ମୋତେ ଗର୍ବିତ କରିଛି" ବୋଲି ପ୍ରମୋଦ ନିଜ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି ।

# ରୋମାଞ୍ଚକ ମୁକାବିଲାରେ କେନ୍ଦୁଝର ବିଜୟୀ

କଟକ, ୧୪।୨ (କୁମାରଶ୍ରୀ)

## ଶରତ କୁମାର ସାହୁ ସ୍ମାରକୀ ରାଜ୍ୟ କବାଡ଼ି

ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଶରତ କୁମାର ସାହୁ ସ୍ମାରକୀ ରାଜ୍ୟ ସିନିୟର କବାଡ଼ି ଚାମ୍ପିୟନଶିପ୍ ଜାରି ରହିଛି । ଶନିବାର ପ୍ରତିଯୋଗିତାର ଦ୍ୱିତୀୟ ଦିବସରେ ଅନୁଷ୍ଠିତ ପୁରୁଷ ବର୍ଗର ଏକ ରୋମାଞ୍ଚକ ମ୍ୟାଚ୍‌ରେ ନୟାଗଡ ୨୭-୨୨ ପଏଣ୍ଟରେ କେନ୍ଦୁଝରକୁ ପରାସ୍ତ କରିଛି । ପୁରୁଷ ବର୍ଗର ଅନ୍ୟ ମ୍ୟାଚ୍ ଗୁଡିକରେ ସୁନ୍ଦରଗଡ, ପୁରୀ, ସମ୍ବଲପୁର, ମୟୂରଭଞ୍ଜ, କଟକ, ଅନୁଗୋଳ, ଓଡ଼ିଶା ପୋଲିସ, କିଟ୍ ଦଳ ବିଜୟ ହାସଲ କରିଛି । ଦ୍ୱିତୀୟ ଦିବସରେ ସିଆରଆରଆଇ ନିର୍ଦ୍ଦେଶକ ଜିଏକେ କୁମାର, ଅଧ୍ୟକ୍ଷ(କ୍ରୀଡ଼ା) ପ୍ରତାପ ଭଟ୍ଟାଚାର୍ଯ୍ୟ, ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟ ନିର୍ଦ୍ଦେଶକ ରବିନାରାୟଣ ମହାପାତ୍ର, ଭୁବନେଶ୍ୱର ଆଥଲେଟିକ ଆସୋସିଏସନ ସମ୍ପାଦକ ସୌର୍ଯ୍ୟରଞ୍ଜନ ପରିଜା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ ।

## ଟି୨୦ ବିଶ୍ୱକପ୍

### (ଆଜିର ମ୍ୟାଚ୍)

**ନେପାଳ ବନାମ ୱେଷ୍ଟଇଣ୍ଡିଜ**
ସ୍ଥାନ: ମୁମ୍ବାଇ,
ସମୟ: ପୂର୍ବାହ୍ଣ ୧୧ଟା

**ନାମ୍ବିଆ ବନାମ ୟୁଏସ୍‌ଏ**
ସ୍ଥାନ: ଚେନ୍ନାଇ,
ସମୟ: ଅପରାହ୍ଣ ୩ଟା

**ଭାରତ ବନାମ ପାକିସ୍ତାନ**
ସ୍ଥାନ: କଲମ୍ବୋ,
ସମୟ : ସନ୍ଧ୍ୟା ୭ଟା

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ/ଜିଓ ହଟ୍‌ଷ୍ଟାର






# ସ୍କଟ୍‌ଲାଣ୍ଡକୁ ୫ ଉଇକେଟରେ ହରାଇଲା ଇଂଲଣ୍ଡ

କୋଲକାତା, ୧୪।୨ (ପି.ଟି.)

ଭେଟେରାନ ଲେଗ୍ ସ୍ପିନର ଆଦିଲ ରଶିଦ (୩/୩୬)ଙ୍କ ୩ ଉଇକେଟ ସଫଳତା ଏବଂ ମିଡଲ ଓଭରରେ ଟମ୍ ବାଣ୍ଟନଙ୍କ ଆକର୍ଷଣୀୟ ଅପରାଜିତ ଅର୍ଦ୍ଧଶତକ ସହାୟତାରେ ଇଂଲଣ୍ଡ ଚଳିତ ଟି୨୦ ବିଶ୍ୱକପ୍ ଗ୍ରୁପ୍ 'ସି'ର ଏକ ମ୍ୟାଚରେ ସ୍କଟଲାଣ୍ଡକୁ ୫ଉଇକେଟରେ ପରାସ୍ତ କରିଛି । ଶନିବାର ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଟସ୍ ଜିତି ପ୍ରଥମେ ବୋଲିଂ ନେଇଥିବା ଇଂଲଣ୍ଡ ରଶିଦଙ୍କ ପ୍ରଭାବୀ ବୋଲିଂ ଜରିଆରେ ସ୍କଟଲାଣ୍ଡକୁ ୧୫୨ରନ ସ୍କୋରରେ ସୀମିତ କରିଦେଇଥିଲା । ପେସର ଜୋଫ୍ରା ଆର୍ଚର ଏବଂ ବାମହାତୀ ସ୍ପିନର ଲିଆମ ଡସନ ଦୁଇଟି ଲେଖାଏ ଉଇକେଟ ନେଇଥିଲେ । ସ୍କଟଲାଣ୍ଡର ଟପ୍ ସ୍କୋରର ଅଧିନାୟକ ରିଚି ବେରିଙ୍ଗଟନ ସର୍ବାଧିକ ୪୯ ରନ କରିଥିଲେ । ଇଂଲଣ୍ଡ ୧୦ଟି ବଲ୍ ବାକିଥାଇ ୧୫୩ ରନର ବିଜୟ ଲକ୍ଷ୍ୟକୁ ହାସଲ କରିନେଇଥିଲା ।

### ସଂକ୍ଷିପ୍ତ ସ୍କୋର

ସ୍କଟଲାଣ୍ଡ: ୧୯.୪ ଓଭରରେ ୧୫୨/ଅଲଆଉଟ (ରିଚି ବେରିଙ୍ଗଟନ-୪୯ ; ଆଦିଲ ରଶିଦ-୩/୩୬) । ଇଂଲଣ୍ଡ: ୧୮.୨ ଓଭରରେ ୧୫୫/୫(ଟମ୍ ବାଣ୍ଟନ-୬୩*, ଅଲିଭର ଡେଭିଡସନ-୧/୧୨) ।

# ମାର୍ଚ୍ଚ ୧୫ରୁ ଦେବେନ୍ଦ୍ର ସ୍ମାରକୀ ଅଲ୍ ଓଡ଼ିଶା ଫୁଟ୍‌ବଲ



ଖବରଦାତା ସମ୍ମିଳନୀରେ ଆୟୋଜକଙ୍କ ପକ୍ଷରୁ ଟୁର୍ନାମେଣ୍ଟ ସମ୍ପର୍କରେ ସୂଚନା ଦିଆଯାଉଛି । (ଫଟୋ:ବିକାଶ ନାୟକ)

ଭୁବନେଶ୍ୱର, ୧୪।୨ (ତପନ ସ୍ୱାଇଁ)

## ଭାଗନେବେ ୮ ଦଳ, ରାଜେନ୍ଦ୍ର ବ୍ରାଣ୍ଡ ଆମ୍ବାସାଡର

ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦେବେନ୍ଦ୍ର ପ୍ରଧାନଙ୍କ ସ୍ମୃତିରେ ଆୟୋଜନ ହେବ ଅଲ୍ ଓଡ଼ିଶା ଫୁଟବଲ ଚାମ୍ପିୟନଶିପ୍ । ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ)ର ସ୍ୱୀକୃତିକ୍ରମେ ଭୁବନେଶ୍ୱର ସିଟି କ୍ଲବ, ଦେବେନ୍ଦ୍ର ପ୍ରଧାନ ମେମୋରିଆଲ ଫାଉଣ୍ଡେଶନ ଟ୍ରଷ୍ଟ ଓ ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ଏହି ସମ୍ମାନଜନକ ପ୍ରତିଯୋଗିତା ମାର୍ଚ୍ଚ ୧୫ରୁ ୨୨ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ମ୍ୟାଚଗୁଡ଼ିକ ୟୁନିଟ-୧ସ୍ଥିତ ଭୁବନେଶ୍ୱର ଫୁଟବଲ ଏକାଡେମୀରେ ଖେଳାଯିବ । ଦେବେନ୍ଦ୍ର ପ୍ରଧାନ ମେମୋରିଆଲ ଫାଉଣ୍ଡେଶନ ଟ୍ରଷ୍ଟର ଚେୟାରମ୍ୟାନ ତଥା ବିଧାୟକ ଅଶୋକ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଶନିବାର ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଆୟୋଜକମାନେ ଏହି ପ୍ରତିଯୋଗିତାର ରୂପରେଖ ସମ୍ପର୍କରେ ପ୍ରକାଶ କରିଛନ୍ତି । ଟୁର୍ନାମେଣ୍ଟ ଅବସରରେ ମାର୍ଚ୍ଚ ୧୭ ଦେବେନ୍ଦ୍ର ପ୍ରଧାନଙ୍କ ଶ୍ରାଦ୍ଧ ବାର୍ଷିକୀ ଅବସରରେ ସ୍ୱତନ୍ତ୍ରଭାବେ ଏକ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ଆୟୋଜନ ହେବ ବୋଲି ବିଧାୟକ ସୂଚନା ଦେଇଛନ୍ତି । ଆସନ୍ତା ବର୍ଷରୁ ଏହାକୁ ଜାତୀୟ ସ୍ତରର ଟୁର୍ନାମେଣ୍ଟରେ ପରିଣତ କରାଯିବ ବୋଲି ମଧ୍ୟ ସେ ସୂଚନା ଦେଇଛନ୍ତି । ଓଡ଼ିଶା ଅଲିମ୍ପିକ୍ ଆସୋସିଏଶନ ସଭାପତି ସମୀର ମହାନ୍ତି ସ୍ୱର୍ଗତ ଦେବେନ୍ଦ୍ର ପ୍ରଧାନଙ୍କ ସ୍ମୃତିଚାରଣ କରିବା ସହ ଟୁର୍ନାମେଣ୍ଟର ସଫଳ ଆୟୋଜନ ସମ୍ପର୍କରେ ମତବ୍ୟକ୍ତ କରିଛନ୍ତି । ନକ୍‌ଆଉଟ ଭିତ୍ତିରେ ହେବାକୁଥିବା ପ୍ରତିଯୋଗିତାରେ ମୋଟ ୮ଟି ଦଳ ଅଂଶଗ୍ରହଣ କରିବେ । ଏହି ଦଳଗୁଡ଼ିକ ହେଲେ ଭୁବନେଶ୍ୱର, କିଶୋର କ୍ଲବ, କଟକ ମଙ୍ଗଳା କ୍ଲବ, ସମ୍ବଲପୁର ଫୁଟବଲ ଏକାଡେମୀ, ଭୁବନେଶ୍ୱର ୟୁନିଟ-୬ ଆଥଲେଟିକ୍ ଆସୋସିଏଶନ, ରାଉରକେଲା ରେଡ୍ ୟୁନାଇଟେଡ, ବରଗଡ଼ ୟୁନାଇଟେଡ ଏଫ୍‌ସି, ବାଲେଶ୍ୱର ହରି ପ୍ଲାଷ୍ଟ ଟାଇଟନ୍ସ ଏବଂ କଟକ ରାଧା ରମଣ କ୍ଲବ । ଟୁର୍ନାମେଣ୍ଟ ଲାଗି ମୋଟ ୧୦ ଲକ୍ଷ ଟଙ୍କାର ବ୍ୟୟ ଅଟକଳ କରାଯାଇଛି । ଓଡ଼ିଶାର ଅନ୍ତର୍ଜାତୀୟ ଖେଳାଳି ରାଜେନ୍ଦ୍ର ପ୍ରସାଦ ସିଂ ଟୁର୍ନାମେଣ୍ଟ ଆମ୍ବାସାଡର ହୋଇଛନ୍ତି । ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ବାବୁ ସିଂ, ବରିଷ୍ଠ ଭାଜପା ନେତା ପ୍ରିୟଦର୍ଶୀ ମିଶ୍ର, ଜଗନ୍ନାଥ ପ୍ରଧାନ, ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନ ସମ୍ପାଦକ ସୌର୍ଯ୍ୟରଞ୍ଜନ ପରିଜା, ଆୟୋଜକ କମିଟି ସମ୍ପାଦକ ପ୍ରଦୀପ କୁମାର ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ । ଏହା ବ୍ୟତୀତ ପୂର୍ବତନ ଭାରତୀୟ ଫୁଟବଲ କୋଚ୍ ମହମ୍ମଦ ସାହିଦ ଜବାର, ପୂର୍ବତନ କ୍ରୀଡ଼ା ପ୍ରଶାସକ ଅଶୋକ ମହାନ୍ତି, କ୍ରୀଡ଼ା ସଙ୍ଗଠକ ସହଦେବ ରାଉତ, କ୍ରୀଡ଼ା ବିଜ୍ଞାନ ବିଶେଷଜ୍ଞ ମୁକ୍ତି ପ୍ରଶାଦ ଦାସ, ସୁବ୍ରତ ଦାସ, ଭାଗ୍ୟଧର ଜଗଦ୍ଦେବ, ଦିଲୀପ ଦାସ ପ୍ରମୁଖ ମଧ୍ୟ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।







Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ







କଟକ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଶନିବାର ଆରମ୍ଭ ହୋଇଥିବା ଶରତ କୁମାର ସାହୁ ସ୍ମାରକୀ ରାଜ୍ୟ ସିନିୟର କବାଡ଼ି ଚାମ୍ପିୟନଶିପ୍‌ରେ ବରଗଡ଼ ଓ ବଲାଙ୍ଗୀର ମଧ୍ୟରେ ଅନୁଷ୍ଠିତ ମହିଳା ବିଭାଗ ମ୍ୟାଚ । (ଫଟୋ: ରାଜକିଶୋର ମହାନ୍ତି)

## ଡବଲ ସ୍ୱର୍ଣ୍ଣ ସହ ପ୍ରମୋଦଙ୍କୁ ରେକର୍ଡ ୬ଷ୍ଠ ଟାଇଟଲ

**ଭୁବନେଶ୍ୱର, ୧୪।୨ (ତପନ ସ୍ୱାଇଁ)**

ଓଡ଼ିଶାର ପାରା ବ୍ୟାଡ୍‌ମିଣ୍ଟନ ତାରକା ପ୍ରମୋଦ ଭଗତ ପୁଣିଥରେ ରାଜ୍ୟ ଓ ଦେଶକୁ ଗର୍ବିତ କରିଛନ୍ତି। ବାହାରିନରେ ଅନୁଷ୍ଠିତ ବିଡବ୍ଲ୍ୟୁଏଫ୍ ପାରା ବ୍ୟାଡ୍‌ମିଣ୍ଟନ ୱାର୍ଲ୍ଡ ଚାମ୍ପିୟନଶିପ୍‌ରେ ସେ ୨ଟି ସ୍ୱର୍ଣ୍ଣ ପଦକ ହାସଲ କରି ରେକର୍ଡ ସୃଷ୍ଟି କରିଛନ୍ତି। ପୁରୁଷ ଏସ୍‌ଏଲ୍‌୩ ବର୍ଗରେ ସେ ରେକର୍ଡ ୬ଷ୍ଠ ବିଶ୍ୱ ଚାମ୍ପିୟନଶିପ୍ ଟାଇଟଲ ହାସଲ କରିଛନ୍ତି। ଓଡ଼ିଶାର ଗର୍ବ ପ୍ରମୋଦ ପୁରୁଷ ସିଙ୍ଗଲ୍ସ ଫାଇନାଲରେ ଇଣ୍ଡୋନେସିଆର ମହମ୍ମଦ ଅଲ୍ ଇମ୍ରାନଙ୍କୁ ୨୧-୧୨, ୨୧-୧୮ରେ ପରାସ୍ତକରି ନିଜ ବିଶ୍ୱ ଚାମ୍ପିୟନଶିପ୍ ଟାଇଟଲକୁ ୬ରେ ପହଞ୍ଚାଇଛନ୍ତି। ପୂର୍ବରୁ ୨୦୦୯, ୨୦୧୫, ୨୦୧୯, ୨୦୨୨ ଓ ୨୦୨୪ରେ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ଖେଳରତ୍ନ ପ୍ରମୋଦ ଏବେ ୨୦୨୬କୁ ସେଥିରେ ଯୋଡ଼ିଛନ୍ତି। ଅର୍ଥାତ୍ ହାଟ୍ରିକ ସହ କ୍ରମାଗତ ୪ଥର ସେ ଟାଇଟଲ ବିଜୟୀ ହୋଇଛନ୍ତି। ଏ କ୍ଷେତ୍ରରେ ସେ କିମ୍ବଦନ୍ତୀ ବ୍ୟାଡ୍‌ମିଣ୍ଟନ ତାରକା ଚାଇନାର ଲିନ୍ ଡାନ୍‌ଙ୍କ ୫ ବିଶ୍ୱ ଚାମ୍ପିୟନଶିପ୍ ଟାଇଟଲ ରେକର୍ଡକୁ ପଛରେ ପକାଇଛନ୍ତି। ସେହିପରି ପୁରୁଷ ଡବଲ୍ସ




### ବିଡବ୍ଲ୍ୟୁଏଫ୍ ପାରା ବ୍ୟାଡ୍‌ମିଣ୍ଟନ

ଏସ୍‌ଏଲ୍‌୩-ଏସ୍‌ଏଲ୍‌୪ ଫାଇନାଲରେ ପ୍ରମୋଦ ଓ ସୁକାନ୍ତ କଦମ ଅନ୍ୟ ଭାରତୀୟ ଯୋଡ଼ି ଜଗଦୀଶ ଦିଲ୍ଲୀ ଓ ନଭିନ ଶିବକୁମାରଙ୍କୁ ୨୧-୧୯, ୨୧-୧୬ରେ ହରାଇ ସ୍ୱର୍ଣ୍ଣ ପଦକ ଜିତିଛନ୍ତି।

### ଭାବପ୍ରବଣ ମୁହୂର୍ତ୍ତ: ପ୍ରମୋଦ

"କ୍ରମାଗତ ୪ ଥର ଏବଂ ମୋଟ ୬ ଥର ବିଶ୍ୱ ଚାମ୍ପିୟନଶିପ୍ ଟାଇଟଲ ଜିତିବା ମୋ ପାଇଁ ଭାବପ୍ରବଣ ମୁହୂର୍ତ୍ତ। ଲିନ୍ ଡାନ୍ ସବୁବେଳେ ମୋର ଆଦର୍ଶ ଖେଳାଳି ହୋଇ ରହିଛନ୍ତି। ତାଙ୍କ ରେକର୍ଡ ଭାଙ୍ଗିବା ମୋ ପାଇଁ ସମ୍ପୂର୍ଣ୍ଣଭାବେ ସ୍ୱତନ୍ତ୍ର। ନିଜ ଉପରେ ବିଶ୍ୱାସ, ଶୃଙ୍ଖଳା ଏବଂ ବିଭିନ୍ନ ପ୍ରକାର ତ୍ୟାଗର ଏହା ଫଳ। ବଡ଼ ପ୍ରତିଯୋଗିତାରେ ଭାରତକୁ ପ୍ରତିନିଧିତ୍ୱ କରିବା ଏବଂ ଇତିହାସ ସୃଷ୍ଟି କରିବା ମୋତେ ଗର୍ବିତ କରିଛି" ବୋଲି ପ୍ରମୋଦ ନିଜ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି।

## ରୋମାଞ୍ଚକ ମୁକାବିଲାରେ କେନ୍ଦୁଝର ବିଜୟୀ

**କଟକ,୧୪।୨(କୁମାରଶ୍ରୀ)**

### ଶରତ କୁମାର ସାହୁ ସ୍ମାରକୀ ରାଜ୍ୟ କବାଡ଼ି

ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଶରତ କୁମାର ସାହୁ ସ୍ମାରକୀ ରାଜ୍ୟ ସିନିୟର କବାଡ଼ି ଚାମ୍ପିୟନଶିପ୍ ଜାରି ରହିଛି। ଶନିବାର ପ୍ରତିଯୋଗିତାର ଦ୍ୱିତୀୟ ଦିବସରେ ଅନୁଷ୍ଠିତ ପୁରୁଷ ବର୍ଗର ଏକ ରୋମାଞ୍ଚକ ମ୍ୟାଚ୍‌ରେ ନୟାଗଡ ୨୭-୨୨ ପଏଣ୍ଟରେ କେନ୍ଦୁଝରକୁ ପରାସ୍ତ କରିଛି। ପୁରୁଷ ବର୍ଗର ଅନ୍ୟ ମ୍ୟାଚ୍ ଗୁଡିକରେ ସୁନ୍ଦରଗଡ, ପୁରୀ, ସମ୍ବଲପୁର, ମୟୂରଭଞ୍ଜ, କଟକ, ଅନୁଗୋଳ, ଓଡ଼ିଶା ପୋଲିସ, କିଟ୍ ଦଳ ବିଜୟ ହାସଲ କରିଛି। ଦ୍ୱିତୀୟ ଦିବସରେ ସିଆରଆରଆଇ ନିର୍ଦ୍ଦେଶକ ଜିଏକେ କୁମାର, ଅଧ୍ୟକ୍ଷ(କ୍ରୀଡ଼ା) ପ୍ରତାପ ଭଟ୍ଟାଚାର୍ଯ୍ୟ, ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟ ନିର୍ଦ୍ଦେଶକ ରବିନାରାୟଣ ମହାପାତ୍ର, ଭୁବନେଶ୍ୱର ଆଥଲେଟିକ ଆସୋସିଏସନ ସମ୍ପାଦକ ସୌର୍ଯ୍ୟରଞ୍ଜନ ପରିଜା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ।

### ଟି୨୦ ବିଶ୍ୱକପ୍

**(ଆଜିର ମ୍ୟାଚ୍)**

**ନେପାଳ ବନାମ ୱେଷ୍ଟଇଣ୍ଡିଜ**
ସ୍ଥାନ: ମୁମ୍ବାଇ,
ସମୟ: ପୂର୍ବାହ୍ନ ୧୧ଟା

**ନାମ୍ବିଆ ବନାମ ୟୁଏସ୍‌ଏ**
ସ୍ଥାନ: ଚେନ୍ନାଇ,
ସମୟ: ଅପରାହ୍ନ ୩ଟା

**ଭାରତ ବନାମ ପାକିସ୍ତାନ**
ସ୍ଥାନ: କଲମ୍ବୋ,
ସମୟ : ସନ୍ଧ୍ୟା ୭ଟା

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ/ଜିଓ ହଟ୍‌ଷ୍ଟାର

## ସ୍କଟ୍‌ଲାଣ୍ଡକୁ ୫ ଉଇକେଟରେ ହରାଇଲା ଇଂଲଣ୍ଡ

**କୋଲକାତା, ୧୪।୨ (ପି.ଟି.)**

ଭେଟେରାନ ଲେଗ୍ ସ୍ପିନର ଆଦିଲ ରଶିଦ (୩/୩୬)ଙ୍କ ୩ ଉଇକେଟ ସଫଳତା ଏବଂ ମିଡଲ ଓଭରରେ ଟମ୍ ବାଣ୍ଟନଙ୍କ ଆକର୍ଷଣୀୟ ଅପରାଜିତ ଅର୍ଦ୍ଧଶତକ ସହାୟତାରେ ଇଂଲଣ୍ଡ ଚଳିତ ଟି୨୦ ବିଶ୍ୱକପ୍ ଗ୍ରୁପ୍ 'ସି'ର ଏକ ମ୍ୟାଚରେ ସ୍କଟଲାଣ୍ଡକୁ ୫ଉଇକେଟରେ ପରାସ୍ତ କରିଛି। ଶନିବାର ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଟସ୍ ଜିତି ପ୍ରଥମେ ବୋଲିଂ ନେଇଥିବା ଇଂଲଣ୍ଡ ରଶିଦଙ୍କ ପ୍ରଭାବୀ ବୋଲିଂ ଜରିଆରେ ସ୍କଟଲାଣ୍ଡକୁ ୧୫୨ରନ ସ୍କୋରରେ ସୀମିତ କରିଦେଇଥିଲା। ପେସର ଜୋଫ୍ରା ଆର୍ଚର ଏବଂ ବାମହାତୀ ସ୍ପିନର ଲିଆମ ଡସନ ଦୁଇଟି ଲେଖାଏ ଉଇକେଟ ନେଇଥିଲେ। ସ୍କଟଲାଣ୍ଡର ଟପ୍ ସ୍କୋରର ଅଧିନାୟକ ରିଚି ବେରିଙ୍ଗଟନ ସର୍ବାଧିକ ୪୯ ରନ କରିଥିଲେ। ଇଂଲଣ୍ଡ ୧୦ଟି ବଲ୍ ବାକିଥାଇ ୧୫୩ ରନର ବିଜୟ ଲକ୍ଷ୍ୟକୁ ହାସଲ କରିନେଇଥିଲା।

**ସଂକ୍ଷିପ୍ତ ସ୍କୋର**

ସ୍କଟଲାଣ୍ଡ: ୧୯.୪ ଓଭରରେ ୧୫୨/ଅଲଆଉଟ (ରିଚି ବେରିଙ୍ଗଟନ-୪୯ ; ଆଦିଲ ରଶିଦ-୩/୩୬)। ଇଂଲଣ୍ଡ: ୧୮.୨ ଓଭରରେ ୧୫୫/୫(ଟମ୍ ବାଣ୍ଟନ-୬୩*, ଅଲିଭର ଡେଭିଡସନ-୧/୧୨)।






## ମାର୍ଚ୍ଚ ୧୫ରୁ ଦେବେନ୍ଦ୍ର ସ୍ମାରକୀ ଅଲ୍ ଓଡ଼ିଶା ଫୁଟ୍‌ବଲ




ଖବରଦାତା ସମ୍ମିଳନୀରେ ଆୟୋଜକଙ୍କ ପକ୍ଷରୁ ଟୁର୍ନାମେଣ୍ଟ ସମ୍ପର୍କରେ ସୂଚନା ଦିଆଯାଉଛି। (ଫଟୋ:ବିକାଶ ନାୟକ)

**ଭୁବନେଶ୍ୱର, ୧୪।୨ (ତପନ ସ୍ୱାଇଁ)**

### ଭାଗନେବେ ୮ ଦଳ, ରାଜେନ୍ଦ୍ର ବ୍ରାଣ୍ଡ ଆମ୍ବାସାଡର

ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦେବେନ୍ଦ୍ର ପ୍ରଧାନଙ୍କ ସ୍ମୃତିରେ ଆୟୋଜନ ହେବ ଅଲ୍ ଓଡ଼ିଶା ଫୁଟବଲ ଚାମ୍ପିୟନଶିପ୍। ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ)ର ସ୍ୱୀକୃତିକ୍ରମେ ଭୁବନେଶ୍ୱର ସିଟି କ୍ଲବ, ଦେବେନ୍ଦ୍ର ପ୍ରଧାନ ମେମୋରିଆଲ ଫାଉଣ୍ଡେଶନ ଟ୍ରଷ୍ଟ ଓ ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ଏହି ସମ୍ମାନଜନକ ପ୍ରତିଯୋଗିତା ମାର୍ଚ୍ଚ ୧୫ରୁ ୨୨ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ମ୍ୟାଚଗୁଡ଼ିକ ୟୁନିଟ-୧ସ୍ଥିତ ଭୁବନେଶ୍ୱର ଫୁଟବଲ ଏକାଡେମୀରେ ଖେଳାଯିବ। ଦେବେନ୍ଦ୍ର ପ୍ରଧାନ ମେମୋରିଆଲ ଫାଉଣ୍ଡେଶନ ଟ୍ରଷ୍ଟର ଚେୟାରମ୍ୟାନ ତଥା ବିଧାୟକ ଅଶୋକ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଶନିବାର ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଆୟୋଜକମାନେ ଏହି ପ୍ରତିଯୋଗିତାର ରୂପରେଖ ସମ୍ପର୍କରେ ପ୍ରକାଶ କରିଛନ୍ତି। ଟୁର୍ନାମେଣ୍ଟ ଅବସରରେ ମାର୍ଚ୍ଚ ୧୭ ଦେବେନ୍ଦ୍ର ପ୍ରଧାନଙ୍କ ଶ୍ରାଦ୍ଧ ବାର୍ଷିକୀ ଅବସରରେ ସ୍ୱତନ୍ତ୍ରଭାବେ ଏକ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ଆୟୋଜନ ହେବ ବୋଲି ବିଧାୟକ ସୂଚନା ଦେଇଛନ୍ତି। ଆସନ୍ତା ବର୍ଷରୁ ଏହାକୁ ଜାତୀୟ ସ୍ତରର ଟୁର୍ନାମେଣ୍ଟରେ ପରିଣତ କରାଯିବ ବୋଲି ମଧ୍ୟ ସେ ସୂଚନା ଦେଇଛନ୍ତି। ଓଡ଼ିଶା ଅଲିମ୍ପିକ୍ ଆସୋସିଏଶନ ସଭାପତି ସମୀର ମହାନ୍ତି ସ୍ୱର୍ଗତ ଦେବେନ୍ଦ୍ର ପ୍ରଧାନଙ୍କ ସ୍ମୃତିଚାରଣ କରିବା ସହ ଟୁର୍ନାମେଣ୍ଟର ସଫଳ ଆୟୋଜନ ସମ୍ପର୍କରେ ମତବ୍ୟକ୍ତ କରିଛନ୍ତି। ନକ୍‌ଆଉଟ ଭିତ୍ତିରେ ହେବାକୁଥିବା ପ୍ରତିଯୋଗିତାରେ ମୋଟ ୮ଟି ଦଳ ଅଂଶଗ୍ରହଣ କରିବେ। ଏହି ଦଳଗୁଡ଼ିକ ହେଲେ ଭୁବନେଶ୍ୱର, କିଶୋର କ୍ଲବ, କଟକ ମଙ୍ଗଳା କ୍ଲବ, ସମ୍ବଲପୁର ଫୁଟବଲ ଏକାଡେମୀ, ଭୁବନେଶ୍ୱର ୟୁନିଟ-୬ ଆଥଲେଟିକ୍ ଆସୋସିଏଶନ, ରାଉରକେଲା ରେଡ୍ ୟୁନାଇଟେଡ, ବରଗଡ଼ ୟୁନାଇଟେଡ ଏଫ୍‌ସି, ବାଲେଶ୍ୱର ହରି ପ୍ଲାଷ୍ଟ ଟାଇଟନ୍ସ ଏବଂ କଟକ ରାଧା ରମଣ କ୍ଲବ। ଟୁର୍ନାମେଣ୍ଟ ଲାଗି ମୋଟ ୧୦ ଲକ୍ଷ ଟଙ୍କାର ବ୍ୟୟ ଅଟକଳ କରାଯାଇଛି। ଓଡ଼ିଶାର ଅନ୍ତର୍ଜାତୀୟ ଖେଳାଳି ରାଜେନ୍ଦ୍ର ପ୍ରସାଦ ସିଂ ଟୁର୍ନାମେଣ୍ଟ ଆମ୍ବାସାଡର ହୋଇଛନ୍ତି। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ବାବୁ ସିଂ, ବରିଷ୍ଠ ଭାଜପା ନେତା ପ୍ରିୟଦର୍ଶୀ ମିଶ୍ର, ଜଗନ୍ନାଥ ପ୍ରଧାନ, ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନ ସମ୍ପାଦକ ସୌର୍ଯ୍ୟରଞ୍ଜନ ପରିଜା, ଆୟୋଜକ କମିଟି ସମ୍ପାଦକ ପ୍ରଦୀପ କୁମାର ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ। ଏହା ବ୍ୟତୀତ ପୂର୍ବତନ ଭାରତୀୟ ଫୁଟବଲ କୋଚ୍ ମହମ୍ମଦ ସାହିଦ ଜବାର, ପୂର୍ବତନ କ୍ରୀଡ଼ା ପ୍ରଶାସକ ଅଶୋକ ମହାନ୍ତି, କ୍ରୀଡ଼ା ସଙ୍ଗଠକ ସହଦେବ ରାଉତ, କ୍ରୀଡ଼ା ବିଜ୍ଞାନ ବିଶେଷଜ୍ଞ ମୁକ୍ତି ପ୍ରଶାଦ ଦାସ, ସୁବ୍ରତ ଦାସ, ଭାଗ୍ୟଧର ଜଗଦ୍ଦେବ, ଦିଲୀପ ଦାସ ପ୍ରମୁଖ ମଧ୍ୟ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।







Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ